# ସେପାରି

ଫେବୃୟାରୀ ୨୦୨୦



**ISSN NO – 2582-208X**

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ବସନ୍ତ ପର୍ବ, ବାସନ୍ତୀ ରଙ୍ଗ, ଯୁଗ ଯୁଗରୁ ବିବେକ ଏବଂ ଜ୍ଞାନର ପ୍ରତୀକ ରୂପେ ପରିଚତ । ଲୋକ ଭାଷାରେ ବାସନ୍ତୀ ଶବ୍ଦରେ ଏକ ମଉଜ ମସ୍ତିର ରୁଚ ଦେଖାଯାଏ । ଏଥିରେ ଉଲ୍ଲାସର ଚହକ, ଏବଂ ଜ୍ଞାନର ମହକ, ମଧୁରତାରେ ସଂପୂର୍ଣ୍ଣତାର ସମାବେଶିତ ହୋଇଥାଏ । ଶାନ୍ତିର ପ୍ରତୀକ ଜ୍ଞାନର ଦେବୀ ମା ସରସ୍ୱତୀ ଶ୍ୱେତବସ୍ତ୍ର ପରିଧାନ କରି ପୃଥିବୀ ପୃଷ୍ଠରେ ଅପତରଣର ସମୟ । ପ୍ରକୃତିର ଏଇ ପରମ୍ପରା ନିରନ୍ତର ଚାଲିଥାଏ । ନିଜକୁ ଅତ୍ୟାଧୁନିକ କୁହାଉଥିବା ମନୁଷ୍ୟ କାହିଁକି କେଜାଣି ଏହି ସମୟକୁ ନୀରସତାରେ ଡୁବେଇ ଦେବାକୁ ଚାହେଁ । ବସନ୍ତ ପବନରେ ପ୍ରକୃତିର ଛଟା, କ୍ଷେତରେ ହଳଦିଆ ସୋରିଷ ଫୁଲର ନୃତ୍ୟ, ଆମ୍ବଗଛରେ କୋଇଲିର କୁହୁକୁହୁ ତାନ ସଂପୂର୍ଣ୍ଣ ପ୍ରକୃତିର ଏହି ରସ କହେ ଆସ, ଆମ ସଙ୍ଗରେ ମିଶି ଜୀବନର ସମସ୍ତ ନୀରସତାକୁ.... ଆମର ଉମଙ୍ଗରେ ଜୀବନର ଉଦାସତାକୁ.... ଆମର ସମ୍ପୂର୍ଣ୍ଣତାରେ ମିଶି ଦୀନତାକୁ.... ଦୂର କର ଏବଂ ଏକ ଉଲ୍ଲାସପୂର୍ଣ୍ଣ ଗୌରବମୟ ଜୀବନରେ ସତଜ୍ଞାନର ପ୍ରସାର କର ।

ଭାରତର ଯୁବା ବର୍ଗକୁ ପ୍ରେରିତ କରିବା ପାଇଁ ପ୍ରତିବର୍ଷ ଜାନୁଆରୀ ୧୨ ତାରିଖରେ ନ୍ୟାସନାଲ ଯୁଥ ଡେ ପାଳନ କରାଯାଇଥାଏ । ଏହି ଦିନ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ଅଟେ । ୧୯୮୪ ରେ ଭାରତ ସରକାରଙ୍କ ଦ୍ୱାରା ଘୋଷଣା କ୍ରମେ ଏହି ଦିନକୁ ରାଷ୍ଟ୍ରୀୟ ଯୁବା ଦିବସ ରୂପରେ ପାଳନ କରାଯାଇଥାଏ । ଯୁବା ଶବ୍ଦରୁ ହିଁ ଉତ୍ସାହ, ସ୍ଫୁର୍ତ୍ତି, ସକ୍ରିୟତା ଆଦି ଗୁଣର ବୋଧ ହୁଏ । ସ୍ୱାମୀ ବିବେକାନନ୍ଦ ଯୁବା ଶକ୍ତିର ଶାରୀରିକ ବଳକୁ ନୁହେଁ, ବରଂ

ମାନସିକ ଶକ୍ତିକୁ ମହତ୍ୱ ଦେଇଥିଲେ । ଯାହାର ଅବିରାମ ସଂଘର୍ଷର ଇଛା, ଯୁବା ହେବାର ପରିପୂର୍ଣ୍ଣତା, ପ୍ରତିକ୍ଷଣ କଛି ନୂଆ କରିବାର ଉମଙ୍ଗ, ପ୍ରତିକୂଳ ପରିସ୍ଥିତିରେ ମଧ ଅଜେୟ ମନସ୍ଥିତି, ବିନାଶର ବିଭିଷିକାରେ ସୃଜନର ଶକ୍ତି, ଅସଫଳତାର ଜ୍ୱାଳାରେ ସଫଳତାର ପ୍ରକାଶକୁ ଜନ୍ମ ଦେବାର ଯୋଗ୍ୟତା, ଏହିପରି ଯୁବା ଆଦର୍ଶ ରୂପରେ ଆଜି ବି ସ୍ୱାମୀ ବିବେକାନନ୍ଦଙ୍କ ସନ୍ଦେଶକୁ ପ୍ରାସଙ୍ଗିକ ମନେ କରନ୍ତି, ଯେତିକକ ଶତାବ୍ଦୀ ପୂର୍ବରୁ ଥିଲା ।

ଭାରତର ଯୁବକବର୍ଗଙ୍କୁ ପ୍ରେରିତ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢିବାର ପ୍ରେରଣା ଦେବାପାଇଁ ବି ଏହି ଦିବସ ପାଳନ କରାଯାଇଥାଏ । ଯୁବା, ଦେଶର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ସହିତ ଦେଶର ଆଧାର ମଧ ଅଟନ୍ତି । ଯାହା ଦେଶର ଭାବି ନୀତି ନର୍ମାଣ ଏବଂ ଦେଶକୁ ପରିପକ୍ୱ ବନେଇଥାଏ । ଭାରତୀୟ ସମାଜର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ସହିତ ଦେଶର ସ୍ୱପ୍ନକୁ ସାକାର କରିବାର ଶକ୍ତି ହେଉଛନ୍ତି ଏହି ଯୁବା ବର୍ଗ । ଭାରତୀୟ ଯୁବା ମାନବୀୟ କାର୍ଯ୍ୟରେ ଲାଗନ୍ତୁ, ତାର୍କିକ ବନନ୍ତୁ ଏବଂ ସମାଜର ହିତରେ ନଜର ଯୋଗଦାନକୁ ଅକ୍ଷୁର୍ଣ୍ଣ ରଖନ୍ତୁ । ଯେଉଁ ଦେଶର ଯୁବା ଶକ୍ତି ସମୃଦ୍ଧ, ସେ ଦେଶ ନରନ୍ତର ବିକାଶ ପଥରେ ଅଗ୍ରସର ହେଉଥାଏ । ଭାରତର ଯୁବା ବର୍ଗଙ୍କୁ ସମୃଦ୍ଧ ବନାଇବାର ଆବଶ୍ୟକତା ଅଟେ ଏକ ସମୃଦ୍ଧ ଭାରତ ପାଇଁ । ସେଥିପାଇଁ ଯୁବା ବର୍ଗ ସ୍ୱୟଂ ସହିତ ଦେଶର ଉନ୍ନତି ପାଇଁ ଶିକ୍ଷା, କୃଷି, ଜ୍ଞାନ, ବିଜ୍ଞାନ ଏବଂ ଅନ୍ୟ ଆଧୁନକ ସମସ୍ତ କ୍ଷେତ୍ରରେ ସମୃଦ୍ଧ ବନ ଦେଶର ଉନ୍ନତି ହେତୁ ନଜର ଯୋଗଦାନକୁ ସମୃଦ୍ଧ କରିବା ଉଚତ । କୌଣସି ଦେଶର ଭବିଷ୍ୟତ ତାର ଦେଶର ଯୁବାଙ୍କ ଉପରେ ନର୍ଭର କରେ । ନୂଆ ପ୍ରତିଭାର ବିକଶିତ ହେଲେ ଖାଲି ଦେଶର ଉନ୍ନତି ନୁହେଁ, ଆହୁରି ମଧ ଦେଶର ବିକାଶ ପ୍ରକୃତ ରୂପରେ ହୋଇଥାଏ । ସ୍ୱାମୀ ବିବେକାନନ୍ଦ ନଜ ବିଚାର ଏବଂ ଆଦର୍ଶ ପାଇଁ ପୁରା ଦୁନଆରେ ଜଣା ଯାଆନ୍ତି । କମ ବୟସରୁ ହିଁ ସ୍ୱାମୀ ବିବେକାନନ୍ଦ ନଜ ଭିତରର ବିଚାର ପାଇଁ ଏକ ସ୍ୱତନ୍ତ୍ର ପରିଚୟ ପାଇଥିଲେ । ତାଙ୍କ ବିଚାରରୁ ଯୁବା ବର୍ଗଙ୍କୁ ପ୍ରେରଣା ମିଳୁ ସେଥିପାଇଁ ସରକାର ତାଙ୍କ ଜନ୍ମ ଦିବସକୁ ହିଁ ଯୁବା ଦିବସ ରୂପରେ ପାଳନ କରାଯାଏ । ୧୮୬୩ ରେ କଲିକତା ସହରର ଏକ ଧନୀ ସମ୍ପନ୍ନ

ପରିବାରରେ ତାଙ୍କର ଜନ୍ମ ଗ୍ରହଣ ହୋଇଥିଲା । ନିଜ ଗୁରୁଠାରୁ ଆଧ୍ୟାତ୍ମିକ ଶିକ୍ଷା ଗ୍ରହଣ କରି ପୁରା ଦୁନିଆରେ ହିନ୍ଦୁତ୍ୱ ସହିତ ନିଜ ବିଚାରକୁ ପ୍ରସାର କରିଥିଲେ । ୧୮୯୩ ରେ ତାଙ୍କ ଦ୍ୱାରା ଆମେରିକାରେ ଦିଆଯାଇଥିବା ଭାଷଣକୁ ଆଜି ବି ଲୋକ ମନେ ରଖିଛନ୍ତି । ନିଜ ଜୀବନକାଳ ଭିତରେ ବିବେକାନନ୍ଦ ବହୁତ ଦେଶ ବୁଲିବାର ସୁଯୋଗ ପାଇଥିଲେ ଏବଂ ପୁରା ଦୁନିଆରେ ଯୋଗ ଏବଂ ବେଦାନ୍ତର ମହତ୍ୱକୁ ପ୍ରଚଳିତ କରିଥିଲେ । ନିଜ ଭାଷଣରେ ସେ ଭାରତ ଏବଂ ହିନ୍ଦୁ ଧର୍ମ ଏବଂ ତାଙ୍କ ବିଚାରକୁ ଦୁନିଆ ଆଗରେ ରଖୁଥିଲେ । ଖାଲି ଏତିକି ନୁହେଁ, ପଶ୍ଚିମ ସଂସ୍କୃତି ଏବଂ ଭାରତୀୟ ସଂସ୍କୃତି ମଧ୍ୟରେ ଥିବା ଦୂରତାକୁ କମ କରିବାରେ ତାଙ୍କ ଯୋଗଦାନ ମହତ୍ୱପୂର୍ଣ୍ଣ ଅଟେ । ବିବେକାନନ୍ଦ ତାଙ୍କ ଜୀବନକୁ ସମାଜ କାର୍ଯ୍ୟରେ ସମର୍ପିତ କରିଦେଇଥିଲେ । ତାଙ୍କଦ୍ୱାରା ସ୍ଥାପିତ ରାମକୃଷ୍ଣ ମିଶନ ଆଜି ବି ପୁରା ଦୁନିଆରେ ପରିଚିତ । ଏବଂ ଏହି ଭାରତୀୟ ସାମାଜିକ – ଧାର୍ମିକ ସଂଗଠନ ଦ୍ୱାରା ଯୋଗ ଏବଂ ସିଦ୍ଧାନ୍ତ, ଧାର୍ମିକ ଅଧ୍ୟୟନ ଏବଂ ଆଧ୍ୟାତ୍ମିକତାର ଜ୍ଞାନ ଲୋକଙ୍କ ମଧ୍ୟରେ ବଣ୍ଟାଯାଏ । ତାଙ୍କ ଅନୁସାରେ ବ୍ୟକ୍ତିକୁ କେବଳ ତାର ଆତ୍ମା ହିଁ ଶିକ୍ଷା ଦେଇଥାଏ । ବ୍ୟକ୍ତିର ଗୁରୁ ହେଲା ତାର ଆତ୍ମା । ସେଥିପାଇଁ ନିଜ ଆତ୍ମାର ଶୁଣିବା କଥା । ଏବଂ ତାଙ୍କ ବିଚାରରେ ମନୁଷ୍ୟର ସଂଘର୍ଷ ଯେତେ କଠିନ ହେବ, ତାର ଜିତ୍ ସେତେ ବଡ ହେବ । କାରଣ କୌଣସି ଜିନିଷକୁ ପାଇବାକୁ ହେଲେ କଡା ସଂଘର୍ଷ କରିବାକୁ ପଡିଥାଏ । ଏବଂ ଲକ୍ଷ୍ୟ ଯେତେ ବଡ ହେବ ସଂଘର୍ଷ ସେତେ କଠିନ ।

ପ୍ରତ୍ୟେକ ଯୁବା ପାଖରେ ଶକ୍ତି ଥାଏ ଆଗାମୀ କାଲିକୁ ସଫଳ ବନେଇବାରେ । ଯୁବାଙ୍କ ଦ୍ୱାରା ଯେଉଁ ପରିଶ୍ରମ କରାଯାଏ ଶିକ୍ଷା ଦ୍ୱାରା ତାହା ହିଁ ତାହାର ଭବିଷ୍ୟତ ନିର୍ମାଣ କରେ । ଯଦି କୌଣସି କାର୍ଯ୍ୟ କରିବା ସମୟରେ ନିଜ ଦ୍ୱାରା କୌଣସି ପ୍ରକାର ଭୁଲ୍ ହୋଇଯାଏ, ତାହା ମାନେ ନୁହେଁ ଯେ ନିଜେ ହାରିଗଲେ । ଏହାର ଅର୍ଥ ହେଉଛି ଆପଣ କିଛି ପାଇବାର ଚେଷ୍ଟାରେ ସଂଘର୍ଷରତ । ନିଜ ସକାରାତ୍ମକ ଭାବିବା ପ୍ରଣାଳୀ ଦ୍ୱାରା ହିଁ ସବୁକିଛି ଭଲ ହୋଇଥାଏ । ମନୁଷ୍ୟ ସବୁକିଛି ପ୍ରାପ୍ତ କରିବାରେ ସଫଳ ହୋଇଥାଏ । ମନୁଷ୍ୟ କୌଣସି

ବସ୍ତୁକୁ ପାଇବାରେ ସେତେବେଳେ ଅସଫଳ ହୋଇଯାଏ ଯେତେବେଳେ ତା ଭିତରେ ଥିବା ଇଚ୍ଛା ଶକ୍ତିର ବିଘଟନ ହୋଇଯାଏ । ସେଥିପାଇଁ ନିଜ ଇଚ୍ଛା ଶକ୍ତିକୁ ସର୍ବଦା ଜାଗ୍ରତ ପ୍ରହରୀ ରୂପରେ ରଖିବା ଉଚିତ । ଲୋକେ ଆପଣଙ୍କ ବିଷୟରେ କଣ ଭାବୁଛନ୍ତି ଏହାଠାରୁ ମହତ୍ତ୍ୱପୂର୍ଣ୍ଣ ହେଲା ଆପଣ ନିଜେ ଆପଣଙ୍କ ବିଷୟରେ କଣ ଭାବୁଛନ୍ତି । କାରଣ ନିଜଠାରୁ ଭଲ ସାଥି ଏହି ଦୁନିଆରେ କେହି ନାହିଁ । ସ୍ୱୟଂ ହିଁ ସ୍ୱୟଂକୁ ଚିହ୍ନନ୍ତୁ । ନିଜକୁ ନିଜେ ହିଁ ଭଲ ଭାବରେ ବୁଝିପାରେ ଯେଉଁଟାକୁ ଅନ୍ୟ କେହି କରିପାରନ୍ତିନି । କୌଣସି ମନୁଷ୍ୟ ନିଜେ ନିଜକୁ ଉଚିତ ପଥରେ ନେଇଥାଏ । ଯଦି କେତେବେଳେ ଅନୁଭବ ହୁଏ ଆପଣ ଭୁଲ ରାସ୍ତାରେ ଚାଲୁଛନ୍ତି, ତେବେ ନିଜ ରାସ୍ତା ବା ଦିଶା ବଦଳାଇଦେବା ଉଚିତ ।

ବିବେକାନନ୍ଦଙ୍କ ବିଚାର ଓ କାର୍ଯ୍ୟ ପ୍ରତ୍ୟେକ ଯୁବା ବର୍ଗଙ୍କ ପାଇଁ ଏକ ପ୍ରେରଣା ସ୍ରୋତ ଭାବରେ କାମ କରେ । ତାଙ୍କ ବିଚାରକୁ ପଢିଲେ ଯୁବା ବର୍ଗଙ୍କ ଭିତରେ କିଛି ପାଇବାର କିଛି ନୂଆ କରିବାର ଇଚ୍ଛା ଶକ୍ତି ଜାଗ୍ରତ ହୁଏ । ପ୍ରତ୍ୟେକ ସ୍କୁଲ କଲେଜରେ ତାଙ୍କ ପ୍ରତିଛବି ଟଙ୍ଗା ଯାଇଥାଏ । କାରଣ ପ୍ରତ୍ୟେକ ନୂଆ ପିଢୀ ଜାଣନ୍ତୁ ଯେ ସେ କଣ ଥିଲେ ? କିଏ ଥିଲେ? ଯିଏ କି ପୁରା ଦୁନିଆରେ ଭାରତକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ । ଆମ ଦେଶର ଯୁବା ରାଷ୍ଟ୍ରର ଭବିଷ୍ୟତ ରୂପରେ ବିଶାଳ ଜନ ସଂଖ୍ୟାର ସବୁଠାରୁ ବୃହତ୍ତମ ଗତିଶୀଳ ଖଣ୍ଡର ପ୍ରତିନିଧିତ୍ୱ କରିଥାନ୍ତି । ଭାରତ ଭଳି ରାଷ୍ଟ୍ରର ବିକାଶରେ ଯୁବା ବର୍ଗଙ୍କ ଏବଂ ସେମାନଙ୍କ କାର୍ଯ୍ୟପ୍ରଣାଳୀର ଯୋଗଦାନ ସରାହନୀୟ ଅଟେ । ଦେଶର ମୂଲ୍ୟ ତାର ଲୋକଙ୍କ ଦ୍ୱାରା ଜଣାଯାଇଥାଏ । ଏହା ହେଉଛି ମନୁଷ୍ୟର ବୁଦ୍ଧି ଏବଂ କାର୍ଯ୍ୟ ଯାହା ରାଷ୍ଟ୍ରର ପ୍ରଗତି ପ୍ରତି ରାସ୍ତା ଦେଖାଏ । ଆମ ଦେଶର ପ୍ରତ୍ୟେକ ନାଗରିକ ଦେଶର ପ୍ରଗତି ଏବଂ ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯଦି ଯୁବା ବର୍ଗ ଗମ୍ଭୀରତାର ସହିତ ଦେଶର ପ୍ରଗତି ପ୍ରତି କାମ କରନ୍ତି, ତେବେ ସେମାନେ ରାଷ୍ଟ୍ରର ମହତ୍ୱପୂର୍ଣ୍ଣ ଅଙ୍ଗ ବନିପାରିବେ ଏବଂ ଏହାର ବିକାଶ ଏବଂ ବିକାଶର ପ୍ରକ୍ରିୟାରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ । ପ୍ରଗତିକୁ ପ୍ରାପ୍ତ କରିବାର ତିନୋଟି ମହତ୍ୱପୂର୍ଣ୍ଣ ଯୋଗଦାନ ହେଉଛି ଶିକ୍ଷା, ରୋଜଗାର ଏବଂ

ଶସକ୍ତିକରଣ । ଯେତେବେଳେ ଦେଶର ଯୁବାବର୍ଗଙ୍କୁ ଶିକ୍ଷିତ କରାଯାଏ, ସେତେବେଳେ ତାଙ୍କ ଶିକ୍ଷାର ପ୍ରକୃତ ଉପଯୋଗ ଦେଶର ପ୍ରଗତି ଆଉ ହିତରେ ପ୍ରମୁଖ ରାଷ୍ଟ୍ର ପାଇଁ ସ୍ଥିର ଗତିରେ ବିକଶିତ ଉପଯୋଗୀ ସାବିତ ହୁଏ । ଆମ ଦେଶର ନିରକ୍ଷର ଜନସଂଖ୍ୟା ଦେଶର ପ୍ରଗତି କ୍ଷେତ୍ରରେ ବାଧକ ସାଜନ୍ତି । ସେଥିପାଇଁ ରାଷ୍ଟ୍ରର ବହୁତ ବଡ ସଂଖ୍ୟା ହେଲା ଅଶିକ୍ଷିତ । ରାଷ୍ଟ୍ରର ବେରୋଜଗାର ଯୁବା ବର୍ଗଙ୍କୁ ରୋଜଗାର ପ୍ରଦାନ କରିବା ମଧ୍ୟ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ରୋଜଗାରର ଅବସର କମ ହେଲେ ଯୁବା ବର୍ଗଙ୍କ ମଧ୍ୟରେ ଅଶାନ୍ତି ଦେଖାଯାଏ । ଯୁବା ବର୍ଗଙ୍କୁ ନିଜର ଦାୟିତ୍ୱ ସମ୍ଭାଳିବାକୁ ହେଲେ ସଶକ୍ତ ବନିବା ନିହାତି ଜରୁରୀ । ଯୁବା ବର୍ଗଙ୍କ ଉର୍ଜାକୁ ଏବଂ ବୁଦ୍ଧିକୁ ସଦୁପଯୋଗ କରି ପ୍ରକୃତ ଲକ୍ଷ ପାଇବାକୁ ହେଲେ ଯୋଗ୍ୟତା ଅନୁରୂପ ରୋଜଗାରର ଅବସର ପ୍ରଦାନ କରିବା ଉଚିତ । ଏହି ପ୍ରକାର ଯୁବା ବର୍ଗଙ୍କ ଶକ୍ତିର ଉପଯୋଗ ଆମ ରାଷ୍ଟ୍ରର ପ୍ରଗତି ପ୍ରତି ଉନ୍ନତ ଚିନ୍ତାଧାରାର ନିତିବାଣୀକୁ ଫ୍ରେମ୍ କରିବା ମହତ୍ୱପୂର୍ଣ୍ଣ ଅଟେ । ଯାହା ଆମର ଯୁବା ବର୍ଗଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ସହିତ ଆଗାମୀ କାଲିର ଆଶ୍ୱାସନା ଦେଇ ପରିବର୍ତ୍ତନ ଏବଂ ପ୍ରଗତି ପ୍ରତି ସଶକ୍ତ ବନେଇବା ଉଚିତ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ନୀଳ ଆକାଶ | ମମତା ଦାଶ | ୧୨ |
| ହସିଲ୍‌ଣି ନବବର୍ଷ | ପ୍ରାଧାପିକା ଜ୍ୟୋସ୍ନା ରାୟ | ୧୭ |
| ସମ୍ମାନରେ ଜୀଇବାକୁ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୦ |
| ବଢାଇ ଦିଅ ମା'ହାତ | ଶାନ୍ତିଲତା ମିଶ୍ର | ୨୨ |
| ମା'ମାନଙ୍କୁ ସବୁ କଥା ଜଣା | ଶଶଧର ମହାପାତ୍ର | ୨୩ |
| ଦୁଇଟି କବିତା | ଆଶୁତୋଷ ମେହେର | ୨୯ |
| କବିତା | ଡ. ଜ୍ଞାନେଶ୍ୱର ମିଶ୍ର | ୩୧ |
| ଭକ୍ତିର ପ୍ରଦୀପ ଦେ ମାଆ ଜାଳ | ରାଜକିଶୋର ସାଇଁ | ୩୨ |
| ଇଏ ନୁହେଁ ମୋର ସେ କବିତା | ନୂତନ କୁମାର ବେହେରା | ୩୪ |
| ରାଜାର ରାଣୀ | ବିନୟ ମହାପାତ୍ର | ୩୭ |
| ରାଗ ଅନୁରାଗ | ସଂଯୁକ୍ତା ମହାପାତ୍ର | ୪୨ |
| ସମ୍ପର୍କ | ବୈଦ୍ୟନାଥ ପଣ୍ଡା | ୪୩ |
| ଋଣ ଗ୍ରସ୍ତ | ସନାତନ ମହାକୁଡ | ୪୫ |
| ଶିବ ବନ୍ଦନା | ସତ୍ୟବ୍ରତ ସାହୁ | ୪୬ |
| ବ୍ରହ୍ମଗୌରୀ | ଡକ୍ଟର ବିଜ୍ଞାନୀ ଦାସ | ୪୭ |
| ନସ୍ତବ୍ଧ ରାତିର ଲେଖକ | ସୀତାରାମ ଦାଶ | ୫୭ |
| ଧନ ସଞ୍ଚୟ | ରାଜଶେଖର ସି "ଚମା" | ୫୯ |
| ମଉଳା ଫୁଲ | ଅନାମ ଚରଣ ସାହୁ | ୬୧ |
| ଏମିତି କାହିଁକି ହୁଏ | ମନୋଜ କୁମାର ପଣ୍ଡା | ୬୩ |
| ସୁନ୍ଦରବନରେ ଯାତ୍ରା (ଧାରାବାହିକ) | ଅଶୋକ ବିଶ୍ୱାଳ | ୬୪ |

| | | |
|---|---|---|
| ଫୁଲେଇ ମେଘ | ନନ୍ଦିନୀ ରାଉତ | ୭୫ |
| ମୁଁ ନବବର୍ଷରେ ବଦଳଛି | ନବକିଶୋର ଦୀପ | ୭୬ |
| ମନେ ଅଛି କି | ପୂର୍ଣ୍ଣଚନ୍ଦ୍ର ରଣା | ୭୯ |
| ନଆର୍ ଅଭିବ୍ୟକ୍ତି | ଛବିରାଣୀ ପତି | ୮୦ |
| ଅନ୍ଧବିଶ୍ୱାସ | ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ | ୮୧ |
| ଶ୍ରୀ ରାମ ନାମ | ନରେଶ ତ୍ରିପାଠୀ | ୮୬ |
| ଜୟ ଜୀବନ | ଭବାନୀ ପ୍ରସାଦ କର | ୮୭ |
| ଶୀତ | ଶ୍ରୀ ଡମ୍ବରୁଧର ବାଗ | ୮୯ |
| ସିଏ ତ ଗୋଟିଏ ମାଆ | ହରେରାମ ପଣ୍ଡା | ୯୧ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୯୩ |
| ଅଷ୍ଟ୍ରେଲିଆ ଜଙ୍ଗଲ ଆଜି ଜଳନ୍ତି | ଅଜୟ କୁମାର ବେହେରା | ୧୦୦ |
| ସମ୍ପର୍କ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୦୨ |
| ସବୁଜଛି ସ୍ୱପ୍ନପରି | ନରେନ୍ଦ୍ର ପ୍ରସାଦ ବେହେରା | ୧୦୩ |
| ଅର୍ଥର ମହିମା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୦୯ |
| ବନ ନିବାସର ଆମନ୍ତ୍ରଣ: ଏକ ଦୁର୍ଲଭ ସୁଯୋଗ | ପ୍ରିୟବ୍ରତ ପାତ୍ର | ୧୧୦ |
| ଶ୍ରାବଣ | ସନ୍ଧ୍ୟାରାଣୀ ଦାଶ | ୧୧୫ |
| ନୂଆ ବରଷ | ରବି ପ୍ରଧାନ | ୧୧୬ |
| ଚନ୍ଦ୍ରାନାୟକ | ନବୀନ କୁମାର ପଧାନ | ୧୧୭ |
| ଅନ୍ଧାର | ରମଣ କୁମାର ନାଗ | ୧୧୯ |
| ସୁକୃତୀ | ସୁଷମା ପରିଜା | ୧୨୦ |
| ବେଦନା | ସଙ୍ଗୀତା ମହାନ୍ତି | ୧୩୨ |
| ସରଳଆ ମନ | ନିରଞ୍ଜନ ସାହୁ | ୧୩୪ |

| | | |
|---|---|---|
| ବୃକ୍ଷ ବନ୍ଧୁ | କେଶରୀ ପ୍ରସାଦ ମହାନ୍ତି | ୧୩୫ |
| ଇଚ୍ଛା ହୁଏ ଭଲ ହେବା ପାଇଁ | ଭାରତୀ ସାହୁ | ୧୩୬ |
| ଉତ୍ତରଦାୟୀ କିଏ | ଆରତୀ ସାହୁ (ଆଶା) | ୧୩୭ |
| ଚେତନା | ଅମୂଲ୍ୟ ମହାପାତ୍ର | ୧୪୨ |
| ହେ କୃଷକ ଭାଇ | କୁମୁଦ ଚନ୍ଦ୍ର ନାଗ | ୧୪୩ |
| ବେଦନାର ବିଶ୍ଳେଷଣ | ସିଦ୍ଧେଶ୍ୱର ତ୍ରିପାଠୀ | ୧୪୪ |
| ଶୀତ ଅନୁଭୂତି | ଡ଼ି ଶୁଭମ୍ | ୧୪୬ |
| ସାଧାରଣତନ୍ତ୍ର ଦିବସ | ଉଦୟ କୁମାର ପଣ୍ଡା | ୧୫୩ |
| ଜୀବନ ଲିପି | ସୂର୍ଯ୍ୟକନ୍ୟା | ୧୫୫ |
| ମୋ ଜଗା | ଅନଙ୍ଗ ମଞ୍ଜରୀ | ୧୫୬ |
| ଅଜେୟ କ୍ରାନ୍ତିକାରୀ ଅଜିତ ସିଂହ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୫୭ |
| ତୁମେ ଗଲ୍ ପରେ | ଖଗେଶ୍ୱର ବାଗ | ୧୫୯ |
| ଲଜ୍ଜ୍ୟା | ବାସନ୍ତୀ ଲତା ଜେନା | ୧୬୦ |
| ଧନୁ ଯାତରା | ଡୋଳାମଣି ପଧାନ | ୧୬୨ |
| ମାନବ ନୁହେଁ ତୁ ଦାନବ | ଶିଶିର ସାମଲ | ୧୬୪ |
| ବିଂଶ ଶତାବ୍ଦୀ ର ଏ ନବ ବର୍ଷ | ପ୍ରକାଶ ସାହୁ | ୧୬୫ |
| ବିଶୃଙ୍ଖଳା | ସେବାକାନ୍ତ ନନ୍ଦ | ୧୬୮ |
| ମୋ ଓଡ଼ିଶା | ଉଦୟନ ସୂପକାର | ୧୬୯ |
| ଋତୁ ଚକ୍ର | ସାଗର ପ୍ରଧାନ | ୧୭୦ |
| ମୟୂରଭଂଜର ଭୂମିପୁତ୍ର : ପଣ୍ଡିତ ଲକ୍ଷ୍ମୀଧର ରାଉତ | କରଣ ବାଳା ଦାଶ | ୧୭୨ |
| ହେ ବଡ ଦିନ | ସରସ୍ୱତୀ ପଣ୍ଡା | ୧୮୫ |
| ନୂତନ ବର୍ଷର ଅଭିନନ୍ଦନ | କାଜଲ କାଦମ୍ବିନୀ ଖୁଣ୍ଟିଆ | ୧୮୬ |
| ବଡ ଦିନ | କୁମୁଦିନୀ ବେହେରା | ୧୮୮ |

| | | |
|---|---|---|
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନନ୍ତା ପଣ୍ଡା | ୧୯୧ |
| କାଚକାନ୍ଥ ସେପାଖରୁ | ଲୋକନାଥ ସାମଲ | ୨୦୪ |
| ଘାଇ | କଳ୍ପନା କଳ୍ପଲତା ବିଶ୍ୱାଳ | ୨୦୬ |
| ଜୀବନ | ମିନତୀ ଦାଶ | ୨୦୭ |
| ଅଭୁଲା ସ୍ମୃତି | ଶିବରାମ ଦଳେଇ | ୨୦୮ |
| ତୁମ ବିନା | ରମେଶ ଚନ୍ଦ୍ର ବେହେରା | ୨୧୨ |
| ଚରପ୍ରେମିକ ହେବାର ଲାଳସାରେ | କବି ପ୍ରସାଦ | ୨୧୪ |
| ପ୍ରେମ ନିବେଦନ | ସୁଦାମ ଲେଙ୍କା | ୨୧୬ |
| ଛାତିରେ ଛାତିଏ କୋହ | ଧିରେନ୍ଦ୍ର ମଲ୍ଲିକ | ୨୧୭ |
| ଧର୍ମର ପରିଭାଷା | ବାଲ୍ମୀକି ନାୟକ | ୨୧୮ |
| ବିଦ୍ରୋହ | ଲୋକେଶ୍ୱର ପାଣ୍ଡେ | ୨୨୪ |
| ବିଦ୍ୟା ଧନ | ନିଲାମ୍ବର ମହାନନ୍ଦ | ୨୨୬ |
| ବ୍ୟଥା | ଗୌରିଦତ୍ତ ମାଝି | ୨୨୭ |
| ଶ୍ରୀମଦ୍ ଭଗବତ୍ ଗୀତାର ପଞ୍ଚମ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୨୯ |
| ଏମିତି ଜୀବନ | ଅଜୟ କୁମାର ମହାନ୍ତି | ୨୩୧ |
| ବିଭୁତି | ବିଭୁତି ରଞ୍ଜନ ପାଣିଗ୍ରାହୀ | ୨୩୩ |
| ହେ ଇଶ୍ୱର ପୁନ ଆଉଥରେ ଓହ୍ଲାଇ ଆସ ଏ ଧରାଧାମକୁ | ଦମୟନ୍ତୀ ରଥ(ଡଲି) | ୨୩୪ |
| ଭାଗ୍ୟ ବଦଳାଇ ନୂଆ ବର୍ଷରେ | ମହେଶ୍ୱର ସାହୁ | ୨୩୬ |
| ବସନ୍ତ | ବେଣୁଧର ସୂତାର | ୨୪୬ |
| ଭାରତ୍ ମାଁ ମୋର୍ କାନ୍ଦୁଛେ | ରୂପେଶ ସାହୁ | ୨୪୭ |
| ଏମିତି ବି ପ୍ରେମ ହୁଏ | ପ୍ରଶାନ୍ତ କୁମାର ନାଥ | ୨୪୯ |

| | | |
|---|---|---|
| ଜାଣ ଜାଣ ପାପ୍ କରୁଛନ୍ | ଶଶାଙ୍କ ଶେଖର ସାହୁ | ୨୫୨ |
| କୁଟୁମ୍ ମୋର୍ | ଚତ୍ତରଞ୍ଜନ ପଧାନ | ୨୫୩ |
| ମନ ଭିତରୁ ପଦେ | ଜଗନ୍ନାଥ ମେହେର | ୨୫୫ |
| ବଦଳେ ମଣିଷ ଜାତି | ପର୍ଶୁରାମ ସାହୁ | ୨୫୬ |
| ନୁଆଁ ବରସ୍ | ପୁସ୍ତମ୍ ଯୁଆଡି | ୨୫୭ |
| ପ୍ରବାସୀ ଓଡିଆଙ୍କ ଖବର | ବେଦାନ୍ତୀ ପରିବାର | ୨୫୮ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୬୧ |


# ଶିଶୁ ବିଭାଗ


| | | |
|---|---|---|
| ଯେତିକ ବୁଝିଛି ମୁହିଁ | ଅଜୟ କୁମାର ବେହେରା | ୨୬୫ |
| ଅକଲ ମକଲ ଟକଲ ଟିଆଁ | ସତ୍ୟବ୍ରତ ସାହୁ | ୨୬୭ |
| ମୋ ଜେଜେ ମାଆ | ନନ୍ଦିନୀ ରାଉତ | ୨୬୯ |
| ଧୁଆ ମୂଳା ଅଧୁଆ ମୂଳା | ଡ଼ଃ ରଞ୍ଜିତ କୁମାର ସାହୁ | ୨୭୧ |
| ସୁନ୍ଦର ସୁନ୍ଦର ଫୁଲ | ରାଜଶେଖର ସି “ଚମା” | ୨୭୪ |
| ଆଦର୍ଶ ଛାତ୍ର | ପ୍ରାଞ୍ଜଲ ଅଗ୍ରୱାଲ | ୨୭୫ |
| କ୍ରୋଧି ସିଂହ | ଅଙ୍କିତା ପାଢ଼ୀ | ୨୭୬ |
| ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୮୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୮୧ |

# ନୀଳ ଆକାଶ



ମମତା ଦାଶ

ଆଜି ୨୬ ଜାନୁଆରୀ। ସକାଳୁ ସକାଳୁ ମିଶ୍ରବାବୁ ଆମର ଉଠି ସୋସାଇଟିର ଫ୍ଲାଗ୍ ହୋଷ୍ଟିଙ୍ଗ୍ ପାଇଁ ଏକଦମ୍ ରେଡି ହୋଇ ମୋତେ ଡାକ ପକାଇଲେ – "ହଇଓ, ଜଲଦି ଉଠ, ଚା କପେ ଦିଅ। ମୁଁ ବାହାରୁଛି ଫ୍ଲାଗ୍ ହୋଷ୍ଟିଙ୍ଗ୍ ପାଇଁ।" ଦୁନିଆର ପ୍ରତ୍ୟେକ ଜିନିଷ ଏଇ ଚା କପ୍ ରୁ ହିଁ ଆରମ୍ଭ ହୋଇଥାଏ। ଯେତେ ବଡ ବଡ ଡିଲ୍ ହେଉ ବା କୌଣସି ଗସିପ୍ ର ଗରମ ଗରମ୍ ମଜା, ସବୁ ଏହି ଚା କପ୍ ବିନା ଫିକା ଫିକା ଲାଗେ। ଇଂରେଜମାନେ ତ ଚାଲିଗଲେ, କିନ୍ତୁ ଏହି ଚା କପ୍ ର ଉର୍ଜାକୁ ସାଙ୍ଗରେ ନେଇ ପାରିଲେନ। ଜାନୁଆରୀ ମାସ, ଚାରିଆଡେ ଶୀତର ଲହରୀ। ଲକ୍ଷ୍ନୌ ଭଳି ଯାଗାରେ କୁହୁଡିର ଜମାଘଟ। ସାଢେ ସାତଟା ହେଲାଣି, କିନ୍ତୁ ସକାଳ ହେଲା ଭଳି ଲାଗୁ ନଥାଏ। ଆଖି ମଳି ମଳି ରେଜେଇ ଭିତରୁ ମୁହଁ ବାହାର କରି କହିଲି – "ଆରେ ତୁମର କିଛି କାମଧନ୍ଦା ନାହିଁ କି। ଛୁଟିଦିନ ନାହିଁ ନା କଣ। ଛୁଟି ଦିନରେ ମଧ୍ୟ ସକାଳୁ ସକାଳୁ ଟିକେ ଶୁଆଇ ଦେଉନ। ଏବେ ସକାଳ ହୋଇନ। ଶୋଇପଡ ମ। ଜମା ପାଟି କରନ। ବୁଢା ହୋଇଗଲଣି, ସେଥିପାଇଁ ନିଦ ଆସୁନ ତୁମକୁ। ମତେ ଟିକେ ଶୁଆଇ ଦିଅ ହେ। ଏତେ ଶୀତରେ ସକାଳୁ ସକାଳୁ ଉଠିବ କିଏ?" ମୁଁ ସେମିତି ରେଜେଇ ଭିତରୁ ପାଟି କରୁଥାଏ।

ମିଶ୍ରବାବୁ ଆମର ମତେ ଯେନତେନ ପ୍ରକାରେଣ ଉଠାଇ ଦେଲେ ଚା କପେ ପାଇଁ। ଚା କପେ ପିଇ ମିଶ୍ରବାବୁ ବାହାରି ଗଲେ ସୋସାଇଟିର ଫ୍ଲାଗ୍ ହୋଷ୍ଟିଙ୍ଗ୍ ପାଇଁ। ମୁଁ ଚା କପ୍ ଟି ଧରି ଟି.ଭି. ଆଗରେ ବସି ପଡିଲି, ଫ୍ଲାଗ୍ ହୋଷ୍ଟିଙ୍ଗ୍ ର ଡାଇରେକ୍ଟ ଟେଲିକାଷ୍ଟ ପାଇଁ। ଆଜି ପର୍ଯ୍ୟନ୍ତ ମୁଁ ରାଜପଥର ଫ୍ଲାଗ୍ ହୋଷ୍ଟିଙ୍ଗ୍ କେବେ ବି ଦେଖିନ ନା ଦିଲ୍ଲୀ ଯାଇ ଦେଖିବାର ସୁଯୋଗ ପାଇଛି। ମୋର ସେଇ ଫେବରେଟ୍ ଏୟାର ସୋ କେତେବେଳେ ଦେଖିବାର ସୁଯୋଗ ମଧ୍ୟ ପାଇନ। ସବୁବେଳେ କାମରେ ବ୍ୟସ୍ତ। ଚବିସ୍ ଘଣ୍ଟାରୁ ମୁଁ ଷୋହଳ ଘଣ୍ଟା

କାମ କରେ । ବେଳେ ବେଳେ ଅଠର ଘଣ୍ଟା ବି ହୋଇଯାଏ । ଘରର ସମସ୍ତ ସଦସ୍ୟ ବସି ଆରାମରେ ଟି.ଭି. ଦେଖନ୍ତି । ଆଉ ମୁଁ ସମସ୍ତଙ୍କ କାମରେ ଲାଗିଥାଏ । ବେଳେବେଳେ ମୋ ପୁଅ ମୋତେ ଡାକେ – **"Mama, come, your favourite Air Show will come soon"|** ତଥାପି ମୁଁ ଦେଖିପାରେନ । ମୋବାଇଲ୍ ଆସିବା ଦିନଠାରୁ ମୋ ପୁଅ ମୋତେ ବେଳେବେଳେ ମୋବାଇଲରେ ମୋର ମନପସନ୍ଦ ସୋ ଦେଖାଇଦିଏ । ଆଜି କଛି କାମ ନାହିଁ । ଝରକାରେ ବସିଛି । କାହିଁକି କେଜାଣି ପୁଅ କଥା ଭାରି ମନେ ପଡିଲା । ଠିକ୍ ଏହି ସମୟରେ ଫୋନ୍ ଟା ବାଜି ଉଠିଲା କ୍ରିଂ କ୍ରିଂ । ସେପଟୁ ଶବ୍ଦ ଆସିଲା – **"Hello Mama, How are you...."| Me fine here, you know today is my solo flying|** ଏହା ଶୁଣି ମୋତେ ଆନନ୍ଦ ଲାଗିବା ସହିତ ଟିକେ ଡର ବି ଲାଗିଲା । ପଚାରିଲି – ଆରେ ଧନ, କେତେ ଫୁଟ ଉଚ୍ଚାରେ ଉଡିବୁ । ପୁଅ କହିଲା – **Mama, you know, your attitude determines your altitude|** -ଆରେ କଣ କହୁଛୁ... **God Bless You my child, May all your wishes come true. -Mama you know, world is so beautiful from above, but I love my India,** ମେରା ଭାରତ ମହାନ**| Hope to have you here today|** -ହଉ, ହେଲା । ଆରେ ଜାଣିଛୁ ତ ଆଜି ୨୬ ଜାନୁଆରୀ । **- I remember Mama, every year you told me story about India and its Constitution|** - ଆରେ ହଁ ରେ, ତୁ ତ ବଡ ହୋଇଗଲାଣୁ । ଆଉ କଣ ମୋ କଥା ଶୁଣିବୁ! – **Yes Mama, I remember my school days. That time was so memorable - Jai Hind, Jai Jawan, jai Kishan, I remember all these things, I always remember that day|** ଠିକ୍ ଏହି ସମୟରେ ଦୁଇଟା ଗୋଟା ଆସି କହିଲେ – **Sir, now you are ready to take off|** ଭାରତ୍ ମାତା କ ଜୟ......

**-OK Mama, Happy Repubic Day, Jai Hind.....**

ଝରକାରେ ବହିଗଲା ଦୁଇ ଧାର ଅଶ୍ରୁ । ମନେପଡିଲା ମୋର ସ୍କୁଲ ଦିନ । ଜାନୁଆରୀ ୨୬ ପୂର୍ବ ରାତିରୁ ଆଖିରେ ନିଦ ନଥାଏ । କେତେବେଳେ ସକାଳ ହେବ, ଆମେ ସ୍କୁଲ ଯିବୁ । ସେତେବେଳେ ଶୀତ ମଧ୍ୟ ବହୁତ ଜୋରରେ ପଡୁଥିଲା । ଯେତେ ଶୀତ ହେଲେ ମଧ୍ୟ ଯୋଶ ଆଗରେ ସବୁ କମ ପଡିଯାଏ । ପାଖରେ ଖଣ୍ଡେ ସୋଏଟର ମଧ୍ୟ ନଥାଏ । ତଥାପି ଶୀତ ଆମକୁ ରୋକି ପାରେନା । ସକାଳୁ ଉଠି, ସୋରିଷ ତେଲ ମୁଣ୍ଡରେ ଲଗାଇ ହାତରେ ବାଳ

ସାଉଁଳେଇ ଦେଇ ଦଉଡୁ ସ୍କୁଲକୁ । ଚପଲ ଥିଲେ ତ ହେଲା, ନଥିଲେ ବି କଛି ଫରକ ପଡେନ । ଖାଲିପାଦରେ ଦଉଡି ଦଉଡି ସ୍କୁଲ ଯିବାର ମଜା... ବୋଧେ ଟିକେ ସେଓ-ବୁନ୍ଦି ପାଇଁ । ବାପା ମା ଙ୍କର ମଧ୍ଯ ସେତେବେଳେ କଛି କାଇଦା କଟକଣା ନଥିଲା । ବୁଲାବୁଲି କରିବାକୁ ଟିକେ ବାହାରକୁ ନେଉନଥିଲେ । ସ୍କୁଲରେ ମଧ୍ଯ ଏତେ ଆଡମ୍ବର ନଥିଲା । ହଁ, ବେଳେବେଳେ ବଣ ଭୋଜି ହୁଏ । ସେଥିପାଇଁ ୨ ଟଙ୍କା, ୫ ଟଙ୍କା ବାପାଙ୍କଠାରୁ ଆଣିବା ବଡ କଷ୍ଟକର ବ୍ୟାପାର ଥିଲା ।

ସେଦିନ ଥିଲା ୨୬, ଜାନୁଆରୀ । ଆଗ ଫ୍ଲାଗ୍ ହୋଷ୍ଟିଙ୍ଗ୍ ହେବ ଏବଂ ତା ପରେ ସ୍କୁଲ ପାଖ ପଡିଆରେ ବଣ ଭୋଜି । ଯେଉଁମାନଙ୍କ ପାଦରେ ଚପଲ ଏବଂ ଦେହରେ ସଫା କପଡା ଥିଲା, ସେଇମାନଙ୍କୁ ହିଁ ଆଗ ଧାଡିରେ ଠିଆହେବାର ସୁଯୋଗ ମିଳୁଥିଲା । ମୋତେ ପବନରେ ଉଡୁଥିବା ଝଣ୍ଡା ଦେଖିଲେ ବହୁତ ଭଲ ଲାଗେ । ଜନ ଗଣ ମନ... ଝଣ୍ଡା ଉଚା ରହେ ହମାରା... ପରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଭିନ୍ନ ଭିନ୍ନ ପିଲା ଏବଂ ସାର ମାନେ ଭାଷଣ ଦିଅନ୍ତି । ତା ପରେ ଜୟ ଜବାନ, ଜୟ କଷାନ ଶ୍ଳୋଗାନ ଏବଂ ତା ପରେ ସମସ୍ତଙ୍କ ପସନ୍ଦର ସମୟ "ସେଓ-ବୁନ୍ଦି" ଆସିଯାଏ । ସାରଙ୍କ ହାତରେ ଏକ ବେତ ଝୁଡି, ତା ଭିତରେ ଥାଏ ସେଓ-ବୁନ୍ଦି । ସବୁ ପିଲାମାନେ ଆଞ୍ଜୁଳା ଦେଖେଇ ଲାଇନରେ ଠିଆ ହୋଇଯାନ୍ତି । ସାର ତାଙ୍କ ହାତ ମୁଠାରେ ମୁଠାଏ ମୁଠାଏ ସେଓ-ବୁନ୍ଦି ଧରି ସବୁ ଛୁଆଙ୍କ ଆଞ୍ଜୁଳାରେ ଦିଅନ୍ତି । ସମସ୍ତେ ଖୁସି । ସେତେବେଳେ କାହିଁ କେଜାଣି ଝିଅମାନେ ଏତେ ପରିମାଣରେ ସ୍କୁଲକୁ ଆସୁନଥିଲେ । ଯେଉଁମାନେ ଭୋଜି ପାଇଁ ପଇସା ଦେଇଥିଲେ ସେମାନେ ସମସ୍ତେ ରେଡି ହୋଇ ପାଖରେ ଥିବା ପଡିଆର ବରଗଛ ମୂଳେ ଏକଜୁଟ ହୋଇଗଲେ । ଗାଁ ପାଖରେ ଥିବା ସ୍କୁଲ, ସ୍କୁଲ ପାଖରେ ପଡିଆ ଏବଂ ପଡିଆରେ ଏକ ବିଶାଳ ବରଗଛ, କାହିଁ କେତେ ଯୁଗରୁ ସେଠାରେ ଠିଆ ହୋଇଛି । ବରଗଛ ପାଖରେ ଗୋଟିଏ ଶିବ ମନ୍ଦିର ମଧ୍ଯ ଅଛି ଏବଂ କଛି ଦୂରରେ ଏକ ବିଶାଳ ପୋଖରୀ । ପିଲାମାନେ ହିଁ ଜିଜ୍ଞାସୁ । ସମସ୍ତେ ଭୋଜି ଛାଡି ବରଗଛର ଇତିହାସ ଜାଣିବା ପାଇଁ ସାର ଙ୍କ ପାଖରେ ପହଞ୍ଚିଗଲେ । ସାର୍ ମଧ୍ଯ ଆଗ୍ରହର ସହିତ କହିଗଲେ – ଜାଣିଛ ପିଲାମାନେ, ଏହି ବରଗଛକୁ ତୁମେମାନେ ଯେତେ ଝଙ୍କାଳିଆ ଦେଖୁଛ, ତାର ଚେର ମଧ୍ଯ ତଳେ ସେତିକ ମାତ୍ରାରେ ବ୍ୟାପିଛି ।

ସ୍କୁଲରେ କମ୍ପା ଗାଁ ର ଯେତେ **function** ହୁଏ, ସବୁ ଏହି ବରଗଛ ତଳେ ହିଁ ହୁଏ । ମୁଁ ମଧ୍ୟ କେତେଥର ନୃତ୍ୟ ନାଟିକାରେ ଭାଗ ନେଇ ଏହି ବରଗଛ ତଳେ ନୃତ୍ୟ କରିଛି । ନୃତ୍ୟନାଟିକାରେ ସବୁବେଳେ ମୋର ଇଛା ଥାଏ ମୁଁ ସୀତା ହେବି । କିନ୍ତୁ ମୋର ରଙ୍ଗ ଶ୍ୟାମଳ ଏବଂ ବାଳ ପୁଅପିଲାଙ୍କ ଭଳି କଟାଯାଇଥିବାରୁ ମତେ ରାମଙ୍କ ଚରିତ୍ର ଦିଆଯାଏ । ଯେତେ କାନ୍ଦିଲେ ବି କେହି ଶୁଣନ୍ତିନି । ଯେତେବେଳେ ନୃତ୍ୟ ନାଟିକାରେ ରାମଙ୍କ ଭୂମିକାକୁ ସମସ୍ତେ ପ୍ରଶଂସା କରନ୍ତି, ସେତେବେଳେ ମୋ ଶ୍ୟାମଳ ରଙ୍ଗ ସେଠି ଫିକା ପଡିଯାଏ । ଏ ଟିନ୍ ଏଜ୍ ବି ନା, କେତେଯେ ଚପଳ ହୋଇଥାଏ, କ୍ଷଣରେ କାନ୍ଦ ତ କ୍ଷଣରେ ହସର ଲହରୀ ଛୁଟେ । ହଁ ଥରେ କେବଳ ଆମ ସାହିତ୍ୟ ବହିର କାଳଜାଇ କବିତାରେ କାଳଜାଇର ଭୂମିକାରେ ଅଭିନୟ ପାଇଁ ସୁଯୋଗ ମିଳିଥିଲା । କାତ ଧରି ନାଆ ବୁହାରେ ନାଉରୀ ଝିଅକୁ ମାଡୁଛି ଡର.... । ସେତେବେଳେ ଦେଖଣାହାରୀମାନେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ ।

ସାର ପୁଣି କହିଲେ – ପିଲାମାନେ ଜାଣିଛ, ଏହି ବରଗଛ ତଳେ ପୂର୍ବେ ଇଂରେଜ ମାନଙ୍କ ରାଜୁତି ସମୟରେ ସମସ୍ତ ସ୍ୱତନ୍ତ୍ରତା ସେନାନୀ ଏଠି ବସି ସଭା କରୁଥିଲେ । ଦିନେ ଜଣେ ଇଂରେଜ ଅଫିସର ରାଗରେ ଘୋଡାରେ ଆସି ଏହି ବରଗଛଟିକୁ ଜଳେଇ ଦେଇଗଲେ । ଘୋଡା ପାଦର ଟପ୍ ଟପ୍ ଶବ୍ଦ ଶୁଣି ସମସ୍ତ ସ୍ୱତନ୍ତ୍ରତା ସେନାନୀ ମାନେ ଏହି ବରଗଛର ଓହଳ ଧରି ପାଖରେ ଥିବା ପୋଖରୀକୁ କୁଦା ମାରିଥିଲେ । ପିଲାମାନେ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପୋଖରୀ ଆଡକୁ ଚାହିଁଲେ । ଆରେ, ସତରେ ତ! କେତେ ସୁନ୍ଦର ପୋଖରୀ ଆଉ ତା ଭିତରେ ଫୁଟିଥିବା କଇଁଫୁଲର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ।

ପିଲାମାନେ – ପୁଣି କଣ ହେଲା ସାର୍ ।

ସାର- ହେବ କଣ । ଏହି ଆମ ଦେଶ ପରି । ଏହି ବରଗଛ ପୁଣି ତାର ପୂର୍ଣ୍ଣ ସ୍ୱରୂପରେ ତୁମ ସମସ୍ତଙ୍କ ଆଗରେ ଠିଆହୋଇଛି....

ଯାଗାଟି ପାଉଁଶିଆ ହୋଇଯାଇଥିଲା । ଶବ୍ଦ ସବୁ ଫିକା ପଡିଯାଇଥିଲା । ପାଖରେ ଥିବା ପୋଖରୀରେ ଝୁଲୁଥିବା ବରଗଛର ଶାଖା ଇଂରେଜ ସୈନିକମାନଙ୍କ ଆସିବାର ଆଉ ସ୍ୱତନ୍ତ୍ରତା ସେନାନୀ ମାନଙ୍କ ପୋଖରୀକୁ କୁଦା ମାରିବାର ଦୃଶ୍ୟ ମୁଁ ନିଜେ ତ ଦେଖିନି... କିନ୍ତୁ ସାରଙ୍କ ଠାରୁ ଶୁଣିବା ପରେ ଆଜି ବି ମୋ ଭିତରେ ଜୀବିତ ଅଛି ଏକ ଅସ୍ପଷ୍ଟ ସୁନ୍ଦର

ଧର୍ମେହର ଭଳ...। କନ୍ତୁ ଭାବିଲେ ବେଳେବେଳେ ଦୁଃଖ ଲାଗେ ଏହି ସ୍ୱତନ୍ତ୍ରତା ସେନାନୀ ଥିଲେ କଏ। ଆମରି ହିଁ ଲୋକେ ଥିବେ। କେତେ ବିବଶ ଥିବେ ସେତେବେଳେ। କେତେ ଅଜବ ସ୍ଥିତି ହେଉଥିବ ପରତନ୍ତ୍ରତାର... ଦେଶ ଆମର ଥିଲା, ଜମି ତାଙ୍କର.... ଅନ୍ନ ଆମର ଥିଲା...ଭୋକ ତାଙ୍କର....ଲାଠି ଆମର ଥିଲା....ପ୍ରହାର ତାଙ୍କର... ଭାବି ଭାବି ମନଟା ଏଠି ସେଠି ଭଟକ ଯାଉଥିଲା....ପରତନ୍ତ୍ରତା.... ।

ଚା କପ୍ ଟି ଥୋଇଦେଇ ବାହାରି ପଡିଲି ଝାଡୁ ନେଇ। ପୂଅ ରୁମ୍ କୁ ଯାଇ ତା କପବୋର୍ଡ ଖୋଲି ଦେଖିଲି ୨୬ ଜାନୁଆରୀର ରାଜପଥର ଦୃଶ୍ୟ। ଫଟୋ ଉପରେ ଲେଖା ହୋଇଛି "ମେରା ଭାରତ ମହାନ।" ଆଖିରୁ ବୋହିଗଲା ଦୁଇଧାର ଅଶ୍ରୁ....

ସୋସାଇଟିରୁ ଗୀତ ଶୁଣାଗଲା- ମେଁ ହୁଁ ଏକ୍ ତସବୀର୍... ତୁ ମେରା ରୂପ୍ ରଙ୍ଗ୍ ହେ.....। ମୋ ଆଖିଆଗରେ ବରଗଛର ଜଟା ପୁଣି ଥରେ କଅଁଳଥିବାର ଦେଖାଗଲା।

ଠିକ୍ ଏହି ସମୟରେ କଲିଙ୍ଗ୍ ବେଲ୍ ବାଜିଲା। ବାସ୍ତବତାକୁ ଫେରିଯାଇ କବାଟ ଖୋଲିଲି। ହାତରେ ଝାଡୁଟି ସେମିତି ଥାଏ। ଦେଖିଲି ମିଶ୍ରବାବୁ ଫ୍ଲାଗ ହୋଷ୍ଟିଙ୍ଗ୍ ସାରି ଫେରିଛନ୍ତି। ଗରଗର ହୋଇ ରାଗି କହିଲି, ତୁମେ ଦିନକୁ କେତେଥର ଯିବାଆସିବା କରୁଛ କେବେ ଗଣିଚ କି? ମୁଁ କଣ ୱାଚମ୍ୟାନ୍?

– ରାଗୁଛ କାହିଁକି? ତୁମେ ତ ଫ୍ଲାଗ୍ ହୋଷ୍ଟିଙ୍ଗ୍ କୁ ଗଲନ। ଦେଖ ମୁଁ ତୁମପାଇଁ କଣ ଆଣିଛି। ମିଶ୍ର ବାବୁଙ୍କ ପାପୁଲିରେ ଥିଲା ଦୁଇଟା ମୋତିଚୁର ଲଡୁ......

ସମ୍ପାଦିକା

# ହସିଲାଣି ନବବର୍ଷ



ପ୍ରାଧାପିକା ଜ୍ୟୋସ୍ନା ରାୟ

ଅନ୍ଧାକାର ବୁକୁ ଚରି
ମିଟିମିଟି  ଆଖି ମେଲି
ପାହିଲାଣି ରଜନୀ
ପ୍ରାଚୀ ଗଗନରେ ଦେଖ
କୁଆଁକୁଆଁ ରବକରି
ଉଇଁଲାଣି କଅଁଳ ସୂର୍ଯ୍ୟଟେ
ବୁଣିଲାଣି ଚତୁର୍ଦ୍ଦିଗେ
ସ୍ୱର୍ଣ୍ଣିମ ସୁଷମା
ହସିଲାଣି ନବବର୍ଷ
ହାତେ ଧରି ନୂତନ ସନ୍ଦେଶ
ନୂଆ କ୍ୟାଲେଣ୍ଡରରେ
ଝୁଲୁଛି ତା  ଫଟଚନ୍ଦ୍ର
ଦୂରରୁ ଶୁଭିଲାଣି ସୁସ୍ୱାଗତ
ଆସ ଆସ, ନବବର୍ଷ ଆସ ।।

କଣ୍ଟାବାଡ଼ ସେପାରିରେ
ପନ୍ଦରଝର ଋତୁ  ଝୁରେ
କଇଁକଇଁ କାନ୍ଦେ କେହି
ନକାଞ୍ଚନେ ସର୍ବସ୍ୱ ହରାଇ
ଗାଦିମାଡି ବସିପଡେ ନବବର୍ଷ
ନରବରେ କଛି ନ ଜଣାଇ

ହସିହସି ସପନ ବିଛାଇ
ଏମିତି ବେଳାରେ
ଫେସବୁକ ହ୍ୱାଟସପ ଆଦି
ହୁଅନ୍ତି ସକ୍ରିୟ
ଶୁଭେଚ୍ଛାପତ୍ରଙ୍କ ଭିଡ଼
ଶୁଭେଚ୍ଛୁଙ୍କ ଜମିଯାଏ ମେଳ
ଭେଜିଭ୍ରତ ଗୀତନାଚ
ଭ୍ରମଣର ଭବ୍ୟ ଆୟୋଜନ
ବେଶ୍ ଉପଭୋଗ୍ୟ ହୁଏ
ନବବର୍ଷ ଆଦ୍ୟଦିନ
ମୁହୂର୍ତ୍ତ ମୁହୂର୍ତ୍ତର ସେ
ମଧୁମୟ ପ୍ରତି ସ୍ମୃତିଚିହ୍ନ ।।

ଅଳକାପୁରୀର ଯକ୍ଷିଣୀ ପରି
ସଭିଏଁ ତ ନିତିପ୍ରତି ଗଣୁଥିଲେ ଦିନ
କେବେ ଆସିବ ସେ ଶୁଭଦିନ
ଆନନ୍ଦରେ ଭରିବ ଜୀବନ ।।
କେଉଁ ଯାଦୁଗରର
କୁହୁକ କମିଆ କେଜାଣି
ଅହର୍ନିଶ ଉଛୁଳୁଥାଏ ମନ
ମର୍କଟର ରତ୍ନମାଳା ପରି
ରଜା ପ୍ରଜା ଆବାଳବୃଦ୍ଧବନିତା
ସଭିଙ୍କର ଏତେ ମୋହ/ଏତେ ଲୋଭ
ଏତେ ଆକର୍ଷଣ!!
ସୁଖ-ସ୍ୱପ୍ନ- ସମ୍ଭାବନା
ଆଶା -ଆକାଂକ୍ଷା- ଉଦ୍ଦୀପନା
ସରହଦ ଡେଇଁ

ସଭିଙ୍କ ଶୁଭ ମନାସି
ଗୋଟେ ବିଶ୍ୱେରପଣରେ
ଉବୁଟୁବୁ ହେଉଥାଏ ମନ
ସୁପରୀକ୍ଷିତ ସିଦ୍ଧବାକ୍ୟ ପରି
ସତ ଲାଗୁଥାଏ ବି ସବୁତକ ସ୍ୱପ୍ନ
ତନୁମନରେ ନୂତନ ଉର୍ଜା
କର୍ମପ୍ରବଣତାର
ହସ ଖୁସିରେ ଉଲ୍ଲସିତ
ସାର୍‌ା ସଂସାର ।।

ନ ଥାଏ ସୁବର୍ଣ୍ଣ କଙ୍କଣର ଲୋଭ
କି କଲିଜା ଖାଇବାର କପଟ ଅଭୀପ୍ସା
ନ ଥାଏ ଅବସୋସ କି ଅବସାଦ
ନ ଥାଏ ଦୁଃଖ କି ଦୀର୍ଘଶ୍ୱାସ
ଖାଲି ଯାହା ମହକୁଥାଏ ମନ
ମଜୁଥାଏ ଆପଣା ଖୁସିରେ
ବାଣ୍ଟୁଥାଏ ସ୍ନେହ ପ୍ରେମ
ନିଃସର୍ତ୍ତରେ ସଭିଙ୍କ ହାତରେ
ଅନିର୍ବଚନୀୟ କେଉଁ ଏକ
ସୁଖ ଅନ୍ୱେଷାରେ
ଅବା ନିର୍ବାଣ ମୋହରେ ।।

ଆଜିମାବାଦ, ବାଲେଶ୍ୱର, ଓଡିଶା

# ସମ୍ମାନରେ ଜୀଇବାକୁ



ଭାସ୍କର ଚନ୍ଦ୍ର ଖଣ୍ଡା

ଜୀବନ ଆଉ ମୃତ୍ୟୁର
କରେ ଯଦି ହିସାବ ନିକାସ
ସମ୍ଭବକି କରିବାକୁ ଆକଳନ
କେଥାଏ କ୍ଷଣସ୍ଥାୟୀ
କେ ପୁଣି ଥାଏ ଦୀର୍ଘଜୀବି ।୧।

ପଛେ ହେଉ କ୍ଷଣସ୍ଥାୟୀ
ନ ହରାଉ କେବେ ତା'ର
ଆତ୍ମ ସନମାନ
ଗୃହେଁନା ସେ କରିବାକୁ
ସ୍ୱର୍ଗରେ ଦାସତ୍ୱ
ଦେବ ନାହିଁ ପଛଘୁଞ୍ଚା
କରିବାକୁ ହୁଏ ଯଦି ନରକେ ରାଜତ୍ୱ ।୨।

ଆବଶ୍ୟକତା ସ୍ୱାଭିମାନର
ଜରୁରୀ ସମାଜର
ଗୋଟେ ଜାତିର
ନଥାଏ ଯଦି ସ୍ୱାଭିମାନ
କି ମୂଲ୍ୟ ବଂଚିବା ତହିଁରେ ।୩।

ନ ଝୁକୁ କାହାରି ମଥା
ଅସମ୍ମାନେ
ନ ଶୁଣୁ ସେ ଗୃଟୁକାର ଭାଷା
ରହିଛି ଛପି ଯେଉଁଠି ସ୍ୱାର୍ଥର ଲାଳସା
ରଖୁ ନିଜକୁ ଦୂରେଇ
ତାଠାରୁ କୋଷ ଦୂରରେ ।୪।

ଜୀଇବାକୁ ହୁଏ ଯଦି ତାକୁ
ସ ସମ୍ମାନେ
ନ କରୁ ହାତ ଛଡା କେବେ ସ୍ୱାଭିମାନ
ପଡୁ ପଛେ କରିବାକୁ ତ୍ୟାଗ
ଯାଉ ପଛେ ଗୃଲି ତା ଜୀବନ
ଜୀଇବ ସେ ସନମାନେ
ରଖି ନିଜ ସ୍ୱାଭିମାନ ।୫।

ଆଲ୍ଲାହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ବଢ଼ାଇ ଦିଅ ମା'ହାତ



ଶାନ୍ତିଲତା ମିଶ୍ର

କ୍ରମାଗତେ ନଶଦ୍ଦରେ ବରଷି ଗ୍ଭଲିଛି କାଲିଠୁ ଅଧୀର୍ ବର୍ଷା ।
ଆସିବେ ମା' ବୁଲିବା ପାଇଁ ଧର୍‌ଧାମକୁ ଦେଇ ଯାଉଅଛି ବାର୍ତା ॥
ହସ ଲୁହ, ସୁଖ ଦୁଃଖକୁ ଏକାକାର କରି ବିଶ୍ୱାସରେ ବସିଅଛି ।
ସମସ୍ତଙ୍କ ପରି, କାମନା ପାନ୍ର ମୋ ପୂର୍ଣ୍ଣ କରିବେ, ଅପେକ୍ଷାରେ ରହିଅଛି ॥
ଏ ତ ନଥିଲ୍ ବରଷା ଖାଲି, ଥିଲ୍ ମୋ ପାଇଁ ମୋର ଲୁହ ଧାର ।
ଶୁଖେଇ ପାରିବ ଯଦି, ଶୁଖେଇ ଦିଅ ଆସି ମା' ମୋର ॥
କେତେ ଥର ଆସି ଫେରିଲଣି, ତୁମେ ଏଇ ଧର୍‌ଧାମ ।
ଆଖିରେ ତୁମର କେବେ ପଡୁ ନାହିଁ, ମୋ ପରି ଜଣେ ଅଧମ ॥
ଜୀବନର ପ୍ରତି ପଦକ୍ଷେପେ, ନର୍ଦ୍ଦେଶ ମାନଛି ଏଯାଏ ତୁମର ମୁହିଁ ।
ସର୍ବଦା ଆଜ୍ଞାକୁ ଶିରେ୍‌ଧାର୍ଯ୍ୟ କରିଛି, ଅବଜ୍ଞା କେବେ କରି ତ ନାହିଁ ॥
ଯେତେବେଳେ କହିଲ କାନ୍ଦିବା ପାଇଁ, ସେତେବେଳେ କାନ୍ଦିଲି ମୁହିଁ ।
ବହୁତ ହୋଇ ଗଲ୍, ଏବେ ବଢ଼େଇ ଦିଅ ହାତ ମା' ଲୁହ ପୋଛିଦେବା ପାଇଁ ॥
କାହିଁକି ଭଲ ଲ୍‌ଗୁଛି, ମୋ ଆଖିରେ ଦେଖିବା ପାଇଁ, ତୁମକୁ ଲୁହ ।
ଆନନ୍ଦ ଉପଭୋ୍‌ଗ କରିବାକୁ କଣ ସଂସାରେ, ଆଉ କଛି ପାଉ ନାହଁ ॥
ଗଢ଼ି ଦିଅ କଛି ଅନ୍ୟନ୍ୟା ଅପୂର୍ବ, ଏଇ ତୁମ ସଂସାରର ମାଟିରେ ।
ଯାହା ତୁମକୁ ଆନନ୍ଦେ ପ୍ଲାବିତ କରିବ, ଲୁହକୁ ଛାଡିଦେଲ୍ ପରେ ॥
ଗଢ଼ିବା, ଭା୍‌ଙ୍ଗିବା ତୁମ ହାତେ ସତ, ଗଢ଼ିଗ୍ଭଲ କନ୍ତୁ କଛି ଭା୍‌ଙ୍ଗ ନାହିଁ ।
ଭଲଲ୍‌ଗେ ତୁମ ହାତ ଗଢ଼ା ସବୁକଛି, ଦେଖିବାକୁ ସଦା ଲୋ୍‌ଭ ଲ୍‌ଗଇ ॥
ଧୂସର ମରୁ ଠାରୁ ଆରମ୍ଭ କରି, ଫଗୁଣର ରକ୍ତିମ ଗୋଧୂଳ ଯାଏ ।
ମମତାମୟୀ ମା'ଗୋ, ସବୁଠି ତୁମର ଅସ୍ତିତ୍ୱ କେବଳ ଦର୍ଶାଇ ଦିଏ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ମା'ମାନଙ୍କୁ ସବୁ କଥା ଜଣା



ଶଶଧର ମହାପାତ୍ର

ମଣିଷ ଜୀବନରେ ଅନେକ ଘଟଣା ଓ ଦୁର୍ଘଟଣା ଘଟିଥାଏ । ସେଥିରୁ କେତୋଟି ଘଟଣା ମନ ଭିତରେ ସବୁବେଳେ ଜୀବିତ ଥାଏ । ଦିନକର ଘଟଣା । ଏ' ମୋ' ପିଲାବେଳର କଥା। ମୁଁ ସେତେବେଳେ ହାଇସ୍କୁଲରେ, ନବମ ଶ୍ରେଣୀରେ ପଢୁଥାଏ । ଆମ ଗାଁ ନିକଟରେ ଆମ ଗାଁରୁ ପ୍ରାୟ ପାଖାପାଖି ମାଇଲିଏ ଦୂରରେ "ମଳକ' ସାହି । ଆମ ପିଲାବେଳେ ତାକୁ "ଗୋଖା ସାହି' କହୁଥିଲେ କାରଣ "ଗୋଖା'ମାନେ ସେ' ଗାଁରେ ବେଶୀ ରହୁଥିଲେ । ଜାଲ ବିଛେଇବା, ମାଛ ଧରିବା ଓ ବିକବା ସେମାନଙ୍କର ବେଉଷା । ଜାଲ, ହେଁସ, ମଶିଣା ବୁଣିବା ତାଙ୍କ କାମ । ତାକୁ ବିକାବିକି କରି ସେଥିରୁ ଅଳ୍ପ କିଛି ରୋଜଗାର କରନ୍ତି । ସେ' ସାହିରୁ ଅଧିକାଂଶ ଲୋକ ଆମର ଚହ୍ନା, ଜଣା । ଆମ ଜମିରେ, "ନାଗାବନ୍ଧ'ରେ ବର୍ଷାଦିନେ ୨୪ ଘଣ୍ଟା ଜାଲ ବିଛେଇ ମାଛ ସବୁଦିନ ଧରିଥାନ୍ତି । ସେମାନେ ଆମର ଓ ଆମ ଦାଦାଙ୍କର ବାଡିରେ ଥିବା ପୋଖରୀ ମଧ୍ୟ ଲିଜ୍ ନେଇଥାନ୍ତି । ପୋଖରୀ ଶୁଖେଇ ମାଛ ଧରନ୍ତି, ସେ' ଥିଲା ତାଙ୍କର କାମ । ସେତେବେଳେ ପୋଖରୀ ଯନ୍ତରେ ବୋହି ଶୁଖାଉଥିଲେ । ଆଜିକାଲି ଭଳି ଇଲେକ୍ଟ୍ରିକମୋଟର ସେତେବେଳେ ନଥିଲା । ଯନ୍ତରେ ଶୁଖାଇବାକୁ ସପ୍ତାହେ କି ବେଶୀ ଲାଗିଯାଏ । ପାଳକରି ଏକ ସମୟରେ ଦୁଇଟି ଯନ୍ତରେ ଦିନରାତି ପାଣି ବୋହୁଥାନ୍ତି । ବିଲରେ ପଲାକରି ରୁହନ୍ତି । ଛଣ, ବାଉଁସ ବତାରେ ତମ୍ବୁଭଳି କରି ଥାଆନ୍ତି ଓ ତାକୁ "ପଲା' ସେମାନେ କହନ୍ତି । ତା' ଭିତରେ ହେଂସ, ହେଂସ ଉପରେ କନ୍ଥା ପାରି ବିଛଣା କରନ୍ତି ଓ କମ୍ବଳ ଘୋଡେଇ ହେଇ ଶୁଅନ୍ତି । ରୋଷେଇ ବାସ ନିଜେ କରି ଖାଆନ୍ତି । ମୋର ଯାହା ମନେ ପଡୁଛି ସେମାନଙ୍କ ନାଁ ଥି "କାହ୍ନୁ ମଳକ' ଡାକ ନାଁ "କାହ୍ନୁଆ', "ନବଘନ ମଳକ' ଡାକନାଁ "ନବଘନଆ', "ବଲ୍ଲଭ ମଳକ' ଡାକନାଁ "ବଲ୍ଲଭି', "ଗଦାଧର ମଳକ', ଡାକନାଁ "ଗଦା', "ଗଦା' ଭାଇ "ସଦାନନ୍ଦ ମଳକ' ଡାକ ନାଁ "ସଦା' ।

ମୋ' ପିଲାବେଳେ ବିଭିନ୍ନ ପ୍ରକାରର ମାଛ ଓ ପ୍ରଚୁର ପରିମାଣରେ ମିଳୁଥିଲା । ପ୍ରାୟ ସବୁଦିନେ ସେତେବେଳେ ଆମ ଘରେ ମାଛ ତରକାରୀ ହେଉଥିଲା । ଏକ ପ୍ରକାର ଆଇଁସିଆ ପାଟି ହେଇଯାଇଥିଲା । ମୁଁ ସ୍କୁଲରୁ ଆସି ଶୀଘ୍ର ଦିଟା ଖାଇଦେଇ ଯାଏ ଦେଖିବାକୁ କେମିତି ସେମାନେ ପାଣି ବୋହୁଛନ୍ତି । ସେମାନଙ୍କ ସହ ଭଲ, ମନ୍ଦ, ଦୁଃଖ, ସୁଖ କଥାବାର୍ତ୍ତା ହୁଏ । କେତେ ଅଜବ କାହାଣୀ ସେମାନଙ୍କଠୁ ଶୁଣେ । କେତେ ସତ, କେତେ ମିଛଭଳ ଲାଗୁଥିଲା । କିନ୍ତୁ, ମଜାଳଆ ଥିଲା ମୋ'ପାଇଁ କେମିତି ଲାଉରେ ବାଳଆ ମାଛ ପକେଇ ସୁସ୍ୱାଦୁ ତରକାରୀ ରାନ୍ଧି ସେମାନେ ଖାଆନ୍ତି । ମୋତେ ଏ' କଥା ଶୁଣିଲେ କେମିତି କେମିତି ଲାଗେ । ମୋତେ କହନ୍ତି- "ସାଆନ୍ତେ ତୁମେ ଖାଇଛ ?' ମୁଁ ସେ'କଥା ଶୁଣି ଟିକଏ ହସିଦିଏ । ସିଏ ବୁଝି ଯାଆନ୍ତି ମୋ' ମନକଥା । ଗଦା କହେ "ସାଆନ୍ତେ, ତମେ ଥରେ ଖାଇ ଦେଖ ତାପରେ ତା' ମଜା ଜାଣିବ" । ମୁଁ ବୋଉକୁ ଯାଇ କହେ । ବୋଉଲେ ! ଲାଉରେ ବାଳଆ ମାଛ ପକେଇ ଥରେ ରାନ୍ଧ । ସେ' ଶୁଣିକି ନଶୁଣିଲା ଭଳି ହସି ଦେଇ ଚାଲିଯାଏ । ଏହା ଭିତରେ ଅନେକ ବର୍ଷ ବିତି ଗଲାଣି । ସେ' ମହାମାନ୍ୟ ମାନେ ମରି ହଜି ଗଲେଣି । ମୋ'ର ଆମେରିକା ଆସିବାର ୩୬ ବର୍ଷ ହେଇଗଲାଣି । ଚାହୁଁ ଚାହୁଁ ମୋତେ ପଞ୍ଚଷଠି ବର୍ଷ ଟପିଗଲାଣି, ଏଯାଏ ସେ' ଲାଉ-ବାଳଆ ମାଛ ତରକାରୀ ଖିଆ ମଜା ଜାଣି ପାରିଲି ନାହିଁ । ମନରେ ଟିକଏ ଅବଶୋଷ ରହିଗଲା । ଏବେ ଦଶ ବର୍ଷ ହେଲାଣି ଆଇଁସ ଖିଆ ନାହିଁ । ତେଣୁ ଆଉ ବାକି ଥିବା ଜୀବନରେ ସେ' ସୁଯୋଗ କେବେ ମିଳିବାର ନାହିଁ । ଏବେ ସେ' ପିଲାବେଳ କଥା ମନେ ପଡିଲେ ବିଚିତ୍ର ଅନୁଭବ ମନରେ ଆସେ । ବାସ୍ତବରେ କେତେ ଗରିବ ନଥିଲେ ସେମାନେ ! କିନ୍ତୁ, ବେଶ୍ ମଜାଦାର ଥିଲେ! ଏତେ ଦୁଃଖ, କଷ୍ଟ, ଅଭାବ, ଅନାଟନ ଭିତରେ ଗତି କରୁଥିଲେ ମଧ୍ୟ ଟିକଏ ଖୁସି ହେବାର ବାତାବରଣ ସୃଷ୍ଟି କରିବାକୁ ପଛୋଉନଥିଲେ ସମୟ ଓ ସୁଯୋଗ ମିଳିଲେ । ଏ' ମଣିଷ ଜୀବନ ସତରେ କ'ଣ, ସେହିମାନେ ମୋତେ ଶିଖେଇଛନ୍ତି । ସେମାନଙ୍କଠୁଁ ବହୁତ ଶିଖିଛି, ଜାଣିଛି, ପାଇଛି, କିନ୍ତୁ, ପ୍ରତିବଦଳରେ ସେମାନଙ୍କୁ କିଛି ଦେଇପାରି ନାହିଁ, ସେମାନଙ୍କ ଦୁଃଖରେ କେବେ "ଆହା' ପଦେ କହିପାରି ନାହିଁ । ଆଜି ସେମାନଙ୍କ ପିଲାମାନେ ଅକସ୍ମାତ କେବେ ରାସ୍ତାରେ ଦେଖା ହେଇଗଲେ ଚହ୍ନା ଦିଅନ୍ତି । ମୁଁ ସେମାନଙ୍କ ସହ ଦି'ପଦ ଦୁଃଖ ସୁଖ କଥା ହେବାକୁ କେବେ କୁଣ୍ଠାବୋଧ କରେନ ।

ସେ' ସମୟରେ ବର୍ଷାଦିନେ ବିଲ, ବାଡି, ପୋଖରୀ ସବୁଆଡେ ପାଣି ହେଇଯାଏ । ଧାନ ବିଲ ସବୁ ବୁଡିଯାଏ । ଆମ ଗାଁ ପାଖରେ କଛି ବଡ କ ଛୋଟ ନଈ ନାହିଁ । ଖରସୁଆ ଓ ବୈତରଣୀ ଆମ ଗାଁ'ଠୁ ଆଠ କ ଦଶ ମାଇଲ୍ ହେବ । ନଈ ବଢି ଏବେ ଆମ ଆଡେ ପ୍ରାୟ ହୁଏନାହିଁ ଓ ଆମେ ହେବାର ଦେଖିନାହୁଁ । କନ୍ତୁ, ତଳୁଆ, ଖାଲ, ଧୋଇଆ ଅଞ୍ଚଳ ନହେଲେବି ତଥାପି ବର୍ଷା ଦିନେ ଅତ୍ୟଧିକ ବର୍ଷା ଯୋଗୁ ବିଲ ବାଡି ବର୍ଷା ପାଣିରେ ଛଇଳା ଦେଖାଯାଏ । ପାଣି ଶୀଘ୍ର ନିଷ୍କାସନ ହେଇ ନପାରିଲେ ଧାନ ପାଣିରେ ଏତେ ଦିନ ବୁଡି ରହିବା ଦ୍ୱାର ଧାନ ନଷ୍ଟ ବହୁତ ହେଇଯାଏ । ବିଲରେ ଧାନ ଧୋଇଗଲେ ଲୋକମାନେ ବହୁତ ଅଭାବ, ଦୁଃଖ, କଷ୍ଟରେ ରହନ୍ତି । ମୋ' ପିଲାବେଳେ ଗରିବମାନଙ୍କ ସଂଖ୍ୟା ମାତ୍ରାଧିକ ଥିଲା । ସେତେବେଳେ ଦିନରେ ତିନି ଓଳି ଯାହା ଘରେ ଖାଇବାକୁ ମିଳୁଥିଲା ସେ' ବଡ ଘରରେ ଗଣା ହେଉଥିଲା । ସବୁ ଗାଁରେ ପ୍ରାୟ ସମସ୍ତଙ୍କର ଗୁଳ, ମାଟି ଘର । ଆମ ପାଖ ଗାଁରେ ଜଣଙ୍କର ଟିଣ ଛପର ଘରଟିଏ ଥିଲା । ପିଲାବେଳେ ମୁଁ ଭାବୁଥିଲି ନିଶ୍ଚୟ ତାଙ୍କର ବହୁତ ବଡ ଲୋକ ହୋଇଥିବେ ! କ୍ୱଚିତ ଲୋକଙ୍କର କୋଠାଘର ଥିଲା । ଯାହାର କୋଠା ଘର ଥିଲା, ତାଙ୍କ କଥା ଛାଡ । ଆଜି ଗାଁ ସାରା ସମସ୍ତଙ୍କର କୋଠା ଘର ।

ମୋ' ପିଲାବେଳେ ରାଜ୍ୟରେ ଭିକାରିମାନଙ୍କ ସଂଖ୍ୟା ବହୁତ ଥିଲା । ଗାଁ ଗହଳରେ ସେମାନଙ୍କୁ ସବୁଦିନେ ଦେଖିବାକୁ ମିଳୁଥିଲା । ଉପାସ ଭୋକରେ ପେଟ ପୋଡିଗଲା ବେଳେ ଲୋକେ ଅନ୍ୟ ଉପାୟ ନପାଇ ଗାଁ,ଗାଁ ବୁଲି ବାର ଦୁଆର ହେଇ ଭିକ କ ଦି'ମୁଠା ଭାତ ଖାଇବାକୁ ମାଗୁଥିଲେ । ସେ' କଥା ଭାବିଲେ ଆଜିବି ମୋ' ଲୋମମୂଳ ଥରି ଉଠେ, ଆଖିରେ ଲୁହ ଆସେ । ଲୋକେ ପଖାଳ ସାଙ୍ଗରେ ପିଆଜ, ଲଙ୍କା, ଲୁଣ ଲଗେଇ ଖାଇବାର ମୁଁ କେବଳ ଶୁଣିନାହିଁ, ମୋ' ନିଜ ଆଖିରେ ଦେଖିଛି ମଧ । ଛୋଟ ପିଲାଙ୍କଠୁ ଆରମ୍ଭ କରି, ବୟସ୍କ ସ୍ତ୍ରୀ ଓ ପୁରୁଷମାନେ ଭିକାରି ଥିଲେ ଓ ପ୍ରତିଦିନ ଆମ ଗାଁ'କୁ ଭିକ ମାଗି ଆସୁଥିଲେ ।

ଝିଅଟିଏ । ନିହାତି ଗରିବ । ମୁଣ୍ଡର ନୁଖୁରା ବାଳ, ବାଳ ଫରଫର । ବେଶବାସ ଦେଖିଲେ ସବୁ ଜାଣି ହେଇଯିବ । ମୋ' ଦେଖିବାରେ ଆମ ଘରକୁ ୫/୬ ବର୍ଷ ବୟସରୁ ୧୦/୧୨ ବର୍ଷ ପର୍ଯ୍ୟନ୍ତ ଭିକମାଗି ଆସିବାର । ପରେ ମୁଁ ଜାଣିଲି ଯେ ସେ' ଝିଅଟି ଘର ହେଉଛି "ମଳକ' ସାହିରେ । ବାରମ୍ବାର ସବୁଦିନ ତାକୁ ଆମ ପିଣ୍ଡାରେ ଭିକମାଗିବାର

ଦେଖି ଦିନେ ମୁଁ ତାକୁ ଗୋଡେଇଲି । ମୁଁ କହିଲି - ତୁ ଆଉ କା' ଘରକୁ ଯାଆ । ଆଜି ଆମ ଘରୁ କଛି ମିଳବନ । ଆମ ସାମ୍ନା ଘରୁ ମୋ'ର ଜଣେ ଦାଦା, ଯିଏକ ମୋଠୁଁ ବୟସରେ ବେଶ୍ ସାନ ହେବେ ସେ' ତାଙ୍କ ଘରୁ ବାହାରି ଆସିଲେ ମୋ' ପାଟି ଶୁଣି ଓ କହିଲେ ମୋତେ - ଏ' ଝିଅ ତୁମ ବିଲରୁ ଦି' ଦିନ ତଳେ ଧାନ ବିଡା ଚୋରି କରିବାର ମୁଁ ଦେଖିଛି । ସେ' ଝିଅ ନାଁ, ନାଁ କରୁଥାଏ । ମୋ' ଦାଦା ହଁ, ହଁ ତୁ ଚୋରି କରୁଥିଲୁ ମୁଁ ନଜେ ଦେଖିଛି ବୋଲି କହୁଥାଏ, ରାଣ, ନୟମ ପକୋଉଥାଏ । ଏ' କଥା ଶୁଣି ମୋ'ର ରାଗ ଟିକେ ଆହୁରି ବଢି ଚାରିଗୁଣ ହେଇଗଲା । ମୁଁ ଏତେ ରାଗି ଯାଇଥିଲି ଯେ ତା' ହାତ ଧରି ଟାଣିଲି ଆମ ଦୁଆର ମୁହଁରୁ ରାସ୍ତାକୁ ନେଇଯିବାକୁ କନ୍ତୁ, ସେ' ନଯିବାକୁ ଚେଷ୍ଟା କରୁଥାଏ । ମା' ମା' ଡାକ କାନ୍ଦୁଥାଏ । ବୋଉ ବୋଧହୁଏ ଘର ଭିତରେ ଥିଲା । ମୁଁ କାହା ଉପରେ ରାଗି ପାଟି କରୁଛି ଶୁଣି ଆସି ପହଞ୍ଚିଗଲା । ବୋଉ ଏସବୁ ଦେଖି ମୋ' ଉପରେ ପାଟିକଲା, ସେ' ଝିଅଟିର ହାତଟିକୁ ଛାଡି ଦେବାକୁ କହିଲା । ମୁଁ ରାଗରେ କହୁଥାଏ ମୁଁ ଦେଖିବି କେମିତି ସେ' ଆମ ଘରୁ ଆଜି ଖାଇବ । ମୋ' ହାତ ଧରି ଟାଣିଟାଣି ଘରକୁ ମୋତେ ନେଇଗଲା ବୋଉ । କହିଲା - "ସେ' ଅନାଥ ପିଲାଟିଏ । ତା' ର ବାପା-ମା' କେହି ନାହାଁନ୍ତି । ତୁ କାହିଁକ ତା' ହାତଧରି ଟାଣୁଥିଲୁ ? ତୋ'ର ଟିକଏ ହେଲେ ଲାଜ ସରମ ନାହିଁ, ଦୟା ମାୟା ନାହିଁ ?" ମୁଁ ବୋଉକୁ କହିଲି - ତୁ କେମିତି ଜାଣିଲୁ ତା'ର ବାପା-ମା' ନାହାଁନ୍ତି ବୋଲି ? ବୋଉ କହିଲା- "ମୁଁ ନଜେ ପରା ମା'ଟିଏ । ମୁଁ ଜାଣି ପାରିବିନ ଆଉ ତୁ କ'ଣ ମୋ'ଠୁ ବେଶୀ ଜାଣିଛୁ ନା ଜାଣିବୁ ?" ବୋଉ ମୋ' ଉପରେ ରାଗିଗଲା ଓ କହିଲା - "ମୁଁ ଯେତେ ଦିନ ଏ' ଘରେ ଅଛି ଓ ଜୀବିତ ଅଛି ସେତେ ଦିନ ପର୍ଯ୍ୟନ୍ତ ମୁଁ କାହାକୁ ମୋ' ପେଟରୁ କାଟି ଯଦି କାହାକୁ ଦି'ମୁଠା ଖାଇବାକୁ ଦିଏ, ତେବେ ତୁମମାନଙ୍କର ସେଥିରେ କଛି ଆପତ୍ତି ଅଛିକ ? ତୁମେମାନେ କେହି କେବେ ସେତେବେଳେ ମୋତେ ବାଧା ଦେବନ । ଏ' ହେଉଛି ମୋ'ର ନଷ୍ପତ୍ତି । ଏ' ଘରୁ କେହି ଭିକାରି ଖାଲି ହାତରେ କେବେ ଫେରିବେନ । ସେମାନେ ଜାଣିଛନ୍ତି ଆଉ କେଉଁ ଘରୁ ଏ' ଗାଁ'ରୁ ମିଳୁ ତ ନମିଳୁ, ଏ ଘରୁ ମିଳବ । ସେ' ଭରଷା କରି ସେମାନେ ଆସୁଛନ୍ତି । ମୁଁ କେମିତି ଶୂନ୍ୟ ଥାଳରେ ସେମାନଙ୍କୁ ବିଦା କରିଦେବି ? ସେମାନଙ୍କ ନଶ୍ୱାସ ତ ମୋ' ଉପରେ, ମୋ' ପିଲାଛୁଆ ଓ ପରିବାରଙ୍କ ଉପରେ ପଡିବ । ଈଶ୍ୱର ବି ମୋତେ କ୍ଷମା ଦେବେନ । ସେମାନଙ୍କୁ ଖାଇବାକୁ ଦେଲେ ଈଶ୍ୱର ମୋ' ପିଲାଙ୍କୁ କେବେ ଉପାସ ଭୋକରେ ରଖିବେନ । ଏ' ବିଶ୍ୱାସ ମୋ'ର ଅଛି । ତୁମେ ଯେବେ ନଜେ ଘରଦ୍ୱାର କରିବ, ତୁମ ନଜ ଘରେ କେଉଁ

ଗରିବ ଓ ଅଭାବୀ ମଣିଷକୁ ଦି'ମୁଠା ଖାଇବାକୁ ଦେବ କି ନାହିଁ ସେ' ହେଉଛି ତୁମମାନଙ୍କର ଇଚ୍ଛା । ମୁଁ ସେତେବେଳେ ବଞ୍ଚିଥିଲେ ତୁମମାନଙ୍କୁ କେବେବି ବାଧା ଦେବିନି, ତୁମ କଥାରେ ଯୁକ୍ତି କରିବିନି କି ତୁମ କଥାରେ କଥା କହିବିନି" । ଏ' କଥା ଶୁଣି ସେଦିନ ମୋ' ଅନ୍ତର ତରଳି ଯାଇଥିଲା । କିନ୍ତୁ, ବାହାରକୁ ମୁଁ ତାଉ ଖାଇ ବୋଉ ଉପରେ ରାଗୁଥାଏ। ମୁଁ ସେଦିନ କହିଥିଲି - ବୋଉ ! ଦେଖିଲୁଣି ତୁ ନିଜକୁ ! ଦେଖ ! ତୋ' ନିଜ ଚେହେରା କ'ଣ ହେଲାଣି ? ତୁ ନିଜପାଇଁ କିଛି ତରକାରୀ ନରଖି ସବୁ କେମିତି ଦେଇ ଦେଉଛୁ ? ଖଟା, ଗୁଡ ଲଗେଇ ନିଜେ ଖାଉଛୁ ? ଏ' କି ବଦାନ୍ୟତା ? ବୋଉ ସେଦିନ କିଛି ନ କହି ଚୂପ୍ ହେଇଯାଇଥିଲା । ଏ' କଥା ସତ କି ମିଛ, ଗଦା ଓ ସଦାଙ୍କୁ କିଛି ଦିନ ପରେ ପଚାରି ବୁଝିଲି ଯେ ସେ' ଝିଅଟି ବାସ୍ତବରେ ବାପ-ମା' ଛେଉଣ୍ଡ । ବୋଉ କେମିତି ସେ' ଖବର କାହାଠୁଁ ପାଇଥିଲା କେଜାଣି ? ବୋଧହୁଏ ମା'ମାନଙ୍କୁ ସବୁକଥା ଜଣା ।

ହାଇସ୍କୁଲ ପାଠ ସାରି ମୁଁ କଲେଜରେ ପାଠ ପଢିଲି, ୟୁନିଭରସିଟିରେ ପଢିଲି, ଚାକରି କରି ଓ ବାହାରେ ଯାଇ ରହିଲି, ତେଣୁ, ମୁଁ ସେ' ଝିଅଟିକୁ ଆଉ ଦେଖିବାର ସୁଯୋଗ ମିଳିଲାନି । ବୋଉ ଅନେକ ଦିନ ହେଲା ସଂସାର ଛାଡି ଚାଲି ଗଲାଣି । ବୋଉ ଗୋଟିଏ ବଡ ଯୌଥ, ଅଭାବୀ ଘରରୁ ଆମ ଘରକୁ ଆସିଥିଲା ବୋହୂଟିଏ ହେଇ । ମୁଁ ଭାବୁଛି ତା' ପିଲାବେଳେ ସେ' ବୋଧହୁଏ ଅଭାବ କେତେ ଦେଖିଛି, ଭୋକ, ଉପାସରେ ରହିଛି, ପେଟ ପୋଡିଗଲେ କେମିତି ଲାଗେ ଅନୁଭବ କରିଛି । ସେଥିପାଇଁ ସେ' ବଞ୍ଚିଥିଲା ବେଳେ କେବଳ ସେ' ଗରୀବ ଭିକାରୀ ଝିଅଟି ପ୍ରତି ନୁହେଁ ଅନ୍ୟ ସମସ୍ତ ଭିକାରୀମାନଙ୍କ ପ୍ରତି ଅନୁକଂପା ଦେଖେଇ ଆସିଛି । ତା' ଭଳି ମା' କୋଳରୁ ଜନ୍ମ ନେବା ଏକ ସୌଭାଗ୍ୟ, କେଉଁ ପୂର୍ବ ଜନ୍ମର ଫଳ । ଆଜି ମୋତେ ପଞ୍ଚଷଠି ବର୍ଷ ଟପିଲାଣି । ମୋର ପୁଅ' ଝିଅ ଦୁଇଟି । ଆମେରିକାରେ ରହିବା ୩୬ ବର୍ଷ ହେଲାଣି । ଇଶ୍ୱରଙ୍କ କୃପାରୁ ମୋ' ପିଲାବେଳେ ଦେଖିଥିବା ଅଭାବ ଆମ ଅଞ୍ଚଳରେ ସେହି ସମୟରେ ନା ଆମେ ଏବେ ଏଠି ଦେଖୁଛୁ ନା ଆମ ପିଲାମାନେ କେବେ ଅଭାବ ଦେଖିଛନ୍ତି । ପିଲାମାନଙ୍କୁ ସେକଥା କହିଲେ ସେମାନେ କହନ୍ତି- "ସେ' ଥିଲା ତୁମର ଜୀବନ ସେତେବେଳେ । ଆମକୁ କହିଲେ କ'ଣ ଲାଭ ? ଫଳ କିଛି ହେବନି । ଆମର ଯାହା ଦରକାର ଆମକୁ ମିଳି ଯାଉଛି । ତୁମ ପିଲାବେଳେ ତୁମକୁ କ'ଣ ମିଳୁଥିଲା କ'ଣ ମିଳୁ ନଥିଲା ଆମର ଜାଣିବାରେ କିଛି ଆବଶ୍ୟକ ନାହିଁ " । ମୁଁ ଏକଦମ୍ ଚୁପ୍ ହେଇଯାଏ । ସତରେ, ଏମାନଙ୍କୁ କହିଲେ କି ଲାଭ ? ବରଂ ପଥରକୁ

କହିଲେ ପଥର ଏକଥା ଶୁଣିପାରେ, ପଥର ଦେହରୁ ଲୁହ କଛି ଝରିପାରେ ? ମୁଁ ବେଳେବେଳେ ଭାବେ ମୋ' ବାପା- ବୋଉ ଆଦୌ ପାଠଶାଠ ନପଢି ଏତେ ଜ୍ଞାନର ଅଧିକାରୀ ହେଇପାରିଥିଲେ କେମିତି ? କେମିତି ସେମାନେ ଜାଣିଥିଲେ ଯେ ଦିନେ ସେମାନେ କାହାକୁ ଅଭାବ, ଅସୁବିଧାରେ ସାହାଯ୍ୟ କରିଥିଲେ କ କେଉଁ ଭିକାରୀକୁ ମୁଠେ ଖାଇବାକୁ ଦେଇଥିଲେ ଦିନେ ନା ଦିନେ ଈଶ୍ୱର ସେମାନଙ୍କ ପିଲାମାନଙ୍କୁ ଉପାସ, ଭୋକରେ ରଖିବେ ନାହିଁ । ବରଂ ବହୁତ ସୁଖରେ ରଖିବେ । ଏ' କଣ କେବଳ ସମ୍ଭବ ସେମାନଙ୍କର ଈଶ୍ୱରଙ୍କ ପ୍ରତି ଥିବା ଅଗାଢ ବିଶ୍ୱାସ ଯୋଗୁ ? ନା ସତରେ ଈଶ୍ୱରଙ୍କର ଏଥିରେ କଛ ହାତ ଅଛି ? ଏ' ପ୍ରଶ୍ନର ଉତ୍ତର ମୋ' ପାଖରେ ନାହିଁ । ପାଠକମାନେ ବିଚାର କରନ୍ତୁ ।

( ଏ' ଏକ ବାସ୍ତବ ଘଟଣା ଉପରେ ଆଧାରିତ )

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଦୁଇଟି କବିତା



ଆଶୁତୋଷ ମେହେର

## ୧-।। ସୋରିଷ ଫୁଲର କ୍ଷେତ
## ଗାଏରେ ଶୀତର ଗୀତ ।।

ସକାଳ ସୂରୁଯ କଡ ଲେଉଟାଏ
ସୁନେଲି ମୁରୁଜ ବୁଣି
ପବନ ଲହର ଖେତେ ଲେଖିଦିଏ
ରଂଗର ଫୁଆର୍ ଛାଣି ।।
ଶୀତ ଆଗମନ ଫେଣ୍ଟି ହୋଇ ଯାଏ
କ୍ଷେତ ର ଶେଜରେ ହସ
କୋଣ ଅଣୁକୋଣେ ଫୁଲ ପାଖୁଡାରେ
ଶୀତୁଆ ସକାଳ ରସ ।।
ସେ ରସରେ ହସେ ସୁନେଲୀ ସୁନେଲୀ
ସୋରିଷ ହଳଦୀ ଓଠ
ଗୁଣୁ ଗୁଣୁ ଶୁଭେ ଶୀତ ର ଗୀତିକା
ଓଗାଳ ମନ ର ବାଟ ।।
କବିତା ରେ ଭରେ ଶୀତ ପ୍ରେମ ସୁର
ସୋରିଷ ଫୁଲ ର କ୍ଷେତ
ପର୍ଣ ପର୍ଣେ ପୁଲକ ଚମକେ
ଗାଏରେ ଶୀତ ର ଗୀତ ।।

## ୨-।। ମଣିଷ ମନ ର ଡେଣା ।।

ମଣିଷ ର ଆଖି ଧର୍ମ ମାଟି ଦେହେ
ସବୁଜିମା ଖୋଜି ବୁଲେ
ମନ ଘୁରି ନାଚେ ନୀଳ ଆକାଶରେ
ଶୁଭ୍ର ବଉଦ ର ତଳେ ।।
କଳ୍ପନା ଆକାଶେ ଉଡେ ମନ ଡେଣା
ନୀଳ ପର୍ବାର ଛୁଏଁ
ଶାଣୀତ ମନ ଯେ ଏକଇ ମୁହୁର୍ତ୍ତେ
ସୀମା ସରହଦ ଡିଏଁ ।।
ଇନ୍ଦ୍ରଧନୁ ହସେ ଜୀବନ ଆକାଶେ
ଡେଇଁ ଯାଇ ଦୁଃଖ ସୀମା
ପ୍ରେମ ହାରେ ସିନା ପ୍ରତାରଣା ପଥେ
ସ୍ୱପ୍ନେ ସେ'ତ ଅନୁପମା ।।
ଦେହ ଥକେ ସିନା ମନ ଡେଣା ନେଇ
ଘୁରି ବୁଲେ ଏଠି ସେଠି
ଦୁଇ ପାଦ ଥାପି ହସେ ଏ ମଣିଷ
ବିଶାଳ ଜଗ ତା' କୋଠି ।।

**ଆର୍ଯ୍ୟପଲ୍ଲୀ, କଟ ଛକ,**
**ପଟିଆ, ଭୁବନେଶ୍ୱର**

# କବିତା



ଡ. ଜ୍ଞାନେଶ୍ୱର ମିଶ୍ର

କବିତା ଅସୁମାରି
କାହିଁ କେଉଁ ଅନାଦି କାଳରୁ
ଭାବର ପ୍ରକାଶ ପାଇଁ
ଖୋଜିବା ମୋର ଶେଷନାହିଁ
ଯାହା ମିଳିଗଲେ ଆସେ ଶାନ୍ତି
ପ୍ରଶାନ୍ତ ଅତଳ ଗର୍ଭରୁ ଲୀନ ହେବ ସର୍ବ
ବିସ୍ମୃତି ହେଉ ସବୁ ଜ୍ଞାନ ଓ ବିଜ୍ଞତା
ଫେରିଯିବ ମନ ଦେବେ ଶାନ୍ତିର ବଳୟ
ଦୂର ହେବ ସବୁ ଚିନ୍ତା
ଫୁଟିଯିବ ଐକାନ୍ତିକ ଭାବ
ଏକାକାର ହେବ ସର୍ବଜ୍ଞା ଠାରେ
ଫେରିଯିବ ତୋର ମୋର
ଫରକର ସଂକୀର୍ଣ୍ଣତା
ବିସ୍ତାରିତ ଚିନ୍ତା ଓ ଚେତନା
ହଟିଯିବ ଦ୍ୱେଷ, କ୍ଳେଶ ଓ କ୍ଲୀବତା
ଭାବରେ ଭାବିତ / ବିମୋହିତ ହୋଇ
ରୋମାଞ୍ଚିତ ହେବ ତନୁମନ
ଖୋଜିବି, ମୁଁ ଚାଲିଛି
କେବେ ଶେଷ ହେବ
କବିତାର ଚିନ୍ତା....... ।

୪୯/୫/ଏଚ୍, କାର୍ଲ ମାର୍କ୍ସ ସରଣୀ,
ଖିଦିରପୁର, କୋଲକତା

# ଭକ୍ତିର ପ୍ରଦୀପ ଦେ ମାଆ ଜାଳ



ରାଜକିଶୋର ସାଇଁ

ବରଷକେ ଥରେ ଦୀପାବଳୀରେ
ଉଭା ହେଉ ମା ଲୋ କାଳୀ ରୂପରେ
ଭକ୍ତି ଗଙ୍ଗା ଜଳେ କରିଲେ ସ୍ନାନ
ସର୍ବ ବିଘ୍ନ ତୁହି କରୁ ଖଣ୍ଡନ ।୧।

ଅନନ୍ତ ଆକାଶ ସିନ୍ଧୁ ସଲିଳ
ଦୂରରୁ ଦିଶନ୍ତି ଏ ବେନି ନୀଳ
ନିରୀକ୍ଷଣ କଲେ ପାଖୁ ଏ ଦୁଇ
ଉଭୟେ ସେଭଳି ଦିଶନ୍ତି ନାହିଁ ।୨।

କରାଳ ରୂପରେ ତୁ ଦିଗମ୍ବରୀ
ଭାବକୁ କରୁଣା ସାଗର ବାରି
କଳି ନାଶ ପାଇଁ ତୁହିଁ ଶମନ
ରାହୁ ଗ୍ରାସ କରେ ଯେସନେ ଜହ୍ନ ।୩।

ରାମକୃଷ୍ଣ ନାମେ ମହାମନଷୀ
ତୋର ପାଦପଦ୍ମେ ଥିଲେ ଭରସି
ପ୍ରୀତ ହୋଇ ତାଙ୍କ ଭାବ ଭକ୍ତିରେ
ମାଆ ପରି ତୋଳନେଲୁ କୋଳରେ ।୪।

ନାନା ସ୍ଥାନେ ନାନା ରୂପରେ ବିଜେ
ପୂଜା ପାଉଛୁ ମା ଏ କଳଯୁଗେ
ତୋ କୃପା ବାରିର ପାଇ ପରଶ
ମଧୁମୟ ହୋଇ ଯାଉ ଏ ବିଶ୍ୱ ।୫ ।

ସକଳ ଶକ୍ତିର ଆଧାର ତୁହି
ତୋ ବିନୁ ମା ଗତି ମୁକତି କାହିଁ
କରୁଣା ତୋହର ହୋଇଲେ ଊଣା
ପାଏନାହିଁ କେହି ତାର ଠିକଣା ।୬ ।

ଭକ୍ତିର ପ୍ରଦୀପ ଦେ ମାଆ ଜାଳ
ସବୁରି ହୃଦୟେ ଏତିକ ଅଳ
ମାଆ ତୋ ଅଭୟ ଚରଣ ତଳେ
ସଞ୍ଜ ସକାଳେ ମୁଁ ପ୍ରଣତି ଢାଳେ ।୭ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ,
ନୂଆପଡା, ନୂଆବଜାର, କଟକ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଇଏ ନୁହେଁ ମୋର ସେ କବିତା



ନୂତନ କୁମାର ବେହେରା

ଇଏ ନୁହେଁ ମୋର ସେ କବିତା,
ଯିଏ ପଢି ପାରେ
ମୋ ହୃଦୟର ସବୁ ନୀରବତା ।
ସାଗ୍‌ରାତି ରଖି ମୋତେ
ଏକାନ୍ତରେ ଉଜାଗର,
ମୋର ଯେତେ ଆଶଙ୍କି
କରି ଦିଏ ଦୂର ।

ଇଏ ନୁହେଁ ମୋର ସେ କବିତା,
ଯିଏ ମୋର ପ୍ରତିଟି ସ୍ପନ୍ଦନର
ଏକ ଅକ୍ଷର ସତ୍ତା ।
ମୋ ହୃଦୟ ବୀଣାରେ ତୋଳେ ସେ
ସାତ ସ୍ୱରେ ମଧୁର ମୂର୍ଚ୍ଛନା,
ତା' ପାଇଁ ଭୁଲି ଯାଏ
ସଂସାରର ଅସାର ବେଦନା ।

ଇଏ ନୁହେଁ ମୋର ସେ କବିତା,

ଯିଏ ବୁଝି ପାରେ

ମୋ ମନର ବ୍ୟାକୁଳତା ।

ଯା ଗୁଲିର ଛନ୍ଦେ

ନାଚ ଯାଏ ସାତ ସମୁଦ୍ରର ଲହରୀ,

ଯା ହସର ମାଦକତାରେ

ଫୁଟା ଫୁଲ ଝରି ପଡେ ଅସୁମାରୀ ।

ଇଏ ନୁହେଁ ମୋର ସେ କବିତା,

ଯିଏ ଗାଇ ପାରେ

କାରୁଣ୍ୟତାର କଣ୍ଠରେ

ମୋ ସକଳ ଦୁଃଖର ବାରତା ।

ଜୀବନ ଯନ୍ତ୍ରଣାର ମୁହୂର୍ତ୍ତରେ

ଯା ଆଖିରୁ ବହି ଆସେ ଶ୍ରାବଣର ଧାରା,

ଯା'ପାଇଁ ମୋର ପ୍ରତିଟି ସ୍ୱପ୍ନ ଅଧୁରା ।

ଇଏ ନୁହେଁ ମୋର ସେ କବିତା,

ଯିଏ ମୋତେ ଆଣି ଦିଏ

ଫଗୁଣରେ ଲକ୍ଷେ ଫୁଲର ସୌନ୍ଦର୍ଯ୍ୟତା ।

ଯିଏ ପୁନେଇଁ ଜହ୍ନର ଚମକ ଖେଳାଇ

ପୁଲକ ଭରିଦିଏ ଅନୁରାଗେ,

ସିଏ ପୁଣି ଆଲୋକର ଜ୍ୟୋତି ସମ

ଅମା ଅନ୍ଧାରେ ପଥ ଦେଖାଇ

ନଏ ମୋତେ ପୁରତଭାଗେ ।

ଇଏ ନୁହେଁ ମୋର ସେ କବିତା,

ଯାହା ପାଇଁ ମୁଁ ଯୁଗ ଯୁଗରୁ ତେଜିଛି

ଭୋକ ଶୋଷ ନଦ୍ରାର ତୀବ୍ରତା ।

ରୂପସଜ୍ଜ୍ୟା ଗୁଣବତ୍ତାରେ

ଲାଗେ କବା ମୋର କବିତା କବିତା,

ଥାଇ ମଧୁର ସମ୍ପର୍କର ନବିଡତା

ଲାଗେ ନକଟ ନକଟ

ତଥାପି ତାର ମୋର ମଧ୍ୟରେ

ଅଛି ଦିଗବଳୟର ଦୂରତା,

ଇଏ ନୁହେଁ ମୋର ସେ କବିତା ।

କୋହି, ଗଡ଼ିଆ, ମୟୂରଭଞ୍ଜ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ରାଜାର ରାଣୀ



ବିନୟ ମହାପାତ୍ର

ଜୀବନଟା ସତେ ଆଇନାଟିଏ । ତାକୁ ଦେଖି ଟିକଏ ହସିଦେଲେ ସିଏ ବି ହସିଦିଏ, ବେଶି ନୁହେଁ କି କମ୍ ବି ନୁହେଁ, ନିଜେ ଯେତିକି ହସିଥିବ ଠିକ୍ ସେତିକି । ତୁମ ଲୁହ ଦେଖିଲେ ତା ଆଖିରୁ ବି ଲୁହ ଝରିଆସେ, କିନ୍ତୁ ସେ କେବେବି ଲୁହ ପୋଛିବାକୁ ହାତ ବଢାଇ ଦିଏନି, କି ସମବେଦନାରେ ପଦେହେଲେ କିଛି କହେନି । ସେଥିପାଇଁ ବୋଧହୁଏ, କାନ୍ଦିଲାବେଳେ କେହି ଆଇନା ଦେଖେନା । କାରଣ ଆଇନା କହେ, ଜୀବନରେ କାନ୍ଦିବା ମନା । କାନ୍ଦିଲ ଯଦି ତେବେ ନିଜ ଲୁହ ନିଜେ ପୋଛିବାକୁ ଶିଖ ! ଦୁନିଆରେ କେହି ଆସେନା କାହାର ଲୁହ ପୋଛିବାକୁ । ସତକଥା; ନିଜ ଲୁହ, ନିଜକୁ ତ ପୋଛିବାକୁ ପଡେ । ଆଉ ଯିଏବା ଆସେ ଲୁହ ପୋଛିବାକୁ, ସେ ଖାଲି ବାହାନାରେ ସମ୍ପର୍କ ଜତେଇ ହେବାକୁ ଆସେ । ସମ୍ପର୍କର ଦୁହାଇ ଦେଉ ଦେଉ କେତେବେଳେ ନିଜର ସ୍ୱାର୍ଥ ହାସଲ କରିନିଏ ଜାଣିହୁଏନି । ବଡ ସ୍ୱାର୍ଥପର ଏ ଦୁନିଆ । ଏଇଟାତ ସତକଥା, କିନ୍ତୁ ସବୁ ସମ୍ପର୍କ ଏକାପରି ନୁହେଁ ! କିଛି ସମ୍ପର୍କ ଏମିତି ବି ଥାଏ, ଯେଉଁଠି ପାଇବାର ଲୋଭ ନଥାଏ, ନା' ଥାଏ ସ୍ୱାର୍ଥ ନା' ଦେଖେଇ ହେବାର ଇଚ୍ଛା ଥାଏ । ସେ ସମ୍ପର୍କ ସବୁ ହୃଦୟର ଥାଏ, ଆତ୍ମାର ଥାଏ । ରକ୍ତର ସମ୍ପର୍କକୁ ପଛରେ ପକେଇଦିଏ । ସେଇ ସମ୍ପର୍କ ସତେବା ଆଇନାଟିଏ । ହସିଦେଲେ ସିଏବି ହସିଦିଏ, କିନ୍ତୁ ଲୁହ ଦେଖିଲେ ଲୁହ ତ ଗଡେଇ ଦିଏ, ପୁଣି ହାତ ବଢେଇ ଦିଏ ଲୁହ ଟୋପାକ ତଳେ ପଡିବା ଆଗରୁ ପୋଛିନେବାକୁ । କାନ୍ଧରେ ହାତ ପକାଇ ବୁଝେଇଦିଏ ଏଇ ଦୁନିଆର ଜଟିଳ ଗଣିତ ସବୁ । ଛାତିରେ ଆଉଜାଇ ନେଇ ଗୁପିଧରେ, ଉଠି ଆସୁଥିବା ଶେଷ କୋହକୁବି ସାଥିରେ ନେଇଯାଏ ।

ମାଆ, ବାପା, ଭାଇ, ଭଉଣୀ ନିଜର ପୁଅ, ଝିଅ, କି ନାତି, ନାତୁଣୀ ସବୁ ନିଜ ରକ୍ତର, ସତରେ କେତେ ନିଜର ସେମାନେ । ରକ୍ତ ତ ଏକ ହେଲେ ହୃଦୟ ଭିନ୍ନ ହୋଇଯାଏ, ଆତ୍ମା ବି ଅଲଗା, ଅଲଗା । ମାଆ ବାପାଙ୍କର ପ୍ରେମ ଅତୁଳନୀୟ, ସେଥିରେ ତିଳେ ବି ସ୍ୱାର୍ଥ

ନଥାଏ, କଛି ପାଇବାର ଆଶା ନଥାଏ । ମାଆ ବାପା କେବଳ ଦେଇ ଜାଣନ୍ତି । ନଜର ରକ୍ତ ଦେଇ ସନ୍ତାନକୁ ଶରୀର ଦେଇଥାନ୍ତି । ନଜର ଆହାର କାଟି ସନ୍ତାନ ପେଟକୁ ଆହାର ଦିଅନ୍ତି । ନଜର ଇଚ୍ଛାମାନଙ୍କର ଗଳା ଚିପିଦେଇ ସନ୍ତାନର ସମସ୍ତ ଇଚ୍ଛା ପୁରଣ ପାଇଁ ନଜ ଜୀବନର ବାଜି ଲଗାଇ ଦିଅନ୍ତି । ବଦଳରେ ଗ୍ଃହାଁନ୍ତି କଣ ? କେବଳ ଟିକଏ ହସ ! ସନ୍ତାନ ମୁହଁରେ ଟିକଏ ସନ୍ତୋଷର ହସ, ଟିକେ ସଫଳତାର ହସ, ଖୁସି ଆନନ୍ଦର ହସ । ସେଇ ଟିକକ ହସରେ ତାଙ୍କର ସମଗ୍ର ଜୀବନର ତପସ୍ୟା ସତେ ପୂର୍ଣ୍ଣତା ଲ୍ଭ କରିଯାଏ । ମାଆ ବାପାଙ୍କର ତୁଳନାରେ ଦୁନଆରେ କଛିବି ନାହିଁ, କେହି ବି ନାହିଁ । ହେଲେ ମାଆ ବାପାଙ୍କର ନର୍ଭୟ ଗ୍ଃନ୍ଦୁଆ କେତେଦିନ ରହେ ? ମଣିଷ ଜୀବନର ଅଧାଗ୍ଃସ୍ଥା ହେଉ ହେଉ ସେମାନେ ପିଲ୍ଙ୍କ ହାତଛାଡି ଗ୍ଃଲିଯାଆନ୍ତି, ଆଉ କଛି ହତଭ୍ଗା ସନ୍ତାନ ବୁଢା ବାପମାଆଙ୍କର ହାତ ଛାଡିଦିଅନ୍ତି । ଜୀବନର ସେଇ ଅସହାୟ ସମୟରେ ଆଉ ଜଣେ ସମ୍ଭାଳନଏ ମଣିଷକୁ, ସେ ପତ୍ନୀ ହୋଇପାରେ ପତି ବି । ସେ ସମ୍ପର୍କ ରକ୍ତର ସମ୍ପର୍କ ନୁହେଁ, କେବଳ ବନ୍ଧୁତ୍ୱର ସମ୍ପର୍କ । ହେଲେ ସମସ୍ତ ରକ୍ତ ସମ୍ପର୍କୀୟଙ୍କଠାରୁ ଅନେକ ଅଧିକ ଅନାବିଳ ଅଧିକ ଗାଢ ସେ ସମ୍ପର୍କ, ପତି ପତ୍ନୀର ସମ୍ପର୍କ । ଏ ସମ୍ପର୍କ ପ୍ରେମର ସମ୍ପର୍କ, ଶ୍ରଦ୍ଧାର ସମ୍ପର୍କ, ବିଶ୍ୱାସର ସମ୍ପର୍କ । ଦୁଇଟି ମଣିଷ ଭିତରେ ଏ ସମ୍ପର୍କ ଏତେ ନବିଡଭ୍ବେ ବାନ୍ଧି ହୋଇଯାଏ, ସତେ ଲ୍ଗେ ଯେମିତି ଗୋଟିଏ ଶରୀର, ଗୋଟିଏ ହୃଦୟ, ଗୋଟିଏ ଆତ୍ମା । ଜଣଙ୍କ ପାଦରେ କଣ୍ଟା ଫୁଟିଲେ ଆଉ ଜଣକର ହୃଦୟରୁ ଲୁହ ଝରିଆସେ । ଜଣଙ୍କ ବିନା ଆଉ ଜଣକଙ୍କର ଗତି, ସ୍ଥିତି, ମୁକ୍ତି କଛି ବି ନଥାଏ ଯେମିତି । ସବୁକଛି ଶୂନ୍ୟ ହୋଇଯାଏ, ଦୁନଆ ନଛାଟିଆ ଲ୍ଗେ ।

ଜୀବନ ତାର ଗ୍ଃସ୍ତାରେ ନଦୀଟିଏ ପରି ବୋହି ଗ୍ଃଲିଯାଏ । କେତେ ପାହାଡ, ପର୍ବତ ଖାଲଖମା ଦେଇ । କେଉଁଠି ଧୀର ମନ୍ଥର ତ କେଉଁଠି ପ୍ରବଳ ବେଗବତୀର ଉଗ୍ରରୂପ ନେଇଯାଏ । କେବେ ଗ୍ରୀଷ୍ମର ପ୍ରଚଣ୍ଡ ସୂର୍ଯ୍ୟରଶ୍ମିରେ ସୁଖିଯାଏ ତ କେବେ ଶ୍ରାବଣର ମୂଷଳଧାର ବର୍ଷାର ପାଣିରେ ଦୁଇକୂଳ ଖାଇ ଭରିଯାଏ । ଯାହାବି ଆସିଛି, ଯେମିତି ସମୟ ଆସିଛି ସବୁ ପରିସ୍ଥିତିରେ ସେ ତାର ଯାତ୍ରା ଜାରି ରଖିଛି । କେବେବି ଥକନ, କେବେବି ଛାଇ ଖୋଜିନ ଦି'ଘଡି ବସି କ୍ଲାନ୍ତି ମେଣ୍ଟେଇ ନେବାକୁ । କନ୍ତୁ ଏ ଜୀବନ ମୋର ଏକୁଟିଆ ନଥିଲ୍ । ଆଉଜଣେ ବି ଥିଲ୍ ମୋ ସାଥିରେ, ମୋ ପାଦରେ ପାଦମିଳେଇ ମୋ ସାଥିରେ ସାଥିରେ ଗ୍ଃଲୁଥିଲ୍, ହେଲେ .... କେମିତି ବୁଝେଇଦେବି ସେ ଯାତ୍ରା କେମିତି ଥିଲ୍ ! ସେ ଏକ ଭିନ୍ନ ପ୍ରକାରର ସହଯାତ୍ରା, ଯେମିତି ତ୍ରୀବେଣୀ ସଙ୍ଗମରେ ଗଙ୍ଗା ଜମୁନା ଏକାଠି

ମିଶିଗଲା ପରେ ସାଥିହୋଇ ବୋହିଯିଆନ୍ତି, କନ୍ତୁ କଣ ହୁଏ ସେମାନଙ୍କର ଅସ୍ତିତ୍ୱ ? ଜଣଙ୍କର ପ୍ରାଣ ଶରୀର ଆଉଜଣଙ୍କ ସାଥିରେ ବିଲୟ ହୋଇଯାଏ । ଗଙ୍ଗା ଜମୁନା ଏକ ହୋଇ ଯାଆନ୍ତି, ଗଙ୍ଗା ନା' ଗଙ୍ଗାରହେ ନା' ଜମୁନା, ଜମୁନା ରହେ, ତ୍ରୀବେଣୀ ପରେ ଆଞ୍ଜୁଳାଏ ପାଣି ହାତରେ ନେଇ କହିହେବନ ସେଥିରେ କେତେ ଗଙ୍ଗା କେତେ ଜମୁନା । କେଉଁ ବୁନ୍ଦାକ ଗଙ୍ଗାଜଳ କେଉଁ ବୁନ୍ଦାକ ଜଳ ଜମୁନାର । ସିଏତ ଏକ ଏକାକାର, ଏକ ଶରୀର, ଏକ ଆତ୍ମା ହୋଇଯାଇଛନ୍ତି । ସେମିତି ଥିଲା ଆମର ଏ ଯାତ୍ରା । ମୋର ସହଯାତ୍ରୀ ମୋର ପତ୍ନୀ, ମୋର ଅର୍ଦ୍ଧାଙ୍ଗିନୀ, ଆମର ଶରୀରତ ଭିନ୍ନଥିଲା, କନ୍ତୁ ଆମର ହୃଦୟ, ଆମର ଆତ୍ମା ଏକଥିଲେ ! ଜୀବନର ସବୁ ଦୁଃଖ ସୁଖ, ହସ ଲୁହକୁ ସାଥିହୋଇ ଜିଇଁଛୁ ଆଉ ସହିଛୁ । ପିଲାଏ ବଡ ହୋଇଗଲେ । ଗ୍ଚକରୀ କଲେ । ଝିଅ ବାହାଘର ପରେ ଝିଅ ତା ଶାଶୁଘରେ, ତାର ସଂସାରରେ ଖୁସିରେ ଅଛି । ପୁଅ ତାର ପରିବାର ସାଥିରେ ନେଇ ତା କର୍ମସ୍ଥଳରେ ଖୁସି । ଆଉ ଜୀବନର ଏଇ ସଂଧ୍ୟାରେ ଆମେ ଦୁଇଜଣ ଆମର ଏଇ ଛୋଟିଆ ନୀଡଟିରେ ପୁରୁଣା ଦିନମାନଙ୍କର ର୍ବେମନ୍ଥନ କରୁଛୁ ।

ସବୁଦିନ ପରି ଆଜିବି ସୂର୍ଯ୍ୟ ଡୁବି ସାରିଲାଣି, ହେଲେ ଆକାଶରେ ବୁଡିଯାଉଥିବା ସୂର୍ଯ୍ୟର ସେଇ ନାଲିମା ଏବେବି ଘୋଟିହୋଇ ରହିଛି । ଆକାଶର ନାଲିମା ଯଦିଓ କଛି ଫିକା ପଡି ଆସିଲାଣି, ତଥାପି, ଅନ୍ଧାରକୁ ଅଟକେଇ ରଖିଛି । ସତେ କହୁଛି, ରହି ଯାଆରେ ଆଉ ଟିକଏ, ଜୀବନର ଏଇ ରଙ୍ଗକୁ ଆଉ ଟିକେ ଦେଖିବାକୁ ଦେ, ଖୁବ୍ ଭଲ ଲାଗୁଛି ଜୀବନର ଏଇ ଶେଷ ରଙ୍ଗ । ଫିକା ପଡି ଆସିଥିବା ସୁନେଲି ସୂର୍ଯ୍ୟର ରଙ୍ଗ । ଇଏତ ଆସିବା ସମୟର ରଙ୍ଗ ଆଉ ଯିବା ସମୟର ରଙ୍ଗ ବି । ବାରଣ୍ଡାରେ ବସି ସଂଧ୍ୟା ଆକାଶର ଏଇ ଫିକା ନାଲିମା ଭିତରେ ମୁଁ ହଜି ଯାଇଥିଲି ଯେମିତି । ହଠାତ୍ ପାଣିକାଚର ରୁଣୁଝୁଣୁ ମଧୁର ଝଙ୍କାର ସଂଧ୍ୟାଟାକୁ ଆହୁରି ର୍ବୋମାଣ୍ଟିକ କରିଦେଉଥିଲା । ଏଇ ଚହ୍ନାଜଣା ଶବ୍ଦ ପ୍ରାଣରେ ମୋର ରଚ ବସିଯାଇଚ । ବହୁତବାର ଶୁଣିଛି ଏ ଶବ୍ଦ । ଯେତେ ଶୁଣିଲେ ବି ମନ ଭରେନା । ରେଷେଇ ଘରେ ବାଜେ ଏ ଝଙ୍କାର, ଖାଇବା ଟେବୁଲ ପାଖରେ ବି ବାଜେ, ଯେତେବେଳେ ସେ ପରଶି ଦିଅନ୍ତି ତାଙ୍କର ହାତରନ୍ଧା ଅମୃତ, ଆଉ ର୍ବାତ୍ରୀର ନସ୍ତବ୍ଧ ପ୍ରହରରେ ବି ବାଜୁଥିଲା, ଯେତେବେଳେ ସେ ମୋର ନବିଡ ବାହୁ ବନ୍ଧନରେ, କାମନାର ଅନନ୍ତ ଜ୍ୱଳନର ପିଡା ଉପଶମ ମୁହୁର୍ତ୍ତରେ । ଏଇତ ବାଜୁଛି ଚୁଡିର ସେ ଝଙ୍କାର, ଗ୍ଚ'କପ୍ ହାତରେ ନେଇ ସେ ପାଖକୁ ଆସୁଥିଲେ । ଗ୍ଚ କପ୍ ଟେବଲରେ ଉପରେ ଥୋଉ ଥୋଉ କହିଲେ ସଂଜବତୀ ପାଇଁ ଟିକଏ ଡେରି ହୋଇଗଲା, ର୍ବାଗିନ ତ ? ମୁଁ ଆକାଶରୁ ମୁହଁ

ଫେରେଇ ଚଷମା ଫାଙ୍କରୁ ଥରେ ଚ୍ୟ'କପ୍ କୁ, ପୁଣି ଥରେ ତାଙ୍କ ମୁହଁକୁ ଚାହିଁଲି । ସ୍ମିତ ହସଧାରେ ଲାଖି ରହିଥିଲା ଓଠରେ ତାଙ୍କର, ଯେମିତି କୁନ ଝିଅଟିଏ ତାର ପ୍ରଥମ ଭୁଲ ପାଇଁ 'ସରି' କହୁଥିଲା । ଜୀବନର ଏଇ ସଂଧ୍ୟାରେ ଏବେ ବି ତାଙ୍କର ସେଇ ସୁନ୍ଦରତା, ସେଇ ଲାବଣ୍ୟଭରା ଦୀପ୍ତିମୟୀ ଦେବୀର କାନ୍ତି, ମୋତେ ମୁଗ୍ଧ କରୁଥିଲା । ଲାଗୁଥିଲା ସତେ ଯେମିତି ସକାଳ ସୂର୍ଯ୍ୟର ରଙ୍ଗ, ଡୁବିଯାଉଥିବା ସୂର୍ଯ୍ୟରେ ବି ସେମିତି ନାଲିମା ନେଇ ସମାନ ଚମକରେ ଏବେବି ଝଟକୁଛି । କେତେ ସୁନ୍ଦର ସତେ ଏଇ କରୁଣାମୟୀ ଦେବୀ । ମୋ ଘରର ଲକ୍ଷ୍ମୀ, ଅଳ୍ପକେ ସନ୍ତୁଷ୍ଟ, ନା କେବେ କଛି ଅଭିଯୋଗ ନା କଛି ମାଗୁଣୀ । ମୋର ଦୁଇ ସନ୍ତାନର ମମତାମୟୀ ମାଆଟିଏ ସିଏ । କେତେ ଯତ୍ନରେ, ମମତାର ପଣତ ତଳେ ବଢେଇ ପୁଣି ଉଡେଇ ଦେଲା ବିସ୍ତାରୀତ ଅନନ୍ତ ଗଗନରେ । କହିଲା ଯାଅ, ସଂସାରକୁ ଜିତି ଯାଅ, ଯେଉଁଠି ବି ରୁହ, ଖୁସିରେ ଥାଅ । ସଂଜ ସକାଳରେ ମନ୍ଦିରରେ ଦୀପ ଜାଳେ, କେବଳ ଏତିକ ମାଗେ, ହେ ପ୍ରଭୁ ! ମୋ ପିଲାଙ୍କୁ ଖୁସିରେ ରଖ ।

କେବେବି ନିଜର ଖୁସିକଥା ଭାବିନି । ଏଇ ପରିଣତ ବୟସରେ ନାତି ନାତୁଣୀଙ୍କ ସାଙ୍ଗରେ ଦି'ଘଡି ଖେଳବାକୁ କଣ ମନ ହୁଏନି ତାଙ୍କର ? କ୍ଳାନ୍ତ ମୁହୁର୍ତ୍ତରେ ପୁଅ ବୋହୁଙ୍କର ଟିକଏ ସେବା ପାଇବାକୁ ମନ ହୁଏନି ? ହେଲେ ଆଜିବି ତାଙ୍କର ସେଇ ନିୟମିତ ରୁଟିନ୍ ଭିତରେ ସେ ଯେପରି ବାନ୍ଧିହୋଇ ରହି ଯାଇଛନ୍ତି, ଘଡିର କଣ୍ଟାଟିଏ ପରି । ସେଇ ସୀମିତ ପରିଧୀ ଭିତରେ ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ସେଇ 'ବାର୍' ରୁ 'ବାର୍' ଭିତରେ ବାରମ୍ବାର ନିଜର ଦୌଡ, କେବେବି କଣ ଥକି ଯାଆନ୍ତିନି ? ତାରିଖ ବଦଳିଯାଏ, ମାସ ବର୍ଷ ସବୁ ବଦଳେ, ହେଲେ ଘଣ୍ଟାର କଣ୍ଟାଟିର ଜୀବନ ବଦଳେନି, ତାର ପଥ ବଦଳେନି, ରୁଟିନ୍ ବି ବଦଳେନି । ସେଇ ତାର ଜୀବନର ଧର୍ମ, ଜୀବନର ଲକ୍ଷ । ସେମିତି ଗୋଟିଏ ଜୀବନ ଥିଲା ତାଙ୍କର ।

କହିଲି, ମୋ ପାଖରେ ଟିକଏ ବସ, ତାଙ୍କ ହାତକୁ ମୋ ହାତରେ ନେଇ ଜାବୁଡି ଧରିଲି, କହିଲି ଆରେ ଚାହା ଡେରି ହୋଇଗଲା ବୋଲି ରାଗିବି କାହିଁକି ? ଏ ବୟସରେ ତୁମର ଏତେ ଖଟଣି, ତୁମେ ଥକି ଯାଉନ ? ସକାଳୁ ସଂଜ ଯାଏ ଲାଗି ରହିଛ କାମରେ । ଟିକେ ସାହାଯ୍ୟ କରିବାକୁ ବି କେହିନାହିଁ । କେତେ ସେବା କରୁଛ ମୋର, କଥା ଦେଇଥିଲି ତୁମକୁ ରାଣୀ କରି ରଖିବି, ହେଲେ ସାରା ଜୀବନ ତ ସେବିକାଟିଏ ହୋଇ ରହିଗଲ । ପିଲାଙ୍କ ପାଇଁ ଏତେ କଲ, ହେଲେ ଆଜି ପାଣି ଟୋପେ ଦେବାପାଇଁ ପାଖରେ କେହି ନାହିଁ । ଆମ ଚାରି ଆଖି ଏକ ହୋଇଗଲେ, ଛଳ ଛଳ ଚାରିଆଖି, ସେ ଲୁହ ଦୁଃଖର କି ଖୁସିର

ଜାଣେନା । ତଥାପି ସେ ସ୍ମିତ ହାସିନୀ ସବୁବେଳେ ସେମିତି । ଅଳ୍ପ ଟିକେ ହସିଦେଇ କହିଲେ, ଆଜି ବି ତ ମୁଁ ରାଣୀ ହୋଇ ରହିଛି, ମୁଁ ମୋ ରାଜାର ରାଣୀ ! ତୁମେ ମୋ ପାଖରେ ଅଛ, ମୋ ସାଥିରେ ଅଛ, ଜୀବନଟା ବହୁତ ସହଜ ଲାଗୁଛି, ତୁମଛଡା ମୋର ଆଉ ଅଧିକ ବା କଣ ଲୋଡାଥିଲା ଯେ ! ମୋର ଖୁସିର ସାମ୍ରାଜ୍ୟ, ତୁମଠାରୁ ଆରମ୍ଭ ଆଉ ତୁମଠାରେ ହିଁ ଶେଷ । ଜୀବନରେ ଆଉ ଅଧିକ କଛି ଲୋଡେନା, ପାଇବାକୁ ଆଉ କଣ ବାକ ରହିଲା ଯେ ମୋର ? ଜୀବନରେ ଆଉ କଛି ବି ତ ମାଗିନ, କଛି ଶେଷ ଅବଶୋଷ ବି ନାହିଁ । ମୁଁ ମୋ ଆଇନାରେ ମୋ ନଜକୁ ଦେଖୁଥିଲି । କ ସୁନ୍ଦର ଆଇନା ସତେ । ଆଖି ଜକେଇ ଆସିଛି, ହେଲେ ଓଠରେ ସେଇ ସରୁ ସ୍ମିତହସ ଏବେବି ଲାଗିରହିଛି । ଲୁହ ପୋଛି ନେବାକୁ ଜମାରୁ ଇଚ୍ଛା ହେଉ ନଥିଲା । ସେ ଲୁହ ବୋହିବାର ନଥିଲା । ସେଇଠି ସେମିତି ଢଳଢଳ ହୋଇ ଜମାଟବାନ୍ଧି ଅଟକଯିବ । ତାଙ୍କୁ ମୁଁ କୁଣ୍ଢେଇ ଧରିଲି । କଛି ଆବେଗ ନଥିଲା ସେଥିରେ, କଛି ଅନୁଭବ ବି ନଥିଲା । ଏଇ ଅନୁଭବକୁ ବୋଧହୁଏ ନିର୍ବାନନ୍ଦ କହନ୍ତି । ଗୋଟିଏ ମଣିଷ, ସତେ ଯେପରି ନଜେ ନଜକୁ କୁଣ୍ଢେଇ ଧରିଛି !

ଜୀବନରେ ମଣିଷକୁ ଆଉ କଣ ଲୋଡା ଯେ? ଏଇ ଟିକକ ପ୍ରେମ, ଏଇ ଟିକଏ ବିଶ୍ୱାସ ସ୍ୱର୍ଗରେ ମିଳେ କ ନାହିଁ ଜାଣେନା । ଯେଉଁଠି ଏତେ ପ୍ରେମଥାଏ, ଏତେ ସମ୍ମାନ ଆଉ ଶ୍ରଦ୍ଧାଥାଏ ସେ ସ୍ଥାନ ସ୍ୱର୍ଗଠାରୁ କେଉଁ ଗୁଣରେ କମ୍ ! ମୃତ୍ୟୁ କେବେ ଆସିବ ଜଣା ନାହିଁ । ମଲା ପରେ ସ୍ୱର୍ଗ କ ନର୍କରେ ଜାଗା ମିଳବ ଜଣାନାହିଁ । କନ୍ତୁ ମରିବା ପର୍ଯ୍ୟନ୍ତ ନଜ ସଂସାରକୁ ସ୍ୱର୍ଗପରି କରି ମଣିଷ କାହିଁକ ଆନନ୍ଦ ନେଇ ପାରିବନ ! ସଂସାରକୁ ସ୍ୱର୍ଗପରି କରିବାକୁ ବେଶି ଖର୍ଚ୍ଚ ବି ତ କରିବାକୁ ହୁଏନା । ସ୍ୱର୍ଗ ପାଇଁ ମହଲ ପରି ଉଆସ ତ ଦରକାର ହୁଏନା । ମହଙ୍ଗା ଫର୍ଣିଚର କ ମହଙ୍ଗା ସାଜସଜ୍ଜା ବି ଲୋଡା ନାହିଁ । ଲୋଡା କେବଳ ଟିକଏ ପ୍ରେମ, ଟିକଏ ବିଶ୍ୱାସ ଟିକଏ ବୁଝାମଣା ଆଉ ଟିକଏ ସମର୍ପଣର ଭାବନା । ଯାହା ଆମ ପାଖରେ ବହୁତ ଥିଲା । ଆମର ଏ ସୁଖର ସାମ୍ରାଜ୍ୟରେ ରାଜାବି ଅଛି ଆଉ ରାଜାର ରାଣୀ ବି ।

(ଗଳ୍ପଟି ମୋ କବିତା 'ଶୁଆ ଶାରୀ'ର ଛାୟାରେ ଲିଖିତ)

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# ରାଗ ଅନୁରାଗ



ସଂଯୁକ୍ତା ମହାପାତ୍ର

ଏମିତି ଅବୁଝା ପ୍ରିୟତମ ତୁମେ
କେମିତି ଦେବି ମୁଁ ବୁଝାଇ,
ରୁଷିଗଲ ତୁମେ କଥା ପଦକରେ
ଏମିତିବା' କଣ ଦେଲି କହି ।
କଥା କଥାକରେ ରାଗ ରୁଷା ପୁଣି
କେତେ ମାନ ଅଭିମାନ,
ଟିକଏ ସରାଗେ ସବୁ ଭୁଲିଯାଏ
ତୁମେ ପରା ମୋର ପରାଣ ଧନ ।
ପ୍ରେମରେ ମିଳନ, ପ୍ରେମରେ ବିରହ
ମାନ ଅଭିମାନ କରିହୁଏ,
ନବରସ ଯଦି ପ୍ରେମରେ ନଥାଏ
ଜୀବନରେ କବା ମଜା ଥାଏ !
ପ୍ରେମରେ ଏଇତ ରାଗ ଅନୁରାଗ
ତୁମ ରୁଷା ମୋତେ ଭଲ ଲାଗେ,
ରୁଷିଗଲେ ତୁମେ ବୁଝାଇ ଦେବାକୁ
ସେଥି ପାଇଁ ମନେ ପ୍ରେମ ଜାଗେ ।

ପଟିଆ, ଭୁବନେଶ୍ୱର

# ସମ୍ପର୍କ



ବୈଦ୍ୟନାଥ ପଣ୍ଡା

କେମିତି ସଂମ୍ପର୍କ କେଉଁଥିରେ ଗଢା
ରୂପ କେମିତି ଏହାର
ସମ୍ପର୍କ ଡୋରିରେ ବନ୍ଧା ଏ ଜୀବନ
ସମ୍ପର୍କକୁ ନେଇ ଘର
ସମ୍ପର୍କ ଭାଙ୍ଗିଲେ ଭାଙ୍ଗିଯାଏ ସବୁ
ଆପଣା ବି ହୁଏ ପର
କଏସେ କହିବ କଏ ବୁଝାଇବ
ରୂପ କେମିତି ଏହାର
ନମିଷକେ ପୁଣି ବାନ୍ଧିଦେଇ ସିଏ
ମନରେ କରଇ ଘର
କେମିତି ସମ୍ପର୍କ...............
ଅଜାଣତେ ଆସି ବାନ୍ଧି ହୋଇଯାଏ
ମନରେ ସେ ଜାଗା ନେଇ
ବିରାଟ ସେ ସୌଧ ଗଢି ଦିଏ ପୁଣି
ଦିଏ ସେ ଭାବ ଲଗାଇ
କଏ ସେ ଦେଖିଛି କଏ ବା କହିବ
କେମିତିକା ରୂପ ତାର
ନାହିଁ ସେ ଯା ପାଖେ କଛି ନାହିଁ ତାର
ଜୀବନ ତାର ଅନ୍ଧାର
କେମିତି ସମ୍ପର୍କ.......

କାଚଘର ଭଳ ସୁନ୍ଦର ଲାଗଇ
ଭାଙ୍ଗିଗଲେ ହୁଏ ଚୁନା
ସମ୍ପର୍କ ସେମିତି ଭାଙ୍ଗିଗଲେ ଥରେ
ଆଉ ତ ଯୋଡି ହୁଏନା
ଭଙ୍ଗା ପଡ଼ିଯାଏ ଦୁଇଟି ମନରେ
ଭାଙ୍ଗେ ଆଶା ବାଲିଘର
ନିମିଷକେ ଛିଣ୍ଡେ ସମ୍ପର୍କ ଶିକୁଳ
ଦୁନିଆଁ ଲାଗେ ଅସାର
କେମିତି ସମ୍ପର୍କ......
ବିଶ୍ୱାସରେ ବନ୍ଧା ଜୀବନ ତାହାର
ମିଠା କଥା ଘର ତାର
ପଦିଏ କଥାରେ ମଣିଷ ମନରୁ
ଜନମ ଅଟେ ତାହାର
ଏଇତ ସମ୍ପର୍କ ମନରୁ ଜନମ
ଅଦୃଶ୍ୟ ରୂପ ତାହାର
କେମିତି ସମ୍ପର୍କ..........

ଅବଦଲ ପୁର, ଯାଜପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଋଣ ଗ୍ରସ୍ତ

ମୂଳ ରଚନା (ବଙ୍ଗଳା):
ବୈଦୁର୍ଯ୍ୟ ସରକାର
ଓଡିଆ ଭାଷାନ୍ତର:
ସନାତନ ମହାକୁଡ


ବୈଦୁର୍ଯ୍ୟ ସରକାର


ସନାତନ ମହାକୁଡ

ସକାଳୁ ମେଘୁଆ ହେଲେ କାହାକୁ ଧନ୍ୟବାଦ ଦେଉ
କାହାକୁ ଡାକୁ ମନେମନେ, କାହାକୁ କହୁ ମେଘ ବାଳକା
ସେ କ ଭୁଲି ଯାଇଛି ସବୁ,
ଡିଲିଟ୍ କରି ମୋ ନମ୍ବର ଅଭିମାନେ କାହା ଉପରେ,
ଡି ଆକ୍ଟିଭେଟ୍ କରି ଆକାଉଣ୍ଟ !

ପୂର୍ବାଭାଷ ମାନେ ଏକ ଆଶା, ଅସମ୍ଭବ
ଯେ ଆଶାରେ ବୁଡିଯାଏ ସେ ଅପେକ୍ଷାମାନ
ମାନନେବା ଶିଖନ୍ତି ସେମାନେ ଶାନ୍ତିପୂର୍ଣ୍ଣ ଅବସ୍ଥାନେ,
ଆଶାର କଥା ଲେଖିବାକୁ ଯାଇ ଆମେ ନାମ ଲେଖାଉ
ବିପିଏଲ୍ ତାଲିକାରେ !

ବେରୁଆଁବାରୀ, ନୟାଗଡ, ଓଡିଶା

# ଶିବ ବନ୍ଦନା



ସତ୍ୟବ୍ରତ ସାହୁ

ଆଜି ଜାଗରରେ ଉପବାସ ରହି ତୁମ୍ଭଙ୍କୁ ଭଜୁଛି ହର,
ଉମାକାନ୍ତ, ଶିବ, ମହାଯୋଗେଶ୍ୱର ଦୁଃଖ, ଶୋକ ଦୂର କର । (୦)

ଜାଗର ରାତିରେ ଉଜାଗର ରହି ତୁମ ନାମ ଜପକରି,
ତୁମ ମହାଦୀପ ଦେଖିଦେଲେ ଥରେ ପାପସବୁ ଯାଏ ମରି
ହେ ଇଷାନେଶ୍ୱର ଅଘୋର, ଶଙ୍କର
ମନକଥା ବୁଝ ମୋର ।(୧)

ମନ୍ଦିର ଦୁଆରେ ଘିଅ ବଳତାରେ ଜାଳ ମୁଁ ଦେଇଛି ଦୀପ,
ଅନାଇ ରହିଛି ମନ୍ଦିର ଚୂଳରେ ଉଠିବାକୁ ମହାଦୀପ,
ଭକ୍ତିର ଆଲୋକ ଜାଳ ଦୂର କର
ଅନ୍ତର ତମସା ମୋର ।(୨)

ଆଜି ଜାଗରରେ ଉଜାଗର ରହି ତୁମ୍ଭଙ୍କୁ ଭଜୁଛି ହର,
ଉମାକାନ୍ତ, ଶିବ, ମହାଯୋଗେଶ୍ୱର ଦୁଃଖ, ଶୋକ ଦୂର କର ।(୦)

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ବ୍ରହ୍ମଚାରୀ



ଡକ୍ଟର ବିଜ୍ଞାନୀ ଦାସ

ପିଲାଟି ଦିନରୁ ଅତି ଶୃଙ୍ଖଳିତ ହୋଇ ବଢିଥିଲେ ନରୋତ୍ତମ ମିଶ୍ର । ବଡି ଭୋରରୁ ଉଠିବା, ଠାକୁରଙ୍କ ମଙ୍ଗଳ ଆରତୀ କରିବା, ଭୋଗ ଲଗେଇବା ଇତ୍ୟାଦି କାର୍ଯ୍ୟରେ ଜେଜେ ଓ ବାପାଙ୍କୁ ସାହାଯ୍ୟ କରୁକରୁ ସିଏ ଯେ କେବେ ସେସବୁରେ ଅଭ୍ୟସ୍ତ ହୋଇପଡିଥିଲେ, ଜାଣନ୍ତିନି । ତେଣୁ ହାଇସ୍କୁଲ୍ ପାସ୍ କରିବା ପରେ ଯେବେ ଆସି କଲେଜ୍ ହଷ୍ଟେଲରେ ରହିଲେ, ଚଳବାରେ ବଡ ଅସୁବିଧା ହେଲା । ସେମାନେ ଗୋଟିଏ ରୁମରେ ପାଞ୍ଚଜଣ ରହୁଥିଲେ । ସେମାନଙ୍କ ମଧ୍ୟରୁ ସମସ୍ତେ ଅଲଗା ଅଲଗା ଜିଲ୍ଲାରୁ ଆସିଥାନ୍ତି । ବିଜୟ ପ୍ରଧାନ ଆସିଥାଏ ସମ୍ବଲପୁରରୁ । ସୌମ୍ୟକାନ୍ତ ମିଶ୍ର ଆସିଥାଏ ପୁରୀ ଜିଲ୍ଲାରୁ । ରଙ୍ଗାଧର ଦାସ ଆସିଥାଏ ବାଲେଶ୍ୱର ଜିଲ୍ଲାରୁ ଓ ବସନ୍ତ ସାହୁ ଆସିଥାଏ ଗଞ୍ଜାମ ଜିଲ୍ଲାରୁ । କେବଳ ନରୋତ୍ତମ କଟକ ଜିଲ୍ଲାର ପିଲା । ସୌମ୍ୟକାନ୍ତ ପିଲାଟା ପୁରୀ ବ୍ରାହ୍ମଣ ହେଲେ କଣ ହେଲା ଶୃଙ୍ଖଳା ଟିକେ ବୋଲିନାହିଁ । ଉଠିବ ଡେରିରେ । କେବେକେବେ ଦାନ୍ତ ନ ଘଷି ଖାଇଦେବ। ଅଧାଦିନ ଗାଧାଏନି ବି । ତାକୁ ଛୁଇଁଦେଲେ ନିଜ କପବୋର୍ଡ ଭିତରେ ସ୍ଥାପିତ କରିଥିବା ଠାକୁରଙ୍କୁ ଫୁଲ ଚଢେଇବାକୁ ବି ପାପ ବୋଲି ମନେକରନ୍ତି ନରୋତ୍ତମ । ସେଥିପାଇଁ ବେଳେବେଳେ ଦିନରେ ତିନି ଚାରିଥର ଗାଧୋଇବାକୁ ପଡେ ନରୋତ୍ତମଙ୍କୁ ।

ଆଉ ଗୋଟିଏ କଥାହେଲା ଯେ ତାଙ୍କ ରୁମ୍‌ର ପିଲାମାନେ ସବୁବେଳେ ଝିଅମାନଙ୍କ ବିଷୟରେ କଥା ହୁଅନ୍ତି । ସେତେବେଳେ ନରୋତ୍ତମ ବଡ ରାଗିଯାଆନ୍ତି ଓ କହନ୍ତି, "ନିଜ ବାପାଙ୍କର ଏତେ ଅର୍ଥ ଶ୍ରାଦ୍ଧ କରି କଲେଜ୍ ଆସିଛ, ପାଠ ପଢିବା ପାଇଁ ନା ଝିଅମାନଙ୍କ ବିଷୟରେ ଗପିବା ପାଇଁ ?"

ନରୋତ୍ତମଙ୍କର ଏମିତି ଆଚରଣ ସବୁ ଦେଖି ତାଙ୍କ ହଷ୍ଟେଲ୍‌ର ରୁମ୍ ମେଟ୍ ମାନେ ତାଙ୍କ ନାମ ରଖିଥିଲେ "ବ୍ରହ୍ମଚାରୀ" ।

ନିଜ ରୁମମେଟ୍ ମାନେ ଡାକୁ ଡାକୁ କଥାଟା ବାହାରକୁ ଗଲା । ଶ୍ରେଣୀର ଅନ୍ୟମାନେ ବି ଡାକିଲେ "ବ୍ରହ୍ମଚାରୀ" । ଦେଖୁଦେଖୁ କଲେଜ୍‌ର ଦୁଇବର୍ଷ ସିଏ ବ୍ରହ୍ମଚାରୀ ହୋଇ କଟାଇଦେଲେ । ତାପରେ ଯେତେବେଳେ ରାଉରକେଲା ଗଲେ ଇଞ୍ଜିନିୟରିଙ୍ଗ୍ ପଢିବାକୁ, କିଛିବର୍ଷ ପାଇଁ "ବ୍ରହ୍ମଚାରୀ" ନାମଟା ଦୂରେଇ ହୋଇ ରହିଥିଲା । ତାପରେ ସିଏ ଆମେରିକା ଆସିଲେ । କାହିଁକି କେଜାଣି ତାଙ୍କ ମନଟା ବ୍ରହ୍ମଚର୍ଯ୍ୟ ପ୍ରତି ଆକୃଷ୍ଟ ଥିଲା । ସିଏ ପ୍ରତିଦିନ ଯୋଗ କରୁଥିଲେ, ପ୍ରାଣାୟମ କରୁଥିଲେ, ଶାସ୍ତ୍ର ପଢୁଥିଲେ । ପାଠପଢା ସହିତ ଧର୍ମକାମ ମଧ୍ୟ ଚାଲିଥିଲା । ତାପରେ ଚାକରି କଲେ । ହେଲେ ଝିଅମାନଙ୍କ ପ୍ରତି ତାଙ୍କର ଆକର୍ଷଣ ନଥିଲା ଓ ସତକୁ ସତ ସିଏ ନିଜକୁ ବ୍ରହ୍ମଚାରୀ କରିଦେଲେ । ବାପା, ବୋଉ କେତେ ବୁଝେଇଥିଲେ । କେତେକେତେ ପ୍ରସ୍ତାବ ଆଣି ଖବର ପଠେଇଥିଲେ । ହେଲେ ନରୋତ୍ତମଙ୍କର ସେଇ ଗୋଟିଏ କଥା, "ମୁଁ ବାହା ହେବିନି ।"

ଏ ଭିତରେ ସାନ ଭାଇ ଓ ଭଉଣୀଙ୍କର ବିବାହ ସରିଗଲା । ନରୋତ୍ତମ ତାଙ୍କ ହିସାବରେ ଖୁସିରେ ଥିଲେ । ଚାକରି, ଠାକୁର, ଉପାସନା ଇତ୍ୟାଦିରେ ସିଏ ଭଲରେ ଥିଲେ । ଏ ଭିତରେ ହଠାତ୍ ଦିନେ ହିନ୍ଦୁ ମନ୍ଦିରରେ ଦେଖାହେଲା ସୌମ୍ୟକାନ୍ତ । ନରୋତ୍ତମ ପଚାରିଲେ, "ଆରେ ଭାଇ, ତୁ ହଠାତ୍ ଏଠି କେମିତି ?" ସୌମ୍ୟକାନ୍ତ କହିଲେ, "ମୁଁ କିଛିବର୍ଷ ହେଲା ମିଚଗାନରେ ଥିଲି । ଏବେ ଏଠି ଗୋଟିଏ କଂପାନୀରେ ଯୋଗ ଦେଇଛି । ଆମେ କଲମ୍ବିଆରେ ରହୁଛୁ । ହେଲେ ତୁ ତ ଆମମାନଙ୍କ ସହିତ କିଛି ବି ଯୋଗାଯୋଗ ରଖିଲୁନି। ଆଉ ତୋ ଖବର କଣ ?"

"ଆରେ ମୁଁ ବି ତ କଲମ୍ବିଆରେ ରହୁଛି । ଭଲ ହେଲା ।" - ନରୋତ୍ତମ କହିଲେ ।

"ତେବେ, ଆସନ୍ତା ଶନିବାରକୁ ଆମ ଘରକୁ ଆସେ । ଜାଣିଛୁ ତ, ଆମ କଲେଜର ସମସ୍ତ ରୁମମେଟ୍ ମାନେ ଏଇ ପାଖରେ ରହୁଛନ୍ତି । ବିଜୟ ଏଡିସନ ରେ, ରଙ୍ଗାଧର

ଫିଲାଡେଲ୍‌ଫିଆରେ ଓ ବସନ୍ତ ପ୍ରିନ୍‌ସ୍‌ଟନରେ । ସେମାନଙ୍କୁ ବି ଡାକଦେବି । ଆମ ହଷ୍ଟେଲ୍ ରୁମମେଟ୍ ମାନଙ୍କର ମହାମିଳନ ହେବ ।"

ଗୋଟିଏ ସପ୍ତାହ ପରେ ସେଇଆ ହିଁ ହେଲା । ସବୁ ସାଙ୍ଗମାନଙ୍କୁ ଏତେଦିନର ବ୍ୟବଧାନରେ ଦେଖି ନରୋତ୍ତମଙ୍କୁ ବଡ ଖୁସି ଲାଗୁଥିଲା । ସମସ୍ତଙ୍କର ଭରପୁର ସଂସାର । ସୌମ୍ୟକାନ୍ତର ଦୁଇଟି ପିଲା । ବଡ ଝିଅ ୫ ବର୍ଷର, ସାନ ପୁଅ ୩ ବର୍ଷର । ବିଜୟର ଗୋଟିଏ ପୁଅ, ୬ ବର୍ଷର । ରଙ୍ଗାଧରର ୨ଟି ପୁଅ, ଜଣେ ୬ ବର୍ଷ, ଜଣେ ୪ ବର୍ଷ । ବସନ୍ତର ଝିଅଟିଏ, ୫ ବର୍ଷର । ସୌମ୍ୟକାନ୍ତର ବାପା, ବୋଉ ସେମାନଙ୍କ ପାଖରେ ଥାଆନ୍ତି ।

ସୌମ୍ୟକାନ୍ତର ବୋଉ ନରୋତ୍ତମଙ୍କୁ ପଚାରିଲେ, "ପୁଅ, ବୋହୁଟିକୁ ଟିକେ ଧରି ଆସିଲନ । ଭଲ ଲାଗିଥାଆନ୍ତା । ଆଉ ପିଲାପିଲି କେତୋଟି ?"

ସେଇଠି ସମସ୍ତେ ଚୁପ୍ ହୋଇଗଲେ । ନରୋତ୍ତମ କହିଲେ, "ମୁଁ ବିବାହ କରିନ ମାଉସୀ । ମୁଁ ଏକା ।"

ମାଉସୀ ଚକିତ ହୋଇଗଲେ । "ହେଲେ ବାପା କାହିଁକି ?"

ଅନ୍ୟ ସବୁ ସାଙ୍ଗମାନଙ୍କର ପତ୍ନୀମାନେ ମଧ୍ୟ ଚକିତ ହୋଇଗଲେ । ସୌମ୍ୟକାନ୍ତ ପଚାରିଲା, "ତୁ ସତରେ ସତରେ କଣ ବ୍ରହ୍ମଚାରୀ ହୋଇଗଲୁ ନା କଣ?"

ସାଙ୍ଗମାନଙ୍କର ପତ୍ନୀମାନେ ପଚାରିଲେ - "ବ୍ରହ୍ମଚାରୀ ?"

ସୌମ୍ୟକାନ୍ତ କହିଲେ, "ହଁ, ସିଏ କଲେଜରେ ଅନେକ ନୈଷ୍ଠିକ ଥିଲା ବୋଲି, ଆମେ ସମସ୍ତେ ତା' ନା' ବ୍ରହ୍ମଚାରୀ ରଖିଥିଲୁ । ହେଲେ ସିଏ ସତରେ ସତରେ ବ୍ରହ୍ମଚାରୀ ହୋଇ ରହିଯିବ, ଏକଥା କେବେ ଭାବିନଥିଲୁ ।"

ମାଉସୀ କହିଲେ, "ଏକଥା ଭଲନୁହେଁ ବାପା । ତମେ ଯଦି ରାଜିହେବ ତ କୁହ, ଆମ ବନ୍ଧୁବାନ୍ଧବରେ କେତେ ଝିଅ ଅଛନ୍ତି, ମୁଁ ଜୁଟେଇ ତମ ବାପା, ମାଆଙ୍କୁ କହିବି ।"

ନରୋତ୍ତମ କିଛି କହିଲେନ । କଣ କହିବାକୁ ହେବ ବି ଜାଣିପାରିଲେନ । ବିଦେଶରେ ଏତେଦିନ ରହିବାପରେ ଇଏ ପ୍ରଥମ ବନ୍ଧୁମିଳନ । ତାଙ୍କୁ ଅନେକ ଖୁସି ଲାଗୁଥିଲା । ସାଙ୍ଗମାନଙ୍କର କୁନକୁନ ପିଲା, ସେମାନଙ୍କର ଖେଳ, ପାଟିତୁଣ୍ଡ, ସବୁ କିଛି କେମିତି ଆନନ୍ଦ ଦେଉଥିଲା । ସେତେବେଳେ ତାଙ୍କୁ ଲାଗିଲା ହୁଏତ ସିଏ ବାହା ହୋଇ ଘରସଂସାର କରିବାର ଥିଲା ।

ଏ ଭିତରେ ବର୍ଷଟିଏ ବିତିଗଲାଣି । କେତେଥର ବନ୍ଧୁମିଳନ ହେଲାଣି । କେବେ କେଉଁ ବନ୍ଧୁ ଘରେ **?** ଥରେ ନରୋତ୍ତମ ମଧ୍ୟ ସେମାନଙ୍କୁ ନିଜଘରକୁ ଡକେଇଥିଲେ । ଖାଦ୍ୟ ରେଷ୍ଟୁରାଣ୍ଟରୁ ମଗେଇଦେଲେ । ଘରେ କେବଳ ଭାତ, ଡାଲମା ତିଆରି କରିଥିଲେ । ସେଦିନ ସମସ୍ତେ ନରୋତ୍ତମଙ୍କର ହାତରନ୍ଧାର ଭୁରିଭୁରି ପ୍ରଶଂସା କଲେ । ସୌମ୍ୟକାନ୍ତର ବୋଉ, ବାପା ମଧ୍ୟ ସେ ଖାଦ୍ୟ ଖାଇ ଅତ୍ୟନ୍ତ ଖୁସିହେଲେ ।

ସୌମ୍ୟକାନ୍ତର ବାପା, ବୋଉ ଓଡିଶା ଫେରିଯାଇଥିଲେ । ସୌମ୍ୟକାନ୍ତର କଂପାନୀ ଆଉ ଗୋଟିଏ କଂପାନୀକୁ ବିକ୍ରି ହୋଇଗଲା । ସୌମ୍ୟକାନ୍ତର ଚାକରି ଚାଲିଗଲା । ବଡ ଦୁଶ୍ଚିନ୍ତାରେ ରହୁଥିଲା ସେ । ଚାକରି ଖୋଜୁଥିଲା ।

ଜୁନ୍ ୧୩ ତାରିଖ । ସୌମ୍ୟକାନ୍ତର ସ୍ତ୍ରୀ ସ୍ୱାତୀ ଫୋନ୍ କଲା । "ସୌମ୍ୟଙ୍କର ହାର୍ଟ ଆଟାକ୍ ହୋଇଛି । ଆମେ ଏବେ ହାର୍ଓ୍ୱାର୍ଡ କାଉଣ୍ଟି ଜେନେରାଲ୍ ହସ୍‌ପିଟାଲ୍‌ର ଏମରଜେନ୍‌ସୀରେ ଅଛୁ ।"

ନରୋତ୍ତମ ଆଶ୍ଚର୍ଯ୍ୟ ହୋଇଗଲେ । ନିଜ ମ୍ୟାନେଜର୍‌କୁ କହି ସେଦିନ ପାଇଁ ଛୁଟିନେଇ ହସ୍‌ପିଟାଲ୍ ଗଲେ । ସେଠି କିଛି ଠିକ୍ ଲାଗୁନଥିଲା । ସୌମ୍ୟକାନ୍ତର ପିଲାଦୁଇଟିଙ୍କୁ ସିଏ ଯାଇ ସେମାନଙ୍କ ସ୍କୁଲ୍‌ରୁ ନେଇଆସିଲେ । କିଛି ସମୟ ପରେ ଡାକ୍ତର ଖବରଦେଲେ, "ସୌମ୍ୟକାନ୍ତଙ୍କୁ ବଞ୍ଚେଇ ହେଲାନ ।" ସ୍ୱାତୀର ଅବସ୍ଥା ଦେଖି ହେଉନଥାଏ । ସିଏ

ଅଧୈର୍ଯ୍ୟ ହେଉଥାଏ । ନରୋତ୍ତମର ମଧ୍ୟ ମୁଣ୍ଡ ଘୁରିଗଲା । ହଠାତ୍ ଏଭଳି ପରିସ୍ଥିତିକୁ ସାମନା କରିବାର ସାହସ କାହାର ନଥିଲା । ନରୋତ୍ତମ ଅନ୍ୟ ସମସ୍ତ ସାଙ୍ଗମାନଙ୍କୁ ଫୋନ୍ କରି ଜଣେଇଲେ । ସମସ୍ତେ ଆସିବାରୁ ସେମାନେ ନିଜନିଜକୁ ସମ୍ଭାଳି ଶବ ସଂସ୍କାର ବିଷୟରେ ଆଲୋଚନା କଲେ । ସୋମ୍ୟକାନ୍ତର ଘରକୁ ଖବର ପଠାଇଲେ । ଅନ୍ୟ ସାଙ୍ଗମାନଙ୍କର ପତ୍ନୀମାନେ ସ୍ୱାତୀକୁ ସମ୍ଭାଳନେଲେ । ସୌମ୍ୟକାନ୍ତର ବାପା, ମା' ଆମେରିକା ଆସିବାକୁ ଚାହିଁଲେ । ନରୋତ୍ତମ ସେସବୁର ବ୍ୟବସ୍ଥା କରିଦେଲେ । ସୌମ୍ୟକାନ୍ତର ଶବସଂସ୍କାର ପରେ ପଡିଲା ସ୍ୱାତୀର ଭବିଷ୍ୟତର ବିଚାର ।

ଏତେ ସୁନ୍ଦର ପରିବାରଟିଏ ହଠାତ୍ ଅଦିନ ଝଡର ପ୍ରଭାବରେ କ୍ଷତବିକ୍ଷତ ହୋଇ ଯେ ଏତେ ସରି ହେବ, କେହି ବି କଳ୍ପନା କରିନଥିଲେ । କେଉଁ ଅପଦେବତାର ଅଭିଶାପରେ ସ୍ୱାତୀର ଜୀବନ ସଂପୂର୍ଣ୍ଣ ଓଲଟପାଲଟ ହୋଇଗଲା । ସ୍ୱାତୀ ଘରେ ହିଁ ରହୁଥିଲା । ପିଲାମାନଙ୍କର ଦାୟିତ୍ୱ ନେଉଥିଲା । ତାକୁ ହୁଏତ ଓଡିଶା ଫେରିଯିବାକୁ ହେବ । ସେଠି ରହି ସିଏ ନିଜ ବିଷୟରେ କିଛି ଚିନ୍ତା କରିବ ।

ମାଉସୀ କାନ୍ଦିକାନ୍ଦି କହିଲେ, "ସ୍ୱାତୀ ପିଲାଟା । ଏବେ ଏତେ ବଡ ଜୀବନ ପଡିଛି । ଏକୁଟିଆ କେମିତି କାଟିବ **?** ଭଗବାନ ତାକୁ ଏତେ ଦୁଃଖ କାହିଁକି ଦେଲେ ।"

ନରୋତ୍ତମ ସବୁବେଳେ ସ୍ଥିତପ୍ରଜ୍ଞ । ହେଲେ ବନ୍ଧୁ ସୌମ୍ୟକାନ୍ତର ଅକାଳ ତିରୋଧାନ ତାଙ୍କୁ ବ୍ୟଥିତ କରିଥିଲା । ଏ ବର୍ଷକ ଭିତରେ ସୌମ୍ୟକାନ୍ତର ପରିବାର ସହିତ ତାଙ୍କର ଅନେକଟା ଆତ୍ମୀୟତା ଆସିଯାଇଥିଲା । ସୌମ୍ୟକାନ୍ତର ଦୁଇଟି ପିଲା ତାଙ୍କୁ ଆପଣେଇ ନେଇଥିଲେ । "ଅଙ୍କଲ୍, ଅଙ୍କଲ୍" କହି ପାଖ ଛାଡୁନଥିଲେ । ଏବେ ସୌମ୍ୟକାନ୍ତ ତ ଚାଲିଗଲା । କେବଳ ସ୍ୱାତୀର ଜୀବନକୁ ନୁହେଁ, ନରୋତ୍ତମର ଜୀବନକୁ ବି ଶୁଷ୍କ କରିଦେଇଗଲା ।

ସ୍ୱାତୀ ଓ ସୌମ୍ୟକାନ୍ତର ପିଲାମାନେ ଓଡିଶା ଫେରିଯାଇଥିଲେ । ସେଠି ସ୍ୱାତୀ କଂପ୍ୟୁଟରରେ କୋର୍ସ କରୁଥିଲା । ନରୋତ୍ତମ ସୌମ୍ୟକାନ୍ତର ପରିବାରର ସମସ୍ତ ଭଲମନ୍ଦ

ବୁଝୁଥିଲେ । ସ୍ୱାତୀ ରୋଜଗାର କ୍ଷମ ହେବା ପର୍ଯ୍ୟନ୍ତ ସିଏ ତାଙ୍କୁ ବନ୍ଧୁ ଭାବେ ଆର୍ଥିକ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଓଡିଶା ଗଲେ ସେମାନଙ୍କ ପରିବାର ସହ ଦେଖାସାକ୍ଷାତ କରୁଥିଲେ । ପିଲାମାନଙ୍କୁ ବୁଲେଇ ନେଉଥିଲେ । ଅନ୍ୟ ତିନଜଣ ସାଙ୍ଗ ମଧ୍ୟ ଏସବୁ କରୁଥିଲେ । ଓଡିଶା ଗଲେ ସୌମ୍ୟକାନ୍ତର ପରିବାର ସହିତ ମିଶୁଥିଲେ ।

ଏ ଭିତରେ ଚାରିବର୍ଷ ପୂରିଗଲାଣି । ଏବେ ସ୍ୱାତୀକୁ ଗୋଟିଏ ସଫଟ୍‌ଓ୍ୱେର୍ କଂପାନୀରେ ଚାକରି ମିଳଯାଇଛି । ଥରେ ନରୋତ୍ତମ ଓଡିଶା ଯାଇଥିବା ସମୟରେ, ସ୍ୱାତୀର ଉପସ୍ଥିତିରେ ମାଉସୀ ନରୋତ୍ତମକୁ କହିଲେ, "ଦେଖେ ବାପା, ତୁ ଟିକେ ସ୍ୱାତୀକୁ ବୁଝା । ମୁଁ ତାକୁ କହୁଛି ଯେ ସିଏ ଆଉ ଥରେ ବାହା ହେଉ । ଆମେ କଛି ଭାବିବୁନ । ହଁ ବାପା, ତୋ ଦୃଷ୍ଟିରେ ବି ଯଦି କଏ ଥାଆନ୍ତି, ତୁ ଟିକେ ଦେଖେ । ଆମେ ତ ବୟସ୍କ ହେଲୁଣି । କେତେବେଳେ କଣ । ସେ ପିଲାଟା କଣ ସାରାଜୀବନ ଏମିତି ଏକୁଟିଆ କାଟିବ **?"**

ନରୋତ୍ତମ କହିଲେ, "ହଁ, ଆପଣ ଠିକ୍ କଥା କହୁଛନ୍ତି । ତେବେ ସ୍ୱାତୀ ଏଥିରେ କାହିଁକି ଅରାଜି ହେଉଛନ୍ତି **?**

ସ୍ୱାତୀ - "ତମେ ତ ନରୋତ୍ତମ, ଜମା ବିବାହ ବି କରିନ । ଏତେଦିନ ହେଲାଣି, ଏକୁଟିଆ ରହୁଛ । ତମର କଣ କଛି ଅସୁବିଧା ହେଉଛି **?** ମୁଁ ବି ସେମିତି ଏକୁଟିଆ ଜୀବନ କାଟିପାରିବି । ଭାଗ୍ୟକୁ ଆଦରି ନେଇପାରିବି । ପିଲା ଦୁଇଟିଙ୍କୁ ବଡ କରିପାରିବି ।"

ନରୋତ୍ତମଙ୍କ ପାଖରେ କହିବାକୁ ଆଉ କଛି ନଥିଲା ।

ସ୍ୱାତୀର କଂପାନୀ ଏବେ ତାକୁ ବର୍ଷକ ପାଇଁ ଆମେରିକା ପଠାଉଥିବାର ଖବର ସିଏ ପଠେଇଥିଲା । ସୁଯୋଗବଶତଃ ଚାକରି ବାଲ୍‌ଟିମୋରରେ ହିଁ ହେବ ।

ନରୋତ୍ତମ କହିଲେ, "ବହୁତ ଭଲ ଖବର । ତମେ ପିଲାମାନଙ୍କୁ ବି ନେଇ ଆସ ।"

"ହେଲେ ସେମାନଙ୍କୁ ସେଠି ଏକା ମୁଁ ଚଳେଇପାରିବି ତ **?"** - ସ୍ୱାତୀ ପଚାରିଥିଲା ।

"ମୁଁ ଅଛି ନା । ଆମେ ଦୁହେଁ ମିଶି ଚଳେଇନେବା ।" - ନରୋତ୍ତମ ପ୍ରତିଶ୍ରୁତି ଦେଲେ ।

ସ୍ୱାତୀ କଲମ୍ବିଆରେ ଗୋଟିଏ ଆପାର୍ଟମେଣ୍ଟ ଭଡା ନେଇ ରହୁଥିଲା । ନିଜ ପ୍ରତିଶ୍ରୁତି ନରୋତ୍ତମ ଠିକ୍‌ଠିକ୍ ଭାବେ ମେଣ୍ଟାଉଥିଲେ । ସ୍ୱାତୀ ସହିତ ତାଙ୍କର ବନ୍ଧୁତା ରହିଥିଲା ।

ସ୍ୱାତୀର କଂପାନୀରେ ଜଣେ ଝିଅ ସହିତ ଭଲ ସାଙ୍ଗ ହୋଇଯାଇଥିଲା । ସିଏ ହେଲା ସଂଗୀତା, ଦିଲ୍ଲୀର ଝିଅ । ସ୍ୱାତୀ ତାକୁ ବେଳେବେଳେ ଶନିବାର ରବିବାର ଦିନ ଘରକୁ ନିମନ୍ତ୍ରଣ କରୁଥିଲା । ସେଇଠି ନରୋତ୍ତମଙ୍କ ସହିତ ଦେଖା ହୋଇଥିଲା । ସ୍ୱାତୀଠାରୁ ସିଏ ନରୋତ୍ତମଙ୍କର ଉଦାର ହୃଦୟର ପରିଚୟ ପାଇଥିଲା । ସୌମ୍ୟକାନ୍ତଙ୍କ ଅକାଳ ବିୟୋଗ ପରେ ସିଏ କେମିତି ସ୍ୱାତୀଙ୍କ ପରିବାରକୁ ଭରସା ଦେଇଆସିଛନ୍ତି ସେକଥା ଶୁଣି ସଂଗୀତା ଥରେ ସ୍ୱାତୀଙ୍କୁ ପଚାରିଲା, "ଏ ନରୋତ୍ତମ ଅବିବାହିତ । ତମକୁ ଏତେ ସାହାଯ୍ୟ କରୁଛନ୍ତି । ସିଏ ପୁଣି ଏତେ ସୁନ୍ଦର । ତମେ ତାଙ୍କୁ ବାହା ହୋଇଯାଉନ ।"

"ସିଏ ପରା ବ୍ରହ୍ମଚାରୀ ।" - ସ୍ୱାତୀ ସଂଗୀତାକୁ ବୁଝାଇଥିଲା ।

"କଣ ହେଲା, ବ୍ରହ୍ମଚାରୀ । ମାନେ କଣ ଦୀକ୍ଷା ଗ୍ରହଣ କରିଛନ୍ତି ?" - ସଂଗୀତା ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"ନା, ନା, ଦୀକ୍ଷା ନୁହେଁ, ହେଲେ ସିଏ ସେମିତି ବୋଲି ତାଙ୍କୁ ସମସ୍ତେ କଲେଜ ବେଳୁ ଜାଣନ୍ତି । ମୋ ସ୍ୱାମୀ ସୌମ୍ୟକାନ୍ତଙ୍କର ସିଏ ରୁମମେଟ୍ ଥିଲେ ।"

ସ୍ୱାତୀ ଠାରୁ ନରୋତ୍ତମଙ୍କର ସମସ୍ତ କାହାଣୀ ଶୁଣି ସଂଗୀତା କହିଲା, "ଅସଲ କଥା ହେଉଛି ଯେ ତାଙ୍କର ଏପର୍ଯ୍ୟନ୍ତ ସେମିତି କୌଣସି ଝିଅଙ୍କ ସହିତ ଭେଟ ହୋଇନି, ଯିଏ କି ତାଙ୍କ ହୃଦୟରେ ଆଲୋଡନ ସୃଷ୍ଟି କରାଇପାରିବ । ତାପରେ, ସମସ୍ତଙ୍କ ଜୀବନରେ ପ୍ରେମର ବୀଜ ଆପେଆପେ ବୁଣି ହୋଇ ଗଛ ହୁଏନି । ମଞ୍ଜି ବୁଣିବାକୁ ପଡେ, ସୂର୍ଯ୍ୟକିରଣ ଓ ଜଳ ଭଳି ମମତାର ଉତ୍ତାପ ଓ କରୁଣା ଜଳ ଠିକ୍ ପରିମାଣରେ ଦେଇ ଯତ୍ନରେ ପ୍ରେମର ଗଛଟିକୁ ବଢାଇବାକୁ ପଡେ।"

"ତମେ ତାହେଲେ ଚେଷ୍ଟା କରି ଦେଖୁନ ।" - ମଜାରେ ସ୍ୱାତୀ ସଂଗୀତାକୁ କହିଲା ।

ଏବେ ନରୋତ୍ତମଙ୍କର ଚନ୍ତା ବଢ଼ିଲାଣି । ସେ ସଂଗୀତା ଝିଅଟି ତାଙ୍କ ମନରେ ଆଲୋଡ଼ନ ସୃଷ୍ଟିକଲାଣି । ଅସଲ କଥା ହେଲା, ନରୋତ୍ତମ ଯେଉଁ ସ୍ୱାମିଜୀଙ୍କ ପାଖକୁ ପ୍ରବଚନ ଶୁଣିବାକୁ ଯାଆନ୍ତି, ଏବେ ସେଠି ସଂଗୀତା ଯାଇ ପ୍ରବଚନ ଶୁଣୁଛି । ସିଏ ଯେଉଁଠିକୁ ଯୋଗ, ପ୍ରାଣାୟମ କରିବାକୁ ଯାଆନ୍ତି, ସେଠିକୁ ବି ସଂଗୀତା ଯାଉଛି । ଅସଲରେ ଥରେ ସଂଗୀତା ତାଙ୍କୁ ପଚାରିଥିଲା, "ଆପଣ ଯୋଗ, ପ୍ରାଣାୟମ କରନ୍ତି ଓ ପ୍ରବଚନ ଶୁଣିବାକୁ ଯାଆନ୍ତି ବୋଲି ସ୍ୱାତୀଙ୍କଠାରୁ ଶୁଣିଥିଲି । ମୋର ବି ସେ ଦିଗରେ ଆଗ୍ରହ । ମତେ ଯଦି ଟିକେ ସେସବୁ ସ୍ଥାନର ଠିକଣା ଦିଅନ୍ତେ, ମୁଁ ମଧ୍ୟ ସେସବୁ ସ୍ଥାନକୁ ଯାଆନ୍ତି ।" ବାସ୍, ନରୋତ୍ତମ ଠିକଣା ଦେଇଦେଲେ ଓ ସଂଗୀତା ସେଠି ହାଜର । ଏବେ ନରୋତ୍ତମଙ୍କ ଜୀବନ ସଂଗୀତାମୟ ହୋଇଯାଉଛି । ତାକୁ କେତେବେଳେ ମନ୍ଦିରରେ ଦେଖୁଛନ୍ତି ତ, କେତେବେଳେ ଆଶ୍ରମରେ । ନହେଲେ ସ୍ୱାତୀ ଘରେ ତ ଦେଖାହେଉଛି । ଦିନେ ସଂଗୀତା ସ୍ୱାତୀ ସହିତ ନରୋତ୍ତମଙ୍କୁ ବି ତା' ଆପାର୍ଟମେଣ୍ଟକୁ ନମନ୍ତ୍ରଣ କରିଥିଲା । ସେଇଠି ଜାଣିଲେ ନରୋତ୍ତମ, ସଂଗୀତା ଅବିବାହିତା । ଇଚ୍ଛାହେଲା ପଚାରିବାକୁ, "କାହିଁକି ବାହାହୋଇନ?" । ହେଲେ କାଳେ ଓଲଟା ସେ ପ୍ରଶ୍ନ ସିଏ ପଚାରିଦେବ ଭାବି ପଚାରିନାହାନ୍ତି । ହେଲେ ସଂଗୀତା ଏବେ ଆହୁରି ତାଙ୍କର ନିକଟତର ହେଉଛି । ମନ୍ଦିରରେ ଯେଉଁଯେଉଁ କାର୍ଯ୍ୟରେ ସିଏ ସ୍ୱେଚ୍ଛାସେବୀ ଭାବେ କାମକରନ୍ତି, ସଂଗୀତା ବି ସେସବୁରେ ହିଁ କାମ କରୁଛି ।

ଅକ୍ଟୋବର ମାସର ଦୁର୍ଗାପୂଜା ଚାଲିଥାଏ । ସ୍ୱାତୀ ଗଙ୍ଗାଧରର ଘରକୁ ଯାଇଥାଏ । ସଂଗୀତା ନରୋତ୍ତମଙ୍କୁ ଫୋନ୍ କରି ଜଣେଇଲା, "ମୋ ଗାଡିଟା ଖରାପ ହୋଇଛି । ହେଲେ ମୁଁ ମନ୍ଦିରରେ ସାହାଯ୍ୟ କରିବି ବୋଲି କଥା ଦେଇଥିଲି । ଆପଣ ଯଦି ଟିକେ ମତେ ରାଇଡ୍ ଦିଅନ୍ତେ ?"

"ଜମା ବ୍ୟସ୍ତ ହୁଅନ । ମୁଁ ରାଇଡ୍ ଦେବି ।"

ମନ୍ଦିରରୁ ସେଦିନ ଫେରୁଫେରୁ ରାତି ଏଗାରଟା ଉପରେ । ସଂଗୀତା ଗାଡିରେ ପାସେଞ୍ଜର୍ ସିଟରେ ବସି ନଘୋଡ ନଦରେ ଶୋଇପଡିଥାଏ । ନରୋତ୍ତମ ତା' ଆପାର୍ଟମେଣ୍ଟ ପାଖରେ

ଗାଡି ରଖି ତାକୁ ଉଠାଇବାକୁ ଚେଷ୍ଟାକଲେ । ଦେହରେ ବିଜୁଳି ଖେଳଗଲା । ସେଦିନ ନିଜ ଘରକୁ ଫେରି ସିଏ ସଂଗୀତା ବିଷୟରେ ହିଁ ଭାବିଲେ ।

ନରୋତ୍ତମ ଓ ସଂଗୀତା ଏତେ ମିଶିଗଲେଣି ଯେ, ମନ୍ଦିରର ଅନେକ ନୂଆ ଭକ୍ତ ସବୁ ସେମାନଙ୍କୁ ଦଂପତି ବୋଲି ଭାବନ୍ତି । ଥରେ ତ ଜଣେ ନରୋତ୍ତମଙ୍କୁ କହିଲେ, "ଆପଣଙ୍କ ସ୍ତ୍ରୀ ବହୁତ ଭଲ । ତାଙ୍କ ମୁହଁଟି ଯେମିତି ସୁନ୍ଦର, ତାଙ୍କ ହୃଦୟ ବି ସେମିତି ଭଲ । ବହୁତ ସୁନ୍ଦର କଥାବାର୍ତ୍ତା କରନ୍ତି ।" ନରୋତ୍ତମ କିଛି କହିବା ପୂର୍ବରୁ ହଠାତ୍ ସେଠି ସଂଗୀତା ପହଞ୍ଚିଯାଇଥିଲା ।

ଏବେ ସ୍ୱାତୀ କିଛିକିଛି ଜାଣି ପାରିଲାଣି ବୋଧହୁଏ । ତେବେ ନରୋତ୍ତମଙ୍କୁ କିଛି ଏମିତି କହିବାକୁ ସିଏ ସାହସ କରିପାରିବନି । ସଂଗୀତାକୁ ପଚାରିଦେଲା । ସଂଗୀତା କହିଲା, "ମୁଁ ତ ତାଙ୍କ ପ୍ରେମରେ ପଡିଯାଇଛି । ହେଲେ ସିଏ କଣ ଭାବୁଛନ୍ତି କିଏ ଜାଣେ ?"

ସ୍ୱାତୀ କହିଲା, "ଠିକ୍ ଅଛି, ମୁଁ ତେବେ ତାଙ୍କର ଅନ୍ୟ ସାଙ୍ଗମାନଙ୍କ ପରାମର୍ଶ ମାଗେ ।"

ସ୍ୱାତୀ ସମସ୍ତଙ୍କୁ ବନ୍ଧୁମିଳନ ପାଇଁ ଡକେଇଲା । ନରୋତ୍ତମ ଓ ସଂଗୀତା ସବୁର ଆୟୋଜନ କଲେ । ସେଠି ସମସ୍ତେ ଦେଖିଲେ ଯେ ସଂଗୀତା ଯାହା କହୁଛି ନରୋତ୍ତମ ସେସବୁ ପାଳନ କରୁଛନ୍ତି । ସଂଗୀତା ଆଦେଶଦେଲା, "ନରୋତ୍ତମ, ଆପଣ ସବୁ ପ୍ଲେଟ୍, ଚାମଚ ଓ ନାପକିନ୍ ସଜାଡି ରଖିଦିଅନ୍ତୁ ।" ନରୋତ୍ତମ ସେସବୁ କଲେ । ସଂଗୀତା ପୁଣି ଆଦେଶଦେଲା, "ଓଭନ୍‌ରୁ କେକ୍‌ଟା ବାହାର କରିଆଣନ୍ତୁ ।" ନରୋତ୍ତମ ସେସବୁ କଲେ ।

ରଙ୍ଗାଧର ମନ୍ତବ୍ୟ କଲା, "କଣ ବ୍ରହ୍ମଚାରୀ, ଏବେ ସଂଗୀତାଦେବୀଙ୍କର ଶିଷ୍ୟତ୍ୱ ଗ୍ରହଣ କଲଣି କି?"

ସଂଗୀତା ହସିହସି କହିଲା, "ଶିଷ୍ୟତ୍ୱ ନୁହେଁ, ତେବେ ନରୋତ୍ତମ ଜଣେ ଅତି ସୁନ୍ଦର ହୃଦୟର ମଣିଷ । ସିଏ ସମସ୍ତଙ୍କୁ ଖୁସି କରିବାକୁ ଚାହାନ୍ତି ।" ନରୋତ୍ତମ କହିଲେ,

"ସଂଗୀତା ସମସ୍ତ କାର୍ଯ୍ୟ ଅତି ଶୃଙ୍ଖଳାର ସହିତ କରନ୍ତି । ତେଣୁ ତାଙ୍କ ଆଦେଶ ପାଳ ସମସ୍ତେ ଠିକ୍‌ଠିକ୍ କାମ କରିବେ ବୋଲି ମୋର ବିଶ୍ୱାସ ।"

ବସନ୍ତ କହିଲା, "ଆଛା ବ୍ରହ୍ମଚାରୀ, ସଂଗୀତା ଯଦି ତତେ ବ୍ରହ୍ମଚର୍ଯ୍ୟ ଛାଡି ସଂସାରୀ ହେବାକୁ ଆଦେଶ ଦେବେ, ତୁ କଣ ମାନିବୁ ?"

ହଠାତ୍ ନରୋତ୍ତମଙ୍କ ପାଟିରୁ ବାହାରିଗଲା, "ନିଶ୍ଚୟ ।"

ବିଜୟ କହିଲା, "ତେବେ ସଂଗୀତା ଦେବୀ, ଆଦେଶ ଦିଅନ୍ତୁ ନା, ଆଉ ଡେରି କାହିଁକି ?"

ସଂଗୀତା ମଜାରେ ଫୁଲକୁଣ୍ଡର ସଜାହୋଇ ରହିଥିବା ଗୋଲାପ ଗୁଚ୍ଛରୁ ଗୋଟିଏ ଗୋଲାପ ଫୁଲଟିଏ ଆଣି ତଳେ ବସିଗଲା ଓ ନରୋତ୍ତମଙ୍କୁ ଯାଚ କହିଲା, "ସତରେ ଆପଣ ବ୍ରହ୍ମଚର୍ଯ୍ୟ ଛାଡି ସଂସାରୀ ହୋଇଯାଆନ୍ତୁନା ।"

କଥାଟା ଯେତେବେଳେ ମୁଣ୍ଡରେ ପଶିଲା, ନରୋତ୍ତମ ଲାଜେଇଗଲେ । ତେବେ ସଂଗୀତା ଯେ ତାଙ୍କୁ ଭଲପାଉଛି ଓ ସିଏ ସଂଗୀତାର ପ୍ରେମରେ ପଡିଯାଇଛନ୍ତି, ସେକଥା ବୁଝିବାକୁ ଆଉ ବାକି ରହିଲାନି ।

ଏ ଘଟଣାର ଛ ମାସ ପରେ, ନରୋତ୍ତମ ଓ ସଂଗୀତାଙ୍କର ବିବାହ ହୋଇଥିଲା । ବ୍ରହ୍ମଚାରୀ ନରୋତ୍ତମ ସଂଗୀତାର ରୂପ, ଲାବଣ୍ୟ ଭିତରେ ଛନ୍ଦି ହୋଇପଡିଲେ । ରିସେପ୍‌ସନରେ ନରୋତ୍ତମଙ୍କ ବିଷୟରେ ଟୋଷ୍ଟ ଦେବାପାଇଁ ରଙ୍ଗାଧର ଆରମ୍ଭ କଲା, "ଏବେ ମୁଁ ବ୍ରହ୍ମଚାରୀଙ୍କ ବିଷୟରେ କିଛି କହିବାକୁ ଚାହିଁବି ..................... ।"

ରଙ୍ଗାଧରକୁ ଚିମୁଟି ଦେଇ ସ୍ୱାତୀ କହିଲା, "ତାଙ୍କୁ ଆଉ ବ୍ରହ୍ମଚାରୀ କୁହନ୍ତୁନି । ସିଏ ପରା ସଂସାରୀ ହୋଇଗଲେଣି ।"

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ନିସ୍ତବ୍ଧ ରାତିର ଲେଖକ



ସୀତାରାମ ଦାଶ

ରାତିର କବି ମୁଁ ଯେ,
ଲେଖି ଚାଲେ ରାତିରେ କବିତା।
ରାତି ବଢେ, ତାତି ବଢେ,
ଖୋଜେ ମୁଁ ମୋ ସ୍ୱପ୍ନର ଇଲାକା।

କିଏ ସେଇ ନାୟିକା,
ମନ ଖୋଜେ ଏକା ଏକା।
ରାତିର ଅନ୍ଧକାରରେ,
ପ୍ରିୟା ନା, ସେ ପ୍ରହେଳିକା।

ରୂପର ରୂପସି ସିଏ,
ମୋ ମନ ନାୟିକା
ଉଜାଗରେ ଲେଖି ଚାଲେ,
ତା ପାଇଁ  କବିତା।

ହୃଦୟରେ ରଖିଥାଏ,
ତା ସୁନ୍ଦର ରୂପ।
ତା ପାଇଁ ମୁଁ ଲେଖୁଥାଏ,
ଅସରନ୍ତି ଗଳ୍ପ ।

ମୋ ସପନ ରାଣୀ ସିଏ,
ଅଧୀର ଚପଳା ।
ସାରସ୍ୱତ କାହାଣୀର,
ଶବ୍ଦ କଳ୍ପ ମାଳା ।

ରାତି ସରେ କଥା ସରେ,
ସରେ କାଳ ଲେଖନୀ ମୁନରୁ।
ଉଷାର ଆଲୋକେ ପ୍ରିୟା,
ଗୁଲିଯାଏ କଳ୍ପନା ରାଜ୍ୟରୁ।

ସାନମୂଳେଇ, କଟକ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଧନ ସଞ୍ଚୟ



ରାଜଶେଖର ସି "ଚମା"

ସନ୍ମାର୍ଗ ଦ୍ୱାରା ଅର୍ଜନ ହେଉ ନିଜ ଆୟ,
ଯୋଜନା ଦ୍ୱାରା କରାଯାଉ ଧନ ସଞ୍ଚୟ,
ସମସ୍ତ ଋଣକୁ ଯଥାଶୀଘ୍ର ଦିଅନ୍ତୁ ବିଦାୟ,
ଉପଯୁକ୍ତ ଭାବେ କରନ୍ତୁ ଅର୍ଥର ଅପଚୟ|୧|

ଅତ୍ୟନ୍ତ ଆବଶ୍ୟକ ଯେ ଅନୁକୂଳ ଆରୋଗ୍ୟ,
କାୟାରେ ଯାହାର ଉପସ୍ଥିତି ସଦା ମହାଭାଗ୍ୟ,
ଧନ କୁବେର ପରିଚୟ ସମ୍ପ୍ରାପ୍ତି ଏକ ସୌଭାଗ୍ୟ,
ଧନ-ସମ୍ପଦ ଆଦାୟରେ କରନ୍ତୁ ନିଜକୁ ଯୋଗ୍ୟ|୨|

ସମଗ୍ର ଦୈନନ୍ଦିନ କାର୍ଯ୍ୟର ମୂଳଯେ ଧନ,
ମୁଦ୍ରା ହେଲା ମଣିଷର ଅଭୂତ ପୂର୍ବ ସୃଜନ,
ବିତ୍ତଶାଳୀ ଯେ ସମାଜରେ ହୁଏ ବଳବାନ,
ଧନଜନ ପ୍ରାପ୍ତି ଦ୍ୱାରା ସର୍ବତ୍ର ପାଏ ସମ୍ମାନ|୩|

ଧନଲକ୍ଷ୍ମୀଙ୍କୁ ସର୍ବତ୍ର ମିଳେ ମାନ ମର୍ଯ୍ୟାଦା,
ତାଙ୍କ ସାହାଯ୍ୟରୁ ବିଦାହୁଏ ସବୁ ଆପଦା,
ଶ୍ରୀନାଥଙ୍କ ହେତୁ ସଦା ହେଲେ ପ୍ରିୟମ୍ବଦା,
ଶ୍ରୀହୀନ ହେବା ମାନେ ମିଳିବ ଅମର୍ଯ୍ୟାଦା|୪|

କୃଷିକ୍ଷେତ୍ରରୁ ଧନ-ଧାନ୍ୟ ପାଆନ୍ତି କୃଷକ,
ଶ୍ରମକରି ଉଦ୍ୟୋଗରୁ ଧନ ପାଆନ୍ତି ଶ୍ରମିକ,
କର୍ମଠ କର୍ମଗ୍ଭରୀ ସ୍ୱଦେଶକୁ କରନ୍ତି ଧନକ,
ଅର୍ଥନୀତିଜ୍ଞ ସର୍ବଦା ଯେ ଅର୍ଥନୈତିକ ନାବିକ।୫।

ସକଳ ପରିସ୍ଥିତିରେ ରହୁ ସ୍ଥିର ସମ୍ବଳର ଉପାର୍ଜନ,
ଆପଦକାଳୀନ ଅବସ୍ଥା ହେତୁ ନିଶ୍ଚିତ ରହୁ ମୂଳଧନ,
ବନ୍ଧୁବାନ୍ଧବ ଦେଇ ନପାରନ୍ତି ସାହାଯ୍ୟର ଆଶ୍ୱାସନ,
ଅର୍ଥପ୍ରବାହର ଅଭ୍ଭବରେ କୋଷହେବ ଅସ୍ତିତ୍ୱ ହୀନ।୬।

ଯେବେ ଅବାନ୍ତର ଅଦରକାରୀ ଜିନଷର କର୍ହେବ କ୍ରୟ,
ତେବେ ଉପାଦେୟ ମହାର୍ଘ ବସ୍ତୁର କରିବାକୁ ହେବ ବିକ୍ରୟ,
ନିଜର ଆର୍ଥିକ ଅବସ୍ଥାରେ ଆସିପାରେ ଅବହେଳିତ ଅପାୟ,
ରକ୍ଷାଲ୍ଗି ନିୟନ୍ତ୍ରିତ ପଦ୍ଧତିରେ ଧନସଞ୍ଚୟ ଯେ ଉପଯୁକ୍ତ ଉପାୟ।୭।

chvrajasekhar@gmail.com

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ମଉଳା ଫୁଲ



ଅନାମ ଚରଣ ସାହୁ

ମହୀରେ ସୁନ୍ଦର ରୂପଟି ମୋହର
ସର୍ବେ କରନ୍ତି ଆଦର
ସୁଗନ୍ଧ ସୁରଭି ମୋଦକ ଭରଇ
କବା ପଶୁପକ୍ଷୀ ନର।
ପନ୍ଥାର ପଥିକ କବି ଓ ଭାବୁକ
ସୌନ୍ଦର୍ଯ୍ୟ ପିପାସୁ ଜନ
ଅପଲକ ନେତ୍ରେ ବିମଳ ଆନନ୍ଦେ
ଦେଖନ୍ତି ମୋର ବଦନ।
ଯୁବା ଯୋଗୀ ଭୋଗୀ ଯୁବତୀ ରମଣୀ
ସଭିଏଁ ମୋ ପାଇଁ ବାଇ
କ୍ଷଣିକ ଆନନ୍ଦ କରି ବହୁ ଲୋଭ
ପାଶକୁ ଆସନ୍ତି ଧାଇଁ।
ଭ୍ରମର ଭ୍ରମିତ ହରେ ମଧୁସ୍ରୋତ
ଚୁମି ଯାଏ ମୋର ତନୁ
ଉଡି ବୁଲୁଥାଏ ସଦା ଚତୁଃପାର୍ଶେ

ନଭୁଲି କେବେବି ମନୁ ।

ଯୌବନେ ଉନ୍ମତ୍ତ ହୋଇ ମଦମତ୍ତ

ଅନ୍ୟକୁ ନଉନ ମଣି

ରୂପ ପସରାର ଚଞ୍ଚଳ ଅଞ୍ଚଳେ

ବଞ୍ଚୁଥିଲି ଦିନ ଗଣି ।

ସଞ୍ଜ ନଇଁଲାଣି ମଉଳ ଗଲିଣି

ମହକ ଗଲାଣି ଝରି

ପାଗଳ ଭ୍ରମର ନଗ୍ଭହେଁ ସରାଗେ

ମନ ମୋ ହେଉଛି ଝୁରି ।

ଦେବତା ଗଳାରେ ଶୋଭା ପାଇବାକୁ

ଯୋଗ୍ୟ ନୁହେଁ ମୁହିଁ ଆଉ

ଗର୍ବ ଅହଂକାର ଯା' ଥିଲା ନଜର

କବା ଲାଭ ଦିଏ ସେହୁ ।

ଥିଲି ବହୁ ସୁଖୀ ଏବେ ମୁଁ ପାତକୀ

ସମୟ ଖେଳୁଛି ଖେଳ

ବିଭୁ ପାଦତଳେ ଶରଣ ପଶଇ

ଥାଉଥାଉ ମୋର ବେଳ ।

ବିଭୁତିପୁର, କାକଟପୁର, ପୁରୀ

# ଏମିତି କାହିଁକି ହୁଏ



ମନୋଜ କୁମାର ପଣ୍ଡା

ଏମିତି କାହିଁକି ହୁଏ?
ନ ଚାହିଁବା ଜିନିଷ ନିମିଷକେ ପ୍ରାପ୍ତ ହୁଏ
ମାତ୍ର ମନ ଚାହୁଁଥିବା ପ୍ରତ୍ୟେକ ଟି ଜିନିଷ
ନନ୍ଦନ ବନର ପାରିଜାତ ପାଲଟିଯାଏ ।
ବହୁ ପରିଶ୍ରମ ବ୍ୟର୍ଥ ହୁଏ ତା ପାଇଁ
ଆଶା-ଆକାଂକ୍ଷା-ସମ୍ଭାବନା ସତ୍ତ୍ୱେ
ଭାଗ୍ୟ ସେ ଯୋଗ୍ୟତାର ଅଧିକାରୀ ହୁଏ,
ବିନା କଷ୍ଟ ଅବା ବିନା ପାରିଶ୍ରମିକତାରେ ।
ବିରକ୍ତ ହୁଏ ବୋଲି 'ଅପେକ୍ଷା କରିବାକୁ'
ଜୀବନର ପ୍ରତିଟି ମୋଡ଼ରେ ମୁଁ ତାକୁ ହିଁ ଭେଟେ
ଯେମିତି ସେ ମୋର ଚର ସହଚର
ପ୍ରତି କ୍ଷେତ୍ରରେ, ପ୍ରତି ପଦଘାତରେ
ଅନୁଭବ କରେ ତାର ଉପସ୍ଥିତି କୁ
ସତେକି ତାହା ମୋ ପାଇଁ ଶୁଭ ଆଉ ମଙ୍ଗଳମୟ ।
ବୁଝିପାରେନି ସୃଷ୍ଟି ର ଏ ଗୂଢ ରହସ୍ୟକୁ
ବେଳେ ବେଳେ ଖୁବ ରାଗ ଲାଗେ,
ଏମିତି ତ ଲାଗେ
ଯେମିତି ମୁଁ କରିଥିବା କର୍ମପାଇଁ ଅନୁତପ୍ତ
ବାରମ୍ବାର ଚେଷ୍ଟା ପରେ ବି ସୁଧାରି ପାରେନା ତାକୁ
କାରଣ, ତାହା ବୋଧେ ଥାଏ ଅଦୃଷ୍ଟର ନିର୍ଦ୍ଦେଶ ।

ମୁଖ୍ୟ ସମ୍ପାଦକ, ସୂର୍ଯ୍ୟୋଦୟ ସାରସ୍ୱତ ପ୍ରତିଭା ପରିବାର

# ସୁନ୍ଦରବନରେ ଯାତ୍ରା-୫



ଅଶୋକ ବିଶ୍ୱାଳ

"ମାଡାମ୍ ଆପଣଙ୍କ ଫଟୋ ନେଉଛି ।"- ନାସିରୁଦ୍ଦିନ କହିଲା ।

ପାଓଲିଙ୍କ ମୁହଁ ନରମ ଲାଲ କରଣରେ ଆଉ ଟିକଏ ଅଧିକ ଲାଲ ହୋଇଥିବ । ତାଙ୍କ ଭିତରେ ଏକ ସାମାନ୍ୟ ଗରମ ପ୍ରବାହ ଥିଲା ।

ନସିରୁଦ୍ଦିନ ନିଜ ମୋବାଇଲରେ ତାଙ୍କର ଫଟୋ ନେଲା ।ପାଓଲି ନିଜର କ୍ୟାମେରା ବଢାଇଦେଲେ । ସେ ଭିନ୍ନ ଭିନ୍ନ କୋଣରୁ ତାଙ୍କର ଫଟୋ ନେଇନେଲା । ଜଙ୍ଗଲ ଭିତରେ ରହି ମଧ୍ୟ ପାଓଲିଙ୍କୁ ଖୁସି ଲାଗୁଥିଲା ।କିଏ ତାଙ୍କର ସାମାନ୍ୟ ହେଲେ ମଧ୍ୟ ପ୍ରଶଂସା କରୁଛି। ନାରୀ ସବୁଠି ପ୍ରଶଂସା ଖୋଜେ ।

ସେମାନେ ଅନେକ ସମୟ ଓ୍ୱାଚ ଟାୱାର ଉପରେ ରହିଲେ । ପଶୁ ପକ୍ଷୀଙ୍କ ଉପରେ ଆଲୋଚନା କଲେ । ସୁନ୍ଦରବନର ଜଙ୍ଗଲରେ ସକାଳ ପାଓଲିଙ୍କୁ ଭଲ ଲାଗୁଥିଲା । ସେମାନେ ତଳକୁ ଓହ୍ଲାଇ ଆସିଲେ । କ୍ୟାମ୍ପର ମୁହଁରେ ଏକ ଲୋକ ଡାବଟିଏ କାଟି ପାଓଲିଙ୍କ ପାଇଁ ଅପେକ୍ଷା କରିଥିଲା । ସଦ୍ୟ ଗଛରୁ ତୋଳା ଡାବ ପାଓଲିଙ୍କୁ ଦିଆଯାଇଥିଲା। ପାଓଲି ସେ ପାଣି ଡାବରୁ ପିଇଲେ ।

"ବେଶ ମିଠା ପାଣିତ ।"- ପାଓଲି କହିଲେ । ତାଙ୍କ ମୁହଁରେ ଖୁସି ବାରି ହୋଇପଡୁଥିଲା। ନାସିରୁଦ୍ଦିନ ବୋଟ ପାଖକୁ ପାଓଲିଙ୍କ ସହ ଆସିଲା । ପାଓଲି ଏକ ପତଳା କାଠ ଶିଡିଦେଇ ବୋଟକୁ ଉଠିଗଲେ । କର୍ମଚ୍ଛାରୀମାନେ ପ୍ରସ୍ତୁତ ଥିଲେ । ବୋଟ ଆଗକୁ ଚ୍ଛଲିଲା ।

ଆଗର ନଦୀକୂଳର କେଉଡା ଗଛଗୁଡା ଅପେକ୍ଷାକୃତ ବଡ ଥିଲ୍ । କୁହାଯାଇପାରେ ଲୁଣାଜଙ୍ଗଲ ହିସାବରେ ଅତି ବିଶାଳ ବୃକ୍ଷ । ଗଛରେ ସରୁ ସରୁ ପତ୍ର । ଦୂରରୁ ଅନେକାଂଶରେ ଇଉକାଲିପଟାସ ବା ନୀଳଗିରି ପତ୍ରଭଳ ଲାଗୁଥିଲ୍ । ଜଙ୍ଗଲରେ ବଡ ବଡ ଶ୍ୱାସମୂଳମାନ ବାହାରିଥିଲ୍ । ବଡ ବଡ ବର୍ଚ୍ଛାର ମୁନଆଫାଳ ଉପରକୁ ମୁହଁକରି ଠିଆ ହୋଇଛି । ଶ୍ୱାସମୂଳମାନ ଚେରଦେହରୁ ଉପରକୁ ବାହାରିଥିଲ୍ ଆଉ ଚେରସବୁ ଜାଲ ଭଳି ମାଟି ଉପରେ ଛନ୍ଦି ହୋଇ ଜାଲକରିଥିଲ୍ । ଏଠି ଜଙ୍ଗଲ ଟିକେ ଭିନ୍ନ ।

ସେମାନଙ୍କୁ ଆଜି ବଡ ନଦୀ ପାଖର କାମ କରି ଅନ୍ୟ ଯାଗାକୁ ଯିବାକୁ ଥିଲ୍ । ବୋଟ ଧିରେ ଧିରେ ଆଉଥରେ ହରିଣଭଙ୍ଗାର ମୁଖ୍ୟ ସ୍ରୋତକୁ ଆସୁଥିଲ୍ ।

"ଏଇଟା ନଦୀ ନା ସମୁଦ୍ର ।"- ଜଳୟ କହିଲ୍ । ଏତେ ବଡ ନଦୀ ସେ ଦେଖିନଥିଲ୍ । କାହିଁ ଆଉ ଆର କୂଳ ଦେଖାଯାଉନ । ନଦୀକୁ ସମୁଦ୍ର ଭାବିବାରେ ଆଉ ଭୁଲ ରହିଲା କେଉଁଠି**?** ପବନ ଜୋରରେ ବୋହୁଥିଲ୍ । ଜୁଆର**,** ଆଉ ଢେଉ ଆଘାତରେ ବୋଟ ଉଠୁଥିଲା**,** ପଡୁଥିଲ୍ । ଅନେକ ଯାଗାରେ ବେଶ ବଡ ଭଉଁରିମାନ ଜୋରରେ ବୁଲୁଥିଲ୍ ।

"ମଦନଟାକ ।"– ଗୌତମ ବଡ ପାଟିକରି କହିଲ୍ । ତା'ର ଆଖି ପାଣି ଉପରେ ତ ଲାଗିଥିଲ୍ । ବେଳେବେଳେ କୂଳରେ ବୁଲିଆସୁଥିଲ୍ । ସେଠି କଛି ସେ ଲକ୍ଷ୍ୟ କରିଛି ।

"ବଙ୍ଗଳାରେ ଏ ପକ୍ଷୀକୁ ମଦନଟାକ କୁହାଯାଏ।"- ଗାୟନବାବୁ କହିଲେ । ଏକ ବିଶାଳପକ୍ଷୀ ନଦୀଆଡୁ ଜଙ୍ଗଲ ଉପରଦେଇ କୁଆଡକୁ ଉଡିଯାଥିଲ୍ । ପକ୍ଷୀଟାର ଅତି ବିଶାଳ ଡେଣା । ରଙ୍ଗଟା ପାଉଁଶିଆ ଧଳା

"ଗେଣ୍ଡାଳଆ ବା ଓପନ ବିଲଡ ଷ୍ଟର୍କ ।"- ଜଳୟ କହିଲ୍ ।

"ଆରେ ନା । ସୁନ୍ଦରବନର ଭିତରେ ଗେଣ୍ଡାଳଆ ରୁହନ୍ତି ନାହିଁ । ଗେଣ୍ଡାଳଆ ପାଇଁ ଶୁଷ ଜମି ଆଉ ଖୋଲା ଜମି ଦରକାର । ଏମିତିଆ ଜମି ସୁନ୍ଦରବନ ଭିତରେ କାହିଁ**?** ଆଉ ଟିକେ ଆଗରେ ଯେ ଖୋଲା ସମୁଦ୍ର । ତେଣୁ ଏଠି ଗେଣ୍ଡାଳଆ ମୋଟେ ମିଳବେ ନାହିଁ ।"-

ଗାୟନବାବୁ ବୁଝାଇ କହୁଥିଲେ । ନଳୟ ଲେସର ଆଡଜୁଟାଣ୍ଟ ବା ମଦନଟାକ ବିଷୟରେ କିଛି ଜାଣି ନଥିଲା । ଗେଣ୍ଡାଳିଆମାନେ ବଡ ପକ୍ଷୀ । ଗାଁ ଆଖ ପାଖରେ ମିଳନ୍ତି । ଗାଁ ପାଖରେ ମିଳୁଥିବା ସବୁଠାରୁ ବଡ ପକ୍ଷୀ । ତେଣୁ ତା'ର କହିବାଟା କିଛି ଅସ୍ୱାଭାବିକ ନଥିଲା । ମଦନଟାକମାନେ ବୋଧହୁଏ ଗାଁ ପାଖରେ ମିଳନ୍ତି ନାହିଁ । ସେମାନେ ଅପେକ୍ଷାକୃତ ନିର୍ଜ୍ଜନ ଯାଗାରେ ରୁହନ୍ତି ।

"ମଦନଟାକ କଦବା କ୍ୱଚିତ ମିଳନ୍ତି । ଅତି ବିଶାଳ ପକ୍ଷୀ ।"– ହାଲଦାର ବାବୁ କହିଲେ।

ସମସ୍ତେ ସେ ପକ୍ଷୀ ଉଡିଯାଉଥିବା ଦିଗକୁ ଅନାଇ ରହିଥିଲେ । ପକ୍ଷୀଟା କେଇ ମିନିଟପରେ ଜଙ୍ଗଲ ପଛରେ କାହିଁ ଲୁଚିଗଲା ଆଉ ଏଣେ ବୋଟଟା ହଠାତ୍ ଅଟକିଗଲା । ମୋଟେ ଆଗକୁ ଗଲିଲାନି ।

"କଣ ଇଞ୍ଜିନ ଖରାପ ହୋଇଗଲା ନା କଣ?"- କୌଶିକ ପାଟି କରି ଉଠିଲା ।

ତପନକୁ ଲାଗୁଥିଲା ଏମିତି ପାଣିରେ ଇଞ୍ଜିନ ବନ୍ଦ ହୋଇଗଲେ ଆଉ ବୋଟ ଉପରେ ମାଝିର ନିୟନ୍ତ୍ରଣ ରହିବ ନାହିଁ । ତେଣିକି ମହାସମୁଦ୍ରକୁ ବୋଟ ଭାସିଯିବ ।

"ଆରେ କଣ ହେଲା? କଣ ହେଲା?"- କୌଶିକ ପାଟିକରୁଥିଲା ।

ଚାରିଆଡେ ପାଣି । ଆଖି ମୋଟ ପାଉନି । କାହିଁ କେଉଁ ଦୂରରେ ଭାରତବର୍ଷ ପଟ ସୁନ୍ଦରବନର କୂଳ । ସେପର୍ଯ୍ୟନ୍ତ ମୋଟେ ଯାଇହେବ ନାହିଁ । ଆରପଟେ ବାଙ୍ଗଲାଦେଶ ଯେ ଦେଖାଯାଉନି । ଏଭିତରେ କେଉଁଠି ଚଡା ଥାଇପାରେ ବୋଲି କେହି ଭାବି ନଥିଲେ । ସବୁଆଡେ ଅଥଳ ପାଣି । କିନ୍ତୁ ତା' ଭିତରେ ଯାଗା ଯାଗାରେ ବାଲି ମାଟିର ଚଡା ଅଛି । ଅସମ୍ଭବ କଥା ।

"ଏମିତି ଚଡାଗୁଡାକ ମନକୁ ମନ ତିଆରି ହୋଇଯାଏ । ମୋଟେ ବିଶ୍ୱାସ ହେଉନି ।"- ନିଳୟ କହିଲା ।

ବୋଟର ତଳ ଚଡାରେ ଲାଗିଯାଇଥିଲା । ଗୌତମ କାତ ମାରିଲା । ମୋଟେ ଫୁଟେ ପାଣି । ବୋଟ ତଳେ ଲାଗିଯିବା କଥା ।

"ଆରେ କାତଟା ଜଲଦି ଲଗା ।"– ଗୌତମ ଖଲାସୀ ଟୋକା ଉପରେ ପାଟିକରି ଉଠିଲା । ଟୋକାଟା କିଛି ବୁଝିପାରିଲା ନାହିଁ । ଏତେ ପାଣି ଭିତରେ ବୋଟ ହଠାତ୍ କାଦୁଆ ବାଲିରେ ଚଡାରେ ଏମିତି ଠିଆ ହୋଇଯାଇପାରେ ବୋଲି ସେ ମୋଟେ ଜାଣି ନଥିଲା ।

ଗୌତମ ନିଜେ ମଙ୍ଗରେ ଠିଆହୋଇ କାତ ମାରିବାକୁ ଲାଗିଲା ।

ଏସବୁ ବଡ ବଡ ନଦୀରେ ଏମିତିଆ ଗ୍ରେଭ୍‌ଚଡା ଥାଏ । ଆଉ ଟିକିଏ ଆଗରେ ଖୋଲା ସମୁଦ୍ର । ଏମାନେ ମୋଟେ ଖୋଲା ସମୁଦ୍ରବାଟେ ଆଗକୁ ଯାଇପାରିବେ ନାହିଁ । ତେଣୁ ସେମାନଙ୍କୁ ନଦୀବାଟରେ ଅନ୍ୟ ଯାଗାକୁ ଯିବାକୁ ପଡିବ ।

"ମୋର କାହିଁ ବିଶ୍ୱାସ ଲାଗୁନି?"-ନିଳୟର ସ୍ୱର ଭାରି ହୋଇ ଉଠିଲା । ସେ ଉଦାସ, ହତାସ ହୋଇଗଲେ ତା'ର ସ୍ୱର କେମିତି ଭାରି ହୋଇଯାଏ ।

ଖଲାସୀ ଟୋକା ବୋଟକୁ ବନ୍ଦ କରୁନଥିଲା । ଆଉ ଗୌତମ ମଙ୍ଗରେ ଠିଆହୋଇ କାତ ଜୋରରେ ମାରୁଥିଲା । ବୋଟ ପ୍ରାୟ ବୁଲିଯାଉଥିଲା । କିନ୍ତୁ ସେ ଚଡାରୁ ବାହାରି ପାରୁନଥିଲା ।

"ଆମେ ଆଉ ବାହାରି ପାରିବାନି ।"–କୌଶିକ କହିଲା ।

ଆଗକୁ କିଛି ସାହାର୍ଯ୍ୟ ମିଳିବ ନାହିଁ । ଏ ଚଡାରୁ ବାହାରିବାପାଇଁ ଏ ବୋଟରେ ସାଧନ ଅଛିକି ନାହିଁ କିଏ ଜାଣେ ?

ପ୍ରାୟ ୧୫ ମିନଟ ଧରି ବୋଟର ଗ୍ଳକ, ବୋଟ ଆଉ ଚଡା ଭିତରେ କସରତ ବା ଟଗ ଅଫ ଓ୍ଵାର ଗ୍ଳଲିଲା । ଶେଷରେ ବୋଟ ବାହାରି ଆସିଲା । ପାଣିରେ କାଦୁଅ ଜୋରରେ ବୁଲୁଥିଲା । ବୋଟ ଗଭୀର ପାଣିକୁ ଆସିଗଲା ।

"ବୋଟ ଏମିତିଆ ପାଣିରେ ଯାଇ ପାରିବ ନାହିଁ ।ଅନେକ ବିପଦ ଅଛି ।" – ଗୌତମ କହୁଥିଲା ।

ବୋଟ ଉଠୁଥିଲା ପଡୁଥିଲା । ବୋଟ ଚଡାରେ ଠିଆ ହେବାରୁ ବୋଟର ତଳେ କଛି କ୍ଷୟକ୍ଷତି ହୋଇଛି କି ନାହିଁ କଏ ଜାଣେ? କୌଶିକକୁ ଡର ଲାଗୁଥିଲା ।

ବୋଟ ଏବେ ଅନ୍ୟ ଗ୍ରସ୍ତାରେ ଭିତର ନାଳଦେଇ ଆଗକୁ ଯିବ । ହଳୟ କଛି କହିବ କହିବ ହେଉଥିଲା । ସେ ଆଗକୁ ଯିବାକୁ ଗ୍ରହୁଁଥିଲା । କଛି କହିପାରୁ ନଥିଲା । ପାଣି, ଚଡା, ପବନ ଆଉ ବୋଟର ଏମିତି ସ୍ଥିତି ଦେଖି ତା'କୁ କଛି କହିବାକୁ ସଙ୍କୋଚ ଲାଗୁଥିଲା । ଯଦି କଛି ହୋଇଯାଏ ତେବେ ଏତେ ଲୋକଙ୍କର ଜୀବନ ଅଯଥାରେ ଗ୍ଳଲିଯିବ । ଜାଣି ଜାଣି ବିପଦ ଭିତରକୁ ଯିବାପାଇଁ ଭିତରୁ ତା'କୁ କଏ ମନା କରୁଥିଲା । ଏଇ କଛି ଦିନ ତଳେ କାକଦ୍ଵୀପର କେତେ ଲୋକ ପାଣିରେ ବୁଡି ମରିଗଲେ । ପବନରେ ସେମାନଙ୍କ ମାଛଧରା ବୋଟମାନ ସମୁଦ୍ରକୁ ଭାସିଗଲା । ତେଣିକି ସାହାରା ନାହିଁ । ପରେ ବାଙ୍ଗଲାଦେଶୀ ନୌସେନିକମାନେ ଜଣକୁ ଚଟ୍ଟଗ୍ରାମ ପାଖ ସମୁଦ୍ରରୁ ଉଦ୍ଧାର କଲେ । ସେ ଲୋକଟି ପାଞ୍ଚଦିନ ଧରି ପାଣିରେ ଭାସୁଥିଲା । ତା' ଆଗରେ ତା'ର ବୋଟର ସମସ୍ତେ ବୁଡି ମରିଯାଇଥିଲେ । ଇଏତ ଗୋଟାଏ ବୋଟର କଥା । ଆଉ କେତେ ବୋଟର ଖୋଜ ଖବର ଆଜି ପର୍ଯ୍ୟନ୍ତ ନାହିଁ ।

ଏବେ ଗୌତମ ନଜେ ମଙ୍ଗରେ ଠିଆହୋଇ ବାଟ ଦେଖାଉଥିଲା । ଖଲାସୀ ଟୋକାଟା ଗୌତମ କହିବା ହିସାବରେ ହୁଇଲ ବୁଲାଉଥିଲା । ଗୌତମର ପରଖିବା ଆଖି । ସେ ପାଣିଭିତର ଭଉଁରିକୁ ଦେଖି ବିପଦ, ଚଡା ଇତ୍ୟାଦିକୁ ଠଉରାଇ ନେଇପାରେ । ଖଲାସୀ ଟୋକାଟା ପାଖରେ ଏତେ ଜ୍ଞାନ ନାହିଁ । ଗୌତମର ହାତଟା ଏକ ମେସିନ ଭଳି ଉପର, ତଳ, କରୁଆ ହେଉଥିଲା । ବୋଟ ଶେଷରେ ସେ ବିପଦଜନକ ଅଞ୍ଚଳରୁ ବାହାରି ଆସିଲା।

ଏଣିକ ଅଧିକା ପାଣି । ସେମିତି କଛି ବିପଦ ନାହିଁ । ଏ ଭିତରେ ପ୍ରାୟ ଅଧଘଣ୍ଟା ବିତିଯାଇଛି । ଆଗକୁ ବୋଟ ଭଲରେ ଗ୍ଭଲି ପାରିବ । ଗୌତମ ଏକ ଲମ୍ବା ଶ୍ୱାସ ନେଲା । ଭାରତବର୍ଷ ପଟ ଦ୍ୱୀପରେ ଗଛସବୁ ସ୍ପଷ୍ଟ ଦେଖାଯାଉଥିଲା । କଛି ଖୋଲା ଯାଗାରେ ହରିଣମାନେ ଚରୁଥିଲେ । ଆଗକୁ ସମୁଦ୍ରଭଳ ପାଣି । ସେପଟୁ ବାଘଆଡୁ କଛି ବିପଦ ନାହିଁ । ପାଛରେ ଖୋଲା ଜମି । ସେ ଭିତରେ ବାଘ ଲୁଚ ରହିପାରିବ ନାହିଁ । ଖୋଲା ଯାଗାରେ ବାଘ ହରିଣକୁ ଦୌଡି ଧରି ପାରିବ ନାହିଁ । ପଛରେ ଗଛସବୁ ସିଧାହୋଇ ବଡ ହୋଇଯାଇଥିଲେ । ଗଛଗୁଡାକର ଉପର ଅଂଶ ସବୁଜ । ଗଣ୍ଡି ଇଉକାଲିପଟାସ ଭଳ ବେଶ ପାଉଁଶିଆ ଧଳା । ଏଠି ଲୁଣାପାଣିରେ ଇଉକାଲିପଟାସ ଗଛ ହୁଏନା ।

ଗୌତମ ପାଣିକୁ ଅନାଇଥିଲା । ସେମାନେ ଚଡାରୁ ବାହାରି ଆସିଛନ୍ତି । ଏବେ ଭଟ୍ଟାର ସମୟ । ଆଉ ଟିକଏ ବିଳମ୍ବ ହୋଇଥିଲେ ବୋଟ ମୋଟେ ଚଡାରୁ ବାହାରି ପାରି ନଥାନ୍ତି । ଅତିକମର ଛଅ ସାତ ଘଣ୍ଟା ସେ ପାଣି ଭିତରେ ଅପେକ୍ଷା କରିବାକୁ ପଡିଥାନ୍ତା ।

ତପନ ପାଣିକୁ ଦେଖି ଅନେକ ଡରି ଯାଇଥିଲା । କଛି ଦୂରରେ ତ ସମୁଦ୍ର ଅଛି । ଧର୍ଯାଉ ଯଦି ବୋଟ ଭାଙ୍ଗିଯାଏ ବା ବୁଡିଯାଏ ତାହେଲେ ସମସ୍ତଙ୍କୁ କାଠଧରି ପହଁରିବାକୁ ପଡିଥାନ୍ତା। ପାଣିରେ ଶାର୍କ ନାହାନ୍ତି ତ**?**

"ପାଣିରେ ଶାର୍କ ଅଛନ୍ତି**?**"- ତପନ ପଗ୍ଭରିଲା ।

"ଏ ନଦୀମାନଙ୍କରେ ଅନେକ ଶାର୍କ ।"

"ଆରେ ବାପ୍‌ରେ ଶାର୍କ । ନଦୀରେ ବି ଶାର୍କ ରହୁଛନ୍ତି ।"- ତପନ ଡରୁଆ ସ୍ୱରରେ କହୁଥିଲା । ତା'ପାଇଁ ନଦୀପାଣିର ଶାର୍କ ବଡ ଆଶ୍ଚର୍ଯ୍ୟଜନକ ଜୀବ ଥିଲା । ସମୁଦ୍ରପାଣିରେ ଶାର୍କଙ୍କ ବିଷୟରେ କୁହାଯାଇଛି । ନଦୀ ଶାର୍କ ଉପରେ କୁହାଯାଇଥିବା କଥା ତା'ର କଛି ମନେ ପଡୁନଥିଲା । ସମୁଦ୍ରରୁ ଶାର୍କମାନେ ଏତେ ଉପରକୁ ଆସିବା କଥା ନୁହେଁ । ନଦୀପାଣି ସମୁଦ୍ରପାଣିଠାରୁ ଅନେକ ମିଠା । ତାହେଲେ ଏ ନୂଆ ଶାର୍କମାନେ କଣ ମିଠା ଲୁଣିଆ ପାଣିର ଶାର୍କ **?** ତାହେଲେ ଏ ଶାର୍କମାନେ ସମୁଦ୍ରକୁ ଯାଇପାରୁ ନଥିବେ ।

"ନଦୀରେ ତାହେଲେ ଶାର୍କ ଅଛନ୍ତି !"- ବଳୟ ସ୍ୱରରେ ବିସ୍ମୟ ଭରି ରହିଥିଲା ।

ଶାର୍କ ଆକ୍ରମଣଟା ଅତି ବିପଦ ଜନକ । କୁମ୍ଭୀର ହାତ ବା ଗୋଡ ଧରି ପାଣିକୁ ଟାଣିନେବା ଜଣାପଡିବ । କିନ୍ତୁ ଶାର୍କ ଗୋଟାଏ କାମୁଡାରେ ବ୍ଲେଡ ଭଳି ଦାନ୍ତରେ ହାତଗୋଡ କାମୁଡି ଛିଡାଇ ନେଇଯିବ । କିଛି ଜଣାପଡିବା ଆଗରୁ ଦେହର ଏକ ଅଂଶ ନଥିବ ।

"ଏ ପାଣିରେ ଶାର୍କ ଆକ୍ରମଣ ହୋଇଛି?"- ତପନ ପଚାରିଲା ।

"ଆମତୋଲି ଗାଁର ଲୋକଟା ନଦୀପାଣିକୁ ଓହ୍ଲାଇ ପଡିଲା । ସେମିତି କିଛି ଡରିବାର ନଥିଲା । ପଛରୁ ଶାର୍କ ଆସି ତା' ପିଚ୍ଛ ଆଉ ଜଙ୍ଘରୁ ବେଶ ପୁଳାଏ ମାଂସ କାମୁଡି ନେଇ ପଳାଇଲା । ଲୋକଟାକୁ ଅନ୍ୟମାନେ ପାଣିରୁ ଟାଣି ଆଣିଲେ ।"- ଗୌତମ କହିଲା ।

"ଏ ପାଣିରେ ଏତେ ବିପଦ । ଆଉ କଣ କିଛି ଶାର୍କ ଭଳି ବିପଦଜନକ ପ୍ରାଣୀ ଅଛନ୍ତି?"- କୌଶିକ ପଚାରିଲା ।

"ଶାଙ୍କୁଚ ମାଛ ଅଛନ୍ତି । ଶାଙ୍କୁଚ ମାଛଗୁଡାକ ବଡ ବିପଦଜନକ । ସେମାନଙ୍କ ଲାଙ୍ଗୁଡରେ ଅସଂଖ୍ୟ କଣ୍ଟା । ଦେହରେ ଭୟଙ୍କର ଯନ୍ତ୍ରଣାଦାୟକ କ୍ଷତ କରେ ।" – ଗୌତମ କହିଲା ।

"ଆଗରୁ ରାଜା ମହାରାଜମାନେ ମାନୁ ନଥିବା ପ୍ରଜାକୁ ଶାଙ୍କୁଚ ଲାଙ୍ଗୁଡ ଚାବୁକରେ ପ୍ରହାର କରୁଥିଲେ । ଯେତେ ବଡ ଅମାନିଆ ଲୋକ ଏମିତିଆ ମାଡ ଖାଇ ଏକଦମ ଥଣ୍ଡା ହୋଇଯାଉଥିଲା ।"-ବଳୟ କହିଲା ।

ପାଓଲି ପାଣିକୁ ଅନାଇଥିଲେ । ଏ ନଦୀପାଣି ଭିତରେ ଏତେ ପ୍ରକାର ସାମୁଦ୍ରିକ ଜୀବମାନେ ରହିଥିବା କଥା ତାଙ୍କୁ ଜଣା ନଥିଲା । ତଳେ କିଛି ଦୂରରେ ବଙ୍ଗୋପସାଗର, ମହା ସମୁଦ୍ର। କେତେ ନଦୀ ନାଳ ଆସି ମିଶିଛି । ଲୁଣା ଆଉ ମଧୁର ପାଣିର ମିଶ୍ରଣ ହେଉଛି । ସେ ଭିତରୁ କେତେକ ଲୁଣାପାଣିର ଜୀବ ମିଠା ପାଣି ସହ ସାମାନ୍ୟ ଭାବରେ ଅଭ୍ୟସ୍ତ

ହୋଇଯାଇଥିବେ । ସେମାନେ ଉପରକୁ ଉଠି ଆସୁଛନ୍ତି । ଏତେ ଚଉଡା ନଦୀରେ ସେମାନଙ୍କୁ ଆଗକୁ ଯିବାରେ କିଛି ଅସୁବିଧା ହେଉନାହିଁ । ତାଙ୍କର କିଛି କହିବାର ନଥିଲା। ସେ ମନେମନେ ନିଜକୁ ନିଜେ ସାଙ୍କୁଡି ଡରରେ ଯାଉଥିଲେ । ବୋଟଟା ଯଦି କିଛି କାରଣବଶତଃ ଭାଙ୍ଗିଯାଏ ତାହେଲେ ଏଠି ବଞ୍ଚିବାର କିଛି ସମ୍ଭାବନା ନାହିଁ ।

ବୋଟ ଏ ଭିତରେ ବେଶ ବୁଲିଗଲାଣି । ନଦୀ ଭିତରର ସରୁଧାର ଦେଇ ଆଉ ଏକ ବଡ ନାଳକୁ ଯିବ । ଆଉ ବଡ ନଦୀରେ ଯିବନି । ଏଇଟା ଶେଷରେ ଗାୟନବାବୁଙ୍କ ଉପଦେଶ ଥିଲା । ନିଳୟ କିଛି କହିପାରିଲାନି । କିନ୍ତୁ କିଛି ଅନ୍ୟ ତରୁଣଙ୍କର ମନ ମାନୁନଥିଲା । ସେମାନଙ୍କୁ ଡର ତ ଲାଗୁଥିଲା କିନ୍ତୁ ଆଡଭେଞ୍ଚର ବା ଦୁଃସାହାସିକ କାମର ନିଶା ମଧ୍ୟ ଘାରୁଥିଲା ।

ବଡ ନଦୀରେ ବୋଟ ଚଳାଇବାପାଇଁ ଅନ୍ୟ ପ୍ରକାରର ମାଝି ଦରକାର ।- ତପନ କହିଲା । ସେ ନିଜକୁ ଅଟକାଇ ପାରୁନଥିଲା । ତପନ କହିବାରେ କିଛି ସତ ଥିଲା । ଯେଉଁଭଳି ଗୌତମ ସେ ଚଡାରୁ ଫେରିଆସିଲା । ସେମିତି ଦେଖିଲେ କଏ ବି ଭାବନ୍ତା ଏ ମାଝି ବହୁତ ବଡ ନଦୀରେ ବୋଟ ନେଇ ପାରିବ ନାହିଁ ।

ନିଳୟ ଖାଲି ମୁଣ୍ଡ ହଲାଉଥିଲା । ପାଓଲି ମଧ୍ୟ ମୁଣ୍ଡ ହଲାଉଥିଲେ । ସେ ନିଜେ ଏକାକୀ ଥିଲେ ମୋଟେ ଏମିତି ଚଉଡା ପାଣି ଭିତରେ ଆଗକୁ ଯିବା କଥା ଭାବିନଥାନ୍ତେ । କିନ୍ତୁ ଏ ଦଳର ଉତ୍ସାହ ଦେଖି ତାଙ୍କୁ ମଧ୍ୟ କିଛି ରିସ୍କ ନେବାପାଇଁ ଇଚ୍ଛା ହେଉଥିଲା । ତାଙ୍କର ମୁଣ୍ଡ ତାଙ୍କ ଭିତରର ଭାବନା ସହ ହଲୁଥିଲା ।

ଗୌତମ କିନ୍ତୁ ସେମାନଙ୍କ କଥା ଶୁଣିଦେଲା । ସେ ମଧ୍ୟ ମୁଣ୍ଡ ଏପଟ ସେପଟ କରି ହଲାଉଥିଲା । ତା'ଏମିତି ମୁଣ୍ଡ ହଲାଇବା ଅର୍ଥ ହେଉଛି ସେ ଏମାନଙ୍କ କଥାରେ ରାଜି ନୁହେଁ। ନ ହେବା କଥା । ତା'ର ଭିତରେ କିଛି ଗୋଟେ ଜୋରରେ କହିବାକୁ ଚାହୁଁଥିଲା । ସେ ନିଜକୁ ଅଟକାଇ ନେଲା ।

"ସେକଥା ନୁହେଁ । ଏ ବୋଟ ମଧ୍ୟ ଯାଇପାରିଥାନ୍ତା । ଆଗକୁ ଲୋକ ନାହାନ୍ତି । ମାଛଧରା ଡଙ୍ଗାର ଲୋକମାନେ କେତେବେଳୁ ପଛରେ ରହିଲେଣି । କିଛି ଦୁର୍ଘଟଣା ଘଟିଲେ ବଞ୍ଚାଇବାପାଇଁ କେହି ନାହାନ୍ତି । ଏ ଚଡାଗୁଡା ଆକସ୍ମିକ ଆସିଯାଉଛି । ଏଣୁ ଯାହା ଗୌତମକଲା ତାହା ସମସ୍ତଙ୍କପାଇଁ ଭଲ ।"- ଗାୟନବାବୁ କହିଲେ ।

ଗାୟନବାବୁଙ୍କ କଥାଟା କିଛି କିଛି ତାର ଶେଷ ଅଂଶ ଭଲ ଲାଗୁଥିଲା । ତାଙ୍କ କଥା ପରେ ପରେ ଆଉ କିଛି କହିବାର ନାହିଁ । ସେ ସୁନ୍ଦରବନ ଭିତରେ ଜୀବନ ବିତାଇ ସାରିଲେଣି । ତାଙ୍କର କଥାଟା ସମସ୍ତଙ୍କ ମନକୁ ପାଇଲା ଭଳି ଲାଗୁଥିଲା । ଜଳୟଭିତରର ନା ଟା ମଧ୍ୟ ହଁ ରେ ପରିଣତ ହୋଇସାରିଥିଲା । ଆଗକୁ କଣ ଘଟିବ କେହି ଜାଣି ନାହାନ୍ତି । ଏପର୍ଯ୍ୟନ୍ତ ବାଘ ଆଉ ବାଂଲାଦେଶୀ ଦସ୍ୟୁମାନଙ୍କ କଥା ଶୁଣାଯାଇଛି । କିନ୍ତୁ ନଦୀ ଭିତରର ବିପଦ କଥା ସବୁ ସମସ୍ତଙ୍କ ପାଇଁ ନୂଆ ଥିଲା ।

"ମାଝିକୁ ବହୁତ ଓସ୍ତାଦ ହେବାକୁ ପଡିବ ।"- ତପନ କହିଲା । ତା'ର ପାଟିଟା କିଛି କହିବା ପାଇଁ ଖଲଖଲ ହେଉଥିଲା । ତପନ ଭଳିଆ ବ୍ୟକ୍ତି ସବୁବେଳେ କିଛି କହିବାପାଇଁ ଅନାଇ ବସିଥାନ୍ତି । କେହି କିଛି କୁହନ୍ତୁ ବା ନକୁହନ୍ତୁ ସେ କିଛି କହିବ । ତା' ପେଟରେ କିଛି କଥା ହଜମ ହୁଏନା । ଗୌତମ ତାହେଲେ କଣ ଓସ୍ତାଦ ମାଝି ନୁହେଁ **?**

ପାଓଲି ଗୌତମକୁ ଅନାଇଲେ । ଗୌତମ ଟିକିଏ ଉଦାସ ଜଣାପଡୁଥିଲା । କେହିଜଣେ ମୁହଁରେ କିଛି କଟାକ୍ଷକଲେ ସାମାନ୍ୟ ଆଘାତ ଲାଗେ । କିନ୍ତୁ କଣ କରିବ**?** ପାଓଲି ଗାୟନବାବୁଙ୍କୁ ଅନାଇଲେ । ସେ ନିଜର ଏକ୍ସପର୍ଟ ଓପିନିଅନ ଦେଇ ବେଶ ହାଲୁକା ଅନୁଭବ କରୁଥିଲେ ।

"ମାଝିକୁ ସବୁ ଅନ୍ଦିକନ୍ଦି ଜଣାହେବା ଦରକାର ।" - ପାଓଲି କହିଲେ । ତାଙ୍କର ଆଖି ଗାୟନବାବୁଙ୍କ ଉପରେ ଲାଗିଥିଲା ।

"ଏତେ ଡଙ୍ଗା ଚାଲୁଛି । ଓସ୍ତାଦ ମାଝି କଣ ମିଳୁନାହାନ୍ତି**?**"- ତପନ ପଚାରିଲା ।

"ନିଶ୍ଚିତ ଭାବରେ ଅନେକ ଲୋକ ବେଶ ଓସ୍ତାଦ । ସବୁ ବୋଟରେ ଆଜିକାଲି ଓସ୍ତାଦ ମାଝିର ଦର ବେଶ ବଢିଗଲାଣି ।"– ଗାୟନବାବୁ କହିଲେ । କେଇ ଯୋଡା ଆଖି ତାଙ୍କୁ ଉତ୍ସୁକତାର ସହ ଚାହିଁ ରହିଥିଲା । ବୋଟରେ ଓସ୍ତାଦ ମାଝିମାନଙ୍କର ବହୁତ ଆବଶ୍ୟକ ଅଛି । କିନ୍ତୁ କାରଣଟା କେବଳ ସମୁଦ୍ର ଭିତରକୁ ନେଇଯିବା କଥା ନା ଆଉ କିଛି ଅଛି? ଗାୟନବାବୁ ସମସ୍ତଙ୍କୁ ଅନାଇଲେ । ଏତେ ଆଖି ଶୂନ୍ୟଦୃଷ୍ଟିରେ ତାଙ୍କୁ ଅନାଇ ରହିଥିଲା । ସେମାନେ ଓସ୍ତାଦ ମାଝିର ଆବଶ୍ୟକତା ଖାଲି ବଡ ନଦୀରେ ଡଙ୍ଗା ବାହିବା ବୋଲି ଭାବିଛନ୍ତି । ସୁନ୍ଦରବନ ଭିତରେ ଅନେକ ଘଟଣା ଘଟିଯାଏ ।

"ବୋଟର ମାଲିକମାନେ ସଜନାଖାଲି ବା କଲିକତାରେ ରହୁଛନ୍ତି । ସେମାନେ ବୋଟ ପ୍ରାୟ ଚଲାନ୍ତି ନାହିଁ । ବୋଟ ଚଲାଇବାପାଇଁ ମାଝି ନିଯୁକ୍ତ କରନ୍ତି । ଆଉ ମାଝିର ଦର ଆଜିକାଲି ଆକାଶ ଛୁଇଁଲାଣି । ସବୁ ଖାଇବାପିଇବା ଖର୍ଚ୍ଚଯାଇ ମାଝିମାନେ ଆଜିକାଲି ବର୍ଷକୁ ଦୁଇଲକ୍ଷ ଟଙ୍କା ନେଲେଣି ।"– ଗାୟନବାବୁ କହିଲେ ।

"ଏତେ ଦର ଆଗରୁ ଶୁଣାନଥିଲା ।"- ହାଲଦାରବାବୁ କହିଲେ ।

"ଭଲ ମାଝିର ଭଲ ପଇସା ।"– ତପନ କହିଲା ।

"ଆପଣଙ୍କୁ କେହି ଡାକ ନଥିଲେ ନା କଣ?"- ହାଲଦାରବାବୁ ଗାୟନବାବୁଙ୍କୁ ପଚାରିଲେ।

"ସେକଥା କହୁଛନ୍ତି । ଘର ଆଗରେ ଚାରିଜଣ ମାଲିକ ଠିଆ ହୋଇଥିଲେ । ଜଣକ ପରେ ଜଣେ ଦର ବଢାଉଥିଲେ । ଶେଷରେ ଦୁଇଲକ୍ଷ ପର୍ଯ୍ୟନ୍ତ କଥା ଯାଇଥିଲା । କିନ୍ତୁ ମୁଁ ରାଜି ହେଲିନି ।"- ଗାୟନବାବୁ କହିଲେ । ତାଙ୍କ ଛାତି ଫୁଲି ଉଠିଥିଲା । ତାଙ୍କର ଏକ ଯୁଗରେ ଭଲ ଭାଉ ଥିଲା । ଆଜି ମଧ୍ୟ କିଛି କମିନି । ସୁବିଧା ଅସୁବିଧାରେ ସମସ୍ତେ ତାଙ୍କୁ ପରାମର୍ଶ କରନ୍ତି ।

"ଦୁଇଲକ୍ଷ ଟଙ୍କା ତ କିଛି ଖରାପ ନୁହେଁ ।"– ତପନ କହିଲା ।

ଗାୟନବାବୁ ଟିକେ ରହିଗଲେ ଆଉ ପରେ ପରେ କହିବାକୁ ଲାଗିଲେ । ତାଙ୍କର କଳା ଶରୀରରଟା ଟିକେ ହଲିଗଲା । ପାଓଲି ଆଉ ସମସ୍ତେ ବୁଢା ଲୋକଟିଙ୍କୁ ଅନାଇଥିଲେ । ବୁଢାମାନେ ଜୀବନର ସବୁ ସୋପାନଦେଇ ଯାତ୍ରା କରିଛନ୍ତି । ସେମାନଙ୍କର କଥାରେ ଅଭିଜ୍ଞତା ଅଛି ।

"ବୟସ ହେଲାଣି । ଆଉ ଟଙ୍କା ପଇସାର ମାୟା ଲାଗୁନ । ଆଉ ଆଗକୁ କଣ ହେବ**?**"- ଗାୟନବାବୁ କହିଲେ ।

ତପନ ତାଙ୍କ ମୁହଁକୁ ଗ୍ୱହୁଁଥିଲା । ପାଓଲି ଭାବୁଥିଲେ ମଣିଷବୁଢା ହୋଇଗଲେ ଧିରେ ଧିରେ ସଂସାରରୁ ମୋହ ମାୟା ଛାଡିଦିଏ । ଆଉ କଛି ଭଲ ଲାଗେନା ।

"ଦୁଇଟା ଷ୍ଟ୍ରୋକ ହେଲାଣି । କେତେବେଳେ ଜୀବନ ଗ୍ୱଲିଯିବ ଜାଣିନ । ଶେଷ ଜୀବନ ଶାନ୍ତିରେ ନିଜ ପରିବାର ସହ ବିତାଇବି । ଶେଷ ନିଃଶ୍ୱାସ ନିଜ ଘରେ ଯାଉ ।"

- ଗାୟନବାବୁ ବଡ ଧିରେ କହିଲେ ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଫୁଲେଇ ମେଘ



ନନ୍ଦିନୀ ରାଉତ

ବରଷା ରାଣୀ ଫୁଲେଇ ହୋଇ
ବରଷି ଯାଉ କଆଁ
ପର ବାସେ ମୋର କାନ୍ତ ଅଛନ୍ତି
ଲାଗଇ ମୋ ମନେ ନଆଁ
ଅଦିନେ ଆସି ଗେହ୍ଲେଇ ହେଉ
ବରଷୁ ଝିପି ଝିପି
କାନରେ ମୋର ନିଜ ଲୋକଙ୍କ
ବାର୍ତ୍ତା ଦେ ଚୁପି ଚୁପି
ରିମଝିମ୍ ତୋର ବରଷା ପାଣି
ଦିଏ ମୋ ମନ ହାଣି
ଚାତକ ନୟନେ ଖୋଜୁଛି ତାଙ୍କୁ
ପାରୁନୁ କି ତୁ ଜାଣି
ଠପ୍ ଠପ୍ ତୋର ବୁନ୍ଦା ରେ ଦେଖ
ଯାଏ ବୁଦ୍ ବୁଦ୍ ଭାସି
ଦୂର ଦେଶ ରୁ ସତେ କି ମୋର
କାନ୍ତ ଆସିବେ ହସି
ଛମ ଛମ ମୋର ପାଉଁଜି ଶବ୍ଦ
ବାଜି ଉଠିବ ଖାଲି
ମୋ ପ୍ରାଣ ନାଥ ଫେରି ଆସିଲେ
ଯିବି ମୁଁ ଦୁଃଖ ଭୁଲି

ବାଲିପଙ୍ଗା

# ମୁଁ ନବବର୍ଷରେ ବଦଳଛି



ନବକଶୋର ଦୀପ

ମୁଁ ତ କେବଳ ତାରିଖ ଟିଏ
ମୋର ପରିବର୍ତ୍ତନରେ ଏତେ ଖୁସି **??**
ହୋ ହାଲ୍ଲା, ବାଣ ଆଉ ଭୋଜି ଭାତ
କେଉଁଠି ଜିରୋ ନାଇଟ୍ ପାଳନ
ତ କେଉଁଠି ଡିଜେ ଓ ଅଜାର
ଛାତିଥରା ଗର୍ଜନ ସହ ନାଲିପାଣିର ପ୍ଲାବନ **...**
ମୁଁ ଏବେବି ମୃତକ ପରି ମୃହିଁ ରହିଛି
ସେ ନବ ବର୍ଷକୁ
ରାତ୍ରିର ନିର୍ଜନତାରେ
କେଉଁ ବନ୍ଦ ଦୋକାନ ପିଣ୍ଡା
ଗଛତଳ, ପାଳଗଦା
ନିଷ୍ଠୁର ଜାଡ଼ର ମାଡ଼ରେ
ଥରଥର ହୋଇ
ବଞ୍ଚିବାକୁ ସଂଗ୍ରାମ କରୁଥିବା
ଦରିଦ୍ର, ଭିକାରିର ପରିବର୍ତ୍ତନରେ
ଉଲ୍ଲସିତ ହୋଇ
ଅଭିନନ୍ଦନ ପତ୍ର ପଠେଇବାକୁ**...**

ମୁଁ ଭାବୁଛି
କାଗଜ କଲମରେ
ଅଙ୍କ ଓ ସଂଖ୍ୟାର ପରିବର୍ତ୍ତନ
ହେଲେ ଏକ ନୂଆ ସକାଳ ଆସିବ **!!**
ଦେଶ ହସିବ
ସେଦିନ ମୁଁ ବି ହସିବି
ଠୋ ଠୋ ହୋଇ
କେଉଁ ପିକନକ୍ ସ୍ପଟ୍ କୁ ଯାଇ
ଗୃଷୀଭାଇ ର ହାତ ଧରି କହିବି
ତୋତେ ଆଉ
ଆତ୍ମ ହତ୍ୟା କରିବାକୁ ପଡ଼ିବନି **!!**
ନୂଆବୋହୂ ପାଖକୁ ଯାଇ କହିବି
ତୋ ରଙ୍ଗୀନ ଲୁଗା ଆଉ ପାଉଁଶିଆ ହେବନି**...**
ଭିକାରିକୁ ଡାକି କହିବି
ଭିକ୍ଷାଥାଳ ଫିଙ୍ଗିଦେଇ
ଆସ ନାଚବା ଥେଇ ଥେଇ**.....**
ଆଉ ଦଳିତ ଆଦିବାସୀକୁ କହିବି
ଜମି ଜଙ୍ଗଲ ଜୀବନଟା  ଗୁଟା ତୁମର
ଜାତିପ୍ରଥା ଏବେ ଏକ ଇତିହାସ**....**
କୁହୁଲି**,** ପିପିଲି
ଇତିଶ୍ରୀ**,** ନିର୍ଭୟାର
ହାତ ଧରି ଫରଫର ହୋଇ
ଗଳି କନ୍ଦି ବୁଲି କହିବି
ଦିନ ହେଉ ଅବା ରାତି

ତୁମ ଇଚ୍ଛା ଯହିଁ ଯିବା ଫିଟି....
ପୁତ୍ରକନ୍ୟା ମୋହରେ ବିଭୋର
ଜରାଶ୍ରମର ପିତାମାତା ଙ୍କୁ କହିବି
ଫେରିଆସ ତମେ
ତମ ପୁଅ ବଦଳ ଯାଇଚ....
ମୁଁ ଅଙ୍କରେ ନୁହେଁ
କ ସଂଖ୍ୟାରେ ନୁହେଁ
କ ତାରିଖରେ ନୁହେଁ
ବାସ୍ତବରେ
ପରିବର୍ତ୍ତନ ହେଇଚ...
ମୁଁ ନବବର୍ଷରେ ବଦଳଛି
ମୁଁ ନବବର୍ଷରେ ବଦଳଛି....

ବୌଦ୍ଧ

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।**

**www.editor.vedantimagazine@gmail.com**

# ମନେ ଅଛି କି....!



ପୂର୍ଣ୍ଣଚନ୍ଦ୍ର ରଣା

ସମସ୍ତେ ଜାଣନ୍ତି ଭ୍ୟାଲେଣ୍ଟାଇନ ଡେ
ସମସ୍ତେ ମନେ ରଖନ୍ତି ହାପି ନ୍ୟୁୟର
ଏହି ପର୍ବ ଯେମିତି
ପ୍ରତି ଘରେ ଘରେ ପରିଚିତ
ପର୍ବକୁ ସମସ୍ତେ ଜାକଜମକରେ
ପାଳନ କରନ୍ତି
ଆଉ ଘରେ ଘରେ ପିଠାପଣା
ଆଉ ମିଷ୍ଟାନ୍ନର ସମ୍ଭାର
କିନ୍ତୁ ଏହି ଜାକଜମକ ଭିତରେ
ଆଜି ଭଳି ପବିତ୍ର ଆର୍ମି ' ଡେ କୁ
ସମସ୍ତେ ଭୁଲି ଯାଇଛନ୍ତି,
ଆଉ ସମସ୍ତେ ଭୁଲି ଯାଇଛନ୍ତି
ସେଇ ବଳିଦାନକୁ
ଭୁଲି ଯାଇଛନ୍ତି
ସେ କର୍ମ ବୀରର ସୁକର୍ମକୁ
ସେ ରକ୍ତାକ୍ତ ବର୍ଦ୍ଦିକୁ
ଆଉ ସେ ଭାରତ ମାତାର
ଛାତିଫଟା କୋହକୁ ।
" ଜୟ ହିନ୍ଦ୍ "

ହାଟସିଂହାପୁର, ଯାଜପୁର

# ନିଆର୍ ଅଭିବ୍ୟକ୍ତି



ଛବିରାଣୀ ପତି

ନିର୍ଯାତିତା ଏହି ଅସହ୍ୟ ପ୍ରାଣକୁ
ଦେଖାଅ ଆଶା ଆଲୋକ
ସେ' ଆଶା ଅସୁୟାରେ ଉଦ୍ଦୀପନା ଭର
ଦିବ୍ୟମା ଏକ ସ୍ମାରକ ।

ସକଳ ହୃଦୟରେ ଉଦ୍ରେକ କର ହେ
ସତ୍ୟ, ଧର୍ମ, ନ୍ୟାୟ, ନିଷ୍ଠା
ମାର୍ମିକ ତତ୍ତ୍ୱର ଉପଲବ୍ଧିରେ ହେଉ
ନିର୍ଯ୍ୟସ ପୁଣ୍ୟ ପ୍ରତିଷ୍ଠା ।

ନିମଗ୍ନ ହେଉ ଏ'ବିଶ୍ୱର ନିଶ୍ୱାସ
ଆଧ୍ୟାତ୍ମ ଚେତନେ ମଜ୍ଜି
ଅବତରିତ ଏହି ଅତି ମାନସରେ
ନିଜକୁ ହେଉ ସେ' ଖୋଜି ।

ନବ ଉତ୍ତୋରଣ ଜୀବନ ବୃତାନ୍ତ
ବିଚିତ୍ର ଗୋଲକ ଧନ୍ଦା
ବିବସ୍ତ୍ରା ଐଶ୍ୱର୍ଯ୍ୟରୁ ମୁକାଳୀ ନିଜକୁ
ସମର୍ପିତ ପଦାରବିନ୍ଦ ।

ମଧ୍ୟ ଶାସନ, ବିରିଡି, ଜଗତସିଂହପୁର

# ଅନ୍ଧବିଶ୍ୱାସ



ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ

ଆପଣମାନେ ପ୍ରତିଦିନ ଖବରକାଗଜରେ ଡାହାଣୀ ପ୍ରଥା ଉପରେ ପଢୁଥିବେ । ମୟୂରଭଞ୍ଜ, କେଉଁଝର, ମାଲକାନଗିରି, ଅନୁଗୁଳ, ଢେଙ୍କାନାଳ ଆଦି ଅଞ୍ଚଳରେ କେତେ ଯେ ଡାହାଣୀ ନାଁରେ ହତ୍ୟା ଚାଲିଛି ତାର କଳନା ନାହିଁ । ଓଡିଶାରେ ଡାହାଣୀ ପ୍ରଥାକୁ ନେଇ ଅତ୍ୟାଚାର ବେଶୀ ତ ଗୋଟିଏ ଆଇନ୍ ମଧ୍ୟ ୨୦୧୩ ମସିହାରୁ ଚାଲୁ ହୋଇଛି । କିନ୍ତୁ ଡାହାଣୀ କହି ସ୍ତ୍ରୀ ଲୋକମାନଙ୍କ ଉପରେ ଅତ୍ୟାଚାର ଅକଥନୀୟ । ସମ୍ବାଦ ପତ୍ରର ପ୍ରତିନିଧିମାନେ ଏହାକୁ ଅନ୍ଧ ବିଶ୍ୱାସ, ଗୁଣୀ, ଗାରେଡି କିମ୍ବା ପୁରାତନ ପ୍ରଥା କହି ବଡ ସମାଲୋଚନା କରନ୍ତି । ଅନେକ ପଢୁଆ ବ୍ୟକ୍ତିମାନେ ଏହି କୁପ୍ରଥା ଗାଁଗଣ୍ଡାରେ ଅଛି ବୋଲି ଧରି ନେଇଥାନ୍ତି । ଏହି ଖବର ପଢି ମୁଁ ବହୁତ ଜଣଙ୍କ ସାଙ୍ଗରେ ଓଡିଶାରେ କଥା ହୋଇଛି । ଏବେ ଗଞ୍ଜାମର ଜିଲ୍ଲାପାଳ ଗୁଣୀ, ଗାରେଡିକୁ ସାବ୍ୟସ୍ତ କରିପାରିଲେ ୫୦,୦୦୦ ଟଙ୍କା ପୁରସ୍କାର ଦେବେ ବୋଲି ମଧ୍ୟ ଘୋଷଣା କରିଛନ୍ତି ।

ଅଳ୍ପଦିନ ତଳେ ରାୟଗଡା ଜିଲ୍ଲାର ଗୋଟିଏ ଛୋଟିଏ ଗାଁରେ ଲୋକମାନଙ୍କୁ ପଚାରିଲି, ସେଠାକାର ଜଣେ ସହରୀୟା ଶିକ୍ଷିତ ବ୍ୟକ୍ତି ବଡ ବ୍ୟସ୍ତ ହୋଇ କହିଲେ, "ଜାଣିଛନ୍ତି ଏଇ ଗାଁର ଲୋକମାନେ ବଡ ଅନ୍ଧବିଶ୍ୱାସୀ । ସାପ କାମୁଡାରେ ଡାକ୍ତରଖାନା ଯାଆନ୍ତି ନାହିଁ । ଗାଁର ବିଜୁଣୀ ପାଖକୁ ଯାଇ ଝଡା ଫୁଙ୍କା କରନ୍ତି । ଦେଶୀ ଚିକିତ୍ସାକୁ ବେଶୀ ଆଦରନ୍ତି । ଦେଖିଲେ କେତେ ପୁରାତନ ଚିନ୍ତାଧାରାର ଲୋକଗୁଡିକ" । ମୁଁ ଯେତେବେଳେ ଗାଁର କିଛି ଲୋକଙ୍କୁ ପଚାରିଲି, ଆପଣ ସତରେ କଣ ଡାକ୍ତର ପାଖକୁ ଯାଆନ୍ତି ନାହିଁ**?** ମୋତେ ଜଣେ

ବୟୋଜ୍ୟେଷ୍ଠ ବ୍ୟକ୍ତି କହିଲେ, "ଆଜ୍ଞା ଆମ ଦୁଃଖ କହିଲେ ସରିବ ନାହିଁ। ଡାକ୍ତରଖାନା ପାଖରେ ନାହିଁ। ଗ୍ଭଲି ଗ୍ଭଲି କମ୍ବା ସାଇକେଲରେ ପାହାଡ ଓହ୍ଲେଇ ଆମେ ଅତି କଷ୍ଟରେ ସରକାରୀ ଡାକ୍ତରଖାନାରେ ପହଁଚଲେ ଆମ କଥା କେହି ଶୁଣନ୍ତି ନାହିଁ। ଘଣ୍ଟା ଘଣ୍ଟା ଅପେକ୍ଷା କରି ଡାକ୍ତର ଆସିଲାବେଳକୁ ଆମ ରୋଗୀର ପ୍ରାଣ ଗ୍ଭଲିଯାଇଥାଏ। ଯଦିବା ଡାକ୍ତର ଦେଖିଲେ, ଆମ ଲୋକ ସେଠାରୁ ପ୍ରାଣ ଥାଇ ଫେରନ୍ତି ନାହିଁ। ଆମର ସେଥିପାଇଁ ଡାକ୍ତରଖାନାକୁ ବଡ ଡର। ଆମେ ଗାଁରେ ବୁଜୁଣୀ ପାଖକୁ ଗଲେ ସେ କୁକୁଡା ବଳ ଦେଇ ଆମ ରୋଗୀ ଭଲ ହେବା ପାଇଁ ଉପାୟ ବତାଏ। ତାପରେ ପ୍ରାଣ ରହିବ ନା ଯିବ, ଆମ ଦେବତା ହାତରେ। ଆମ ଲୋକ ଆମ ଗାଁରେ ରହନ୍ତି। ପ୍ରାଣ ଗ୍ଭଲିଗଲେ ଆମେ ଆମ ଦେବତା, ଠାକୁରାଣୀଙ୍କୁ ଗୁହାରୀ କରୁ। କିନ୍ତୁ ଡାକ୍ତରଖାନାର ନାତ ଖାଇବାକୁ ପଡେନାହିଁ। ବୁଝିଲି ଯେ ସେମାନେ ଡାକ୍ତର ବା ଡାକ୍ତରଖାନାକୁ ସନ୍ଦେହ କରନ୍ତି ନାହିଁ କିନ୍ତୁ ତାଙ୍କ ନିଜର ଅନୁଭୂତିକୁ ନେଇ ଡାକ୍ତର ଉପରେ ଆସ୍ଥା ରଖନ୍ତି ନାହିଁ। ଅନ୍ୟ ସୂତ୍ରରୁ ଶୁଣିଲି ସେମାନେ ଗାଁ ଗହଳରେ ଥିବା ଡାକ୍ତରମାନଙ୍କଠାରୁ ପଥି ଖାଆନ୍ତି। ତାଙ୍କ ନିଜର ଜଡିବୁଟି ଶିତ ବିଦେଶୀ ଔଷଧ ମଧ୍ୟ ଖାଆନ୍ତି। ଏମାନଙ୍କୁ ଅନ୍ଧବିଶ୍ୱାସୀ କହି ଏଡେଇ ଦେବା କଣ ଠିକ୍ କଥା?

ମୁଁ ଜଣେ ବିଜୁଣୀକୁ ଭେଟିଲି। ଗାଁରେ ବୁଜୁଣୀ (ସ୍ତ୍ରୀ ଗୁଣିଆ) ଏବଂ ବିଦୋ (ପୁରୁଷ ଗୁଣିଆ) ବଡ ସାଧାରଣ ଲୋକ। ସେମାନଙ୍କୁ ଗୁଣିଆ କୁହାଯାଇପାରେ। ତାଙ୍କ ଘର ଅନ୍ୟମାନଙ୍କ ଘରଠାରୁ ନିଆରା ନୁହେଁ। ଦିନ ଗୋଟାଏ ବେଳେ ବିଜୁଣୀ ଜଣକ ଜଙ୍ଗଲରୁ ତାଙ୍କ ଗ୍ଭଷ କାମ ସାରି ଜାଳ ନେଇ ଫେରିଥାନ୍ତି। ଗାଧୋଇ ସାରି ଗୋଟିଏ ଧଳା ସୁତା ଶାଢୀ ପିନ୍ଧିଥାନ୍ତି। ମୋତେ ଆଦରରେ ପାଖରେ ବସେଇଲେ। ପଗ୍ଭରିଲି ଆପଣ କଣ କରନ୍ତି? "ଲୋକମାନେ ଡାକଲେ ଯାଏ। ଦେହ ଖରାପ ହେଲେ ପଥି ଦିଏ। ଫସଲ ଗ୍ଭଷ ପୂର୍ବରୁ କ୍ଷେତରେ ପୂଜା କରାଏ। ଆମ ଯାନୀଯାତ୍ରାରେ ପୂଜାରୀ ହୁଏ"। ଜଣେ ବଡ ସାଧାରଣ ଭଦ୍ର ମହିଳା କିନ୍ତୁ ମୁହଁଟି ତେଜସ୍ୱୀ। ମୋ ମୁଣ୍ଡ ନଇଁଗଲା। ଜଣେ ବିଦୋଙ୍କ ସାଙ୍ଗରେ ମଧ୍ୟ ଦେଖାହେଲି। ସେମାନେ ବଡ ଶକ୍ତିବାନ। ତାଙ୍କର ଦେବତା ପାଖକୁ ଲୋକମାନଙ୍କର ଗୁହାରୀ ଶୁଣାନ୍ତି। ଲୋକମାନଙ୍କର ହିତ ପାଇଁ ନିଜର ସମୟ ଦିଅନ୍ତି କିନ୍ତୁ

ବଡସାଧାରଣ ଭାବରେ ରୁହନ୍ତି । ତାଙ୍କର ଅଲୌକିକ ଶକ୍ତିକୁ ଦେଖାଇ ବାହାବା ନଅନ୍ତି ନାହିଁ । ମୋତେ ସେମାନଙ୍କୁ ମାଗ୍ରମ୍ଭକ ବୋଲି ବିଶ୍ୱାସ ହେଲାନାହିଁ ଏବଂ ମୁଁ ବାହାରି ଲୋକ ତାଙ୍କର ଶକ୍ତିକୁ ସମାଲୋଚନା କରିବାର ଅଧିକାର ମୋର ନାହିଁ ।

ମୁନଗୁଡା ପାଖରେ ଗୋଟିଏ ଡଙ୍ଗାରିଆ କନ୍ଧ ଗାଁରେ ଲୋକଙ୍କୁ ପଗ୍ଭରିଲି । ଆପଣମାନେ କଣ ଗୁଣୀ ଗାରେଡିରେ ବିଶ୍ୱାସ କରନ୍ତି**?** ଡାକ୍ତରଙ୍କ ପାଖକୁ ଦେହ ଖରାପ ହେଲେ ଯାନ୍ତି ନାହିଁ**?** ଗୋଟିଏ ଭେଣ୍ଡିଆ ଲୋକ ମୁହଁ ଖୋଲିଲେ । ଆଜ୍ଞା ଆମେ ଆମ ବାପା, ଜେଜେ ବାପାଙ୍କ ଅମଳରୁ ଜଡିବୁଟି ଉପରେ ବିଶ୍ୱାସ କରିଆସୁଛୁ । ଆମେ ପାହାଡ ପର୍ବତରୁ ଚେରମୂଳ ଖାଇ ଆମ ଦେହ ଭଲ ହୁଏ । ବର୍ତ୍ତମାନ ଆଉ ଏ ଚେରମୂଳ, ବିଜୁଣୀ ଚକସ୍ନାରେ ଆମ ଦେହ ଭଲ ହେଉନାହିଁ । ସାଧାରଣ ଲୋକଙ୍କୁ ବଣ୍ଟାଯାଉଥିବା ଗ୍ଭଉଳ ମିଳୁଛି । କଲୋ ଟଙ୍କାଟେ । **Genetically modified (GM)** ରାସାୟନକ ମିଶା ଗ୍ଭଉଳ ଏବଂ କୀଟନାସକ, କେମିକାଲ ଯୁକ୍ତ ପରିବା ଖାଇ ଆମ ମାନଙ୍କର ଦେହ ଖରାପ ହେଉଛି । ଆମକୁ ଡାକ୍ତରୀ ଚକସ୍ନା ମିଳେନାହିଁ । ଆମେ ଜଡି ବୁଟି ଔଷଧ ଖାଇଲେ ମଧ୍ଯ କଛି ଫଳ ମିଳୁନାହିଁ । ଆମ ଭାଗ୍ୟକୁ ଆଦରୀ ଆମେ ରହିଛୁ । ତା ଉପରେ ଆମେ ଅନ୍ଧବିଶ୍ୱାସୀ ବୋଲି ସମାଲୋଚନା ଗ୍ଭଲିଛି ।

ଗୋଟିଏ କନ୍ଧ ଗାଁରେ ଜଣେ ବିଦୋ (ପୁରୁଷ ଗୁଣୀଆ) କୁ ଭେଟିବାକୁ ଯାଇଥାଏ । ବଡ ସାଧାରଣଲୋକ ଜଙ୍ଗଲକୁ ଯିବା ପାଇଁ ବାହାରିଥାନ୍ତିଁ । ସେ ଗାଁର ସମସ୍ତଙ୍କ ଦେହ ପା କଥା ବୁଝନ୍ତି । ଗାଁ ପାଖରେ ଜଣେ ପ୍ରତ୍ୟକ୍ଷ ଠାକୁରାଣୀଙ୍କ ମନ୍ଦିର ଅଛି । ସେହି ମନ୍ଦିରରେ ସେ ପୂଜା ପାଠ ମଧ୍ଯ କରନ୍ତି । ତାଙ୍କ ଘର ସାମନାରେ ଗୋଟିଏ ସ୍ତ୍ରୀ ଲୋକର ବହୁତ ଦେହ ଖରାପ । ସାଡେଙ୍ଗା ହୋଇ ୫୦ବର୍ଷର ସ୍ତ୍ରୀ ଲୋକଟିଏ । ମୁହଁଟି ବଡ ସୁନ୍ଦର । କାଶୁଥାନ୍ତି । କହିଲେ ଦେହ ଭଲ ନାହିଁ । ଡାକ୍ତରଖାନାରେ ଟଙ୍କା ମାଗୁଛନ୍ତି । ଟଙ୍କା ନଦେଲେ ଦେଖିବେ ନାହିଁ । ସରକାରୀ ଡାକ୍ତରଖାନାରେ ଔଷଧ ନାହିଁ । ଯାହା ପାଣି ପାଣି ଔଷଧ ଦେଉଛନ୍ତି, ସେଥିରେ ଦେହ ଭଲ ହେବାର ପ୍ରଶ୍ନ ନାହିଁ । ବଡ କାମିକା ଲୋକ । ବର୍ତ୍ତମାନ ବସି ବସି ଦେହଟା ଦୁର୍ବଳ ହୋଇଗଲାଣି । ମୋର ଟଙ୍କିକଆ ଗ୍ଭଉଳ ଏବଂ ସାରଦିଆ ପରିବା କଥା ମନେ ପଡିଲା ।

ଏଇଠି ମୁଁ ଆପଣମାନଙ୍କୁ ମଙ୍ଗ ଲୋକମାନଙ୍କ **(Hmong)** ବିଷୟରେ ଦୁଇଧାଡି କହିବି । ସେମାନଙ୍କ ରାଜ୍ୟ ହେଲା **Laos, Vietnam** ଏବଂ **Thailand** ମଝିରେ ଛୋଟିଆ ଦେଶଟିଏ । ସେମାନେ **(Shaman)** ଗୁଣୀଆ ଉପରେ ବିଶ୍ୱାସ କରନ୍ତି । ଗତ ୧୯୭୦ ମସିହାରୁ ବହୁତ ମଙ୍ଗ ଲୋକ ଆମେରିକାରେ ବସବାସ କରିଛନ୍ତି । ସେଠି ମଧ୍ୟ ସେମାନେ ତାଙ୍କ ଗୁଣୀଆଙ୍କ ଠାରୁ ଔଷଧ ନିଅନ୍ତି । କୁକୁଡା ବଳି, ଗାଈ ବଳି ଦେଇ ଦେହ ଭଲ ପାଇଁ ପୂଜା ବିଧି କରନ୍ତି । ତାଙ୍କ ଉପରେ ବହୁତ ଗବେଷଣା ହୋଇଛି । ସେମାନେ ଡାକ୍ତରଙ୍କ ଔଷଧ ଖାଆନ୍ତି କିନ୍ତୁ ଅନେକ ତାଙ୍କ ନିଜ ଗୁଣୀର ଔଷଧ ଉପରେ ବିଶ୍ୱାସ କରନ୍ତି । ବର୍ତ୍ତମାନ ଆମେରିକାରେ ମଙ୍ଗ ଗୁଣିଆମାନେ ଡାକ୍ତରଖାନାରେ ଯାଇ ତାଙ୍କ ଲୋକଙ୍କ ପାଇଁ ପୂଜା, ପାଠ କରିବେ ବୋଲି ଅନୁମୋଦିତ ହୋଇଛି ।

ଗତ ନଭେମ୍ବର ମାସରେ ଲଣ୍ଡନର କ୍ରୋୟଡନ୍ ସହରରେ ଗୋଟିଏ ବିରାଟ ବଡ ଡାହାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେଥିରେ ବହୁତ ଗୁଡିଏ କର୍ମଶାଳା ରହିଥିଲା । ନାନା ଦେଶରୁ ଭାଗ ନେବା ପାଇଁ ଲୋକମାନେ ଆସି ପ୍ରକୃତି ପୂଜା, ନାରୀ ଶକ୍ତି ଇତ୍ୟାଦି ଉପରେ ଚର୍ଚ୍ଚା କରିଥିଲେ । ଆୟୋଜକମାନଙ୍କ କହିବା ଅନୁସାରେ ଏଇଟା ସାରା ପୃଥିବୀରେ ସବୁଠାରୁ ବଡ ଡାହାଣୀ ଉତ୍ସବ ଥିଲା ।

ଆମେରିକା ଏବଂ ଇଉରୋପରେ ଡାହାଣୀମାନଙ୍କ ଉପରେ ଏବଂ ସେମାନଙ୍କର ଜ୍ଞାନ ଏବଂ ଅଭ୍ୟାସକୁ ନେଇ ଟେଲିଭିଜନ ଏବଂ ରେଡିଓରେ ଧାରାବାହିକ ସବୁ ରହିଛି । ଯଥା ସବ୍ରିନା **(the adventures of Saprina for Netflix)** ଏବଂ ଚାର୍ମଡ୍ **(Charmed)** ଇତ୍ୟାଦି । ଡାହାଣୀମାନଙ୍କର **Podcast** ଏବଂ ଡାହାଣୀ ପ୍ରଥା ଉପରେ ସବୁ ପ୍ରକାର ତଥ୍ୟ ସୂଚନା ଏବଂ ଟିପଣୀ ରହିଛି **(hastag nitches of instagram)** । ପ୍ରାୟ ୩୦ ଲକ୍ଷ ଲୋକ ଏହି ସୂଚନାକୁ ଅନୁକରଣ କରନ୍ତି । ଏହା ଛଡା ଅନେକ ବହି ଡାହାଣୀ ବିଶ୍ୱାସ, ଡାହାଣୀଙ୍କର ଦୈବୀ ଶକ୍ତିକୁ ନେଇ ବାହାରୁଛି । **Publishers Weekly** ଏହାକୁ **"Season of the nitch"** ବୋଲି ଘୋଷଣା କରିଛନ୍ତି ।

୧୭୦୦ ଶତାବ୍ଦୀରୁ ଡାହାଣୀପ୍ରଥାକୁ ନେଇ ଆମେରିକାରେ ଡାହାଣୀମାନଙ୍କୁ ବହୁ ପରିମାଣରେ ନର୍ଯ୍ୟାତନା ସହିବାକୁ ପଡିଛି । ସେଲମ୍ ଟ୍ରାଏଲ୍ ୧୯୯୨ ରେ ଅନେକ ସଂଖ୍ୟାରେ ସ୍ତ୍ରୀ ଲୋକମାନଙ୍କୁ ଡାହାଣୀ ନାଁରେ ଦଣ୍ଡ ମିଳଥିଲା ଏବଂ ୧୯ ଲୋକଙ୍କୁ ସେଥିପାଇଁ ପ୍ରାଣଦଣ୍ଡ ମିଳଥିଲା । କନ୍ତୁ ଏହି ଦଣ୍ଡ ପ୍ରଥା ଆମେରିକାରେ ଅନେକ ଦିନରୁ ବନ୍ଦ ହୋଇଛି ।

ବିଂଶ ଶତାବ୍ଦୀରୁ ଡାହାଣୀମାନଙ୍କ ଉପରେ ଚର୍ଚ୍ଚା ଗୋଟିଏ ଆନ୍ଦୋଳନରେ ପରିଣତ ହୋଇଛି । ମୋ ବିଶ୍ୱବିଦ୍ୟାଳୟରେ ଝିଅମାନେ ବଡ ଗର୍ବର ସହିତ କହନ୍ତି, ମୁଁ ଗୋଟିଏ ଡାହାଣୀ ଏବଂ ମୁଁ ପ୍ରକୃତି ପୂଜା କରେ । ପ୍ରକୃତିର ଶକ୍ତି ଉପରେ ବିଶ୍ୱାସ ରଖେ । ପାଠକେ, ଆମେ ଯଦି ଆମର ସ୍ତ୍ରୀମାନଙ୍କୁ ଯଥାଯୋଗ୍ୟ ସମ୍ମାନ ଦେବା ଏବଂ ଆଦିବାସୀମାନଙ୍କୁ ତଳୁଆ ନଭାବି ତାଙ୍କ ଜ୍ଞାନର ପରିଚୟ କରିବା, ଆମେ ମଧ୍ୟ ସେମାନଙ୍କଠାରୁ ଅନେକ କଛି ଶିଖି ପାରନ୍ତେ ।

ଡାହାଣୀ ନାଁରେ ଯେଉଁ ହତ୍ୟା ଚାଲିଛି ସେ ନାରୀମାନଙ୍କୁ ଚୁପ୍ କରାଇବାର ଗୋଟିଏ ଉପାୟ । ଗୋଟିଏ ଜଣାଶୁଣା ସମ୍ବାଦପତ୍ରର ଏଡିଟର ମୋତେ କହିଲେ, ଶତକଡା ୯୦ ଭାଗ ଡାହାଣୀ ହତ୍ୟା ସମ୍ପର୍କକୁ ନେଇ । ତେଣୁ ଏଇ ବିଷୟର ଆଲୋଚନା ହେବା ଏକାନ୍ତ ଆବଶ୍ୟକ । ଖାଲି କୁସଂସ୍କାର କହି ଏହି ଡାହାଣୀ ପ୍ରଥାକୁ ଅମାନ୍ୟ କଲେ ହେବ ନାହିଁ ।

ପ୍ରଫେସର, କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ୟୁଏସଏ

# ଶ୍ରୀ ରାମ ନାମ



ନରେଶ ତ୍ରିପାଠୀ

ଯା ନାମ ଓଲଟ ଯପି ରତ୍ନାକର ହେଲ୍ ତପୀ
ଯା ନାମ ଶୁଦ୍ଧ ପୀୟୁଷ ମୁକତି ସାର,
ଯା ନାମ କରତେ ଯପି ହନୁମନ୍ତ ମହାକପୀ
ଲଭିଲେ ଶକତି ଜ୍ଞାନ ଚର ଅମର
ଭବ ପାରାବାରେ ଯାର ନାମ ନାବସମ
ଯା ନାମ ଆୟୁଧେ ନାଶେ ଦୁର୍ଗତି ବିଷମ
ଶ୍ରୀରାମ ଶ୍ରୀରାମ ଶ୍ରୀରାମ ଶ୍ରୀରାମ ॥
ଯା ପଦ ଉଦ୍ଧରେ ଜଡତା ଅନ୍ଧକାର,
ଯା ପାଦ କ୍ଷାଳି ଧୀବର ଲଭିଲ୍ ମୁକତି ଦ୍ୱାର
ଯା ପାଦ କ୍ଷାଳନେ ନାଶ ବ୍ରହ୍ମାହର,
ଯା ପାଦୁ ବହିଣ ଗଙ୍ଗା କରଇ ପାବନ
ଯେ ଚର ଶାଶ୍ୱତ ଶାନ୍ତ ପୁରୁଷ ଉତ୍ତମ
ଶ୍ରୀରାମ ଶ୍ରୀରାମ ଶ୍ରୀରାମ ଶ୍ରୀରାମ ॥

# ଜୟ ଜୀବନ

ଭବାନୀ ପ୍ରସାଦ କର

ଜନ୍ମରୁ ଜଗ୍, ଜୁଇ ଯାଏଁ ଯାତ୍ରା
ଏଇ ଅଛି ଏଇ ନାହିଁ ର ଜୀବନ
ଅସୁମାରୀ ସ୍ୱପ୍ନ, କ୍ଷୋଭ ଆଉ ଅନାବନା ଭାବନା
ସନ୍ତୁଳ ଉଠୁଚ
ପରିଚୟ ଖୋଜୁଛି ଜୀବନ।

ପ୍ରତିଟି ମୁହୂର୍ତ୍ତରେ ସଙ୍କା ସାଉଁଟୁଛି ଭଗବାନ ଓ ସଇତାନ।
ଶୁଳରେ ବସିବାକୁ ଥିବା ସଂଗୃହିତ ସଂସ୍କାର ଗ୍ରେର କ ସାଧୁ
ନଷ୍ଟଭି ନେଇପାରୁନ ଇତିହାସ।।

ଯୁଗନୁମୋଦିତ ଧର୍ମ ବୋଲି ବାଣୀ ଦେଇସାରିଛନ୍ତି ବିଗ୍ରରକ
ମାତ୍ର ନୂଆ ପୁରୁଣା ର ଦ୍ୱନ୍ଦ ଓ ସଂଘର୍ଷ ଚରନ୍ତନ
ଚରକାଳ ବିଧାତା ନର୍ବିବେକ।

ବାସନ୍ତୀର ବୟସ ଅପରାହ୍ନରେ, ସେଠି ପୁରୁଷ କ ସ୍ତ୍ରୀ ହେବା ଅପ୍ରାସଙ୍ଗିକ
ବାସନ୍ତୀ ବନଯାଏ କ୍ଲିବଲିଙ୍ଗବାଚକ
ଯେମିତି ଜୁଇ ନଆଁ ବୁଝେନା, କେ ମଠ ମହନ୍ତ କେ ବା ଡକେଇତ।

କେବେ ହସର ରଙ୍ଗ ଖାକ ଥିଲା
କେବେ ବା ଗୋଲାପି କ ଶବୁଜ
କାଳକ୍ରମେ ଜୀବନ ବୁଝେଇଦିଏ, କଳାଧଳା ହେଉ କ ରଙ୍ଗୀନ୍
ହସ କେବଳ ହସଟିଏ।

ଦିଗନ୍ତ ଆରପାଖେ ସ୍ୱାମୀର ଶବ ଧରି ସଉତୁଣୀ କାନ୍ଦୁଛି
ହସିବ କ କାନ୍ଦିବ ଜୀବନ, ଦାନ୍ତ ଦେଖାଉଛି।

ନିୟତି ନିର୍ଦ୍ଦେଶିତ, ପରିଧି ଟପିଯିବାକୁ ସତତ ଚେଷ୍ଟିତ
ଗଣ୍ଡୁଷରୁ କଳସ, ସରୋବର ରୁ ସିନ୍ଧୁ ଯାଏଁ।

ଲୁହର ଉଷୁମ ପଣ ନ ଥାଏ କାଳ କାଳ
ମୃତ୍ୟୁ ବି ସବୁବେଳେ ନ ଥାଏ ଶୀତଳ
ସବୁ ସଜ୍ଞାକୁ ବଳିଯିବାକୁ ଉଦ୍ୟତ ଜୀବନ
କେବେ ବର୍ଣ୍ଣହୀନ ତ କେବେ ବିଚିତ୍ରବର୍ଣ୍ଣା
କେବେ ସର୍ବଭକ୍ଷ ତ କେବେ ଅପର୍ଣ୍ଣା
କେବେ ବିଧା ଗୋଇଠା କେବେ କ୍ଷୀରିପିଠା
ସବୁ ବିରୋଧାଭାସ କୁ ଆତ୍ମସ୍ଥ କରିବାର
ଆସ୍ପର୍ଦ୍ଧା ରଖିଥିବା ବାଇମନ ଏ ଜୀବନ
ସବୁଠୁ ମହାନ, ତାର ଜୟ ଗାନ ତାର ଜୟଗାନ।

ପି ଏନ୍ କଲେଜ୍ ଉପ ଡାକଘର
ଖୋର୍ଦ୍ଧା

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଶୀତ

ଶ୍ରୀ ଡମ୍ବରୁଧର ବାଗ

କେମିତି କହିବି ଶୀତର କାହାଣୀ
କହିବାକୁ ଲାଗେ ଡର।
ଖର୍ ଠାରୁ ଭରି ଅଝଟିଆ ସିଏ
କରିଦିଏ ଥରହର ।
ଗୋଡହାତ ଥରେ ଥରେ ଯେ ଶରୀର
କଷ୍ଟ ହୁଏ ଅପ୍ରମିତ ।
ଘନ ଘନ ବହେ ଶୀତୁଆ ପବନ
କରୁଅଛି ପ୍ରଣିପାତ ।
ନ ରହେ ସାହାସ ନ ରହେ ଧୈର୍ଯ୍ୟ
କଂକର୍ତ୍ତବ୍ୟ ବିମୂଢ ମୁଁ ।
ଚର୍ମ ଫାଟିଯାଇ ବହଇ ରୁଧିର
କରିପାରୁ ନାହିଁ ମୁଁ ହୁଁ ।
ଛୋଟ ଘର ଲୋକ ନ ମେଣ୍ଟଇ ଭୋକ
କରୁଥାଏ ହାହାକାର ।
ଜଳ ଜଳ ଦେଖେ ଶୀତ ପୋଷାକକୁ
କରି ନ ପାରି ବେଭାର।
ଝରେ ତା ନୟନୁ ଲୁହ ଧାର ଧାର
କ୍ରୟ କରିବାର ପାଇଁ ।
ନ ହୁଏ ଶକତି ଅର୍ଥ ହୀନ ବୋଲି
କହେ ତୁଣ୍ଡେ ହେ ଗୋସାଇଁ।
ପୁଙ୍ଗୁଳା ଦେହରେ ଛୁଆ ପିଲା ତା'ର
କରନ୍ତି ବେଦନ ଅତି ।
ଫକୀର ବିଚରା ଦୁଃଖରେ ବିତାଏ

କରି ଶୀତ କୁ ତା ସାଥୀ ।
ବୁଢା ଅଜା ଦାଣ୍ଡେ ବସି ଖୁଁ ଖୁଁ କରି
କାଶୁ ଥାଏ ଖଣ୍ଡକାଶ।
ଘାରି କଷ୍ଟ ଭୋଗେ ଛାତି ଯନ୍ତ୍ରଣାରେ
କଫ ହୁଏ ଟି ଅଶେଷ ।
ମରନ୍ତି ଅନେକ ଶୀତର ପ୍ରକୋପେ
କମ୍ପମାନ ହୁଏ ଧର୍‌ ।
ଯହୁଁ ବଢେ ଶୀତ ତହୁଁ ଲାଗେ ଭୟ
ଥରହର ଜଗ ସାର୍‌ ।
ରହିହୁଏ ନାହିଁ ସହି ହୁଏ ନାହିଁ।
ତଥାପି ବଞ୍ଚିବା ହେବ।
ଲୁହ ପଛେ ଝରୁ ଦରିଦ୍ର ନୟନେ
ଏ ସମୟ କଟ୍ଟେ ଯିବ।
ବହଇ ସମୀର ଶୀତଳ ଶୀତଳ
ଫଳୁ ସୁନାର ଫସଲ ।
ଶକତି ଭରୁ ଯେ କୃଷକ ପ୍ରାଣରେ
ମନ ହେଉ ତା ଚଞ୍ଚଳ ।
ଷାଣ୍ମାତୁର ଦେବ ହୁଅନ୍ତୁ ସହାୟ
କରନ୍ତୁ ପ୍ରଦାନ ବଳ।
ସକାଳ ଟା ହେଉ କାକର କାକର
ରଜନୀ ହେଉ ଶୀତଳ।
ହେଇ ଯାଉ ଧର୍‌ ଶସ୍ୟ ଶ୍ୟାମଳା
କୃପା ହେଉ ସେ ଶୀତର ।
କ୍ଷୁବ୍ଧ ଜମା ନୁହଁ ଏ ଶୀତ ପାଇଁ ତ
କାତର ବି ନୁହେଁ ତୀବ୍ର ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି

# ସିଏ ତ ଗୋଟିଏ ମାଆ !



ହରେରାମ ପଣ୍ଡା

ଶିବ ପୂଜି ମାଆ ପାଇଥିଲା କୋଳେ
ଦୁଇପୁଅ ପୁଣି ଗୋଟିଏ ଝିଅ,
ପାଇଛି କେତେ ସେ ଗରଭ ବେଦନା
ତାକୁ ବୁଝିଲେନ ପୁଅ କ ଝିଅ ॥

ସ୍ୱାମୀ ଚାଲିଗଲେ ଅଧାବାଟେ ଛାଡ଼ି
ଦୁଃଖ ସାଗରରେ ଭସାଇ ଦେଇ,
ପରଘରେ ମୂଲ ମେହେନତ କରି
ଛୁଆଙ୍କୁ ଅଧାର ଥାଏ ଯୋଗାଇ ॥

ପାଠପଢ଼ି ପିଲା ବଡ଼ ହେଇଗଲେ
ମାଆର ଆଖିରେ ଶହେ ସପନ,
ପୁଅଝିଅ ବାହା କାମ ସରିଗଲା
ହୋଇଲା ବୁଢ଼ୀର କପାଳ ବାମ ॥

ଚାକରିଆ ପୁଅ ବୋହୂ, ଝିଅଜୋଇଁ
ଯେ ଯାହା ବାଟରେ ରହିଲେ ଯାଇଁ,
ଭଙ୍ଗା ଚାଳଆରେ ଦିନ କାଟେ ବୁଢ଼ୀ
ତା' କଥା କାହାରି ମନରେ ନାହିଁ ॥

ଯେଉଁ ମାଆ ଦିନେ ଉପାସରେ ରହି
ସମସ୍ତଙ୍କୁ ଥିଲା ଦାନା ଯୋଗାଇ,
ସେମାନଙ୍କରତ ନାହିଁ ମନୋଭବ
ଗୋଟିଏ ମାଆକୁ ପୋଷିବା ପାଇଁ ॥

ପରଘରେ କାମ କରେ ଆଜି ବୃଦ୍ଧୀ
ପେଟ ଗୁଖଣ୍ଡକ ପୁରିବା ପାଇଁ,
ସଡ଼କ କଡ଼ରେ ବିକେ ଫଳମୂଳ
ଜର୍ଶ୍ରମ ପଥ ଥାଏ ଅନାଇ ॥

ଆଇନ କହୁଛି ଏପରି ସନ୍ତାନ
କଠିନ ଭାବରେ ଦଣ୍ଡିତ ହେବେ,
ଆପଣା ସନ୍ତାନେ ଦଣ୍ଡ ଦେବାପାଇଁ
କେଉଁ ପିତାମାତା କେବେ ଗୁହିଁବେ ?

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

**(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା। ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ।)**

## -ଉତ୍ତର-

### ପ୍ରଶ୍ନ - ୧୮ : ସବୁ ଧର୍ମର ସାରକଥା ସମାନ - ଏ କଥା ଉପରେ ଆପଣଙ୍କ ବ୍ୟକ୍ତିଗତ ମତ କ'ଣ?

- 'ସତ୍ୟ-ଶିବ-ସୁନ୍ଦର' ହିଁ ସବୁ ଧର୍ମର ମୂଳମନ୍ତ୍ର ବୋଲି ମୁଁ ବିଶ୍ୱାସ କରେ ।

**[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]**

- ସବୁ ଧର୍ମର ମୌଳିକ ତତ୍ତ୍ୱ ସମାନ, ଧର୍ମର ଏହି ଅର୍ଥ ଓ ସ୍ୱରୂପ ଆମେ ଜାଣିବା ଉଚତ । 'ଧର୍ମ ଧାରଣେ ଧରିତ୍ରୀ ରହିଛି ସବୁ ଯୁଗରେ', ଏହା ସେହି ଧର୍ମ ହେବା ଉଚତ । ଏହା ସାମ୍ପ୍ରଦାୟିକ । ଧର୍ମ ସତ୍ୟ ଓ ଅହିଂସା ଆଧାରିତ ଚରନ୍ତନ ଧର୍ମ ହେବା ଆବଶ୍ୟକ, ଯଦ୍ୱାରା ଜନ-ସମାଜ କଳଯୁଗରେ ଅମୃତତ୍ୱ ପ୍ରାପ୍ତ ହୋଇପାରିବେ ।

**[ପ୍ରଫେସର ଶତ୍ରୁଘ୍ନ ନାଥ]**

- ମୁଁ ଏଥିରେ ଏକମତ ।

**[ଡ. ସଚ୍ଚି ରାଉତରାୟ]**

- ଧର୍ମୋପଦେଶ ଓ ଧର୍ମାଚରଣ ପରସ୍ପର ଭିନ୍ନ । ପ୍ରତ୍ୟେକ ଧର୍ମର ସାରବତ୍ତା ରହିଛି। ସେ ଦୃଷ୍ଟିରୁ ଭଗବତ ପ୍ରାପ୍ତି ଲାଗି ଧର୍ମୋପଦେଶ ପ୍ରାୟ ସବୁ ଧର୍ମରେ

ସମାନ । ଠିକ୍ ସେହିପରି ଧର୍ମୋପଦେଶ ମଧ୍ୟ ସାମାଜିକ ନିୟନ୍ତ୍ରଣରେ ସାହାଯ୍ୟ କରେ । ଏହା ବୋଲି ଧର୍ମାଚରଣ ସମାନ ନୁହେଁ ।

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏହା ସୁନିଶ୍ଚିତ । ଶରୀର ପାଇଁ ଖାଦ୍ୟ ଆବଶ୍ୟକ, ଏହା ସର୍ବବାଦୀସମ୍ମତ । କିନ୍ତୁ କେଉଁ ଜିନିଷ, କେତେବେଳେ ଏବଂ କେଉଁ ପରିମାଣରେ ଖାଇବାକୁ ହେବ, ମତଭେଦ ତହିଁରେ ପ୍ରକାଶ ପାଇଥାଏ । ଧର୍ମରାଜ୍ୟରେ ଠିକ୍ ସେହି କଥା ।

[ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ମୋର ମତ ସବୁଧର୍ମର ସାରକଥା ସମାନ ।

[ଜଷ୍ଟିସ୍ ନବକୁମାର ଦାସ]

- ସବୁ ଧର୍ମର ମୂଳଭିତ୍ତି ହେଲା ମାନବିକତା - ମାନବଧର୍ମ । କିନ୍ତୁ ଧର୍ମ ମାନେ ଏ କଥା ଭୁଲି କେତେକ ବାହ୍ୟ ଉପଚାରରେ ସୀମିତ ରହନ୍ତି । ତେଣୁ ଏହା ଏପରି ଭାବରେ ଅମାନବୀୟ ତଥା ନିନ୍ଦନୀୟ ।

[ପ୍ରଫେସର ରାଧାନାଥ ରଥ]

- ହଁ, ସବୁ ଧର୍ମର ସାରକଥା ସମାନ । କୌଣସି ଧର୍ମ ଭିତରେ ରହିଥିବା 'ଅକଥା' ବୋଲି ଯାହା ମନେହେଉଛି ଧର୍ମ ନାମଧାରୀ ଦଲାଲମାନେ ପରବର୍ତ୍ତୀ ଅବସ୍ଥାରେ ସେସବୁ ନିଜର ସ୍ୱାର୍ଥ ପାଇଁ ଧର୍ମ ଭିତରେ ଯୋଡ଼ି ଦେଇଛନ୍ତି ।

[ନାଟ୍ୟକାର ମନୋରଞ୍ଜନ ଦାସ]

- "ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ" - ଏହି ଉକ୍ତି ସାବଧାନ କରୁଛି ଯାହାର ଯେଉଁ ଧର୍ମ ତାହାହିଁ ଶ୍ରେୟସ୍କର । ସମସ୍ତଙ୍କ ଲକ୍ଷ୍ୟ ଏକ । ଯେପରି ଛୋଟ ବଡ଼ ନଦୀର ସ୍ରୋତ ପ୍ରବାହିତ ହୋଇ ଭିନ୍ନ ଭିନ୍ନ ଭାବେ ଗତିକରି ସମୁଦ୍ରରେ ପଡ଼ନ୍ତି, ସେହିପରି ସବୁ ଧର୍ମର ଗତି ଭଗବାନଙ୍କ ନିକଟରେ ସ୍ତୂପୀକୃତ ।

[ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ପ୍ରତ୍ୟେକ ଧର୍ମରେ ସାର ରହିଛି, ଅସାର ରହିଛି । ସବୁଧର୍ମର ସାରକଥା ସମାନ ନୁହେଁ । ପ୍ରକୃତ ସାରକଥା ହେଉଛି ପ୍ରତ୍ୟେକ ବ୍ୟକ୍ତି ଯେଉଁ ଧର୍ମରେ ଜନ୍ମ ହୋଇଛି ଅଭ୍ୟାସ ହେତୁ ସେ ସେହି ଧର୍ମକୁ ହିଁ ସାରକଥାର ଆକାର ବୋଲି କହେ ଓ କ୍ରମେ

ଗୁଳାରେ ପଡ଼ିଯାଏ । ଧର୍ମସ୍ଥ ବ୍ୟକ୍ତି ଗୁଳାରେ ପଡ଼େନାହିଁ, ତେଣୁ ଗ୍ରହଣଶୀଳ ହୋଇ ରହିଥାଏ ।

[ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ମୁଁ ଏଥିରେ ଏକମତ । ତେବେ ସାରକଥାଗୁଡ଼ିକ ଏଭଳି ବିଭିନ୍ନ ଦାର୍ଶନିକତା, ନୀତିନିୟମ ଓ ଦୈନନ୍ଦିନ ଜୀବନ ପ୍ରଣାଳୀର ସଂସ୍କାରରେ ସୁସଜ୍ଜିତ ତଥା ଆବଦ୍ଧ ହୋଇ ରହିଛି ଯେ ସେହି ଭିନ୍ନତା ତଥା ବୈଚିତ୍ର୍ୟକୁ ଅଗ୍ରାହ୍ୟ କରିବା ଅନୁଚିତ ।

[କିଶୋରୀ ଚରଣ ଦାସ]

- ସବୁ ଧର୍ମର ସାରମର୍ମ ସମାନ, ଏହା ସମସ୍ତେ ଜାଣନ୍ତି ଓ କହନ୍ତି । ତଥାପି ଧର୍ମଗତ ବିଦ୍ୱେଷର ସୀମା ନାହିଁ । ବ୍ୟକ୍ତିଗତ ଭାବେ ମୁଁ ଏ ଯୁଗର ଜଣେ ଦିବ୍ୟ ପୁରୁଷଙ୍କ ବାକ୍ୟରେ ବିଶ୍ୱାସ କରେ - "ଏକମାତ୍ର ଧର୍ମ ହେଉଛି ମାନବୀୟ ପ୍ରେମ, ଏକମାତ୍ର ଭାଷା ହେଉଛି ହୃଦୟର ଭାଷା, ଏକମାତ୍ର ଜାତି ହେଉଛି ମାନବ ଜାତି ଏବଂ ଈଶ୍ୱର ହେଉଛନ୍ତି ଏକ ଏବଂ ସେ ସମସ୍ତଙ୍କ ପାଇଁ ।"

[ଡ. ମନ୍ମଥ ନାଥ ଦାସ]

- ସବୁ ଧର୍ମର କଥା ସମାନ ।

[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ମୋର ଦୃଢ଼ ମତ ହେଉଛି ସବୁ ଧର୍ମର ଲକ୍ଷ୍ୟ ଏକ, ସାର ଏକ ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଏହା ସୂର୍ଯ୍ୟାଲୋକ ପରି ସତ୍ୟ ଏବଂ ବିବାଦ-ରହିତ ।

[ପ୍ରଫେସର ପଠାଣି ପଟ୍ଟନାୟକ]

- ଏହା ଏକଦମ୍ ଠିକ୍ ।

[ଡ. ଲିଙ୍ଗରାଜ ଶତପଥୀ]

- ମୁଁ ଏଥିରେ ଏକମତ ।

[ହରିହର ବାହିନୀପତି]

- କେତେଗୁଡ଼ିଏ ନୀତି ନିୟମ ଦୃଷ୍ଟିରୁ ସବୁ ଧର୍ମର ସମାନତା ଅଛି । କିନ୍ତୁ ଦାର୍ଶନିକ ବିଚାରଧାରା, ଉପାସନା, ଈଶ୍ୱରବାଦ ଆଦି ଦୃଷ୍ଟିରୁ ଭେଦ ଅଛି । ଜୈନ-ବୌଦ୍ଧ

ଧର୍ମରେ ଈଶ୍ୱର ଉପାସନା ନାହିଁ । ଇସଲାମ୍ ଧର୍ମରେ ପୁନର୍ଜନ୍ମ ନାହିଁ । କନ୍ତୁ ଆମ ଧର୍ମରେ ଏସବୁ ଅଛି । ଏଣୁ ସମାନତା ଓ ବୈଷମ୍ୟ ଉଭୟ ଅଛି ।

[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ମୋର ଏହାହିଁ ବ୍ୟକ୍ତିଗତ ମତ ଯେ ସବୁ ଧର୍ମର ସାରକଥା ସମାନ ।

[ପ୍ରଫେସର ହୃଦାନନ୍ଦ ରାୟ]

- ଆଦୌ ନୁହେଁ । କାରଣ ହିନ୍ଦୁ ଧର୍ମରେ ଦେବଦେବୀଙ୍କୁ ପୂଜା କରି ଆମେ ଧନ୍ୟ ମନେକରୁ । ହିନ୍ଦୁ ଧର୍ମ ପୁନର୍ଜନ୍ମକୁ ସ୍ୱୀକାର କରିଥିବାବେଳେ ଅନ୍ୟ ଧର୍ମ ସ୍ୱୀକାର କରିନାହିଁ । ହିନ୍ଦୁ ଧର୍ମ ସବୁ ମତବାଦକୁ ଗ୍ରହଣ କରେ, ମାତ୍ର ଅନ୍ୟ ଧର୍ମ ତା' କରେନାହିଁ । ଏଣୁ ସମାନ କ ରି ହେଲା? କେବଳ ସବୁଧର୍ମର ସାରକଥା ହେଲା ଭଲ ମଣିଷ ହୁଅ ।

[ଶ୍ୟାମସୁନ୍ଦର ପାଢ଼ୀ , ଆଇ.ପି.ଏସ]

- ସବୁ ଧର୍ମର ସାରକଥା ସମାନ ।

[ଗିରିଜା ଭୂଷଣ ପଟ୍ଟନାୟକ]

- ଧର୍ମ ଏକ । ତାହାର ଲକ୍ଷଣ ସହିଷ୍ଣୁତା, କ୍ଷମା, ଇନ୍ଦ୍ରିୟ ଜୟ, ଚ୍ଛୋରି ତ୍ୟାଗ, ପବିତ୍ରତା, ସଦ୍ଜ୍ଞାନ, ସତ୍ୟାଚରଣ ଇତ୍ୟାଦି । ସମ୍ପ୍ରଦାୟ ଅନେକ, ଭୁଲବଶତଃ ଏଗୁଡ଼ିକୁ ଆଜିକାଲି ଧର୍ମ କୁହାଯାଉଛି । ସମ୍ପ୍ରଦାୟର ସଂସ୍ଥାପକଙ୍କ ବିଷୟରେ ମିଥ୍ୟା କାହାଣୀ ଗଢ଼ିବା, ଜଟିଳ ପୂଜାପଦ୍ଧତି-କର୍ମକାଣ୍ଡର ଯୋଜନା କରିବା, ଅନ୍ଧ ଶ୍ରଦ୍ଧା- ଏସବୁ ସାମ୍ପ୍ରଦାୟିକ । ମନୁଷ୍ୟର କଲ୍ୟାଣକୁ ସବୁ ସମ୍ପ୍ରଦାୟ ନଜର ସାରକଥା କହୁଥିଲେ ସୁଦ୍ଧା, ସମ୍ପୃକ୍ତ ସମ୍ପ୍ରଦାୟର ସଂସ୍ଥାପକଙ୍କଠାରେ ଆସ୍ଥା ନ ରଖି ମାନବ କଲ୍ୟାଣ ସମ୍ଭବ ନୁହେଁ ବୋଲି ସାମ୍ପ୍ରଦାୟିକମାନେ ପ୍ରଚ୍ଚର କରନ୍ତି । ପରମାତ୍ମା ଓ ଜୀବାତ୍ମା ମଧ୍ୟରେ କେହି ମଧ୍ୟସ୍ଥି କରିବା ସାମ୍ପ୍ରଦାୟିକ ବିଶ୍ୱାସ ।

[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ବ୍ୟକ୍ତିଗତ କାହିଁକ - ବୈଜ୍ଞାନକ ଦୃଷ୍ଟିରୁ ଓ ତର୍କଶାସ୍ତ୍ର ଦୃଷ୍ଟିରୁ ସବୁ ଧର୍ମର ସାରକଥା ସମାନ ବୋଲି ଅତି ସହଜରେ ପ୍ରମାଣ କରିହେବ । ବିଶେଷତଃ ଯେଉଁମାନେ

ଅଦ୍ୱୈତର ଯୁକ୍ତି ଜାଣନ୍ତି ସେମାନେ ଦ୍ୱୈତକୁ କାଟିପାରିବେ ବା ବିଶିଷ୍ଟାଦ୍ୱୈତରେ ଦ୍ୱୈତର ସମନ୍ୱୟ କରିପାରିବେ ।

[ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ସବୁଧର୍ମର ସାରକଥା ସମାନ; କିନ୍ତୁ ହିନ୍ଦୁଧର୍ମର ଉଦାର ସହନଶୀଳ ନୀତି ଓ ଗଭୀର ଆଧ୍ୟାତ୍ମିକ ବିଚାର ଅନ୍ୟ ଧର୍ମରେ ପରିଲକ୍ଷିତ ହୁଏନାହିଁ ।

[ଡ. ରେଖା ମହାନ୍ତି]

- ମୁଁ ଏଥିରେ ଏକମତ ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ଏହା ସତ; କିନ୍ତୁ ଯେଉଁ ଧର୍ମ ସଂସାରକୁ ତ୍ୟାଗ ନ କରି ଏବଂ ମରଣୋତ୍ତର ସ୍ୱର୍ଗସୁଖ କିମ୍ବା 'ନିର୍ବାଣ' ଅଥବା 'ମୋକ୍ଷ'କୁ ସାରକଥା ନ ଭାବି ଏଇ ସଂସାରକୁ ସ୍ୱର୍ଗରେ ପରିଣତ କରିବା ପାଇଁ ସଙ୍କଳ୍ପବଦ୍ଧ, ସେଇ ଧର୍ମ ହିଁ ପରମ ଧର୍ମ ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଏହା ଦୃଢ଼ ସତ୍ୟ, ସବୁ ଧର୍ମର ମୂଳତତ୍ତ୍ୱ ଓ ସାରକଥା ସମାନ ଏବଂ "ଏକଂ ସଦ୍ ବିପ୍ରା ବହୁଧାଃ ବଦନ୍ତି" ଋକ୍ ବେଦର ବାଣୀ ଏକ ମହାନ୍ ସତ୍ୟ ।

[ଡାକ୍ତର କବି ପ୍ରସାଦ ମିଶ୍ର]

- ଏଥିରେ ମୁଁ ଏକମତ ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ଭଗବାନ ଏକ, ଲୋକେ କିନ୍ତୁ ତାଙ୍କୁ ଭିନ୍ନ ଭିନ୍ନ ନାମ ଦେଇ ଡାକନ୍ତି । ସେହିପରି ଧର୍ମ କହିଲେ ସୃଷ୍ଟି ନିୟୋଜକ ବିଶ୍ୱ ତାଙ୍କ ଉଦ୍ଦେଶ୍ୟରେ ଆଚରଣୀୟ ଶୃଙ୍ଖଳିତ କର୍ମକୁ ହିଁ ବୁଝାଇଥାଏ । ସତ୍‌କର୍ମ, ସଦିଚ୍ଛା, ପ୍ରେମ, ଅହିଂସା, କର୍ତ୍ତବ୍ୟବୋଧ, ଦୟା, ତିତିକ୍ଷା ଓ ଆନ୍ତରିକତା ହିଁ ଧର୍ମର ମୂଳ ଲକ୍ଷ୍ୟ । ଜାତି ଜାତି ଭେଦରେ ମନୁଷ୍ୟ କେବଳ ସାମ୍ପ୍ରଦାୟିକତାର ଅନୈକ୍ୟ ସୃଷ୍ଟି କରି ବହୁଧର୍ମର କଳ୍ପନା କରିଛି। କିନ୍ତୁ ସୂକ୍ଷ୍ମ ଦୃଷ୍ଟିରେ ବିଚାର କଲେ ପ୍ରତ୍ୟେକ ଧର୍ମର ସାରତତ୍ତ୍ୱ ସମାନ ଓ ଭଗବତ୍

ପ୍ରାପ୍ତି ହିଁ ଏକାନ୍ତ ଉଦ୍ଦେଶ୍ୟ । ସନାତନ ଧର୍ମ ଓ ମାନବବାଦ ଉପରେ ବିଶ୍ୱଧର୍ମ ପ୍ରତିଷ୍ଠିତ ।

[ଡ. ରତ୍ନାକର ସାହୁ]

- ଧର୍ମ ଏକ ଧପପାବାଜର ଛଳନା ।

[ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ହଁ, ସବୁ ଧର୍ମର ସାରକଥା ଭଲ ମଣିଷ ହୁଅ ।

[ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ଏହା ଧ୍ରୁବ ସତ୍ୟ । ସବୁ ଧର୍ମର ପରିସମାପ୍ତି ପରମାତ୍ମାଙ୍କ ନିକଟରେ ହୁଏ । ଏଣୁ ସବୁ ଧର୍ମ ହିଁ ଏକ, କେବଳ ମତର ପାର୍ଥକ୍ୟ ଯାହାକିଛି ।

[ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ସବୁ ଧର୍ମର ସାରକଥା ଗୋଟିଏ - ଈଶ୍ୱର ଉପଲବ୍ଧି ହେଉ କିମ୍ବା ମଣିଷକୁ ଭଲପାଇବା ହେଉ । ଏତେ ଧର୍ମ ଥାଇ ବି ଅନ୍ୟାୟ, ଅନୀତି, ଦୁର୍ନୀତି ବଢ଼ିଚାଲିଛି କାହିଁକି? ପ୍ରଥମେ ନିଜ କ୍ଷେତ୍ରରେ ଧର୍ମର ଶୁଦ୍ଧ ପ୍ରୟୋଗ, ତା'ପରେ ଅନ୍ୟକୁ ଧର୍ମ ଉପରେ କହିବା ଉଚିତ ହେବ ।

[ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ସବୁ ଧର୍ମ କହିଲେ କ'ଣ ସବୁ ସମ୍ପ୍ରଦାୟକୁ ବୁଝୁଛ? ଧର୍ମ ଏକ, ତାହା ମାନବିକ ଧର୍ମ, ସନାତନ ଧର୍ମ । ବାକି ଯାହାକୁ ସବୁ ଧର୍ମ ବୋଲି କହୁଛ, ତାହା ହେଉଛି ପ୍ରକୃତରେ ସମ୍ପ୍ରଦାୟ । ସାରତତ୍ତ୍ୱ ଖୋଜିବସିଲେ କେତେକ ସାଧାରଣ ସାମ୍ୟ ଓ କେତେକ ଅସାଧାରଣ ବୈଷମ୍ୟ ଅବଶ୍ୟ ପରିଲକ୍ଷିତ ହେବ ହିଁ ହେବ ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ଯୁଗ ବିଭାଜନରେ ମୁଁ ବିଶ୍ୱାସ କରେନାହିଁ । କିନ୍ତୁ ସମୁଦାୟ ବିଶ୍ୱ ଏକ ସମୟରେ ରୂପାନ୍ତରିତ ହୋଇ ଯୁଗାନ୍ତ ହେବ ବା ଯୁଗର ଏବଂ ମଣିଷ ସମାଜର ଅବସାନ ଘଟିବ । ଶେଷରେ ବାଇବେଲର ମତ ଅନୁସାରେ ପୃଥିବୀର ସମସ୍ତ ମୃତ ବ୍ୟକ୍ତିର ଆତ୍ମା ପୁନରୁତ୍‌ଥିତ ହୋଇ ମହାବିଗ୍ଭରର ସମ୍ମୁଖୀନ ହେବେ ଧାର୍ମିକ ବ୍ୟକ୍ତିମାନେ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ଧର୍ମ ହିସାବରେ ସବୁ ଧର୍ମ ଭଗବତ୍ ପ୍ରାପ୍ତିର ମାର୍ଗ ଦେଖାଉଥାନ୍ତି । ଭଗବତ୍ ପ୍ରାପ୍ତିର ମୂଳ ସାରକଥା ହେଉଛି ଈଶ୍ୱର ଭକ୍ତି ଓ ମାତୃପ୍ରେମ । ଏହା ହେଉଛି ସବୁ ଧର୍ମର ସାରକଥା ।

[ଡ. ଲୁଇ ସଭ୍ୟସୁନ୍ଦର, କାଥଲିକ୍]

- ସବୁ ଧର୍ମର ଅଧିକାଂଶ ସାରକଥା ସମାନ, କିନ୍ତୁ ଅନେକ ସ୍ତରରେ ଭୀଷଣ ମତଭେଦ ରହିଛି ।

[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଧର୍ମ ଏକ ଧପ୍ପାବାଜର ଛଳନା ବୋଲି କହିଛନ୍ତି ପୂର୍ବତନ ଭାରତୀୟ ପୁଲିସ ପ୍ରଶାସକ ତଥା ସାଂସଦ ଶ୍ରୀ ଅନାଦି ସାହୁ । ସବୁ ଧର୍ମର ସାରକଥା ଆଦୌ ସମାନ ନୁହେଁ ବୋଲି ବିଶିଷ୍ଟ ସାହିତ୍ୟିକ ଚିତ୍ତରଞ୍ଜନ ଦାସ, ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ ଓ ଶ୍ୟାମସୁନ୍ଦର ପାଢ଼ୀ ପ୍ରକାଶ କରିଛନ୍ତି । ଠାକୁର ଶ୍ରୀକେଶବ ଚନ୍ଦ୍ର କହିଛନ୍ତି ଯେ - ଧର୍ମ କହିଲେ କ'ଣ ସମ୍ପ୍ରଦାୟକୁ ବୁଝୁଛ? ଧର୍ମ ଏକ, ତାହା ମାନବିକ ଧର୍ମ ଓ ସନାତନ ଧର୍ମ ।

ବୌଦ୍ଧ ଓ ହିନ୍ଦୁ ସମ୍ପ୍ରଦାୟରେ ପୁନର୍ଜନ୍ମକୁ ବିଶ୍ୱାସ କରାଯାଉଥିବା ବେଳେ ପୃଥିବୀରେ ବହୁଳ ପ୍ରସାରିତ ମୁସଲମାନ ଓ ଖ୍ରୀଷ୍ଟ ସମ୍ପ୍ରଦାୟରେ ପୁନର୍ଜନ୍ମକୁ ବିଶ୍ୱାସ କରାଯାଇ ନ ଥାଏ । ସେହିଭଳି ମୁଖାଗ୍ନି ଦେବା ହିନ୍ଦୁମାନେ ମାନୁଥିବାବେଳେ ଖ୍ରୀଷ୍ଟ ଓ ଇସଲାମ୍ ଧର୍ମାବଲମ୍ବୀମାନଙ୍କର ଏଇ ପ୍ରଥା ଆଦୌ ନଥାଏ । ଏଣୁ ସବୁ ଧର୍ମ (ସମ୍ପ୍ରଦାୟ)ର ସାରକଥା ସମାନ ନୁହେଁ ବୋଲି ମୋର ବିଶ୍ୱାସ । ସବୁ ଧର୍ମର ସାରକଥାରେ ଭିନ୍ନତା ଉପଲବ୍ଧ ହୁଏ ।

(ଲେଖକ)
ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ଅଷ୍ଟ୍ରେଲିଆ ଜଙ୍ଗଲ ଆଜି ଜଳଲା୍



ଅଜୟ କୁମାର ବେହେରା୍

ପ୍ରକୃତି ସାଥିରେ
ଖେଳ ଖେଳ କ ଲା୍ଭ ପାଇଲ କୁହ
ଅକାରଣେ ଆଜି
ଜୀବଜନ୍ତୁଙ୍କ ଆଖିରୁ ଝରେ ଲୁହ ।୧।

ନୀରିହ ଜୀବ ସେ
ଖୁସିରେ ବିଚରଣ କରନ୍ତି ଯେତେ
ବିପଦ ମୁଖରେ
ଜୀବନ ଯାଉଛି ନରୁପାୟ ସତେ।୨।

କେଡ଼େ ଭୟଙ୍କର
ଏମିତି କାହିଁକ ଦାଉ ସେ ସାଝିଲା୍
ତାହାରି ପାଇଁକା
ଅଷ୍ଟ୍ରେଲିଆ ଜଙ୍ଗଲ ଆଜି ଜଳଲା୍।୩।

ଥମିବାର ନାହିଁ
ସେହି ବିକଟାଳ ଅନଳର ଝାସ
ତାହାରି ପାଇଁ କା
ଶହସ୍ର ଜନ୍ତୁଜୀବ ଅକାଳେ ନାଶ।୪।

କେଡ଼େ ବିଭତ୍ସକ
ସେହି ଭୟଙ୍କର ଯେ କରାଳ ଦୃଶ୍ୟ

ଥରେ ଦେଖି ଦେଲେ
ଥରିବ ନୀରିହ ହୃଦୟ ଅବଶ୍ୟ।୫।

କୁଢ଼ କୁଢ଼ ଜୀବ
ମୃତ୍ୟୁର ଶଯ୍ୟାରେ ଯାଇଛନ୍ତି ଶୋଇ
ତାଙ୍କ ଦୁଃଖ ଦେଖି
ସାହାଯ୍ୟ ହେବାକୁ ପାଖେ କେହି ନାହିଁ।୬।

ଆର୍ତ୍ତନାଦ ତାଙ୍କ
ଶୁଣିବ ଥରୁଟିଏ କଏ ସେ କାହିଁ
ବିକଳେ ଜୀବନ
ସରି ଯାଏ ପାଣି ଟୋପେ ମିଳେ ନାହିଁ।୭।

ହେ ଦଇବ ତୁହି
ନିଷ୍ଠୁର କେମିତି ସତରେ ହୋଇଲୁ
ସରଳ ଜୀବଙ୍କ
ଜୀବନ ନେଇ ତୁ କି ଲାଭ ପାଇଲୁ।୮।

ଆରେ ବରଷା ତୁ
ଡେରି ନ କରି ବେଗେ ବେଗେ ଆସିଲୁ
ଅସହାୟଙ୍କର
ବିପଦ କାଳେ ତୁ ସାହାଯ୍ୟ ବନି ଯା।୯।

ପ୍ରକୃତି କୋଳରେ
ଖେଳ ବୁଲି ଖୁସିରେ ନାଚବେ ଯାଇ
ନୀରିହ ଜୀବନ
ନେଇ କି ଲାଭ ପାଇବୁ ଆରେ ତୁହି।୧୦।

ମୋରଡ଼ା, ମୟୂରଭଞ୍ଜ

# ସମ୍ପର୍କ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ସମ୍ପର୍କ ଏଭଳ ଏକ ଶବ୍ଦ
ଯାହା କରିଦିଏ ସଭିଙ୍କୁ ନସ୍ତବ୍ଧ
ସମ୍ପର୍କ ନୁହେଁ ଦୁଇ ଦିନର
ତାହା ଅଟେ ସାର୍ା ଜୀବନର
ସମ୍ପର୍କ ଥରେ ଯୋଡି ହୋଇଗଲେ
ଭଙ୍ଗି ହୁଏ ନାହିଁ
ତାହା ଥରେ ଭଙ୍ଗି ଗଲେ
ଯୋଡି ହୁଏ ନାହିଁ
ଯିଏ ଥରେ ଗୋଟେ ସମ୍ପର୍କରେ
ହୋଇଯାଏ ବାନ୍ଧି
ସେ ସବୁଦିନ ପାଇଁ
ସେଥିରେ ହୋଇଥାଏ ଛନ୍ଦି ।

ମଠସାହି, ତୁଳସିପୁର

# ସବୁକଛି ସ୍ୱପ୍ନପରି



ନରେନ୍ଦ୍ର ପ୍ରସାଦ ବେହେରା

ଦେବର୍ଷି ନାରଦ  ପଗ୍ଚରିଲେ ଦିନେ
ପ୍ରଭୁଙ୍କ ମୁଖକୁ ଗ୍ଚହିଁ
ଆପଣଙ୍କ ମାୟା  କାଠିକର ପାଠ
ବୁଝି ମୁଁ ପାରିଲି ନାହିଁ  ।

ନାରଦଙ୍କ ପ୍ରଶ୍ନ  ଶୁଣିଣ ଶ୍ରୀକୃଷ୍ଣ
ହସି ହସି ଯେ କହିଲେ
ଆଜନ୍ମରୁ ତୁମେ  ହେଲ ବ୍ରହ୍ମଗ୍ଚରୀ
ତୁମକୁ କେହି ଜାଣିଲେ  ।

ଏ ମାୟା ଭିତରେ  ପ୍ରବେଶ ପାଇଁକି
ଆଗ୍ରହ କାହିଁକି ହେଲା
ଧୈର୍ଯ୍ୟ ଧର ଦିନେ  ଆପେ ଜାଣିଯିବ
ବୀଣା ବଜାଇବା ବାଲା ।

ନାରଦଙ୍କୁ ସଙ୍ଗେ  ଘେନଣ ଶ୍ରୀକୃଷ୍ଣ
ବାହାରେ ବୁଲିଣ ଗଲେ
ବୁଲୁବୁଲୁ ଯାଇ  ନଛାଟିଆ ସ୍ଥାନେ
ଖରାବେଳେ ପହଞ୍ଚିଲେ  ।

ମୁଣ୍ଡଫଟା ଖରା ସହି ନ ପାରିଣ
ପ୍ରଭୁ ! ଗଛତଳେ ଗଲେ ବସି
ନାରଦଙ୍କୁ ଚାହିଁ ଶ୍ରୀକୃଷ୍ଣ କହିଲେ
ମୋର, ଶୋଷ ବଢିଗଲା ଆସି ।

ଖୋଜି ଆଣ ଯାଇ ପିଇବା ପାଣି ମୁଁ
ବସିଛି ଏଠି କହିଲେ
ଦେବର୍ଷି ନାରଦ କମଣ୍ଡଳୁ ଧରି
ପିଇବା ପାଣି ଖୋଜିଲେ ।

କିଛି ଦୂର ଚାହିଁ ନରେଖି ଦେଖିଲେ
ଘରଟିଏ ଦିଶୁଅଛି
ସେ ସ୍ଥାନକୁ ଯାଇ ପହଞ୍ଚି ଦେଖିଲେ
କବାଟ ସବୁ ପଡିଛି ।

ପାଣି ମୁନ୍ଦେ ପାଇଁ କବାଟ ବାଡେଇ
ଉଚ୍ଚ ସ୍ୱରେ ଡାକ ଦେଲେ
ସୁନ୍ଦରୀ ଯୁବତୀ ବେଗେ ବେଗେ ଆସି
କବାଟ ଧିରେ ଖୋଲିଲେ ।

ଏକମାତ୍ର କନ୍ୟା ପିତାମାତାଙ୍କର
ସୁନ୍ଦରୀ ଯୁବତୀ ଥିଲା
ଦେଖି ଦେଲା କ୍ଷଣି ନାରଦଙ୍କ ମନ
ସେଇଟି ଅଟକ ଗଲା ।

କନ୍ୟା ପାଇଁ ବର ମିଳଗଲା ଆଜି
ମନରେ ଭାବିଲେ ପିତା
ଘର ଭିତରକୁ କୋଳକରି ନେଇ
କହିଲେ ହେବେ ଜାମାତା ।

ବିଭାଘର ହେଲା କନ୍ୟା ସଙ୍ଗେ ତା'ର
ରହିଲା ଘର ଜୋଇଁଆ
ଧନ ସମ୍ପଦକୁ ଭୋଗ କରିବାକୁ
ତୁ ହେବୁ ଘର କୁଣିଆ ।

ଭୋଗ ବିଳାସରେ ରହିଲା ସେଠାରେ
କିଛି ନ ପାରିଲା ଜାଣି
ପାଣି ପିଇବାକୁ ପ୍ରଭୁ ବସିଛନ୍ତି
ସେକଥା ଭୁଲି ଗଲାଣି ।

ତିନୋଟି ପୁତ୍ରର ଜନକ ହୋଇ ସେ
ଆନନ୍ଦରେ କାଟେ ଦିନ
ସୁଖ ସଂଭୋଗର କାଳାତିପାତରେ
ନାଚୁଥାଏ ରାତିଦିନ ।

ସୁଖ ପରେ ଦୁଃଖ ଦୁଃଖ ପରେ ସୁଖ
ଅନିବାର୍ଯ୍ୟ ଏ ସମାଜେ
ମଣିଷ ଜୀବନେ ସବୁଦିନ ପାଇଁ
ରହିନାହିଁ କେବେ ତେଜେ ।

ବର୍ଷା ଋତୁ ହେଲା  ମେଘ ବରଷିଲା
ପ୍ରବଳ ବନ୍ୟା ଆସିଲା
ଗୋରୁଗାଈ ପୁଣି  ଘରଦ୍ୱାର ସବୁ
ଭାସିବା ଆରମ୍ଭ କଲା  ।

ନାରଦଙ୍କ ଘରେ  ପାଣିଯେ ପଶିଲା
ମନରେ ଘାରିଲା ଚନ୍ତା
ପିଲା ଛୁଆ ଘର  ରକ୍ଷା କରିବାକୁ
ବଢିଲା ତା'ଙ୍କ ଦୁଶ୍ଚିନ୍ତା  ।

ଏକାଳେ ଭାବିଲେ  ପିଲା ଛୁଆ ଧରି
ନଗ୍ରପଦ ସ୍ଥାନେ ଯିବି
ସଂସାର ମୋହର  ରକ୍ଷା ପାଇଯିବ
ଆନନ୍ଦରେ ନାଚୁ ଥିବି  ।

ଗୃହୁଁ ଗୃହୁଁ ପୁନ  ଭାସିଗଲେ ଜନେ
ପାରିଲେନ ରକ୍ଷା କରି
ପତ୍ନୀଙ୍କୁ ଜାବୁଡି  ଧରିଣ କହିଲେ
ଗୃଲଯିବା ହୋଇ ପାରି  ।

ପତ୍ନୀଙ୍କ ସହିତ  ପିଲା ଛୁଆ ଭାସି
ହୋଇଣ ଗଲେ ଅଦୃଶ୍ୟ
କର୍ମକୁ ନନ୍ଦନ୍ତି  ଦୁଃଖରେ ବସିକ
ଦେଖିଲି ଆଜିକ ଦୃଶ୍ୟ  !!

ମନର ଯନ୍ତ୍ରଣା  ବଢ଼ିଯାଇ ଥାଏ
 ଲୋତକ ଧାର ବୁହାଇ
ମୁମୂର୍ଷୁ ଭାବରେ  ପଡି ରହିଥାଏ
 ପରିବାରକୁ ହରାଇ  ।

ଏ ସମୟେ କାନେ  ବାଜିଲା ପ୍ରଭୁଙ୍କ
 ସୁମଧୁର କଣ୍ଠସ୍ୱର
ପାଣି ପିଇବାକୁ  ହୁଏ ମୁଁ ଅସ୍ଥିର
 ନାରଦ ! କାହିଁକ କରିଲୁ ପର  ।

ଶ୍ରୀକୃଷ୍ଣଙ୍କ ସ୍ୱର  ଶୁଣିଣ ନାରଦ
 ଚମକ ଉଠିବସିଲେ
ବନ୍ୟା ଦୃଶ୍ୟ ଆଉ  ନଥିଲା ଆଗରେ
 କୁଆଡେ ଗଲା ଭାବିଲେ  ।

ଚକ୍ରାର କରିଣ  ଉଠିଲେ ନାରଦ
 ଆଜି ମୁଁ କଅଣ କଲି
ଏତେଦିନ ଯାଏ  ସ୍ୱପ୍ନ ଦେଖୁଥିଲି
 ସତ୍ୟକୁ ଯାଇଣ ଭୁଲି  ।

ଅପୂର୍ବ ଏ ମାୟା  ପ୍ରଭୁ ଆପଣଙ୍କ
 ଜାଣିବାକୁ ବାକ ଥିଲା
ମାୟାର ଦେବତା  ମାୟାଧର ତୁମେ
 ମୋର ! ହୃଦୟେ ଚେତା ପଶିଲା ।

ନାରଦଙ୍କ କଥା ଶୁଣିଣ ଶ୍ରୀକୃଷ୍ଣ
ମୁରୁକ ହସି କହିଲେ
ମାୟାର ସ୍ୱରୂପ ଜାଣିଲ ତ ଏବେ
ଆଖି ଆଗେ ଭସି ଗଲେ ।

ମାୟାବଦ୍ଧ ଜୀବ ପାଉଥାଏ କଷ୍ଟ
ବୁଝାଇ କହିଲେ ହରି
ଜଗତରେ ଯାହା ଦେଖୁ ଅଛ ତୁମେ
ସବୁକଛି ସ୍ୱପ୍ନପରି ।

ହାତଯୋଡି କହି ଉଠିଲେ ନାରଦ
ପ୍ରଭୁ ! ଆପଣଙ୍କୁ ନମସ୍କାର
ଆପଣଙ୍କ ମାୟା ଅତି କଷ୍ଟକର
ଜାଣିଲି ପ୍ରଭୁ ଏଥର ।

ଆଳନ୍ଦା, ଖଇରା, ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅର୍ଥର ମହିମା



ପ୍ରକାଶ ଚନ୍ଦ୍ର ପଣ୍ଡା

ଅର୍ଥର ପିପାଷା ସଭିଙ୍କର ନଶା
ଅର୍ଥବିନା ନାହିଁ କଛି
ଅର୍ଥରେ ପ୍ରତିଷ୍ଠା ଅର୍ଥପାଇଁ ପେଷା
ଅର୍ଥ ସବୁ ମୂଳେ ଅଛି ।
ଅର୍ଥ ପାଇଁ ଗ୍ଲେରୀ ଅର୍ଥପାଇଁ ନାରୀ
ଅର୍ଥ ପାଇଁ ସବୁ ନାଟ
ଅର୍ଥ ଥିଲେ ପାଖେ ସବୁ ବୁଦ୍ଧି ଦିଶେ
ସବୁରି ମୂଳରେ ନୋଟ ।
ଅର୍ଥ ନାହିଁ ଯଦି ଦିଶିବନ ବୁଦ୍ଧି
ସମାଜରେ କବା ଗଣା
ଅର୍ଥନାହିଁ ମାନେ କ ଅଛି ଜୀବନେ
ହୋଇଯିବ ବାଟବଣା ।
ଅର୍ଥ ଥିଲେ ମନ୍ତ୍ରୀ ଅର୍ଥ ଥିଲେ ଯନ୍ତ୍ରୀ
ହାତପାହାନ୍ତାରେ ସବୁ
ଅର୍ଥ ଥିଲେ ପାଖେ ନାନା ବୁଦ୍ଧି ଦିଶେ
ସମାଜରେ ତୁମେ ବାବୁ ।

ଅର୍ଥପାଇଁ ଗାଡି ଅର୍ଥ ପାଇଁ କୋଠା
ଅର୍ଥ ହିଁ ଅର୍ଥର ମୂଳ
ଅର୍ଥର ବିନାଶ ଦୁଃଖହୁଏ ନାଶ
ଅର୍ଥପାଇଁ ସବୁ ଖେଳ ।
ଶେଷରେ ପାଠକେ ଅର୍ଥର ପୁରାଣ
ଯାହା ଲେଖଇ ଅଧମ
ଅର୍ଥ ଅନର୍ଥର ମୂଳ ବୋଲି ଜାଣ
ଦେବେନଷ୍ଟେ ଟିକେ ଧ୍ୟାନ ।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ବନ ନବାସର ଆମନ୍ତ୍ରଣ: ଏକ ଦୁର୍ଲଭ ସୁଯୋଗ

ପ୍ରିୟବ୍ରତ ପାତ୍ର

ଘରଠାରୁ ବହୁତ ଦୂରରେ, ଘର ପରି ଆତ୍ମୀୟ ପରିବେଶ ମଧ୍ୟରେ କଛି ଅଲଗା ପ୍ରାନ୍ତର, ରୁଚର, ଧର୍ମ ତଥା ଭାଷାର ଲୋକଙ୍କ ଗହଣରେ କଛିଦିନ ଆନନ୍ଦରେ କଟେଇବା ପାଇଁ ସବୁ ଲୋକଙ୍କ ମନରେ ଅଭିଳାଷ ଥାଏ । କେବଳ ଶିବିର ମାଧ୍ୟମରେ ଏହି ଅଭିଳାଷ ପୂରଣ ହୋଇଥାଏ । ଆଧୁନକ ଯୁଗ ହେଉଛି ବ୍ୟସ୍ତ ବିବ୍ରତର ଯୁଗ । ଗୋଟିଏ ପ୍ରକାରର ଯାନ୍ତ୍ରିକ ଓ ଧରାବନ୍ଧା ଜୀବନ ଜଞ୍ଜାଳ ଭିତରେ ଆମର ମନ ସୃଜନଶୀଳତା ହରାଇଥାଏ । ଘସରା ଜୀବନ ନୀରସ ଓ ବିରକ୍ତିକର ହୋଇଯାଏ । ଏଥିରୁ ମୁକୁଳବା ପାଇଁ ବର୍ଷରେ ଥରେ ବା କଛି ବର୍ଷରେ ଥରେ ଏଭଳ ଏକ ଶିବିରରେ ଯୋଗ ଦେବା ଆବଶ୍ୟକ । ସ୍କୁଲ ବା କଲେଜ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ NCC, NSS, SCOUT ବା Study Camp ମାଧ୍ୟମରେ ଏଭଳ ସୁଯୋଗ କେବେ କେମିତି ମିଳଥାଏ କନ୍ତୁ ସମସ୍ତଙ୍କ ଭାଗ୍ୟରେ ତାହା ଜୁଟେନାହିଁ । ବୟସ୍କ ମାନଙ୍କ ପାଇଁ ଆମ ରାଜ୍ୟରେ ଏଭଳ ସୁବିଧା ଆଦୌ ନାହିଁ କହିଲେ ଚଳେ । ନୈନୀତାଲର ବନନବାସରେ ଏମିତି ଶିବିର ସବୁ ଅନୁଷ୍ଠିତ ହୋଇଥାଏ ଯାହାକ ସବୁ ବର୍ଗର ଲୋକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଆସୁଛି । ବନନବାସ ହେଉଛି ଏକ ଆଶ୍ରମ ଯାହାକ ଦିଲ୍ଲୀ ଶ୍ରୀ ଅରବିନ୍ଦ ଆଶ୍ରମର ଏକ ଶାଖା ଅଟେ । ଦିଲ୍ଲୀ ଆଶ୍ରମ ପରିଚାଳନାରେ ଏଠାରେ ପ୍ରତିବର୍ଷ ଅପ୍ରିଲ୍ ରୁ ଜୁନ୍ ଓ ଅକ୍ଟୋବର ରୁ ନଭେମ୍ବର ମଧ୍ୟରେ ଦଶଦିନ ବ୍ୟାପି ଏକାଧିକ ଶିବିର ସବୁରେ ଦେଶବିଦେଶରୁ ପାଖାପାଖି ତିନହଜାର ଶିବିରାର୍ଥୀ ଯୋଗ ଦେଇଥାନ୍ତି ଏବଂ ଉପକୃତ ହୋଇଥାନ୍ତି ।

ଶ୍ରୀ ଅରବିନ୍ଦ ଶିକ୍ଷା ସମାଜ, ଦିଲ୍ଲୀ ଶାଖା ତରଫରୁ ୧୯୬୪ ମସିହାରେ ଶିକ୍ଷା କ୍ଷେତ୍ରରେ ଏକ ନବଜାଗରଣ ସୃଷ୍ଟି ହୋଇଥିଲା । ଦୀର୍ଘ କେତେବର୍ଷ ଧରି ତରୁଣମାନଙ୍କୁ କଛି ଦୁଃସାହସିକ କାର୍ଯ୍ୟକ୍ରମରେ ସୁଯୋଗ ଦେବା ପାଇଁ ଯୋଜନା ଚାଲିଥିଲା । ନୈନୀତାଲରେ ବନ ନବାସ ତିଆରି ହେବା ପରଠାରୁ, ଜୁନ୍ ୧୯୭୭ ରେ ପ୍ରଥମ ଥର ପାଇଁ ତରୁଣମାନଙ୍କୁ ନେଇ ଏକ ଶିବିର ର ଆୟୋଜନ ହୋଇଥିଲା । ସେଥିରେ କଛି ଦୁଃସାହସିକ କ୍ରୀଡା

ସାଙ୍ଗକୁ, ଜଙ୍ଗଲ ରାସ୍ତାରେ ପଦଯାତ୍ରା, ଆସନ, ପ୍ରାଣାୟମ ଓ ଖେଳକୁଦର ବ୍ୟବସ୍ଥା ହୋଇଥିଲା । ଜୀବନକୁ ଅଧିକ ପ୍ରାଣବନ୍ତ କରିବା ପାଇଁ, ଶରୀରକୁ ଅଧିକ ନମନୀୟ ଓ ନିରୋଗ ରଖିବା ପାଇଁ, ମନକୁ ସରସ ଓ ସଂଜତ କରିବା ଦିଗରେ ଏସବୁ ବ୍ୟତିକ୍ରମ ଓ ଭିନ୍ନ ସ୍ୱାଦର ଶିକ୍ଷା ଖୁବ୍ ଉପାଦେୟ ମନେହେଲା । ତା ପରଠୁ ଏହି ଯୁବ ଶିବିର ନିୟମିତ ଭାବେ ଅନୁଷ୍ଠିତ ହେଲା । ଭାରତ ସରକାର ଦିଲ୍ଲୀ ଆଶ୍ରମର ଏତାଦୃଶ ନିଷ୍ଠାପର କାର୍ଯ୍ୟରେ ପ୍ରୀତ ହୋଇଥିଲେ ଏବଂ କେନ୍ଦ୍ର ସରକାରଙ୍କ ଯୁବ କଲ୍ୟାଣ ବିଭାଗ ତରଫରୁ ଆର୍ଥିକ ସାହାଯ୍ୟ ଯୋଗାଇଥିଲେ । ଜାତୀୟ ସଂହତି ପ୍ରୋତ୍ସାହନ ନାମକ ଏକ ସ୍କିମ୍ ମାଧମରେ ୧୯୮୭ ମସିହା ପରଠାରୁ ଜାତୀୟ ସଂହତି ଶିବିର ସବୁ ଆରମ୍ଭ ହେଲା, ଯାହାର ପୃଷ୍ଠପୋଷକତା ସରକାର ବହନ କଲେ । ଏହାର କିଛି ବର୍ଷ ପରେ ସ୍ୱାଧ୍ୟାୟ ଶିବିର ମୁଖ୍ୟତଃ ବୟସ୍କ ଲୋକଙ୍କ ନିମନ୍ତେ ଆରମ୍ଭ ହେଲା । ଏହି କ୍ରମରେ ବନ ନିବାସରେ ଦିଲ୍ଲୀ ଆଶ୍ରମ ତରଫରୁ ତିନି ପ୍ରକାରର ଶିବିର ପରିଚାଳନା ହେଲା । ସେଗୁଡିକ ହେଲା ଯୁବ ଶିବିର, ଜାତୀୟ ସଂହତି ଶିବିର ଓ ସ୍ୱାଧ୍ୟାୟ ଶିବିର ।

ଯୁବ ଶିବିର (Youth Camp): ଏଥିରେ ପାଞ୍ଚଦିନିଆ ପର୍ବତାରୋହଣ ଶିକ୍ଷା ଦିଆଯାଏ । କଠିନ ତଥା ଉଠାଣି ଶିଳାମୟ ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଚାଲିବା, ଅପେକ୍ଷାକୃତ ବିରାଟ ମସୃଣ ଶିଳା ଚଟାଣ ଉପରେ ଚାଲିବା, ତୀଖ ପାହାଡ ଉପରକୁ ଦଉଡି ସାହାଯ୍ୟରେ ଉଠିବା, ଅଣ୍ଟାରେ ଦଉଡି ବାନ୍ଧି ପର୍ବତରୁ ତଳକୁ ଖସିବା ଏବଂ ନଦୀ ପାର ହେବା ଆଦି ଦୁଃସାହସିକ କ୍ରୀଡା ତାଲିମ ଏହି ଶିକ୍ଷାର ଅନ୍ତର୍ଭୁକ୍ତ । ହିମାଳୟ ପର୍ବତାରୋହଣ କ୍ଲବ୍ ତରଫରୁ ଏହି ପ୍ରଶିକ୍ଷଣ ଦିଆଯାଇଥାଏ । ଯଥେଷ୍ଟ ନିରାପତ୍ତା ମୂଳକ ବ୍ୟବସ୍ଥା ନିଆଯାଇଥିବାରୁ ଏଯାବତ୍ କୌଣସି ଦୁର୍ଘଟଣା ନଜରକୁ ଆସିନାହିଁ । ପାଞ୍ଚଦିନିଆଁ ପ୍ରଶିକ୍ଷଣ ପରେ ପରୀକ୍ଷା କରାଯାଇ କ୍ଲବ୍ ତରଫରୁ ମାନପତ୍ର ଦିଆଯାଇଥାଏ । ତମାମ ଜୀବନ ପାଇଁ ବିଶେଷ କରି ବିଭିନ୍ନ ପରୀକ୍ଷା ପତ୍ରରେ ନିଜର ବାୟୋଡାଟା ଦେବାବେଳେ ଏହି ପ୍ରମାଣପତ୍ର ବହୁତ କାମରେ ଆସିଥାଏ ।

ଜାତୀୟ ସଂହତି ଶିବିର (National Integration Camp) : ଏହି ଶିବିରର ବହୁଳାଂଶ ଖର୍ଚ୍ଚ ସରକାର ବହନ କରିଥାନ୍ତି । ଶିବିରାର୍ଥୀ ମାନଙ୍କ ସମୁଦାୟ ଯିବା ଆସିବା ଖର୍ଚ୍ଚ ସହ, ଶିବିର ଖର୍ଚ୍ଚର ଅର୍ଦ୍ଧେକ ସରକାର ଦେଇଥାନ୍ତି । ଏଥିରେ ପର୍ବତାରୋହଣ ଓ ଦୁଃସାହସିକ କ୍ରୀଡାର ତାଲିମ୍ ଦିଆଯାଏ ନାହିଁ । ତା ବଦଳରେ ଭାରତର ବିଭିନ୍ନ ଭାଷାରେ

ଦେଶାତ୍ମବୋଧକ ସଂଗୀତ ଶିକ୍ଷା ଦିଆଯାଏ ଏବଂ ସେ ବାବଦରେ ମାନପତ୍ର ମଧ୍ୟ ଦିଆଯାଏ । ପ୍ରତିଦିନ ରାତିରେ ବିଦ୍ୱାନ ମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ବିଷୟରେ ପ୍ରବଚନର ବ୍ୟବସ୍ଥା ଥାଏ । ପ୍ରତିବର୍ଷ ସରକାରଙ୍କ ବଜେଟ୍ ଅନୁଯାୟୀ ଏଭଳି ଶିବିରର ସଂଖ୍ୟା ଧାର୍ଯ୍ୟ ହୋଇଥାଏ । ସର୍ବନିମ୍ନ ଖର୍ଚ୍ଚରେ ସର୍ବାଧିକ ଆନନ୍ଦ ପାଇଁ ତରୁଣମାନେ ଏହି ଶିବିରରେ ଯୋଗଦେବା ଉଚିତ ଏବଂ ଅଭିଭାବକ ମାନେ ପିଲାମାନଙ୍କୁ ଏ ଦିଗରେ ପ୍ରୋତ୍ସାହନ ଦେବା ଉଚିତ ।

ତୃତୀୟ ପ୍ରକାରର ଶିବିର ହେଲା ସ୍ୱାଧ୍ୟାୟ ଶିବିର **(**Study Camp**)** **:** ଏଥିରେ ଶିବିରାର୍ଥୀମାନେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ ଭିତ୍ତିକ କୌଣସି ଗଭୀର ଆଲୋଚନାରେ ଅଂଶ ଗ୍ରହଣ କରିଥାନ୍ତି । ସାଧାରଣତଃ ବୟସାଧିକ ବ୍ୟକ୍ତିମାନେ ଏଥିରେ ଯୋଗଦାନ କରୁଥିବାରୁ ଶିବିରାର୍ଥୀମାନଙ୍କ ପାଇଁ ସର୍ବାଧିକ ଯତ୍ନ ଓ ସ୍ୱାଧୀନତା ଦିଆଯାଇଥାଏ । ଭାରତ ପ୍ରସିଦ୍ଧ ବିଦ୍ୱାନ ମାନେ ସ୍ୱତନ୍ତ୍ର ଅନୁରୋଧ କ୍ରମେ ଏଥିରେ ଯୋଗଦାନ କରି ବକ୍ତୃତା ଦେଇଥାନ୍ତି । ପ୍ରାୟ ଆଠଦିନ ବ୍ୟାପି ଗଭୀର ଆଲୋଚନା ସାଙ୍ଗକୁ ଆସନ ପ୍ରାଣାୟମ ଓ ଛୋଟବଡ ଟ୍ରେକିଂ ମଧ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଥାଏ । ସକାଳୁ ଆସନ ପ୍ରାଣାୟମ ପରେ ଜଳଖିଆ ଓ ତା ପରେ ଆଲୋଚନା ଚାଲେ । ଦିନ ୧୨ ରୁ ଶିବିରାର୍ଥୀମାନେ ଏକରକମ ମୁକ୍ତ । ପୁଣି ରାତି ଆଠଟା ବେଳକୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ।

ସାଧାରଣତଃ ପ୍ରଶ୍ନ ଉଠେ ଏତେ ଦୂର ଯାଇ ଶିବିରରେ ଯୋଗଦେଲେ କଣ ସବୁ ବିଶେଷ ଲାଭ ମିଳିବ**?** ଏହାର ଉତ୍ତର ହେଲା **:-** ସାରା ଭାରତ ତଥା ବିଦେଶରୁ ତରୁଣ ଓ ବୟସ୍କମାନେ ଆସନ୍ତି । ଏତେ ପ୍ରକାରର ଚଳଣିର ମଣିଷଙ୍କ ଗହଣରେ ରହିବା**,** ବିଦ୍ୱାନ ମାନଙ୍କଠାରୁ ଜୀବନକୁ ପରିବର୍ତ୍ତନ କଲାଭଳି କିଛି ସନ୍ଦେଶ ଶୁଣିବା**,** ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଶିକ୍ଷା ନେବା**,** କିଛି ଦୁଃସାହସିକ କାର୍ଯ୍ୟରେ ଭାଗନେବା**,** ଦେଶର ଅଗ୍ରଗତି ଓ ସଂହତିରେ ସହାୟ ହେବା ଏବଂ ଆନନ୍ଦରେ ସୁନ୍ଦର ପରିବେଶରେ ଦଶଦିନ କଟେଇବା ହେଉଛି ଏହି ସବୁ ଶିବିରରେ ଯୋଗଦାନର ଲାଭ । ଏହି ଶିବିର ସବୁର ସବୁଠୁ ବଡ ଆକର୍ଷଣ ହେଉଛି ଟ୍ରେକିଂ । ଦୈନିକ ଉପରବେଳା ସବୁ ଶିବିରାର୍ଥୀଙ୍କ ପାଇଁ ଟ୍ରେକିଂ ଯିବାର ସୁବିଧା କରାଯାଏ । ଟ୍ରେକିଂ ମାଧ୍ୟମରେ LAND’S END, FIFFIN TOP, SRI AUROBINDO PEAK, SNOW VIEW, NAINA PEAK ଆଦିକୁ ଶିବିରାର୍ଥୀମାନେ ଯାଇଥାନ୍ତି । ପ୍ରଥମେ ପ୍ରଥମେ ମାତ୍ର ୩ କ.ମି. ରାସ୍ତା ଟ୍ରେକିଂ କରାଯାଏ ଏବଂ ତାହା ପରେ ବଢି ବଢି ଚାଲେ ।

ଶିବିର ସରିଲ୍ ବେଳକୁ ପ୍ରତ୍ୟେକ ଏଭଳ ଅଭ୍ୟସ୍ତ ହୋଇସାରିଥାନ୍ତି ଯେ, ବନନବାସରୁ କଇଁଚ ପର୍ଯ୍ୟନ୍ତ ପ୍ରାୟ ୧୬ କ.ମି. ରାସ୍ତାକୁ ବିନା ଦ୍ୱିଧାରେ ଅତିକ୍ରମ କରିଥାନ୍ତି । କହିବା ବାହୁଲ୍ୟ କୌଣସି ବେସରକାରୀ ସଂସ୍ଥା ଦ୍ୱାରା ଏଭଳ ଟ୍ରେକଂ ପାଇଁ ପର୍ଯ୍ୟଟକ ମାନଙ୍କୁ ନୈନୀତାଲରେ ହଜାର ହଜାର ଖର୍ଚ୍ଚ କରିବାକୁ ପଡିଥାଏ । ଏସବୁ ଟ୍ରେକଂ ବାଦେ ଯୋଗାସନ, କପ୍ ଫିଟ୍ ପାଇଁ ବ୍ୟାୟାମ୍, ପ୍ରାଣାୟମ ଓ ଧ୍ୟାନ କରିବାର ପଦ୍ଧତି ଶିକ୍ଷା ଦିଆଯାଏ । ଶ୍ରମ ପ୍ରତି ମନରେ ଥିବା ଘୃଣା ଓ ଅସୂୟା ଭାବ ଦୂର କରିବା ପାଇଁ ତଥା ଶ୍ରମ ପ୍ରତି ସମ୍ମାନ ବଢେଇବା ପାଇଁ ଦୈନକ ଶ୍ରମଦାନ ଓ ସଫେଇର କାର୍ଯ୍ୟକ୍ରମ ଥାଏ । ସୁସ୍ଥ ଜୀବନ, ନୈତିକ ବିକାଶ, ଆଧ୍ୟାତ୍ମିକ ଜାଗରଣ, ଜାତୀୟ ସମସ୍ୟାର ସମାଧାନ ଓ ତରୁଣମାନଙ୍କ ଭୂମିକା ଉପରେ ବିଭିନ୍ନ ବିଭାଗରେ ଖ୍ୟାତି ଅର୍ଜନ କରିଥିବା ବିଦ୍ୱାନଙ୍କ ଅଭିଭାଷଣ ଥାଏ । ଏସବୁ ସାଙ୍ଗକୁ କ୍ଷୀର, ଫଳ ସହିତ ଉଚ୍ଚମାନର ଖାଦ୍ୟ ବ୍ୟବସ୍ଥା, କମ୍ବଳ ଓ ଖଟ ସହିତ ଶୟନ ବ୍ୟବସ୍ଥା, ଉଷୁମ ଓ ଥଣ୍ଡା ପାଣି ସହିତ ଗାଧୁଆ ଓ ପାଇଖାନା ବ୍ୟବସ୍ଥା ରହିଥାଏ । କୌଣସି ବ୍ୟବସ୍ଥାରେ ଏତେ ଟିକେ ଖୁଣିବାକୁ ନଥାଏ । ନୈନୀତାଲ ଭଳ ବିଶ୍ୱ ସ୍ତରୀୟ ପର୍ଯ୍ୟଟନସ୍ଥଳରେ ରହିବା, ଖାଇବା ଓ ଗାଇଡ୍ ଖର୍ଚ୍ଚ ଏତେ ଅଧିକା ଯେ, ଏକାଦିକ୍ରମେ ଦଶଦିନ ରହିବା ଯେ କୌଣସି ସ୍ୱଚ୍ଛଳ ପରିବାର ପାଇଁ କଳ୍ପନାର ବାହାରେ । କନ୍ତୁ ଏହି ଶିବିର ଜରିଆରେ ଜଣେ ଖୁବ୍ କମ୍ ଖର୍ଚ୍ଚରେ ଏହା କରିପାରିବ ।

ଶିବିର ଚାଲିଥିବା ସମୟରେ ଫୁରୁସତ୍ ସମୟରେ ନୈନୀତାଲ ସହର, ବଜାର, ହ୍ରଦ ଦେଖି ହେବ । ଅଧାଦିନଆଁ ଟୁର୍ ବ୍ୟବସ୍ଥାରେ ଭୀମତାଲ, ନଚକୁଟିଆତାଲ, ହନୁମାନଗାଦି, ସୀତାତାଲ, ଗରୁଡତାଲ ଆଦି ଦେଖିହେବ । ଦିଲ୍ଲୀ ଦେଇ ନୈନୀତାଲ ପହଞ୍ଚିବା ଯୋଜନା କଲେ ଦିଲ୍ଲୀ ବୁଲା ହୋଇଯିବ ଏବଂ ଆସିଲାବେଳେ ହରିଦ୍ୱାର ଋଷିକେଷ ଦେଇ ଦିଲ୍ଲୀ ଫେରିହେବ । ଲକ୍ଷ୍ନୌ ବି ଦେଖିହେବ । ଲକ୍ଷ୍ନୌ ଦେଇ ନୈନୀତାଲ ଯିବା ଯୋଜନା କଲେ ଐତିହାସିକ ଲକ୍ଷ୍ନୌ ବି ଦେଖିହେବ । ଶିବିର ସରିଲା ପରେ ଜଣେ ଚାହିଁଲେ ଆଖପାଖରେ ଥିବା ରାମଗଡ, ଆଲମୋଡା, କୌସାନୀ, ରାଣିକ୍ଷେତ ଆଦି ଦର୍ଶନୀୟ ଜାଗା ମଧ୍ୟ ବୁଲି ପାରିବେ । ଶିବିର ସବୁରେ ହିନ୍ଦି ଓ ଇଂରାଜୀ ଭାଷା ପ୍ରଚଳନ ଥାଏ । କନ୍ତୁ ସ୍ୱାଧ୍ୟାୟ ଶିବିର ସବୁ ଇଂରାଜୀ, ହିନ୍ଦି, ଗୁଜରାତି, ତାଲିମ୍ ଆଦି ବିଭିନ୍ନ ଭାଷାରେ ଅନୁଷ୍ଠିତ ହେଉଛି । ଏକାଦିକ୍ରମେ ତିରିଶ ଜଣ ଓଡିଆ ଏକାଠି ହେଲେ ଏବଂ ଦିଲ୍ଲୀ ଆଶ୍ରମକୁ ପତ୍ର ଲେଖି ଜଣାଇଲେ ଓଡିଆ ଭାଷାରେ ସ୍ୱାଧ୍ୟାୟ ଶିବିର ଅନୁଷ୍ଠିତ ହେବ ବୋଲି ଆଶ୍ରମ କର୍ତ୍ତୃପକ୍ଷ ଜଣାଇଥାନ୍ତି । ତେଣୁ ଓଡିଶା ବୁଦ୍ଧିଜୀବୀ ମାନେ ନଶ୍ଚିତ ରୂପେ ଏହି ସ୍ୱାଧ୍ୟାୟ ଶିବିରରେ

ଯୋଗଦେବା ଆବଶ୍ୟକ । ବାପା ମା ସ୍ୱାଧ୍ୟାୟ ଶିବିରରେ ଯୋଗଦେଇ ପିଲାମାନଙ୍କୁ ଅନ୍ୟ ଦୁଇ ଶିବିରରେ ଯୋଗଦାନ କରାଇ ପାରିଲେ ଗୋଟିଏ ସମୟରେ ପୁରା ପରିବାରର ବିନା ଚିନ୍ତାରେ ଶିବିରର ସମସ୍ତ ଆନନ୍ଦ ଗ୍ରହଣ କରିପାରିବେ ।

ପ୍ରତି ଜାନୁଆରୀ ମାସରେ ସାରା ବର୍ଷର ଶିବିର ମାନଙ୍କ ସମୟ ଧାର୍ଯ୍ୟ କରାଯାଇଥାଏ । ସବିଶେଷ ବିବରଣୀ ଆଇଁ ଦିଲ୍ଲୀ ଆଶ୍ରମକୁ ସମ୍ପର୍କ ରଖିବା ଆବଶ୍ୟକ । ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଯେ କୌଣସି ଆଗ୍ରହୀ ତରୁଣ, ତରୁଣୀ (୧୨ ବର୍ଷରୁ ୩୫ ବର୍ଷ ମଧ୍ୟରେ) ଏହି ଶିବିର ପାଇଁ ଆବେଦନ କରିପାରିବେ । ସ୍ୱାଧ୍ୟାୟ ଶିବିର ପାଇଁ ବୟସର କୌଣସି ସୀମା ନାହିଁ । ଆବେଦନକାରୀ କୌଣସି ଉତ୍କଟ ରୋଗରେ ପୀଡିତ ନ ହେବା ଆବଶ୍ୟକ । ଆଶ୍ରମ ପରିବେଶରେ ଆମିଷ, ନିଶା ଦ୍ରବ୍ୟ, ଗୁଡାଖୁ, ସିଗାରେଟ୍, ଗୁଟକା, ପାନ ଆଦି ନିଷେଧ । ବର୍ତ୍ତମାନର ନିୟମ ଅନୁସାରେ ସ୍ୱାଧ୍ୟାୟ ଓ ଯୁବ ଶିବିରାର୍ଥୀଙ୍କୁ ଦଶ ଦିନ ରହିବା ଖାଇବା ପାଇଁ କିଛି ଟଙ୍କା ଧାର୍ଯ୍ୟ କରାଯାଇଛି । ଜାତୀୟ ସଂହତି ଶିବିରାର୍ଥୀ ପାଇଁ ରହିବା ଖାଇବା ବାବଦକୁ କିଛି ଟଙ୍କା ଧାର୍ଯ୍ୟ ହୋଇଛି ଏବଂ ସରକାର ସମସ୍ତ ଯିବା ଆସିବା ଖର୍ଚ୍ଚ ବହନ କରିଥାନ୍ତି ।

ହିମାଳୟ କୋଳରେ, ସୁନ୍ଦର ପ୍ରାକୃତିକ ପରିବେଶରେ ଏକାଦି କ୍ରମେ କିଛି ଦିନ କଟାଇବାକୁ କିଏ ନ ଚାହିଁବ? ପ୍ରତ୍ୟେକ ସଚେତନ ଅଭିଭାବକ ଓ ବିଦ୍ୟାର୍ଥିଙ୍କୁ ଏହା ଏକ ଦୁର୍ଲଭ ସୁଯୋଗ । ସ୍କୁଲ କର୍ତ୍ତୃପକ୍ଷ ଏକାଧିକ ପିଲାଙ୍କୁ ନେଇ ଏଇ ଶିବିରରେ ଯୋଗ ଦେଇପାରିବେ । ନୈନୀତାଲ ହେଉଛି ଭାରତର ସବୁଠୁ ସୁନ୍ଦର ସ୍ଥାନ । ବିଶ୍ୱାସ କରନ୍ତୁ, ଶିବିରରେ ଏହି ଦଶଦିନ ସାରା ଜୀବନ ପାଇଁ ସବୁଠୁ ସୁନ୍ଦର ଅଭୁଲା ସ୍ମୃତି ହୋଇ ରହିଯିବ । ଏକଥା ହଲପ କରି କୁହାଯାଇପାରେ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଶ୍ରାବଣ

ସନ୍ଧ୍ୟାରାଣୀ ଦାଶ

ଶ୍ରାବଣ ଗୋ ତୁମେ କଥା ଦେଇଥିଲ
ସାଥି ହୋଇ ରହିଥିବା,
ଭାବ ଯୋଡ଼ି ପୁଣି ମନକୁ ମିଶାଇ
ସାତ ଜନ୍ମ ସାଙ୍ଗ ହେବା ।
ଶ୍ରାବଣୀ ସାଜି ମୁଁ ତୁମ ପଛେ ଧାଇଁ
ଝର ଝର ଝରି ଯାଏ,
ଜିଇଁବା ମରିବା ସାଥୀ ହୋଇ ଆମେ
ସେ କଥା ଉଭେଇ ଯାଏ ।
କଇତି ସପନେ ଆସାଇ ଗୋପନେ
ମରୁର ଲତିକା ସାଜି,
ମନ ତରୁବର ସେ ଲତା ଗହନେ
ନିମିଷକେ ଯାଏ ହଜି ।
ମନ ତଳେ ମୋର ଶ୍ରାବଣ ରାତିର
ଅନ୍ଧାର ଯାଇଛି ଘୋଟି
ଦୁଃଖ ବାଦଲଟା ସ୍ମୃତିର ପବନେ
ଛାତି ତଳେ ଯାଏ ଲୋଟି ।
ବିଜୁଳି ଚମକେ ହୃଦୟ ଫାଟକେ
କୁହୁଳି ଉଠୁଛି ଏବେ,
ମନଟା ତୁମର କଳୁଷିତ ଥିଲା
ନୀରବେ ବସି ମୁଁ ଭାବେ ।

ମକୁନ୍ଦପୁର ୟୁପିଏସ,ସହକାରୀ ଶିକ୍ଷୟିତ୍ରୀ, ଜଗତସିଂହପୁର

# ନୂଆ ବରଷ

ରବି ପ୍ରଧାନ

ହେ ନୂଆ ବରଷ ଖୁସିରେ ଯେ ଆସ
ସ୍ୱାଗତ କରିବା ପାଇଁ...
ଆମେ କୁନା କୁନ ତୁମରି ବାଟକୁ
ହରଷେ ରହିଛୁ ଗ୍ୱହିଁ...।୧।
ପକ୍ଷୀ ପରି ଆମ ମନ ଉଡ଼ିଯାଏ
ଦେହ ଯାଏ ଶୀତେ ଥରି....
ଲ୍ୱାଗୁଛି ସତରେ ଯେମିତି ଆମକୁ
ମନ୍ତର ଦେଇଛି କରି....।୨।
ଘର ଅଗଣାରେ ତୁମ ପାଇଁ ପଗ୍ୱ
ଝଟକ ଉଠଇ ଝୋଟି....
କ୍ଷେତରେ କ୍ଷେତରେ ସୁନାରଙ୍ଗୀ ଧାନ
ଭୂଇଁରେ ପଡ଼ଇ ଲୋଟି...।୩।

ବଗିଗ୍ୱରେ ଫୁଲ ପାଖୁଡ଼ା ମେଲ୍ୱଇ
ପବନ ଦୋଳରେ ଝୁଲେ....
ଫୁଲେ ଫୁଲେ ଉଡ଼ି ତୁମରି ଗୀତକୁ
ଭଅଁରଟି ଗାଇ ବୁଲେ...।୪।
ଘରେ ଘରେ ତୁମେ ପାଦ ଥାପିଦିଅ
ନୂଆ କୁଣିଆଟେ ହୋଇ....
ସାଥୀଟିଏ ହୋଇ ଆମ ସଭିଙ୍କର
ମନ ନଅ ତୁମେ ମୋହି...।୫।
ନୂଆ ଆଶା ନୂଆ ସପନରେ ଆମେ
ଲ୍ୱାଗିଯିବୁ ଭଲ କାମେ....
ହେ ନୂଆ ବରଷ ହେ ନୂଆ ବରଷ
ଆଶୀଷ ମାଗୁଛୁ ଆମେ....।୬।

ବାଣପୁର, ଖୋରଧା

# ଚନ୍ଦ୍ରାନାୟକ



ନବୀନ କୁମାର ପଧାନ

ସଂସାର ସମୁଦ୍ର ବେଳାଭୂମିର ସେ
ଅଟେ ନିରୀହ ଶାମୁକା
ସମାଜରେ ସିନା ମୂଲ୍ୟହୀନ ଅଟେ
ଅନ୍ତରେ ଥାଏ ମୁକୁତା ॥

ମାଆ ବାପାଙ୍କର ଅଯୋଗ୍ୟ ପୁଅ ସେ
ଭଗ୍ନୀର ଅଯୋଗ୍ୟ ଭାଇ
ପ୍ରେମିକା ଆଖିରେ ଧୋକାବାଜ ସାଜି
ତଥାପି ସିଏ ବଞ୍ଚଇ ॥

ପାଠ ପଢ଼ିଥାଏ ପ୍ରତିଭା ବି ଥାଏ
ହୋଇଥାଏ ସେ ବେକାରୀ
ଆର୍ଥିକ ସମସ୍ୟା କାରାଗାରେ ପଡ଼ି
ଅଭିଳାଷ ତା ଗୁଙ୍କରୀ ॥

ସମୟ ସହିତ ଭାଗ୍ୟର ଚକରେ
ହେଉଥାଏ ସଦା ପେଷି
ପରିଗଣିତ ସେ ଶ୍ରେଷ୍ଠ ବେକାରୀ ରେ
ସମାଜ ଆଗରେ ଦୋଷୀ ॥

କେତେ ଦିନପରେ ଜୀବିକା ପାଇବ
ବୟସ ଚକ ଗଡିବ
ଜୀବନର ସାପ ଶିଢ଼ୀଖେଳେ ରହି
ଲକ୍ଷ୍ୟ ସ୍ଥଳେ ପହଂଚବ ‖

ରାତିର ଶୟନେ ଭିଜେ ତା ତକଆ
ଝରେ ଝର ପରି ଲୋତକ
ଜୀବନ ନାଟକ ପାଇଁ ଚନ୍ତା କରି
ସାଜେ ସେ ଚନ୍ତା ନାୟକ ‖

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁଫାସଡ଼, ବଲାଙ୍ଗୀର

ବେଦାନ୍ତୀ ଇ-ପତ୍ରିକା ପଢିବା ସଙ୍ଗେ ସଙ୍ଗେ ପଢାନ୍ତୁ
ଆପଣଙ୍କ ପରିବାର ସଦସ୍ୟ, ବନ୍ଧୁ-ବାନ୍ଧବଙ୍କୁ ଏବଂ ଓଡିଆ
ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ସହଯୋଗ କରନ୍ତୁ ।

# ଅନ୍ଧାର



ରମଣ କୁମାର ନାଗ

ଆଜିବି ତୁମ ଅତୀତର ପୃଷ୍ଠା
ଖେଳାଇଦେଲେ
ଆଖିରୁ ଝରି ପଡେ
ଥପ ଥପ ଲୁହ ।
ସକାଳ ନ ହେଉଣୁ
ଆର୍ତ୍ତନାଦ
ବହିଆସୁଛି ତତଲ ନିଃଶ୍ୱାସ
ସପ୍ନ ସବୁ ଆବଡା ଖାବଡ଼ା
ତୁମେ,
ଆଲୋକିତ ରାତିର
ଜହ୍ନର ପ୍ଲାବିତ ଜୋସ୍ନାରେ
ଲେପି ଦିଅ ଥରେ ଥରେ
କଳଙ୍କିତ କାଳୀମା ।

ଲଙ୍ଘି ଯାଅ ଲକ୍ଷ୍ମଣ ରେଖା
ନମାନି ତୁମେ
ସମାଜର ନୀତି, ନିୟମ
ମାଡ଼ି ଯାଅ ବନ, ପାହାଡ଼
ଅମାନିଆ ନଈ ର ବନ୍ୟା ପରି ।
ତୁମ ରୂପ ଭୟଙ୍କର
କେ'ବା ତୁମକୁ କରିବ ଆଲିଙ୍ଗନ ଯେ,
ଦୁଇ ହାତ କୁ
ପ୍ରସାରି ଦେଉଛ ରାତି ସାରା
ଦପ ଦପ ହୋଇ ଜଳୁଥିବା
ପୁଞ୍ଜା ପୁଞ୍ଜା ଦୁଃଖ ଓ ଯନ୍ତ୍ରଣା
ଆଦେଖା ଚୁଲିରେ...... ।

ଧର୍ମଗଡ ସାହିତ୍ୟ ସଂସଦ,ଧର୍ମଗଡ
ସନ୍ଧିକୁଲିଆରୀ,କଳାହାଣ୍ଡି

# ସୁକୃତୀ



ସୁଷମା ପରିଜା

ତୁହା କୁ ତୁହା କରତାଳ ମଧ୍ୟରେ ମଞ୍ଚ ଉପରକୁ ପ୍ରବେଶ କରୁଥିବା ମହିଳା ଜଣଙ୍କର ଚେହେରା ଟି ଚହ୍ନା ଚହ୍ନା ମନେ ହେଉଥିଲା ଲାବଣ୍ୟ ର। ଉଜ୍ଜ୍ୱଳ ଆଲୋକ ବିଚ୍ଛୁରିତ ହୋଇ ପଡିଥିବା ମଞ୍ଚ ଉପରେ ଧୀର ପଦପାତରେ ଆଗେଇ ଯାଉଥିଲେ ସବୁଜ ରଙ୍ଗର ମାଣିଆବନ୍ଧୀ ପାଟ ଶାଢୀ ପିନ୍ଧା ମହିଳା ଜଣକ । ମଞ୍ଚାସୀନ ଅତିଥିବୃନ୍ଦ ଦଣ୍ଡାୟମାନ ହୋଇ ପଡିଲେ ତାଙ୍କୁ ସମ୍ମାନ ଜଣାଇବାକୁ । ମୁଖ୍ୟ ଅତିଥି ବଢାଇ ଦେଲେ ପୁଷ୍ପ ଗୁଚ୍ଛ ଓ ମାନପତ୍ର, ଗଳା ରେ ତାଙ୍କର ଲମ୍ବାଇ ଦେଲେ ସମ୍ମାନସୂଚକ ଉତ୍ତରୀୟ । ଘନ ଘନ କରତାଳ ଶବ୍ଦ ରେ କମ୍ପି ଉଠିଲା ସଭାସ୍ଥଳ । ସୁକୃତୀ ଦେବୀ ଙ୍କର ଜୟ ଧ୍ୱନି ରେ ମୁଖରିତ ହୋଇ ଉଠିଲା ଗଗନ ପବନ । ଆଉ ଟିକେ ନିରିଖେଇ ଚାହିଁଲା ଲାବଣ୍ୟ, ମନେ ପକାଇବାକୁ ଚେଷ୍ଟା କଲା କେଉଁଠି ଦେଖିଛି ସେ ଏଇ ମହିଳାଙ୍କୁ । ବସ୍ ରେ କଲେଜ୍ ଗଲାବେଳେ ନା କେଉଁ ସଭା ସମିତି ରେ ନା ଶାଶୁଘରର କେଉଁ ପାରିବାରିକ ଉତ୍ସବ ରେ**?** କେଉଁଠି **?** କେଉଁଠି **?** ମନେ ପକାଇବାକୁ ଶତଚେଷ୍ଟା କରିବା ସତ୍ତ୍ୱେ ବି ମନେ ପକାଇବା ଲାଗି ଅସମର୍ଥ ହେଲା ଲାବଣ୍ୟ । କାହାକୁ ବା ପଚାରିବ ଭଦ୍ର ମହିଳାଙ୍କର ପରିଚୟ । ସମସ୍ତେ ତ ସଭା ଦେଖିବାରେ, ସଭାପତି ଙ୍କର ଭାଷଣ ଶୁଣିବାରେ ବ୍ୟସ୍ତ । ସଭାପତି ଅନର୍ଗଳ ଭାବେ କହି ଚାଲିଥାନ୍ତି ସୁକୃତୀ ଦେବୀ ଙ୍କର ମହନୀୟତା ବିଷୟରେ । କେମିତି ସେ ପାଞ୍ଚଶହ ଅନାଥ, ମୂକ ବଧିର ପିଲାମାନଙ୍କୁ ସାଇତି ରଖିଛନ୍ତି ତାଙ୍କ "ଆଶ୍ରୟ" ଅନାଥାଶ୍ରମ ରେ, କେମିତି ଦିନ ଦିନ ଧରି ସେବା କରି ଆସୁଛନ୍ତି ସେମାନଙ୍କର, ସେଥିଲାଗି କାହାରି ପାଖରେ ହାତ ପତେଇ ନାହାଁନ୍ତି ସେ । ବରଂ ନିଜ ର ସର୍ବସ୍ୱ ସମ୍ପତ୍ତି ଆଉ ସ୍ୱାମୀଙ୍କ ପରେ ତାଙ୍କୁ ମିଳୁଥିବା ପେନସନ୍ ଗଣ୍ଡାକ ମଧ୍ୟ ବାଜି

ଲଗାଇ ଦେଇଛନ୍ତି ସେ ଇତ୍ୟାଦି ଇତ୍ୟାଦି । ଲାବଣ୍ୟ ର କାନ କନ୍ତୁ ସିଆଡେ ନାହିଁ, ସେ ମହିଳାଙ୍କର ପ୍ରକୃତ ପରିଚୟ କ'ଣ, ସେ କଥା ଭାବି ଭାବି ତା' ମୁଣ୍ଡ ଚକ୍କର କାଟୁଛି। ସେ ଅପେକ୍ଷା କରିଛି କେତେବେଳେ ଶିତିକଣ୍ଠ ଆସି ତା' ପାଖରେ ଥିବା ଖାଲି ଚୌକିଟିରେ ବସିବେ ଆଉ ସିଏ ତାଙ୍କୁ ପଚାରି ବୁଝିବ ସେ ମହିଳାଙ୍କ ପରିଚୟ । ହୁଏତ ଶିତିକଣ୍ଠ ଜାଣି ଥାଇ ପାରନ୍ତି ତାଙ୍କ ପରିଚୟ କାରଣ ତାଙ୍କର ବନ୍ଧୁ ବଳୟ ବିସ୍ତିର୍ଣ୍ଣ, ତା ଛଡା ତାଙ୍କ ସାଇ ଭାଇ କୁଟୁମ୍ବ ବହୁତ ବେଶୀ। ଶିତିକଣ୍ଠ କନ୍ତୁ ଆସୁ ନଥାନ୍ତି । ସେ ଏଇ ସଭା ର ଆୟୋଜକ ଙ୍କ ମଧ୍ଯରୁ ଜଣେ, ତେଣୁ ସଭାରେ ତାଙ୍କର ଉପସ୍ଥିତି ଅନବାର୍ଯ୍ୟ । ଏକା ଏକା ଦର୍ଶକ ମାନଙ୍କ ନମିତ୍ତ ଉଦ୍ଦିଷ୍ଟ ଚୌକିରେ ପ୍ରଥମ ଧାଡି ରେ ତା'କୁ ବସେଇ ଦେଇ ଯେ ଯାଇଛନ୍ତି ତ ଯାଇଛନ୍ତି । କେମିତିକା ମଣିଷ କେଜାଣି, ଟିକଏ ହେଲେ ଭାବୁନାହାନ୍ତି ସିଏ ଏକା ଏକା ଏମିତି ବସି କ'ଣ କରୁଥିବ । ଶିତିକଣ୍ଠ ସବୁବେଳେ ସେମିତି ସଂସାର ପ୍ରତି ଉଦାସୀନ । ବିରକ୍ତି ରେ ଗୁଣୁ ଗୁଣୁ ହୋଇ ବସି ରହିଲା ଲାବଣ୍ୟ । ମଞ୍ଚ ଉପରେ ମହିଳା ଜଣକ ତାଙ୍କର ବକ୍ତବ୍ୟ ଜାରି ରଖିଥାଆନ୍ତି । ସେଥିରୁ ଅଧା ଲାବଣ୍ୟ ର କାନ ରେ ପଶୁ ଥାଏ ତ ଅଧା ପଶୁ ନଥାଏ, ତା'ର ମନ ଘୁରି ବୁଲୁଥାଏ ସେଇ ମହିଳାଙ୍କ ଚାରିପଟେ, ଖାଲି ଚୌକ ଟିରେ ଏପଟ ସେପଟ ହେଉଥାଏ ସେ ।

ନଜର ବକ୍ତବ୍ୟ ସାରି ମଞ୍ଚ କରତାଳ ମଧ୍ୟରେ ତଳକୁ ଓହ୍ଲାଇ ଆସିଲେ ମହିଳା ଜଣକ । ସେତିକବେଳେ କେଉଁଠି ଥିଲେ କେଜାଣି ଶିତିକଣ୍ଠ ଆସି ପହଞ୍ଚି ଗଲେ ତାଙ୍କ ପାଖରେ | ଲାବଣ୍ୟ ଦେଖିଲା ଶିତିକଣ୍ଠ ର ପାଦ ଛୁଇଁ ପ୍ରଣାମ କଲେ ମହିଳା ଜଣକ ଆଉ ତାଙ୍କ ହାତ ଧରି ଆଗେଇ ଆସିଲେ ତା' ପାଖରେ ପଡିଥିବା ଚୌକ ଟି ଆଡକୁ । ଲାବଣ୍ୟ ର ପ୍ରଶ୍ନବାଚୀ ଦୃଷ୍ଟି କୁ ଚାହିଁ ହସି ହସି କହିଲେ "ଚହ୍ନି ପାରୁନ ନା କଅଣ ମ ? ଇଏ ପରା ଆମ ଖୁସି, ଆମ ପାର୍ବତୀ ମାଉସୀଙ୍କର ଝିଅ ମ, ସୁଖଲତା । ମୁରୁକ ହସି ଲାବଣ୍ୟ ର ପାଦ ଛୁଇଁଲା ଖୁସି । କହିଲା ନୂଆ ନୂଆ ବାହାହୋଇ ଆସିଲା ବେଳେ ଥରେ ଅଧେ ଦେଖିଥିଲେ ଭାଉଜ ମତେ, ଆଉ ଏତେ ଦିନ ପରେ କ'ଣ ତାଙ୍କର ମନେଥିବ । ସେଇଥି ଲାଗି ପରା ଦେଖୁନ ଭାଇ କେମିତି ଅଚହ୍ନା ମଣିଷଙ୍କ ଭଳ ଚାହିଁ ରହିଛନ୍ତି । ନଜ କୁ ପ୍ରକୃତିସ୍ଥ କରି ଖୁସିର ହାତ ଧରି ପାଖ ଚୌକିଟି ଉପରେ ବସାଇଦେଲା ଲାବଣ୍ୟ । ତା'ର

ଆଖିରେ ନାଚ ଯାଉଥିଲା ତିରିଶି ବର୍ଷ ତଳର ସେଇ ଟିପ୍ ଟପ୍ ଚେହେରାର ସାଲୁଆର କାମିଜ୍ ପିନ୍ଧା ହାଇ ହିଲ୍ ପରିହିତା ସୁନ୍ଦରୀ ଷୋଡଶୀ ଖୁସି, ଯାହା ହରିଣୀ ଆଖିର କଜଳ ରେ ଥିଲା ଲକ୍ଷେ ଇନ୍ଦ୍ରଧନୁର ରଙ୍ଗ, ଯାହାର ପଛପଟେ ଝୁଲୁଥିବା ଲମ୍ବାବେଣୀ ରେ ଥିଲା ଲକ୍ଷେ ହୃଦୟ କୁ ଟାଣି ଆଣିବାର ଉଦ୍ଦାମ ଯୌବନ, ସେଇ ଖୁସି ଆଜି ର ଏ ଲୋଳତଚର୍ମା, ପୃଥୁଳକାୟା, ପକ୍ୱକେଶା ସୁକୃତୀ ଦେବୀ ? ନଜର ଆଖି ଦୁଇଟା କୁ ବିଶ୍ୱାସ କରି ପାରୁନଥିଲା ଲାବଣ୍ୟ । ଏମିତି ବି ପରିବର୍ତ୍ତନ ହୋଇପାରେ ମଣିଷ ର ? କାହିଁକି ? କେମିତି ? ଭଳି ପ୍ରଶ୍ନ ମାନେ ମିଳମିଶି ଅସ୍ତବ୍ୟସ୍ତ କରି ପକାଉଥିଲେ ଲାବଣ୍ୟର ମନକୁ। ସେଇ ପ୍ରଶ୍ନ ର ଉତ୍ତର ପାଇବାକୁ ବ୍ୟାକୁଳତ ହୋଇ ଉଠୁଥିଲା ତା'ର ମନ। ସେ ଅନୁରୋଧ କଲା ଖୁସି ଓରଫ ସୁକୃତୀ ଦେବୀ ଙ୍କୁ "ଏତେ ଦିନ ପରେ ଦେଖାହେଲା ତମ ସାଥିରେ, ମନଖୋଲି ଦି ପଦ କଥା ବି ହୋଇ ପାରିନ, ଆଜିକ ରହିଯାଅନା ଆମ ଘରେ ପ୍ଲିଜ୍, କାଲି ସକାଳୁ ତମ ଭାଇ ନେଇ ଛାଡି ଦେଇ ଆସିବେ ତମ ଘରେ" । ବିନମ୍ର ପ୍ରତ୍ୟାଖ୍ୟାନ କଲା ଖୁସି, କହିଲା "ନାଇଁ ଭାଉଜ ଆଜି ନୁହେଁ, ମୋ ପୁଅ ଠିକ୍ ନଅଟା ବେଳକୁ ଗାଡି ଧରି ଆସି ପହଞ୍ଚିବ ମତେ ନେବା ଲାଗି, ମୁଁ ଆଉ କେବେ ସମୟ କରି ଆସିବି, ତୁମ ସହିତ ଦି ପଦ ଦୁଃଖ ସୁଖ ହୋଇ ଯିବି" । ସତକୁ ସତ ଠିକ୍ ରାତି ନଅଟା ବେଳକୁ ଗାଡି ଧରି ଆସିଥିଲା ଖୁସିର ପୁଅ । ଡ୍ରାଇଭର ଟି ଆସି ଖୁସି କୁ ଡାକବାରୁ ଲାବଣ୍ୟ ଆଉ ଶିତିକଣ୍ଠ ଦୁଇ ଜଣ ଯାକ ଗାଡି ପର୍ଯ୍ୟନ୍ତ ବଳେଇ ଦେବାକୁ ଗଲେ ଖୁସି କୁ ।

ଖୁବ୍ ଖୁସିରେ ସେ ପରିଚୟ କରାଇ ଦେଲା ତା'ର ପୁଅ ସହିତ "ଇଏ ତୋର ମାମୁଁ ମାଇଁ ହେବେ, ପ୍ରଣାମ କର । ପୁଅଟି ଗାଡିରୁ ଓହ୍ଲାଇ ଆସି ପ୍ରଣାମ କଲା ଦୁଇଜଣଙ୍କୁ । ଲାବଣ୍ୟ ଦେଖିଲା ଖୁବ୍ ସୁନ୍ଦର ସୁସ୍ଥ ସବଳ ଯୁବକ ଟିଏ, ବୟସ ରେ ଖୁବ୍ ବେଶୀ ରେ ଦଶବର୍ଷ ସାନ ହେବ ଖୁସି ଠାରୁ, ପାଦ ଛୁଇଁ ପ୍ରଣାମ କରି ଚୁପ୍ ଚାପ୍ ବସି ପଡିଲା କାର୍ ଭିତରେ। ଆଶ୍ଚର୍ଯ୍ୟରେ ଭରିଗଲା ଲାବଣ୍ୟ, ପଦୁଟିଏ କଥା ବି କହିଲାନ ଖୁସିର ପୁଅ । ସେ ଭାବୁଥିଲା ଦାମୀ କାର୍ ନେଇ ଆସିଥିବା ଭଣଜା ଟିର ବୋଧହୁଏ ମାମୁଁ ମାଇଁ ପାସଙ୍ଗ ରେ

ପଡିଲେନ, ସେଥିଲାଗି କଥା ପଦେ କହିବାକୁ ପସନ୍ଦ କଲାନାହିଁ । ଧୀରେ ଧୀରେ ଖୁସିର କଥା ମନ ଭିତରେ ଫିକା ପଡିବାରେ ଲାଗିଥିଲା ।

ମାସେ ଖଣ୍ଡେ ବିତି ଯିବା ପରେ ଦିନେ ଖରାବେଳଟାରେ ଖାଇ ପିଇ ବିଶ୍ରାମ କରୁଥିବା ବେଳେ ଦାଣ୍ଡ ଦୁଆରେ ଗାଡି ର ହର୍ଣ୍ଣ ଶୁଣି ଚମକ ଉଠିଲା ଲାବଣ୍ୟ । ଦରଜା ଖୋଲି ଦେଖିଲା ବେଳକୁ ଦରଜା ବାହାରେ ଖୁସି ଠିଆ ହୋଇଛି ହାତରେ ବଡ ମିଠା ପ୍ୟାକେଟ୍ ଟିଏ ଧରି । ମତେ ଦେଖି କୁଣ୍ଢାଇ ପକାଇଲା, ଆଜି ତମ ପାଖରେ ରହିବି ଭାଉଜ, ସେଥିଲାଗି ଗାଡି କୁ ଫେରେଇ ଦେଲି, ଡ୍ରାଇଭର କୁ କହି ଦେଇଛି କାଲି ସକାଳୁ ଆସି ମତେ ଏଇଠୁ ନେଇଯିବ । ମନରେ ଟିକଏ ସ୍ୱାର୍ଥୀ ହୋଇ ପଡିଥିଲା ଲାବଣ୍ୟ, ସେ ଖୁସିର ଆସିବାରେ ଯେତିକ ଆନନ୍ଦିତ ହେଉ ନଥିଲା ତା'ଠୁ ବେଶୀ ଆନନ୍ଦିତ ହେଉଥିଲା ଖୁସି ଜୀବନ ର ତିରିଶି ଟି ବସନ୍ତ ର ଅନାଲୋଚତ ଅଧ୍ୟାୟ କୁ ଜାଣି ପାରିବ ବୋଲି । ଲୁଗାପଟା ବଦଳେଇ ଧୁଆଧୋଇ ହୋଇ ଖାଇସାରିଲା ପରେ ଆସି ତା' ରି ପାଖରେ ଖଟରେ ଗଡି ପଡିଲା ଖୁସି । କହିଲା ସେଦିନ ତମ ଆଖିରେ ଅନେକ ପ୍ରଶ୍ନବାଚୀ ଦେଖିଥିଲି ଭାଉଜ । ତା'ର ଉତ୍ତର ଦେବାକୁ ମୋ ପାଖରେ ସମୟ କ ସୁବିଧା ନଥିଲା, ସେଥିଲାଗି ଫେରିଗଲି । ତା'ଛଡା ମୁଁ ଭାବି ନଥିଲି ଯେ ସେଠାରେ ତୁମମାନଙ୍କ ସହିତ ଏମିତି ହଠାତ୍ ଦେଖା ହୋଇଯିବ ବୋଲି । ତା 'ପରେ ମୁଁ ଭାବି ନଥିଲି ଯେ ଏତେ ବର୍ଷ ପରେ ଏମିତି ଅବସ୍ଥାରେ ଦେଖି ଭାଇ ମତେ ଚହ୍ନି ପାରିବେ ଆଉ ତମେ ? ତମେ ମତେ ଦେଖି ଚହ୍ନିବ କ'ଣ ମୁଁ ତ ତମକୁ ଦେଖି ଚହ୍ନି ପାରିଲିନ, ଭାଇ ନ କହିଥିଲେ ମୁଁ ତମକୁ ମୋଟେ ଚହ୍ନି ପାରି ନଥାନ୍ତି । କୁଆଡ଼େ ଗଲା ତମର ସେ ରୂପ ରଙ୍ଗ ଭାଉଜ ? ଦୁଧ ଅଳତା ରଙ୍ଗ ର କଣ୍ଢେଇ ଟିଏ ଭଳ ଦିଶୁଥିଲ ତମେ ସେତେବେଳେ । ପ୍ରଥମ ଥର ତୁମକୁ ଦେଖିଲା ପରେ ସୁନ୍ଦରୀ ଝିଅ ବୋଲି ମୋ ମନରେ ଥିବା ଅହମିକା ଟି କାଚ ଦର୍ପଣ ପରି ଭାଙ୍ଗି ଚୁରମାର ହୋଇଯାଇଥିଲା । ତଥାପି ମାଉସୀଙ୍କର ପସନ୍ଦ କୁ ତାରିଫ୍ ନକରି ରହି ପାରି ନଥିଲି ମୁଁ । କହିଥିଲି କୋଉଠୁ ଟର୍ଚ୍ଚ ମାରି ଖୋଜି ଖୋଜି ବୋହୂ ଆଣିଛୁ କ ମାଉସୀ ? ଅନ୍ଧାର ଘରେ ପୁରାଇ ଦେଲେ ତୋଫା ଆଲୁଅ ଜଳେଇ ଦବ । ସେଦିନ ଲାଜର୍ ହସଟିଏ ହସି ମୁଣ୍ଡ ନୁଆଁଇଥିଲ ତୁମେ । ଆଜି ତମକୁ ଦେଖି କଏ କହିବ ତମେ

ସେଇ ଭାଉଜ ବୋଲି । କଥା ର ମୋଡ ବୁଲାଇବା ଲାଗି ଚେଷ୍ଟା କରି କହିଲା ଲାବଣ୍ୟ ' ଛାଡ ମ ମୋ କଥା, ତମର ସେଇ କୋଡିଏ ଡେଇଁ ନଥିବା ଭାଉଜ ଟା କୁ ଆସି ପଗ୍ଗଶ ଧରିଲାଣି, ପୁଅ ଝିଅଙ୍କୁ ବାହାଘର କରି ନାତିନାତୁଣୀଙ୍କୁ ଧରି ବୁଢୀ ହେଲାଣି ସେ କଥା ତମ ମନରେ ଆସୁନ ବୋଧେ, ଅଣ୍ଟା, ଆଣ୍ଠୁ ଗଣ୍ଠି ଧରିସଳଖି ଗ୍ଗଲି ପାରୁନ ଆଉ ସୁନ୍ଦରୀ ପଣ ଖୋଜୁଛି କିଏ" ? ତମେ ଆଗ ତମ କଥା କହିଲ , ବୟସ ରେ ତ ତମେ ସାନ ହେବ ମୋ ଠାରୁ, ତମର କାହିଁକି ଏଇ ଅବସ୍ଥା ? ଲୁଗାକାନ ରେ ମୁହଁ ପୋଛି ଆରମ୍ଭ କଲା ଖୁସି .......।

ପାର୍ବତୀ ମାଉସୀ ଥିଲେ ଆମ ଶାଶୁଙ୍କର ପିଉସୀ ଝିଅ ଭଉଣୀ । ମଉସାଙ୍କର ଥିଲା ଗୋଟିଏ ତେଜରାତି ଦୋକାନ । ସହର ମଝାମଝି ଘର ହୋଇ ଥିବାରୁ ସେଇ ଘରେ ହିଁ ବାହାର ପଟକୁ ଆଜ୍ ବେଷ୍ଟସ୍ ର ଛାତଟିକୁ ଲମ୍ବାଇ ତେଜରାତି ଦୋକାନ ଘର ଟିଏ କରି ଥିଲେ ମଉସା । ଦୋକାନରେ ବେପାରବଟା ବି ଭଲ ହେଉଥିଲା । ଯାହା ରୋଜଗାର ହେଉଥିଲା ତାହା ଚଳବା ଲାଗି ଯଥେଷ୍ଟ ଥିଲା । ପୁଅକୁ ଅନେଇ ଅନେଇ ପାଞ୍ଚ ପାଞ୍ଚଟା ଝିଅ ପରେ ପୁଅ ଟିଏ ହୋଇଥିଲା ମଉସାଙ୍କର । ଛୋଟ ତେଜରାତି ଦୋକାନ ଟି ର ରୋଜଗାର ସାତ ସାତଟି ପ୍ରାଣୀଙ୍କର ଭରଣପୋଷଣ କରିବାକୁ ଅକ୍ଷମ ହେଲା । କ୍ରମେ କ୍ରମେ ଘରେ ଅଭାବ ବଢିଲାରୁ ମଉସା ମାଉସୀ ଙ୍କ ମଧ୍ୟରେ ଖିଟଖାଟ୍ ଲାଗି ରହିଲା । ପାଞ୍ଚ ଝିଅ ପାଠ ପଢିବାକୁ ଯିବା ବେଳକୁ ସାନ ପୁଅ ଟି ମାଆ କୋଳ ରେ କ୍ଷୀର ଟୋପାଏ ଲାଗି ଡହକ ବିକଳ ହେଉଥିଲା । ଏମିତି କିଛିଦିନ ବିତିଗଲା ପରେ ମାଉସୀ ପାଖ ପାନ ଦୋକାନ ରୁ ଗୁଆ ଆଣି କଟାକଟି କରି, ଘରେ ବଡି ତିଆରି କରି ବିକ୍ରି କରି କିଛି ପଇସା ରୋଜଗାର କରୁଥିଲେ । ଧୀରେ ଧୀରେ ସେତକ ବି ନିଅଣ୍ଟ ପଡିଲା ପରିବାର ର ଖର୍ଚ୍ଚ ତୁଲାଇବାକୁ । ଖୁସି ସେତେବେଳକୁ ମାଟ୍ରିକ ପରୀକ୍ଷା ଦେଉଥାଏ । ବର୍ଷିକିଆ ଛୁଆ ହୋଇ ଥିବାରୁ ତା 'ତଳ ଭଉଣୀ ମାନେ ତା' ତଳ ଶ୍ରେଣୀ ମାନଙ୍କ ରେ ପଢୁଥାଆନ୍ତି । ନିଜେ ପାଠ ପଢୁଥିବା ବେଳେ କେବେ ଟିଉସନ ଟିଏ ନ ହୋଇଥିବା ଖୁସି କିନ୍ତୁ ସାନ ଭଉଣୀ ମାନଙ୍କୁ ଘରେ ପଢାଇଲା ବେଳେ ସାହି ରୁ ଆଉ ଦି ଗ୍ଗରିଟା ପିଲାଙ୍କୁ ବସାଇ ଟିଉସନ କରେ । ଯିଏ ଯାହା ଖୁସି ରେ ଦିଅନ୍ତି ସେତକ ନେଇ ମାଆକୁ ଦେଇଥାଏ ।

ଗୁଣ୍ଡୁଚ ମୂଷା ଟିଏ ଭଳ ସେ ମଧ୍ୟ ପରିବାର ଚଳାଇବାରେ ସାହାଯ୍ୟ କରିଥାଏ ମଉସା ମାଉସୀ ଙ୍କୁ ।

ଖୁସି ଥିଲା ଜଣେ ମେଧାବୀ ଛାତ୍ରୀ, ମନ ଲଗାଇ ପିଲାମାନଙ୍କୁ ପାଠ ପଢାଉଥିଲା, ପିଲାମାନେ ସ୍କୁଲରେ ଭଲ ନମ୍ବର ରଖିବାରୁ ଧୀରେ ଧୀରେ ଟିଉସନ ରେ ପିଲା ଙ୍କ ସଂଖ୍ୟା ବଢିବାକୁ ଲାଗିଲା । ଏବେ ଆଉ ଖୁସିର ଛୋଟ ଘରଟିରେ ପିଲାମାନଙ୍କୁ ବସି ପଢିବା ନିମନ୍ତେ ଯଥେଷ୍ଟ ଯାଗା ହେଉନଥିଲା । ଅଭିଭାବକ ମାନେ ଆସି ଅନୁରୋଧ କରୁଥିଲେ ଖୁସି କୁ ସେମାନଙ୍କ ଘରେ ଯାଇ ତାଙ୍କ ପିଲାମାନଙ୍କୁ ଟିଉସନ କରିବା ଲାଗି, ସେଥିପାଇଁ ସେମାନେ ଅଧିକ ପାରିଶ୍ରମିକ ମଧ୍ୟ ଦେବାକୁ ପ୍ରସ୍ତୁତ ଥିଲେ । ଖୁସି କ୍ରମେ କ୍ରମେ ଘରୋଇ ଶିକ୍ଷକ ପାଲଟି ଗଲା । ଅଧିକ ପଇସା ରୋଜଗାର ହେବାରୁ ମଉସା ମାଉସୀ ମଧ୍ୟ ମନରେ ଖୁସି ହେଉଥିଲେ । କିନ୍ତୁ ଖୁବ୍ ଶୀଘ୍ର ଖୁସି ଜାଣି ପାରିଲା ଯେ ଏଇ ପେଷା ଟି ତା'ଲାଗି ନିରାପଦ ନୁହେଁ । କାରଣ ସେ ଥିଲା ଅସାମାନ୍ୟା ସୁନ୍ଦରୀ, ସେଥିରେ ପୁଣି ଅଳ୍ପ ବୟସୀ, ଅଭିଭାବକ ମାନଙ୍କ ଶ୍ୟେନଦୃଷ୍ଟି ପ୍ରାୟତଃ ତା' ଉପରେ ଘୁରି ବୁଲୁଥିଲା, କେହି କେହି ଅଶ୍ଳୀଳ ଇଙ୍ଗିତ ବି କରିବାକୁ ପଛାଉ ନଥିଲେ । ଏବେ ସେ ଖୁବ୍ ଭାବିଚିନ୍ତି ଟିଉସନ ପିଲା ଠିକ୍ କରୁଥିଲା ।

ସେଇ ସମୟରେ ସାହି ର ବାବାଜୀ ମଉସା ଗୋଟିଏ ଭଲ ପ୍ରସ୍ତାବ ଦେଲେ। ସିଏ ଯେଉଁ ବାବୁଙ୍କ ଘରେ ରୋଷେଇବାସ କରୁଥିଲେ, ସେଇ ମାଲିକଙ୍କର ଦୁଇଟି ଯାଆଁଳା ପୁଅ, ଜନ୍ମ ରୁ ମୂକ ବଧିର, ସେଇ ମାନଙ୍କର ରକ୍ଷଣାବେକ୍ଷଣ କରିବା ଲାଗି । ପିଲାଙ୍କ ମାଆ ସାଙ୍ଘାତିକ ଭାବରେ ଅସୁସ୍ଥ ହୋଇ ଶଯ୍ୟାଶାୟୀ, ସେଥିଲାଗି ମାଲିକ ବ୍ୟାଙ୍କ ଚାକରୀ ରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ନିଜରବ୍ୟବସାୟ କରୁଛନ୍ତି । ମାଲିକାଣୀ ଙ୍କୁ ବହୁତ ଭଲ ପାଆନ୍ତି ମାଲିକ, ସେଥିଲାଗି ଦଣ୍ଡେ ହେଲେ ତାଙ୍କ ପାଖରୁ ଉଠନ୍ତି ନାହିଁ, ତାଙ୍କର ସବୁ କାମ ନିଜ ହାତରେ କରନ୍ତି, ଘର ର ବାସନ ମଜା, ଝାଡାପୋଛା, ଲୁଗା ପଟା ସଫା କରିବା ଲାଗି ମଲ୍ଲୀ ମାଆ ଅଛି, ରୋଷେଇବାସ, ବଜାର ଘାଟ କରିବାକୁ ମୁଁ ଅଛି ଆଉ ରହିଲା ପିଲାମାନଙ୍କର ଦାୟିତ୍ୱ । ସେଇଥିପାଇଁ ବାବୁ ଅନେକ ଦିନ ହେବ ମତେ କହିଲେଣି

ଗୋଟିଏ ଭଲ ଲୋକ ଟିଏ ଖୋଜି ଦେବାପାଇଁ । ମୁଁ ଗୁରିଆଡେ ଖୋଜି ଖୋଜି ଥକଲିଣି, ଭରସା ଯୋଗ୍ୟ ଲୋକଟିଏ ହୋଇଥିବ ପୁଣି ନଜର ପିଲା ଭଲ ଦେଖିବ ସେ ପିଲା ଦୁଇଟି ଙ୍କୁ, ଏମିତିକା ଲୋକଟିଏ ମୋ ଆଖିକୁ କେହି ଦିଶୁ ନାହାନ୍ତି । ଆମ ଖୁସି ତ ଏଠି ପିଲାମାନଙ୍କୁ ପାଠପଢାଇ କେତେ ଯତନ ରେ ରଖୁଛି ମୁଁ ଦେଖୁଛି । ବାରଆଡେ ବୁଲି ପଢେଇବା ଅପେକ୍ଷା ଆମ ବାବୁଙ୍କ ଘରେ ରହି ତାଙ୍କରି ପିଲାମାନଙ୍କୁ ଦେଖାଶୁଣା କଲେ ଭଲ ହୁଅନ୍ତା । ସକାଳୁ ମୋ 'ରି ସାଥୀରେ ଯାଆନ୍ତା ପୁଣି ସଞ୍ଜକୁ ମୋ ସାଥିରେ ଆସନ୍ତା । ଝିଅଟି ମୋ ସାମନାରେ ରହନ୍ତା ସୁରକ୍ଷିତ ହୋଇ । ପଇସା କଥା କଛି ଚନ୍ତା କରିବାର ନାହିଁ, ଯାହା କହିବ ମାଲିକ ଦେବେ। ବହୁତ ବଡ ମନ ତାଙ୍କର, ଖୁସି ର କାମ ରେ ଖୁସି ହେଲେ ସେ ତା' ର ବାହାଘର ବେଳେ ମଧ୍ୟ ତମକୁ ସାହାଯ୍ୟ କରି ପାରନ୍ତି । ବାବାଜୀ ଦାଦାଙ୍କର କଥା ମନକୁ ପାଇଲା ସମସ୍ତଙ୍କର। ତା' ପର ଦିନ ସକାଳୁ ଉଠି ଖୁସି ଗଲା ବାବାଜୀ ଦାଦାଙ୍କ ସାଥିରେ ପରିତୋଷ ଚୌଧୁରୀଙ୍କ ଘରକୁ, ତାଙ୍କର ଦୁଇ ପୁତ୍ରଙ୍କର ଦେଖାଶୁଣା କରିବା ଲାଗି ।

ସେଠାରେ ପହଞ୍ଚି ଦେଖିଲା ବିରାଟ ଏକ ଦ୍ୱିତଳ ପ୍ରାସାଦ, ସାମନାରେ ଜାତିଜାତିକା ଫୁଲର ସୁନ୍ଦର ବଗିଚ୍ଚା, ବାହାରେ ବିରାଟ ଷ୍ଟିଲ ଗେଟ୍ ପାଖରେ ଦରୱାନ ଟିଏ, ଦୁଇପଟେ ମୁଲାୟମ ଘାସର ଗାଲିଚ୍ଚା, ମଝିରେ ଥିବା ସରୁ ରାସ୍ତାଟି ଲମ୍ବି ଯାଇଛି ଘର ର ପାହାଚ ଯାଏ । ପାହାଚ ଡେଇଁ ଘରେ ପାଦ ରଖିଲା ଖୁସି, ଚଟାଣରେ ପଡିଥିବା ଦାମୀ ଗାଲିଚ୍ଚା ଫୁଲ ଭଳିଆ କୋମଳ ଲାଗୁଥାଏ ଖୁସିର ପାଦକୁ, ସେ ବହେ ଘରେ ପଡିଥିବା ଦାମୀ ଆସବାବପତ୍ର ଉପରେ ଆଖି ବୁଲେଇ ଆଣୁଥାଏ ତ ବହେ ବାବାଜୀ ଦାଦା ଙ୍କର ମୁହଁ ଉପରେ । ଖୁସିକୁ ଲାଗୁଥାଏ ସତେକି ସେ ସ୍ୱର୍ଗ ରେ ପହଞ୍ଚିଛି, ତା' ଆଖିରେ ପଲକ ପଡୁନଥାଏ । ଦୁଇ ତିନୋଟି ରୁମ୍ ଅତିକ୍ରମ କରି ସେମାନେ ପହଞ୍ଚିଲେ ଗୋଟିଏ ବଡ ରୁମ୍ ରେ, ଯେଉଁଠି ଗୋଟିଏ ବିରାଟ ପଲଙ୍କ ଉପରେ ଆଖି ବନ୍ଦ କରି ଶୋଇ ରହିଥିଲେ ଜଣେ ଶୀର୍ଣ୍ଣକାୟା ଭଦ୍ର ମହିଳା, ପଲଙ୍କ ପାଖରେ ପଡିଥିବା ସୁନ୍ଦର ଚୌକି ଟି ରେ ବସି ରହିଥିଲେ ଜଣେ ଭଦ୍ର ଲୋକ । ଉଭୟଙ୍କ ଚେହେରାରେ ସମ୍ଭ୍ରାନ୍ତ ପରିବାରର ଚହ୍ନ ସୁସ୍ପଷ୍ଟ। ମୁଣ୍ଡ ଝୁଙ୍କାଇ ହାତଯୋଡି ଦୁଇ ଜଣଙ୍କୁ ପ୍ରଣାମ କଲେ ବାବାଜୀ ଦାଦା ଆଉ ଆଖିର ଇସାରାରେ ଖୁସି କୁ ମଧ୍ୟ ଜଣାଇ ଦେଲେ ସେମିତି କରିବା ଲାଗି । ନମସ୍କାର ଟିଏ ପକାଇ

ଚୁପ୍ ଚାପ୍ ମୁଣ୍ଡ ନୁଆଁଇ ଠିଆହେଲା ଖୁସି । ବାବାଜୀ ଦାଦା ଠାରୁ ସବୁ କଥା ଶୁଣିବା ପରେ ମାଲିକ ତାକୁ ପିଲାଙ୍କ ପାଖକୁ ନେଇ ଯିବାକୁ କହିଲେ। ଖୁସିକୁ ନେଇ ପିଲାମାନେ ରହୁଥିବା ଘର ଟିରେ ଛାଡି ଦେଇ ଆସିଲେ ଆଉ ବୁଝେଇ ଦେଲେ ଯେ କ'ଣ କ'ଣ ତାକୁ କରିବାକୁ ପଡିବ । ତାଙ୍କର କଥାରୁ ବୁଝିଲା ଖୁସି ଯେ ପିଲା ଦିନରୁ ସେମାନେ ମାଆ ର ଆଦରଯତ୍ନ ପାଇ ବଢିଥିଲେ ଏବେ ମାଆ ରୋଗୀଣା ହେବାରୁ ସେମାନଙ୍କୁ ଦେଖାଶୁଣା କରିବା ସମ୍ଭବ ହେଉନାହିଁ, ମୂକ ବଧିର ହୋଇ ଥିବାରୁ ଦୁଇ ଭାଇ ଯାକ ନିଜର ମନୋଭାବ କାହା ଆଗରେ ପରିପ୍ରକାଶ କରି ପାରୁ ନାହାଁନ୍ତି କିମ୍ବା କଲେ ମଧ୍ଯ କେହି ତାଙ୍କ କଥା ଠିକ୍ ଭାବରେ ବୁଝି ପାରୁନାହାଁନ୍ତି ଯେଉଁଥିଲାଗି ସେମାନଙ୍କ ଭିତରେ ଚଡ୍ ଚଡା ସ୍ୱଭାବ ବୃଦ୍ଧି ପାଇଛି ଆଉ ସେମାନେ ଜିନିଷ ପତ୍ର ସବୁ ଫିଙ୍ଗା ଫୋପଡ଼ା କରି ଦେଉଛନ୍ତି । ପିଲା ଦୁଇଟି ଙ୍କୁ ଚାହିଁଲା ଖୁସି, ଯାଆଁଳା ପୁଅ ଦୁଇଟି, ସାତ ଆଠ ବର୍ଷର ହେବେ ବୋଧହୁଏ, ବେଶ୍ ଗୋରା ତକତକ ଡଉଲଡାଉଲ ଚେହେରା, ନୀଳ ନୀଳ ଆଖି ଯୋଡ଼ିକ ଟେରେଇ ତୋଳି ନିରୀହ ଦୃଷ୍ଟି ରେ ଚାହିଁ ରହିଛନ୍ତି ତା 'କୁ । ସେମାନଙ୍କର ଏମିତି ଭାବ ଦେଖି ଦୟାଆସିଲା ଖୁସିର ମନରେ। ପାଦ ଚପି ଚପି ସେମାନଙ୍କ ପାଖକୁ ଗଲା ଆଉ ସେମାନଙ୍କୁ ନିଜ ଛାତିରେ ଜଡାଇ ଧରିଲା । ମନେମନେ ଭାବିଲା, ଆହା ବିଚରା ପିଲା ଦୁଇଟି ! ମଆ ର ସ୍ନେହ ଟିକଏ ପାଇବାକୁ କ ତହକ ବିକଳ ହେଉଥିବେ ସତେ । ନିଜ ଅଜାଣତରେ ଦି ଟୋପା ଲୁହ ଗଡି ଯାଇଥିଲା ତା ଆଖିରୁ । ପିଲା ଦୁଇଟି ମଧ୍ଯ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଲାଖି ରହିଥିଲେ ତା ଛାତିରେ ।

ସେଇଠୁ ଆରମ୍ଭ ହୋଇଥିଲା ଖୁସିର ନୂଆ ଜୀବନ । ସେଇ ମୂକ ବଧିର ପୁଅ ଦୁଇଟି ପାଲଟି ଯାଇଥିଲେ ଖୁସିର ଜୀବନ। ସେଇ ମାନଙ୍କ ପାଇଁ ରାତି ରାତି ଅନିଦ୍ରା ରହି ସେ ମୂକ ବଧିର ମାନଙ୍କ ଭାଷା ଶିଖିଲା, ସେମାନଙ୍କୁ ମୂକ ବଧିର ସ୍କୁଲରେ ଆଡମିଶନ୍ କରି ସାଙ୍ଗରେ ନେଇ ଯିବା ଆସିବା କରୁ କରୁ ସେ ଏତେଦକ୍ଷତା ଲାଭ କରିଥିଲା ସେମାନଙ୍କ ଭାଷା, ଚାଲି ଚଳନ, ବ୍ୟବହାର ରେ ଯେ ଦିନେ ସେ ସ୍କୁଲ ର ଅଧକ୍ଷ ଡାକି କହିଥିଲେ ମାଲିକ ପରିତୋଷ ଚୌଧୁରୀଙ୍କୁ "ସାର୍, ଆପଣଙ୍କ ଆୟା ଟି ବଡ ବୁଦ୍ଧିମତୀ, ଏଇ ବର୍ଷଟିଏ ପିଲାମାନଙ୍କୁ ନେବା ଆଣିବା କରି, ତାଙ୍କ ପାଖରେ ବସି ବସି ସେ ଯେତିକି ଜ୍ଞାନ

ଆହରଣ କରିଛିନା ସେ ଆଶ୍ରମ ରେ ଗୋଟିଏ ମୂକ ବଧିର ବିଦ୍ୟାଳୟ ଚଳେଇ ପାରିବ । ମୁଁ ତା ସହିତ କଥାବାର୍ତ୍ତା କରୁଥିଲି, ସେ ଇଣ୍ଟର ପାସ୍ କରିଛି, ଆପଣ ଚାହିଁଲେ ତାକୁ ପ୍ରାଇଭେଟ୍ ରେ ପରୀକ୍ଷା ଦିଆ କରେଇ ଗ୍ରାଜୁଏଟ୍ ଟିଏ କରେଇ ପାରିବେ। ମୁଁ ମଧ ଚେଷ୍ଟା କରିବି ତାକୁ ମୂକ ବଧିର ପିଲାମାନଙ୍କୁ ପଢାଇବା ଲାଗି ସାର୍ଟିଫିକେଟ୍ ଟିଏ କରେଇ ଦେବା ଲାଗି । ଝିଅଟିର ସ୍ୱଭାବ ଖୁବ୍ ଭଲ, ତା'ର ନଷ୍ଠା ଅଛି, କଛି କରି ଦେଖାଇବାର ଆକାଂକ୍ଷା ମଧ ଅଛି, ଆପଣଙ୍କ ପାଖରେ ପଇସା ଅଛି, ସାମର୍ଥ୍ୟ ବି ଅଛି, ଆପଣ ମନା କରନ୍ତୁ ନାହିଁ ସାର୍ । ଚନ୍ତା କରନ୍ତୁ ସେ ଝିଅଟି ଆପଣଙ୍କ ପିଲାମାନଙ୍କର କେତେ ସେବା କରୁଛି, ତା' ପାଇଁ କଛି କଲେ ଆପଣଙ୍କ ପିଲାମାନଙ୍କର ମଙ୍ଗଳ ହେବ। ବର୍ଷକ ଆଗରୁ ଖୁସି ତାଙ୍କ ଘରେ କାମ କରୁଥିଲେ ମଧ ତାକୁଭଲ ଭାବରେ ଦେଖିବାକୁ କମ୍ବା ତା' ବିଷୟରେ କଛି ଜାଣିବାକୁ ଚେଷ୍ଟା କରି ନଥିଲେ ପରିତୋଷ ଚୌଧୁରୀ, ଖାଲି ଏତିକ ଜାଣିଥିଲେ ଯେ ତାଙ୍କ ପୁଅ ରବିନ୍ ଆଉ ଜୁବିନ୍ ଙ୍କ କଥା ଖୁସି ଭଲରେ ବୁଝୁଛି ଆଉ ପିଲାମାନେ ତା' କୁ ମାଆ ଭଳ ଆଦରି ନେଇଛନ୍ତି । ଆଜି ପିଲାଙ୍କ ସ୍କୁଲ ର ଅଧକ୍ଷ ଖୁସି ବିଷୟରେ ଆଲୋଚନା କରିବା ପରେ ସେ ଘରକୁ ଫେରି ପ୍ରଥମେ ପଶିଲେ ପିଲାମାନଙ୍କର ରୁମ୍ କୁ । ବୋଧହୁଏ ପିଲମାନେ ଖାଇସାରି ଶୋଇ ଯାଇଥିବେ ଭାବି ଦୁଆର ମୁହଁରୁ ଫେରି ଆସୁଛନ୍ତି ସେ ଦେଖିଲେ ବେଡ୍ ଉପରେ ଖୁସିର ଦୁଇପଟେ ଶୋଇ ରହିଛନ୍ତି ରବିନ୍ ଆଉ ଜୁବିନ୍, ଖୁସିର ଗଳା ରେ ବେଢି ରହିଛି ଦୁଇଜଣଙ୍କ ହାତ, ଠିକ୍ ଯେମିତି ତାଙ୍କ ପତ୍ନୀ ସୁକୃତୀ ସୁସ୍ଥ ଥିବା ବେଳେ ଶୋଉଥିଲେ ସେମାନେ । ପୁଅ ମାନଙ୍କ ମୁହଁରେ ଲାଖି ରହିଛି ଗଭୀର ଆତ୍ମତୃପ୍ତିର ହସଧାରେ, ଯାହା ସେ ସୁକୃତୀ ଅସୁସ୍ଥ ହେବା ପରଠାରୁ କେବେ ବି ଦେଖି ନଥିଲେ। ଆଖି ରେ ଲୁହ ଜକେଇ ଆସିଲା ତାଙ୍କର। ଭାବିଲେ ବିଗତ ପାଞ୍ଚ ବର୍ଷ ଧରି ସେ ସୁକୃତୀ ଙ୍କ ଲାଗି ଏତେ ବ୍ୟସ୍ତ ଅଛନ୍ତି ଯେ ପୁଅ ମାନଙ୍କର ଧାନ ରଖି ପାରିନାହାନ୍ତି ଠିକ୍ ରେ । ଖାଲି ସୁକୃତୀ ଙ୍କ କଥା ହିଁ ଭାବିଛନ୍ତି । କେମିତି ସୁକୃତୀ ଏଇ ମାରାତ୍ମକ ବୋନ୍ କ୍ୟାନସର ରୁ ଭଲ ହେବେ, ସେଇକଥା ଭାବି ଭାବି ଦିନରାତି ଏକାକାର କରି ଲାଗି ରହିଛନ୍ତି । ସହର ର ସବୁ ଭଲ ହସ୍ପିଟାଲ, ସବୁ ବଡ ଡାକ୍ତରମାନେ ବିଫଳ ହୋଇଛନ୍ତି ସୁକୃତୀ ଙ୍କୁ ଆରୋଗ୍ୟ କରିବା ଲାଗି । ଦିନ କୁ ଦିନ ତାଙ୍କର ଅବସ୍ଥା ଖରାପ ହେବାକୁ ଲାଗିଛି ସିନା ଭଲ ହେଉନାହିଁ । ପିଲାମାନଙ୍କୁ ଅବହେଳା ପ୍ରଦର୍ଶନ କରିଥିବାର ପଶ୍ଚାତାପ

ରେ ମନଟା ଭରି ହୋଇ ଯାଉଥିଲା ତାଙ୍କର । ଆଖି ଫେରେଇ ଖୁସି ଆଡ଼କୁ ଚାହିଁଲେ ପରିତୋଷ ଚୌଧୁରୀ, କାମ କରି ଥକ ଶୋଇ ପଡିଛି ଖୁସି, ଗୋରା ରଙ୍ଗ, ପୁରିଲାପୁରିଲା ଚେହେରା, ମୁହଁ ଉପରକୁ ଝୁଲି ରହିଥିଲା ଅଡୁଆ ବାଳ କେରାକ ତା' କପାଳ ର ଶୋଭା ବଢାଉଛି ସିନା କମାଉ ନାହିଁ । କେତେ ହେବ ବୟସ ଝିଅଟିର ? ତାଙ୍କର ଅଧାରୁ ବି କମ୍ ହୋଇପାରେ । ତଥାପି ଝିଅଟିର ମନୋବଳ ଖୁବ୍ ବେଶୀ । ସ୍ୱଳ୍ପ ରୋଜଗାରୀ ବାପ ଟିକୁ ସାହାରା ଦେବାକୁ, ଭାଇଭଉଣୀଙ୍କୁ ପାଠ ପଢେଇ ମଣିଷ କରିବା ଲାଗି ପରଘରେ କାମ କରୁଛି, ପୁଣି ଏତେ ସଚ୍ଚୋଟ ଯେ ତାଙ୍କ ପୁଅ ମାନଙ୍କୁ ନଜର ଭାବି ଏମିତି ଆପଣେଇ ନେଇଛି ଯେ ସେମାନେ ନଜର ମାଆକୁ ବି ଖୋଜୁ ନାହାଁନ୍ତି ଆଉ। ପରିତୋଷ ଚୌଧୁରୀଙ୍କର କେମିତି ଗୋଟାଏ ମାୟା ଆସିଗଲା ଝିଅ ଟି ଉପରେ ।

ତା' ପର ଦିନ ସକାଳୁ ସକାଳୁ ହଠାତ୍ ଶ୍ୱାସ ଆରମ୍ଭ ହୋଇଥିଲା ସୁକୃତୀ ଦେବୀ ଙ୍କର। ଡାକ୍ତର ଙ୍କୁ ଡାକଚକସ୍ତା କରୁ କରୁ ସଞ୍ଜବେଳେ ପ୍ରଥମ ହୃଦ୍ ଘାତ ହୋଇଗଲା ତାଙ୍କର। ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା ପରିତୋଷ ଚୌଧୁରୀଙ୍କୁ । ଯେଉଁ ପ୍ରାଣପ୍ରିୟା ପତ୍ନୀ ଙ୍କୁ ବଞ୍ଚାଇବା ଲାଗି ଉଚ୍ଚ ଦରମାର ବ୍ୟାଙ୍କ ଚାକରୀ ଛାଡିପାଞ୍ଚ ବର୍ଷ ହେଲା ତାଙ୍କ ପାଖରେ ଜଗି ବସିଥିଲେ, ଆଜି ସେଇ ପ୍ରିୟତମା ଙ୍କର ଶେଷ ଅବସ୍ଥା ଦେଖି ଛାତି କୋରି ହୋଇଯାଉଥିଲା ତାଙ୍କର । ଖାଲି ଈଶ୍ୱର ଙ୍କୁ ପ୍ରାର୍ଥନା କରିବା ଛଡା ଆଉ କଛି ବାଟ ନଥିଲା ତାଙ୍କର। ରାତିରେ ସେମିତି ଅନଦ୍ରା ହୋଇ ଜଗି ବସିଥାଆନ୍ତି ସେ ସୁକୃତୀ ଦେବୀ ଙ୍କର ବେଡ୍ ଉପରେ । ହାତରେ ମୁଠେଇ ଧରିଥାନ୍ତି ସୁକୃତୀ ଙ୍କ ହାତ, ସତେକ ମୁଠାଟି ଢ଼ୁଗୁଲା ହୋଇଗଲେ ସେ ଛାଡି ପଳେଇଯିବେ ପରିତୋଷ ଙ୍କୁ। ଶତ ଚେଷ୍ଟା କରି ମଧ୍ୟ ଅଟକେଇ ପାରିଲେନ ପରିତୋଷ ସୁକୃତୀ ଦେବୀ ଙ୍କୁ । ରାତି ତିନଟାବେଳକୁ ହୋଇଥିଲା ଶେଷ ହୃଦ୍ ଘାତ, ଅନ୍ତ ହୋଇଥିଲା ସୁକୃତୀ ଦେବୀ ଙ୍କର ଯନ୍ତ୍ରଣାମୟ ଜୀବନ ର। ଖବର ପାଇ ଦୌଡି ଆସିଥିଲେ ବାବାଜୀ ଆଉ ଖୁସି । ପତ୍ନୀଙ୍କୁ ହରାଇ ଭାଙ୍ଗି ପଡିଥିବା ପରିତୋଷ ଆଉ ମାତୃହରା ପିଲା ଦୁଇଟିଙ୍କୁ ସାନ୍ତ୍ୱନା ଦେଇ ତାଙ୍କ ଦୁଃଖରେ ସମଭାଗୀ ହେବା ଲାଗି । ସକାଳୁ ସକାଳୁ ସୁକୃତୀ ଦେବୀ ଙ୍କର ଶବ କୁ ନେଇଗଲେ ପୁରୀ । ସ୍ୱର୍ଗଦ୍ୱାରରେ ତାଙ୍କର ଦାହ ସଂସ୍କାର ସାରି ଫେରିଲେ ଘରକୁ ।

ଏତେ ବଡ ଘରଟା ଯେମିତି ଖାଇ ଗୋଡାଉଥିଲା ପରିତୋଷ ଙ୍କୁ। ଘରେ ବାହାରେ ବାଡି ବଗିଚ୍ଛରେ ଯୁଆଡେ ଚ୍ଛହିଁଲେ ସୁକୃତୀ ଙ୍କ ମୁହଁଟା ସବୁବେଳେ ଦେଖା ଯାଉଥିଲା । ପାଗଳ ଙ୍କ ଭଳ ହେଉଥିଲେ ପରିତୋଷ । ଏତେ ବଡ ଏତେ ସୁନ୍ଦର ମଣିଷ ଟା ମାସକ ଭିତରେ କଣ୍ଟା ହୋଇ କତଚ୍ଛଲଗା ହୋଇ ଗଲା । ମାଲିକଙ୍କର ଏମିତି ଅବସ୍ଥା ଦେଖି ସମ୍ଭାଳ ପାରିଲାନ ଖୁସି । ଆଗରୁ ମାଲିକଙ୍କର ସାମନାରେ ଠିଆ ହୋଇ କଥାବାର୍ତ୍ତା କରୁନଥିବା ଝିଅଟି ତାଙ୍କ ବିପଦ ବେଳେ ବନ୍ଧୁ ଟିଏ ହୋଇ ଠିଆ ହେଲା, ତାଙ୍କର ଦୁଇ ପିଲାଙ୍କ ସହିତ ତାଙ୍କୁ ବି ପିଲାଟିଏ ଭଳ ସମସ୍ତ ଦାୟିତ୍ୱ ବହନ କରି ସମ୍ଭାଳ ନେଲା । ସେଇ କେତେ ଦିନ ଖୁସି ର ସେବା ଶୁଶ୍ରୁଷା ରେ ପରିତୋଷ ପୁଣି ଥରେ ଫେରି ଆସିଥିଲେ ପୂର୍ବ ଅବସ୍ଥାକୁ । ଧୀରେ ଧୀରେ ଖୁସିର ସାନଧ ଭଲ ଲାଗିବାକୁ ଆରମ୍ଭ କରିଥିଲା ପରିତୋଷ ଚୌଧୁରୀଙ୍କୁ । କେମିତି କେଜାଣି ସେ ଟାଣି ହୋଇ ଯାଉଥିଲେ ଖୁସି ଆଡକୁ । ତାଙ୍କ ଅଜାଣତରେ ସୁକୃତୀ ଙ୍କ ସ୍ଥାନ ଅଧିକାର କରି ବସିଥିଲା ଖୁସି । ସେ ଚ୍ଛହୁଁଥିଲେ ଖୁସି ସବୁବେଳେ ତାଙ୍କ ପାଖରେ ଥାଉ । ସେମିତି ତାଙ୍କର ପିଲାମାନଙ୍କର ଓ ତାଙ୍କର ସେବା କରୁଥାଉ, ତାଙ୍କ ଭିତରେ ନୂଆ ଉତ୍ସାହ ଉଦ୍ଦୀପନା ସୃଷ୍ଟି କରୁଥାଉ । କନ୍ତୁ ମୁହଁଖୋଲି କଛି କହି ପାରୁ ନଥିଲେ ଖୁସି କୁ କାଳେ ଖୁସି କ'ଣ ଭ୍ଛବିବ ବୋଲି।

ଦିନେ ମନରେ ଖୁବ୍ ସାହସ ବାନ୍ଧି ମନର କଥା ଜଣାଇଲେ ଖୁସି କୁ । ପ୍ରଥମେ ତ ଆଚମ୍ବିତ ହୋଇ ସେ ତାଙ୍କୁ ଚ୍ଛହିଁଲା, କଛି ସମୟପରେ ପ୍ରକୃତିସ୍ଥ ହୋଇ କହିଲା "ମୋ ମନରେ ବି ଖୁବ୍ ସମ୍ମାନ ଅଛି ଆପଣଙ୍କ ପାଇଁ ବାବୁ ହେଲେ ପ୍ରେମ ଅଛି କ ନାହିଁ ସେଇଟା ମୁଁ କହି ପାରିବିନ । ତା ଛଡା ମୋ ଉପରେ ମୋର ବାପା ମାଆ ଙ୍କର, ମୋ ଭ୍ଛଇ ଭଉଣୀଙ୍କର ଦାୟିତ୍ୱ ଅଛି, ସେ ସବୁକୁ କ'ଣ ମୁଁ ଛାଡି ଦେଇ ପାରିବି ? ଆମେ ଗରିବ ଲୋକ ବାବୁ ! ଆପଣଙ୍କ ପ୍ରସ୍ତାବ ସ୍ୱୀକାର କଲେ ଲୋକେ କହିବେ ଧନ ଲୋଭ ରେ ମୋବାପା ଝିଅଟିକୁ ବିକଦେଲେ ବୋଲି । ସେ ନନ୍ଦା ମୁଁ ସହି ପାରିବିନ । ମୁଁ ନାଚ୍ଛର ବାବୁ ! ମତେ କ୍ଷମା କରି ଦିଅନ୍ତୁ "। ଆଉ ଅଧିକ କଛି କହିପାରି ନଥିଲେ ପରିତୋଷ । ଘରକୁ ଫେରି ଯାଇଥିଲା ଖୁସି। ତା'ପରେ ଆଉ ଆସି ନଥିଲା ସାତଦିନ ତାଙ୍କ ଘରକୁ ।

ରବିନ୍, ଜୁବିନ୍ ଖୁସିକୁ ଝୁରି ଝୁରି ଖାଇବା ପିଇବା ଛାଡି ଦେଇଥିଲେ, ନଜେ ପରିତୋଷ ବି କମ୍ ଛଟପଟ ହୋଇ ନଥିଲେ ଖୁସି କୁ ଟିକେ ଦେଖବାପାଇଁ । କେମିତି ଗୋଟାଏ ଦୋଷୀ ଦୋଷୀ ଭାବ ଆବୋରି ବସିଥିଲା ତାଙ୍କୁ।

ଅଷ୍ଟମ ଦିନ ଆସିଥିଲା ଖୁସି । ହାତ ଯୋଡ଼ି ଠିଆ ହୋଇ ଥିଲା ପରିତୋଷ ଙ୍କ ଆଗରେ। କହିଥିଲା 'ବହୁତ ଚେଷ୍ଟା କଲି ବାବୁ ! ଆପଣଙ୍କୁ , ରବିନ୍ ଆଉ ଜୁବିନ୍ ଙ୍କୁ, ଏ ଘରକୁ ଛାଡି ରହିବି ବୋଲି, ହେଲେ ରହି ପାରିଲିନ, ଆପଣମାନଙ୍କର ସ୍ନେହ ଶ୍ରଦ୍ଧା ଟାଣି ଆଣିଲା ମତେ ଏଠିକି । ମୁଁ ଆପଣଙ୍କ ପ୍ରସ୍ତାବ ରେ ରାଜି । ଆପଣ ଯାହା ଉଚତ୍ ମନେ କରୁଛନ୍ତି କରନ୍ତୁ । ପରିତୋଷ ବସିବା ଯାଗାରୁ ଉଠିଆସି ଖୁସି କୁ ଛାତିରେ ଗ୍ଭପି ଧରିଥିଲେ । ମାସକ ପରେ ବହୁତ ସାଧାରଣ ଭାବରେ ରେଜିଷ୍ଟ୍ରି ମ୍ୟାରେଜ୍ ହୋଇଥିଲା ପରିତୋଷ ଆଉ ଖୁସି ଙ୍କର। ଖୁବ ଖୁସି ହୋଇଥିଲେ ରବିନ୍ ଆଉ ଜୁବିନ୍ । ଖୁସି ପରିବର୍ତ୍ତିତ ହୋଇଥିଲା ସୁକୃତୀ ଚୌଧୁରୀ ରେ । ସଂସାର ର ସବୁ ସୁଖ ତାକୁ ଦେଇଥିଲେ ପରିତୋଷ । ତା'ର ଭଉଣୀ ମାନଙ୍କୁ ବାହାତୋଳା କରିଥିଲେ, ଭାଇକୁ ପାଠଶାଠ ପଢେଇ ମଣିଷ କରି ସରକାରୀ ଗ୍ଭକରୀ ଟିଏ କରେଇ ଦେଇଥିଲେ। ପୁଅ ମାନେ ମାଆ ମାଆ ବୋଲି ପାଣି ପିଉ ନଥିଲେ । ଏତେ ସୁଖ ଦଇବ ସହିଲା ନାହିଁ। ପାଞ୍ଚ ବର୍ଷ ର ସଂସାର କରି ପରିତୋଷ ବାଟ କାଟିଲେ ଆରପାରିକୁ । ସୁକୃତୀ ଚୌଧୁରୀ ପୁଣି ଏକା ହୋଇଗଲା ଏତେବଡ ପରିବାର ର ବୋଝ ବୋହିବାକୁ । ମୂକ ବଧିର ବିଦ୍ୟାଳୟ ଟିଏ ଖୋଲି ପିଲାମାନଙ୍କୁ ମଣିଷ କଲା। ଆଜି ସେଇ ପିଲା ଦି ଜଣ ଉଚ୍ଚଶିକ୍ଷା ଲାଭ କରି ଉଚ୍ଚ ପଦବୀରେ ଅଧିଷ୍ଠିତ । ସୁକୃତୀ ର ସେବିଦ୍ୟାଳୟ ଆଜି ପରିତୋଷ ଅନାଥାଶ୍ରମ ନାମ ରେ ଜନସେବା କରି ପ୍ରସିଦ୍ଧି ଲାଭ କରିଛି ।

ଆଖିରୁ ଲୁହ ଢାଳି ସବୁ ଶୁଣୁଥିଲା ଲାବଣ୍ୟ । ତା'ର ମନେ ହେଉଥିଲା ଖୁସି ରୂପ ରେ ସେ ଦେବୀ ଟିଏ ଦେଖୁଛି ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ -753004

# ବେଦନା



ସଙ୍ଗୀତା ମହାନ୍ତି

ମୋ ମନର ବେଦନା
କହି ମୁଁ ପାରେନା
କେତେ ଯେ ପାଉଛି କଷ୍ଟ
ହେଉଗଲିଣି ମୁଁ ନଷ୍ଟ
ଏ ସଂସାରେ କେହି ନାହିଁ ମୋର
ଏକ ମାତ୍ର ତୁମେ ହିଁ ମୋର
କେହି ବୁଝି ପାରିଲେ ନାହିଁ ମତେ
ସବୁ ଦୋଷ ଦେଇଦେଲେ ମତେ
କେବେ କାହାଠାରୁ କଛି ମୋର ଆଶା ନାହିଁ
ଦିନେ କାହା ପାଇଁ ଖରାପ ଭାବେ ନାହିଁ
ସମସ୍ତଙ୍କୁ କରିଛି ନିଜର
କାହାକୁ କରିନି କେବେ ପର
ଯାହାକୁ ଅଧିକା ଭଲ ପାଉଥିଲି
ସେ ଏମିତି କଷ୍ଟ ଦେବ ଜାଣିନଥିଲି
ସାମାନ୍ୟ ଭୁଲ ପାଇଁ କାହାର
ମତେ ସେ ତା ନିଜଠାରୁ କରିଲା ଦୂର
କେତେ ଯେ କଥା କହିଲା
ମୋ ମନକୁ ବହୁତ କଷ୍ଟ ଦେଲା
ଯାହା ସେ ମତେ ଖୁସିରେ ଦେଇଥିଲା

ତାହା ସବୁ ସେ ଖୁସିରେ ନେଇଗଲା
ମଣିଷର ସବୁ ଦୁଃଖ କଷ୍ଟ ଗୁଲିଯାଏ
କନ୍ତୁ କଏ କହିଥିବା କଷ୍ଟର କଥା ମନରେ ରହିଥାଏ
କେବେ ହେଲେ ସେକଥା ମୋ ମନରୁ ଲିଭୁନ
ମୁଁ ବି ସେ କଥାକୁ ଭୁଲିପାରୁନ
ହେ ପ୍ରଭୁ ମତେ ସହିବା ଶକ୍ତି ଦିଅ
ସେ ଯାହା କହୁଛି କହିବାକୁ ଦିଅ
ହେ ପ୍ରଭୁ ଏଇ କଷ୍ଟ ଦେଇ ମତେ
ଶକ୍ତିଶାଳୀ କରିଦେଲ ଏତେ
ପ୍ରତିଟି କଷ୍ଟର ଅଭିଜ୍ଞତା ମୋ ପାଇଁ ନୂତନ ଶିକ୍ଷା
ତୁମେ ମତେ ବହୁତ କଛି ଦେଇଛ
ସବୁଠୁ ପସନ୍ଦର ଜିନଷ ହେଲା ଅପେକ୍ଷା

ତୁଳସୀପୁର, ମଠସାହି

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ସରଳଆ ମନ

ନିରଞ୍ଜନ ସାହୁ

ସରଳ ମନଟେ ମୋହର ବୋଲି ମୁଁ
ସବୁଠାରେ ଧୋକା ଖାଏ
ବୁଝି ମୁଁ ପାରୁନି ସରଳ ମଣିଷ
କାହିଁକି ଏ ଦଣ୍ଡ ପାଏ ॥
ବିଶ୍ୱାସ କରି ମୁଁ ଠକି ଯାଇଅଛି
ଜୀବନେ ଅନେକ ଥର
ସେଥିପାଇଁ ଏବେ ଏହି ଦୁନିଆକୁ
ଲାଗଇ ବହୁତ ଡର
ଜୀବନ ଲାଗଇ ବଡ ଅସହଣୀ
ଭାବିଭାବି ଦିନ ଯାଏ ॥
ସରଳଆ ପଣ ସରଳଆ ଗୁଣ
ଜଗତେ ଅଲୋଡା କିବା
କି ଲାଭ ତାହେଲେ ସରଳ ମଣିଷ
ଦୁନିଆରେ ବଞ୍ଚିଥିବା
ସ୍ୱଚ୍ଛତା ମନରେ ଖୋଲା ହୃଦୟରେ
ଏହି କଥା ମୁହିଁ ଗାଏ ॥

କହଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ

# ବୃକ୍ଷ ବନ୍ଧୁ



କେଶରୀ ପ୍ରସାଦ ମହାନ୍ତି

ବୃକ୍ଷ ହିଁ ଅଟେ ଆମ ଜୀବନ
ବୃକ୍ଷ ନଥିଲେ ଟି ପ୍ରାଣୀ ମରଣ ।
ଗଛ ପରିବେଶ ରଖଇ ଥଣ୍ଡା
ନକର ମଣିଷ ତାହାକୁ ଲଣ୍ଡା ।
ଗଛ ଦିଏ ପତ୍ର ଛାୟା ଓ ଫଳ
ଘରପାଇଁ କାଠ ତା ସହ ଜଳ ।
ବୃକ୍ଷ ଥିଲେ ଭଲ ହୁଏ ବରଷା
ସଭିଙ୍କର ସେ ତ ଆଶା ଭରଷା ।
ପ୍ରାଣୀର ଜୀବନ ଅମ୍ଳଜାନ
ହସି ହସି ବୃକ୍ଷ କରଇ ଦାନ ।
ଗଛରୁ ମିଳଇ ନାନା ଔଷଧ ଜାଣ
ରୋଗ କବଳରୁ ମୁକ୍ତି ହୁଅଇ ପ୍ରାଣ ।
ଗଛ ଲଗାଇ ତାର ଯତ୍ନ ନଅ
ପରିବେଶ ସୁରକ୍ଷାରେ ସାମିଲ ହୁଅ ।

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

# ଇଚ୍ଛା ହୁଏ ଭଲ ହେବା ପାଇଁ

ଭାରତୀ ସାହୁ

ହେ ପ୍ରିୟତମ ଭଲ ଲାଗେ ତୁମ ପ୍ରେମ ହେ
ଭଲ ଲାଗେ ତୁମ ହସ, ଭଲଲାଗେ
ତୁମର ସେ ତେରେଛା ଚାହାଣି ।
ସବୁ ଭଲ ଭିତରେ ଯେ ତମେ ଜଣେ ନିଆରା ମଣିଷ
ଏକଥା ମୁଁ ଅଳ୍ପକେ ପାରିଛି ଜାଣି ।
ଭଲ ଲାଗେ ତୁମ କଥା, ମହୁ ଠାରୁ ଲାଗେ ମିଠା,
ଭଲ ଲାଗେ ତୁମ ସୁର, ତୁମ ବିନା ଏ ଦୁନିଆ ଲାଗେ ନାହିଁ ଭଲ,
ଦୁନିଆଁର ସବୁ ଭଲ ତୁମ ପାଖେ ପଡିଅଛି ବନ୍ଧା
ଇଚ୍ଛାହୁଏ ହେବାପାଇଁ ଭଲ ତୁମଠାରୁ ସବୁ ଭଲ ଆଣି ।
ହେ ପ୍ରିୟତମ, ସତ କୁହ ସତ କୁହ ମତେ ତମେ ପାଅ କି ଭଲ!
ନା ଛଳନାରେ ମୋ ମନଟାକୁ ନେଲ ।
ତମେ ଭଲ ପାଅ କି ନପାଅ, ମୁଁ କିନ୍ତୁ ତୁମକୁ ଦେଇଛି ମନ,
ଏ ଦେହ କଳଙ୍କ ବିହୀନ ।
ତୁମର ସେ ଓଜସ୍ୱିନୀ କଥା, ନିରବ ବ୍ୟକ୍ତିତ୍ୱ,
ଆଗକୁ ବଢିବାର ଇଚ୍ଛା, ଏ ମନକୁ
ଅତି ସହଜରେ ନେଇଛି କିଣି ।

ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ଉତ୍ତରଦାୟୀ କିଏ ????



ଆରତୀ ସାହୁ (ଆଶା)

ମୁଁ ପଢ଼ି ଥିଲି ଗପଟିଏ ମୋ ଭାଇଙ୍କର ସାହିତ୍ୟ ବହିରୁ ।

"ଏ ମଣିଷକୁ ପଥର କଲା କିଏ **?** "

ମୋ ଗପ ସହିତ ଏହାର ଗଭୀର ସାମଞ୍ଜସ୍ୟ ଅଛି ବୋଧେ ।

ଆମ କଲୋନୀ ଅଳିଆ ଘରକୁ ପ୍ରତିଦିନ ପିଲାଟିଏ ଆସେ । ଏଇ ଆଠ ନଅ ବର୍ଷର ହେବ କି କଣ । ଅଳିଆ ଆବର୍ଜନା ଭିତରେ ସେ ଘାଣ୍ଟିହେଇ ପଲିଥିନ, ଜରି, ବୋତଲ ଇତ୍ୟାଦି ସଂଗ୍ରହ କରି ତା ବସ୍ତା ଭିତରେ ପୁରେଇ ନେଇଯାଏ । ଅଳିଆ ଘରଟା ଯେହେତୁ ମୋ ବାରଣ୍ଡାରୁ ଦେଖାଯାଏ ତେଣୁ ମୋର ମଧ୍ୟ ତାର କାର୍ଯ୍ୟ କଳାପ ନିରିକ୍ଷଣ କରିବା ଅଭ୍ୟାସରେ ପଡ଼ି ଯାଇଥିଲି । ପିଲାଟି ଦେଖିବାକୁ ଡଉଲ ଡାଉଲ । ତା ସାଙ୍ଗରେ କେତେଥର କଥା ହେଇଛି । ଖାଇବାକୁ ମଧ୍ୟ ଦେଇଛି । ତା କଥାରୁ ଯାହା ଜଣା ପଡ଼ିଥିଲା, ତାର ନିର୍ଦ୍ଦିଷ୍ଟ କୌଣସି ବାସସ୍ଥାନ ନାହିଁ । ମାଆ ବାପା କିଏ, ତାର ମନେ ନାହିଁ ।

ମୁଁ ଭାବିଲି  କୌଣସି ଜାଜାବର ପରିବାରର ପିଲାଟି । ତାର ବାପା ମାଆ ନଥିବାର ଅନେକ କାରଣ ଥାଇପାରେ । ସେସବୁର ଆଲୋଚନା ମୋ କାହାଣୀର ଅନ୍ତର୍ଭୁକ୍ତ ନୁହେଁ ।

ତେବେ ଆଜିକାଲି ସମାଜସେବାର ଜମାନା । ମୁଁ ମଧ୍ୟ ଭାବିଲି ଟିକେ ସମାଜସେବିକା ହେଇ ଦେଖିବା । ଆମର ଆଉଟ ହାଉସଟାଏ ଥାଏ ଗେରେଜକୁ ଲାଗି । ମୁଁ ଭାବିଲି ପିଲାଟିକୁ ଆଣି ସେଠାରେ ରଖିଲେ ହେବ । ତାକୁ ପାଖ ସରକାରୀ ସ୍କୁଲରେ ପଢ଼ାଇଲେ କାଳେ ସେଟା ମଣିଷ ହୋଇ ଯିବ କ ? କଳ୍ପନାରେ ତେତେବଡ଼ ପୁଣ୍ୟ କାମଟାକୁ ଭାବି ମନେ ମନେ ଉତ୍ଫୁଲ୍ଲିତ ହୋଇ ଉଠୁଥିଲି । କନ୍ତୁ ମୋର ସ୍ୱାମୀ ଯେ ଏକଥାକୁ ଅନୁମୋଦନ କରିବେ ଏହା ଏକ ଦୁରାଶା ଥିଲା ।

ସନ୍ଧ୍ୟା ବେଳେ ଦୁହେଁ ଅଫିସରୁ ଫେରିବା ବେଳେ କାର ଭିତରେ ମୁଁ କଥାଟାକୁ ଉଠାଇଲି । ମୋତେ ଆଚମ୍ବିତ କରି ସେ ଅନୁମତି ଦେଇଦେଲେ । ପୁଅ ତ ଘରଠୁ ଦୂରରେ ପଢ଼ା ପଢ଼ି କରୁଛି । ଭଲକଥା ଏ ପିଲାଟି ପାଖରେ ରହିଲେ ।

ତା ପରଦିନ ଶନିବାର ମୋର ଛୁଟି ଥାଏ । ମୁଁ ଚାତକ ପରି ଚାହିଁଥାଏ, ପିଲାଟିର ଅପେକ୍ଷାରେ ଘର ବାହାର ହେଉଥାଏ ଉତ୍କଣ୍ଠିତା ହୋଇ । ସତେ କି ମୋର ଚିରଈପ୍ସିତ ମଣିଷଟିଏ ଆସୁଛି ମୋ ଘରକୁ । ମୋ ସ୍ୱାମୀଙ୍କ ଜୋତା ଓ ରୁମାଲ କାଢ଼ିବାକୁ ମଧ୍ୟ ଭୁଲି ଯାଇଥିଲି ଆଜି ।

କନ୍ତୁ ମୁହୂର୍ତ୍ତଟି ଆସି ଯାଇଥିଲା । ସେ ପିଲାଟି ମୋ ଘରଦେଇ ଗଲାବେଳେ ମୁଁ ତାକୁ ଡାକିଲି। ସେ ଆସି ଛିଡ଼ା ହେଲା ଆଗ୍ରହରେ, କିଣ ଖାଇବାକୁ ମିଳିବ ବୋଲି । ମୁଁ ତା ନାଁ ପଚାରିଲି । ସେ କହିଲା - ବଲୁ ।

ମୁଁ କହିଲି - ଆଛା ବଲୁ , ଆମଘରେ ତୁ ରହିବୁ ?

- ତମେ ମୋତେ ଜରି ଦବ ?

- ଆମଘରେ ରହିଲେ ତୋର ଜରି କଣ ହେବ ?

- ତାହେଲେ, ତମେ ମୋତେ ପଇସା ଦବ ?

ତା ମନ ନେବାକୁ ମୁଁ କହିଲି, - ହଁ । ପଇସା ବି ଦେବି । ଖାଇବାକୁ ବି ଦେବି । ସଫା ସୁତୁରା ହୋଇ ଆମଘରେ ତୁ ରହିବୁ ।

ସେ ଖୁସି ହୋଇ ହଁ ଭରିଲା ।

ମୁଁ ତାକୁ ଆମ ପୁଅର ଛୋଟବେଳର କେତେ ଗୁଡ଼ିଏ ଡ୍ରେସ ପୋଷାକ ଦେଲି । ଆଉଟ ହାଉସ ତକ୍ତପୋଷରେ ପୁରୁଣା ଗଦି ରେଜେଇ ପକେଇ ଦେଲି । ଗାର୍ଡନ୍ ନଳରେ ସେ ଗାଧୋଇଲା ସାବୁନ ଲଗେଇ । ଆଇରନ୍ ଦିଆ ପେଣ୍ଟ ସାର୍ଟ ପିନ୍ଧିଲା ପରେ ସେ ଭଲଘର ଛୁଆ ପରି ଦେଖାଗଲା । ମୁଁ ମୋର ଏଚଭମେଣ୍ଟକୁ ମୁଗ୍ଧ ହୋଇ ଦେଖୁଥିଲି । ସେଦିନ ଓ ତା ପରଦିନ ସେ ମୋ ସହିତ କଛି ଛୋଟମୋଟ କାମ କଲା । ମୋ ସ୍ୱାମୀ ଖୁସିହେଲେ, କନ୍ତୁ ପରୋକ୍ଷରେ କମେଣ୍ଟ ଟାଏ ଦେଲେ ।

- ଆଛା, ସମାଜସେବା ଆଳରେ ଭଲ ଗ୍ଭକର ପିଲାଟାଏ ଯୋଗାଡ଼ କରି ପକେଇଲ ତ ।

ମୁଁ ମୁହଁ ଫୁଲେଇ କହିଲି - ଏମିତି କଣ କହୁଛ ଯେ ? ତା ସହିତ ମିଳାମିଶା କଲେ ତ ସେ ସହଜ ଅନୁଭବ କରିବ । ଦୁଇ ଗ୍ଭରିଦିନ ପରେ ମୁଁ ଏଇ ପାଖ ସ୍କୁଲରେ କଥାବାର୍ତ୍ତା କରିବିନ କ ?

ସୋମବାର ଦିନ ତାକୁ କଛି ବଗିଗ୍ଭ କାମ ଓ କଛି ରଙ୍ଗ ପେନସିଲ ଦେଇ ଗଲି । ଡ୍ରଇଂ କରିବାର ତାଗିଦା ଦେଇ ଓ ଯଥେଷ୍ଟ ଖାଦ୍ୟପେୟ ଦେଇ । ଫେରିଲା ବେଳେ ତାକୁ ଘରେ ପାଇଲି ନାହିଁ । ଦେଖିଲା ବେଳକୁ ସେ ସେହି ଅଳଆଘରେ ପଶି ପଲିଥିନ ଗୋଟାଉଛି। ମୁଁ ତାକୁ ଡାକ ମିଠା ଆକଟ କଲି, ଆଉ ଅଳଆ ଘରକୁ ନଯିବା ପାଇଁ କହିଲି । ସେ ସୁନାପିଲା ପରି ମୁଣ୍ଡ ଟୁଙ୍ଗାରିଲା ।

ମୋ ସ୍ୱାମୀଙ୍କୁ ଏକଥା କହିଲା ବେଳକୁ ସେ କେବଳ ଗୋଟିଏ ଢଗ ଢମାଳଲେ । "ଘୁଷୁରୀ ପ୍ରକୃତି ପଙ୍କେ ଲୋଟେ, ମଣିଷ ପ୍ରକୃତି ମଲେ ତୁଟେ ।"'

- ଦେଖିବ ରହିଥା, ତା ପ୍ରକୃତି ବଦଳେଇକ ରହିବି ।

- ଭଲକଥା, ଗ୍ଭଲୁ ଚେଷ୍ଟା ।

ତା ପରଦିନ ଅଫିସରୁ ଛୁଟି ନେଇ ତାର ଆଡମିସନ କରେଇଲି ସ୍କୁଲରେ । ଆଜିକାଲି ଏପରି ପିଲ୍ମାନଙ୍କର ଏଡମିସନ ଆଗ୍ରହରେ ହେଉଛି । ଯାହାହେଉ ଗୋଟାଏ ଜଞ୍ଜାଳ ଗଲ୍। ତାର ସ୍କୁଲ ଯିବା ଆରମ୍ଭ ହୋଇଗଲ୍ । ସକାଳୁ ତାକୁ ମଧ ଟିଫିନ ଇତ୍ୟାଦି ଦେଇ ବିଦା କରେ । ସନ୍ଧ୍ୟା ବେଳେ ଆସି ତାର ପାଠ ଦେଖେ । ମନକୁ ସାନ୍ତ୍ୱନା ଦିଏ ଯେ ଏତେ ଶୀଘ୍ର କଣ ସିଏ ପାଠ ଶିଖି ପାରିବ ? ଧୀରେ ଧୀରେ ବଳେ ହେବନ କ ? କେବଳ ଶୋଇବା ସମୟ ବ୍ୟତୀତ ଅନ୍ୟ ସମୟରେ ମୁଁ ଘରେ ଥିଲେ ସେ ମୋ ସାଥିରେ ଟୁକଟାକ୍ କାମ କରେ । ବେଶି କଥା କୁହେନ ସେ ସ୍ୱଭ୍ବଗତ ଭ୍ବେ । କନ୍ତୁ ସେ ଖୁସି ରୁହେନା କ ହସେନା । ମୁଁ ଭ୍ବେ, ବଣର ଶାରୀକୁ ପିଞ୍ଜରାରେ ରଖିବା ଭଳ କାମ ହୋଇଛି ଇଏ । ଆସ୍ତେ ଆସ୍ତେ ଲ୍ଇନକୁ ଆସିଯିବ ।

ପନ୍ଦର କୋଡ଼ିଏ ଦିନ ପରେ ସ୍କୁଲରୁ ଫୋନ ଆସେ, ବଲ୍ଟୁ ସ୍କୁଲ ଆସୁନାହିଁ ବୋଲି । ମୋର ଚନ୍ତା ହୁଏ । ଏକଥା ସତ ଯେ, ଏ ପିଲ୍ ମାନଙ୍କୁ ସୁଧାରିବା କାଠିକର ପାଠ । ଖବରକାଗଜରେ ଏମାନଙ୍କର ଦୁନଆ କାରସାଦି ପ୍ରତିଦିନ ଛପା ହେଉଛି । ତାକୁ ତ ମୁଁ ଠିକ୍ ସମୟରେ ବିଦା କରୁଛି । ମୁଁ ପ୍ରାୟ ପାଞ୍ଚଟାରେ ଛୁଟି କରି ଆସିଲ୍ ବେଳକୁ ତ ସେ ବଗିଗ୍ଭରେ କଣ କଣ କରୁଥାଏ । ତେବେ ସ୍କୁଲ ଯାଉନ କେମିତି ?

ସ୍ୱାମୀଙ୍କୁ ସବୁକଥା କହିଲି । ସେ ମୋ ଉପରେ ବିରକ୍ତ ହୁଅନ୍ତି ନାହିଁ । ତାଙ୍କର ଧାରଣା, ବଳେ ସମସ୍ତେ ଠିକଲେ ଶିଖନ୍ତି । ତେବେ ଦୁଇ ଗ୍ଭରିଦିନ ତାକୁ କଛି ନକହି, ଦେଖିବାକୁ କହିଲେ ଓ ତାପରର ଉପାୟ ବତେଇଦେଲେ ।

ଦିନେ ମୁଁ ଖରାବେଳେ ସାଢ଼େ ବାରଟାରେ ଘରେ ପହଞ୍ଚି ଗଲି । ଦେଖିଲ୍ ବେଳକୁ ବଲ୍ଟୁ ତାର ସେହି କୋତରା ପ୍ୟାଣ୍ଟ ପିନ୍ଧି ଅଳଆଘରେ ମହା ଆନନ୍ଦରେ ଜରି ଅଣ୍ଡାଳୁଛି, ପାଟିରେ

ଗୋଟାଏ ବିଡ଼ି । ସାଙ୍ଗରେ ତାର ତାରି ଭଳିଆ ପାଞ୍ଚ ଛଅଜଣ ପିଲା । କ୍ରୋଧକୁ ଆୟତ୍ତ କରି ମୁଁ ସେଠାରୁ ଫେରି ଆସିଲି । ମୋର ମନକୁ ପାପ ଛୁଇଁଲା, ଆହୁରି କଣ କଣ ସନ୍ଦେହ ହେଲା । ମୁଁ ସେ ଆଉଟ ହାଉସ ଭିତରକୁ ପଶି ଦେଖିଲି । ଭିତରେ କଦର୍ଯ୍ୟ ଗୋଟାଏ ଦୁର୍ଗନ୍ଧ । କୋଣରେ ଦୁଇ ତିନଟା ଜରି ଓ ପ୍ଲାଷ୍ଟିକ ବୋତଲ ଭର୍ତ୍ତି ଅଖା । ସ୍ୱାଭିମାନ ମୋର ରକ୍ତାକ୍ତ ହୋଇ ଯାଉଥିଲା । କୋହର ଉଚ୍ଛ୍ୱାସରେ ଛାତି ବିନ୍ଧି ଉଠୁଥିଲା । ଆଖିରୁ ଧାରଧାର ଲୁହ ବୋହି ପଡୁଥିଲା । ମୁଣ୍ଡରେ ସତେକି କିଏ ପଥର ଭାଙ୍ଗୁଛି - ଠକ୍! ଠକ୍ !

ଆଉ ତୁହାଇ ତୁହାଇ ସାହିତ୍ୟ ବହିର ସେହି ରାଜାଙ୍କର ସ୍ୱର ପ୍ରତିଧ୍ୱନିତ ହେଉଛି !!!

"ଏ ମଣିଷକୁ ପଥର କଲା କିଏ ? କିଏ ?? କିଏ ??? "

ବସନ୍ତ ବିହାର, ନୂଆ ଦିଲ୍ଲୀ

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଚେତନା



ଅମୂଲ୍ୟ ମହାପାତ୍ର

ଚେତନାର ଉଦ୍ରେକ ହେଉ
ମନୁଷ୍ୟ ଆଜି ମାନହୁସ ହେଉ
"ମୁଁ" ଓ "ମୋର" ବିନାଶ ହେଉ
କାମନାର ପରାଜୟ ହେଉ ।
ମୁଁ ବୋଲି କଛି ନାହିଁ
ସବୁ ତ ତୁମେ, ତୁମରି
ଆମର ବୋଲି ଯାହା ଭାବୁ
ସେ ସବୁ କଛି ଖାଲି ତୁମରି ।
ଭୌତିକ ବିକାଶରେ ମାତିଯାଇ
ଆମେ ଚେତନାର ବିକାଶରେ
ବିବେକହୀନ ପରି କୁରାଢ଼ି ଚଳାଉ
ମିଛମାୟାକୁ ସତ୍ୟବୋଲି ମନେକରୁ ।
ଯେବେ ଆମର ଅଜ୍ଞାନତା ଦୂର ହେବ
କଞ୍ଚା ଆମିର ପରିଣତି ଦିନେ
"ପାକା ଆମି" ରେ ରୂପାନ୍ତର ହୋଇ
ମାନବ ମହାମାନବ ଜୀବ ଶିବରେ
ଅଚେତନତା ସଚେତନତାରେ
ପରିଣତ ହେବ ।

ସରଣଗତ, ବିବେକାନନ୍ଦ ମାର୍ଗ, କୋରାପୁଟ, ଓଡିଶା

# ହେ କୃଷକ ଭାଇ



କୁମୁଦ ଚନ୍ଦ୍ର ନାଗ

ହେ କୃଷକ ଭାଇ, ହେ କୃଷକ ଭାଇ
ତୋହର ଦୁଃଖ କଷ୍ଟ କେହି ବୁଝନ୍ତି ନାହିଁ ।।
ମୁଣ୍ଡର ଝାଳ କୁ ତୁଣ୍ଡରେ ମାରି
ରକ୍ତ କୁ ପାଣିରେ ପରିଣତ କରି ।।
କେତେ ପରିଶ୍ରମରେ ତୁ କରୁଛୁ ଉତ୍ପାଦନ
ପନପରିବା, ମୁଗ, ବିରି, ଗହମ, ମକା, ଧାନ ।।
ଖରା ହେଉ ଅବା ବରଷା
ତୁ ହେଉଛୁ ସବୁ ଲୋକଙ୍କର ସାହା ଭରଷା ।।
ଖାଇବାକୁ ତୁ ଖାଦ୍ୟ ଯୋଗାଉ ବରଷ ମାସ
ସମସ୍ତଙ୍କ ମୁଖରେ ଦେଇଥାଉ ହସ ।।
ଲୋକଙ୍କ ପାଇଁ ତୁ ଅଟୁ ସାକ୍ଷାତ ଦେବତା
ନ ଶୁଣନ୍ତି କେହି ତୋହର ବାରତା ।।
ତୋତେ ଲୋକେ ଛୋଟ ଭାବି କରନ୍ତି ଅତ୍ୟାଗ୍ଚର
ତୁହି ଉତ୍ପାଦନ ନକଲେ ହୋଇ ଯିବେ,
ସବୁ ଭୋକ ଉପାସରେ  ହାହାକାର ।।

ସନ୍ଧିକୁଲିଆରୀ, ଧର୍ମଗଡ, କଳାହାଣ୍ଡି

# ବେଦନାର ବିଶ୍ଳେଷଣ



ସିଦ୍ଧେଶ୍ୱର ତ୍ରିପାଠୀ

ବେଳେ ବେଳେ ଇଚ୍ଛା ହୁଏ
ସବୁ ସୀମା ସରହଦ କୁ ଡେଇଁ
ତୁମ ପାଖକୁ ଧାଇଁ ଯିବାକୁ
ଲୁଚି ଯିବାକୁ ତୁମ ଛାତିରେ
ତୁମକୁ ଜାବୁଡି ଧରି
ଆଖିରୁ ସାରିଦେବାକୁ ସବୁ ଲୁହ ।

ତୁମ କାନ୍ଧରେ ଆଉଜି
ମିଟେଇ ଦେବାକୁ  ସବୁ ଦୁଃଖ
ତୁମ ସହ ଦୁଃଖ ସୁଖ ବାଣ୍ଟି
ହାଲୁକା କରିଦେବାକୁ  ଏ ଜୀବନ ।

ହେଲେ ଏମିତି କଣ କେବେ ହୁଏକି ?
ମୋର ଇଚ୍ଛା ଗୁଡା
ସେମିତି ପୋତି ହୋଇ ଯାଆନ୍ତି
ତୁମ ନୂଆ ଠିକଣା ତଳେ

ମୋ ପାଦରେ ଲାଗିଯାଏ ଶିକୁଳି
ସମାଜ ଆଉ ସଂସ୍କାର ଛାପରେ
ମୋ ଇଚ୍ଛା ଗୁଡା ମଉଳି ଯାଏ
କେହି ଜଣେ ଶତ ବାର
ଧିକାର କରୁଥାଏ ମୋତେ

ମୁଁ କୁହୁଳୁ ଥାଏ
ଭିତରେ ଭିତରେ
ତୁମରି ସ୍ମୃତିରେ ।

ତୁମ ମନ ଆଇନାରେ
ଆଉ ଏବେ କଣ ଥରେବି
ଉକୁଟି ଆସେନ  ମୋ ଭାବନାର
ହଉ ପଛେ ଅସ୍ପଷ୍ଟ ଛବି ।

ତୁମେ ଜିଉଁଛ ମହ ମହ ରାତି ଆଉ
ଭିଜା ପାହାନ୍ତି  ବଉଳବା ଦିନ
ଆଉ ଛନକବା ସଞ୍ଜ

ମୋ'ର ତ ଏକାକାର ଦିବସ ରଜନୀ
ଦୁଇପକ୍ଷ ଆଖିମୁଜା ଅନୁଭୂତି
ଏକେଲା ପଣରେ ।

ଝର ଝର ପ୍ରେମ ବୈତରଣୀ
ଏପାଖରେ ମୋ ପାଦତଳେ
ଶୁଖିଲା ଫଟା ଫଟା ମାଟି
ସେପାଖରେ ଗୁରୁଚି
ଓଦା ପାଦ ଚହ୍ନ
ବିଭୋର ବେଳାରେ ।

ଏପାଖରେ ନାହିଁ ପ୍ରତିକାର
ସେ ପାଖରେ କୋଟି ଅବସର ।

କୁଣ୍ଡିଲେ କେରଙ୍ଗ ଖୋର୍ଦ୍ଧା

# ଶୀତ ଅନୁଭୂତି



ଡ଼ି ଶୁଭମ୍

ଉପସ୍ଥାପନା – ଡ଼ି ଶୁଭମ୍

ସମୟ ଚକ୍ରର ଉପକ୍ରମରେ ଦିନ ପରେ ଦିନ, ବର୍ଷ ପରେ ବର୍ଷ ଆଉ ଋତୁ ପରେ ଋତୁ ଆସେ । ବର୍ଷାର ବିଦାୟ ପରେ ଧରା ପୃଷ୍ଠରେ ଅବତରଣ କରେ ଶୀତ । ଧୂଆଁ ଧୂଆଁ କୁହୁଡ଼ିର ପରିବେଶ । ଥୁରୁଥୁରୁ ଥଣ୍ଡା ସହ ପ୍ରକୃତିରାଣୀ ଶୀତର ଚାଦର ତଳେ ଲୁଚ ରହିଥାଏ ପୃଥିବୀ । ଟୋପାଟୋପା କାକରର ଭିଜା ପରିବେଶକୁ  ବି ଜୀବନ୍ତ କରିଦିଏ । ସେ ହାଡ଼ଭଙ୍ଗା ଜାଡ଼ ହେଲେ ବି ତାରି ଭିତରେ କାଠ ଜାଳ ଉଷୁମ ପାଇବାର ମଜା ସତରେ ନଆରା । ଦିନ ଛୋଟକୁ ରାତି ବଡ଼ ଆଉ ତା ସହିତ ଅସହ୍ୟ ଶୀତ ମାଡ଼ – ଗାଁ ପରିବେଶରେ ଏସବୁ ଖୁବ ରୋମାଂଚକର ଲାଗେ । ରାତି ପାହିଲେ ଶୀତୁଆ ଆବରଣର ତାଳେ ତାଳେ ଝୁମି ଉଠନ୍ତି ଆବଳ ବୃଦ୍ଧ ବନତା । ଘର ଆଗରେ ଗେଣ୍ଡୁ, ସବୁଜ କ୍ଷେତରେ ସୋରିଷ ଏସବୁ ଜନଜୀବନକୁ ଆଉ ଟିକେ ରଙ୍ଗୀନ କରିଦିଏ । ପର୍ବପର୍ବାଣୀର ମେଳରେ ଚର ଶାଶ୍ୱତ ହୋଇ ଉଠେ ସାମଜିକ ପରିବେଶ । ଜନସଂସ୍କୃତିକୁ ଆଉ ଟିକେ ରୋମନ୍ଥନ କରେ ଏଇ ଶୀତର କାନଭାସ । ସେଇ ଶୀତଦିନଆ ଅନୁଭୂତିକୁ ନେଇ ଏଥରର ସ୍ୱତନ୍ତ୍ର ପ୍ରତିବେଦନ ...

## ଶୀତ ଦିନରେ ଗାଁ ପରିବେଶ -

ସକାଳ ହେଲେ ଗାଁ ଦାଣ୍ଡ ହୋଇଯାଏ ବେଶ ସତେଜ । ଶୀତୁଆ ସକାଳର କୁହୁଡ଼ି ଜାଲ ଭିତରେ ଛନ୍ଦି ହୋଇଥାଏ ଗାଁ ପରିବେଶ । ଧୂଆଁ ଧୂଆଁ ଚାରିଆଡ଼ । ସତରେ କେଡ଼େ ମନଲୋଭା ଦୃଶ୍ୟ । ଏବର୍ଷ ବି ଶୀତର ଆବରଣରେ ସାରା ଓଡ଼ିଶା ଘୋଡ଼େଇ ହୋଇ ରହିଛି। ସବୁଆଡ଼େ ସରସ ସୁନ୍ଦର ଆଉ ମନୋରମ ଦୃଶ୍ୟ । ରାତି ପାହୁ ପାହୁ ଚାଷୀ କ୍ଷେତକୁ ଯିବାର ଦୃଶ୍ୟ ହେଉ କି ନିଆଁ ଜାଳ ଟିକେ ଉଷୁମ ପାଇବା ପାଇଁ ଗାଁ କ୍ଷେତରେ ଲୋକମାନେ ରୁଣ୍ଡ ହେବାର ଦୃଶ୍ୟ ଏ ସବୁକଛି ଜୀବନକୁ ଆଉ ଟିକେ ରଙ୍ଗୀନ କରିଦିଏ ।

ଟିକେ କୁହୁଡ଼ି ଫିଟୁଫିଟୁ ଗାଁ ଘର ଆଗରେ ବୁଢ଼ା ଠୁ ଟୋକା ଯାଏଁ ଖରାର ଟିକେ ସ୍ପର୍ଶ ପାଇବା ପାଇଁ ବସିବାର ଅନୁଭୂତି କେବଳ ଯିଏ ଦେଖିଥିବ, ସେ ହିଁ ଅନୁଭବ କରିପାରିବ । ଖରା କ ବର୍ଷା ଦିନରେ ଗାଁର ପରିବେଶ ଯେତେ ଅନୁପମ ନଥାଏ ଶୀତରେ ଏହା ଦ୍ୱିଗୁଣିତ ହୋଇଯାଏ । ଏମିତି ଲାଗେ କ ଶୀତୁଆ ସକାଳ ଯେମିତି ଗାଁ ପାଇଁ ହିଁ ସୃଷ୍ଟି ହୋଇଛି ।



## ସବୁଜ କ୍ଷେତରେ ସୋରିଷ ଛିଟା –

ଧାନ ଚାଷ ପରେ ପରେ ରବି ଫସଲ ନଶାରେ ମାତେ ଚାଷୀ, ପ୍ରାୟତଃ ଚାଷ ଜମିରେ ମୁଖ୍ୟ ରବି ଫସଲ ଭାବେ ସୋରିଷ ଚାଷ କରାଯାଏ । ରାସ୍ତା କଡେକଡେ ହଳଦିଆ ପରିବେଶ ଆଉ ଏକ ନଆରା ବାତାବରଣ । ହଳଦିଆ ଫୁଲ ସହ ସୋରିଷ କ୍ଷେତର ସୌନ୍ଦର୍ଯ୍ୟ ସତରେ ଭାରି ସ୍ୱତନ୍ତ୍ର । ଚାଷକୁ ଚାଷ ହୁଏ ଆଉ ଏପଟେ ବିଲମାଳ ସୋରିଷର ରଙ୍ଗରେ ଭିଜିଯାଏ । ଏବେତ ଧାନ ଅମଳ ହେବା ଆରମ୍ଭ ହୋଇଯିବ ଆଉ ତାପରେ ଜମିରେ ଦେଖାଯିବ ସୋରିଷର ସମ୍ଭାର । ସୋରିଷର ବାସ୍ନା ସାଙ୍ଗକୁ ପରିବେଶଟା ଖୁବ୍ ଆନନ୍ଦ ମୟ ଲାଗେ । ସୋରିଷ ଏକ ଲାଭଜନକ ତୈଳବୀଜ ଫସଲ । ସାଧାରଣତଃ ଢିପ ମଝିଆଳ, ନଗିଡା ଜମିରେ ଦ୍ୱିତୀୟ ଫସଲ ହିସାବରେ ଚାଷ କରି ଚାଷୀ ଖୁବ ଅମଳ କରେ । ଚାଷୀ ସିନା ତା ଜମିରେ ସୋରିଷ ଫଳାଏ ହେଲେ ପ୍ରକୃତି କନ୍ଥ ହଳଦିଆ ଆବରଣରେ ଘୋଡ଼େଇ ହୋଇ ରହିଥାଏ । ସତେ ଯେମିତି ନୂଆ ବୋହୂଟିଏ ହଳଦିଆ ଶାଢ଼ୀ ପିନ୍ଧି ଖିଲିଖିଲି ହସୁଛି । ପବନର ଛୁଆଁରେ ଦୋଳ ଖେଳୁଛି । କହିବାକୁ ଗଲେ ଶୀତ ଦିନ ସହ ସୋରିଷ ଫୁଲର ସମ୍ପର୍କ କାହିଁ କେଉଁ ଦିନରୁ ରହି ଆସିଛି ସତ ପରନ୍ତୁ ସେ ଦୃଶ୍ୟ ସବୁ ସତରେ ଜୀବନ୍ତ ପରି ଅନୁଭୂତ ହୁଏ ।



## ଘର ଅଗଣାରେ ଗେଣ୍ଡୁ ଫୁଲ –

ଶୀତୁଆ ସକାଳର ସ୍ନିଗ୍ଧ ସୁବାସ ଆଉ କାକରବିନ୍ଦୁ ଯେମିତି ମନଲୋଭା ଠିକ୍ ସେମିତି ବଗିଚ୍ଚରେ ଗେଣ୍ଡୁ ଫୁଲର ସମାହାର ସେତିକ ମନଛୁଆଁ । ଗେଣ୍ଡୁର ମହକ ଆଉ ସୌନ୍ଦର୍ଯ୍ୟ କୁ ଟିକେ ମନଭରି ଉପଭୋଗ କରିବା ପାଇଁ ଜନ ମାନସ ଶୀତ ଋତୁକୁ ହିଁ ଅନେଇ ବସିଥାଏ । କେବେ ଶୀତ ଆସିବ, ଆଉ ସେମାନେ ଗେଣ୍ଡୁ ଫୁଲର ଶୀତଳ ସ୍ପର୍ଶକୁ ଅନୁଭବ କରିବେ । ସତରେ ଶୀତ ସହ ଗେଣ୍ଡୁଫୁଲର ସମ୍ପର୍କ କେତେ ନଆର୍ କହିଲେ... ଜନଜୀବନରେ ଏକ ନୂତନ ମାଦକତା ଭରିଯାଏ ଆଉ ବାଡ଼ି ବଗିଚ୍ଚରେ ଗେଣ୍ଡୁ ଫୁଲ ଘର କରିବସେ । ସାଧାରଣତଃ ଗେଣ୍ଡୁଫୁଲ ଦୁଇ ପ୍ରକାରର ଗେଣ୍ଡୁ ଫୁଲ ଚାଷ କରି ଚାଷୀ ବି ବେଶ ଲାଭ ପାଇଥାଏ । ଯଥା -ଆଫ୍ରିକୀୟ ଗେଣ୍ଡୁ (ଏଥିରେ ଗଛ ଗୁଡିକ ଅପେକ୍ଷାକୃତ ଭାବେ ଉଚ୍ଚ ଏବଂ ଫୁଲ ଗୁଡିକ ବଡ ହୋଇଥାଏ । ଗଛଟି ପ୍ରଥମେ ପୂର୍ଣ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିବାପରେ ଶାଖା ପ୍ରଶାଖା ବାହାରିଥାଏ) , ଫରାସୀ ଗେଣ୍ଡୁ (ଏଥିରେ ଗଛ ଗୁଡିକ ଛୋଟ ଏବଂ ଫୁଲର ଆକାର ମଧ୍ଯ ଛୋଟ ହୋଇଥାଏ । ଗଛରେ ପ୍ରଥମରୁ ଅନେକ ଶାଖା ପ୍ରଶାଖା ବାହାରିଥାଏ । ଫୁଲ ଗୁଡିକରେ ଲମ୍ବା ନାଡ ଦେଖାଯାଏ । ବ୍ୟବସାୟିକ ଦୃଷ୍ଟିକୋଣରୁ ଏହାକୁ ଅଧିକ ବ୍ୟବହାର କରାଯାଏ)



## ପରବ ମେଳେ ଶୀତର କୋଳେ-

ଓଡ଼ିଶା ଏକ ଏପରି ରାଜ୍ୟ ଯେଉଁଠି ସଂସ୍କୃତି ଏହାର ଗୁଣଗାନ କରେ । ଏହାର ପରମ୍ପରା ଏଥିରୁ ସହଜରେ ବାରି ହୋଇପଡ଼େ । ସେଇଥିପାଇଁ ତ ଏ ସ୍ୱତନ୍ତ୍ର । ସେଇଥିପାଇଁ ଏଠି ବାର ମାସରେ ତେର ପରବ ପାଳନ ହୁଏ । ପର୍ବପର୍ବାଣୀର ରାଜ୍ୟ, ମନ୍ଦିରମାଳିନୀର ରାଜ୍ୟ – ଏଠି ଦେବାଦେବୀଙ୍କ ଦର୍ଶନ ଠାରୁ ଭାବ ଓ ଆବେଗମୟ ପରିବେଶ ଏହାର ଚନ୍ଦ୍ରପଟ୍ଟକୁ ଆଉ ଟିକେ ସୁନ୍ଦର କରି ଗଢ଼ିତୋଳେ । ସତରେ କି ଅପୂର୍ବ ସମ୍ଭାର । ଠିକ ସେହିପରି ଶୀତର ଆବରଣରେ ଓଡ଼ିଶାରେ ପାଳିତ ହୁଏ ବିଭିନ୍ନ ପର୍ବ । ମାଣବସା ଗୁରୁବାର ହେଉ ହେଉ ଶୀତୁଆ ରାତିରେ ଘର ଅଗଣାରେ ଝୋଟି ପକେଇବାର ଚନ୍ଦ ହେଉ କି କାର୍ତ୍ତିକ ପୂର୍ଣ୍ଣମୀରେ ଡ଼ଙ୍ଗା ଭସାଇବାର ଅନୁଭୂତି – ଏସବୁ କେବଳ ଶୀତ ଦିନେ ହିଁ ପରିଲକ୍ଷିତ ହୁଏ । ଆଉ ଏହା ପରେ ପୁଣି ଜାନୁଆରୀ ଅଧାବେଳକୁ ଆସିଯାଏ ମକର ପରବ । ପିଲା ଠୁ ଟୋକା ଯାଏଁ ଗୁଡ଼ି ଉଡ଼େଇବାକୁ ଲାଗିପଡ଼ନ୍ତି । କମର ଗୁଡ଼ଳ ସହ ନୂଆ ବସ୍ତ୍ର ପରିଧାନ - ଏସବୁ ଶୀତ ଦିନରେ ହିଁ ଦେଖାଯାଏ । ମା ବାଗଦେବୀଙ୍କ ପୂଜାର୍ଚ୍ଚନା ବି ଏହି ଋତୁରେ ସୃଷ୍ଟିକରେ ଭକ୍ତିପୂର୍ଣ୍ଣ ପରିବେଶ ।





## ଦାରିଙ୍ଗବାଡ଼ି – ଓଡ଼ିଶାର କାଶ୍ମୀର –

ସାଧାରଣତଃ କାଶ୍ମୀରକୁ ଭାରତର ଭୂସ୍ୱର୍ଗ ବୋଲି କୁହାଯାଏ । ଯେଉଁଠାରେ ସ୍ୱର୍ଗ ପରି ପରିବେଶ ଦେଖିବାକୁ ମିଳେ ବୋଲି କୁହାଯାଏ । ଏହି ସବୁ ଭିତରେ ଓଡ଼ିଶା ବି ବାଦ ପଡ଼େ ପାହିଁ । ଶୀତ ଆସିଲେ ପ୍ରଥମେ ମନେ ପଡ଼ିଯାଏ ଓଡ଼ିଶାର କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି କଥା । ଶୀତ ଋତୁରେ ବରଫ ପଡ଼ିବା ସହ ଏଠାରେ ଅନୁଭୂତ ହୁଏ ସର୍ବାଧିକ ଶୀତ । ପର୍ଯ୍ୟଟନ ସ୍ଥଳୀ ଭାବେ ଏଠାରେ ଭିଡ଼ ଜମେ ଓଡ଼ିଶା ଓ ଓଡ଼ିଶା ବାହାରର ଲୋକଙ୍କର । ବରଫକୁ ହଟେଇ ଏହାର ଦୃଶ୍ୟକୁ ଅଙ୍ଗେ ନଭେଇବାର ମଜା ସତରେ ନଆରା । ସତରେ ଏହାକୁ ହିଁ ଓଡ଼ିଶାର କାଶ୍ମୀର ବୋଲି ଅଭିହିତ କରାଯାଏ । ଡ଼ିସେମ୍ବର ଠାରୁ ଫେବୃଆରୀ ଯାଏଁ ଏହା ଲୋକାରଣ୍ୟ ହୋଇ ରହିଥାଏ ।



## ପିକନକ୍‌ର ଋତୁ-

ଶୀତ ପଡୁ ପଡୁ ଆଗ ମନେ ପଡ଼େ ପିକନକ କଥା । ବର୍ଷ ତମାମ ପାଠପଢ଼ା ଆଉ କାର୍ଯ୍ୟବ୍ୟସ୍ତତା ଭିତରେ ମନକୁ ଟିକେ ହାଲୁକା କରିବା ପାଇଁ ପିକନକ୍ ହିଁ ମନୋରମର ମାଧ୍ୟମ ଅଟେ । ଆଉ ଶୀତ ଋତୁରେ ପିକନକ୍‌ର ମଜା ଖୁବ ଆନନ୍ଦଦାୟକ ଓ ମନଲୋଭା । ନବବର୍ଷ ହେଉ କି ବଡ଼ଦିନ କି ଶୀତ ଋତୁର ଯେକୌଣସି ମାସରେ ସାଙ୍ଗସାଥୀ, ବନ୍ଧୁବାନ୍ଧବ ଓ ପରିବାର ବର୍ଗଙ୍କ ସହ ଛୁଟି କାଟିବା ସହ ପିକନକ୍‌ର ଅନୁଭୂତି ବେଶ ରୋମାଂଚକର । ଶୀତ ଋତୁକୁ ହିଁ ପିକନକ୍‌ର ଋତୁ ବୋଲି କୁହାଯାଏ । ଓଡ଼ିଶା ପର୍ଯ୍ୟଟନ ସ୍ଥଳୀର ଗନ୍ତାଘର । ଓଡ଼ିଶାର ବିଭିନ୍ନ ଜିଲ୍ଲାର ଥିବା ପର୍ଯ୍ୟଟନ ସ୍ଥାନ ମାନଙ୍କରେ ବେଶ ଭିଡ଼ ଦେଖାଯାଏ ଏହି ପିକନକ ଋତୁରେ ।



## ବର୍ଷ ଆରମ୍ଭର ଋତୁ –

ଏହା କହିବାର ତାତ୍ପର୍ଯ୍ୟ ଏହା କି ପ୍ରତ୍ୟେକ ବର୍ଷ ନବବର୍ଷ ଠିକ୍ ଏହି ଶୀତ ଦିନେ ହିଁ ଆସିଥାଏ । ସବୁବେଳେ ଜାନୁଆରି ୧ ଇଂରାଜୀ ନବବର୍ଷକୁ ଏହି ଶୀତ ଋତୁ ହିଁ ସ୍ୱାଗତ କରିଥାଏ । ବର୍ଷ ଆରମ୍ଭ ଏଇଠାରୁ ହିଁ ହୋଇଥାଏ । ସବବର୍ଷରେ ନୂଆ ସଂକଳ୍ପ ଓ ସମ୍ଭାବନାକୁ ବାସ୍ତବତାର ରୂପ ଦେବା ପାଇଁ ସଭିଏଁ ପ୍ରତିଜ୍ଞାବଦ୍ଧ ହୁଅନ୍ତି । ଶୀତୁଆ ସକାଳର ପହିଲି କରଣ ହିଁ ଏହି ନୂଆବର୍ଷକୁ ପ୍ରଥମ ସ୍ପର୍ଶ ଦିଏ । ଏଇ ଶୀତୁଆ ସ୍ପର୍ଶରୁ ହିଁ ଆରମ୍ଭ ହୁଏ ବର୍ଷର ପ୍ରଥମ ଦିନ । ସେଇଥିପାଇଁ ତ ଏହାକୁ ବର୍ଷ ଆରମ୍ଭର ଋତୁ ବୋଲି କହନ୍ତି ।

**ଚଳତବର୍ଷରେ ଶୀତ ପ୍ରକୋପ-**

ସବୁବର୍ଷକୁ ଯଦି ଲକ୍ଷ୍ୟ କରାଯାଏ ତାହେଲେ ଫୁଲବାଣି ଓ କନ୍ଧମାଳ ଓ କୋରାପୁଟରେ ସବୁଠାରୁ ଅଧିକ ଶୀତ ପରିଲକ୍ଷିତ ହୋଇଥାଏ । ହାରାହାରି ୪ ରୁ ୬ ଡ଼ିଗ୍ରୀ ଭିତରେ ତାପମାତ୍ରା ରହେ ଏହି ତିନ ଜିଲ୍ଲାରେ । ପ୍ରତ୍ୟେକ ବର୍ଷ ଅକ୍ଟୋବର ଆରମ୍ଭରୁ ହିଁ ଶୀତର ସ୍ପର୍ଶ ମିଳୁଥିବା ବେଳେ ଚଳତବର୍ଷ ଡ଼ିସେମ୍ବର ଶେଷ ସପ୍ତାହରେ ହିଁ ଶୀତର ପ୍ରକୋପକୁ ଅନୁଭବ କରାଯାଇଥିଲା । ଆଂଚଳିକ ପାଣିପାଗ ବିଜ୍ଞାନର ତଥ୍ୟାନୁଯାୟୀ ଦାରିଙ୍ଗବାଡ଼ିରେ ସବୁଥର ପରି ଏଥର ବି ସର୍ବାଧିକ ଶୀତ (୯.୫ ଡ଼ିଗ୍ରୀ ସେଲସିୟସ) ଅନୁଭୂତ ହୋଇଥିବା ବେଳେ କେଉଁଝର(୧୦ଡ଼ିଗ୍ରୀ), ଝାରସୁଗୁଡ଼ା(୧୦.୩ ଡ଼ିଗ୍ରୀ), ଫୁଲବାଣୀ(୧୧ଡ଼ିଗ୍ରୀ), ସମ୍ବଲପୁର(୧୧.୫ଡ଼ିଗ୍ରୀ), କୋରାପୁଟ(୧୨.୮ ଡ଼ିଗ୍ରୀ) ରେ ଶୀତର ପ୍ରକାପ ବି ବେଶ ଅଧିକ ଥିବା ଅନୁଭବ କରାଯାଉଛି ।

ସମ୍ପାଦକ – ଶ୍ୟାମଳ ସୁବର୍ଣ୍ଣ , ବାସୁଦେବପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସାଧାରଣତନ୍ତ୍ର ଦିବସ



ଉଦୟ କୁମାର ପଣ୍ଡା

ଭାରତ ମାତାର ତ୍ରିରଙ୍ଗା ତଳେ...
ଏକାଠି ହୋଇଛେ ଆଜି।
ଆଜିର ଦିନରେ ଲାଗୁ ହୋଇଥିଲା..
ଭାରତ ଶାସନ ନୀତି।
କେତେ ଭାରତୀୟ ଜ୍ଞାନର ସାଗର...
ଡକ୍ଟର ଆମ୍ବେଦକର।
ଅକ୍ଲାନ୍ତ ଶ୍ରମରେ ରଚନା କରିଲେ...
ସମ୍ବିଧାନ ଭାରତର।
ପ୍ରସ୍ତାବନା ତାର ଜୟଗାନ କରେ...
ସ୍ନେହ, ପ୍ରେମ, ଭାତୃତ୍ୱର।
ଧାରା ୧୪ ରୁ ବର୍ଣ୍ଣନା ହୋଇଛି...
ବିଷୟ ସମାନତାର।
ହିନ୍ଦୁ,ଶିଖ,ଜୈନ,ଖ୍ରୀଷ୍ଟ,ମୁସଲମାନ...
ନିର୍ବିଶେଷେ ଏଠି ସଭିଏଁ ସମାନ।

ତଥାପି କମୂନ ହିଂସା ଆଚରଣ...

ଯୁଦ୍ଧର ଡାକରା ଆସେ ଘନଘନ।

ସମ୍ବିଧାନ ବର୍ତ୍ତମାନ ଇତିହାସ ପୃଷ୍ଠାରେ..

ଜର୍ଜରିତ ଜନଜାତି ଛୁଆଁ ଅଛୁଆଁ ଭେଦରେ।

ସମାଜରେ ନ୍ୟାୟ ଆଜି ମିଳେନା ସହଜରେ

ଅପରାଧୀ ହସି ହସି ବୁଲୁଅଛି ରାସ୍ତାରେ।

କାମାନ୍ଧ ରାକ୍ଷସ ଆତଙ୍କ ସାଜିଛି....

ନ୍ୟାୟ ପାଇଁ ଆଜି ନାରୀଟେ କାନ୍ଦୁଛି।

ଯୁବଗୋଷ୍ଠୀ ଆଜି ଭାଟିରେ ଶୋଇଛି..

ପ୍ରଗତିର ସ୍ୱପ୍ନ କଏ ବା ଦେଖୁଛି।

ସଭିଏଁ ଏମିତି ହେଲେ କ ଚଳବ...

ସମାଜର କଥା କଏ ବା ଭାବିବ।

ଭାଇଭାଇ ପରି ସଭିଙ୍କୁ ଆଦରି...

ଆସ ହେ କରିବା ପଣ।

ସଭିଙ୍କୁ ସୁଧାରି ଜନସେବା କରି..

ରଖିବା ମାଟିର ପଣ।

ସମାଜସେବୀ, ସୋର, ବାଲେଶ୍ୱର



# ଜୀବନ ଲିପି

ସୂର୍ଯ୍ୟକନ୍ୟା

ଜୀବନ ଲିପି କୁ ପ୍ରକାଶ
କରିବା ପାଇଁ,
ଓଷ୍ଠେ ମୋର ଭାଷା
ତିଳେ ହେଁ ନାହିଁ।
ହୃଦୟ ର ଭାଷା
କହେ ସିନା ଆଖି,
ବୁଝିବା ପାଇଁ ତାକୁ
ଅଶ୍ରୁ ପାରେନ ଧର୍ଯ୍ୟ ରଖି।
ତଥାପି ପାରୁନ ବୁଝି
ପଥ ଏତେ କଣ୍ଟକ ମୟ,
କୁହ ଈଶ୍ୱର କାହିଁ
ପାଇଁ ଏମନ୍ତ ମୋର ପୟ।
ଆଉ ଯେ ପାରୁନ ସହି
ଦିଅ ହେଁ ପ୍ରଭୁ କହି,
ଜୀବନ ର ଗୋଲ୍ପ କଢ
କେଉଁଠି ଅଛି ରହି।
ହସ୍ତ ମୋର ଶୂନ୍ୟ
ପଦ ବି ଉଲଗ୍ନ,
ନା ଅଛି ସାହା ନା ଅଛି ଗ୍ରହା
ଜଳମଗ୍ନ ଦେଶେ ଦିଅ ପ୍ରଭୁ ନୌକା ଚହ୍ନ।

ବିଜେବି କଲେଜ, ଭୁବନେଶ୍ୱର

# ମୋ ଜଗା



ଅନଙ୍ଗ ମଞ୍ଜରୀ

ଅଙ୍ଗାର କଳା
ତୁ ବି ମୋ ଜଗା କଳା
ମତେ କ କଲୁନ କଳା
ହୋଇଥାନ୍ତେ ସାଙ୍ଗ ।
କଳା କୁ କଳା ।
ତୁ ବଡ଼ ମନ୍ଦିରରେ
ମୁଁ ତୋ ବେଢ଼ା ରେ...
ତୁ ସ୍ୱର୍ଣ୍ଣ ସିଂହାସନେ
ମୁଁ ତୋ ଦ୍ୱାରେ...
ତୁ ରତ୍ନ ପଲଙ୍କ ରେ
ମୁଁ ତୋ ଚଟାଣ ରେ....
ତୁ ଖାଇବୁ ସାଠିଏ ପଉଠି
ମୁଁ ତୋ ଅବଢ଼ା ଅର୍ଣ୍ଣ....
ତୁ ପିନ୍ଧିବୁ ପାଟ ବସ୍ତ୍ର
ମୁଁ ତୋର ବଦଳା କାଛ....
ତୁ ଚଢ଼ିବୁ ରଥ ଉପରେ
ମୁଁ ଗ୍ଭଲିବି ରଥ ପାର୍ଶ୍ୱ ରେ ....
ତୁ ଚଳବୁ ମାଉସୀ ଘର
ମୁଁ ଜଗିବି ତୋର ଫେରିବାକୁ..
ମତେ ଛାଡ଼ି ଯିବୁନ ତୁ
ତୋ ବିନୁ ମୋର କେହି ଜଗତେ ନାହିଁ....
ହାତ ଯୋଡ଼ି ଥିବି ସଦା
ତୋହରି ପାଶେ
ସଦା କରୁଣା ରଖିଥିବୁ ମୋ ପାଶେ ।

ହାଇଦର୍‌ବାଦ

# ଅଜେୟ କ୍ରାନ୍ତିକାରୀ
# ଅଜିତ ସିଂହ



ସୁଧାଂଶୁ ଶେଖର ଦ୍ୱିବେଦୀ

**(୨୩ ଫେବୃଆରୀ ଜନ୍ମ ଜୟନ୍ତୀ ଉପଲକ୍ଷେ)**

ପିଲାଦିନୁ ନିଜ ଦେଶର ସ୍ୱତନ୍ତ୍ରତା ନିମନ୍ତେ ପ୍ରାଣବଳୀ ଦେଇଥିବା ଅଗଣିତ କ୍ରାନ୍ତିକାରୀମାନଙ୍କ ମଧ୍ୟରୁ ସରଦାର ଅଜିତ୍ ସିଂହ ଅନ୍ୟତମ । ଯାହାଙ୍କର ମହାନ ବଳିଦାନ କୃତଜ୍ଞ ରାଷ୍ଟ୍ର ବିସ୍ମୃତ କରି ସାରିଲାଣି । ପରନ୍ତୁ ପ୍ରତି ବର୍ଷ ଅଗଷ୍ଟ ୧୫ ତାରିଖରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅତୀତ ବୀଣା ଝଙ୍କୃତ ହେଲେ ସ୍ମୃତିର ଦୃଶ୍ୟ ପଟଳରେ ଧୂଆଁଳିଆ ହୋଇ ଯାଇଥିବା କାହାଣୀ ମନେ ପଡିଯାଏ । ସେଇଭଳି ସ୍ମୃତି ମଧ୍ୟରେ ଉଦଭାସିତ ହୁଏ ସରଦାର ଅଜିତ୍ ସିଂହଙ୍କ ରାଷ୍ଟ୍ରପ୍ରେମର ଅନୁପମ ଗାଥା.... ।

ସରଦାର ଅଜିତ୍ ସିଂହଙ୍କ ଜନ୍ମ ଫେବୃଆରୀ ୨୩ ତାରିଖ ରେ ଲାୟଲପୁର (ଏବେ ପାକିସ୍ତାନରେ) ହୋଇଥିଲା । ତାଙ୍କ ଭିତରେ ନିଜର ଯଶସ୍ୱୀ ପିତା ସରଦାର ଅର୍ଜୁନ ସିଂହଙ୍କ ପରି ବାହାଦୁର, ନିର୍ଭିକତା ଏବଂ ଦେଶ ଭକ୍ତଙ୍କର ରକ୍ତ ପ୍ରତିଟି ଶିରା-ପ୍ରଶିରାରେ ଭରି ରହିଥିଲା । ନିଜ ପିତା ଓ ସମସ୍ତ ଭାଇମାନଙ୍କ ଅପେକ୍ଷା ସବୁଠୁ ଅଧିକ ବିଦ୍ରୋହୀ ତଥା ଅଟଳ କ୍ରାନ୍ତିକାରୀ ଅଜିତ୍ ସିଂହ ଥିଲେ । ସେ ୧୯୦୭ ମସିହାରେ ଲାଲ୍ ଲଜପତ୍ ରାୟଙ୍କ ସହ ମିଶି ପଞ୍ଜାବର କୃଷୀମାନଙ୍କୁ ସଂଗଠିତ କରି ଇଂରେଜମାନଙ୍କ ବିରୁଦ୍ଧରେ ଅନ୍ଦୋଳନ କରିଥିଲେ । ସେଥିପାଇଁ ଇଂରେଜ ସିପାହୀମାନେ କଶନ ସିଂହ, ଆମ୍ବା ପ୍ରସାଦ ସୁଫି, ଲଜପତ୍ ରାୟଙ୍କ ସହ ତାଙ୍କୁ ମଧ୍ୟ ବନ୍ଦୀ କରିନେଲେ । ଇଂରେଜ ସରକାର ଅଜିତ ସିଂହଙ୍କୁ ବର୍ମାର ରାଜଧାନୀ ରେଙ୍ଗୁନଠାରେ ଅବସ୍ଥିତ ମାଣ୍ଡଲେ ଜେଲରେ ରଖିଲେ । ସଂଭବତଃ ଭଗତ ସିଂହଙ୍କ ଜନ୍ମ ପରେ ସେ ଜେଲ୍ ରୁ ମୁକ୍ତି ପାଇଲେ ।

ସରଦାର ଅଜିତ ସିଂହ ଜେଲରୁ ମୁକ୍ତି ପାଇବା ପରେ ଲୁଚ ଛୁପି ଇଂରେଜମାନଙ୍କ ବିରୁଦ୍ଧରେ ସଂଘର୍ଷ ଚଳେଇଲେ । ବହୁଦିନ ଧରି ଆମ୍ବା ପ୍ରସାଦ ସୁଫିଙ୍କ ସହ ମିଶି ଭାରତର ଅନେକ ଅଞ୍ଚଳ ଓ ନେପାଳରେ ପାହାଡିଆ ଅଞ୍ଚଳରେ ଛପି ରହି ସଂଗ୍ରାମ କରୁଥିଲେ । ଭାରତରେ ନିଜ ସ୍ୱଭାବ ଅନୁରୂପ କଛି କରି ନପାରିବା ପରିସ୍ଥିତି ଦେଖି ଶେଷରେ ସେ ବିଦେଶ ଚାଲିଗଲେ । ସ୍ପେନ୍, ତୁର୍କୀ, ଇରାନ, ବ୍ରାଜିଲ, ଦକ୍ଷୀଣ ଆମେରିକା ତଥା ଅଷ୍ଟ୍ରେଲିଆ ପରେ ସେ ଜର୍ମାନରେ ପହଞ୍ଚିଲେ । ବିଦେଶରେ ଲାଲ୍ ହରଦୟାଲ, ବରକତୁଲ୍ଲା, ରାଜା ମହେନ୍ଦ୍ର ପ୍ରତାପ ଆଦି ପ୍ରବାସୀ କ୍ରାନ୍ତିକାରୀଙ୍କ ସହଯୋଗରେ ରାଜନୈତିକ କ୍ରାନ୍ତିର ନିଆଁ ପ୍ରଜ୍ୱଳିତ କରୁଥାନ୍ତି । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସହିତ ମଧ୍ୟ ସଂପର୍କ ଥାଏ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ହିନ୍ଦୀ ଭାଷାରେ ରେଡିଓ ମାଧ୍ୟମରେ ବ୍ରିଟିଶ ବିରୋଧୀ ପ୍ରଚାର ହେଉଥାଏ । ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ଘୃଣାର ଯେଉଁ ବିଷ ପବନ ହେଉଥାଏ ତାହା ପ୍ରଖର ଦେଶଭକ୍ତ ଅଜିତ୍ ସିଂହଙ୍କୁ ବିଦେଶ ଚାଲିଆସିଥିବା ଘଟଣା ଅଜ୍ଞାତ ପ୍ରଭାବ ପକାଇଲା । ଘରେ ତାଙ୍କ ସ୍ତ୍ରୀ ଅନବରତ କାନ୍ଦୁଥାନ୍ତି । ଏହା ଦେଖି ବାଳକ ଭଗତ ସିଂହ କହନ୍ତି – "ତୁମେ କାନ୍ଦ ନାହିଁ ଖୁଡୀ, ମୁଁ ବଡ ହେଲେ ନିଶ୍ଚୟ ଇଂରେଜମାନଙ୍କୁ ଆମ ଦେଶରୁ ବିତାଡିତ କରିବି । କକାଙ୍କୁ ମଧ୍ୟ ଫେରାଇ ଆଣିବି ।

ଅନ୍ତତଃ ଭଗତ ସିଂହଙ୍କ ସ୍ୱପ୍ନ ସାକାର ହେଲା । ଭାରତ ମାତାର ଦାସତ୍ୱର ଶୃଙ୍ଖଳରୁ ମୁକ୍ତିର କ୍ଷଣ ନିକଟତର ହୋଇ ଯାଇଥାଏ । ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ପ୍ରଚେଷ୍ଟାରେ ଅଜିତ ସିଂହ ନିଜ ଦେଶକୁ ଫେରିଲେ । ସେତିକବେଳେ ରାଷ୍ଟ୍ର ସ୍ୱାଧୀନତାର ଖୁସି ପାଳୁଥାଏ ଓ ବିଭାଜନର ଦୁଃଖକୁ ନୀଳକଣ୍ଠ ପରି ପିଇ ଯାଉଥାଏ । ଦୁଃଖ ଓ ଅନୁଶୋଚନାରେ ମ୍ରିୟମାଣ ସର୍ଦ୍ଦାର ଅଜିତ୍ ସିଂହ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଡଲହୌଜି ନିକଟସ୍ଥ ଏକ କୁଟୀର ମଧ୍ୟର ସବୁଦିନ ପାଇଁ ଆଖି ବୁଜି ଦେଇଥିଲେ । ଶେଷରେ ସେ ସେହି ମାଟିରେ ବିଲୀନ ହୋଇଗଲେ ଯେଉଁଠି ତାଙ୍କର ଜନ୍ମ ହୋଇଥିଲା ।

ଯୋଗ ଫର ଲାଇଫ, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ତୁମେ ଗଲା ପରେ



ଖଗେଶ୍ୱର ବାଗ

ନିଃସଙ୍ଗ ଲାଗୁଛି ପ୍ରିୟା କାହିଁ ମୋତେ ଆଜି
ଜନ ସମାଗମେ ପୁଣି ଯାଇଛି ମୁଁ ହଜି
ପଥପ୍ରାନ୍ତେ ନିରିଜନେ କେବେ ସହୋଦରେ
ତଥାପି ନିଜକୁ ନିଜେ ପାଉନି ମୁଁ ଖୋଜି ।।
କେବେ ହୁଏ ସୂର୍ଯ୍ୟୋଦୟ କେବେ ଅସ୍ତମିତ
ଜାଣେ ନାହିଁ ଗତି କାହିଁ କାହିଁ ଲକ୍ଷ୍ୟପଥ
ଦିବସ ବି ଲାଗେ ମୋତେ ଘନ ଅନ୍ଧକାର
ତୁମ ବିନା ଜହ୍ନ ରାତି ଶତ ଅଭିଶପ୍ତ ।।
ଶୁଭେ ନାହିଁ କର୍ଣ୍ଣେ ମୋର କୋକିଳର ସ୍ୱନ
ଧରଣୀର ଗଣ୍ଡଦେଶେ ଶ୍ରାବଣ ନିକ୍ଷଣ
ଫଗୁଣର ଝରାପତ୍ର କୋଳାହଳ କେତେ
ନୀରବତା ମଧ୍ୟେ ହୃଦେ କେତେ ଯେ କମ୍ପନ ।।
କୁଟାଖିଆ ଟେକିବାର ଦେହେ ନାହିଁ ବଳ
କୋଳାଗ୍ରତ କରିବାକୁ ବସିଲାଣି କାଳ ମନ
ଝୁରେ ନିତି ମରେ କ୍ଷୀଣ ହେଲା ତନ
ଛାଡିବାକୁ ଶରୀରକୁ ପ୍ରାଣ କଲବଲ ।।
ସମୟ କି ଫେରି ଚାହେଁ ଚାଲିଗଲା ପରେ
ଫେରେ ନାହିଁ ସ୍ରୋତସ୍ୱିନୀ ବହିଗଲା ଧାରେ
ଦେଖିବାକୁ ଆସିବ କି ପ୍ରିୟତମା ମୋତେ
ଥୁଣ୍ଟା ବରଗଛ ଆଜି ତୁମେ ଗଲାପରେ ।।

ଖଗେଶ୍ୱର ବାଗ, ବୁଦ୍ଧିକୋମନା, ଜିଲ୍ଲା-ନୂଆପଡ଼ା

# ଲଜ୍ଜ୍ୟା

ବାସନ୍ତୀ ଲତା ଜେନା

ପ୍ରକୃତିର ଶୋଭ୍ ପୁରୁଷ ରମଣୀ
ସୃଷ୍ଟି କରତା ରଚଲେ
କେତେ ଯତନରେ ପାଳଲେ ତାହାକୁ
ବସୁମତୀ ସମର୍ପିଲେ ॥

ଏ ମଣିଷ ଆଜି ନୈତିକତା ଭୁଲି
ବିବେକକୁ ବଳ ଦିଏ
କନ୍ୟା ରତ୍ନଟିକୁ ଉପଭୋଗ୍ୟା ଭବି
ସର୍ବୋସୋ ଲୁଣ୍ଠି ନଏ ॥

ବିକୃତ ମାନସିକ ପୁରୁଷ ଜନତା
ଘୃଣ୍ୟ କାମ କରି ବସେ
ରାସ୍ତା ଘାଟରୁ ଉଠାଇ କନ୍ୟାକୁ
ବଳାତ୍କାର କରି ହସେ ॥

ଦେଖେ ନାହିଁ ସିଏ ଶିଶୁ କ ଯୁବତୀ
କାମନାରେ ଅନ୍ଧ ଥାଏ
ନଷ୍ପାପ ଶିଶୁଟି କଛି ନ ଜାଣି
ଯନ୍ତ୍ରଣାରେ ଜର୍ଜରିତ ହୁଏ ॥

ସମାଜ ଜନତା ପାଇଁ କନ୍ୟାରତ୍ନ ଆଜି
ଅଭିଶପ୍ତର କଳ
ପ୍ରତି ପଦକ୍ଷେପ ବିପଦ ସଂକେତ
ଅକାଳରେ ଯାଏ ଢଳ ॥

ଖବର କାଗଜ ଟିଭି ସମ୍ବାଦରୁ
ଶୁଣିବାକୁ ମିଳ ଥାଏ
ଗଣ ଦୁଷ୍କର୍ମ ଅବା ବଧୂ ହତ୍ୟା
ନିର୍ଯ୍ୟାତିତା ନାରୀ ହୁଏ ॥

ଦୋଷ ନ କରି ନାରୀ ହୋଇ ଯାଏ ଦୋଷୀ
ସମାଜ ଆଖିରେ ସିଏ
ହୁଏ ସେ ଲାଂଛିତା ଅତ୍ୟାଗ୍ଯରିତା
ବ୍ୟଥା ବୁଝିବ ତାର କିଏ ?॥

ସ୍ୱାଭିମାନ ତାର ନଷ୍ଟ ହୋଇଯାଏ
ଆଶା ସ୍ୱପ୍ନ ଯାଏ ମରି
ଡରିଡରି ଦିନ ଶେଷ ହୋଇଯାଏ
କେତେକ ଯାଆନ୍ତି ଶରି ॥

ଏଭଳି ପୁରୁଷ ସମାଜ କଳଙ୍କ
ଯଥେଷ୍ଟ ନୁହେଁ ତ ଫାସି
ଏଭଳି ପାପିକୁ ନପୁଂଷକ କରି
ଅନୁତପ୍ତେ ଜଳାଅ ରସି ॥

ସହକାରୀ ଶିକ୍ଷୟିତ୍ରୀ
ଗାନ୍ଧିନଗର, ନବରଙ୍ଗପୁର

# ଧନୁ ଯାତର୍



ଡୋଳାମଣି ପଧାନ

ଦମାକ୍ ଦମାକ୍ ମାଁଦଲ୍ ବାଜୁଛେ,
ବରଗଡ ସଜାବୁଜା ନୁ ସୁନ୍ଦର୍ ଦିଶୁଛେ ।୧।

ଦିନ୍ ପାଁଚଟା ଥି ହେବା ମଥୁର୍ ନଗରୀ,
ରାଜୁତି କରବା କଂସ ରଜା ଆକଟିରୀ ।୨।

ବଜାରେ ହେବା ରଜାର୍ ଦରବାର୍,
ନଶାମଣି ନୁ ହେବା ରଙ୍ଗମହଲ୍ ର କାରବାର୍ ।୩।

ଇସ୍କୁଲ୍ ପଡିଆ ନୁ ବସବା କେତେ ଲେହେଟି,
ବୁଲି ଆନବେ ସଭେ ଦେଇ ପଏସା ପେଟି ପେଟି ।୪।

ମୀନା ବଜାରର ଜମକ୍ କେ ମେଳା ପ୍ରଦର୍ଶନୀ,
ଦେଖଲେ ସ୍ୱାଦ ଜିନଷ୍ ଲାଗସି, ଆନତି କାଏଁ ଘିନ ।୫।

ସମ୍ବଲପୁରୀ ଶାଢୀ ସାଂଗେ ରେଜ୍ ବାଇଜର୍ ଜିନଷ୍,
ରଙ୍ଗ୍ ବେରଙ୍ଗ୍ ଚମକୁଥିବେ କରି ଜାନଲେ ସାଲିଷ୍ ।୬।

ଗୃଣୁର୍ ମୁଷ୍ଟିକ୍ କେତେ ଅସୁର୍ ପଡି ମରିଯିବେ,
କୃଷ୍ଣ ବଳରାମ୍ ପଲେଇ ଆସଲେ ଥର୍ ଥର୍ କାଁପବେ ।୭।

କହେସନ୍ ଲୋକ୍ କେତେ ଶୁନବୋ ଗୁମଡ୍ଡୁ,
କଂସ ରଜାର୍ ବଂଶ୍ ବୁଡୁ, କଂସ ମଳେ ଖାଏମା ଲଡୁ ।୮।

ଶେଷକେ ମାରବେ ରଜା କଂସ୍ କେ,
ଅସତ୍ୟେ ସତ୍ୟର ଜୟେ ହେବା ତେହେରକେ ।୯।

ଆରକ ଦିନ ପଡବା ପୁଷପୁନର୍ ଖଜାବରା,
ଦଶ୍ ବଜିଆ ମାଗବା, ଦିଅଗୋ ମା ଛେର୍ ଛେରା ।୧୦।

ଏଗାର ଦିନ୍ ଲାଗି ହେବା ଖୁଲା ମଂଚ୍ ଯାତରା,
ଏନତା ରକମର ଆଏ ବିଶ୍ୱ ପ୍ରସିଦ୍ଧ ଧନୁଯାତରା ।୧୧।

ବାରଙ୍ଗପାଲି, ବରପାଲି

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ମାନବ ନୁହେଁ ତୁ ଦାନବ

ଶିଶିର ସାମଲ

ହାଏରେ ମାନବ ସାଜିଲୁ ଦାନବ
ହରାଇ ନିଜର ମତି,
କାମନା ନିଆଁରେ ଅନ୍ଧ ତୁ ହୋଇଲୁ
ନାନା କୁକର୍ମରେ ମାତି ।।
ନାରୀ ବୋଲି ସେହି ପବିତ୍ର ଶବ୍ଦ କୁ
ବୁଝି ନ ପାରିଲୁ ତୁହି,
ପର ନାରୀ ଶିଶୁ କନ୍ୟାର ସାଥିରେ
କାମନା ରଚିଲୁ ଯାଇ ।।
ନାରୀ ଠାରୁ ଏଇ ଜଗତର ସୃଷ୍ଟି
ସଭିଏଁ ତାହାରି ଦାନ,
ତା ସାଥେ ଏମିତି ଅପକର୍ମ ପାଇଁ
କେମିତି ବଳାଉ ମନ ।।
ଏତେ ଆତତାୟୀ ହୃଦୟରେ ତୋର
ଏତେ କଳୁଷିତ ମନ,
ଶିଶୁକନ୍ୟା ଭଳି ପାରିଜାତ ସାଥେ
କରୁ ପୁଣି ଘୃଣ୍ୟ କର୍ମ ।।
ଲୋଭ ଅହଙ୍କାର ମୋହ ରେ ପଡିତୁ
କରୁ କନ୍ୟା ଭ୍ରୁଣ ହତ୍ୟା,
ନିଷ୍ପାପ ଫୁଲକୁ ବଗିଚାରୁ ତୋଳି
ଜଗତେ ବୋଲାଉ ସ୍ରଷ୍ଟା ।।

# ବିଂଶ ଶତାବ୍ଦୀ ର ଏ ନବ ବର୍ଷ



ପ୍ରକାଶ ସାହୁ

ସେଦିନ ଥିଲା ଦ୍ୱାଦଶ ମାସ ଅର୍ଥାତ ଇଂରାଜୀ ମାସ ଡିସେମ୍ବର ର ୩୧ ତାରିଖ। ଯାହା ଥିଲା ୨୦୧୯ ମସିହା ର ଶେଷ ଦିନ। ମୁଁ ସେଦିନ ପ୍ରାୟ ରାତି ଆଠଟା ସମୟ ରେ ନିଜ ର ବ୍ୟସ୍ତ ଜୀବନ ରୁ ବାହାରି କିଛି ସମୟ ପାଇଁ ମୋବାଇଲ ରେ ଇଣ୍ଟରନେଟ ଚାଲୁ କରିଥିଲି। ମୋବାଇଲ ରେ ଡାଟା ଚାଲୁ ହେବା ପରେ ମୋର ହ୍ୱାଟସଆପ୍ ଆଉ ଫେସବୁକ ବନ୍ଧୁ ମାନଙ୍କ ନୂତନ ବର୍ଷ ଅଭିନନ୍ଦନ ର ମେସେଜ ଆସିଥିଲା।

ନୂଆ ନୂଆ ଫୋଟ ଆଉ ସ୍ୱାଗତ ଫୋଟ ରେ ନିଜ ନାମ ଲେଖି ଅନେକ ବନ୍ଧୁ ମାନେ ମେସେଜ କରିଥିଲେ। ମୁଁ ମଧ୍ୟ ସେମାନ ଙ୍କୁ ଧନ୍ୟବାଦ ଦେବା ସହିତ ନୂତନ ବର୍ଷ ର ଅଭିନନ୍ଦନ ଜଣାଇଥିଲି।

**Daily hunt** ର **app** କୁ ଖୋଲି କିଛି ଓଡିଶା ଖବର ପଢିବାକୁ ଇଚ୍ଛା ହେଲା। **App** କୁ ଖୋଲିବା ପରେ କୌଣସି ଗୋଟେ ଓଡ଼ିଆ ଖବରକାଗଜ ର ପ୍ରଥମ ପୃଷ୍ଠା ରେ ଲେଖା ଥିଲା ଏମିତି "ଓଡିଶା ରେ ନୂତନ ବର୍ଷ କୁ ଆହୁର ରଙ୍ଗୀନ କରିବା ପାଇଁ ଅବକାରୀ ବିଭାଗ ର ନୂଆ ନିଷ୍ପତି ବିଳମ୍ବିତ ରାତି ପର୍ଯନ୍ତ ରାଜ୍ୟ ରେ ଖୋଲା ରହିବ ମଦ ଦୋକାନ"- ଅନୁଛେଦ ଟିକୁ ପଢିବା ପରେ ମୋ ମନ ରେ କିଛି ପ୍ରଶ୍ନ ଆନ୍ଦୋଳିତ କରୁଥିଲା।

ଏ ସେହି ଓଡ଼ିଶା ଯେଉଁଠି ବହୁତ ଲୋକେ ଦରିଦ୍ର ସୀମା ରେଖା ତଳେ ଅତିବାହିତ କରୁଛନ୍ତି। ଅନେକ ଦାନା ଖଟିବା ପାଇଁ ବାହାରକୁ ଯାଉଛନ୍ତି। ଯେଉଁଠି ନିଶା ସେବନ କରି ଅନେକ ସଡ଼କ ଦୁର୍ଘଟଣା ରେ ମୃତ୍ୟୁ ବରଣ କରୁଛନ୍ତି। ସେହି ଓଡ଼ିଆ ମାନଙ୍କ

ପାଖରେ ଆଜି ବହୁତ ଧନ ହୋଇଯାଇଛି ଏହି ଦାମୀ ମଦ କଣି ନୂଆ ବର୍ଷ କୁ ଉପଭୋଗ କରିବା ପାଇଁ।

ମୋର ମନେ ପଡୁଛି ଆମ ପିଲାବେଳେ ଆମେ ଦୋକାନ ରୁ ବିଭିନ୍ନ ପ୍ରକାର ର ଫୋଟୋ କଣି ପରସ୍ପର କୁ ଦେଇ ନୂଆ ବର୍ଷ ର ଅଭିନନ୍ଦନ ଜଣାଉଥିଲୁ। ସାଙ୍ଗ ହୋଇ ମନ୍ଦିର ଯାଉଥିଲି। ଆଜି ସମୟ ବଦଳଛି ସମୟ ବଦଳବା ସହିତ ସବୁ କଛି ବଦଳ ଯାଇଛି। ଆଜି ଆମେ ନୂଆ ବର୍ଷ ପାଳନ କରିଛୁ ଖାଲି ନଜ ର ଦାମୀ **smart phone** ରେ କାହାକୁ ମେସେଜ ଦେଇ **wish** କରିଦେଲେ ହୋଇଗଲା ନୂଆ ବର୍ଷ ଦିବସ ର ପାଳନ। ମଦ୍ୟ ପାନ କରି ଆମିଷ ଭୋଜନ ରେ ହୋଇଗଲା ଏ ନବ ବର୍ଷ ର ପାଳନ।

ନଜ ର ଫୋଟୋ ରେ ଅଧିକ **like** ଏବଂ **comments** ପାଇବା ପାଇବ ବିଭିନ୍ନ ପ୍ରକାର ର ବିପଦ ସଂକୁଳ ସ୍ଥାନ ରେ ସେଲ୍ଫି ନେଇ ନଜ **facebook page** ରେ ଫୋଟ **upload** କରି **bold line "Happy new year** ଲେଖିଦେଲେ ହୋଇଗଲା ଯୁବ ପିଢ଼ି ଙ୍କ ନବ ବର୍ଷ ଦିବସର ପାଳନ।

ଗ୍ଲନ୍ତୁ ଟିକେ ମୁହଁ ବୁଲାଇ ପଛ କୁ ଦେଖିବା । ନୂଆ ବର୍ଷ ନାମ ରେ ନୂଆ ଧୋତି ଆଉ କପଡା ପରିଧାନ କରି ଏକାଠି ହେଉଥିଲେ ଗାଁ ର ସମସ୍ତ ଗ୍ରାମବାସି ବିଭିନ୍ନ ପ୍ରକାର ର ଖେଳ, ନାଚ, ସଂକୀର୍ତ୍ତନ ମାଧମ ରେ ଶୀତ କବଳତ ହୋଇସାରିଥିବା ଗାଁ କୁ ପ୍ରବେଶ କରୁଥିଲା ନୂତନ ବର୍ଷ। ଗାଁ ରେ ସେହି ନାଲି ମାଟି ଗ୍ସ୍ତା ଉପରେ ରେ ବଡ଼ ବଡ଼ ଅକ୍ଷର ରେ **happy new year** ଲେଖି ନୂତନ ବର୍ଷ କୁ ଅଭିନନ୍ଦନ କଗ୍ ଯାଉଥିଲା।

ଘରେ ଘରେ ଖିରି ପିଠା ରେ ମହକ ଉଠୁଥିଲା ପୁଗ୍ ଗାଁ। ଗ୍ତି ପାହିଲା ପରେ ନବ ବର୍ଷ ର ପ୍ରଥମ ଶୀତୁଆ ସକାଳ ର ଝଲକ ବାରି ହେଉପଡୁଥିଲା ଗାଁ ର ସମସ୍ତ ଙ୍କ ହସ ହସ ମୁହଁରେ। ମନେ ହେଉଥିଲା ଗାଁ ଏଥର ମାର୍ଜନା ହୋଇ ସାରିଛି । ନୂଆ ଆଶା ନୂଆ ସଂକଳ୍ପ ନେଇ ଗ୍ଷୀ ଭାଇ ମାନେ ହାତ ଯୋଡି ଭଗବାନ ଙ୍କୁ ସ୍ମରଣ କରୁଥିଲେ ନବ ବର୍ଷ ରେ ଫସଲ ର ଅମଳ ଭଲ ହେବା ପାଇଁ। ଛାତ୍ରଛାତ୍ରୀ ମାନେ ପରିକ୍ଷାରେ ଭଲ କରିବା ପାଇଁ ମାନସିକ ରଖୁଥିଲେ।

ଆଜି ଏ ସବୁ ବଦଳ ସାରିଛି । ଘରେ ଘରେ ଆମିଷ ର ବାସ୍ନା । ବିଭିନ୍ନ ବାର ଆଉ ରେଷ୍ଟୁରାଣ୍ଟରେ ପାଳନ ହେଉଛି ନୂଆ ବର୍ଷ। ଆଜି ର ଯୁବ ପିଢ଼ି ମଦ ମାଂସ ରେ ନିଜ କୁ ନିଶା ଶକ୍ତ କରି ଆଧୁନିକ ଢାଞ୍ଚା ରେ ସ୍ୱାଗତ କରୁଛନ୍ତି ନୂତନ ବର୍ଷ କୁ। ମଦ୍ୟ ପାନ କରି ଜାତୀୟ ରାଜପଥରେ ଦ୍ରୁତ ଗତି ରେ ଗାଡି ଚଳାଇ bike racing କରି ସ୍ୱାଗତ କରୁଛନ୍ତି ନବ ବର୍ଷ କୁ।

ଆଜି ର ନୂଆ ବର୍ଷ ଆଉ ସେବେ ର ନୂଆ ବର୍ଷ ରେ କେବଳ ଗୋଟିଏ ତଫାତ। ସେବେ ନୂଆ ବର୍ଷ ଆସୁଥିଲା ସମସ୍ତ ଙ୍କ ମନ ରେ ପର୍ଯାପ୍ତ ପରିମାଣ ର ଖୁସି ଆଉ ହସ ଭରି। କିନ୍ତୁ ବିଂଶ ଶତାବ୍ଦୀ ର ଏହି ନୂଆ ବର୍ଷ ସେତିକି ସେହି ପୁରୁଣା ଖୁସି କାହାକୁ ଯଥେଷ୍ଟ ଖୁସି ଦେବାରେ ଅକ୍ଷମ। ନୂଆ ବର୍ଷ ନାମ ରେ ପଇସା ଦେଇ ଅଧିକା ଖୁସି କୁ କିଣିବାକୁ ପଡୁଛି।

ନଭି ମୁମ୍ବାଇ, ମହାରାଷ୍ଟ୍ର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ବିଶୃଙ୍ଖଳା



ସେବାକାନ୍ତ ନନ୍ଦ

ସମଗ୍ର ବିଶ୍ୱ ସମାଜରେ
ଶାନ୍ତି ନାହିଁ ମାନବ ଜାତିରେ,
ଶାନ୍ତି ର ବିନାଶ
ହୋଇଛି ଯୁଗ ଯୁଗାନ୍ତରେ ।
ଧନ ଲୋଭେ ଏଠି
ପୁତ୍ର ନେଇଛି ବାପର ପର୍ଣ,
କର୍ମାନ୍ଧେ ପଡି ଜନ
କରୁଛି ପର ଦାର୍ ହରଣ ।
ଜ୍ଞାନ ପଣ୍ଡିତ ହୋଇ ଏ ମାନବ,
ସଦା ଅଜ୍ଞାନରେ ହୋଇଛି ଲୀନ,
ଇନ୍ଦ୍ରିୟ ଲାଳସେ ହୋଇ ମଗ୍ନ
ସଂସାରେ ପାଉଛି ଅସମ୍ମାନର ସ୍ଥାନ ।

ଅକାର୍ଯ୍ୟେ ଲୀନ ହୋଇ ଏ ମାନବ
କାଟୁଛି ଦିନ ହୋଇ ବିଚଳତ,
ନୀତି ଭ୍ରଷ୍ଟ ଯୋଗୁଁ ସିନା
ଆଜି ଏ ମନବ ହେଲ୍ ବିଶୃଙ୍ଖଳତ ।
ଶାସନର ଭ୍ର ହୋଇଲ୍ ଦୁର୍ବଳ
ନୀୟମର ହେଲ୍ ଅପକ୍ଷୟ
ନର୍ଦ୍ଦୋଷି ଏଠି ଦଣ୍ଡ ପାଉଛି
ଦୋଷିର ହେଉଛି ବିଜୟ ।
ଗୁରୁ-ଶିଷ୍ୟ ସମ୍ପର୍କହେଲ୍ କଳୁଷିତ
ନ ହୋଇ ନଜ କାର୍ଯ୍ୟେ ରତ
ଗୁରୁ ପିତା ମାତା ଗୁରୁ ମୁକ୍ତିଦାତା
ଯୁଗେ ଯୁଗେ ଏହା ସତ ।

ବଲାଙ୍ଗିର

# ମୋ ଓଡିଶା



ଉଦୟନ ସୂପକାର

ବୀର ପ୍ରସବିନୀ ଓଡିଶା ମାଟି ମୋ ଏହା ସମ  ଆଉ କେହି ନାହିଁ
ଏ ମାଟିର କୋଳେ ଜନମ ନେଇ ତ ଧନ୍ୟ ହୋଇଛି ରେ ମୁହିଁ.....(୦)
ବାଜି ରାଉତ ସେ ନାଉରୀ ବାଳକ ଏହାର ବୀର ଅଟେ ସନ୍ତାନ
ଟଳ ପଡିଲା ସେ  ଫିରିଙ୍ଗି ଗୁଳରେ ରଖି ଗଲା ମାତୃଭୂମି ମାନ
କୋଣାର୍କର ମୁଣ୍ଡି ମାରିଲା ଧରମା ପାରିଲେ ନାହିଁ ଯା କେହି....(୧)
ସୁରେନ୍ଦ୍ର ସାଏ ସେ ଘୋର ସଂଗ୍ରାମୀ ଏ ମାଟିର ରଖିଲେ ସେ ଟେକ
ମଧୁବାବୁ ପୁଣି ଗୋପବନ୍ଧୁ ଏପରି ସଂଗ୍ରାମୀ ସେ ଥିଲେ ଅନେକ
ରାଣୀ ଶୁକଦେଇ, ବୀରା ରମଣୀ ତୁଳନା ଯାହାର କାହିଁ ନାହିଁ.....(୨)
ଉପଇନ୍ଦ୍ର ଭଞ୍ଜ କବିସୂର୍ଯ୍ୟ, ପୁଣି ସେ ତ କବିବର ରାଧାନାଥ
ଗଙ୍ଗାଧର, ଭୀମା ଭୋଇ ବନମାଳୀ ରଚଗଲେ କେତେ ସଙ୍ଗୀତ
ସମୃଦ୍ଧ କରିଲେ ସାହିତ୍ୟକୁ ଆମ ଆମରି ଜାତିର ଯଶ ଗାଇ.....(୩)
ଜଗନ୍ନାଥ ଆମ ଓଡିଆଙ୍କ ନେତା, ଶ୍ରୀ କ୍ଷେତ୍ର ପୁରୀ ଆମ ଧାମ
ଶୈବପୀଠ କପିଳାସ ହୁମା ପୁଣି ଅଛି ନୃସିଂହ ନାଥ ଅସୀମ
ବିମଳା, ମଙ୍ଗଳା, ଶାରଳା, ବିରଜା, ସାହା ମାତା ସମଲାଇ.....(୪)
ମନରୁ ନଜର ହୀନ ଭାବ ତେଜ, ଜଗାଅରେ ବାରେ ସ୍ୱାଭିମାନ
ଗଙ୍ଗାଠାରୁ ଗୋଦାବରୀ ଯେ ଜିଣିଲେ, ତୁହି ତ ତାଙ୍କରି ସନ୍ତାନ
ଜାଗରେ ଓଡିଆ ସିଂହନାଦ ଦେଇ, ଜାଗୁ ଆମ  ଓଡିଶା ଭୂଇଁ.....(୫)

ଭୁବନେଶ୍ୱର, ଓଡିଶା

# ଋତୁ ଚକ୍ର



ସାଗର ପ୍ରଧାନ

ଶ୍ରାବଣ ଟା ରସହୀନ
ବସନ୍ତ ତ ରଙ୍ଗହୀନ
ଶୀତେ ଗୀତ ସ୍ୱରହୀନ
ବାଙ୍କ ତ ଖର୍

ଶେଫାଳଠୁ ବହୁ ଦୂରେ
ଗୋଲ୍‌ପକୁ ଦେଖି ଡରେ
ଚମ୍ପା ନାମ ଶୁଣି ମରେ
ଧରିଛି ଧର୍

ଚନ୍ଦ୍ର ତାର୍ ଦେଖି ଦେଖିକ
ପ୍ରଶ୍ନ କରେ ଏତେ ସରି ମୁହିଁ କାହିଁକ **?**

ଋତୁକ୍ରମେ ଋତୁ ଆସେ
ର୍‌ଜ କରେ ଦୁଇ ମାସେ
ବଞ୍ଚେ ରହି ରହି ହ୍ରାସେ
ସମୟ୍ ଖେଳେ

ପ୍ରତି ମାସେ ଋତୁ ଆସେ
ବାର ଥର ବାର ମାସେ
ମରି ବଞ୍ଚେ ଦେଖିକ ସେ
ଶରୀର ଜଳେ

ଋତୁକୁ ସେ ପଶ୍ଚରେ କତି
ଖେଳୁଛି ପ୍ରକୃତି କରି ଅତି ଅନୀତି ...

ଗଂଜାମ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ମୟୁରଭଂଜର ଭୂମିପୁତ୍ର : ପଣ୍ଡିତ ଲକ୍ଷ୍ମୀଧର ରାଉତ

(ତଥ୍ୟ ସମ୍ବଳତ)



କରଣ ବାଳା ଦାଶ

କ'ଣ ଲେଖିବି? ବିଶାଳ ସିନ୍ଧୁର ଅତଳ ଜଳ ରାଶିକୁ କ'ଣ କେହି ମାପିପାରେ ! ସୁଉଚ୍ଚ ହିମାଳୟର ପରିଧିକୁ କ'ଣ କେହି କଳ୍ପନା କରି କହିପାରେ ଯେ, ହିମାଳୟର କୋଣ ଅନୁକୋଣର ସ୍ଥିତି ବା ତାହା ମଧ୍ୟରେ ଥିବା ଅମୂଲ୍ୟ ନିଧି ମାନଙ୍କର ସଠିକ ଆକଳନ, ଜଣେ ଶିଷ୍ୟ କ'ଣ କେବେ ବିଗ୍ରରକ ସାଜି କରିକି ପାରେ ତା'ର ଗୁରୁଙ୍କର ଜ୍ଞାନ ଗାରିମାର ମାପଚୁପ, ସେ ପରା ଗୁରୁ, ସବୁ ଗୁଣ ଗାରିମାର ସିରିପା କୁ ମସ୍ତକ ମଣ୍ଡନ କରି, ଜ୍ଞାନଲୋକର ବିକରଣ ପଥରେ ସେ ସର୍ବୋଚ୍ଚ ପାହଚ ଅତିକ୍ରାନ୍ତେ, ମୁକୁଟ ବିହିନ ସମ୍ରାଟ ସାଜି ଛିଡ଼ା ଆଜି ସୁଉଚ୍ଚ ପିରାମିଡ ପରେ, ନାଁ ତାଙ୍କୁ ଜରା, ବାର୍ଦ୍ଧକ୍ୟ ଛୁଇଁ ପାରିବ । ନାଁ ତାଙ୍କୁ ସୁନାମିର ଭୟ । ସେ ଅଗ୍ନିସ୍ନାତ ଶୁଦ୍ଧ ସୁବର୍ଣ୍ଣ । ଜ୍ୟୋତିର୍ମୟ ଏକ ଏକ ଆଲୋକ ବର୍ତିକା । ତାଙ୍କ ଆଲୋକରେ ସାରା ମାନବ ସମାଜ ଆଲୋକତ । ତାଙ୍କ ସୁଗୁଣର ସୁଗନ୍ଧିତ ବାୟୁ ତରଙ୍ଗରେ ପ୍ରାଣୀମାନଙ୍କର ପ୍ରାଣ ଫୁଲକତ । ସେ ମୃତ୍ୟୁଞ୍ଜୟୀ, ସେ ସ୍ୱୟଂ ଏକ ସୁସାହିତ୍ୟ, ସେ ଲେଖକ, କବି, ସାରସ୍ୱତର କୁହୁକ ପେଡ଼ି । ସେ ପାଠକ, ପ୍ରବକ୍ତା, ସେ ଗୁରୁ, ସେ ସ୍ରଷ୍ଟା, ସେ ନିଜେ ହିଁ ଏକ ସୁନ୍ଦର ସୃଷ୍ଟି । ତାଙ୍କର ସୃଷ୍ଟି ଏହି ଓଡ଼ିଶା ମାଟିରେ ନୁହେଁ, ସାରା ବିଶ୍ୱରେ ଦିବ୍ୟଜ୍ୟୋତିର ଆଦର୍ଶବାଦର ଗାଥା ବହନ କରିପାରିଛି । ଯାହାଙ୍କର ଗୁଣ ଗାରିମାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା କରିବାର ସାହସ ବୋଧୁଏ କାହାରି ପାଖରେ ନଥିବ । ସେ ବହୁ ଅନୁଷ୍ଠାନର ପ୍ରତିଷ୍ଠାତା, ଶିକ୍ଷା କ୍ଷେତ୍ରରେ, ସାହିତ୍ୟ କ୍ଷେତ୍ରରେ ସାରସ୍ୱତ ଜଗତରେ, ସେ ଜଣେ ମହାନ ସଂଗଠକ, ଅନନ୍ୟ ପ୍ରତିଭାର ଅଧିକାରୀ । ସେ ଜଣେ ଗୁଣର ପ୍ରଶଂସକ, କ୍ଷୁଦ୍ଧାର୍ଥର ଅନ୍ନଦାତା, ଅନ୍ଧକାରରୁ ଆଲୋକକୁ ଟାଣି ଆଣି ସହସ୍ରାଧିକ ବିଦ୍ୟାର୍ଥୀଙ୍କର ବିଦ୍ୟାଦାତା, ତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରି ମଣିଷ ତିଆରି କାରଖାନାର ମାଲିକ, ନ୍ୟାୟଦାତା, ତାଙ୍କ ଦ୍ୱାରା କାହା ପ୍ରତି କେବେ ଅନ୍ୟାୟ

ହୋଇନପାରେ, ଅନେକ ନରେନ୍ଦ୍ରଙ୍କ ଶ୍ରେଣୀ ଶ୍ରେଣୀର ଲକ୍ଷ୍ମୀ ଭଣ୍ଡାର । ସେ ଅକ୍ଷ୍ମୀଧର ସ୍ୱୟଂ ଲକ୍ଷ୍ମୀସ୍ୱରୂପା ସାକ୍ଷାତ ଲକ୍ଷ୍ମୀଧର । ତାଙ୍କୁ ତର୍ଜମା କରିବାର ତାଙ୍କ ବିଗ୍ରହର ଧାରାକୁ ମାପିବାର ଦୁଃସାହସ ମୁଁ କରିପାରିବିନ । ସେ ଗୁରୁ, ଶିଷ୍ୟକୁ ଈଶ୍ୱରଙ୍କୁ ପରିଚିତ କରାଇ ପାରିଥିବା ପ୍ରଥମ ବ୍ୟକ୍ତି ବିଶେଷ । ସେ ଅଗ୍ରପୂଜ୍ୟ, ଗଣପତି ବାପାଙ୍କର ଅଂଶର ଅବତାର, ସନ୍ଥ ତୁଳସୀ ଦାସଙ୍କର ଏକ ଦୋହାର ପଦଟିଏ । "ଗୁରୁ ଗୋବିନ୍ଦ ଦୋଉଁ ଖଡ଼େ କାକେ ଲାଗୁଁ ପାୟେ, ବଲିହାରି ଗୁରୁ ଜିହ୍ନେ ଗୋବିନ୍ଦ ଦିଏ ବତାଏ ।" ଗୁରୁ- ସମାଜର ଏକ ବିଶେଷ ଅଙ୍ଗ, ତାଙ୍କ ବିନା ସବୁକିଛି ସୁନ୍‌ଶାନ । ସେ ଚଳଚଳ ନଦୀସ୍ରୋତ । ସେ କେବେ କେବେ ମହୋଦଧିର ଉତାଳ ତରଙ୍ଗ, ସେ ଜ୍ଞାନ ଗାରିମାରେ ଭରପୂର ସୁଉଚ୍ଚ ଗିରି ଗୋବର୍ଦ୍ଧନ, ଅନ୍ୟର ମଙ୍ଗଳ କାମନା ତାଙ୍କର ଏକମାତ୍ର ସାଧନ । ତାଙ୍କର ଆଶିଷ ଭିକ୍ଷା ଶିଷ୍ୟର କାମ୍ୟ, ଆରାଧନା । ବିନା କଥାରେ ସେ ବୁଝିଥାନ୍ତି ଅନ୍ୟର ବ୍ୟଥାକୁ । ଅଛିଣ୍ଡା ଗଣିତର ସୂତ୍ର ପରି ସେ ଖୋଜି ଖୋଜି ବୁଝାଇ ଥାଆନ୍ତି ସେହି ଜୀବନ ଦର୍ଶନର ଦିଗଦର୍ଶନ କରାଇ ତାଙ୍କୁ କରାଇଥାଏ ସୁପଥଗାମୀ । ଏପରି ଗୁରୁ ଏ ସୃଷ୍ଟିରେ ବିରଳ । ତଥାପି ସେହି ବିରଳ ଶବ୍ଦର ବୁକୁଚିରି ଜନ୍ମ ନଅନ୍ତି ଯୋଗଜନ୍ମା ମହା ମାନବ ମାନେ । ସେମାନଙ୍କୁ ପୃଥିବୀର ସୂର୍ଯ୍ୟାଲୋକର ପ୍ରଥମ କିରଣର ସ୍ପର୍ଷ ଅନୁଭୂତ କରାଇ ଥାଆନ୍ତି ସେହି ଦମ୍ପତ୍ତିମାନେ, ଯେଉଁ ମାନଙ୍କର ପୂର୍ବ ଜନ୍ମରେ ବହୁ ସୁକୃତ ପ୍ରାପ୍ତ ଥାଏ ।

ସେଥିମଧ୍ୟରୁ ଏକ ଦମ୍ପତ୍ତି ସ୍ୱର୍ଗତଃ ଦୁଖିନୀ ରାଉତ ଏବଂ ପତ୍ନୀ ସ୍ୱର୍ଗତା ଫୁଲମଣି ଦେବୀ । ଏହି ପତିପତ୍ନୀଙ୍କ ଔରସରୁ ଯେଉଁ ମହାନ ବ୍ୟକ୍ତିତ୍ୱଙ୍କର ଜନ୍ମ ସେ ହେଉଛନ୍ତି ପଣ୍ଡିତ ଲକ୍ଷ୍ମୀଧର ରାଉତ । ଗ୍ରାମ ହଳଦୀପଦା, ପୋ: କେନ୍ଦୁଡିହା, ଭା: ବଡ଼ସାହି, ଜି: ମୟୂରଭଞ୍ଜ । ମୟୂରଭଞ୍ଜର ଭୂମିପୁତ୍ର, ମୟୂରଭଞ୍ଜିଆ ପୁଅ । ଖାଣ୍ଟି ସୁନା ପୁଅ, ଧିରେ ଧିରେ ପିତାମାତାଙ୍କର ଅନ୍ଧର ଲଉଡ଼ି ସାଜି ନିଜର ସେହି ମଫସଲ ଗ୍ରାମରେ ରହି ସେ ନିଜର ବିଦ୍ୟାଧ୍ୟୟନ କରୁ କରୁ ମାତୃ ବିୟୋଗ ଘଟିଥିଲା । ପୁଉସୀ ନାନଙ୍କ ସାହାଯ୍ୟ ତାଙ୍କୁ ପଥ କଢ଼େଇ ନେଇଥିଲା । ସେଥିପାଇଁ ତାଙ୍କୁ ପ୍ରବଳ ଉତ୍ସାହ ଆଉ କଠୋର ଶ୍ରମ ବିନମ୍ରୟରେ ସାଧନାର ଶିର୍ଷରେ ପହଞ୍ଚି ସଫଳ ସଫଳ ପୁରୁଷର ପରୀକ୍ଷାରେ ଉପନୀତ ହେବାକୁ ପଡ଼ିଥିଲା । ଶେଷରେ ସଫଳତା ତାଙ୍କର ଚରଣ ସ୍ପର୍ଷ କରିଥିଲା । ବୃତ୍ତି ଭାବେ ଆର.ଆଇ ସରକାରୀ ଚାକିରିଟିକୁ ଅବଲମ୍ବନର ମାର୍ଗ ଭାବେ ଗ୍ରହଣ କରିଥିଲେ । ଶୈଶବରୁ ସେ ଶାନ୍ତ ସୁଧୀର ଗମ୍ଭୀର ପ୍ରକୃତିର ଥିଲେ । କୈଶୋରରେ ପାଦ ଦେବାପରେ ସେ ସାହିତ୍ୟାନୁରାଗି

ସାରସ୍ୱତ ସାଧନାର ସାଧକ ସାଜିଲେ। ଗଢ଼ି ତୋଳଲେ ତାଙ୍କ ସାଧନାର ପିରାମିଡ୍, ନୀଳକଣ୍ଠ ସାହିତ୍ୟ ପରିଷଦ, ମାତୃଭୂମି ଓ ମାତୃଭାଷା ପ୍ରତି ହୃଦୟରେ ଭରିଗଲା ଅନେକ ସମ୍ବେଦନଶୀଳ ଭାବନା, ଯାହା ତାଙ୍କ ହୃଦୟକୁ ଆନ୍ଦୋଳିତ କରିବାକୁ ଲାଗିଲା ବ୍ୟଥାତୁର ହୋଇ, ଯୌବନର ପହିଲି ପରଶ ବି ତାଙ୍କୁ ବିଚଳିତ କରିପାରିନଥିଲା। ଫଗୁଣର ଫଲ୍‌ଗୁ ନିଜକୁ ରଙ୍ଗାଇ ସ୍ୱପ୍ନିଳ ଦୁନିଆଁର ବସନ୍ତରେ ମତୁଆଲା ହେବାପାଇଁ, ସେ ଜାତି ନନ୍ଦିଘୋଷର ସାରଥି ହେବାର ତପସ୍ୟାରେ ମଗ୍ନ ରହୁଥିଲେ । ଉଦ୍ଦେଶ୍ୟ ତାଙ୍କର ଜୀବନ ଗଢ଼ିବା ନିରକ୍ଷରତାର ଅନ୍ଧକାର ଦୂର କରି ଛୋଟ କଳୀଟିକୁ ବିକଶିତ କରିବା ସ୍ୱାକ୍ଷରତାର ଉପଢୌକନ ପିନ୍ଧାଇ । ନଥିଲା ଜାତିଆଣ ଉଚ୍ଚ ନୀଚ୍ଚର ଭାବନା, ସବୁ ବର୍ଗର ମଣିଷ ମାନଙ୍କୁ ନେଇ ସେ ଗଢ଼ି ତୋଳଥିଲେ ସ୍ୱପ୍ନର ସୌଧ, କିଏ କ'ଣ କରି ପାରିବ । ତାଙ୍କ ତେଲ ଲୁଣର ସଂସାର ସାଇତିବା ପାଇଁ, ତାଙ୍କ ହାତ ଧରି ଆସିଲେ ପତ୍ନୀ ଶ୍ରୀମତୀ ନିଶାମଣି ରାଉତ, ଅର୍ଦ୍ଧାଙ୍ଗିନୀ, ସମଦୁଃଖି, ସହଭାଗିନୀ, ଜୀବନର ଦୁଃଖ ସୁଖର ସହଯାତ୍ରୀ, ସହଧର୍ମିଣୀ ।

ତାଙ୍କ କର୍ମକ୍ଷେତ୍ର ବନିଥିଲା, ନୀଳକଣ୍ଠ ପରିଷଦ, ପାଠାଗାର, ସେଠାରେ ବସି ସେ ଗୋଟିଏ ଲେଖାଏଁ ପୁସ୍ତକ ରଚନା କରୁଥିଲେ । ଏ ଅନୁଷ୍ଠାନ ମାଧ୍ୟମରେ ପୁସ୍ତକଟି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ହେବା ପରେ ସେ ଲୋକ ଲୋଚନକୁ ଆସିଥିଲେ । ତା'ପରେ ସେ ସାହିତ୍ୟ ସ୍ରଷ୍ଟା ମାନଙ୍କର ଏବଂ ସର୍ବ ସାଧାରଣର ଦୃଷ୍ଟିକୁ ଆସି ଚର୍ଚ୍ଚାକୁ ଆସିଥିଲେ । ୧୯୭୧ ମସିହାର କଥା, ସେ ମୟୂରଭଞ୍ଜ ଯୁବ ଲେଖକ ପରିଷଦର ସମ୍ପାଦକ ଭାବେ ନିଯୁକ୍ତ ହୋଇ 'ଯୁବଶ୍ରୀ' ନାମକ ଏକ ସାହିତ୍ୟ ପତ୍ରିକାର ସମ୍ପାଦନା କରିଥିଲେ । ଏହାଦ୍ୱାରା ସେ ସମସ୍ତଙ୍କର ସ୍ନେହ ଭାଜନ ହୋଇଥିଲେ । ଅଗ୍ରଣୀ ସାହିତ୍ୟିକ୍ୟର ଭୂମିକାରେ ଅବତରଣ କରି ସେ ମୟୂରଭଞ୍ଜରେ ସୃଷ୍ଟି କରି ଚାଲିଲେ ଯୁବ ଲେଖକ ଲେଖିକା ମାନଙ୍କୁ । ଏପରି ସାରସ୍ୱତର ଗଙ୍ଗା ବୁହାଇ ପାହାଡ଼ ଜଙ୍ଗଲ ଆବୃତ ମୟୂରଭଞ୍ଜରେ ସେ ସୃଷ୍ଟିକଲେ ଦିବ୍ୟ ପାରିଜାତ ପୁଷ୍ପର ବାସ୍ନା, ଯାହା ଏବେ ତାଙ୍କର ଆର୍ଶିବାଦ ନେଇ ଗଢ଼ିଉଠିଛି 'ବିବେକାନନ୍ଦ ବିହାର', ତାଙ୍କ ସୃଜୀରେ ସ୍ୱପ୍ନର 'ବାଣୀପୀଠ', ସ୍ରଷ୍ଟା ସିଏ, ଦାତା ସିଏ, ଉଦ୍ୟକ୍ତା ସେ, ଗୁରୁବି ସେ, ଅନନ୍ୟ ଗୁଣର ଅଧିକାରୀ ସେ, ମାନନୀୟ ଲକ୍ଷ୍ମୀଧର ସାର୍ । ପଣ୍ଡିତ ଲକ୍ଷ୍ମୀଧର ରାଉତ ଓଡ଼ିଶା ମାଟିର ସାହିତ୍ୟ ଓ ସାହିତ୍ୟିକ ମାନଙ୍କର ପ୍ରାଣ କେନ୍ଦ୍ର ବାଣୀପୀଠର "ସଭାପତି" ।

**The Pandita Laxmidhar Routa is a great son, great editor, great teacher, great fther|** ଯଦି ଜଣେ ସଫଳ ପୁରୁଷ ପଛରେ ଜଣେ ଦୁରଦର୍ଶୀ ବୁଦ୍ଧି ସମ୍ପର୍ଣ୍ଣା ନାରୀର ସହଯୋଗ ଥାଏ, ସେପରି ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କର ସଫଳତାର ସିଢ଼ି ସାଜିଥିଲେ ତାଙ୍କ ବିଦୁଷି ସହଧର୍ମିଣୀ ଶ୍ରୀମତୀ ନଶାମଣୀ ରାଉତ । ଯେତେ ପ୍ରଶଂସା କଲେବି ଊଣା ଊଣା ଲାଗେ । ତାଙ୍କର ସଂଗଠନ ମୂଳକ କାର୍ଯ୍ୟ ତାଙ୍କର ନଶାରେ ପରିଣତ ହୋଇଥିଲା । ନଜ ଜିଲ୍ଲା ପରେ ସେ ଗଢ଼ି ଚାଲିଲେ ସବୁ ଜିଲ୍ଲାରେ ଅନୁଷ୍ଠାନ ପରେ ଅନୁଷ୍ଠନ । ସାହିତ୍ୟର ବୀଜ ବୁଣି ବୁଣି ସେ ହୋଇଗଲେ ଜଣେ ବିଷିଷ୍ଟ ସାହିତ୍ୟିକ, ଭାଷାକାର, ଲେଖକ, କବି, ସର୍ବ ବିଦ୍ୟାର ଅଧିକାରୀ, ମାନନୀୟ ଲକ୍ଷ୍ମୀଧର ସାର୍ । ଗଢ଼ି ତୋଲିଥିଲେ ସ୍ୱପ୍ନର ପିରାମିଡ଼ ବାଣୀପୀଠ, ଯେଉଁଠି ବର୍ତ୍ତମାନ ସବୁ ବିଦ୍ୟାର ପାରଙ୍ଗମତା ହାସଲ କରି ନଜର ସୁନ୍ଦର ଭବିଷ୍ୟତକୁ ସାକାର କରିବାର କାରଖାନା କହିଲେ ଅତ୍ୟୁକ୍ତି ହେବନାହିଁ । ସେହି ବିବେକାନନ୍ଦ ବିହାରସ୍ଥିତ ବାଣୀପୀଠ ଅନ୍ଧକାରର ଅନ୍ଧାର ହଟାଇ ଜ୍ଞାନର ଆହରଣ ମାଧ୍ୟମରେ ଗଢ଼ି ଦେଉଛି ତାଙ୍କର ସୁନ୍ଦର ଭବିଷ୍ୟତ, ସେମାନେ ସଫଳ ବିଦ୍ୟାର୍ଥୀ ହୋଇ ମାଆ ବାପାଙ୍କର ନାମ ରୋଷନ୍ କରୁଛନ୍ତି ଏକ ସୁନ୍ଦର ଭବିଷ୍ୟତ ଗଢ଼ି ।

ପଣ୍ଡିତ ଲକ୍ଷ୍ମୀଧର ରାଉତ ତାଙ୍କ ଜୀବନ କାଳ ଭିତରେ ପ୍ରାପ୍ତ କରିଛନ୍ତି ଅନେକ ସମ୍ବର୍ଦ୍ଧନା, ମାନପତ୍ର, ସମ୍ମାନିତ ହୋଇଛନ୍ତି । ସାହିତ୍ୟ, ଲେଖକ, କବି, ଗୁରୁ ଓ ଅନୁଷ୍ଠାନର ଗଠନମୂଳକ ସେବା କାର୍ଯ୍ୟପାଇଁ - ଯଥା – **The Al India Juvenile Literary Conference** ରୁ **Certificate of Honour** ୧୯୮୬ ପ୍ରାପ୍ତ ଗୁରୁ ଓ ଗୁରୁଦିବସ ପୁସ୍ତକଟି ରଚନା କରି ଏବଂ ରାଗ୍ୟ ନେହେରୁ ପୁସ୍ତକକୁ ଭିତି କରି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଦ୍ୱାରା ସମ୍ମାନିତ ହୋଇ ରାଷ୍ଟ୍ରପତି ପୁରସ୍କାରର ସୌଭାଗ୍ୟ ଲାଭ କରିଥିଲେ । ଶ୍ରୀ ରାଉତ ବହୁମୁଖି ପ୍ରତିଭାର ଅଧିକାରୀ ଅଟନ୍ତି । ସେ ଜଣେ ପ୍ରାଦେଶିକ, ଜାତୀୟ, ଆର୍ନ୍ତଜାତୀୟସ୍ତରରେ ଖ୍ୟାତି ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ।

ସେ ସମ୍ପାଦିକତା ଓ ସମ୍ପାଦକ ଭାବରେ ବହୁ ଖ୍ୟାତି ଅର୍ଜନ କରିଅଛନ୍ତି । ସେ ଜଣେ ସଫଳ କବି, ଗାଳ୍ପିକ, ପ୍ରାବନ୍ଧିକ, ଔପନ୍ୟାସିକ, ନାଟ୍ୟକାର, ଶିଶୁସାହିତ୍ୟିକ ମଧ୍ୟ, ସେ ଜଣେ ସଫଳ ସାଙ୍ଗଠନକ ଭାବରେ ବହୁ କ୍ଷ୍ୟାତି ଅର୍ଜନ କରିଅଛନ୍ତି । ଆନ୍ତର୍ଯାତିକ ସ୍ତରରେ

"American Biogrphical Institutes" ତରଫରୁ ତାଙ୍କୁ "Man of the Year" ୧୯୯୮ ଏବଂ **Consulting Editor** ବୋଲି ମର୍ଯ୍ୟାଦା ସମ୍ପୂର୍ଣ୍ଣ ପଦବୀ ପ୍ରାପ୍ତୀର ସୁଯୋଗ ମିଳଥିଲା ।

ପ୍ରାଦେଶିକ ସ୍ତରରେ, ଭଗବାନ ସାହିତ୍ୟ ସଂସଦ, ଭୁବନେଶ୍ୱର ତରଫରୁ ପ୍ରଜ୍ଞାଶ୍ରୀ, ପାରଦ୍ୱୀପସ୍ଥିତ ମନସିନୀ ତରଫରୁ ଭଞ୍ଜଜ୍ୟୋତି, ମୟୁରଭଞ୍ଜ ଯୁବ ସାହିତ୍ୟ ପରିଷଦ ତରଫରୁ ବାଣୀପୁତ୍ର ଅଭିନବ ଅଧ୍ୟୟନ ଶ୍ରୀ ଭଗବାନ ସମ୍ମାନ ତରଫରୁ ଦିବ୍ୟ ସ୍ରଷ୍ଟା ପଦବୀ ପ୍ରାପ୍ତ । ଓଡ଼ିଶାର ବିଭିନ୍ନ ସାହିତ୍ୟାନୁଷ୍ଠାନ ତରଫରୁ ଯଥା:- ଜଗତ୍‌ସିଂପୁର, ରାଉରକେଲା, କନ୍ଧମାଳ, କେଉଁଝର, ନୟାଗଡ଼, ଦେବଗଡ଼, କୁଜଙ୍ଗ, ଢେଙ୍କାନାଳ, କଟକ, ଭୁବନେଶ୍ୱର ଆଦି ସ୍ଥାନମାନଙ୍କର ୭୧ ଖଣ୍ଡ ମାନପତ୍ର ଏବଂ ବହୁ ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ପଦକପ୍ରାପ୍ତ – ରାଜ୍ୟକଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ସ୍ୱର୍ଣ୍ଣ ପଦକ, ପୃଥ୍ୱିନାଥ ସ୍ମୃତି ପଦକ ରୌପ୍ୟ, ଜଳେଶ୍ୱରରୁ ପ୍ରାପ୍ତ ଉତ୍କଳ ସନ୍ତାନ ମର୍ଯ୍ୟାଦା ସମ୍ପର୍ଣ୍ଣ ପଦକ ପ୍ରାପ୍ତ, ପ୍ରକାଶନ -୯୦ରୁ ଉର୍ଦ୍ଧ ପୁସ୍ତକ ପ୍ରକାଶ ପାଇଅଛ. ଶିଶୁ ସାହିତ୍ୟ କ୍ଷେତ୍ରରେ ସବୁଠୁ ଅଧିକ ପୁସ୍ତକ । ଗବେଷଣା- ଅଠର ଦେଉଳ, ଟାଙ୍ଗରାଶୁଣି ପାହାଡ, ଶିମିଳପାଳ, ଯେମାମଣୀ ଖଇରୀ, ସମୀ ବୃକ୍ଷ, ପସାଗରତୀର୍ଥ, ଗର୍ଭନରୋଧ, ହରିହରପୀଠ ମାଣିକ୍ୟ ଉପରେ ସନ୍ଦର୍ଭଟି ଗବେଷଣା ଯୁକ୍ତ ପୁସ୍ତିକା ଅକାରରେ ପ୍ରକାଶିତ ।

ଜଣେ ସଫଳ ସମ୍ପାଦକ ହିସାବରେ ସେ ସମ୍ପାଦନ କରିଥିବା ପୁସ୍ତକ 'ଆମ ସୁନା ଗ୍ରନ୍ଥ', ପଲ୍ଲୀପ୍ରଭା, ବନସ୍ମୃତି, ସୁବର୍ଣ୍ଣା, ଯୁବଶ୍ରୀ, ଲହରୀ ଆଦି ନିୟମିତ ପ୍ରକାଶିତ, ପଣ୍ଡିତ ଲକ୍ଷ୍ମୀଧର ରାଉତ୍ ବହୁ ଶିକ୍ଷାନୁଷ୍ଠାନ, ପାଠାଗାର, ସାଂସ୍କୃତିକ ଅନୁଷ୍ଠାନର ସ୍ରଷ୍ଟା ମଧ୍ୟ । ସେ ପାଲା ଗାୟକ ମାନଙ୍କ ବିଷୟରେ ମଧ୍ୟ ବିଚାର କରିଥିଲେ । ସେଥିନିମନ୍ତେ ସେ ପାଲା ଗାୟକଙ୍କ ଉନ୍ନତି ନିମନ୍ତେ ଓଡ଼ିଶାରେ ସର୍ବପ୍ରଥମେ ପାଲା ସମ୍ମିଳନର ଆୟୋଜନ କରିଥିଲେ। ସେ ସାରସ୍ୱତ ପତାକାର ଉଦ୍ଭାବନ ମଧ୍ୟ । ସର୍ବପ୍ରଥମେ ସେ ଓଡ଼ିଶାରେ ସାରସ୍ୱତ ପତାକା ପ୍ରଚଳନ କରି ସର୍ବଜନ ମତରେ ପ୍ରଶଂସା ଲାଭ କରିଥିଲେ । ଓଡ଼ିଶାର ଭାଷା, ଓଡ଼ିଆ ଭାଷା ସାହିତ୍ୟର ଉନ୍ନତିର କାମନା କରି ସେ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ନିମନ୍ତେ ନେଇ ଉତ୍ସବ ଦିନଟିକୁ ସାହିତ୍ୟ ସଂସ୍କୃତି ଦିବସ ଭାବେ ପାଳନ କରାଯିବା ଦାବି ରଖି ନିଜେ ତାହା ପାଳନ କରିଥିଲେ । ସର୍ବ ପ୍ରଥମେ ଓଡ଼ିଶାରେ ପ୍ରତିଭା ପୂଜାର ପ୍ରଚଳନ କରିଥିଲେ । ଜ୍ଞାନ ଜ୍ୟୋତି ଓ ସାରସ୍ୱତ ପ୍ରଭାତ ଫେରିର ପ୍ରବର୍ତ୍ତକ ଥିଲେ । କର୍ମକର୍ତ୍ତା

ହିସାବରେ ସେ ବାଣୀପୀଠର ଅଧକ୍ଷ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଭାପତି, ବନମାଳୀ ସେନାପତି ସାହିତ୍ୟ ଏକାଡେମୀର ସଭାପତି, ଶ୍ରୀ ଅଭିରାମ ପରମହଂସ ସାହିତ୍ୟ ସଂସଦର ସଭାପତି ଏବଂ ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟ ଅନୁଷ୍ଠାନ ମାନଙ୍କର ସାହିତ୍ୟ ସଂସ୍କାରକ ଉପଦେଷ୍ଟା ଭାବେ ନିଯୁକ୍ତଥିଲେ । ସେ ଅନୁଷ୍ଠାନ ଗଢ଼ି ଗଢ଼ି ନିଜେ ଗୋଟିଏ ସଫଳ ଅନୁଷ୍ଠାନ ପାଲଟି ଯାଇଥିଲେ । ବୟସର ଅସ୍ତାଚଳଗାମୀ ହାତ ପାଦ ତାଙ୍କର କେବେବି ଥକ ପଡ଼ିନଥିଲା । ସବୁ ସମୟ ସେ କାଗଜ କଲମର ମୋହରେ ବୁଡ଼ି ରହୁଥିଲେ । ଚଳ ଚଳ ହାତ ତାଙ୍କ କାଗଜ ଉପରେ ଲେଖି ଚାଲୁଥିଲା ମନ ଗହନର ଗଦ୍ ଗଦ୍ ହୋଇ ମୁଖ ଦେଇ ନିସୃତ ହୋଇ ଝରି ଆସୁ ଥିବା ଶବ୍ଦ ବାକ୍ୟର ଗୁଚ୍ଛା ସେହି ସ୍ୱର୍ଣ୍ଣ କଢ଼ିକୁ । ଯାହା କାଗଜର ସଂସ୍ପର୍ଶରେ ଆସି ଫୁଟି ମହକୁଥିଲା ପାରିଜାତ ସୁଗନ୍ଧିତ ରଚନା ମାନ, କବିତା, ଗଳ୍ପ, ବିଶ୍ୱ ଶିଶୁ ସାହିତ୍ୟିକ ମଧ, ସେ ଅନୁଷ୍ଠାନ ଗଢ଼ି ତୋଳିବାର ଶ୍ରେଷ୍ଠତ୍ୱ ଅର୍ଜନ କରି ପାରିଛନ୍ତି ।

ଆଧାତ୍ମିକ କ୍ଷେତ୍ର ହେଉ ବା ପ୍ରବଚନ ଦେବାରେ ହେଉ ତାଙ୍କର ସ୍ଥାନ ଶ୍ରୋତା ଦର୍ଶକ ମାନଙ୍କର ମନ ଜିଣିପାରେ । ସେ ଜଣେ ସଫଳ ଗବେଷଣା ଧର୍ମୀ ସଂସ୍କୃତି ପ୍ରେମୀ ମଣିଷ ଅଟନ୍ତି । ୧୯୫୬ ମସିହାରେ ମାତ୍ର ୧୬ ବର୍ଷ ବୟସରେ ସେ କେନ୍ଦୁଡିହା ଠାରେ ଶରତ ଚନ୍ଦ୍ର ପାଠାଗାର, ଶିଶୁ ସ୍ରୋତା ସମିତି ସହିତ ଏକ ନିମ୍ନ ପ୍ରାଥମିକ ବିଦ୍ୟାଳୟର ସ୍ଥାପନା ମଧ୍ୟ କରିଥିଲେ । ଶଇତିପୁରୁ ମଧଇଂରାଜୀ ବିଦ୍ୟାଳୟ, ଆମ୍ବଡାଳ ଉ.ପ୍ରା ବିଦ୍ୟାଳୟ, କୁଳଅଣା, ବୈଦ୍ୟରାଜପୁରୁ, ଡୁକୁରା, ମଇ ବିଦ୍ୟାଳୟର ଉନ୍ନତି ସାଙ୍ଗକୁ ୧୯୬୦ରେ ସ୍ୱହସ୍ତ ଲିଖିତ ପତ୍ରିକାର ପ୍ରକାଶ କରିଥିଲେ । ପତ୍ରିକାର ନାମ "ତ୍ରିଶାଖା" ଥିଲା । ୧୯୬୯ ମସିହାରେ ଆର୍ଯ୍ୟ ସମାଜ ସହିତ ମିଶି ସମାଜରୁ କୁସଂସ୍କାର ଜନିତ ଏକ ମାରାତ୍ମକ ବ୍ୟାଧିରୁ ମୁକ୍ତ କରିବାର ପରି କଳ୍ପନା ନେଇ ନିଜ ଉଦ୍ୟମରେ ଗୋପବନ୍ଧୁ ନଗର ବ୍ଲକର ରାଣୀବନ୍ଧ ଠାରେ ରାଜ୍ୟସ୍ତରୀୟ ବେଦ ସେ୧ଳନର ଆୟୋଜନ କରିଥିଲେ । ୧୯୮୦ରେ ସେ ସମାଜ ପାଇଁ ଗୋଟିଏ ପରିର୍ବନ ଆଣିବାର ସଫଳତା ହାସଲ କରିଥିଲେ । ମାନନୀୟ ଲକ୍ଷ୍ମୀଧର ସାର୍ ଉକ୍ରଳ ବେଦ ପ୍ରତିରକ୍ଷା ସମିତିର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । ସେ 'ପୂର୍ଣ୍ଣଚନ୍ଦ୍ର' କଳାବିକାଶ ସଂସ୍ଥା, ଦୀନଦୁଃଖିନୀ ଅତିଥିଭବନ, ଦିନଦୁଃଖିନୀ ପାଠାଗାର, ବାଣୀପୀଠ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ, ଆମ ସୁନାଗାନ୍ଧ ଓଡ଼ିଆ ଲେଖକ ପରିଷଦ ଆଦି ଜରିଆରେ ସମାଜକୁ ଏକ ନବ

ଦିଗ୍‌ଦର୍ଶନ ଦେଇପାରିଛନ୍ତି । ପଣ୍ଡିତ ଲକ୍ଷ୍ମୀଧର ରାଉତ୍ ସାର୍‌ଙ୍କର ବହୁମୁଖି ପ୍ରତିଭାର ପଟ୍ଟାନ୍ତର ନାହିଁ । ଯେତେ ଲେଖିଲେବି ଊଣା ଊଣା ଲାଗୁଛି । ତାଙ୍କ ଗୁଣ ଗାରିମାର ଆକଳନର ଧୃଷ୍ଟତା ମୁଁ କରିବାକୁ ସକ୍ଷମ ହୋଇପାରୁନ । ମୁଁ ଜଣେ ବୁବୁକ୍ଷିତା, ବିଦ୍ୟାର୍ଜନର କ୍ଷୁଧା ମୋତେ ଖୁବ୍ ଦୁଃଖ ଦେଉଛି । ସାରଙ୍କ ବାବଦରେ ମୋ ତରଫରୁ ଭକ୍ତିପୁତ ନୈବେଦ୍ୟ ମୁଁ ତାଙ୍କ ଚରଣ ଯୁଗଳରେ ଅର୍ଘ ରୂପେ ଅର୍ପଣ କରୁଛି ଏହି ସାହିତ୍ୟର ପରିଭାଷା ଫୁଲ ପାଖୁଡ଼ା ମଧ୍ୟମରେ, ତୃଟିଥିଲେ କ୍ଷମାପ୍ରାର୍ଥୀ ହୁଁଛି ।

ମାନନୀୟ ପଣ୍ଡିତ ଲକ୍ଷ୍ମୀଧର ରାଉତ୍ ସାର୍ କଟକ ରେଡ଼ିଓ ସେରର ଶିଶୁସ୍ରୋତା ସମିତି, ମୀନା ମଣ୍ଡଳୀ କାର୍ଯ୍ୟକାରୀ କମିଟିର ସମ୍ପାଦକ ଭାବେ ଦାୟିତ୍ୱ ବହନ କରିଥିଲେ । ନବଯାଗରଣ, ଭସ୍ମାସୁର ବଧ, ବିଦେଶ ଯାତ୍ରା ଆଦି ନାଟକ ପୁସ୍ତକ ରଚନା କରିଥିଲେ । ଏଥିରୁ ଯେଉଁ ପଇସା ଆସୁଥିଲା ସେ ତାହାକୁ ପାଠାଗାରର ଉନ୍ନତି ସାଧନରେ ଖର୍ଚ୍ଚ କରୁଥିଲେ । ୧୯୬୬ରେ ସେ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ଠାରୁ ସାହିତ୍ୟିକ ହିସାବରେ ପ୍ରଶଂସା ପତ୍ର ପ୍ରାପ୍ତ କରିଥିଲେ । ତହସିଲଦାର୍ ବେତନଟି, ଶ୍ରୀଯୁକ୍ତ ଜେ.ଏନ୍ ନନ୍ଦଙ୍କଠାରୁ ମାନପତ୍ର ପ୍ରାପ୍ତ ତାପରେ ୧୯୬୭ ମସିହାରେ ଓଡ଼ିଆ ଯୁବ ଲେଖକ ସମ୍ମିଳନୀ ସଦସ୍ୟ ରୂପେ ମନୋନୀତ ହୋଇ ତହସିଲଦାର୍ ବେତନଟୀ, ଶ୍ରୀଯୁକ୍ତ ସି.ଆର୍ ସେନାପତିଙ୍କ ଠାରୁ ତା.୦୮.୦୮.୧୯୭୩ରେ ପ୍ରମାଣପତ୍ର ପ୍ରାପ୍ତ କରିଥିଲେ । ତା.୧୬.୦୧.୧୯୭୪ରେ ରମାକାନ୍ତ ଗୋଚ୍ଛାୟତ, ସିନୟର ଲେକ୍‌ଚରର୍‌ଙ୍କ ଠାରୁ ରାଉରକେଲାରେ ଏକ ସ୍ୱତନ୍ତ୍ର ସାହିତ୍ୟ ସମାରୋହରେ ସମ୍ମାନତ ହୋଇ ପ୍ରମାଣ ପତ୍ର ପ୍ରାପ୍ତ ହୋଇଥିଲେ । ୧୯୭୯ ମସିହାରେ 'ଯଦୁମଣି ସାହିତ୍ୟ ସଂସଦ' ତରଫରୁ ଉଦୟପୁରୁ, ନୁଆଗାଁ, ପୁରୀରୁ ମାନପତ୍ର ପ୍ରାପ୍ତ । ଉତ୍ତର ଓଡ଼ିଶା ସାହିତ୍ୟ ସଂସଦର ସକ୍ରିୟ ସଭ୍ୟ, ୧୯୮୬ ମସିହାରେ ବାଜି ରଉତ ମୁକ୍ତି ସଂଗ୍ରାମର ପଥ ପ୍ରଦର୍ଶକ ଭିନ୍ନ ଏକ ମଣିଷ, ସେ ଜୀବନ ସଂଗ୍ରାମର ଶେଷ ରକ୍ତ ବିନ୍ଦୁ ଦେଇ ଇଂରେଜ ଫୌଜିଙ୍କର ମୁକାବିଲା କରି ସହିଦ୍ ହୋଇଥିଲେ । ତାଙ୍କରି ସ୍ମୃତିକୁ ଛାତିରେ ଜାବୋଡ଼ି ଧରି ଗଢ଼ିଉଠିଥିବା ସାହିତ୍ୟ ପରିଷଦ, ମୁକ୍ତି ସଂଗ୍ରାମୀ ବାଜି ରାଉତ ସାହିତ୍ୟ ପରିଷଦ, ଓଡ଼ିଶା କଟକ ତରଫରୁ ମାନପତ୍ର ପ୍ରାପ୍ତ, କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କର ଆର୍ଶିବାଦ ପ୍ରାପ୍ତର ସୌଭାଗ୍ୟ ମିଳଥିଲା ମଧ୍ୟ । ୧୯୮୭ରେ ଚକ୍ରଧରପୁରଠାରେ ପ୍ରତିବର୍ଷ ଯଜ୍ଞାନୁଷ୍ଠାନର ପ୍ରଚଳନ ଓ ଧର୍ମ ସମ୍ମେଳନର ପ୍ରଚଳନ । ୧୯୯୨ ମସିହାରେ ପୂଜ୍ୟପୂଜା ସାହିତ୍ୟ ସଂସଦ । ଶୁଆକାଟି ଠାରେ ୩୧.୧୨ ତାରିଖରେ

ରାଜ୍ୟସ୍ତରୀୟ ମାନପତ୍ର ପ୍ରାପ୍ତ । ୧୯୯୪ରେ ଶ୍ରୀଯୁକ୍ତ ବୀରଭଦ୍ର ସିଂ (ମନ୍ତ୍ରୀ)ଙ୍କ ଦ୍ୱାରା ତାରିଣୀ ପୁରସ୍କାର ପ୍ରାପ୍ତ । ତା.୨୬.୦୧.୧୯୯୫ରେ କବି ସମ୍ବର୍ଦ୍ଧନା ଓ ବ୍ୟଙ୍ଗ କବି ସମ୍ମେଳନରେ ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ଆର୍. ଶ୍ରୀନିବାସଙ୍କ ଦ୍ୱାରା ମାନପତ୍ର ଓ ସମ୍ବର୍ଦ୍ଧନା ପ୍ରାପ୍ତି । ତେଣୁ ସେ ଜଣେ ସଫଳ ଜନ ସ୍ୱୀକୃତିର ଅନନ୍ୟ ପ୍ରତିଭା । ୧୯୯୬ରେ ସେବକ ସମିତି ବାରିପଦା ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସାହିତ୍ୟିକ ସମ୍ବର୍ଦ୍ଧନା ଉତ୍ସବରେ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଦ୍ୱାରା (ଶ୍ରୀଯୁକ୍ତ ସତ୍ୟେନ୍ଦ୍ର ନାରାୟଣ ତ୍ରୀପାଠୀ) ମାନପତ୍ର ପ୍ରାପ୍ତ । ତା.୨୬.୦୧.୧୯୯୬ରେ ତା.୨୯.୦୯.୧୯୯୬ରେ ଅନ୍ୱେଷା ସାହିତ୍ୟ ସଂସଦ, ଶେରଗଡ଼, ବାଲେଶ୍ୱର ତରଫରୁ ମାନପତ୍ର ପ୍ରାପ୍ତ । ଇଲେକ୍ଟ୍ରୋନିକସ୍ ମେଡ଼ିକାଲ୍ କଲେଜର ପ୍ରତିଷ୍ଠା ଓ ତହିଁର ପରିଚାଳନା ଦାୟିତ୍ୱ ନେବା । ଡୁଡୁୟାବାରୁଣୀ ଗବେଷଣା ପୁସ୍ତକର ପରିପ୍ରକାଶ, ଅଭିନବ ଅଧ୍ୟୟନ ଶ୍ରୀ ଭଗବାନ ସାହିତ୍ୟାନୁଷ୍ଠାନ ତରଫରୁ ଦିବ୍ୟଦ୍ରଷ୍ଟାଙ୍କ ଦ୍ୱାରା, ଦିବ୍ୟଦ୍ରଷ୍ଟା ପଦବୀ ପ୍ରାପ୍ତ । ତା.୦୯.୦୫.୧୯୯୭ରେ ପିଲାଙ୍କ ବହି କୁହୁକ ପେଡ଼ି ପ୍ରକାଶିତ ଓ ଅଭିନବ ଅଧ୍ୟୟନ (ଭୁବନେଶ୍ୱର) ଠାରେ ଶ୍ରୀ ଭଗବାନ ସମ୍ମାନ ପ୍ରାପ୍ତ । ଗାଁ ଭୂଇଁ ବିଶ୍ୱବନ୍ଧୁ ସେବା ମନ୍ଦିର ଶିରାକୁଲ ମୟୁରଭଞ୍ଜ ପକ୍ଷରୁ ଫୁଲମଣୀ ସାହିତ୍ୟ ସେବା ସମ୍ମାନ ପ୍ରାପ୍ତ, ବୀର ଫୁଲମଣୀ ସ୍ମୃତି ସଂସଦ ତରଫରୁ ଓଡ଼ିଶାଙ୍କ ଦ୍ୱାରା ମାନପତ୍ର ପ୍ରାପ୍ତ । ତା.୧୯.୧.୧୯୯୮ରେ ଓଡ଼ିଆ ଶିଶୁ ସାହିତ୍ୟ ଗବେଷଣା ପରିଷଦ ଓଡ଼ିଶାଙ୍କ ତରଫରୁ ଭଦ୍ରକରେ ସ୍ମୃତି ପତ୍ର ପ୍ରାପ୍ତ। ୧୯୯୯ରେ ଅନ୍ୱେଷା ସାହିତ୍ୟ ସଂସଦ ତରଫରୁ ଶେରଗଡ଼, ବାଲେଶ୍ୱରଙ୍କ ଦ୍ୱାରା ଗଙ୍ଗା ପାର୍ବତୀ ସମ୍ମାନ ପ୍ରାପ୍ତ । ଶୁଭ ଶଙ୍ଖ ସାହିତ୍ୟ ଅନୁଷ୍ଠାନ ଏସ୍ଏସ୍ ମିଡ଼ିଆ, ବାଘଡା ରୋଡ୍ ତରଫରୁ ମାନପତ୍ର ପ୍ରାପ୍ତ । ତା.୩୦.୦୧.୨୦୦୦ରେ ବଦଳପତା ଭଦ୍ରଲୋକ ମାସିକ ସମାଲୋଚନା ପତ୍ରିକା, ଝୁଲା ସାହି, କଟକଙ୍କ ଦ୍ୱାରା ଶ୍ରୀରାମଚନ୍ଦ୍ର ଭବନରେ ମାନପତ୍ର ପ୍ରାପ୍ତ । ନହାର କନ୍ୟା ସାହିତ୍ୟ ସଂସଦ, ନୂଆଗାଁ ସିଂଗାଖୁଣ୍ଟାରେ ତା.୦୬.୦୨.୨୦୦୦ରେ ସୋର ବାଲେଶ୍ୱରଙ୍କ ଦ୍ୱାରା ମାନ ପତ୍ର ଓ ସମ୍ବର୍ଦ୍ଧନା ଗ୍ରହଣ । ରୂପକମୁଦା ସାହିତ୍ୟ ସଂସଦ ଦ୍ୱାରା ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରାପ୍ତ । ନରହରିପୁରୁ ଶେରଗଡ଼, ବାଲେଶ୍ୱରଙ୍କ ଦ୍ୱାରା ଭତିଭା ସମ୍ମାନ ପତ୍ର ଓ ଅତବଡ଼ି ସମ୍ମାନ ପତ୍ର । ତା.୧୦.୧୧.୨୦୧ରେ ବରୁଣ ସଂ, ବାଲେଶ୍ୱରଙ୍କ ତରଫରୁ ପ୍ରଭା ସମ୍ମାନ ପତ୍ରର ପ୍ରାପ୍ତି । ୧୯.୧୨.୨୦୦୨ରେ ମନୋସ୍ୱିନୀ ପ୍ରତିଭା ସମ୍ମାନ ପ୍ରାପ୍ତ । ସୁର୍ଗଙ୍ଗା କଳା ବିକାଶ କେନ୍ଦ୍ର, ଦେଉଳଆ ମୟୁରଭଞ୍ଜଙ୍କ ଦ୍ୱାରା ଭଞ୍ଜ ଗୌରବ ଉପାଧି । ସ୍ୱର୍ଗତ ବୈକୁଣ୍ଠ ନାଥ ସ୍ମୃତି ସମ୍ମାନ ପ୍ରାପ୍ତ । ଯେ ବହୁମୁଖୀ ପ୍ରତିଭାର ଆଦୃତ, ଯେ ସକଳ ବିଦ୍ୟାର ପାରଙ୍ଗମ

ବିଦ୍ୟାସାଗର ତାଙ୍କୁ ମୋପରି ଗୋଟେ ପଥପ୍ରାନ୍ତର ଘାସ ଫୁଲ କେଉଁ ଅର୍ଘ୍ୟ ଦେଇ ଆରତୀ ସଜାଇବ । କେଉଁ ସୁଗନ୍ଧ ଦେଇ ପୂଜାର୍ଚ୍ଚନା କରିବ । ସେ ସ୍ୱୟଂ ରାମଚନ୍ଦ୍ରଙ୍କର ଆଉ ଏକ କଳାର ଅବତାର ଏ କଳଯୁଗରେ, ତେଣୁ ମୋ ଆଖିର ଦୁଇ ଟୋପା ସ୍ନେହାସ୍ର ରେ ପାଦ ଧୋଇ ଦେଇ, ମୋ ବାପାଙ୍କ ସ୍ଥାନରେ ତାଙ୍କୁ ରଖିବି ବୋଲି ଆଶା ବାନ୍ଧିଥିଲି । ଏକଥା କହିବାର ଅର୍ଥ, ମୋ ବାପା ବି ସେହି ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଓ ବେତନଟି ବ୍ଲକ ଦାୟିତ୍ୱରେ ଥିଲେ । ୧୯-୭୧,୭୨,୭୩, ୭୪ରେ ବେଲ୍ଣପୁର, ନାକାଗ୍ ଘାଟ ।

ନରହରି ପୁରୁ, ବଇଶିଂଗା, ମାଣିନ୍ଦ୍ରୀ, ଦାଢ଼ିଆ ବହୁତ ଛୋଟ ଥିଲି ମନେପଡୁନ, ତେଣୁ ସେ ଅଞ୍ଚଳ ପ୍ରତି ମୋର ବହୁତ ଆକର୍ଷଣ ଥିଲା । ଥରେ ଯାଇ ଦେଖିଆସିବାର ଇଚ୍ଛା ଜାଗ୍ରତ ହେଉଥିଲା ମୋ ମନରେ । ମୁଁ କଟ୍ ପରିସରରେ (ଭୁବନେଶ୍ୱରସ୍ଥିତ) କାଦମ୍ବିନୀ ମିଡ଼ିଆ ତରଫରୁ ୨୦୧୯ ଜାନୁଆରି ୬ ରେ ଯେଉଁ ଫଙ୍କସନ୍, ହେଉଥିଲା ସେଠାରେ ମୋର କୁମାର ବାବୁଲି ସାର୍‌ଙ୍କ ସହିତ ପରିଚୟ ହୋଇଥିଲା । ମୟୂରଭଞ୍ଜ 'ବାଣୀପୀଠ', ବ୍ୟାନର ଦେଖି, ମୁଁ ତାଙ୍କ ସହିତ ପରିଚ ହେଲି । ମୋତେ କହିବାକୁ ପଡ଼ିନଥିଲା । ସେ ମୋ ନାଁ ଶୁଣି କଛି ସମୟ ମୋତେ ଗ୍ରହିଁଲେ । ମୁଁ ଆପଣଙ୍କୁ ଚହ୍ନିବା ପରି ଲାଗୁଛି । ଆପଣ ନୟମିତ ଲେଖା ଲେଖି କରନ୍ତି । ମୁଁ ହସି ଦେଇ ସମ୍ମତି ପ୍ରକାଶ କରିଥିଲି । ସେ ଯେ ଲକ୍ଷ୍ମୀଧର ସାର୍ ପୁଅ ଏକଥା ମୋତେ ଜଣା ନଥିଲା । ତାଙ୍କ ହସଟି ମୋତେ ମୋ ଛୋଟ ଭାଇ ବାବୁଲିର ହସପରି ଲାଗିଲା (ବାବୁଲି - ସି.ଆର୍.ସି ଭଦ୍ରକ, ଶ୍ରୀମାନ ଦେବବ୍ରତ ଦାଶ, ତାଳପଦା) । ସେ ମୋତେ ବାଣୀପୀଠକୁ ନମବଣ କଲେ । ଫର୍ମଟିଏ ଦେଲେ । ତାଙ୍କ ବାଣୀପୀଠର ଆଜିବନ ସଭ୍ୟା ହେବାର ସୌଭାଗ୍ୟ ମଧ ଦେଇଥିଲେ ।

ମାର୍ଚ୍ଚ ୨୯-୩୦-୩୧ ତିନଦିନ ଧରି ବାଣୀପୀଠୀ ମହୋତ୍ସବ, ଶେଷଦିନଟି କବି ଲେଖକ ମାନଙ୍କ ପାଇଁ ଉଦିଷ୍ଟ କବିତା ମହାଯଜ୍ଞର ମହା ଆୟୋଜନ, ଯାହା କଛି ପ୍ରମାଣ ପନ୍ତ, ପନ୍ତ ପନ୍ତୀକାରେ ବାହାରିଥିବା ଲେଖାର ପ୍ରତିଲିପି ଏବଂ ପଲ୍ଲୀପ୍ରଭା ଓ ସୁନାଗ୍ରନ୍ଦ ମାସିକ ପନ୍ତୀକା ପାଇଁ ଗୋଟିଏ କରି ଲେଖା ସହିତ ସଭ୍ୟ ଗ୍ରନ୍ଦା ଟ.୧୫୦୦.୦୦ଙ୍କା ମୁଁ ପାଠଇଥିଲି । ଏବଂ ମୟୁରଭଞ୍ଜ ଗଲି । ମୋର ଖଡ଼ିଛୁଆଁ ହୋଇ ପାଠ୍ୟ ଆରମ୍ଭର ସେହି ବିଦ୍ୟାଳୟକୁ ଦେଖିବାକୁ ମନ ବ୍ୟାକୁଳ ହେଉଥାଏ । କାରଣ ସେ ପର୍ ମୋ ପିଲ୍‌ଦିନ । ସ୍ମୃତି ଟି ଯେ ଅଭୁଲା । ବଇଶିଂଗା ଜଙ୍ଗଲଟା ଆଉ ସେପରି ନାହିଁ । ଫାଙ୍କା ମେଲା ଦେଖାଯାଉଛି । ମୁଁ

ଗୃହିଁଥାଏ । ବସ୍ ବାଲ୍ ହେଲପର ଡ଼ାକଲ୍ ବେଲ୍‌ଣ ପୁରୁ କଏ ଅଛି । ମୋ ଦେହରେ ସିହରଣ ଖେଳ ଗଲ୍, ମନେ ପଡ଼ିଗଲ୍ ମୋ ମାଆର ହାତ ଧରି ସ୍କୁଲ ଯିବା, ପ୍ରାୟତଃ ବାଘ ଭାଲୁଙ୍କର ଭୟ ବେସି । ସ୍କୁଲଟି ମୋ ନଜରକୁ ଆସିଲ୍ କଛିବି ସେମିତି ପରିବର୍ତ୍ତନ ହୋଇନାହିଁ । କନ୍ତୁ ସ୍କୁଲ ଘରଟି ସମ୍ପୂର୍ଣ୍ଣ କଳା ଦିଶୁଛି । ଦିଆଲ ଉପରେ ଛପର ନାହିଁ । ଅନୁମାନ କରି ନେଲି ସ୍କୁଲ ଘରଟି ବୋଧେ ପୋଡ଼ିଯାଇଛି । ଡର ଲ୍‌ଗଥାଏ ଏକୁଟିଆ ଆସିଛି ବୋଲି, ଆଜି କାଲି ଯାହା ସବୁ ଘଟୁଛି ବୋଲି । ତଥାପି ମନରେ ସାହସ ବାନ୍ଧି ବାବୁଲି ସାର୍‌ଙ୍କ ଉପରେ ଭରଷା କରି ଯାଇ ବଡ଼ ସାହି ବ୍ଲକ୍ ପାଖରେ ଓହ୍ଲାଇଲି । ବସ୍‌ରୁ ସ୍ୱାମୀ ସ୍ତ୍ରୀ ଦୁଇଜଣ ଓହ୍ଲାଇଲେ । ସ୍ୱାମୀ ଜଣକ କହିଲେ ଆପଣ ପଗ୍ ବାଣୀପୀଠ ଯିବେ, ଗ୍ଲଲନ୍ତୁ ଅଟୋ କରି ଗ୍ଲଲିଯିବା, ମୁଁ କହିଲି ଆପଣ କେମିତି ଜାଣିଲେ? ଏବଂ ମନା କରିଦେଲି ତାଙ୍କୁ ସନ୍ଦେହ କରି । ତା'ପରେ କୁମାର ବାବୁଲି ଗାଡ଼ି ଧରି ଆସି ମୋତେ ନେଇଯାଇଥିଲେ । ୨ଟା ପାଖା ପାଖି ମଞ୍ଚରେ ବକ୍ତା, ପ୍ରବକ୍ତା, ଉଦ୍ୟକ୍ତା ନିମନ୍ତ୍ରୀତ ଅତିଥି ସମସ୍ତେ ଥାଆନ୍ତି । ମୁଁ ମଞ୍ଚକୁ ଗୃହିଁ ହାତ ଯୋଡ଼ି ପ୍ରଣାମ କଲି । ମାତ୍ର ଜଣେ ବୟସ୍କ ଭଦ୍ରବ୍ୟକ୍ତିଙ୍କର ହାତ ଉପରକୁ ଉଠିଯାଇଥିଲ୍ । ଏବଂ ମୋ ମଥାରେ ଆଶିଷ ବର୍ଷା କଲ୍‌ପରି ଲ୍‌ଗିଲ୍ । ମନେ ପଡ଼ିଗଲ୍ ମୋ ବାପାଙ୍କ କଥା, ବାପା ମୋର ବାର୍ଦ୍ଧକ୍ୟର ଜ୍ୱାଳାରେ ପିଡ଼ିତ। ତା ନହେଲେ ସେ ନିଶ୍ଚୟ ମୋ କଥା ଶୁଣି ଆସିଥାଆନ୍ତେ । ମୟୂରଭଞ୍ଜର ମୋହରେ ସେ ସଦା ସର୍ବଦା ପାଇଁ ବାନ୍ଧି ହୋଇ ଯାଇଥିଲେ । ମଝିରେ ମଝିରେ ମୟୂରଭଞ୍ଜ ଯାଇ ସେ ମାଣିତ୍ରୀ ହରିହରପୀଠର ମହାପ୍ରଭୁଙ୍କ ଦର୍ଶନ କରୁଥିଲେ ଏବଂ ପରିଚତ ଲୋକଙ୍କୁ ଭେଟି ତାଙ୍କର ଆର୍ତିଥ୍ୟ ଗ୍ରହଣ କରୁଥିଲେ । ମୋ ପାଖରେ ମୋ ଲଗେଜ୍ ବ୍ୟାଗ୍‌ଟି ଥିଲ୍ । ତାଙ୍କୁ ତଳେ ରଖି ମୁଁ ବସିଗଲି ଚେୟାର ଉପରେ । କୁମାର ବାବୁଲି ସାର୍ ହଠାତ୍ ମଞ୍ଚରୁ ଉଠିଆସି ମୋ ପାଖରେ ପହଞ୍ଚିଥିଲେ ଏବଂ ମୋତେ ନେଇ ରହିବା ଖାଇବାର ବନ୍ଦୋବସ୍ତ ଦାୟିତ୍ୱ ଦୁଇଜଣ ଶିକ୍ଷୟିତ୍ରୀଙ୍କୁ ଦେଇ ବିଶ୍ରାମପରେ ମ ପାଖ ସଭାସ୍ଥଳୀକୁ ଆସିବାକୁ କହିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାର୍ଥୀ ଓ କର୍ମକର୍ତ୍ତା ସମସ୍ତେ ବହୁତ ଅର୍ତିଥି ପରାୟଣ, ସେ ସେବାରେ ଏମିତି କଛି ତୃଟି ରଖିଲେବି ଯାହାପାଇଁ ଗୋଟେ କନ୍ତୁ ରହିଯିବ ମନରେ । ବହୁତ ଭଲ ଲ୍‌ଗିଥିଲ୍ ସମସ୍ତଙ୍କ ଆଗ୍ରହ ବ୍ୟବହାର । ୪ଟାରେ ମୁଁ ମଞ୍ଚ ପାଖକୁ ଗଲି ।

ସାମ୍ନା ଚୌକରେ ବସିଥିଲି । ମଞ୍ଚ ପାଖାପାଖି ମିଡ଼ିଆ ଭାଇମାନେ ବସିଥିଲେ । କେତେ ଖଣ୍ଡ ଚୌକ ବି ଖାଲି ପଡ଼ିଥିଲ୍ । କଛି ସମୟ ପରେ ସାଂସ୍କୃତିକ ପ୍ରୋଗ୍ରାମକୁ ମଞ୍ଚରେ ପରିବେଷଣ ନିମି ଜଣାଇଁ ଦିଆଗଲ୍ । ପିଲ୍‌ମାନେ ନାଚ ଗୀତରେ ମଞ୍ଚ ଦୁଲୁକାଇ ଦେଲେ।

ଜଣେ ଝିଅ ଓଡ଼ିଶୀ ନାଚଲେ । ହଠାତ୍ ଜଣେ ବୟସ୍କବୃଦ୍ଧ ବ୍ୟକ୍ତି ମଞ୍ଚ ସାମ୍ନା ସେ ଚୌକିରେ ବସିଲେ ଏବଂ ମତେ ତାଙ୍କ ପାଖ ଚେୟାର ରେ ବସିବାକୁ ହାତଠାରି ଡ଼ାକଲେ । ମୁଁ କଥା ମାନ ଯାଇ ତାଙ୍କ ପାଖ ଚୌକିରେ ବସିଲି । ସେ ମତେ ଗୁହିଁ ମୋତେ ପ୍ରଶ୍ନକଲେ ଯାଜପୁରରୁ ଏକା ଆସିଲ**?** ଭଲକଥା**,** ଆମ ଉତ୍ସବରେ ଯୋଗ ଦେଇଥିବାରୁ ଅଶେଷ ଧନ୍ୟବାଦ୍ ।

ମୁଁ ତାଙ୍କ କଥା ଶୁଣୁଥାଏ**,** ମଞ୍ଚକୁ ଗୁହିଁଥାଏ । ନାଚ ଦେଖୁଥାଏ**,** ଭଦ୍ରବ୍ୟକ୍ତି ଜଣକ ମୋତେ କହିଲେ**,** ମଞ୍ଚରେ ଯେଉଁ ଝିଅଟି ନାଚୁଛି ସେ ସ୍କୁଲର ପ୍ରଧାନ ଗୁରୁମାଙ୍କ ଝିଅ**,** ମୋ ନାତୁଣୀ**,** ମୁଁ ଚୁପ ଥାଏ । ସେ କହିଲେ ମାଆ ତମେ ଏ ପରିଣତ ବୟସରେ ବି ସାହିତ୍ୟ ପରି ଏକ ପାଗଳାମିକୁ ଆପଣେଇ ନେଇ ଧାଇଁ ଗ୍ଲୁଲିଛ । ଏଥିରୁ ତମେ କ'ଣ ପାଉଛ**?** ପ୍ରଶ୍ନ ସିନା ଛୋଟ କିନ୍ତୁ ଉତ୍ତର ବହୁତ ଲମ୍ବା ହେବ**,** ମୁଁ ସଂକ୍ଷିପ୍ତରେ ଏତିକି କହିଲି**,** ଯେ ମୁଁ ଏହା ଭିତରେ ନିଜକୁ ଖୋଜୁଛି । ମୋର ଏଦୁନିଆରେ ଅନ୍ୟ ପରିଚୟରେ ବଞ୍ଚିବା ସାରହେବ । ମୁଁ କ'ଣ ନିଜେ ଗୋଟେ ପରିଚୟ ଶୃଷ୍ଟି କରି ପାରିବି ନାହିଁ । ମୁଁ କଏ**?** ସେ ହସିଲେ**,** କହିଲେ ହିଁ ପ୍ରକୃତ ସାହିତ୍ୟକୁ ତୁମେ ତର୍ଜମା କରିଛ ।

ମୋଠାରୁ ବହୁତ କଥା ପଗ୍ଲରି ବୁଝିଲେ । ମୁଁ କିନ୍ତୁ ଜାଣିନଥିଲି ସେ ସ୍ୱୟଂ ଏ ବିଦ୍ୟା ନିକେତନ**,** ସାହିତ୍ୟ ରଣିକ । ସମାଜ ସୁଧାରକ**,** ଲେଖକ**,** କବି**,** ଶ୍ରଷ୍ଠା**,** ବକ୍ତା**,** ଶ୍ରୋତା ସର୍ବଗୁଣ ଗାରିମାରେ ଶ୍ରେଷ୍ଠତ୍ୱ ପ୍ରାପ୍ତ କରିଥିବା ମାନନୀୟ ଲକ୍ଷୀଧର ରାଉତ ସାର୍ ବୋଲି । ହଠାତ୍ ସେ ଉଠି ଗ୍ଲୁଲିଗଲେ ଏବଂ ଆଉ ଆସିଲେ ନାହିଁ । ଶୁଣିବାକୁ ମିଳିଲା ଲକ୍ଷ୍ମୀଧର ସାରଙ୍କର ଦେହ ଭଲ ନାହିଁ । ମୁଁ ଜଣକୁ ପଗ୍ଲରିଲି ସେ କହିଲା ତାଙ୍କ ଘର ହଳଦୀପଦା**,** ସବୁ କିଛି ପ୍ରୋଗ୍ରାମ ଠିକ୍ ଠାକ୍ ଗ୍ଲୁଲିଥିଲା । ସମସ୍ତ କର୍ମକର୍ତ୍ତାମାନଙ୍କୁ କିଛି ସମୟ ପାଇଁ ସଭା ଗୃହକୁ ବିଶେଷ ଆଲୋଚନା ପାଇଁ ଡକା ହେଲା । ମୁଁ କ୍ଳାନ୍ତ ଥିଲି**,** ଖାଇବା ପାଇଁ ଡକା ହେଲା । ମୁଁ ଖାଇ ସାରି ଶୋଇ ପଡ଼ିଲି । କାରଣ ବହୁପଥ ଗାଡ଼ି ବ୍ୟଥା ମୋତେ କଷ୍ଟ ଦେଉଥାଏ । ଭୁଲ୍ ବସତଃ ତରବରରେ ମୁଁ କବିତାଟି ଛାଡ଼ି ଦେଇ ଯାଇଥାଏ । ଭୋରୁ ଆରମ୍ଭ କବିତା ମହାଯଜ୍ଞ**,** ଓଡ଼ିଶାରୁ ସବୁ ପ୍ରାନ୍ତରରୁ କବିମାନଙ୍କର ସେଠାରେ ମିଳନ**,** ମହାମିଳନ**,** ଅନେକ ବନ୍ଧୁତ୍ୱର ସାନିଧ**,** ଖୁବ୍ ଆପଣାର ଲାଗିଲା ମୋତେ । ସ୍ମୃତି ତ ଅନେକ**,** ମୁଁ ଶୋଇ ପଡ଼ିଲି । ସକାଳର ଦ୍ୱିତୀୟ ଆହୁତି ପାଇଁ କବିତା ଟିଏ ଲେଖିଲି । ବିଶ୍ୱାସ ମୋ ପାଇଁ ଭଗବାନ**,** ଆହୁତିରେ ସମର୍ପଣ କଲି**,** ମରେ ଛିଡ଼ା ହୋଇ ଯେଉଁ

ମହୋଦୟ ଜଜ୍ କରୁଥିଲେ, ସେ ମୋତେ ଗୁହିଁ ଦୁଇହାତ ଯୋଡ଼ିଥିଲେ । ଏମିତି ଭାବରେ ସରିଲା କବିତା ମହାଯଜ୍ଞ । ତା'ପରେ ମାନପତ୍ର ଓ ସମ୍ବର୍ଦ୍ଧନା ପର୍ବ । ପ୍ରଥମେ ହୋସେନ୍ ରବିଗାନ୍ଧୀଙ୍କୁ "ବାଣୀପିଠ" ସମ୍ମାନ ମିଳିଲା । ମାନପତ୍ର ଟ୍ରଫି ସହିତ ଏକଲକ୍ଷ ଟଙ୍କାର ପଲିସି ବଣ୍ଡ । ମୋତେ "ଅହଲ୍ୟା ସ୍ମୃତି ସମ୍ମାନ" ମାନପତ୍ର ଟ୍ରଫି ମଧ୍ୟ ମିଳିଥିଲା । କବିତା ପାଠ ପାଇଁ ସାର୍ଟିଫିକେଟ । ମୁଁ ରୁମ୍‌ରେ ରେଷ୍ଟ ନବାକୁ ଆସି ଶୋଇ ପଡ଼ିଲି । ତା' ପରଦିନ ଘରକୁ ଫେରିବାର ଥିଲା, ତେଣୁ ବାବୁଲି ସାର୍‌ଙ୍କ ରୁମ୍‌କୁ ଗଲି । ସେଠି ତାଙ୍କ ପତ୍ନୀ ସୂର୍ଯ୍ୟକାନ୍ତି ମାଡାମ ଓ ତାଙ୍କ ପରିବାର ସହିତ ପରିଚତ ହେଲି । ସେଇଠି ଜାଣିଲି ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କର ସୁପୁତ୍ର କୁମାର ବାବୁଲି ବୋଲି । ଯେଉଁ ବ୍ୟକ୍ତିଙ୍କର କଛି ସମୟର ବହୁମୂଲ୍ୟ ସମୟ ଦେଇ ମୋ ସହିତ ଆଳାପ କରିଥିଲେ ସେହି ସ୍ୱୟଂ 'ବାଣୀପୀଠ'ର ସଭାପତି ପଣ୍ଡିତ ଲକ୍ଷ୍ମୀଧର ରାଉତ ମହୋଦୟ । ତାଙ୍କ ପରିବାରରୁ ପାଇଥିବା ସ୍ନେହ ମୁଁ ଭୁଲିପାରୁନ । ନଜେ ସୂର୍ଯ୍ୟକାନ୍ତି ମାଡାମ ତାଙ୍କ ହାତରେ ସନ୍ତୁଳା କରି ମୋତେ କେତେ ସ୍ନେହରେ ଖାଦ୍ୟ ପରଶିଥିଲେ, ଏବଂ କହିଥିଲେ ଏ ଜଂଜାଳ ଭିତରେ ଆମେ ପରସ୍ପରକୁ ପରିଚ ହୋଇ ପାରିନେ, ରହି ଯାଆନ୍ତୁ, ଏଠାରେ କଛିଦିନ, ଆମେ ମାନେ ବହୁତ ଖୁସି ହେବୁ । ମୁଁ କାମ ଥିବାରୁ ଗ୍ଲିଲି ଆସିଥିଲି ।

ପଣ୍ଡିତ ଲକ୍ଷ୍ମୀଧର ରାଉତ୍ କେବଳ କେତେ ଗୋଟି ସାହିତ୍ୟ ସଂସଦର ସଭାପତି ନଥିଲେ, ମୋ ଲେଖନୀରେ ସେ ସାହିତ୍ୟ ସୃଜନୀର ଏକ ପବିତ୍ର ଅମୃତ ଧାରା, ସେ ନଜେ ଜଣେ ଲେଖକ ନୁହଁନ୍ତି, ସେ ସ୍ୱୟଂ ଜଣେ ଅଗଣିତ ପୁସ୍ତକର ଶବ୍ଦ, ବାକ୍ୟ ଅଭୁଲ୍ ଅକ୍ଷରର ସମାବେସ, ସେ କେବଳ ପଣ୍ଡିତ ନୁହଁନ୍ତି । ସକଳ ପାଣ୍ଡିତ୍ୟର ଗନ୍ତାଘର । ସେ କେବଳ ଜଣେ ନାଟ୍ୟକାର, ଭାଷାକାର, ପ୍ରବନ୍ଧକ, ସମ୍ବାଦିକ, ସମ୍ପାଦକ, ସମାଜ ସୁଧାରକ ନୁହଁନ୍ତି। ସେ ଅଗମ୍ୟ ପଥର ପଥ ପ୍ରଦର୍ଶକ, ଅମା ଘୋର୍ ଅନ୍ଧକାର ମଧ୍ୟରୁ ଉଦିତ୍ ସୂର୍ଯ୍ୟର ସମ୍ଭାର ଆଣି ଆମକୁ ନୂତନ ଦିଗ୍‌ଦର୍ଶନ ଦେଇ ତାଙ୍କ କଲମର ଏହି ପଦ ପଦବୀର ସମ୍ଭାର ମଧ୍ୟକୁ ଟାଣି ନେଇ ସାରା ବିଶ୍ୱରେ ପରିଚ କରାଇବାର ସ୍ୱପ୍ନ ଓ ପରିକଳ୍ପନାର ଗୁନ୍ଥା ମାଳଟିଏ । ସେ ଜଣେ ସଦ୍‌ଗୁରୁ । ତାଙ୍କର ବିଗ୍ଭରଧାରା ନକଟରେ ସମଗ୍ର ସାହିତ୍ୟ ଜଗତର ମଥାନତ। ତାଙ୍କ ଦ୍ୱାରା ସୃଷ୍ଟ ପୁସ୍ତକ ମାନଙ୍କର ଗଣନା କରିବାକୁ ମୁଁ କଏ? ସେତ ନଜେ ଜଣେ ବିଶ୍ୱର ଗ୍ରୀନ୍ ବୁକ୍‌ସ, ଏଭଳ ସର୍ବଗୁଣ କେବଳ ଇଶ୍ୱରଙ୍କ ଠାରେ ହିଁ ମିଳପାରେ । ସେ କନ୍ତୁ ଐଶୋରୀକ ଗୁଣଧାରୀ ଦ୍ୱିତୀୟ ଇଶ୍ୱର । ସେ ସ୍ୱୟଂ ଏକ ବିଶ୍ୱ ପାଠାଗାର, ମୁଁ

ଆଉଥରେ ଯାଇ ଭେଟିବାର ଇଚ୍ଛା ଥିଲେ ମଧ୍ୟ ମୁଁ ତାଙ୍କୁ ଭେଟି ପାରିନାହିଁ । ସେ ରୋଗଶର୍ଯ୍ୟାରେ ଶୁଣି ମନ ମୋର ଭାରି ଖରାପ ହୋଇଥିଲା । ଏବେ ଭଲ ହୋଇ ଗଲେଣି ବୋଲି କୁମାର ବାବୁଲି ସାର୍ ମୋତେ ଫୋନ୍‌ରେ କହିଲେ, ଶୁଣି ବହୁତ ଖୁସି ଲାଗିଲା । ଈଶ୍ୱରଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛି କି ଆମ ଆୟୁଷ କମାଇ ତାଙ୍କର ଆୟୁଷ ଶତଗୁଣ କରିଦିଅନ୍ତୁ । ସେ ତାଙ୍କର ସୁନ୍ଦର ନୀତି ଆଦର୍ଶରେ ସୃଷ୍ଟି କରିଥିବା ସୃଷ୍ଟମାନଙ୍କ ସହିତ ଆଉ କିଛି ଅମୃତମୟ ମୂହୂର୍ତ୍ତ ବିତାନ୍ତୁ । ପଣ୍ଡିତ ଲକ୍ଷ୍ମୀଧର ରାଉତ୍ ମହୋଦୟ ଆପଣଙ୍କ ଗୁଣ ଗାରିମାର ତୁଳନା ଏ ପୃଥିବୀରେ ବି କାହା ସହିତ କରିହେବ ନାହିଁ । ମୋର ଆପଣଙ୍କ ପରି ସଦଗୁରୁଙ୍କ ଶ୍ରୀଚରଣରେ କୋଟି ପ୍ରଣାମ, ଝିଅ କରଣ ।

ବ୍ରାହ୍ମଣୀଗାଁ - ଅରେଇ – ଯାଜପୁର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ **vedantimagazine@gmail.com** ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ହେ ବଡ ଦିନ

ସରସ୍ୱତୀ ପଣ୍ଡା

ହେ, ବଡ଼ଦିନ
ଯୀଶୁଙ୍କ ପାଇଁ ତୁମେ
ହେଲ ତ ମହାନ,
ହେ ଡିସେମ୍ବର ପଚଶ
ଜୀବନ ର ସବୁ ଖୁସି
ଓ ପାଇଛ ଆଶିଷ ।
ହେ ପୂଜ୍ୟ ପିତା ମାତା
ଜୋସେଫ ଓ ମେରୀ
ଭଗବାନ ଯୀଶୁ ଥିଲେ
ସନ୍ତାନ ତୁମରି!!
ମା 'ମେରୀ ତୁମ କୋଳ
ଧନ୍ୟ ହୋଇଗଲା
ଯୀଶୁ ପରି ପୁତ୍ର ତୁମ
କୋଳ ରେ ଖେଳଲା!!
ନାରୀ ଜନମ ତୁମ
ହୋଇଲା ସାର୍ଥକ
ଆଉ କବା ଜୀବନ ରେ
ତୁମ ର ଯେ ଶୋକ?
ଧନ୍ୟ ହୋଇଲା ବେଥଲହାମର
ମାଟି, ସେଇ ମେଣ୍ଢାଶାଳ
ଅକ୍ଷୟ, ଅମର ହୋଇ ସେ

ରହିଲା କାଳ କାଳ ।।
ଯୀଶୁ ତ ଶିଖାଇ ଗଲେ
ମାନବ ର ଗୁଣ
ଦେଇଗଲେ ସମାଜକୁ ଶାନ୍ତି ର ବାର୍ତ୍ତା
ସ୍ୱଇଚ୍ଛାରେ ମରଣ କୁ କରିଲେ ବରଣ
କରୁଥିଲେ ଦିନ ରାତି ଜଗତ କଲ୍ୟାଣ ।।
ତାଙ୍କ ସ୍ପର୍ଷେ ରୁଗ୍ଣ ବ୍ୟକ୍ତି
ସୁସ୍ଥ ହେଉଥିଲା
ଅନ୍ଧର ଦୃଷ୍ଟିଶକ୍ତି ଫେରି ଆସୁଥିଲା
ଈଶ୍ୱରଙ୍କ ପୁତ୍ର ବୋଲି
ବିଶ୍ୱାସ ଯେ ଅଛି
ଆଜି ଯାଏ ତାଙ୍କ ଗୁଣ ଚର୍ଚ୍ଚା ଯେ ହେଉଛି ।।
ଏଇ ସେ ପୂଣ୍ୟ ଭାରତ ଆଜି
କଳୁଷିତ
ମାନବିକତା ଯେଉଁଠି ହେଉଛି
ବିଲୁପ୍ତ!!
ଘାରିଆଡେ ହିଂସା, ଦ୍ୱେଷ, ଅନୀତି ଅଧର୍ମ
ଭୟ ଓ ସନ୍ତାପେ ଲୋକେ
କାଟନ୍ତି ଜୀବନ!
ନାହିଁ ଆଜି ଯୀଶୁ କବା ନାହିଁ ଗାନ୍ଧୀନୀତି,
କଏ ଦେବ ପରାମର୍ଶ
ତେଜିବ ଏ ଜାତି?
ପାପ ର କାଳମା ହଟି
ପୂଣ୍ୟ ଆଲୋକ ଖେଳବ
ଯୀଶୁ ଓ ଗାନ୍ଧୀ ଙ୍କ
ସ୍ୱପ୍ନ ସଫଳ ହୋଇବ ।।

ମଙ୍ଗଳପୁର,ଯାଜପୁର

# ନୂତନ ବର୍ଷର ଅଭିନନ୍ଦନ

କାଜଲ କାଦମ୍ବିନୀ ଖୁଣ୍ଟିଆ

ନୂଆ ବରଷର ନୂଆ ସକାଳର
ନୂଆ ସମୟ ଆସିଛି,
ନୂତନ ବର୍ଷର ହୃଦୟରୁ ମୁହିଁ
ଅଭିନନ୍ଦନ ଦେଉଛି...
ସୁଖର ପସରା ମେଲି ଯାଉ ତୁମ
ଖୁସିରେ ବିଭୋର ହୁଅ,
ଦୁଃଖ କଷ୍ଟ କେବେ ପାଖ ନ ଛୁଇଁବ
ମନରେ ନ ଆସୁ ଭୟ...
ସୁନେଲି କରଣ ଚକମିକ କରୁ
ହୃଦୟ ଅଗଣା ଏଇ,
ଜ୍ୟୋତ୍ସ୍ନାରେ ଭିଜୁ ଏ ଜୀବନ ମାନସ
ସପ୍ତ ରଙ୍ଗ ଯାଉ ଛୁଇଁ...
ରାଗ ଅଭିମାନ ମନୁ ଯାଅ ଭୁଲି
ଭରି ଦିଅ ସ୍ନେହ ପ୍ରେମ,
ଗୁରୁଜନ ସାଥୀ ପରିଜନ ଘେନ
ଶୁଭେଚ୍ଛା ସହ ପ୍ରଣାମ
ନୂତନ ବର୍ଷର ଅଭିନନ୍ଦନ

କରମକୂଳ, କେନ୍ଦ୍ରାପଡ଼ା

# ବଡ ଦିନ

କୁମୁଦିନୀ ବେହେରା

ଗାବ୍ରୀଏଲ୍ ଦୂତ କହି ଯାଇଥିଲେ
ଯୀଶୁଙ୍କ ଜନ୍ମ ବାରତା
ମହାଜ୍ୟୋତି ନେଇ ଜନମିବେ ଖ୍ରୀଷ୍ଟ
ଏ କଥା ନୁହେ ଅନ୍ୟଥା ।୧।

ଯୀଶୁ ଖ୍ରୀଷ୍ଟଙ୍କର ଜନମ ବାରତା
ଶୁଣି ସୃଷ୍ଟି ଆନନ୍ଦିତ
ଦୂତଙ୍କ ନର୍ଦ୍ଦେଶେ ପୁରୁବ ଦେଶରୁ
ଆସିଲେ ତିନ ପଣ୍ଡିତ ।୨।

ଅନ୍ଧାର ରଜନୀ ଭିତରେ ତାରକା
ଦେଖାଇ ଚ୍ଚଲିଲା ପଥ
ସୁବର୍ଣ୍ଣ କୁନ୍ଦୁରୁ, ଗନ୍ଧ ରସ, ଗୁରୁ
ଧରି ହେଲେ ଉପନୀତ ।୩।

ସୁଠାମ ସୁନ୍ଦର ଜନ ମନୋହର
ଜ୍ୟୋତିର୍ମୟ ଶୁଭ୍ର ତାରା
ସତ୍ୟ ସେତୁ ନଷ୍ଠା ନୈବେଦ୍ୟକୁ ଧରି
ଉଦିଛନ୍ତି ତମ ହରା ।୪।

ଧର୍ମଭୂନୁ ଆସି ଜ୍ୟୋତି ପ୍ରକାଶିଲେ
ଇସ୍ରାଏଲ ପ୍ରଦେଶରେ
ବେଥଲି ହିମର ଗୋରୁ ଗୁହାଳରେ
ମାରିୟମଙ୍କ କୋଳରେ ।୫।

ଐଶ୍ୱରିକ ତେଜ ନେଇ ଜନ୍ମିଛନ୍ତି
ତ୍ରାଣକର୍ତ୍ତା ପରମେଶ
ସ୍ୱର୍ଗବାହିନୀ ଏ ଉଚ୍ଚ ପ୍ରସଂଶାରେ
କରନ୍ତି କେତେ ଉଲ୍ଲାସ ।୬।

ନେବଲ ବୀଣାର ସୁର ଝଙ୍କାରରେ
କମ୍ପୁଛି ଆଜି ମେଦିନୀ
କରତାଳ ଦେଇ ଆନନ୍ଦ ମନରେ
ସ୍ୱାଗତ କରେ ଧରଣୀ ।୭।

ଖୋଜୁଛନ୍ତି ଯୀଶୁ ସୁଦ୍ଧ ଚତ୍ତ ପ୍ରାଣେ
ନିର୍ମଳ ଅନ୍ତଃକରଣ
ଶାନ୍ତି ମୈତ୍ରୀର ସଂରକ୍ଷିତ ସ୍ଥାନେ
ନେବାକୁ ଆଜି ଜନମ ।୮।

ସମସ୍ତେ ଆସିଲେ ଏ ଧନ୍ୟ ଧାମକୁ
କଲେ ଦୁଷ୍ଟ ନିବାରଣ
ପ୍ରଭୁ ଯୀଶୁ ତୁମେ ପାପୀକୁ କୋଳେଇ
ଦେଇଗଲ ପରିତ୍ରାଣ ।୯।

ଜନମ ଦିନରେ ବିନମ୍ର ଭାବରେ
କରୁ ଅଛୁ ଏହି ଅଳ
ହୃଦୟର ଏହି ବିଶ୍ୱାସର ଅର୍ଘ୍ୟ
ଘେନ ଆମ କୃତାଞ୍ଜଳ ।୧୦।

ଏତିକ ଗୁହାରୀ ହେ ବିଶ୍ୱ ବିହାରୀ
କ୍ଷମା କରି ପାପ ଦୋଷ
ସରବ ପ୍ରାଣୀଙ୍କୁ ଭବାର୍ଣ୍ଣବୁ ତାରି
ସରଗେ କରାଅ ବାସ ।୧୧।

ଶିକ୍ଷୟିତ୍ରୀ, ଅନୁଗୋଳ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଛୋଟ ମୋର ନାଆଟି

**(ଧାରାବାହିକ)**



ପ୍ରଫେସର ଅନତା ପଣ୍ଡା

## ୧୮-ମେଡିକାଲ କଲେଜ:-

### ନିର୍ବାଚନ ଓ ବାର୍ଷିକ ଉତ୍ସବ :-

କଲେଜ ନିର୍ବାଚନ ଶେଷ ହୋଇ ଯାଇଥିଲା । ମୁଁ କୌଣସି ପୋଷ୍ଟ ପାଇଁ ପ୍ରାର୍ଥୀ ନ ଥିଲେ ମଧ୍ୟ ଆମର ନବ ନିର୍ବାଚିତ ମ୍ୟାଗାଜିନ୍ ସମ୍ପାଦକ ଶ୍ରୀ ଉମେଶ ପାଣିଗ୍ରାହୀ ପରେ ମତେ ତାଙ୍କ କମିଟିରେ କୋ ଅପ୍ଟେଡ୍ ସଭ୍ୟା ରୂପେ ନେଇଥିଲେ ।

ବାର୍ଷିକ ଉତ୍ସବ କୌଣସି କାରଣରୁ ଦୁଇବର୍ଷ ହେଲା ପାଳନ କରାଯାଇ ପାରି ନଥିଲା । ତେଣୁ ସଂପୂର୍ଣ୍ଣ କଲେଜଟା ଯେମିତି ପଡୁଛି ଉଠୁଛି । ଏଥର ମହା ସମାରୋହରେ ପାଳନ କରାଯିବ । କିଛି କିଛି ନୂତନ ପଦ୍ଧତି---- ପ୍ରଫେସର ଗଙ୍ଗାଧର ବେହେରା ଏବଂ ଡାଃ ବିଜୟାନନ୍ଦ ମତ ଦେଲେ ଏ ବର୍ଷ ନାଟକ ପ୍ରତିଯୋଗୀତା କରାଇବା । ସମସ୍ତେ ଏକମତ ।

**ପ୍ରଥମ ନାଟକ:-**

ଆମ ମେଡିକାଲ କଲେଜର ବାର୍ଷିକ ଉତ୍ସବ ବହୁତ ଗୁଡିଏ କାରଣରୁ ନଭେମ୍ବର ମାସରେ ସ୍ଥିର ହୋଇଛି । ଏଥିପାଇଁ ବହୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଯୋଜନା, ଜଣେ କେହି ମତ ଦେଲେ, ଏବର୍ଷ ଠାରୁ ଆମେ ବାର୍ଷିକ ଉତ୍ସବରେ ଏକାଙ୍କିକା ନାଟକ ରଖିବା ବିଜୟା ନନ୍ଦ ସାରଙ୍କ ସହ । ଅନ୍ୟ କେତେଜଣ (ସିନୟର ଡାକ୍ତର) ପ୍ରତିବାଦ କଲେ, ଏ ପର୍ଯ୍ୟନ୍ତ କେବଳ ଅନ୍ନପୂର୍ଣ୍ଣା (ବି) ଗ୍ରୁପ୍‌କୁ ଛାଡିଦେଲେ ଅନ୍ୟ କେଉଁ ନାଟକରେ ଝିଅପିଲା ମାନେ ଅଭିନୟ କରନ୍ତିନ । ପୁଅପିଲାମାନେ ନାରୀ କଳାକାର ହୋଇ ଅଭିନୟ କରନ୍ତି । ଏଥିପାଇଁ ଏସ୍‌ସିବିର ଡାକ୍ତର ଶ୍ରୀ ବାସୁଦେବ ରାଉତରାୟ ଖୁବ୍ ପ୍ରଖ୍ୟାତ | ଆମ କଲେଜରେ ଅନ୍ୟ ଏକ ବାସୁଭାଇଙ୍କର ସୃଷ୍ଟି କରାଇବାକୁ ହେବ ? ନାଟକ ପରିବେଷଣର

ଇଚ୍ଛା ସହପାଠିନୀ ମାନଙ୍କୁ ପ୍ରବର୍ତ୍ତିତା କର୍‌ଅ । ବିଂଶ ଶତାବ୍ଦୀର ଝିଅମାନେ ଏତେ ବ୍ୟାକୱାର୍ଡ ହେବାଟା ଶୋଭା ପାଉନ । ସେ ପୁଣି ମେଡିକାଲ୍ କଲେଜ ଝିଅ । ତୁମ କ୍ଲାସ୍ ରେ ଏ ବର୍ଷ ଅଠତିରିଶ ଜଣ ଝିଅ ଅଛନ୍ତି । ଚେଷ୍ଟା କରି ଦେଖ । ନମାଇଁ ଆଡକୁ ଗ୍ଡହିଁ କହିଲେ ଡାଃ ବିଜୟାନନ୍ଦ ସାର ।

ସଂଧ୍ୟାରେ ଗାର୍ଲସ ହଷ୍ଟେଲ ସାମ୍ନାରେ ଭିଡ ଡ୍ରାମାଟିକ ସୋସାଇଟିର ପିଲାମାନେ ହିରୋଇନ ଅନୁସନ୍ଧାନରେ ଆସିଛନ୍ତି । ପ୍ରଥମ ବର୍ଷ ଛାତ୍ରୀମାନଙ୍କ ମଧ୍ୟରୁ ସବିତାକୁ ବଛାଗଲା । କାହିଁକ ନା ସେ କେବଳ ସୁନ୍ଦର ନୁହେଁ ଅପେକ୍ଷାକୃତ ସ୍ମାର୍ଟ ମଧ୍ୟ ଥିଲା । ହେଲେ ତାକୁ ରାଜି କରାଇବା ଦୁଷ୍କର ଥିଲା । ତା ପରେ ପରେ ପଡିଲା ମୋ ଉପରେ ଆଖି । ଗୋଟିଏ ସର୍ତ୍ତ ରଖିଥିଲି । ମୋର ଆପତ୍ତି ନାହିଁ,ମାତ୍ର କାହାର ପତ୍ନି ଭୂମିକାରେ ଅଭିନୟ କରିବିନ ।

"ସହପାଠୀ ନମେଇଁ କହିଲେ, ଭୂମିକା ଅଭିନୟ ସବୁ ନାଟକ ମା, ଭଉଣୀ, ପତ୍ନୀ, ଝିଅ ବନ୍ଧୁ... ସେଥିରେ ଯାଏ ଆସେ କେତେ? ସହପାଠୀ ଅଭୟ ଦାଶ ମନ୍ତବ୍ୟ ଦେଲେ, ଅଡୁଆ କଥା । ହିରୋଇନ୍‌ର ଅର୍ଥ ବୋଧେ ଏ ଟୋକୀଟା ଜାଣିନ" ।

ସେମାନଙ୍କ ମଧ୍ୟରେ ଭଲେଣୀ ପଡିଲା । ଶେଷ ମୂହୁର୍ତ୍ତରେ ଝିଅ ନଥିବା ଲେଖା ଆସିବ କୁଆଡୁ? ତାଛଡା ଆମେ ଡାଃ ବିଜୟା ନନ୍ଦଙ୍କୁ କେମିତି ମୁହଁ ଦେଖାଇବା ! ଆମ କଲେଜ ମ୍ୟାଗାଜିନର ସଂପାଦକ ଶ୍ରୀ ଉମେଶ ପାଣିଗ୍ରାହୀ କହିଲେ, "ଚନ୍ତା କରନା, ସେଇ ଲେଖିବ ତା ହିସାବରେ ।"

ଶ୍ରୀ ପାଣିଗ୍ରାହୀଙ୍କ କଥାଶୁଣି ମୋର ଚନ୍ତା ଆହୁରି ବଢିଗଲା । ଏ ଯାଏ ତ ନାଟକ ଲେଖିନ। ମୋ ଚନ୍ତା ଦେଖି ସମ୍ପାଦକ କହିଲେ," ଗତ ଜୁନ୍ ମାସରେ ତୁମର ଯେଉଁ ଲେଖା ରାଜ୍ୟ ସ୍ତରୀୟ କ୍ଷୁଦ୍ର ଗଳ୍ପ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ସେଇ ଅନୁଷ୍ଠାନଟିର ମୁଖ୍ୟ ମୋ ବାପା । ସେତେବେଳେ ତୁମ ଗପଟି ମୁଁ ପଢିଥିଲି । ଷୋହଳ ବର୍ଷର ଝିଅଟିଏ ଯେ ତା ଲେଖାରେ ସମାଜ ପ୍ରତି ଏତେଟା ଆକ୍ଷେପ କରିପାରେ, ମୁଁ ବିସ୍ମୟ ହୋଇଥିଲି । ସେଇମିତି କଛି ଗୋଟାଏ ଲେଖିଦିଅ । ମୁଁ କାଲି ସଂଧ୍ୟାରେ ଆସି ନେଇଯିବି। ତାପରେ ରିହରସାଲ୍ ପାଇଁ ସାର୍ (ଡାଃ ବିଜୟାନନ୍ଦ) ଟାଇମ ଫିକ୍ସ କରିଦେ।"

ଖୁବ୍ ସକାଳୁ ନଦ ଭାଂଗିଗଲା । ନଜ ପ୍ରତିଶ୍ରୁତି ପାଳନ କରିବା ପାଇଁ କାଗଜ କଲମ ନେଇ ବସିଲି । ମାତ୍ର କ'ଣ ଲେଖିବି । ଗତ କେତେଦିନ ତଳର ଗୋଟିଏ ସ୍ମୃତି ମନରେ ଝଲକ ଉଠିଲା । ହଷ୍ଟେଲ ବାହାରେ କେହି କେହି ସବୁଦିନ ଅଳଆ ଆଣି ଗଦା କରୁଥିଲା । ଅଳଆ

ସମାଜ ପାଇଁ କେତେ ହାନକାରକ, ତାରି ଉପରେ ଆମର ହଷ୍ଟେଲ ସୁପରିଟେଣ୍ଡେଣ୍ଟ (ଡାଃ କୁଳମଣି ମିଶ୍ର) ଏକ ଲମ୍ବା ଚଉଡା ଭାଷଣ ଦେଇଥିଲେ । ଖୁବ୍ ଚତ୍ତାକର୍ଷକ ଥିଲା । ତାକୁ ହିଁ ଭିତ୍ତିକରି ସମାଜର ଆବର୍ଜନାକୁ ଦୂର କରିବା ପାଇଁ ଲେଖିଲି ପ୍ରଥମ ନାଟକ "ଆବର୍ଜନା"| ଯେଉଁଥିରେ ମୁଁ ଜଣେ ସମାଜ ସେବୀର ଭୂମିକା ନଭାଇ ଥିଲି ।

## ଏକ୍ସକରସନ୍ -

ପ୍ରଥମ ଏମ୍.ବି.ବି.ଏସ୍. ପରୀକ୍ଷା ପରେ ଘରକୁ ଯାଇଥିଲି । ଦିନରାତି ମେଡିକାଲ୍ କଥା, ଆମର ଥାର୍ଡ ଇୟର ହେବ । ଥାର୍ଡ ଇୟର ଅଥାର୍ତ କ୍ଲିନକାଲ ଇୟର | ଏ ପର୍ଯ୍ୟନ୍ତ ଶବ ମାନଙ୍କ ସହ ବନ୍ଧୁତା ଥିଲା । ଏବେ ରୋଗୀ ମାନଙ୍କ ସହ ଅର୍ଥାତ ମଣିଷ ମାନଙ୍କ ସହ କାନ୍ଧରେ ଷ୍ଟେଥୋ ପକାଇ ଯିବୁ, ଲମ୍ବା କରି କମ୍ବା ବେକ ଉପରେ ରୋଗୀଟି ଛାତି ଉପରେ ଷ୍ଟେଥୋ ରଖି ହାର୍ଟ ବିଟ୍ ଗଣିବୁ । ସେଥିପାଇଁ ସେକେଣ୍ଡ କଣ୍ଟା ଘଡିରେ ଥିବା ନହାତି ଆବଶ୍ୟକ ତେଣୁ କେବଳ ଷ୍ଟେଥୋ ନୁହେଁ, ଘଡିଟିଏ ମଧ୍ୟ କଣାଯିବ ।

ଷ୍ଟେଥୋ କଥା ଚନ୍ତା କରି କରି ରାତିରେ ନଦ ହେଉନ ଥିଲା । ଦେଖତ ଏ ଷ୍ଟେଥୋର ମହତ୍ତ୍ୱ, କେବଳ ମଣିଷର ହୃଦୟ ସ୍ପନ୍ଦନ ନୁହେଁ ମା ପେଟରେ ଥିବା ଛୁଆ ଜୀବିତ କ ନୁହେଁ ଏଇ ଷ୍ଟେଥୋ କହିପାରେ ।

ଲିଟ୍ମାନ୍ ଷ୍ଟେଥୋ ବହୁ ଦାମିକା । ତେଣୁ ଶସ୍ତା ଲୋକାଲ୍ ଷ୍ଟେଥୋଟିଏ କଣିଲି । ନଜେ ତାର ଉଷ୍ମତା ପ୍ରାପ୍ତ ହେବା ପୂର୍ବରୁ ଇଷ୍ଟଦେବ ଲକ୍ଷ୍ମୀନାରାୟଣଙ୍କ କାନ୍ଧରେ ଝୁଲାଇ ଦେଲି । ସତରେ କେତେ କମନୀୟ ଦୃଶ୍ୟ.....

ଷ୍ଟେଥୋ ଧରିବାର ଉଷ୍ମତା ଅନୁଭବ କରି ଅପରିହାର୍ଯ୍ୟ ଆନନ୍ଦ ଉଠାଉଥିବା ସମୟରେ ଅନ୍ୟ ଏକ ଏକସାଇଇଟିଙ୍ଗ୍ ଖବର ମିଳଲା । ଆଜି କ୍ଲାସ୍‌ର ଶତ୍ରୁଘ୍ନ (ଶତ୍ରୁଘ୍ନ ସାହୁ) କହିଲେ ପୂଜା ଛୁଟୀରେ ଆମେ ପନ୍ଦର ଦିନ ପାଇଁ ଉତ୍ତର ଭାରତ ଭ୍ରମଣ କରିବାକୁ ଯିବା । ଆମକୁ ଗାଇଡ୍ କରିବା ପାଇଁ ଡା. ଚଣ୍ଡୀ ଦାସ (ନେତ୍ର ବିଭାଗ) ଯିବେ । ମୁଁ ପ୍ରିନ୍ସପାଲଙ୍କ ଠାରୁ ଅନୁମତି ପତ୍ର ମଧ୍ୟ ହାସଲ କରିସାରିଛି । ଇଚ୍ଛା କରୁଥିବା ଛାତ୍ରଛାତ୍ରୀମାନେ ତାଙ୍କର ନାମ ପଂଜୀକରଣ ମୋ ପାଖରେ କଂବା ହରେକୃଷ୍ଣ ପଣ୍ଡାଙ୍କ ପାଖରେ କରାଇବେ । ଶୀଘ୍ର ନାମ ନ ଲେଖାଇଲେ ଟ୍ରେନ୍ ଟିକେଟ୍ ବୁକଂରେ ଅସୁବିଧା ହେବ ।

ଏକ୍ସକରସନ ଉତ୍ତର ଭାରତ ଭ୍ରମଣ । ସର୍ବୋପରି କାଶ୍ମୀର । ନକଟରେ ତ ସେଠାରେ "ଟୋପା ଯୁଦ୍ଧ" ରେ ହାନ ହୋଇଛି, କେବଳ ନର୍ଦ୍ଦୋଷ ସୈନକ ନୁହନ୍ତି ଦୁଇ ଦେଶର କେତେ ବଡ ବଡ ଅଫିସର ମଧ ନଜ ନଜ ଦେଶ ହିତରେ ପ୍ରାଣ ଉତ୍ସର୍ଗ କରିଛନ୍ତି । ମୋ ପାଟିରୁ ବାହାରି ଆସିଲା, "ଆମେ ଗୁଜର କୋଠା ଏବଂ ଟୋପା ଶୀର୍ଷକ ଯାଇ ପାରିବାତ?"

ସମସ୍ତେ ଖୁବ୍ ଜୋରରେ ହସି ଉଠିଲେ, "ଆମେ ଭୂସ୍ୱର୍ଗ ଦେଖିବା ପାଇଁ ଅସ୍ଥିର ହେବା ବେଳକୁ ଏ ମହୋଦୟା ଯୁଦ୍ଧ ଚନ୍ତା କରୁଛନ୍ତି । ଏମିତି ଦିନେ ସମୟ ଆସିବ, ଆମେ ଲାଇଫ ଏଞ୍ଜୟ କରିବା ଆଉ ମହୀୟସୀ ବିଶ୍ୱପାଇଁ ଷ୍ଟ୍ରଗଲ କରୁଥିବେ ।" ଛିଗୁଲେଇ କହିଲେ କେଇଜଣ ବନ୍ଧୁ କହିଲେ ।

ଶତ୍ରୁଘ୍ନ, ନମାଇଁ ଆଉ ଅଭୟ ଆମ ଦୁଇଶହ ବାରଜଣଙ୍କ ମଧ୍ୟରେ ଅସାଧାରଣ ଭାବେ ଲମ୍ବା। ପ୍ରଥମ ବର୍ଷ ନାଟକ ପାଇଁ ନାୟିକା ମନୋନୀତ କରିବା ସମୟରେ ନମାଇଁ ଡ୍ରାମାଟିକ ସେକ୍ରେଟାରୀ ଥିଲା ।

ପରିହାସ କରି କହିଥିଲି, ତୁମ ତିନଜଣଙ୍କ ମଧ୍ୟରୁ ହିରୋ ହିରୋଇନ୍ ଚୟନ କର ।

ଆଜି ପରିହାସ ଶୁଣି କହିଲି, ବିଶ୍ୱପାଇଁ ଶୁଭଚନ୍ତା କରିବା ପାଇଁ ମୋର ବାଉଁଶ ଲୋଡା ହେବନ, କଛି ବୈଜ୍ଞାନକ ମାଧମ ଖୋଜିବାକୁ ହେବ ।

ଓଡିଶାରୁ ଆମେ ସମସ୍ତେ ରେଳଗାଡିରେ ଗୋଟିଏ ରିଜର୍ଭ ଡବାରେ ବସିଲୁ । ଗୋଟିଏ ପାଖେ ଝିଅମାନେ, ଅନ୍ୟ ପଟେ କେତେଜଣ ପୁଅ । ଆମ ପାଖକୁ ଚଣ୍ଡୀ ସାର୍ ବସିଥାନ୍ତି । ମଝିରେ ମଝିରେ ପୁଅମାନେ ସେମାନଙ୍କର ବସିବା ସ୍ଥାନ ବଦଳାଉ ଥାଆନ୍ତି ।ଖୁବ୍ ମଜା ଲାଗୁଥାଏ । ଏକ ଅନବଦ୍ୟ ଅନୁଭୂତି, ରେଳଗାଡି କଲିକତା ଅଭିମୁଖେ, ଚଣ୍ଡି ସାର୍ ଆରମ୍ଭ କଲେ, ନଜ ନଜର ଫିଲିଙ୍ଗ୍ ବ୍ୟକ୍ତ କର ।

ରେଡି ଆରମ୍ଭ କଲା, ଫେରିବା ପରେ ମୁଁ ସମସ୍ତଙ୍କୁ କହିବି ସିନେମା ସୁଟିଙ୍ଗ ଯେଉଁ ଯେଉଁ ସ୍ଥାନରେ ହୁଏ ତାହା ମୁଁ ନଜ ଆଖିରେ ଦେଖି ଆସିଛି ।

କେତେ କେତେ ମନ୍ଦିରମାନ ଦର୍ଶନ କରିମା, ଆମେ ସବୁନ ଫୋଟ ଉଠା ମୁଁ । ହରେକୃଷ୍ଣ ଦାଦା (ସୁରୁ ଦାଦା), ସୁଧୀର, ଯତିନ, ନୀଳକାନ୍ତ, ନାରାୟଣ, ଗୋବିନ୍ଦ, ଚନ୍ଦ୍ର ଏକାଥରେ କହି ଉଠିଲେ ୟାଦଗାର୍ ।"

ଆଉ ତୁମେ ମାନେ । ନାଁ, ଝିଅ ମାନଙ୍କର କଛି ଏଜେଣ୍ଡା ନାହିଁ । ମୋ ଆଡକୁ ଗୁହିଁ ଚଣ୍ଡୀ ସାର୍ ପଗ୍ଧରିଲେ ।

ସହପାଠୀ ମାନଙ୍କର 'ବିଶ୍ୱହିତ' କମେଣ୍ଟ ଆଉ ମୋର ଉତ୍ତର କାହିଁକି କେଜାଣି ମୋ ମନକୁ କୋରି ପକାଉଥାଏ । ସାଙ୍ଗମାନଙ୍କର ତ ପରିହାସ, ଥଟ୍ଟା, ମଜା କରିବାର ଅଧିକାର ଅଛି। ମୁଁ କଛି ଭୁଲ ଉତ୍ତର ଦେଲି କ! ସାର୍ଙ୍କ କଥାରେ ଚମକ ପଡି କହିଲି, ଆମେ ଏମିତି କଛି ଲେଖିବୁ ଯାହା ଆମ ମାନଙ୍କ ପାଇଁ ଚର୍ ଚରିତ ହୋଇ ରହିବ ।

କ'ଣ ସମସ୍ତେ ଏକାଠି ମିଶି ଲେଖିବ ?

ନାଁ, ନାଁ ଏଇ ଅନୁ ଲେଖିବ । ସିଏ ଲେଖାଲେଖି କରେ ତ । ଆପଣ ତା ଲେଖା ଗୀତ କଣ୍ଠ ଶିଳ୍ପୀ ମାନଙ୍କ କଣ୍ଠରେ ଆକାଶ ବାଣୀ ରେଡିଓରେ ଶୁଣି ନାହାନ୍ତି?

ଆଚ୍ଛା ଆଚ୍ଛା ଯାହା ଲେଖିବ ମତେ ଗୋଟିଏ କପି ଦେବ ।

ଛୋଟ କବିତାଟିଏ ଲେଖିଥିଲି, ଯାହାର ସାରାଂଶ ଥିଲା କେବଳ ଏକ୍ସରସନ ପରେ ନୁହେଁ, ଏମ୍ ବି ବି ଏସ୍ ପରେ ଆମେ ନଶ୍ଚିତ ଭାବେ ଛିନ୍ ଛତର ହୋଇଯିବା । ନଜ କର୍ମମୟ ଜୀବନ ଏବଂ ସଂସାରରେ ବୁଡି ରହି ପରସ୍ପରକୁ ଭୁଲିଯିବା ସ୍ୱାଭାବିକ । ମାତ୍ର ଏମିତି ଏକ ଦିନ ଆସିବ, ଯେଉଁଦିନ ଆଉଥରେ ସମସ୍ତେ ଏକାଠି ହୋଇ କଏ ଆଖିରୁ ଲୁହ ଗଡାଇବତ କଏ ଅନ୍ୟକୁ ଗଳାରେ ଲଗାଇବ ଅବାକଏ କହିବ, "ଜୀବନର ସବୁଠୁ ସୁନ୍ଦର ସମୟରେ ଆମେ କାହିଁକି ନଜ ନଜକୁ ଦୂରରେ ରଖିଲେ ।"

ସତ କହିବାକୁ ଗଲେ ମୋର ଏମ୍ ବି ବି ଏସ୍ ସମୟରେ ମୁଁ କେବଳ ପାଠ ଛଡା ଦୁନଆ ବିଷୟରେ ମଧ୍ୟ ବହୁତ କଛି ଶିକ୍ଷା ଲାଭ କରିଥିଲି ଯାହା ବିଷୟରେ ମୁଁ ପୂର୍ବରୁ ବହୁ ଅଜ୍ଞ ଥିଲି । ଏ ସବୁ କେବଳ ମୋର ସହପାଠୀ ସହ interaction ରୁ ସିନଅର, ଟିଚର, କଲେଜ ଏବଂ ହଷ୍ଟେଲ୍ ପରିବେଶ ଏବଂ ସର୍ବୋପରି ରୋଗୀ ମାନଙ୍କ ପ୍ରାପ୍ତ ହୋଇଥିଲା ।

## ଫାଇନାଲ୍ ପରୀକ୍ଷା

ଆମର ଫାଇନାଲ୍ ପରୀକ୍ଷା ରେଜଲ୍ଟ ଆସିଥିଲା । ବର୍ତ୍ତମାନ ଆଉ ପୁସ୍ତକ କୀଟ ହେବାକୁ ପଡିବନ । ସମସ୍ତ ସମୟ ରୋଗୀ ମାନଙ୍କ ସହ ବିତାଇବାକୁ ପଡିବ । ସାର୍ କହୁଥିଲେ ଯିଏ ଯେତେ ବେଶୀ ସମୟ ରୋଗୀ ମାନଙ୍କ ସହ ସମୟ ବିତାଇବ ତାର ପରି ପକ୍ୱତା ସେତିକ ଅଧିକ ହେବ ।

## ଇଣ୍ଟରନ୍ ସିପ୍:-

୧୯୭୫ ପୂର୍ବରୁ ଛଅମାସ ଟ୍ରେନିଂ ପିରିଅଡ୍ ଥିଲା । ବର୍ଷକ ପାଇଁ ଟ୍ରେନିଂର ଆମେ ପଞ୍ଚମ ବ୍ୟାଚ୍ ଷ୍ଟୁଡେଣ୍ଟ ଥିଲୁ । ଏହା ୪ ଭାଗରେ ବିଭକ୍ତ ହୋଇଥାଏ । ମେଡିସିନ୍, ସର୍ଜରୀ, ଗାଇନକ୍ ଏବଂ ବି.ଏସ୍.ଏମ୍. । ସିନିଅର ମାନଙ୍କ ଠାରୁ ଶୁଣିଥିଲି ଯେଉଁ ବିଷୟରେ ଖୁବ୍ ଭଲ ମାର୍କ ଥିବ ସେଥିରେ ଉଚ୍ଚ ଶିକ୍ଷା ପାଇଁ ସିଟ୍ ମିଳିବା ସହଜ । ଗୁରିଟି ଯାକ ଏମ୍.ବି.ବି.ଏସ୍ ର ମାର୍କ ଥିଲା । ଅର୍ଥାତ ଏଇ ତିନିଟିରୁ ଗୋଟିଏ କୁ ବାଛିବାକୁ ହେବ । ମୋର କ୍ଲିନିକାଲ ସବଜେକ୍ଟ ରେ ପିଜି କରିବାକୁ ଇଚ୍ଛା । ତେଣୁ ରହିଗଲା ଅପ୍‌ଥାଲମୋଲୋଜି । ଉଦାସ ହୋଇ ପଡିଲି । ଶିଶୁ ବିଭାଗରେ ଉଚ୍ଚଶିକ୍ଷା ପାଇଁ ମୋର ବହୁ ଇଚ୍ଛା । କୌଣସି ମତେ ଦେଶର କେଉଁ କୋଣରେ ବି ମତେ ଗୋଟିଏ ସିଟ୍ ମିଳିବନି। ପ୍ରଫେସର କୁଳମଣି ମିଶ୍ର ବହୁତ ବୁଝାଇଥିଲେ । ଶିଶୁ ବିଭାଗରେ ଉଚ୍ଚ ଶିକ୍ଷା ଲାଭ କଲେ ତୁ ଭାଂଗି ପଡିବୁ । ତାର କାରଣ ହେଲା ପିଲାମାନଙ୍କ ୱାର୍ଡରେ ମୃତ୍ୟୁ ସଂଖ୍ୟା ଅଧିକ । ତୋ ଭଳି କୋମଳ ମତି ବାଳକାଟି ପାଇଁ ତାହା ଅସହ୍ୟ ହେବ । କିଛି ଚିନ୍ତା ନ କରି ତୁ ଚକ୍ଷୁ ବିଭାଗ ପାଇଁ ଚେଷ୍ଟା କର । ଏଇ ହେଉଛି ଗୋଟିଏ ଡିପାର୍ଟମେଣ୍ଟ, ଯଉଁଠି କେବେ ମୃତ୍ୟୁ ହୁଏନା ।

ସାର୍ ଙ୍କ ଉପଦେଶ ମୋର ହୃଦୟସ୍ପର୍ଶୀ ହୋଇଥିଲେ ମଧ୍ୟ ପେଡିଆଟ୍ରିକ୍ସର ଲୋଭ ସମ୍ବରଣ କରି ପାରି ନ ଥିଲି ।

## ଗୀତା ପାଠ:-

ନମାଇଁ ସାର୍ ପ୍ରଥମ କରି ଆମ କଲେଜରେ ଏକ ନୂଆ ପ୍ରଥା ଆରମ୍ଭ କଲେ । ସେ ହେଲା ଗୀତା ପାଠ ସାର୍ ଗୁରୁବାର ଆଫଟରନୁନରେ ଫ୍ରି ଥାଆନ୍ତି । ତେଣୁ ପ୍ରତ୍ୟେକ ଗୁରୁବାର ସଂଧ୍ୟା ସାଢେ ପାଞ୍ଚଟା ସମୟରେ ଗୀତା ପାଠ ଆରମ୍ଭ ହୁଏ । ସାର୍ ପାଠ କରନ୍ତି । ସହାୟତା କରେ ଆମ କ୍ଲାସର ଅରକ୍ଷିତ ଯତି ।

ମୋର ଗୀତା ପଢିବାକୁ ବହୁ ଇଚ୍ଛା ହୁଏ । ମାତ୍ର କେମିତି? ଦିନେ ସାହାସ କରି ଅରକ୍ଷିତକୁ କହିଲି । "ସାଧାରଣତଃ ଆମ ସମାଜ ଝିଅମାନଙ୍କୁ ବେଦ, ଗୀତା ପଢିବା ପାଇଁ ଉତ୍ସାହିତ କରେନା ।

କେବଳ ଭାଗବତ ପର୍ଯ୍ୟନ୍ତ ସେମାନେ ସୀମିତ ରହନ୍ତି ।" କହିଲା ଅରକ୍ଷିତ ।

ମୁଁ ପିଲାଦିନେ ସବୁଦିନ ଗୀତା ପଢୁଥିଲି । ତୁମେ ତ ନମାଇଁ ସାର୍‌ଙ୍କର ବହୁ ନିକଟତର । ମୋ ପାଇଁ ଟିକଏ ଅନୁରୋଧ କର । ଯଦି ସାର୍ ମାନ ଯାଆନ୍ତି ।

ଗୁରୁବାର ସାଢେ ବାରଟା ସମୟରେ ନମାଇଁ ସାର୍ ମତେ ପାଥୋଲୋଜି କ୍ଲାସକୁ ଡକାଇଲେ। ମତେ ଦେଖୁ ଦେଖୁ କହିଲେ, ଆଜି ଅରକ୍ଷିତ ନାହିଁ, ତୁମେ ମତେ ଗୀତା ପାଠରେ ସାହାଯ୍ୟ କରିବ । ତେଣୁ କ୍ଲାସ ଶେଷରେ ପାଞ୍ଚଟାରେ ଆଜିପାଇଁ ହଷ୍ଟେଲ ଯିବନ । ସାର୍‌ଙ୍କୁ ସମ୍ମତି ଜଣାଇ ଖୁବ୍ ଖୁସିରେ ଫେରି ଆସିଲି ।

ନମାଇଁ ସାର୍ ବହୁତ ଗମ୍ଭୀର । କମ୍ କଥାବାର୍ତ୍ତା କରନ୍ତି । ଛାତ୍ର ଛାତ୍ରୀମାନଙ୍କ ସହ ଜମା ନୁହେଁ କହିଲେ ଅତ୍ୟୁକ୍ତି ହେବନ । ଏତେ ସମୟ ନଷ୍ଟ ଯେ କେବଳ କ୍ଲାସ୍ ପାଇଁ ନୁହେଁ ଗୀତାପାଠ ପାଇଁ ମଧ୍ୟ ଆମକୁ ତାଙ୍କ ପହଞ୍ଚିବା ପରେ ଘଡି ମିଳାଇବାକୁ ହୋଇଥାଏ । ମାତ୍ର ଆଜି କୌଣସି କାରଣରୁ ସାର୍ କୋଡିଏ ମିନଟ୍ ବିଳମ୍ବ ହୋଇଯାଇଥିଲେ ।

"ପିଲାମାନେ, ମୋର ବିଳମ୍ବ ପାଇଁ ମୁଁ ବହୁ ଦୁଃଖୀତ, ଆସ ଆଜିର ଗୀତା ପାଠ ଆରମ୍ଭ କରିବା । ମାତ୍ର ତା ପୂର୍ବରୁ ମୁଁ ଜାଣିବାକୁ ଚାହେଁ, କିଏ କହୁଥିଲା ଅଲସସ୍ୟ କୁତୋ ବିଦ୍ୟା।"

ମୁଁ ହାତ ଉପରକୁ କଲି ।

ତୁମକୁ ପୁରା ଶ୍ଳୋକଟି ଜଣା**?** ଶୁଣାଇବ**?**

ଅଲସସ୍ୟ କୁତୋ ଧନମ୍
ଅଧନସ୍ୟ କୁତୋ ମିତ୍ରମ୍,
ଅମିତ୍ରସ୍ୟ କୁତଃ ସୁଖମ୍ ।
ପିଲାମାନେ ଏହାର ଅର୍ଥ ବୁଝିଲ ।

କେତେଜଣ ରହି ରହି ମୁଣ୍ଡ ଟୁଙ୍ଗାରିଲେ ।

ତୁମେ ଏହାର ବ୍ୟାଖ୍ୟା କରି ପାରିବ**?** ମୋ ଆଡକୁ ଚାହିଁ ନମାଇଁ ସାର୍ କହିଲେ ।

ହଁ ସାର୍,"ଅଳସୁଆ ମାନଙ୍କ ପାଇଁ ବିଦ୍ୟା କେଉଁ କାମର, ଅପାଠୁଆ ମାନଙ୍କ ପାଇଁ ଧନର କିଛି ମାନେ ନଥାଏ, ଧନହୀନର ମିତ୍ର ନ ଥାନ୍ତି । ମିତ୍ର ନ ରହିଲେ ସୁଖ କେମିତି ପ୍ରାପ୍ତ ହେବ**?**" ତେଣୁ ସମସ୍ତଙ୍କୁ ଆଳସ୍ୟ ତ୍ୟାଗ କରିବା ଉଚତ୍ ।

ସାର୍ କଛି ନ କହି ପ୍ରସନ୍ନତା ସହ ଥରେ ମୋ ଆଡକୁ ପରେ ଅନ୍ୟମାନଙ୍କ ଆଡକୁ ଦୃଷ୍ଟିପାତ କଲେ ।

## ଗାଇନକ୍ ୱାର୍ଡର ଅଭିଜ୍ଞତା:-

ତିନମାସ ଡିଉଟି ଭିତରୁ ଦୁଇ ସପ୍ତାହ ପ୍ରସୂତି ଗୃହରେ ଡିଉଟି କରିବାକୁ ହୁଏ । ସାଧାରଣତଃ ପୁଅ ମାନେ ଗାଇନକ୍ ଡିଉଟି କରିବାକୁ ପସନ୍ଦ କରନ୍ତିନ । ପ୍ରସୂତି ଗୃହରେ ତ ଜମା ନୁହେଁ । ତେଣୁ ପୁଅମାନଙ୍କ ପୋଷ୍ଟିଙ୍ଗ୍ ସମୟରେ ଗୋଟିଏ ଝିଅକୁ ମଧ୍ୟ ଡିଉଟିରେ ରଖା ଯାଇଥାଏ । ଏମିତିକ କେବେ କେବେ ଇଚ୍ଛୁକା ଝିଅମାନଙ୍କୁ ଏକରୁ ଅଧିକ ଡିଉଟି କରିବାକୁ ପଡିଥାଏ ।

ସେଇଟା ମୋର ଥିଲା ତୃତୀୟ ପୋଷ୍ଟିଂ । ମୋ ସଂଗେ ଆଉ ଗୋଟିଏ ପୁଅ ପିଲାର ଡିଉଟି । ମୋର ପୂର୍ବ ଅଭ୍ୟାସ ଅନୁସାରେ ମୁଁ ରାତିରେ ଡିଉଟି ରୁମ୍ ରୁ ବାରମ୍ବାର ଉଠି ପ୍ରସୂତି କକ୍ଷ ଆଡେ ବୁଲି ଆସେ । ସେ ଦିନ ରାତି ଦୁଇଟା ରେ ମତେ ଗୋଟିଏ ଡେଲିଭେରୀ କଲ୍ ଆଟେଣ୍ଡ କରିବାକୁ ପଡିଥିଲା । ତିନଘଣ୍ଟା ଅର୍ଥାତ୍ ଭୋର ପାଞ୍ଚଟାରେ ମା'କୁ ଦେଖିବାକୁ ଗଲି। ଫାଇଲ୍ ଟି ଦେଖି ମତେ ଖୁବ୍ ହସ ଲାଗିଲା । ଯେଉଁଥିରେ ଲେଖାଥିଲା- "ପ୍ରି ଡେଲିଭେରୀ ନୋଟ୍, ସମୟ ସକାଳ ଗ୍ଟାରିଟା, ରୋଗୀ ସୁସ୍ଥ, ଇଉଟେରସ ହାଇଟ୍ ୩୪ ସପ୍ତାହ । ଫିଟାଲ୍ ହାର୍ଟ ସାଉଣ୍ଡ ନରମାଲ୍, ନୋ ହିଷ୍ଟ୍ରି ଅଫ୍ ଆମ୍ନିଓଟିକ୍ ମେମ୍ବ୍ରେନ୍ ଲିକଙ୍ଗ୍।" ସହକର୍ମୀ ଜଣଙ୍କର ଅପମାନ ହେବ ବୋଲି ମୁଁ ନୋଟ୍ ଟିକୁ କାଟି ଦେଇଥିଲି । ମାତ୍ର ସକାଳ ଛଅଟାରେ ସହକର୍ମୀ ଜଣଙ୍କ ଶୋଭା ଦିଦି ଙ୍କ ସଂଗେ ଲଢାଇ କରିବାର ଶୁଣିଲି । "ସେ ଝିଅଟା ମାଡାମ୍ ଙ୍କ ସାମ୍ନାରେ ନଜର ବଡାଇ କରିବ ବୋଲି ମୋ ନୋଟ୍ କାଟି ଦେଇଛି । ମୁଁ ଗ୍ଟାରିଟା ବେଳେ ନୋଟ୍ ଲେଖି ଯାଇଥିଲି ।"

"ଠିକ୍ ଅଛି, ମୁଁ ଦେଖିବି । ସେ ତ ସେମିତିଆ ଝିଅ ନୁହେଁ ନିଶ୍ଚୟ କଛି ବିଶେଷତା ଥିବ । ଆଠଟା ଭିତରେ ଆଉ ଡେଲିଭେରୀ କେସ୍ ନାହିଁ । କାଲି କେସ୍ ଟିର ଡେଲିଭେରୀ ରାତି ଦୁଇଟାରେ ହୋଇଯାଇଛି ତୁମେ ଏବେ ହଷ୍ଟେଲ୍ ଯାଇପାର ।

## ମେଡିସିନ୍ ପୋଷ୍ଟିଙ୍ଗ (କାଙ୍କେ)

ଆମ ହସପିଟାଲ୍ ରେ ମନସ୍ତାତ୍ତ୍ୱିକ ରୋଗୀ ମାନଙ୍କ ପାଇଁ ବ୍ୟବସ୍ଥା ନ ଥିଲା ତେଣୁ ମାନସିକ ରୋଗୀମାନଙ୍କ ସଂସ୍ପର୍ଶରେ ଆସିବା ପାଇଁ ଆମକୁ ରାଞ୍ଚି (କାଙ୍କେ ମନସ୍ତାତ୍ତ୍ୱିକ ଚକିତ୍ସାଳୟ ଯିବା ପାଇଁ ହେବ) । କଥାଟା ଶୁଣିବା ପରେ ମୋ ମନରେ କୌତୁହଳ ଆସିଲା । ସେଇ

ଚକିତ୍ସାଳୟ ବିଷୟରେ ସମ୍ୟକ ଧାରଣା ନେବା ପାଇଁ ମୁଁ ମୀନକେତନ ସାର ଙ୍କ ପାଖେ ପହଞ୍ଚିଲି ।

"ଡିଉଟି ତ କରିବାକୁ ହେବ । ଏ ବ୍ୟାଚ୍ ରେ ଯିବାକୁ ଅସୁବିଧା ଅଛି ଯଦି ପର ବ୍ୟାଚ୍ ପାଇଁ ଅନୁରୋଧ କର ।

ଆମ ହସ୍ପିଟାଲ୍ ରେ ମାନସିକ ରୋଗୀ ମାନଙ୍କ ପାଇଁ ସୁବିଧା ନ ଥିବାରୁ ସମସ୍ତେ ଚତୁର୍ଥ, ପଞ୍ଚମ ବର୍ଷରେ ଏଠାକୁ ଡିଉଟି କରିବାକୁ ଯାଆନ୍ତି ।

ମୁଁ ନ ଯିବା ପାଇଁ କହୁନ ସାର୍ । ଟିକଏ ହସ୍ପିଟାଲ୍ ଏବଂ ସେଠା ରୋଗୀ ମାନଙ୍କ ବିଷୟରେ ଜାଣିବାକୁ ଚାହୁଁଛି ।

ଓଃ--- ରୋଗୀ ମାନଙ୍କୁ ତ ସେଠାରେ ଦେଖିବ । ମୁଁ ହସପିଟାଲ୍ ବିଷୟରେ ଯେତିକି ଜାଣିଛି କହୁଛି ।

ଏହାର ସ୍ଥାପନା ବ୍ରିଟିଶ୍ ରାଜ୍ୟ ସମୟରେ ୧୯୧୮ ମସିହା ମେ଼ ୧୭ ତାରିଖରେ ହୋଇଥିଲା । ସେତେବେଳେ ଏହାର ନାମ ରାଞ୍ଚ ଇଉରୋପିଆନ୍ ଲୁନେଟିକ୍ ଏସାଇଲମ (**asylum**) ନାମ ଥିଲା । ଭାରତ ସ୍ଵାଧୀନତା ଲାଭ କରିବା ପର୍ଯ୍ୟନ୍ତ ଏଠାରେ କେବଳ ଇଉରୋପିୟାନ୍ ମାନସିକ ରୋଗୀ ମାନଙ୍କର ଚକିତ୍ସା ହେଉଥିଲା । ଏଇ ୬୪୩ ବେଡେଡ୍ ହସ୍ପିଟାଲ୍ ଟି ୨୧୦ ଏକର ଜମି ଉପରେ ଅବସ୍ଥିତ । ୧୯୨୨ ରେ ଏହାର ନାମ ଇଉରୋପିୟାନ ମାନସିକ ଚକିତ୍ସାଳୟ ରୂପେ ପରିଚିତ ହେଲା ଏବଂ ଡିପ୍ଲୋମା ନିମନ୍ତେ ଲଣ୍ଡନ ୟୁନିଭରସିଟି ସଙ୍ଗେ ସଂଯୁକ୍ତ ହେଲା । ସ୍ଵାଧିନତା ପ୍ରାପ୍ତ ହେବା ପରେ ୧୯୪୮ ରେ ଏହାର ନାମ ପ୍ରଭିନ୍ସିଆଲ ମେଣ୍ଟାଲ୍ ହସ୍ପିଟାଲ୍, ୧୯୫୨ ରେ ହସ୍ପିଟାଲ୍ ଫର ମେଣ୍ଟାଲ୍ ଡିଜିଜେସ୍ ରଖାଗଲା। ୧୯୫୪ ଭାରତ ସରକାରଙ୍କର ସ୍ଵାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଏହାର ପରିଚାଳନା ଭାର ଗ୍ରହଣ କରିଥିଲେ ।

କାଙ୍କେରେ ପହଞ୍ଚିବା ପରେ ମୁଁ ଅନୁଭବ କଲି ଆମେ ଯେମିତି କେଉଁ ଏକ ଅନ୍ୟ ଦୁନିଆରେ ଅଛୁ । ଏଠାର ରୋଗୀ ମାନେ ଆମ ହସ୍ପିଟାଲ୍ ରୋଗୀ ମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ । କାହାରି ହେଲେ ଶାରୀରିକ ପୀଡା ନାହିଁ । ତଥାପି ଏମାନଙ୍କୁ ରୋଗୀ କୁହାଯାଏ । ଆମେ ସମସ୍ତେ ପ୍ରତିଦିନ ଡାଃ ରାୟଙ୍କ ରାଉଣ୍ଡ ପାଇଁ ଯାଇଥାଉ । ରୋଗୀ ମାନଙ୍କର ହାବ ଭାବ ଦେଖି ମୋ ଅନ୍ତର କାନ୍ଦି ଉଠେ । ମନ କହିଲେ କେଉଁ ଅର୍ଗାନ୍ଟିକୁ ବୁଝାଯାଏ? ପ୍ରଥମ ବର୍ଷ ମଣିଷ ଶରୀରଟିକୁ ଖିନ୍ ଭିନ୍ କରି କାଟି ଆମେ ସମସ୍ତ ଅର୍ଗାନ ଗୁଡିକୁ ଦେଖୁଛୁ ।

ମାତ୍ର ମନ ନାମକ ଅର୍ଗାନଟିର ସ୍ଥିତି କେଉଁଠି । ଯଦି ମନ ବୋଲି ଗୋଟିଏ ଅର୍ଗାନ ଶରୀରରେ ନାହିଁ ତେବେ ଏହା ରୋଗାକ୍ରାନ୍ତ ହେବ କପରି । ପ୍ରଫେସର ଡି.ଏନ୍ ମିଶ୍ରଙ୍କ କ୍ଲାସ୍ ମୁଁ ଖୁବ୍ ମନ ଦେଇ ଶୁଣିଛି । ସାର୍ କହୁଥିଲେ ରୋଗ କେବଳ ଅର୍ଗାନ ମାନଙ୍କୁ ହିଁ ଗ୍ରାସିଥାଏ ।

ସେତେବେଳେ ଯଦି ମୁଁ ମାନସିକ ରୋଗ ବିଷୟରେ ଜାଣିଥାନ୍ତି, ନିଶ୍ଚୟ ପ୍ରଶ୍ନ କରିଥାନ୍ତି ।

ରୋଗୀ ମାନଙ୍କର ହିଷ୍ଟ୍ରି ନେବା ପାଇଁ ସବୁଦିନ ଆମମାନଙ୍କୁ ଆଦେଶ ଥାଏ । ଯେତେ ଭଲ କରି ହିଷ୍ଟ୍ରି ନେଲେ ବି ପ୍ରଫେସର ରାୟ କହନ୍ତି, ଆହୁରି ଭିତରକୁ ଯାଅ ।

ରେଡି ସହ ନାୟାର କ୍ୟାଣ୍ଟିନ ପାଖ ମୁହାଁ ମୁହିଁ ପରେ ମୋ ସଂଗେ ସିଧା କଥାବାର୍ତ୍ତା କରେନା । ପ୍ରେଟି ଅନ୍ନପୂର୍ଣ୍ଣାକୁ କହିଲା ତୁମ ସାଂଗ ତ ବହୁତ ପୂଜା ପୂଜି କରେ । ଭଗବାନ ଙ୍କୁ କହି ଅଦୃଶ୍ୟ ହୋଇ ରୋଗୀମାନଙ୍କ ମନ ଭିତରେ ପଶି ହିଷ୍ଟ୍ରି ସଂଗ୍ରହ କରି ଆଣି ଆମମାନଙ୍କୁ ଦେଉ ।

ମୋ ମନର ସନ୍ତୁଳନ ଆହୁରି ବଢିଗଲା । ଖୁବ୍ ଭଲ ଷ୍ଟୁଡେଣ୍ଟ ନ ହେଲେ ମଧ୍ୟ ଦୁନିଆଦାରୀ ବିଷୟରେ ରେଡିକୁ ବେଶୀ ଜଣା । ଅର୍ଥାତ ମନ ନାମକ ଏକ ଅର୍ଗାନ ଶରୀରରେ ଅଛି । ମୁଁ ବୋଧେ ପ୍ରଫେସର ମିଶ୍ରଙ୍କ ଲେକ୍ଚର ଶୁଣିବା ସମୟରେ ଟିକଏ ଢୁଳେଇ ପଡିଥିଲି । ଟ୍ରେନିଂ ଶେଷ ହେବା ପୂର୍ବରୁ ପ୍ରଫେସର ରାୟ ଷ୍ଟୁଡେଣ୍ଟସ୍ ମାନଙ୍କର ପରୀକ୍ଷା ନିଅନ୍ତି । ଆମ ସମସ୍ତଙ୍କୁ କେଶ୍ ଆଲଟ୍ କରାଗଲା । କେମିତି କେଜାଣି ଗୋଟିଏ କେଶ୍ କମ୍ ପଡିଲା । ସାର୍ କହିଲେ, "ନୂଆ କରି ଆସିଥିବା ରେଗୀ ଟିର ହିଷ୍ଟ୍ରି ତୁମେ ନିଅ ।"

ସବୁ ସାଂଗ ମାନେ ୱାର୍ଡରେ ବସି ହିଷ୍ଟ୍ରି ନେଉଥିଲେ । କେଉଁ ରୋଗୀଟି ବହୁ ହସି ହସି କଥା କହୁଛି ତ କଏ ଖୁବ୍ ଜୋର୍ ରେ କାନ୍ଦୁଛି । ମୁଁ ଏକା ଏକା କ୍ୟାବିନ୍ ରୋଗୀ ପାଖରେ। ରୋଗୀଟି ମୁହଁ ଖୋଲୁନି । କ'ଣ ହିଷ୍ଟ୍ରି ନେବି! ହେ ଭଗବାନ୍, ମୋ ଭାଗ୍ୟରେ କ'ଣ ତୁମେ ଖାଲି ଦୁଃଖ, ଦୁର୍ଦ୍ଦଶା ଲେଖିଛ । ଫାଷ୍ଟ ଏମ୍.ବି.ବି.ଏସ୍ ର ଆନାଟୋମୀ ପରୀକ୍ଷା ମନେ ପକାଇଲି । ବଡି କମ୍ ପଡିଯାଇଥିଲା ବୋଲି ମତେ ହେଡୟାଣ୍ଡ ନେକ୍ ଡିସେକସନ୍ ଆଲଟ୍ ହୋଇଥିଲା । ଶୁଖିଲା ଶରୀରରୁ ଫ୍ୟାସିଆଲ୍ ନର୍ଭ ବାହାର କରିବା କାଠିକର ପାଠ ହୋଇଯାଇଥିଲା । ମୋରି ପାଇଁ କେବଳ କେଶ୍ ସର୍ଟ ପଡିଥାଏ । କାନ୍ଦ କାନ୍ଦ ହୋଇ ଆଡେ ସାଡେ ଦେଖୁଥିଲି । ଅଳ୍ପ ଦୂରରେ ସୁନୀଲ ବସିଥିଲା । ଉଠି ଆସି କହିଲା ମନ ଊଣା କରେ ନା । ତୋ ଉପରେ ବେଶୀ ଭରସା ଅଛି ବୋଲି ସାର୍ ତତେ ଡିଫିକଲ୍ଟ କେସ୍

ଦେଇଛନ୍ତି । କଡା କରି ଦି ପଦ ଶୁଣାଇ ଦେ । ସେ କଛି ନା କଛି କହିବ" କହି ସୁନୀଲ୍ ତା ରୋଗୀ ପାଖକୁ ଗ୍ଲଲିଗଲା ।

ତୁମର କ'ଣ ଅସୁବିଧା ମାଉସୀ, ଜ୍ଞତା ତ ନୁହେଁ ପୂର୍ବ ଅପେକ୍ଷା ଧୀର ସ୍ୱରରେ କହି ତାଙ୍କ ହାତ ଉପରେ ହାତ ରଖିଲି ।

"ମୋର କଛି ହେଇନ ଲୋ ଝିଅ, ତୁ କାନ୍ଦନା" କହି ନଜ ପଣତ କକାନରେ ମୋ ଆଖି ପୋଛି ଦେଲେ ।

ଝିଅ କହୁଛ, ଅର୍ଥାତ୍ ତୁମେ ମୋର ମା ସଦୃଶ । ସାର୍ ମୋର ପରୀକ୍ଷା ନେଉଛନ୍ତି । ତୁମେ କଛି ନ କହିଲେ ମୁଁ ଫେଲ୍ ହେବି । ମା ହୋଇ ଝିଅର ଅଧୋପତନ ଦେଖିବେ ।

ନା ଲୋ ମା । ସେମିତି କହନା, ସତ କୋହୁଛି, ମୋର କଛି ରୋଗ ବଇରାଗ ନାହିଁ । ମୁଁ ମୋ ଝିଅ ସଂଗେ ହାଟରୁ ଫେରୁଥିଲି । କେହି ଦୁଇଜଣ ନୃଶଂସ ଆମ ଦୁହିଙ୍କୁ ଘୋଷାଡି ନେଇଗଲେ । ମତେ ଗୋଟେ ଖୁଣ୍ଟରେ ଗାଇ ବନ୍ଧା ପଘାରେ ବାନ୍ଧିଦେଲେ । ମୋ ଆଖି ଆଗରେ ଧିଏଁ ମୋ ଝିଅର ସର୍ବନାଶ କଲେ । ପରେ ତା ଦେହ ସାରା ଏସିଡ୍ ଢାଳ ଦେଇ କୁଆଡେ ଉଭେଇ ଗଲେ । ଝିଅ ମୋର ଦଶ ବାର ଘଣ୍ଟା ତଡପି ତଡପି ନଶ୍ୱାସ ଛାଡିଲା । ଦିନ ଦଶଟା ବେଳକୁ ଗାୟାଳ ଛୁଆମାନେ ମୋ ହାତ ଗୋଡରୁ ପଘା ଖୋଲି ଦେଇଥିଲେ । ନ୍ୟାୟ ପାଇଁ ସରକାର ପାଖରେ ବହୁ ନେହୁରା ହୋଇଥିଲି । ବିନା ଅର୍ଥରେ କଣ କଛି ହୋଇପାରେ!

ବହୁ ଦୁଃଖର କଥା ମାଉସୀ, ଭଉଣୀ ତ ଗ୍ଲଲିଗଲେଣି, ତୁମେ ନଜକୁ କାହିଁକ ଏତେ କଷ୍ଟ ଦେଉଛ?

ଯୋମିତି ହେଉ ଦିନେ ନା ଦିନେ ସେ ଖଣ୍ଟ ଦିଟାକୁ ଜୀଅନ୍ତା ଜଳେଇବି ।

ଏତେ ବଡ ଦୁନଆରେ ତୁମେ ଏକା ଏକା ସେମାନଙ୍କୁ ଖୋଜିବ କେମିତି!

ଆମ ଗାଁଟା ଖୁବ୍ ଛୋଟ । ଆଉ ସେ ଦିଇଟା ଆମ ଗାଁର ।

ଏମିତି ପାଗଳାମୀ ପନ୍ଥା ଧରିଲେ ତୁମକୁ ତ ହସ୍ପିଟାଲ୍ ରେ ବାନ୍ଧି ରଖିବେ ।

କେତେଦିନ, ଦିନେ ନା ଦିନେ ତ ଛାଡିଦେବେ!

ମୁଁ ଶୁଣିଛି ମଣିଷ ମାରିଲେ ପାଗଳକୁ ଫାଶୀ ହୁଏନା ।

ଦୁଇଜଣ କର୍ମଚ୍ଚାରୀ କ୍ୟାବିନ୍ ଆଡକୁ ଆସୁଥିବା ଦେଖି ରୋଗୀଙ୍କର **violence** ଆରମ୍ଭ ହୋଇଗଲା ।

"ତୁମେ ବାହାରକୁ ଯାଅ ଝିଅ । ଆମେ ୟାଙ୍କୁ **ECT** ରୁମ୍ କୁ ନେବା ପାଇଁ ଆସିଛୁ" କର୍ମଚ୍ଚାରୀ ଦୁହେଁ ଏକାଠି କହି ଉଠିଲେ ।

ନାଁ କାକା, ତୁମେ ୟାଙ୍କୁ ଛାଡିଦିଅ । ମୁଁ ସାର୍ ଙ୍କ ସଂଗେ କଥାବାର୍ତ୍ତା କରି ସାରିବା ପରେ ନେବ ।

ଆମ ଚ୍ଚରିଜଣଙ୍କର ହଟ୍ଟଗୋଳ ଶୁଣି ସେଠାରେ ବହୁଜଣ ଏକାଠି ହୋଇଗଲେ । ସେମାନଙ୍କ ଭିତରେ ଦୁଇଜଣ ଡାକ୍ତର ମଧ୍ୟ । ଡାକ୍ତର ଦୁହିଁଙ୍କୁ ଅନୁନୟ କରି କ୍ୟାବିନ୍ ବନ୍ଦ କରାଇଲି । ସେତେବେଳକୁ ପ୍ରଫେସର ରାୟ ମଧ୍ୟ ପହଞ୍ଚି ଯାଇଥିଲେ । ଭୟଭୀତା ହୋଇ ମୋ ପାଟିରୁ ବାକ୍ୟ ସ୍ଫୁରୁ ନ ଥିଲା । ନିଶ୍ଚୟ ଫେଲ୍ ହେବି ।

ପ୍ରଫେସର ରାୟ ମୋ ହାତରୁ ହିଷ୍ଟ୍ରି କାଗଜଟି ନେଇ ଥରେ ଆଖି ବୁଲାଇ ମୋ ଆଡକୁ ଚ୍ଚହିଁଲେ, ମୁଁ ମୁହଁ ପୋତି ଛିଡା ହୋଇଥିଲି ।

ମୁଁ ଏଇମିତି କିଛି ଅନୁମାନ କରି ତାଙ୍କୁ **ECT** ରୁମ୍ କୁ ଡକାଇଲି । **ECT** ର ଜ୍ୱାଳା ଦେଖି ସେ ଭୟପାଇ ସବୁ ସତକଥା କହିବେ । ମାତ୍ର ଏ ଝିଅଟି କେତେ ସହଜରେ ତାଙ୍କ ଠାରୁ ସତ କଥା ବାହାର କରିନେଲା ।

ନିଜ ନଜର ସାର୍ଟିଫିକେଟ୍ ନେଇ ଆମେ ବୁର୍ଲା ଫେରିଥିଲୁ ।

୧୯୭୧ ମସିହା ଜୁଲାଇ ମାସ ମୋର ମେଡିସିନ୍ ପୋଷ୍ଟିଙ୍ଗ ଚ୍ଚଲିଥିଲା । ମୋର ଶେଷ ପୋଷ୍ଟିଙ୍ଗ ।

ଏହାପରେ ଭି.ଏସ୍.ଏସ୍.(ବୀର ସୁରେନ୍ଦ୍ର ସାଏ) ମେଡିକାଲ୍ କଲେଜ ତ୍ୟାଗ କରି ଚ୍ଚକରୀ ଅନ୍ୱେଷଣ କରିବାକୁ ହେବ । ବର୍ଷଟା ଯାକ ମୁଁ ମୋର ସବୁ ପୋଷ୍ଟିଂଗୁଡିକ ଖୁବ୍ ଯଥାର୍ଥ ଭାବେ ନିଭାଇଛି । ମୋ ସାଥୀମାନଙ୍କ ତୁଳନାରେ ବର୍ତ୍ତମାନ ପୋଷ୍ଟିଂରେ ପ୍ରାୟତଃ କେହି ବି ସମସ୍ତ ୱାର୍ଡ ଡିଉଟି କରନ୍ତିନି । ବହୁ ପ୍ରକାର ଏକ୍ସପ୍ଲାନେସନ୍ ଚ୍ଚକରୀ ପାଇଁ ଫର୍ମ ପ୍ରଭୃତିର ବ୍ୟବସ୍ଥା, ପୋଷ୍ଟ ଗ୍ରାଜୁଏଟ୍ ପାଇଁ ଫର୍ମ କଲେକ୍ସନ, ଡିଗ୍ରୀ ପାଇଁ ମେଡିକାଲ୍ କାଉନ୍ସିଲ୍ ପାଇଁ ଆପ୍ଲିକେସନ୍ ଫରୱାର୍ଡ ଏବଂ ଅନ୍ୟ କଏ କହେ ଅମୁକ ସାର୍ ଙ୍କ ଠାରୁ ଭବିଷ୍ୟତପାଇଁ ଗାଇଡାନ୍ସ ନେଉଥିଲି । ଇଉନଟ୍ ରାଉଣ୍ଡରେ ହାଉସ୍ ସର୍ଜନ ମାନଙ୍କର

ରହିବା କ-ଲସରୀ ଥିଲେ ମଧ୍ୟ କେହି ନ ଥାନ୍ତି । ଦିନେ ସଂଧାରେ ମୁଁ ୱାର୍ଡରେ ଥିଲି ସତ, ମାତ୍ର ଯନ୍ତ୍ରବତ୍ ଯାତାୟତ କରୁଥିଲି । ସାମଲ ସାର୍ (କ୍ଷୀତିଶ ସାମଲ୍ ସଦ୍ୟ ଚଣ୍ଡୀଗଡରୁ ଏଣ୍ଡୋକ୍ରାଇନୋଲୋଜିରେ ଡି.ଏମ୍, କରି ଆସିଥିବା) ରାଉଣ୍ଡ ନେଉଥିଲେ । ମୀନକେତନ ସାର୍ଙ୍କୁ ପଗ୍ଭରିଲେ,"ଏ ଝିଅଟାର ସବୁବେଳେ ହସ ହସ ମୁହଁ ଦେଖାଯାଏ, ଆଜି କାହିଁକି ମୁହଁ ଶୁଖାଇଛି?"

ତା ସାଥୀମାନେ ଏଞ୍ଜୟ କରିବା ସମୟରେ ତାର ସିନସିଅରିଟିର ମହତ୍ତ୍ୱ ଖୋଜୁଛି ।

ସାମଲ୍ ସାର୍ ନିରୁତ୍ତର । ଆସନ୍ତା ଦିନ ତାଙ୍କ ରାଉଣ୍ଡ ଜଏନ୍ କରିଥିଲି । ଗୋଟିଏ ବେଡ୍ ପାଖରେ ରୋଗୀ କପାଳରେ ଏବଂ ଅନ୍ୟଟି ରୋଗୀର ହାତ ଉପରେ ଥିଲା । ସାର୍ ନିଜର ହାତ ଉଠାଇ ମତେ ହାତ ରଖିବାକୁ କହିଲେ । ଯନ୍ତ୍ରବତ୍ତ ହାତ ରଖିଲି, ହଠାତ୍ ମୋ ଅଜାଣତରେ ପାଟିରୁ ବାହାରି ପଡିଲା, ରୋଗୀଟିର ଶରୀରର ଉତ୍ତାପ ବହୁତ ବେଶୀ ।

କ'ଣ କହିବାକୁ ଚାହୁଁଛ? ସାମାନ୍ୟ ବିରକ୍ତି ଭାବ ଦେଖାଇ ସାର୍ କହିଲେ ।

ବହୁତ ଜର ଅଛି ସାର୍, ଭୟଭୀତା ହୋଇ କହିଲି । ଅର୍ଥାତ୍, ଇଫ୍ ଇଉ ଟଚ୍ ଏ ପେଟେଣ୍ଟ ଇଉ ଲାର୍ଣ୍ଣ ସମର୍ଥଙ୍ଗ୍, ତେଣୁ ଅନ୍ୟମାନଙ୍କ ତୁଳନାରେ ବେଶୀ କାମ କରୁଛ ବୋଲି ଚିନ୍ତା କରି ନିଜ ମନକୁ କଷ୍ଟ ଦେବା ଅନାବଶ୍ୟକ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# କାଚକାନ୍ଥ ସେପାଖରୁ

ଲୋକନାଥ ସାମଲ

ଦିନଥିଲା ମାଟିର ସେ କାନ୍ଥରୁ ସ୍ପଷ୍ଟ ବାରି ହେଉଥିଲା ହୃଦୟର ସ୍ପନ୍ଦନ
ବେଦନାକ୍ଲୀଷ୍ଟ ଶରିରର ଅଦ୍ଭୁତପୂର୍ବ କମ୍ପନ
ମମତାର ଉଷ୍ମସ୍ପର୍ଶେ ବତୁରି ଯାଉଥିଲା ହୃଦୟ ଓ ମନ
ନିମିଷକେ ମିଳାଇଯାଉଥିଲା ରାଗ,ରୁଷା, ମାନ ଅଭିମାନ। (୧)

ସମୟକ୍ରମେ ଝଲମଲ କାନ୍ଥସବୁ ଉଜୁଡିପଡିଲା
ସିମେଣ୍ଟ କଂକ୍ରିଟ୍ ର କାନ୍ଥସବୁ ମୁଣ୍ଡ ଟେକିଲା
ଆଉ ଠିକ୍ ସେ ବାଲି ସିମେଣ୍ଟର କାନ୍ଥପରି
ହୃଦୟଟା ବି ଧିରେଧିରେ ଜଡ ପାଲଟିଗଲା।।(୨)

ଦିନାନ୍ତରେ ସେ କାନ୍ଥରେ ଫାଟ ସୃଷ୍ଟି ହେଲା
ମହକଟା ଧିରେଧିରେ ଫିକା ପଡିଗଲା
ଅପରପାର୍ଶ୍ୱର ସ୍ପନ୍ଦନଟା ସ୍ପଷ୍ଟ ବାରିନହେଲେ ମଧ
ସମ୍ପର୍କଟା ଭାଙ୍ଗିବାର ଗନ୍ଧ ବାରିହେଲା।।(୩)

ସମୟକ୍ରମେ ଫଟାକାନ୍ଥ ପ୍ରତିବଦଳରେ ଅଗଣାରେ ଉଭା କାଚକାନ୍ଥ ଅତି ମନୋରମ
ସବୁକଛି ସ୍ୱଚ୍ଛ, ସ୍ପଷ୍ଟ ଓ ପରିଷ୍କାର ହେଲେ ମଧ ଶୁଭୁନାହିଁ ଖୁସିର ସ୍ପନ୍ଦନ
ପ୍ରତିଧ୍ୱନିତ ହେଉନାହିଁ ହୃଦୟର କମ୍ପନ
ମୁକାଭିନୟରେ ଅଟକିଛି କଥି ବୁଝା କଛି ଅନୁମାନ।।।(୪)

ଏ ପାଖରେ ଜନ୍ମଦାତା ସେ ପାଖରେ ମା
କାଚକାନ୍ଥେ ଅଟକଛି ବଞ୍ଚିବାର ର୍‌ହା
ଗୃକଚକ୍ୟ ଚଳଣିର ପରଦାରେ ହୃତ ସେହି ପବିତ୍ର ବନ୍ଧନ
ମଧୁଭର୍ ପିଲ୍‌ଦିନ ଝଲସି ସାଉଁଟିବାକୁ ବ୍ୟଗ୍ର କଛି ସତ ଓ ସପନ।।(୫)

ଭ୍‌ରି ଇଛାହୁଏ ସବୁ ପ୍ରତିବନ୍ଧକକୁ ଖ୍ନ୍ ଭିନ୍ କରି ସେପାଖକୁ ଦଉଡି ଯିବାକୁ
ସ୍ମଶାନରେ ସବ ଦାହ କଲ୍‌ଭଳ ର୍‌ଗ, ରୁଷା, ମାନ ଅଭିମାନ ସବୁକୁ ଭସ୍ମ କରିଦେବାକୁ
ସେ ପାଖରେ ସାଇତା ମୋ ସ୍ମୃତିସବୁକୁ ଗାମୁଛାରେ ସାଉଁଟିନେବାକୁ
ହୃଦୟକନ୍ଦରରେ ତାକୁ ନେଇ ସଂଗ୍ରହାଳୟଟିଏ କରିବାକୁ।।(୬)

ଭ୍‌ବର ଉଚ୍ଛ୍ୱାସ ଆଗେ କାହା ବୋଲ ମାନେନା ତ ମନ
ଅତିତର ଅପର୍‌ହ୍ନେ ଖୋଜିଗ୍ଲେ ମୁଁ ସେହିଦିନ
ଅତିଶୟ ଆଧୁନକତା ସ୍ପର୍ଶେ ସମ୍ପର୍କ ପାଲଟିଛି ବର ଫପାହାଡ
ତରଳାଇବାକୁ ଲେ୍ଡା ସ୍ନେହ ସକାଳର ବାଳୁତ ସୂର୍ଯ୍ୟକରଣ।।(୭)

ଭ୍‌ସିଆସେ ଚହ୍ନାଚହ୍ନା ମୁହଁସବୁ ଅତିତ ଗର୍ଭରୁ
ହାତଠାରି ଡାକେ ମୋର ମା' ମାଟି ଦୁର ଦୁର୍‌ନ୍ତରୁ
ଅଭିମାନ ଫିକା ସାଜେ, ଅଶ୍ରୁ ଜକାଏ ନୟନରୁ
ସ୍ନେହବୋଳା ଡାକଟିଏ ଝଂକୃତ ହୁଅଇ ନତି "କାଚକାନ୍ଥ ସେପାଖରୁ "

ପଣଷଗଣ୍ଡ, କେନ୍ଦ୍ରାପଡା

# ଭାଇ

କଳ୍ପନା କଳ୍ପଲତା ବିଶ୍ୱାଳ

ନୟନର ଜ୍ୟୋତି ତୁମେ
ସାହିତ୍ୟ ଜଗତରେ ମୋତି
ରମଣୀୟ ଗ୍ରାମ ନାମେ ମୁକ୍ତି
ନଶ୍ୱର ଶରୀରେ ଦିଗନ୍ତର ଶାନ୍ତି
ଦୁଃଖ ହୀନ ଦୟାବାନ୍
ନିର୍ବିକଳ୍ପ ସଦା ପରିତୃପ୍ତି
ଆବିଳତା ହୀନ ହସ ହସ
ମୁଖଶ୍ରୀ ତୁମର ଭରି ଦିଏ
ମୋ ମନରେ  ଅଂଶୁମାନ ଦିପ୍ତି
ଭାଇ ରୂପେ ତୁମେ ମୋର
ପୂଣ୍ୟ ଫଳ ପ୍ରାପ୍ତି
ରକ୍ଷାର କବଚ ମୋର
ଶ୍ରଦ୍ଧା ଆଉ ପ୍ରତୀ

ଚଷାପଡା, ଜଗତସିଂହପୁର

WWW.VEDANTIMAGAZINE.COM

# ଜୀବନ

ମିନତୀ ଦାଶ

ବୟସ ଜୀବନ ସମୟ
କାହାର ବିରତି ନଥାଏ
ସମସ୍ତେ ଅତିଗତିରେ ----
ଅବିରତ ଅନବରତ !
କାହାକୁ ଧରିବା ସାଇତିବା
ଭାବନା ବହିର୍ଭୁତ.
ଯିଏ ସରେ ସେ--- ବୟସ
ଯିଏ ଝରେ ସେ ସମୟ
ଯିଏ ଝରି ଙ୍କ ଅସରା ସିଏ ଜୀବନ --==
ସ୍ମୃତି ହୋଇ ରହେ
କାହିଁକି ନା ସେ ସୌନ୍ଦର୍ଯ୍ୟର ---
ବିମୁଗ୍ଧପଣ ରେ ମନରେ ସାଇତା ହୁଏ
ସୁରଭି ର ---ମନ ତଳେ ଥାଇ ମହକୁ ଥାଏ
ଆଉ କଛି ନର୍ବେଦ ଅମୋଘ ଆନନ୍ଦର--=
ହସେଇ ରସେଇ ମଜେଇ
ମନକୁ ବିଭୋର କରେ
ମୁଗ୍ଧ ଆତ୍ମୀୟତା ର
ପ୍ରଲୁବ୍ଧ ପଣ ରେ.

ପୂର୍ଣ୍ଣଚନ୍ଦ୍ରପୁର, ମୁର୍ଗାବାଡି, ବାରିପଦା

# ଅଭୁଲା ରାତି



ଶିବରାମ ଦଳେଇ

ମୁଁ ବି.ଏ. ପାସ କଲା ପରେ ଦୁଇ ଚାରି ଜାଗା ଟିଉସନ କରୁଥାଏ । ଟିଉସନ ରୁ ଯାହା ପାରିଶ୍ରମିକ ମିଳେ ତାହା ମୋ ଖର୍ଚ୍ଚ କୁ ନଅଣ୍ଟ ହୁଏ । ମୋ ପରିବାର ବହୁତ ହଇରାଣ ଅନଟନ ରେ ଦିନ କାଟୁଥାଏ । ଏତେ ପାଠ ପଢି ବେକାର ପରି ବୁଲିବା କୁ ବାପା ଜମା ପସନ୍ଦ କରୁନଥିଲେ। କଳାପୋତେଇ ଦେଇ ଚାକରୀ କରିବା ମୋ ପକ୍ଷରେ ଅସମ୍ଭବ ଥିଲା। ତେଣୁ କୌଣସି ଗୋଟେ କମ୍ପାନୀ ରେ କାମ କରିବାକୁ ସର୍ବଦା ଉପଦେଶ ଦେଉଥିଲେ । ବେଳେ ବେଳେ ବହୁତ ବିରକ୍ତି ପୋଷଣ କରନ୍ତି ମୋ ଉପରେ । ବାପା ଯାହା ରୋଜଗାର କରନ୍ତି ତାହା ଆମ ପରିବାର ଚଳାଇବାକୁ ସଫିସିଏଣ୍ଟ ନ ଥିଲା । ତଥାପି ସେମିତି ସେମିତିରେ ପରିବାର ରଥ ଗଡି ଚାଲିଥିଲା । ହଠାତ ଦିନେ ମୋ ସାନ ଭାଇ ଦେହ ଅସୁସ୍ଥ ହେଲା । ଟଙ୍କା ଅଭାବରୁ ବଡ଼ ଡ଼ାକ୍ତରଖାନା ନେଇ ଉତ୍ତମ ଚକିତ୍ସା ଦେବାରେ ଅସମର୍ଥ ହେଲୁ । ବାପା ମୋ ବେକାରୀପଣକୁ ଆଙ୍ଗୁଠି ଦେଖେଇ ମାଆ କୁ ବହୁତ ଗାଳି କଲେ । ସେଦିନ ମୋତେ ବହୁତ ବାଧିଲା । ଗାଁ ଛାଡି କଟକ ଚାଲିଆସିଲି । କଟକ ରେଲୱେ ଷ୍ଟେସନ ର ୩ନମ୍ବର ପ୍ଲାଟଫର୍ମ ରେ ବସିଥାଏ । ରାଗରେ ଘର ଛାଡି ଚାଲିଆସିଲି ସିନା ହେଲେ ପକେଟରେ ଭୋକର ଜ୍ୱାଳାକୁ ରୋକିବାକୁ ପାଇସାଟେ ନଥିଲା । କିଛି ଦୂରରେ ଠିଆ ହୋଇ ମୋ ମନର ବେଦନାକୁ ପଢି ସାରିଥିଲା ଜଣେ ଠିକା ଶ୍ରମିକ । ସେ ମୋର ପେଟ ର ବେଦନାକୁ ବୁଝିବା ସହ ମୋତେ ଦିଲ୍ଲୀ ନେଇ ଆସିଲା । ପରିବାର ଉପରେ ରାଗ ଆଉ ଅଭିମାନ ରେ ମୁଁ ଦିଲ୍ଲୀରେ ଚାରି ପାଞ୍ଚ ବର୍ଷ କାଟିଦେଲି । ଘରେ ମୋତେ ଖୋଜି ଖୋଜି

କରୁଣ ହେଲେ । ସେତେବେଳେ ବର୍ତ୍ତମାନ ପରି ଟେଲିଫୋନ ର ସୁବିଧା ନଥିଲା । ଯାହା ଚିଠିପତ୍ର ହିଁ ମାଧ୍ୟମ ଥିଲା ।

ଶୀତ ଋତୁ ସରି ସରି ଆସୁଥାଏ । ରାଧାକୃଷ୍ଣ ଦୋଳ ବିମାନରେ ଫଗୁ ଧରି ଦଶଦୋଳକୁ ବାହାରିବେ । ମୋର କାହିଁ ଗାଁ କଥା ବେଶୀ ମନେପଡ଼ିଲା । "ଗାଁକୁ ଫେରୁଛି" ଚିଠି ଖଣ୍ଡେ ଲେଖି ପୋଷ୍ଟରେ ପଠେଇ ଦେଲି । ଦୁଇ ଦିନ ପରେ ଗାଁକୁ ବାହାରିପଡ଼ିଲି ।

ଟ୍ରେନ ଆସି କଟକ ଷ୍ଟେସନରେ ଅଟକଲା । ଟ୍ରେନରୁ ଓହ୍ଲେଇ ମୋ ଆସବାବପତ୍ର ସହ ଗେଟ ବାହାରକୁ ଆସିଲା ବେଳକୁ ଗେଟ ପାଖରେ ନା ଗୋଟେ ଗାଡ଼ି ଥିଲା ନା ରିକ୍ସା । ମନେ ମନେ ଭାବିଲି ଆଜି କଣ ଗାଡ଼ି ବାଲାଙ୍କ ଧର୍ମଘଟ, ଏମାନେ କେହି ଦେଖାଯାଉ ନାହାନ୍ତି । ଷ୍ଟେସନରୁ ଘର ୧୭ କ.ମି. । ହାତ ଘଣ୍ଟାକୁ ଲକ୍ଷ୍ୟ ପକାଏ ତ ସମୟ ୧ଟା ବାଜି ୫୦ ମିନଟ । ଏବେ ଗାଡ଼ି ରିକ୍ସା ବାଲାଙ୍କ ଅନୁପସ୍ଥିତି ବୁଝିଗଲି । ଟିକେଟ କାଉଣ୍ଟର ସାମ୍ନାରେ ଆସବାବପତ୍ର ରଖି ବସି ପଡ଼ିଲି। ଆଖିକୁ ନିଦ କଳା ହାଣ୍ଡିଆ ମେଘ ପରି ମାଡ଼ି ଆସୁଥିଲା । ହଠାତ ଗୋଟେ ଅଟୋର ଘଡ଼ ଘଡ଼ ଆବାଜ ରେ ମୋ ଆଖିରୁ ନିଦ ଉଭେଇ ଗଲା । ଆଖିକୁ ମଳମାଳ ଚାହିଁଲା ବେଳକୁ ଅଟୋ ବାଲାଟା ମୋ ଆଡ଼କୁ ମାଡ଼ିଆସୁଥିଲା । ଅଟୋବାଲା ମୋ ପାଖକୁ ଆସିଲା ବେଳକୁ ମୁଁ ଚମକ ପଡିଲି । ଖୁସି ମଧ୍ୟ ହେଲି । ମୋତେ କୁଣ୍ଢେଇ ପକେଇଲା ସେ । ସେ ମୋ ପିଲାଦିନର ଅତି ଅନ୍ତରଙ୍ଗ ସାଙ୍ଗ ଟେରୁ **(ବସନ୍ତ)** ଥିଲା । ମୁଁ କିଛି ପଚାରିବା ଆଗରୁ ସେ କହିଲା ଆ ଘରକୁ ଯିବା । ତୋ ବାପା ମୋତେ ଚିଠି ପଢି କହିଲେ ତୁ ଆଜି ଆସୁଛୁ ବୋଲି ତେଣୁ ତୋତେ ନେବା ପାଇଁ ଚାଲିଆସିଲି । ଆମେ ଦୁହେଁ ଆସବାବପତ୍ର କୁ ଅଟୋରେ ଲଦି ଘର ଆଡ଼କୁ ବଢ଼ିଲୁ ।

ମୁଁ ପଚାରିଲି ତୁ ଏ ଅଟୋ**.....?**

ସେ କହିଲା- ହଁ ତୁ ଗଲା ପରେ ମୋ ସାଥିରେ କଏ ବା ସାଙ୍ଗ ହେଇଥାନ୍ତା। ତୁ ଗଲା ପରେ ତୁମ ବୋଉ ମୋତେ ଦେଖି ବହୁତ କାନ୍ଦେ । ତେଣୁ ମୁଁ ବି ଗାଁ ଛାଡି କଟକରେ ଅଟୋ ଶିଖିଲି, ନଅ ମାସେ ହବ କସ୍ତିରେ ଏଇ ଅଟୋ ଆଣିଛି । ଭଲ ରୋଜଗାର ବି ହଉଛି । ସବୁ ଦିନେ ଗାଁକୁ ଯିବା ଆସିବା ଭାରି କଷ୍ଟ ହେଲା ତେଣୁ ଛଅ ମାସ ହେବ ମୁଁ ଏଇଠି ଘରଭଡା ନେଇ ରହୁଛି । ମଝିରେ ମଝିରେ ଗାଁ ଆଡ଼େ ଯାଇ ବୁଲି ଆସୁଛି । କାଲି ଗାଁକୁ ଯାଇଥିଲି ତୁମ ବାପା ତୋ ଆସିବା ବିଷୟରେ କହିଲେ । ମୁଁ ଆସି ଟ୍ରେନ ବିଷୟରେ ବୁଝିଲି ଯେ ଟ୍ରେନ ଟାଇମ ୧:୧୫ ମିନଟ ଜାଣିଲି ତେଣୁ ଭାବିଲି ତୋତେ ଆସି ନେଇଯିବି । ଗାଁ ରେ ପ୍ରବଳ ରାଜନୀତି । ଗାଁ ରେ ରହିବା ଆଉ ସମ୍ଭବ ନୁହେଁ । ସମସ୍ତେ ସମସ୍ତଙ୍କ ଗୋଡ଼ ଓଟାରିବାରେ ବ୍ୟସ୍ତ । ଆଉ ତୁ ଗଲା ପରେ ଏ ଅଟୋ ମୋ ସାଥି ପାଲଟି ଯାଇଛି । ତୁ ତ ଆସିଲୁ ଏଥର ପୁଣି ଚକେନ୍ ଭାଜି ଚାଲିବ । ବହୁତ ଦିନ ହେବ ତୋ ହାତ ରନ୍ଧା ଖିଆଯାଇନାହିଁ । ଏମିତି ଅନେକ କଥା ଗପସପ ହୋଇ ଯାଉ ଯାଉ ମୋ ଘର ଠାରୁ ଚାରିଟି ଘର ପଛରେ ଅଟୋଟା ଖରାପ ହେଇଗଲା । ଟେରୁ ମୋତେ କହିଲା ତୁ ଘରକୁ ଯାଇ ଦୁଇ କପ ଚାହା ବସା, ମୁଁ ଅଟୋ ଟାକୁ ଠିକ କରି ଯାଉଛି । ଡେରି ହେଲେ ମନ ଦୁଃଖ କରିବୁନ, କାଲି ସକାଳୁ ମୋର ଭଡା ଅଛି । ଅଟୋଟା ଠିକ କରିବା ନହାତି ଦରକାର । ହଁ ତୋ ଆସବାବପତ୍ର ନେଇ ଚାଲ, ମୋତେ ଲାଗୁଛି ମୋର ବୋଧେ ବିଳମ୍ବ ହେବ । ମୁଁ ସେଠାରୁ ଚାଲି ଆସି ଘରେ ବାପା ବୋଉକୁ ଡାକଲି । ବୋଉ ଉଠି କବାଟ ଖୋଲିଲା । ପଛକୁ ସାନଭାଇ, ବାପା ମଧ୍ଯ ଉଠିଲେ । ତାଙ୍କ ସହିତ ଗପୁଗପୁ ଟେରୁ କଥା ସମ୍ପୂର୍ଣ୍ଣ ଭୁଲିଗଲି ।

ବୋଉ, ସାନଭାଇ ସହିତ ଗପୁଗପୁ ସକାଳ ପାହି ସାରିଥାଏ । ସେତେବେଳେ ଟେରୁ କଥା ମନେ ପଡ଼ିଗଲା । ବୋଉ, ମୁଁ ଆସୁଛି କହି ଘରୁ ଦୌଡ଼ିଲି ଟେରୁ ଘରକୁ । ଅଟୋ ଖରାପ ହେବା ସ୍ଥାନରେ ନା ଅଟୋ ଥିଲା ନାଁ ଟେରୁ । ତା ଘରକୁ ଯାଇ ଘର ସମ୍ମୁଖରେ ଅଟୋ ନ ପାଇବାରୁ ତା ଘର କବାଟ ଖଟଖଟ କଲି । ମାଉସୀ ଉଠି କବାଟ ଖୋଲିଲେ। ମାଉସୀ ର

ପାଦଧୂଳି ନେବାକୁ ନଇଁପଡ଼େ ତ ମାଉସୀ ଭେଁ କରି କାନ୍ଦି ଉଠିଲେ । ଚମକ ପଡି ଉଠିବାକୁ ଚେଷ୍ଟା କରେ ତ କାନ୍ଥରେ ଲଟକା ଯାଇଥିବା ଫୁଲମାଳ ପିନ୍ଧା ଟେରୁ ର ଫୋଟୋ ଉପରେ ମୋ ନଜର ପଡ଼ିଲା । ମାଉସୀ ଭେଁ ଭେଁ କାନ୍ଦି କହୁଥାଏ ପୁଅରେ ତୋ ସାଙ୍ଗ ଆମକୁ ଛାଡି ଛଅ ମାସ ହେବ ବହୁତ ଦୂରକୁ ଚାଲି ଯାଇଛି । ମୋ ଦେହର ଲୋମ ସବୁ ଟାଂକୁରି ଉଠିଲା । ମନେ ପଡ଼ିଲା ଟେରୁର ସେ ପଦିଏ କଥା "ସବୁଦିନେ ଗାଁକୁ ଯିବା ଆସିବା ଭାରି କଷ୍ଟ ହେଲା ତେଣୁ ଛଅ ମାସ ହେଲା ଏଇଠି ଭଡାଘର ନେଇ ରହୁଛି " । ମାଉସୀ କହୁଥାଏ ସେ କଟକରେ ଅଟୋ ଚଳଉଥିଲା । ଗୋଟେ ମାଲବୋଝେଇ ଟ୍ରକ ଭାରସାମ୍ୟ ହରାଇ ରେଳ ଷ୍ଟେସନ ପାଖରେ ତୋ ସାଙ୍ଗର ଗାଡ଼ି ସହ ତୋ ସାଙ୍ଗକୁ ଦଳି ଚକଟି ଚାଲିଗଲା । ମୋ ଦେହରେ ଭୟର ଶିହରଣ ଖେଳଗଲା। ମାଉସୀ ଆହୁରି ଅନେକ କଛି ଗପୁଥିଲା ମୁଁ କନ୍ତୁ ଭାବୁଥାଏ ଯଦି ଟେରୁ ଛଅ ମାସ ହେଲା ମରିସାରିଛି ତେବେ କାଲି କଣ ତା ପ୍ରେତାତ୍ମା ଥିଲା।

ଆଖିକୁ ନିଦ ଆସୁନଥାଏ, ମନରେ ଭୟର ପାହାଡ, ଆଖି ଆଗରେ ଗତକାଲି ରାତିର ଘଟଣା ଜୁଳୁଜୁଳୁ ଦିଶୁଥିଲା। ସେଦିନ ମଧ୍ୟାହ୍ନ ସମୟ ରେ ଡ଼ାକବାଲା ଆସି ମୋ ଚଠିକୁ ମୋ ଘରେ ଦେଇଗଲା ।

ଲେଖନପୁର, ସାଲେପୁର

# ତୁମ ବିନା



ରମେଶ ଚନ୍ଦ୍ର ବେହେରା

ରହୁଁ ରହୁଁ ଏଠି ବିତି ଯେ ଗଲାଣି
ସାତ ବରଷ ଆମର
ଲାଗୁ ଅଛି ମୋତେ ସମ୍ପର୍କ ଆମର
ହୋଇଛି କଛି ଦିନର ।(୧)

ଯେମିତିକା ଥିଲା ସେମିତି ବି ଅଛି
ହସିଲା ମୁଖ ତୁମର
ରାଗି ନାହଁ କେବେ ଦୁଃଖ କରିନାହଁ
କରିନାହଁ ହତାଦର ।(୨)

କେବେକେବେ ମୁହିଁ ରାଗି କହି ଦିଏ
ତୁମେ ଦେଇଥାଅ ହସି
ସେହି ହସ ଦେଖି ସବୁ ଭୁଲି ଯାଏ
ହୋଇଯାଏ ଭାରି ଖୁସି ।(୩)

ମୋର ପରିଧିକୁ ଆସିବା ଦିନରୁ
ଭଲରେ କାଟୁଛି ଦିନ
ଭଲରେ ମନ୍ଦରେ ଚଳାଇ ଦେଇଛ

କରିନାହଁ ଅଭିମାନ ।(୪)

ତୁମେ ମୋ ଅତୀତ ତୁମେ ବର୍ତ୍ତମାନ
ତୁମେ ମୋ ଜୀବନ ଧନ
ତୁମ ବିନା ମୋର ଜୀବନ ନଉକା
ହୋଇଯିବ ମୂଲ୍ୟହୀନ ।(୫)

କଉଡି ଖେଳଛି ଜନ୍ମ ଜନ୍ମ ପାଇଁ
ଛଡାଇ ନେବେନ କେହି
ସାତ ଜନମକୁ ଜନମ ଆମର
ଦୁହେଁ ତ ଦୁହିଁଙ୍କ ପାଇଁ ।(୬)

ବାଟି, ସିମୁଳଆ, ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଚିରପ୍ରେମିକ ହେବାର ଲାଳସାରେ



କବି ପ୍ରସାଦ

ଆଜି ସ୍ମୃତି ଉଜାଗର ହେଲା
ପୁଣି ଆଖିସାମ୍ନାରେ ଖେଳିଗଲା ସେଇ ସବୁ କ୍ଷଣ
କେ ଜାଣି ?
ଆଜି ଅନେକ ଦିନ, ମାସ, ବର୍ଷ ପରେ
ତୁମେ କେମିତି ମୋ ହୃଦୟ ଆକାଶରେ ଉଇଁଲ ?

ପୁନେଇଁ ତିଥି ବୋଧେ ଆଜି
ବହୁ କାଳ ଅନ୍ତରାଳେ
ପୁରୁଣା ଜହ୍ନ ବାଟବଣା ହୋଇ
ଅକସ୍ମାତ ଆସିଛି ମୋ ଭାବନା ଆକାଶେ ଧାଇଁ ।

ସେ ଯାହାହେଉ ନା କାହିଁକି
ମନେପଡିଗଲା କିଛି ଅତୀତର ବେଳା
ତୁମର ସେ ସ୍ମିତ ହସହସ ଅଧର
ଆଉ ଫୁର୍ ଫୁର୍ ପବନେ ଉଡୁଥିବା ଘନ କଳା କେଶ
ତୁମ ମିଠା ମିଠା କୋଇଲି ସ୍ୱର
ତୁମ ନଦେଖିଲା ପରି ଗ୍ଲେଗ୍ଲହାଣୀ
ସତରେ
ତୁମେ ବାସ୍ତବରେ ଭିନ୍ନ ଥିଲ ମୋ ପାଇଁ ।

ମୁଁ ଦେଖୁଥିଲି ତୁମକୁ ଅନେକ ଥର
ତଥାପି ତୁମେ ଲାଗୁଥିଲ ଚିର ନୂତନ
ସତେଜ, ସରସ, ଚିତ୍ତାକର୍ଷକ
ଜଣା ଥିଲା ବୋଧେ ତୁମକୁ କୁହୁକ
ତେଣୁକରି
ମନକୁ ମୋ ଘେରେଇ ନେଇଥିଲ ।

ମୁଁ ଲେଖିଛି ଅନେକ ଥର ଚିଠି
କିନ୍ତୁ ଦେବାକୁ ସାହାସ ହେଉନଥିଲା
ବୋଧେ ତୁମେ ମନା କରିଦେବ
ଆଉ ମୋ ହୃଦୟ ଭାଙ୍ଗିଯିବ
ଜନ୍ମ ନେବା ଆଗରୁ ମରିଯିବ ନୂତନ ପ୍ରେମିକ ଟିଏ
ସେଇ ଭୟରେ
ପୁଣି ଚିରିଦିଏଁ ଚିରପ୍ରେମିକ ହେବାର ଲାଳସାରେ ।

ସମୟ ନିଜ ଧାରେ ବହିଗଲା
ତୁମେ ଗଲ ତୁମବାଟେ
ମୁଁ ଚାଲିଲି ମୋ ବାଟେ
ନା ଅବଶୋଷ ଥିଲା ନା ଅନୁତପ୍ତ
ହଁ
ରହିଗଲ ହୃଦୟର ଖାତାରେ ଲିପିବଦ୍ଧ ହୋଇ
ସେଇ ଅମ୍ଳାନ ସ୍ମୃତିର କବିତା ରୂପେ
ଆଜି ଅଜାଣତରେ
ତୁମ ପୃଷ୍ଠା ଉନ୍ମୋଚିତ ହେଲା
ପଢି ହେଇଗଲି ଭାବ ବିଭୋର
କିଛି କ୍ଷଣ ପାଇଁ ହଜିଯାଇ ଅତୀତର ଗନ୍ତାଘରେ ।

ସର୍ଗିଗୁଡା, ମଣ୍ଡଲ୍, ବେଲପଡା, ବଲାଙ୍ଗୀର

# ପ୍ରେମ ନିବେଦନ



ସୁଦାମ ଲେଙ୍କା

ପ୍ରେମ ନିବେଦନ କରୁଅଛି ପ୍ରିୟା,
ତୁମରି ମୁହଁକୁ ଚାହେଁ !
ହସି ହସି ଟିକେ କହିଦିଅ ତୁମେ,
ତୁମକୁ ମୁଁ ଭଲ ପାଏ !!
ହାତରେ ଧରିଛି ଗୋଲାପକୁ ମୁହିଁ,
ତୁମକୁ ତ ଦେବାପାଇଁ !
ଗୋଲାପ ଚାହିଁଛି ତୁମ ଓଠ ଛୁଆଁ,
ହୃଦୟକୁ ଡାକନେଇ !!
ବରଷକେ ଥରେ ଆସିଛି ଏ ଦିନ,
କର ନାହିଁ ଅବମାନ !
ହାତଟି ତୁମର ମୋ ହାତକୁ ଦେଇ,
କରିନଅ ସବୁଦିନ !!

ପରିରାଇଜର ରାଇଜେ ରହିବା,
ନଥିବେ ସେଠାରେ କେହି !
ନୂତନ ସୂର୍ଯ୍ୟର କିରଣ ଆଣିକ,
ତୁମ ପାଦେ ଦେବି ମୁଁହି !!
ତୁମେ ହସୁଥିବ ମୁଁହି ଦେଖୁଥିବି,
କହୁଥିବ କିଛି କଥା !
ତୁମ ରାଣ ଖାଇ କହୁଛି ହେ ପ୍ରିୟା,
ନଥିବ ଜୀବନ ବ୍ୟଥା !!!!

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ଗୋନାସିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
କେନ୍ଦୁଝର

# ଛାତିରେ ଛାତିଏ କୋହ



ଧିରେନ୍ଦ୍ର ମଲ୍ଲିକ

ବୁଲିଥିଲି ଦିନେ ଦରିଆ କୂଳରେ
ଦେଖିଦେଲି ତତେ ଯେବେ,
ଆଖି ବୁଜିଲେ ତୁ ଭାବନାରେ ଆସୁ
ହଜିଯାଉ ପୁଣି କେବେ,,
ତୋ ରୂପ ଦେଖିଲେ ଫୁଲେଇ ଜହ୍ନଟା
କରେ କାହିଁ ଏତେ ଇର୍ଷା,
ମନ ତୋର ନୀଳ ବାଦଲ ପରିକା
ଅଦିନେ ଝରଏ ବର୍ଷା,,
ଭଲ ପାଉଥିଲି ତତେ ମୁଁ ଯେ ସାଥି
ଦୁରେଇ ଗଲୁତୁ କାହିଁ,
ବିଶ୍ୱାସ ଭରସା କରିଥିଲି କେତେ
ପ୍ରତାରଣା କଲୁ ତୁହି,,
ନିଃସ୍ୱାର୍ଥପର ହୃଦୟରୁ ମୋର
ନଇତୀ ଝରୁଛି ଲୁହ,
ମନର ବେଦନା ବୁଝିଲୁନି ପ୍ରିୟା
ଛାତିରେ ଛାତିଏ କୋହ,,

ନଳକଣ୍ଠପୁର, ମଙ୍ଗଳପୁର ଯାଜପୁର

# ଧର୍ମର ପରିଭାଷା



ବାଲ୍ମୀକି ନାୟକ

ଧର୍ମର ପରିଭାଷା ଖୋଜିବା ସତରେ ଏକ କଷ୍ଟକର ବ୍ୟାପାର। ଦୁନିଆର ବିଭିନ୍ନ ଦେଶର ବିଭିନ୍ନ ଗଣମାନ୍ୟ ବିଦ୍ୱାନ ବ୍ୟକ୍ତି ଧର୍ମର ପରିଭାଷାକୁ ଅଲୌକିକ, ଦିବ୍ୟ ଏବଂ ପରାପ୍ରାକୃତିକ ତତ୍ତ୍ୱ ହିସାବରେ ବ୍ୟାଖ୍ୟା କରିଥାନ୍ତି। ସେମାନଙ୍କର ଏହି ଦୃଷ୍ଟିକୋଣ ସହିତ ଅଧିକାଂଶ ଲୋକ ସହମତି ପ୍ରକଟ କରିଥାନ୍ତି। ଅନ୍ୟ କିଛି ବିଦ୍ୱାନଙ୍କ ମତରେ ଆଧ୍ୟାତ୍ମିକ ଅଥବା ଦିବ୍ୟତତ୍ତ୍ୱକୁ ମାନିବା ଏବଂ ତାହାକୁ ହିଁ ଜୀବନର ଆଦର୍ଶ ମାର୍ଗ ମାନି ଚାଲିବା, ଧର୍ମକୁ ଅନ୍ୟ ଗତିବିଧି ଠାରୁ ଭିନ୍ନତ୍ୱ ପ୍ରଦାନ କରୁଛି। ଆମେ ଏଇଠି ସେହିଭଳି ଭିନ୍ନ ମତ ପୋଷଣ କରୁଥିବା କିଛି ବିଦ୍ୱାନଙ୍କ ବିଚାରର ଉଲ୍ଲେଖ କରୁଛୁ।

"ଏନସାଇକ୍ଲୋପିଡିଆ ଅଫ୍ ରିଲିଜନ୍ସ" ପୁସ୍ତକରେ ଆର ବି ଟେଲର କହିଛନ୍ତି – "ଦିବ୍ୟ ଶକ୍ତିମାନଙ୍କର ଅସ୍ତିତ୍ୱ ଉପରେ ବିଶ୍ୱାସ କରିବା ହେଉଛି ଧର୍ମ।" ଜେ ଜି ଫ୍ରେଜର କହିଛନ୍ତି – "ମୁଁ ଭାବୁଛି ମାନବ ଠାରୁ ଉଚ୍ଚ ଶକ୍ତି, ଯାହା ମାନବ ଏବଂ ପ୍ରାକୃତିକୁ ସଂଚାଳନ ଏବଂ ନିୟନ୍ତ୍ରଣ କରୁଛି, ତାକୁ ପ୍ରସନ୍ନ ରଖିବା ହେଉଛି ଧର୍ମ।" ଡବ୍ଲୁ ୱାର୍ଡ ଫାଉଲର କହିଛନ୍ତି – "ବିଶ୍ୱରେ ବିକଶିତ ହେଉଥିବା ଶକ୍ତି ସପକ୍ଷରେ ରହିବାର ତୀବ୍ର ତଥା ପ୍ରଭାବପୂର୍ଣ୍ଣ ଇଚ୍ଛା ହିଁ ଧର୍ମ।" ଶ୍ରୀ ଅରବିନ୍ଦ ଘୋଷ ଧର୍ମ ସଂପର୍କରେ ଏକ ସ୍ପଷ୍ଟ ମତ ଦେଇ କହିଛନ୍ତି – "ଧର୍ମର ଆତ୍ମା ହେଉଛି ଇଶ୍ୱରଙ୍କ ସନ୍ଧାନ ଏବଂ ପ୍ରାପ୍ତି। ଧର୍ମର ଆକାଂକ୍ଷା ହେଉଛି ସେହି ଅସୀମ, ଦିବ୍ୟ ବ୍ରହ୍ମକୁ ଖୋଜିବା, ଯାହା ସଂସାରରେ ବିଦ୍ୟମାନ ସମସ୍ତ ବସ୍ତୁ କଳ୍ପନା ମାତ୍ର ନୁହେଁ ବରଂ ଅସ୍ତିତ୍ୱକୁ ପ୍ରମାଣ କରୁଛି। ଧର୍ମ ଏକ ଏଭଳି ଜୀବନ ଶୈଳୀ ଯାହା ମାନବ ତଥା ବ୍ରହ୍ମର ସତ୍ତା ଏବଂ ଆତ୍ମୀୟ ସମ୍ବନ୍ଧ ଉପରେ ଆଧାରିତ। ଧର୍ମ ଏକ ଏଭଳି ସମ୍ବନ୍ଧ ଯାହା

ଭିତରେ ଏକତ୍ୱ, ଭିନ୍ନତ୍ୱ, ପ୍ରକାଶିତ ଜ୍ଞାନ, ଅତ୍ୟୁଚ୍ଚ ପ୍ରେମ, ଆନନ୍ଦ, ସମ୍ପୂର୍ଣ୍ଣ ସମର୍ପଣ, ସେବା ମନୋବୃତ୍ତି ସହିତ ଆମର ଅସ୍ତିତ୍ୱର ପ୍ରତ୍ୟେକ ଭାଗର ସାମାନ୍ୟ ସ୍ଥିତି ଦ୍ୱାରା ମାନବର ଦିବ୍ୟତ୍ୱ ଦିଗରେ ପ୍ରଗତି ତଥା ଦିବ୍ୟ ତତ୍ତ୍ୱକୁ ମାନବ ଜୀବନରେ ଅବତରଣ କରୁଛି ।” (ଦି ହ୍ୟୁମେନ ସାୟକଲ, ପୃ-୧୪୪) ।

ଇଂରେଜୀରେ ଧର୍ମକୁ ରିଲିଜନ କୁହାଯାଏ । ରିଲିଜନ ଅଥବା ଧର୍ମର ଶାବ୍ଦିକ ଅର୍ଥ ହେଉଛି ବନ୍ଧନ । ଧର୍ମକୁ ମାନୁଥିବା ଲୋକମାନେ ପରସ୍ପର ସହିତ ବାନ୍ଧି ହୋଇ ରହନ୍ତି । ଏଥିରେ ଆଦୌ ସନ୍ଦେହ ନାହିଁ ଯେ ଧର୍ମ ହିଁ ଲୋକମାନଙ୍କୁ ପରସ୍ପର ସହିତ ବାନ୍ଧି ରଖିପାରେ । ବିଶେଷ କରି ଯେତେବେଳେ ଅନ୍ୟ ଧର୍ମର ଲୋକମାନେ ଆକ୍ରମଣ କରନ୍ତି, ସେତେବେଳେ ଆହୁରି ବେଶୀ ଏହି ବନ୍ଧନର ଦୃଢ଼ତା ଦେଖିବାକୁ ମିଳଥାଏ । ଆଜି ବିଶ୍ୱର ମାନବ ସମାଜ ବହୁ ଧର୍ମୀୟ ହୋଇଥିବାରୁ ଧର୍ମର ବନ୍ଧନ ସ୍ପଷ୍ଟ ଭାବେ ପ୍ରମାଣିତ ହେଉଛି । ଧର୍ମର ଆଉ ଏକ ଉଦ୍ଦେଶ୍ୟ ହେଉଛି ଭଗବାନଙ୍କ ଠାରୁ ଦୂରେଇ ଯାଉଥିବା ସନ୍ଦେହୀ ଭକ୍ତମାନଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା । ଏକ ଧର୍ମୀୟ ସମାଜରେ ଆମେ ଏହା ମୁଖ୍ୟତଃ ଦେଖିବାକୁ ପାଉ । ଧର୍ମର ବିଶେଷ କ୍ଷେତ୍ର ହେଉଛି ପାରଲୌକିକତା ଏବଂ ଅଲୌକିକତା । ସେଥିପାଇଁ ଆମେ ଦେଖିଛୁ – ସ୍ୱର୍ଗ, ନର୍କ, ଈଶ୍ୱର, ଦେବଦୂତ, ମୋକ୍ଷ, ପୁନର୍ଜନ୍ମ, ଆତ୍ମା, ପରମାତ୍ମା ଆଦି ସଂପର୍କରେ କେବଳ ଧର୍ମରେ ହିଁ ବେଶୀ ଚର୍ଚ୍ଚା ହୋଇଥାଏ । ଧାର୍ମିକ ପ୍ରବଚନରେ ବି ଈଶ୍ୱର, ଆତ୍ମା-ପରମାତ୍ମା, ପାପ, ପୂଣ୍ୟ, ସ୍ୱର୍ଗ, ନର୍କ, ମୋକ୍ଷ, ପୁନର୍ଜନ୍ମ ଆଦି ବିଷୟରେ ହିଁ ଚର୍ଚ୍ଚା ହୋଇଥାଏ । ଲୌକିକ ଜଗତର ମାନବୀୟ ଗୁଣ, ପ୍ରେମ, ଦୟା, କ୍ଷମା ଆଦିର ବିକାଶ ପାଇଁ ଯେଉଁ ଉପଦେଶ ଦିଆଯାଏ, ଯଥା: ମିଛ କୁହ ନାହିଁ, ସଦା ସତ୍ୟ କୁହ, ଚୋରି କରନାହିଁ, ଅନ୍ୟ ପ୍ରତ୍ ହିଂସା କରନାହିଁ, କାହାରି ମନରେ କଷ୍ଟ ଦିଅନାହିଁ, ଅସହାୟକୁ ସାହାଯ୍ୟ କର ଇତ୍ୟାଦି ଧାର୍ମିକ ପ୍ରବଚନ ଶ୍ରେଣୀରେ ଆସେ ନାହିଁ । କନ୍ତୁ ଏହି ସବୁ ଉପଦେଶକୁ ଯଦି ଅନ୍ୟ ଏକ ଢଙ୍ଗରେ କୁହାଯିବ ଯଥା: ଚୋରି କଲେ ପାପ ହେବ, ଭଗବାନ ତୁମ୍ଭକୁ ଦଣ୍ଡ ଦେବ, ହିଂସା କଲେ ନର୍କକୁ ଯିବ, ତୁମ୍ଭକୁ ମୋକ୍ଷ ପ୍ରାପ୍ତ ହେବନାହିଁ,

ତେବେ ଧାର୍ମିକ ଉଦ୍ଦେଶ୍ୟ ପୂରଣପାଇଁ ଏହି ପ୍ରବଚନକୁ ଧର୍ମର ଏକ ବାହ୍ୟ ଅଙ୍ଗ ରୂପେ ସ୍ୱୀକାର କରାଯାଏ ।

କେତେକ ଭାରତୀୟ ବିଦ୍ୱାନ କହନ୍ତି – ରିଲିଜନ ଏବଂ ଧର୍ମ ଏକା ବିଷୟ ନୁହେଁ। କାରଣ ରିଲିଜନ ପରଲୋକ କେନ୍ଦ୍ରୀତ ଏବଂ ଧର୍ମ ଇହଲୋକ ଓ ପରଲୋକ ଉଭୟ କ୍ଷେତ୍ରର ବିଗ୍ରହ । ଏହା ଏକପ୍ରକାର ସତକଥା ।

ବୈଶେଷକ ସୂତ୍ର ୧.୧.୨ ଅନୁସାରେ "ୟତୋ ଅଭ୍ୟୁଦୟ ନିଃଶ୍ରେୟସଃ ସିଦ୍ଧିଃସ ଧର୍ମଃ" ଅର୍ଥାତ ଧର୍ମ ହେଉଛି ସେହି ମାର୍ଗ ଯାହା ଦ୍ୱାରା ଆମକୁ ଏହି ଲୋକରେ ଉନ୍ନତି ଏବଂ ପରଲୋକରେ ମୋକ୍ଷ ପ୍ରାପ୍ତ ହେଉଛି। ଆଉ କିଛି ବିଦ୍ୱାନଙ୍କ ମତରେ "ନିଜର କର୍ତ୍ତବ୍ୟ ହିଁ ଧର୍ମ", ନିଜର ସଂପ୍ରଦାୟ ସମ୍ପର୍କରେ ତିଆରି ହୋଇଥିବା କର୍ତ୍ତବ୍ୟ ବିଧିର ସଂପାଦନକୁ ବି ଧର୍ମ କୁହାଯାଏ। ଅର୍ଥାତ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ରଙ୍କ ଧର୍ମ ବି ଅଲଗା ଅଲଗା ହେବ । ମଣିଷର ବିଭିନ୍ନ ବୟସ ଅନୁସାରେ ବି ଧର୍ମ ଅଲଗା ହେବ ଯଥା : ବିଦ୍ୟାର୍ଥୀ ଧର୍ମ, ଗୃହସ୍ଥ ଧର୍ମ, ବାନପ୍ରସ୍ଥ ଧର୍ମ, ସନ୍ନ୍ୟାସୀ ମାନଙ୍କର ବି ଏକ ଅଲଗା ଧର୍ମ ଥାଏ ।

ଆମେ ଦେଖୁଛୁ ଭାରତରେ ସର୍ବମାନ୍ୟ ଧର୍ମଗ୍ରନ୍ଥ ବୋଲି ଗୋଟିଏ ଧର୍ମଗ୍ରନ୍ଥ ନାହିଁ। ଅନେକ ଧର୍ମଗ୍ରନ୍ଥ ଥିବାରୁ ସେଥିରେ ଧର୍ମ ବିଷୟରେ ବି ଅନେକ ମତ ପାର୍ଥକ୍ୟ ଦେଖିବାକୁ ମିଳୁଛି । କିଛି ପଣ୍ଡିତ କୁହନ୍ତି – "ମହାଭୂତରେ ସ୍ଥିତ ବିଭିନ୍ନ ପ୍ରାଣୀଙ୍କ ସ୍ୱାଭାବ କିମ୍ବା ମୂଳ ପ୍ରବୃତ୍ତି ଧର୍ମ ।"

ସେହିଭଳି ପ୍ରତ୍ୟେକ ପ୍ରାକୃତିକ ବସ୍ତୁର ଧର୍ମ ଅଲଗା। ପାଣିର ଧର୍ମଠାରୁ ନିଆଁର ଧର୍ମ ଅଲଗା। ବାଘ ଓ ସିଂହଙ୍କ ଧର୍ମ ଠାରୁ ଗାଈ ଓ ଛେଳିଙ୍କ ଧର୍ମ ଅଲଗା। କେତେକ ବିଦ୍ୱାନଙ୍କ ମତରେ ଯେଉଁ କାମ ଦ୍ୱାରା ସୁରକ୍ଷା ଓ ସଂରକ୍ଷଣ ମିଳିପାରୁଛି ସେହି କାମକୁ ସୁଗ୍ଠରୁ ରୂପେ ସଂପାଦନ କରିବା ହେଉଛି ଧର୍ମ। ସମାଜର ବିଭିନ୍ନ ପଦବୀରେ ରହୁଥିବା ବ୍ୟକ୍ତିଙ୍କ ଧର୍ମ ବି ଅଲଗା। ରାଜାଙ୍କ ଧର୍ମ, ପ୍ରଜାଙ୍କ ଧର୍ମ, ପତିର ଧର୍ମ, ପତ୍ନୀର ଧର୍ମ, ପିତା, ପୁତ୍ର, କନ୍ୟା, ଭାଇ, ଭଉଣୀ, ପଡୋଶୀଙ୍କ ଧର୍ମ କିମ୍ବା କର୍ତ୍ତବ୍ୟ ଅଲଗା ଅଲଗା ।

ଧର୍ମର ଆହୁରି ଗୋଟିଏ ବିଭାଜନ ହେଉଛି "ସାଧାରଣ ଧର୍ମ ଏବଂ ଆପଦ୍ଧର୍ମ । ଜୀବନରେ ସବୁ କିଛି ସାମାନ୍ୟ ଢଙ୍ଗରେ ଚାଲୁଥିବା ବେଳେ ସାଧାରଣ ଧର୍ମ ପାଳନ କରିବା ସମ୍ଭବ ଏବଂ ସହଜ ହୋଇଥାଏ । କିନ୍ତୁ ଜୀବନରେ ଯଦି କିଛି ଅବାଞ୍ଛିତ ପରିସ୍ଥିତି ଆସିଯାଏ ଏବଂ ସାଧାରଣ ଜୀବନଯାପନ କଷ୍ଟମୟ ହୋଇଯାଏ, ସେତେବେଳେ ଆପଦ୍ଧର୍ମ ପାଳନ କରିବାକୁ ପାପ ଓ ଦୋଷ ବୋଲି କୁହାଯାଏ ନାହିଁ । ଉଦାହରଣ: ସାଧାରଣତଃ ବ୍ରାହ୍ମଣ ବା ପୂଜକ ସମାଜକୁ ମାଂସାହାର କରିବା ନିଷେଧ କରାଯାଇଛି କିନ୍ତୁ ଯଦି କେଉଁଠି ଅକାଳ ପଡିଯାଏ ଏବଂ ଶସ୍ୟ, ଫଳ ଆଦି ନମିଳିବ, ସେଇଠି ଜୀବନ ବଞ୍ଚେଇବା ପାଇଁ ଆମିଷ ଖାଇବା ଦୋଷ ନୁହେଁ । ସେମାନେ ପରେ ଅର୍ଥାତ୍ ପରିସ୍ଥିତି ସାମାନ୍ୟ ହୋଇଯିବା ପରେ ଧାର୍ମିକ ରୀତିରେ ପ୍ରାୟଶ୍ଚିତ କରିବାପାଇଁ ବି ନିର୍ଦ୍ଦେଶ ଦିଆଯାଇଛି । ଆମ ଦେଶରେ ବର୍ତ୍ତମାନ ଯୁଗରେ ପବିତ୍ର ନଦୀରେ ସ୍ନାନ କରି ପଣ୍ଡାମାନଙ୍କୁ ଦାନ ଦକ୍ଷିଣା ଦେଲେ ପାପ ମୁକ୍ତ ହୋଇ ସ୍ୱର୍ଗରେ ସ୍ଥାନ ଆରକ୍ଷଣ ହେଉଥିବା, କୌଣସି ତୀର୍ଥ ସ୍ଥାନକୁ ଯାତ୍ରା କରି ସେଇଠି ପୂଜା ଅର୍ଚ୍ଚନା କଲେ ସକଳ ସମସ୍ୟାରୁ ମୁକ୍ତି ମିଳୁଥିବା, ମନ୍ଦିର, ମସଜିଦ୍ ଓ ଚର୍ଚ୍ଚକୁ ଯାଇ ପ୍ରାର୍ଥନା କଲେ ପ୍ରତିଦିନ କରୁଥିବା ପାପ କର୍ମକୁ "ପାପ" କଟିଯାଇ କେବଳ କର୍ମ ହିଁ ବାକି ରହୁଥିବା ଧର୍ମଗ୍ରନ୍ଥରେ ଲେଖାଥିବା ଭାଷା ଓ ଭାବ ବୁଝାପଡୁ ବା ନପଡୁ (ବୁଝୁ ନବୁଝୁ ପଢ ଗୀତା) ପଢିଲେ ମନରେ କେବଳ ଆଧ୍ୟାତ୍ମିକ ଚେତନା ଜାଗ୍ରତ ରହିବା ଅନେକ (ଭିତ୍ତିହୀନ) ବିଶ୍ୱାସ ଓ କର୍ମକାଣ୍ଡକୁ କେନ୍ଦ୍ରରେ ରଖି ବିକଶିତ ହୋଇଥିବା ସାମୂହିକ ଜୀବନ ଶୈଳୀକୁ ସମସ୍ତେ ଧର୍ମ ବୋଲି କହୁଛନ୍ତି । ବାକି ସମସ୍ତ ଅର୍ଥ ଧର୍ମ ପାଇଁ ଗୌଣ ହୋଇଯାଇଛି । ଭାରତରେ ବି ବର୍ତ୍ତମାନ ଧର୍ମକୁ ରିଲିଜନ ଅର୍ଥାତ୍ ଦିବ୍ୟତ୍ୱର ପ୍ରାପ୍ତି ଅର୍ଥରେ ହିଁ ସମସ୍ତେ ବୁଝିଛନ୍ତି ।"

ଦିବ୍ୟତ୍ୱ, ପାରଲୌକିକତା, ଆଧ୍ୟାତ୍ମ ଭଳି ବିଷୟକୁ କେନ୍ଦ୍ର ସ୍ଥାନରେ ରଖି ଆଦର୍ଶ ବିଚାର ବୋଲି ମାନିବା ଯୋଗୁଁ ଧାର୍ମିକ ବିଶ୍ୱାସ ସ୍ୱଅନୁଭୂତି ପରମ୍ପରା, ତୀର୍ଥ ଯାତ୍ରା, ଭାଷା, କର୍ତ୍ତବ୍ୟ ଓ ଆଦର୍ଶବାଦ ଆଦି ଧର୍ମନିରପେକ୍ଷ କ୍ଷେତ୍ରରେ ଥିବା ବିଶ୍ୱାସ ସ୍ୱଅନୁଭୂତି, ଭାଷା, କର୍ତ୍ତବ୍ୟ, ପ୍ରଥା ଓ ଆଦର୍ଶବାଦଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ଦେଖାଯିବ ।

ଧାର୍ମିକ ବିଶ୍ୱାସ ଏବଂ ଲୌକିକ ବିଶ୍ୱାସ ଭିତରେ ଥିବା ମୌଳିକ ପ୍ରଭେଦକୁ ଏକ ଛୋଟ ଉଦାହରଣରୁ ବୁଝିପାରିବା । ସକାଳ ହେଲେ ସୂର୍ଯ୍ୟ ଉଦୟ ହେବା, ସନ୍ଧ୍ୟା ହେଲେ ସୂର୍ଯ୍ୟ ଅସ୍ତ ହେବା, ପୂର୍ଣ୍ଣିମା ଦିନ ରାତିରେ ଚନ୍ଦ୍ର ଦର୍ଶନ ନଦେବା, ଋତୁ ପରିବର୍ତ୍ତନ ହେଲେ ଗ୍ରୀଷ୍ମ, ବର୍ଷା ଓ ଶୀତ ଅନୁଭବ କରିବା ଆଦି ପ୍ରାକୃତିକ ଘଟଣା ପୃଥିବୀ ଘୁରୁଥିବା କାରଣରୁ ଆପେ ଆପେ ହେଉଛି । ଏହା ହେଉଛି ପ୍ରାମାଣିକ ବିଜ୍ଞାନ ସିଦ୍ଧ ଲୌକିକ ବିଶ୍ୱାସ । ଏଥିରେ କାହାରି ସନ୍ଦେହ ନାହିଁ । କିନ୍ତୁ ଧାର୍ମିକ ବିଶ୍ୱାସ କହୁଛି ସୂର୍ଯ୍ୟ ଉଦୟ ହେବା, ଅସ୍ତ ହେବା, ଖରା, ବର୍ଷା ଓ ଶୀତ ଆସିବା ସବୁ କିଛି ଈଶ୍ୱରଙ୍କ ଇଚ୍ଛା ଅନୁସାରେ ମାନବଜାତିର ମଙ୍ଗଳପାଇଁ ହେଉଛି । ତେଣୁ ମଣିଷ ସେହି ସବୁ ପ୍ରାକୃତିକ ଘଟଣା ପାଇଁ କୃତଜ୍ଞତା ପ୍ରକଟ କରି ଦେବତାମାନଙ୍କୁ ପୂଜା, ଅର୍ଚ୍ଚନା, ଆରାଧନା ଆଦି କରିବା ଉଚିତ ।

ଉପରୋକ୍ତ ସମସ୍ତ ତର୍କ ବିତର୍କକୁ ମନରେ ରଖି ଶେଷରେ ଆମେ ଧର୍ମର ପରିଭାଷାକୁ ନିମ୍ନମତେ ପ୍ରକାଶ କରିପାରିବା । ଧର୍ମ ଏକ ଏଭଳି ପବିତ୍ର ମାର୍ଗ ଯାହା ବିଷୟରେ ଧର୍ମ ସଂସ୍ଥାପକମାନେ ଧର୍ମଗ୍ରନ୍ଥରେ ଲେଖିଯାଇଛନ୍ତି କିମ୍ବା କହି ଯାଇଛନ୍ତି ସେହି ମାର୍ଗକୁ ବିଶ୍ୱାସ କରି ଶ୍ରଦ୍ଧା ଓ ସମର୍ପଣ ଭାବେ ଯାତ୍ରା କଲେ ଧର୍ମ ସାଧକ ଏହି ଜଗତରେ ଲୌକିକ ଜୀବନର ଲାଭ ପାଇବା ସହିତ ପାରଲୌକିକ ଜଗତର ଦିବ୍ୟ ମୋକ୍ଷ ବି ପ୍ରାପ୍ତ କରିପାରିବ । ଧର୍ମ ଜୀବନର ସମସ୍ତ ଅବସ୍ଥାକୁ ସମ୍ମନ୍ୱିତ କରୁଥିବା ଜୀବନଶୈଳୀ ବି ହୋଇପାରେ । ବ୍ୟକ୍ତିଗତ ହେଉ ବା ସାମାଜିକ, ଲୌକିକ ହେଉ ବା ପାରଲୌକିକ, ଭୂତକାଳୀନ ହେଉ, ବର୍ତ୍ତମାନ ଅଥବା ଭବିଷ୍ୟତ କାଳୀନ ହେଉ, କୌଣସି ବିଷୟ ଧର୍ମ ଆଖିରେ ଲୁଚି ରହି ପାରିବ ନାହିଁ । ଗୋଟିଏ ସଚ୍ଚୋଟ ଧାର୍ମିକ ବ୍ୟକ୍ତି ପାଇଁ ଜୀବନର ପ୍ରତ୍ୟେକଟି କ୍ଷେତ୍ର ଧର୍ମ କ୍ଷେତ୍ର ଧର୍ମ ହେବା ଆବଶ୍ୟକ । ତା ଜୀବନର ସୁଖଦ ଘଟଣା ହେଉ ଅଥବା ଦୁଃଖଦ, ସାମାନ୍ୟ ଘଟଣା ହେଉ ଅଥବା ଚମତ୍କାରୀ ପ୍ରତ୍ୟେକ ଛୋଟ, ବଡ ଘଟଣା ତା ଦୃଷ୍ଟିରେ ବିଶ୍ୱକୁ ନିୟନ୍ତ୍ରିତ କରୁଥିବା ଦିବ୍ୟ ଶକ୍ତି ଦ୍ୱାରା ନିୟୋଜିତ ହୋଇଥାଏ ।

ବିଡମ୍ବନା ହେଉଛି ଯେ ଆଜିର ଯୁଗରେ ଏକ ସଚ୍ଚୋଟ ଧାର୍ମିକ ବ୍ୟକ୍ତି କିଏ? ଚିହ୍ନିବା ଓ ଜାଣିବା ଅସମ୍ଭବ ହୋଇପଡିଛି । କୌଣସି ବ୍ୟକ୍ତି ତାର ସତ୍ ଆଚରଣ ଓ ଧର୍ମୀୟ ଜୀବନ

ଶୈଳୀ ଯୋଗୁଁ କଛି ଲୋକଙ୍କୁ କଛିଦିନ ପାଇଁ ପ୍ରଭାବିତ କରୁଥିଲେ ବି ହଠାତ୍ ଦିନେ ତାର ଅସଲ ଘୃଣ୍ୟ ଆଚରଣ ଓ ଧର୍ମୀୟ ପ୍ରବଞ୍ଚନା ଜନସାଧାରଣ ଜାଣିପାରୁଛନ୍ତି । ସେଇଠି ପ୍ରଶ୍ନ ଉଠୁଛି-ଯଦି ଧର୍ମ ନାମରେ କଛି ଧୂର୍ତ୍ତ ଲୋକ ସାଧାରଣ ଲୋକମାନଙ୍କୁ ଠକବାରେ ସକ୍ଷମ ହୋଇପାରନ୍ତି, ତେବେ ଧର୍ମର ପରାକାଷ୍ଠା କେଉଁଠି? ଲୌକିକ ଜଗତରେ ଯଦି ତଥାକଥିତ ଧର୍ମ ମଣିଷ ଭିତରେ ଦୟା, କ୍ଷମା, ପ୍ରେମ, ତ୍ୟାଗ, ନୈତିକତା ଓ ମାନବିକତା ଜାଗ୍ରତ କରିପାରୁନ, ତେବେ ପାରଲୌକିକ ଜଗତରେ ମୋକ୍ଷ, ସ୍ୱର୍ଗ ଆଦି ପ୍ରାପ୍ତିର ବିଶ୍ୱାସ କେତେଦୂର ସତ ହୋଇପାରେ?

କେ.ଆର. ପୂରମ, ବାଙ୍ଗାଲୋର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ବିଦ୍ରୋହ

ଲୋକେଶ୍ୱର ପାଣ୍ଡେ

ମା ସଜେଇଦେ ମତେ
ଏବେ ଉଡାଣ ଭରିବି ଆକାଶର ଛାତିରେ
ବିଦ୍ରୋହ ର ଗୀତ ଗାଇ କହିବି -
ଆମେ ହୋ ନଷ୍ଟେସିତ ଶୋଷିତ,
ଏ ମାଟି, ପାଣି-ପବନ
ପାହାଡ଼-ପର୍ବତ
ଗଛ- ବୃଛ
ସବୁ ଆମର ।
ଏ ଯୋଉ ପଥର, ପଥର ନୁହେଁ
ସାକ୍ଷାତ ଈଶ୍ୱର
ଏ ମାଟି ଖାଲି ମାଟି ନୁହଁ
ମାଆଟି ମୋର ।
ଫେରେଇ ଦିଅ ଗୁର, କେନ୍ଦୁ, ପଣସ
ଶାଳ-ପିଆଶାଳ  ତାଳ, ମହୁଲ
ମିଠା ମିଠା ଜହ୍ନ ରାତି ଆଉ
ନଷ୍ଟପ ସକାଳ।
ଫେରେଇ ଦିଅ ସାତ ପୁରୁଷର ବସା
ପ୍ରିୟତମ ମଶାଣି ଆଉ ଧରସା
ଉଦାର ଆକାଶ ବଞ୍ଚିବାର ଆଶା।

ଫେରେଇ ନଅ ଠାଣି ମାନୀର ଝଲକ
ଘୃଣା ପ୍ରତାରଣାର ସିନ୍ଦୁକ
ଆଉ ମିଠା ଜହରର ବିଳାସ।
ମାଁ ! ପିନ୍ଧେଇ ଦେ ବିଜୟର ଟୀକା
ଏବେ ଉଡାଣ ଭରିବି ଆକାଶର ଛାତିରେ
ଗାଇ- ବିଦ୍ରୋହର ଗୀତି
କହିବି-ଏ ଯୋଉ ପଥର, ପଥର ନୁହଁ
ସାକ୍ଷାତ ଈଶ୍ୱର
ଏ ମାଟି,ଖାଲି ମାଟି ନୁହଁ
ମାଁ' ଟି ମୋର, ମାଁ' ଟି ମୋର ।

ଦଶପୁର, ବଲାଙ୍ଗିର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ବିଦ୍ୟା ଧନ

ନଲମ୍ବର ମହାନନ୍ଦ

ଏମିତି ସେମିତି ନୁହଇ ସେ ଧନ
ବାଣ୍ଟି ଦେଲେ ସରିଯିବ
ଯେତିକ ବାଣ୍ଟିଲେ ସେତିକ ବଢ଼ିବ
ଜଗତ ଆଲୋକ ହେବ ।
ସେହି ଧନ ପାଇଁ ମୂର୍ଖ ତୋ ପଣ୍ଡିତ
ମୂର୍ଖ ପାଇଁ ସେ ଦୀପ
ମନ ଧ୍ୟାନ ଦେଇ ତାକୁ ପାନ କଲେ
ଜୀବନ ହୁଅଇ ଆଲୋକ ।
କେତେ କେତେ ମୁନ ଋଷି ମାନେ ତାକୁ
ପଢୁଥାନ୍ତି ଦିନ ରାତି
ଯେତେ ପଢ଼ିଲେ ବି ସରେନା ସେ କେବେ
ନଜେ ସିନା ଯିବ ସରି ।
ଥିଲେ ଦିନେ ମୂର୍ଖ ସେହି କାଳିଦାସ
ପାଇଲେ ଆଲୋକ ଜ୍ଞାନ
ଗଛରେ ଚଢ଼ି ମୂଳ କାଟୁଥିଲେ
ଦିନେ ହେଲେ ସେ ପଣ୍ଡିତ ।
ସବୁ ଧନ ଠାରୁ ବିଦ୍ୟା ଧନ ଅଟେ
ମଣିଷ ର ଗତି ମୁକ୍ତି
ଆନନ୍ଦ ମନରେ ଅତି ଯତନ ରେ
ପଢ଼ିଲେ ମିଳଇ ମୁକ୍ତି ।

ଆମ୍ବଗୁଡା ଗୋଲାମୁଣ୍ଡା କଳାହାଣ୍ଡି

# ବ୍ୟଥା

ଗୌରିଦତ୍ତ ମାଝି

ଛାତି ତଳର ବ୍ୟଥାହୋଇ ଦହୁଥାଏ ନିତି ମୋତେ
ଗୋଟିଏ କଥା, ସେ ନାରୀର ବିକାଶ
ନାରୀ ସ୍ଵାଧୀନତା, ମହିଳା ସଶକ୍ତିକରଣ,
ବେଟି ପଢାଓ ବେଟି ବଚ୍ଚାଓ
ମାତ୍ର ! କେତେ ସତ ଏ ସବୁ ଅସଲ ଜୀବନରେ **???**

ଗରିବ ବାପର ଶିକ୍ଷିତା ଝିଅଟି ଝରିଯାଏ ଧର୍ଷିତା ହୋଇ
ଉଚ୍ଚଶିକ୍ଷିତା ନିର୍ଭୟାର ସ୍ଵପ୍ନ ମଉଳିଯାଏ,
ଜହ୍ନିଫୁଲର ଆୟୁଷ ନେଇ କେତେକେତେ
ଇତିଶ୍ରୀ, ବେବିନା, କୁନ୍ଦୁଲୀ ପିଡିତାର ଆତ୍ମା
ଅତୃପ୍ତିରେ ଅଭିଶପ୍ତ ହୋଇ ଘୂରୁଥାଏ
ନ୍ୟାୟ ଆଶାରେ, ଅଥଚ ! ଛାତି ଫୁଲେଇ
ବୁଲୁଥାଏ ଦୋଷି**.....**

କେତେ ସୁରକ୍ଷିତ ଏଠି ଝିଅଟିଏ **???**
ତାର ଆଶା, ସ୍ଵପ୍ନ କିଏ ଦେବ ତାକୁ ସୁରକ୍ଷା **???**
ଖାଲି କଥାରେ କଣ ପେଟପୁରେ, ନା ଗଢିଉଠେ

ଝିଅର ଭବିଷ୍ୟତ, ସ୍ୱପ୍ନ...

ଏବେ, ହୁଏତ ସେ ସମୟ ଉପଗତ

ଦୋଷୀର ଦର୍ପିତ ଗ୍ରହାଣୀ କରିବାକୁ ନୂଆଁଣିଆ

ଗଣତନ୍ତ୍ରର ଗ୍ରବୁକ୍ ମାଡରେ,

ଶାସନ କଳର ଦଣ୍ଡ ଓ ନ୍ୟାୟ ବିଧାନରେ

ଥରେଇ ଦେବାକୁ ଦୋଷୀର ଅବଶିଷ୍ଟ ଜୀବନ

ସ୍ୱପ୍ନୀଳ କରିବାକୁ ଗାନ୍ଧିଜୀଙ୍କ ଗ୍ରାମରାଜ୍ୟ

ମହିଳା ଓ ଶିଶୁ କନ୍ୟାର ବିକାଶରେ..... ।

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଶ୍ରୀମଦ୍ ଭଗବତ୍ ଗୀତାର ପଞ୍ଚମ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଚତୁର୍ଥ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଜ୍ଞାନକୁ ପ୍ରଶଂସା କରି ଯାହାସବୁ କହିଥିଲେ-ଅର୍ଜୁନ ସେସବୁକୁ ଠିକ୍ ବୁଝିପାରିଲେ ନାହିଁ । କାରଣ ସେତେବେଳେ ସମାଜରେ ଜ୍ଞାନ ସନ୍ୟାସୀମାନଙ୍କର ବୋଧ ଏକାଗ୍ରଚିଆ ଥିଲା । ତେଣୁ ଅର୍ଜୁନ ସନ୍ଦେହରେ ପଡି ପ୍ରଶ୍ନକଲେ –କର୍ମର ତ୍ୟାଗ ଓ କର୍ମଯୋଗ ଏ ଉଭୟ କଥା କହୁଛନ୍ତି । ଏ ଦୁଇଟି ମଧ୍ୟରେ କେଉଁଟି ମଙ୍ଗଳକର ବୁଝାଇ କୁହନ୍ତୁ । ଉତ୍ତରରେ ଶ୍ରୀଭଗବାନ କହିଲେ-ଉଭୟର ଫଳ ଏକ-ମୁକ୍ତି ଲାଭ । ହେଲେ, କର୍ମଯୋଗରେ ସିଦ୍ଧି ସହଜ ଓ ଶୀଘ୍ର ହୋଇଥାଏ । କର୍ମାନୁଷ୍ଠାନ ବିନା ସନ୍ୟାସରେ ସିଦ୍ଧି ସମ୍ଭବ ନୁହେଁ । ଏଣୁ ସନ୍ୟାସ (କର୍ମତ୍ୟାଗ) ଠାରୁ କର୍ମଯୋଗ ଶ୍ରେଷ୍ଠ । ଅଜ୍ଞାନ ବ୍ୟକ୍ତି ଜ୍ଞାନଯୋଗ ଓ କର୍ମଯୋଗକୁ ଅଲଗା ଅଲଗା ମନେ କରନ୍ତି-ସନ୍ୟାସୀମାନେ କର୍ମକୁ ସଂସାର ବନ୍ଧନର କାରଣ ବୋଲି କହିଥାନ୍ତି । ମାତ୍ର ଠିକ୍ ଭାବରେ କର୍ମାନୁଷ୍ଠାନ କରିପାରିଲେ-ନିଷ୍କାମ କର୍ମାନୁଷ୍ଠାନ, ବିଶୁଦ୍ଧାତ୍ମା, ବିଜିତାତ୍ମା-ସମସ୍ତ କର୍ମ କରି ମଧ୍ୟ ବନ୍ଧନପ୍ରାପ୍ତ ହୁଅନ୍ତି ନାହିଁ । ନିଷ୍କାମ ଭାବରେ କର୍ମ କରୁକରୁ କର୍ମଯୋଗୀ ଚିର ଶାନ୍ତି ଲାଭ କରନ୍ତି । ଈଶ୍ୱର ମନୁଷ୍ୟର କର୍ମ ଅଥବା କର୍ମଫଳରେ ସମ୍ବନ୍ଧ ସୃଷ୍ଟି କରନ୍ତି ନାହିଁ । ପରମାତ୍ମା କାହାକୁ ପାପ ବା ପୁଣ୍ୟ ଦିଅନ୍ତି ନାହିଁ । ପ୍ରକୃତି ସମସ୍ତ କର୍ମ କରେ । କିନ୍ତୁ ଜୀବାତ୍ମା ନିଜକୁ କର୍ତ୍ତା ମନେକଲେ ପାପ ଓ ପୁଣ୍ୟ ଭୋଗ କରେ-ସଂସାର ଚକ୍ରରେ ଘୂରୁଥାଏ ସମସ୍ତ ଅଜ୍ଞାନ ଦୂରହେଲେ ଜ୍ଞାନୀଲୋକ ଦ୍ୱାରା ନିଜ ଆତ୍ମାରେ ସେ ବ୍ରହ୍ମଦର୍ଶନ କରନ୍ତି । ବ୍ରହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ, ଗୋରୁ ଠାରୁ କୁକୁର ପର୍ଯ୍ୟନ୍ତ ସର୍ବତ୍ର ସେ ଏକ ବ୍ରହ୍ମଙ୍କୁ ହିଁ ଦେଖନ୍ତି । ଏହି ସମଦର୍ଶୀ ବ୍ୟକ୍ତିମାନେ ସର୍ବଦା ବ୍ରହ୍ମଲୀନ ରହନ୍ତି । ପ୍ରିୟ ଅପ୍ରିୟ, ସୁଖଦୁଃଖ ସବୁ ତାଙ୍କଠାରେ ସମାନ । ସେ କାମକ୍ରୋଧର ବେଗ ମଧ୍ୟ ସହଜରେ ସହିପାରନ୍ତି । ଫଳରେ ସେ ସୁଖୀ ହୁଅନ୍ତି, ସେ ବ୍ରହ୍ମ ନିର୍ବାଣ ପ୍ରାପ୍ତ ହୁଅନ୍ତି । ମୋଟକଥା-

କର୍ମଯୋଗୀ, ସଂଯତଚତ୍ତ, ଜିତେନ୍ଦ୍ରିୟ, କର୍ତ୍ତୃତ୍ୱାଭିମାନତ୍ୟାଗୀ, ସର୍ବତ୍ର ସମଦର୍ଶୀ, ନିଷ୍ପାପ, ସଂଶୟ, ବର୍ଜିତ, ସର୍ବଭୂତହିତେରତ ହୋଇ ସମସ୍ତ କର୍ମାନୁଷ୍ଠାନ କରୁକରୁ ସର୍ବତ୍ର ବ୍ରହ୍ମଦର୍ଶନ କରନ୍ତି ଓ ବ୍ରହ୍ମନିର୍ବାଣ ପ୍ରାପ୍ତ ହୁଅନ୍ତି । ଈଶ୍ୱର ସମସ୍ତ ପ୍ରାଣୀଙ୍କର ବନ୍ଧୁ ଓ ସର୍ବଲୋକ ମହେଶ୍ୱର ବୋଲି ଜାଣିପାରିଲେ ସାଧକ ଚରଶାନ୍ତି ଲାଭ କରନ୍ତି । ସମସ୍ତ କର୍ମକୁ ସହଜ ଓ ସୁନ୍ଦର କରିବା ପାଇଁ ଭଗବତ୍ ଭକ୍ତି ନିତାନ୍ତ ଆବଶ୍ୟକ ।

ଏ ଅଧ୍ୟାୟରେ ଜ୍ଞାନଯୋଗ (ସନ୍ୟାସ) ଓ କର୍ମଯୋଗ ଉଭୟ ବିଷୟରେ ବର୍ଣ୍ଣନା ଓ ସମନ୍ୱୟ ଦେଖାଇ ଦିଆଯାଇଛି । ଏଣୁ ଅଧ୍ୟାୟର ନାମ କର୍ମ-ସନ୍ୟାସ-ଯୋଗ ରଖାଯାଇଛି --ଏହିପରି ପୂର୍ବବର୍ତ୍ତୀ ଆଚାର୍ଯ୍ୟମାନେ କହନ୍ତି । ମାତ୍ର ଗୀତାର ପ୍ରତିପାଦ୍ୟ ବିଷୟକୁ ଧ୍ୟାନରେ ରଖି ବିଚାର କଲେ ଜଣାପଡେ କର୍ମ-ସନ୍ୟାସର ଅର୍ଥ କର୍ମତ୍ୟାଗ ନୁହେଁ, କର୍ମ ଫଳ ତ୍ୟାଗ । ଜ୍ଞାନ ବିଷୟକ ଆଲୋଚନା ତ ସବୁ ଅଧ୍ୟାୟରେ କରାଯାଇଛି । ପୁଣି ଜ୍ଞାନ ତ ସମସ୍ତ ଯୋଗର ଅପରିହାର୍ଯ୍ୟ ଅଙ୍ଗ । ସମ୍ୟକ ଜ୍ଞାନ ବିନା କୌଣସି ଯୋଗ ସାଧିତ ହୋଇପାରିବ ନାହିଁ । ଏଣୁ କର୍ମସନ୍ୟାସ-ଯୋଗର ଅର୍ଥ ହେଲା -କର୍ମଫଳାସକ୍ତି ତ୍ୟାଗ ଯୋଗ ।

ସଂଗ୍ରହକରୀ - ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ୱର

# ଏମିତି ଜୀବନ

ଅଜୟ କୁମାର ମହାନ୍ତି

କ୍ଷତ ଶୁଖି ଗଲାଣି
ବ୍ୟଥା ଭୁଲି ଆସିଲାଣି
ଏବେ ସବୁ ଠିକ୍ ଠାକ୍
ସକାଳ ଗ୍ଧ ର ବାସ୍ନା
ଜୀବନ ଜିଇଁବାର ନଶା
ସ୍ୱଚ୍ଛନ୍ଦରେ ଟହଲମାରେ
ମଲ୍ଲି ଫୁଟା ଅଗଣାରେ।।

ହସନ୍ତ ଫୁଲ ପବନରେ ଝୁଲେ
ପବନକୁ ଆଖି ମାରେ
ମୌସୁମୀ ଲେ଼ଉଟୁଥାଏ।
ରିମ୍ ଝିମ୍ ବର୍ଷାର ଶବ୍ଦ
ନଦୀ ବହେ ସହର ରାସ୍ତାରେ
କାଗଜ ଡଙ୍ଗା ଭସାଅ
ଫ୍ରକପିନ୍ଧା ଚପଳ ଛନ୍ଦରେ।।

କେତେ ସହଜ ସେ ହସ
ଘନକଳା ମେଘର ଫାଙ୍କରେ
ଇନ୍ଦ୍ରଧନୁ ସାତ ରଙ୍ଗ ବୁଣେ।
ତାର ଚବୁକର ଭଉଁରୀରେ
ଖୁସିମାନଙ୍କର ଲୁଚୁକାଳି

ଆଓ୍ୱର୍ ପ୍ରଜାପତି ଉଡେ
ସବୁ ବାଦ ବିସମ୍ବାଦ ପରେ । ।

ଝଡ ପରେ ନୀରବରେ
ଗଢା ହୁଏ ଭଙ୍ଗାରୁଜା ଘର ।
ଅଦ୍ଭୁତ ସେ ସମୟ ନିର୍ଘଣ୍ଟ
ପାଉଁଶ ତଳେ ନିଆଁର ପାଖୁଡା
ପତ୍ରଝଡାରୁ ଆରମ୍ଭ ନବକଳକାର ।
ପୁଣି ହୁଏ ସଂସାରର ନବକଳେବର
"ଶେଷରୁ ଆରମ୍ଭ" ଜୀବନର ସାର । ।

ସୀତା ଶ୍ବେରି ଲଙ୍କାକାଣ୍ଡ
ଅଯୋଧ୍ୟାରେ ରାମ ଅଭିଷେକ
ସୁଖ ଦୁଃଖ ଶାନ୍ତି ଓ ସଂଘର୍ଷ
ଭଲ ମନ୍ଦ ପ୍ରେମ ପ୍ରତାରଣା
ଖରା ବର୍ଷା ଶୀତ ଓ ବସନ୍ତ
ଗଡିଗ୍ଲେ ସମୟର ରଥ
ତୁମେ ଆମେ କେବଳ ନିମିତ୍ତ । ।

ଡେପୁଟି ଜେନେରାଲ ମ୍ୟାନେଜର
ଇଉନାଇଟେଡ୍ ବ୍ୟାଙ୍କ ଅଫ ଇଣ୍ଡିଆ
ମୁଖ୍ୟ କାର୍ଯ୍ୟାଳୟ,
୧୧, ହେମନ୍ତ ବସୁ ସରଣୀ
କଲିକତା ୭୦୦୦୧

# ବିଭୁତି



ବିଭୁତି ରଞ୍ଜନ ପାଣିଗ୍ରାହୀ

କୁଣ୍ଠିତ ଗଳା
ଅବଧୁରିତ ନିଶ୍ୱାସ
କୋହ ଭରା ଲୁହ
ଆଉ ବିଫଳ ପ୍ରୟାସ

ଛାତିରେ ଦରଦ
ପ୍ରଶ୍ୱାସେ ନିଆଁ
ମନ କାଚ ଘର
ଆଉ ବେଇମାନ ଦୁନିୟା

ତଥାପି ହସ
ଓଠେ ମନ ସଜା
ଆଖି ଥାଉ ପଛେ
ଲୁହେ ସେ ଭିଜା

ନଥାଉ ସାଙ୍ଗ
ଅବା କେହି ସଖି
ଗ୍ଭଲିବି ପଥେ
ପାଦକୁ ପାଦ ରଖି

ଅବତରୀତ ମୁହିଁ
ଅଛି ତହିଁ କାରଣ
ପ୍ରଭୁଙ୍କ ଲୀଳା ଯେ
ଅଛି ଅସୀମ ଚନ୍ଦନ

ଜନ୍ମିଛି ମୁହିଁ
ସ୍ନେହ ବାଣ୍ଟିବା ଲାଗି
ପ୍ରତିବଦଳ ଆଶା
ନରଖି ଆଜି

ଜୀବନ ରାସ୍ତା
ଏକ ଗ୍ଭଲିବି
ନାଟକ ନିଜେ ମୁଁ
ନିଜେ ଅଭିନେତା

ପ୍ରେମ ନ ରଖ
ହୃଦେ କେବଳ
ବାଣ୍ଟିବା ତାକୁ
ଆସିଛି ବେଳ

ମୃତ୍ୟୁ ପରେ
କଏ ପଗ୍ଚରେ
ତୁମେ କାହାର
କଏ ତୁମର

ହୁଅ ବିଭୁତି
ସ୍ମଶାନ ଘାଟର
ହୁଅ ବିଭୁତି
ଯଜ୍ଞ ହୋମର

ହୁଅ ତୁମେ
ପଛେ କେମିତି ଉତ୍ପତି
ଶେଷ ତୁମର
ସେଇ ବିଭୁତି

ଶେଷ ତୁମର  ସେଇ ବିଭୁତି
ସେଇ ବିଭୁତି

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ହେ ଈଶ୍ୱର ପୁତ୍ର ଆଉଥରେ ଓହ୍ଲାଇ ଆସ ଏ ଧରାଧାମକୁ

ଦମୟନ୍ତୀ ରଥ(ଡଲି)

ହେ ଈଶ୍ୱର ପୁତ୍ର ଯୀଶୁ.....
ସ୍ନେହ, ଶାନ୍ତି, ତ୍ୟାଗ, ଅହିଂସା ଓ ପ୍ରେମର ବାର୍ତ୍ତାବହ...
ସେବା, ମାନବିକତା ଓ ଭାଇଚାରାର ବୀଜ ବୁଣି ଦେଇଥିଲ
ଏ ମର୍ତ୍ତ୍ୟ ଧାମରେ...
ଧନ୍ୟ ତୁମ୍ଭ ପିତା ଯୋଶେଫ୍ ଓ ମାତା ମେରୀ
ଧନ୍ୟ ହୋଇଥିଲା ବେଥେଲହାମ୍ ସହର...
ଜନ୍ମ ନେଇଥିଲ ସିନା ମେଣ୍ଢାଶାଳରେ
କିନ୍ତୁ ଏ ବିଶ୍ୱ ତୁମ୍ଭ ଦିବ୍ୟ ଆଲୋକରେ ହୋଇଥିଲା ଉଦ୍ଭାସିତ
ସ୍ୱର୍ଗୀୟ ଗୁଣାବଳୀ ର ତୁମେ ଥିଲ ଆଦର୍ଶ..
ମହନୀୟ ଥିଲା ତୁମ୍ଭର ଅମୃତବାଣୀ ଓ କାର୍ଯ୍ୟ କଳାପ..
ଚକିତ କରିଥିଲା ସାରା ବିଶ୍ୱବାସୀଙ୍କୁ...
ତୁମେ କ'ଣ ଆବିର୍ଭାବ ହୋଇଥିଲ????
ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର, ଶୋଷଣ, ଅନ୍ୟାୟ, ଅତ୍ୟାଚାରର
ବିଲୋପ କରିବା ପାଇଁ ?????
ହେ ଈଶ୍ୱରଙ୍କ ସନ୍ତାନ----
ତୁମେ ପରା ବିଶ୍ୱକୁ ଶାନ୍ତି ଫେରିବାକୁ ସ୍ୱାଗତ କରିଥିଲ..
ବିଶ୍ୱର ମଙ୍ଗଳ ପାଇଁ ଚେଷ୍ଟିତ ଥିଲ..
ତୁମର କର ସ୍ପର୍ଶରେ ରୁଗ୍ଣ ପାଲଟୁଥିଲା ସୁସ୍ଥ...

ଦୃଷ୍ଟିଶକ୍ତି ଫେରି ପାଉଥିଲା ଦୃଷ୍ଟିହୀନ
ମୃତ ଶରୀରରେ ଜୀବନ ସଞ୍ଚାର ହେଉଥିଲା..

କିନ୍ତୁ ଏ କ'ଣ । **???**
ତାର ପ୍ରତିଦାନରେ ଏ କ୍ରୁର, ନିଷ୍ଠୁର ମାନବ ଜାତି କ୍ରୁଶବିଦ୍ଧ କରିଲା ତୁମକୁ......
ଝରଝର ଝରିଗଲା ରକ୍ତର ନିର୍ଝରିଣୀ..
ହସିହସି ସବୁ ଯନ୍ତ୍ରଣାକୁ ଗୁପିନେଲ ତୁମର ହୃଦୟରେ..
ଯନ୍ତ୍ରଣା ଜର୍ଜରିତ ଶରୀରକୁ ଗୁପି ହସିହସି କହିଥିଲ..
"ହେ ପ୍ରଭୁ ମୋତେ ଯେଉଁମାନେ କ୍ରୁଶବିଦ୍ଧ କରିଛନ୍ତି ତାଙ୍କୁ ତୁମେ କ୍ଷମା କରିଦିଅ,
ସେମାନେ କ'ଣ କରୁଛନ୍ତି ନିଜେ ଜାଣି ପାରୁ ନାହାନ୍ତି"
ହେ ଯୋଗଜନ୍ମା ଏହା କ'ଣ ତୁମକୁ ପ୍ରତିଦାନ ବିଶ୍ୱବାସୀ ଙ୍କର**?**

ପାପର ଭରରେ ଏ ବିଶ୍ୱ ଅଶାନ୍ତ...
ଆଉଥରେ ଓହ୍ଲାଇଆସ ଏ ଧରାଧାମକୁ....
ଛାଇଦିଅ ସତ୍ୟ, ଶାନ୍ତି, ନ୍ୟାୟ, ଭାଇଚାରା, ସେବା ଓ ତ୍ୟାଗର ବାର୍ତ୍ତା
ହଟାଇଦିଅ କାଳିମାର ଘନଘଟା
କରିଛି ପ୍ରତୀକ୍ଷା...
ହେ ଇଶ୍ୱରପୁତ୍ର ।
ଆଉଥରେ ଓହ୍ଲାଇ ଆସ ଏ ଧରାଧାମକୁ.....

ଶିକ୍ଷୟିତ୍ରୀ, ନରସିଂହପୁର

# ଭାଗ୍ୟ ବଦଳାଇ ନୂଆ ବର୍ଷରେ

ମହେଶ୍ୱର ସାହୁ

ଖୁସି ସବୁବେଳେ ଝରକା ପାଖରେ ଠିଆ ହୋଇ ବହୁତ ଭାବିଥାଏ । ବହୁତ ଆଶା କରିଥାଏ କଣ ମୋ ଜୀବନରେ ଏମିତି ସୁଖ ମିଳିବ ନାହିଁ । ମୁଁ କଣ କେବେ ଏହିପରି ରହିବାର ସୁଯୋଗ ପାଇବିନି । ସବୁବେଳେ ଝରକା ପାଖରେ ଠିଆ ହୋଇ ବହୁତ ସମୟ ଭାବେ । ବହୁତ ପ୍ରତୀକ୍ଷା କରିଥାଏ ହେଲେ ତା ସମୟ ଆସିଲା ବେଳକୁ ସବୁ ସରି ଯାଇଥାଏ । କେତେ ସୁନ୍ଦର ବାସ୍ନା ସହିତ କେତେ ଲୋଭଣିଆ ଓ ସ୍ୱାଦିଷ୍ଟ ବ୍ୟଞ୍ଜନ ଦୈନିକ ବାବୁଙ୍କୁ ପରସା ଯାଇଥାଏ । ହେଲେ ନିଜ ଖାଇବା ବେଳକୁ ସେଇ ବଞ୍ଚା କଞ୍ଚା ଡାଲି ପାଣି । ଆଖିରୁ ଦୁଇ ଟୋପା ଲୁହ ଝରି ପଡିଥାଏ । ବାପା ମାଆ ଛେଉଣ୍ଡ ହୋଇ ଗଲା ପରେ ଏହି ଦୁନିଆଟା ବହୁତ ଶୂନ୍ୟ ଶୂନ୍ୟ ଲାଗେ ପରା ।

ବାବୁ ଜଣଙ୍କ ମୋତେ ଅନାଥ ଆଶ୍ରମରୁ ନେଇ ଆସି ଅନାଥର ନାଥ ବୋଲି ନିଜକୁ ଗର୍ବ ଓ ଗୌରବାନ୍ୱିତ ହୋଇଥିଲେ, ହେଲେ ମୁଁ ଜାଣି ପାରୁଛି ଅନାଥର ଅର୍ଥ ଓ ଅନାଥର ଜୀବନ ଶୈଳୀ । ନିଜେ ଖାଇ ସାରିଲେ ଯାହା ବଳି ପଡିବ ଜଣେ ଅନାଥ ଝିଅ ପାଇଁ ସେଇଟା ଆହାର ହେବ ଯେ ହେଲେ ମୁଁ ଆଶ୍ରମରେ ବହୁତ ଆଡମ୍ବରରେ ଥିଲି । ସେଠାରେ ମାଗିଲେ ମିଳୁଥିଲା ହେଲେ ମୋ ବାବୁତ ବହୁତ ବଡ଼ ଲୋକ । ବହୁତ ସ୍ୱାଦିଷ୍ଟ ବ୍ୟଞ୍ଜନ ରୋଷେଇ ହୁଏ । ରୋଷେଇର ବାସ୍ନା ମୁଁ ଆଘ୍ରାଣ କରିଥାଏ । ମୋ ନାଁରେ କୁଆଡେ ମାସିକ ଦୁଇ ହଜାର ବ୍ୟାଙ୍କରେ ସଞ୍ଚୟ କରା ଯାଉଛି ବାବୁଙ୍କ ଦ୍ୱାରା । ମୁଁ ବାବୁଙ୍କ ଘରେ ବାସନ ମାଜିବି ଓ ଘର ଦ୍ୱାର ସଫା କରିବି ଏହି କାମ ମୋତେ ଦିଆ ଯାଇଛି ।

ମୁଁ ଦେଖୁଛି ବାବୁଙ୍କ ଝିଅ ଲିଜା କେତେ ଯତ୍ନରେ ରହୁଛି । ପାଠ ପଢୁଛି ହେଲେ ମୋ ଭାଗ୍ୟ ଖେଳ ବଡ଼ ବିଚିତ୍ର । ମୋ ବୟସର ସେ ମଧ୍ୟ ଜଣେ ଝିଅ । ମୁଁ ତାର ବଳକା ଭୋଜନକୁ

ଭକ୍ଷଣ କରିବି । ମୁଁ ତାର କପଡା ସଫା କରିବି । ମୁଁ ତାର ଚପଲ ପାଲିସ କରିବି ଆଉ......ଅନାଥ କନ୍ୟା ହିସାବରେ ବଞ୍ଚିବି ।

ଏଇ କଛି ଦିନ ହେବ ଲିଜାର ମୋ ପ୍ରତି ଟିକେ ଦୟା ଆସିଛି । ଲିଜା କହିଛନ୍ତି ଖୁସି ତୁ ଏବେ ଠାରୁ ଭଲ ଖାଇବୁ ଆଉ ଯେତେବେଳେ ତୋର ଇଛା ହେବ ଟିକେ ଟିକେ ମୋ ପଢ଼ା ବହି ଆସିକ ଦେଖିବୁ । ମୁଁ ସ୍କୁଲ ଗଲ୍ ବେଳେ ଗୋଟେ ବହି ବାହାରେ ରଖି ଦେଇଯିବି ଆଉ ତୁ ଆସିକ ତୋର ଯେତେବେଳେ କାମ ନ ଥିବ ଟିକେ ଟିକେ ପଢିବୁ । ଏମିତି ଦୁଇଜଣ ସାଙ୍ଗ ହେଇଛନ୍ତି । କାରଣ ଦୁଇ ଜଣ ଏକା ବୟସି । ବୟସ ଦୁଇଜଣଙ୍କର ପାଖା ପାଖି ବାର ହେବ । ଲିଜା ଷଷ୍ଠ ରେ ପଢେ । ଖୁସି ଆଶ୍ରମରେ ଯାହା ଟିକେ ପଢିଥିଲ୍ ତାର କୌଣସି ପ୍ରମାଣ ନାହିଁ । ଯାହା ହେଲେ ବି ବହି ପଢି ପାରେ ।

ଏବେ ଠାରୁ ଦୁଇଜଣଙ୍କ ଭିତରେ ଭିତିରିଆ ପାଠ ପଢା ଓ ଖିଆ ପିଆ ଚ୍ଲିଲ୍ । ପ୍ରଖର ସ୍ରୋତରେ କୁଟାଖଣ୍ଡେ କୁ ସାହା ଭଳ ଲିଜା ଖୁସି ପାଇଁ ଏକ ସାହା ଓ ଗ୍ହା ହୋଇ ଠିଆ ହୋଇଥିଲ୍ । ଏବେ ଦୈନକ ଖୁସି ଗଣିତ, ଭୂଗୋଳ, ଇଂଗ୍ରଜୀ, ବିଜ୍ଞାନ ଭଳ ସମସ୍ତ ପୁସ୍ତକ ବହୁତ ମନ ଦେଇ ପଢି ଚ୍ଲିଲ୍ । ଲିଜାର ପ୍ରଚଣ୍ଡ ସ୍ମରଣ ଶକ୍ତି ଓ ବିଚକ୍ଷ ଆଗ୍ରହର ଫଳ ସ୍ୱରୂପ ଲିଜା ପୁସ୍ ବହି ଗୁଡିକୁ ଅନର୍ଗଳ ପାଠ କରିଚ୍ଲିଲ୍ । ଏମିତିକ କେଉଁ ପୃଷ୍ଠାରେ କଣ ଲେଖା ଯାଇଛି ତା ମନରେ ଗୁଂଜାଇତ କରୁଥାଏ ।

ଲିଜା ପରୀକ୍ଷା ଦେଲ୍ ଓ ପରୀକ୍ଷାରେ ଭଲ ନମ୍ବର ରଖି ଶ୍ରେଣୀରେ ପ୍ରଥମ ସ୍ଥାନ ପାଇଲ୍ । ହେଲେ ଖୁସିର ପରୀକ୍ଷା କଣ ଯେ । ବଣ ମଲ୍ଲି ବଣରେ ଫୁଟି ଝଡ଼ି ପଡିଲ୍ ଭଳ ତାର ଜୀବନ ।

ଆଜି ନୂଆ ବରଷ । ବାବୁଙ୍କର ସାଙ୍ଗ ସାଥି ଓ ବନ୍ଧୁବାନ୍ଧବ ସମସ୍ତଙ୍କୁ ନିମନ୍ତ୍ରଣ କର୍ ଯାଇଛି । ଏପରିକ ଲିଜା ବିଦ୍ୟାଳୟର ସମସ୍ଥ ଶିକ୍ଷକ ମଧ୍ୟ ଆସିବେ । କାରଣ ଲିଜା ପ୍ରଥମ ସ୍ଥାନରେ ବିଦ୍ୟାଳୟରେ ଥିବାରୁ ବାପା ବହୁତ ଖୁସି ଥିଲେ । ନାନା ପ୍ରକାର ବ୍ୟଞ୍ଜନ, ଛେଳ ମାଂଶ ସହିତ କ୍ଷୀରି ପାପଡ଼ ଏମିତି ନାନା ବ୍ୟଞ୍ଜନ ତିଆରି ହେବାର ଆୟୋଜନ ହୋଇଛି ।

ଖୁସି ସକାଳେ ଲିଜା ପଛରେ ପଡିଛି । ତା କପଡା ଧୋଇ ଦେଉଛି । ତା କେଶ ସଜାଡି ଦେଉଛି । ଜୋତା ଦୁଇଟିକୁ ଭଲିକ ପାଲିସ କରି ଦେଉଛି । ଯାହା ହେଲେ ବି ନୂଆ

ବରଷ। ନୂଆ ବରଷରେ ଖୁସି ରହିଲେ ବର୍ଷ ସାରା ଖୁସି ଆସିଥାଏ ବୋଲି ବଡ଼ ଲୋକଙ୍କ ଠାରୁ ଶୁଣିଛି । ହେଲେ ତାର ଖୁସି କେବଳ ଲିଜା ଦ୍ୱାରା ସମ୍ଭବ । କାରଣ ଲିଜା ଏବେ ତାର ଘରୁ କରି ଆଣିବା ପାଇଁ ଦିଆ ଯାଉଥିବା ପାଠକୁ ଖୁସି ଦ୍ୱାରା କାରାଉଛି । ଖୁସି ଯେତେ କଠିନ ଗଣିତ ହେଲେ ମଧ୍ୟ ବହୁତ ସହଜ ଉପାୟରେ ସମାଧାନ କରିପାରୁଛି ।

ଖୁସି କହିଲା ଲିଜା ଜାଣିଛୁ **!**

ଲିଜା,"କଣ କହ **?**"

ଖୁସି, "ଲିଜା ଜାଣିଛୁ ତମ ଘରକୁ ଆସିବା ଠାରୁ ମାଂସ ତରକାରୀ ଟିକେ ଖାଇବା ସ୍ୱପ୍ନ ହେଇ ଯାଇଛି । ଜାଣିଛୁ ଆଶ୍ରମରେ ଆମକୁ ପ୍ରତ୍ୟକ ରବିବାର କୁକୁଡ଼ା ମାଂସ ଖାଇବାକୁ ମିଳେ । ହେଲେ ତମ ଘରେ ସବୁବେଳେ ମାଂସ ହେଉଛି ହେଲେ ଖାଇବା ପାଇଁ ଗୋଟେ ଖଣ୍ଡ ମିଳୁ ନାହିଁ । ଆଉ ତମ ଘରେ ଯେତେବେଳେ ମାଂସ ହେଉଛି କୁଆଡୁ କେଜାଣି ଲୋକ ପହଞ୍ଚି ଯାଉଛନ୍ତି ଯେ, ଶେଷରେ ମୁଁ ଖାଇବା ବେଳକୁ ଝୋଳ ବି ସ୍ୱପ୍ନ ପାଲଟି ଯାଉଛି ।"

ଲିଜା, "ହଉ ଲୋ ଖୁସି ମୁଁ ଜାଣିଛି, ମୋ ବାପାଙ୍କର ବହୁତ ସାଙ୍ଗ, ସବୁ ସାଙ୍ଗମାନେ ଆସି ଯାଆନ୍ତି ଆମ ଘରେ ମାଂସ ଭୋଜି ହେଲେ । ମୁଁ ଆଜି ମୋ ପାଇଁ ଯାହା ଖାଇବାକୁ ଦେବେ ତାକୁ ସବୁ ତୋ ପାଇଁ ଲୁଚେଇ ନେଇ ଆସିବି ତୁ ଖାଇ ଦେବୁ । ବୁଝିଲୁ ଖୁସି, ମୋ ବାପା ବହୁତ ରାଗି ଲୋକ । ସେ ଯେମିତି ଦେଖି ନ ପାରିବେ ସେଥିପାଇଁ ମୁଁ ବ୍ୟବସ୍ଥା କରୁଛି ତୁ ମନ ଦୁଖ କରନା ।"

ଖୁସି, "ହଉ ଲିଜା ତମ ଦୟା, ମୋର ବହୁତ ଇଛା ହୁଏ ଟିକେ ଭଲ ତରକାରୀ ଖାଇବାକୁ, ହେଲେ ଦିନେ ସାହସେଇ ମାଉସୀଙ୍କୁ କହିଲି, ମାଉସୀ ମୋତେ ଦୁଇ ଖଣ୍ଡ କସା ହୋଇ ଥିବା ମାଂସ ଦିଅ ବହୁତ ଲୋଭ ହେଉଛି । ହେଲେ ମାଉସୀ ମୋତେ ମୋ ଗାଲ ମୂଳକୁ ଦୁଇ ଜବଡା ଦେଲେ । ଜାଣିଛୁ ବହୁତ କାନ୍ଦିଛି । ମୋର କଏ ଅଛି ଯେ ମୋତେ ଖାଇବାକୁ ଦେବ **!** କଣ ପାଇଁ ମୋତେ ୟେ ହୀନସ୍ଥା ଜୀବନ ମିଳଲା ମୁଁ ବି ଜାଣି ପାରୁନ । "

ଲିଜା," ବ୍ୟସ୍ତ ହଅନା ଖୁସି । ମୁଁ ଅଛି ପରା । ଆମେ ଦୁଇଜଣ ସାଙ୍ଗ ହୋଇଛନ୍ତି ନା । ଦେଖ ତୁ ମୋ କାଲି ଯେଉଁ ଡ୍ରଇଁ କରି ଦେଇଥିଲୁ ଜାଣିଛୁ ମୋତେ କୋଡିଏ ରୁ କୋଡିଏ ମିଳଲା । ଆଉ କେତେ ପ୍ରସଂଶା ମିଳଲା ସ୍କୁଲରେ । ତୁ ଏତେ ସୁନ୍ଦର ଡ୍ରଇଁ ଆଉ ପାଠ

କେମିତି ଶିଖି ପାରୁଛୁ କହିଲୁ । ସତ କହ ଖୁସି ତୋ ଭିତରେ ଏତେ ସୁନ୍ଦର କଳା ଭଗବାନ କେମିତି ଦେଲେ ଯେ? ହେଲେ ତାହା କାର୍ଯ୍ୟକାରୀ ହେଇ ପାରୁନ ତେଣୁ କାର୍ଯ୍ୟ କାରୀ ହେବା ପାଇଁ ମୁଁ ନିଶ୍ଚୟ ସୁଯୋଗ ଦେବି ଖୁସି ! ତୁ ବ୍ୟସ୍ତ ହଅନା ।"

ଖୁସି, "ତୁ କେମିତି ଦେବୁ କହିଲୁ, ତୋ ବାପା ମୋତେ ମାରିଦେବେ ଯଦି ସେମିତି କଛି କଲେ । ମୋର ଦରକାର ନାହିଁ ପ୍ରତିଭାର ବିକଶିତ ହେବା । ମୋର କଏ ଅଛି ଯେ? କେବଳ ଲୋକ ହସା ହେବି ମାତ୍ର । "

ଲିଜା, "ଜାଣିଛୁ ଖୁସି ଆଜି ନୂଆ ବରଷରେ ମୋ ସାଙ୍ଗ ସାଥି ସବୁ ଆସିବେ । ତା ସହିତ ମୋ ବିଦ୍ୟାଳୟ ଶିକ୍ଷକ ମାନେ ଆସିବେ । ବାପାଙ୍କ ସାଙ୍ଗ ସାଥି ସବୁ ଆସିବେ । ଆଉ ଗୀତ ନାଚ ମଧ୍ୟ ହେବ । ତେଣୁ ତୁ ବହୁତ ଭଲ ଗୀତ ଗାଉ ନା ! ଆଜି ନିଶ୍ଚୟ ଗୀତ ଗୋଟେ ଗାଇବୁ ଆଉ ମୋ ସହିତ ନାଚବୁ ମଧ୍ୟ ।"

ଖୁସି, "ହଁ ଯେ ହେଲେ ମୋତେ ମାଡ଼ ଖୋଇବୁ । ଆଉ ଜାଣିଛୁ ମୁଁ ଯେଉଁ ଗୀତ ଗୋଟେ ଗାଏ ?"

ଲିଜା, "ହଁ ଜାଣିଛି ସବୁବେଳେ ଗୁଣୁଗୁଣୁ ହେଇକ ଗାଉ ଆଉ କାନ୍ଦୁ ତ । ଜାଣିଲୁ ଆଉ କେବେ କାନ୍ଦିବୁନ । ତୁ କାନ୍ଦିଲେ ମୋ ଛାତି ଫାଟିଯାଏ । ମୁଁ ଗୋଟେ ବିଷୟ ପଢ଼ିଛି ଗୋପବନ୍ଧୁ ଦାସଙ୍କର । ବାପା ମାଆ ଛେଉଣ୍ଡ ପିଲ୍ଟେ କେମିତି ବିଶ୍ୱ ପ୍ରସିଦ୍ଧ ହୋଇ ପାରିଥିଲ୍ । ଜାଣିଛୁ ସେ ବିଷୟ ?"

ଖୁସି, "ହଁ ସେଇ ବିଷୟ ପଢି ମୁଁ ମଧ୍ୟ ପ୍ରେରଣା ପାଇଛି । ଯିଏ କଠିନ ପରିଶ୍ରମ ସହିତ ଧର୍ଯ୍ୟ ଓ ନିଷ୍ଠାର ସହିତ ସାଧନା କରେ ସେ ସବୁଥିରେ ଉତ୍ତୀର୍ଣ୍ଣ ହୁଏ । ଆଉ ମୁଁ ମଧ୍ୟ ମୋ ନାଁ କୌଣସି ବିଦ୍ୟାଳୟରେ ନ ଥାଇ ମଧ୍ୟ ମୁଁ ସାଧନା କରୁଛି । ନିଜ ହୃଦୟର କୋହକୁ ନୟନର ଅଶ୍ରୁ ସହିତ ଗୁଣୁଗୁଣୁ ଗୀତରେ ମାର୍ଜିତ କରିଗ୍ଲିଛି ।"

ଲିଜା, " ଗାଇଲୁ ସେଇ ଗୀତ ଟା। "

ଖୁସି, "ବାପା ନାହିଁ ଜାର, କଏ ହେବ ଯେ ନଜର...!
ମାଆ ହିଁ ବୁଝିବ ମନର ବେଦନା,
କୋଳେଇ କାଖେଇ ଖୁଏଇ ଦେବ,

ପେଟ ଦେଖି ସିଏ ଦୁଃଖ ବୁଝିବ,
କଏ ହେବ ଯେ ନଜର.......!!

ଅତି ମଧୁର କଣ୍ଠରେ ଗୀତ ଗାଉଥିବା ସମୟରେ ନଜ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା । ଆଉ ଏଇ ସମୟରେ ବାବୁ ଆସିଯାଇଥିଲେ । କାମ ଧନ୍ଦା ଛାଡି ଯେ ଝିଅଟା ଗୀତ ଗାଇ ବାରେ ବସି ଯାଉଛି । ସକାଳ ଠାରୁ ସଞ୍ଜ ପେଟେ ଠୁସି ଦେଇ ଗୀତ ଗାଇବାକୁ ମୋ ଘର ମିଳଛି ବୋଧେ । ମାସିକ ଦୁଇ ହଜାର ସହିତ ଖାଇବା ପିଇବା ଦେଇ କଣ ମିଳୁଛି ଯେ କୌଣସି କାମକୁ ନୁହେଁ ଯେ ଝିଅ । ଆଶ୍ରମ ବାଲା ମୋତେ ଠକେଇ ଦେଲେ । କହିଲେ ଜଣେ ବାର ବରଷ ର ଝିଅ ଅଛି ନେଇ ଯାଅ ଭଲ କାମ କରିବ । ହେଲେ ଏଇ ଅନାଥ ଓ ଜାରଜ ପିଲା ଗୁଡାକ କଣ କାମ କରିବେ ଯେ । କାଲି ନେଇ ତାକୁ ତା ଜାଗାରେ ଛାଡି ଦେଇ ଆସିବି । ବର୍ଷେ ପୁରୀ ଦୁଇ ବର୍ଷ ହେଲା ହେଲେ କାହିଁ ଯାର କାମ ଧନ୍ଦାରେ କଛି ପରିବର୍ତ୍ତନ ହେଉନ । ଘେଷେଇ କରି ପାରୁନ କ ଭଲ କରି କପଡା ଧୋଇ ପାରୁନ । ବାବୁ ଏମିତି ଗୁଡ଼ାଏ ଆଜି ନୂଆ ବରଷ ରେ ଗର୍ଜନ କରି ଗ୍ଲିଲେ । କାଲି ତାର ଏଇ ଘରୁ ଦାନା ପାଣି ସରିଯିବ ।

ଥରି ଥରି ଦଉଡି ପଳେଇ ଗଲା କପଡା ଆଉ ବାସନ ସଫା କରିବାକୁ । ବାବୁଙ୍କର ଗୋଟେ ଜିଦ ଖୁସିକୁ ଆଉ ରଖିବେନ ସକାଳ ଠାରୁ ଖୁସି ଉପରେ ବିଳ ବିଳ ହେଉଛନ୍ତି । ସନ୍ଧ୍ୟା ହେଲା ଘେଷେଇ କାମ ଆରମ୍ଭ ହେବ । ଘରିଆଡ଼ ସଜ୍ଜିତ କରା ଯାଇଛି । ମାଇକ ଉଚ ସ୍ୱରରେ ବାଜୁଛି । ଘରି ଆଡ଼ ଆନନ୍ଦ ବିଭୋର । ସବୁ କହୁଛନ୍ତି ନୂତନ ବରଷର ଅଭିନନ୍ଦନ । କୁଣ୍ଢା କୁଣ୍ଢି କୋଳା କୋଳ ହେଉଛନ୍ତି ।

ବାବୁଙ୍କର ସମସ୍ତ ଅତିଥି ଧୀରେ ଧୀରେ ଆସିବା ଆରମ୍ଭ କଲେ । ଲିଜାର ବହୁତ ସାଙ୍ଗ ଆସିଥାନ୍ତି । ସବୁ କେତେ ସୁନ୍ଦର ପୋଷାକ ପିନ୍ଧିଛନ୍ତି । କେତେ ରଙ୍ଗ ବେରଙ୍ଗର ପୋଷାକ ସହିତ ସୁନ୍ଦର ସୁନ୍ଦର ଜୋତା । କଏ ମେହେନ୍ଦିରେ ନଜ ଶରୀର ଶୋଭିତ କରିଛିତ ତ କଏ ଅତର ଏମିତି କେତେ କଣ । ଖୁସି ଉହାଡ଼ିଆରେ ଠିଆ ହୋଇ ଅନେଇ ଦେଉଛି ଆଉ ଏଇଟା ତାର ନୂଆ ବରଷର ଖୁସି କହିଲେ ଚଳେ । ସେ ଛୋଟ ପିଲା ହେଲେ ମଧ ନଜ ମଣିଷ ପଣିଆକୁ ବୁଝି ପାରିଛି । ନଜର ପରିଚୟ ବିଷୟରେ ସେ ଅବଗତ ନୁହେଁ । ବାବୁ ତାକୁ ଜାରଜ କହୁଛନ୍ତି । ଅର୍ଥାତ ସେ ଜାଣିଛି ବହିରୁ ପଢି ଯାହାର ବାପା ମାଆର ପରିଚୟ

ନ ଥାଏ ସେ ଜାରଜ ଅଟେ । ତେଣୁ ତାକୁ ତା ବାପା କଏ ଓ ମାଆ କଏ ସେ ଜାଣେନା । ତା ପାଇଁ ନୂଆ ବରଷରେ ନଆଁ ଲାଗି ଯାଇଛି । ଯାହାର ବାପା ମାଆ ଥାନ୍ତି ସେଇ ପିଲା ମାନେ ଖୁସିରେ ରୁହନ୍ତି ବୋଲି ତାର ଧାରଣା । ଯେତେବେଳେ ସମୟ ପାଏ ଖାଲି ଆଢୁଆଳରେ ଠିଆ ହୋଇ ଦେଖେ ସେଇ ତା ବୟଷର ଝିଅ ମାନଙ୍କୁ ଆଉ ତାକୁ ତା ନିଜ ପ୍ରତି ବହୁତ ଘୃଣା ଆସେ । ହେଲେ ମଣିଷ ଜୀବନ ଦୁର୍ଲଭ ବୋଲି ବଡ ଲୋକଆ କୁହନ୍ତି । ହେଲେ ମୋ ଜୀବନ ବି ଦୁର୍ଲଭ ହୋଇ ଥାଇ ପାରେ । ବଞ୍ଚିଥିବା ଯାଏ ଚେଷ୍ଟା କରିବା । ତାକୁ କେବଳ ଲିଜା ସହାୟ ଏତିକ ଜାଣିଛି । ଲିଜା ତା ପ୍ରତି ଭଗବାନ । ଆଜି ସକାଳେ ଲିଜା ତାକୁ କେତେ ବୁଝେଇଛି ଆଉ ନୂଆ ବରଷର ଅଭିନନ୍ଦନ ମଧ କହିଛି । ହେଲେ ଏଇତ ଦୁନଆ ଟିକେ ଖୁସି ମିଳଲା ବେଳକୁ ବାବୁ କହିଲେଣି କାଲି ମୋତେ ଏଠୁ ବିଦା କରିବେ । ହେ ଭଗବାନ **!!!!** ହେ ଭଗବାନ**!!!!**

ଏଇ ନୂଆ ବରଷର ନଆଁରେ ମୋ ଦୁର୍ଭାଗ୍ୟ ପୋଡି ସୌଭାଗ୍ୟର ପାଉଁଶ ପ୍ରାପ୍ତି କରାଓ ପ୍ରଭୁ ଏତିକ କରୁଣା ଭିକ୍ଷା କରୁଛି ପ୍ରଭୁ।

ମାଇକ ବାଜୁଛି ସବୁ ବନ୍ଧୁ ବାନ୍ଧବ, ସାଙ୍ଗ ସାଥି ଓ ଅତିଥି ବାବୁଙ୍କର ଆସି ସାରିଲେଣି । କାର୍ଯ୍ୟକ୍ରମ ଆରମ୍ଭ ହେବ । ଖୁସି ଟିକେ ଖୁସି ଜଣା ପଡୁଛି । ଅଦିନଆ ଖୁସି ତା ମୁଣ୍ଡ ଉପରେ ଉଙ୍କି ମାରୁଛି । ହେଲେ ସେ କଉଥି ପାଇଁ ଖୁସି ହେଉଥିଲା ଜାଣି ପାରୁନ ।

ଖୁସି ଦେଖିବାକୁ ସୁନ୍ଦର ହେଲେ ଦେହରେ ତାର ମଇଳା ଛିଣ୍ଡା ସୁଇଟର । ଆଉ ଫୁରୁ ଫୁରୁ କେଶ ଗୁଛ । ହେଲେ ବି ସେ ସୁନ୍ଦର ଲାଗୁଛି ଦେଖିବାକୁ । ଲିଜା ଲୁଚ ଲୁଚ ଆସି ଖୁସିକୁ ତା ସାଙ୍ଗ ମାନଙ୍କ ଭିତରକୁ ଟାଣି ନେଇଥିଲା । ଆଉ ସୁବାସିତ ତୈଳ ସହିତ କଛି ଶୀତୁଆ ପୋଷାକ ଦେଇଥିଲା ଖୁସିକୁ ପିନ୍ଧିବାକୁ । ଖୁସି ପିନ୍ଧିବା ପୂର୍ବରୁ କାନ୍ଦି ପକେଇଲା । ତାର ଦୁଇ ନେତ୍ରରୁ ଝରି ପଡୁଥିଲା ଆନନ୍ଦର ଅଶ୍ରୁ । ହେଲେ ନୂଆ ପୋଷାକ ସହିତ ସୁବାସିତ ତୈଳ ପିନ୍ଧିବାର ଆଗ୍ରହ କାହାର ନାହିଁ କହିଲେ । ସେ ମଧ ଗୋଟେ ଝିଅ । ତାର ମଧ ଆଗ୍ରହ ଓ ଇଛା ଅଛି । ପିନ୍ଧି ପକେଇଥିଲା ପୋଷାକ ଗୁଡାକ ଓ ନିଜକୁ ପ୍ରଥମ ଥର ସଜେଇ ଥିଲା ଗୋଟିଏ ପରି ରାଇଜର ରାଜକୁମାରି ଭଳ ।

କାର୍ଯ୍ୟକ୍ରମ ଆରମ୍ଭ ହେବ । ଗୀତ ନାଚ ହେବ । ଲିଜା ତାର ସାଙ୍ଗ ମାନେ ବହୁତ ନାଚବେ। ରାତି ବାରଟା ଯାଏ ହେବ କାର୍ଯ୍ୟକ୍ରମ । ଘୋଷଣା କରା ଗଲା ଯେଉଁ ମାନେ

ନାଚବେ ଓ ଗୀତ ଗାଇବେ ନଜର ନାମ ଦିଅନ୍ତୁ । ଆଖ ପାଖର ଲୋକ ମଧ୍ଯ ଆସନ୍ତି ଦେଖିବାକୁ । ହଜାର ହଜାର ଲୋକଙ୍କର ସମାଗମ ହୁଏ । କାର୍ଯ୍ୟକ୍ରମ ସରିଲା ପରେ ସମସ୍ତେ ନଜ ଘରକୁ ପଳେଇ ଯାଆନ୍ତି ଆଉ ବାବୁଙ୍କର ଭୋଜନ ସଭାରେ ଅତିଥି ଓ ଅଭ୍ୟାଗତ ମାନଙ୍କର ଭୋଜନକ୍ରିୟା ହୋଇଥାଏ । ଏଇ କାର୍ଯ୍ୟ କ୍ରମ ବାବୁ ପ୍ରତ୍ୟକ ବର୍ଷ କରନ୍ତି । ହଜାର ହଜାର ଲୋକ ବହୁତ ପୁରସ୍କାର ଦିଅନ୍ତି । ବାବୁ ମଧ୍ଯ ବହୁତ ପଇସା କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ କରନ୍ତି । କାରଣ ବାବୁ ଜଣେ ଜମିଦାର ଲୋକଙ୍କର ପୁଅ ସହିତ ଓକଲ ମଧ୍ଯ ।

ଲିଜା ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଖୁସିର ନାଁ ମଧ୍ଯ ଦେଇ ଦେଇଛି । ଖୁସି ଜାଣିନାହିଁ ଯେ ବିଷୟରେ କ ସେ ମଧ୍ଯ ଏତେ ବଡ଼ କାର୍ଯ୍ୟରେ ଅଂଶଗ୍ରହଣ କରିବ । ନାଁ ଡାକରା ହେଲା ପ୍ରଥମ ନାଁ ଖୁସିର ଥିଲା.....

ବାବୁ ବହୁତ ରାଗି ଯାଇଥିଲେ । ଖୁସି ଗୀତ ଗାଇବ । ଚାକର ପିଲାଟା କଣ ଗୀତ ଗାଇବ ଯେ । ବହୁତ ରାଗରେ ଗର ଗର ହୋଇ ମୁହଁ ତଳକୁ କରି ଅତିଥି ମାନଙ୍କ ଗହଣରେ ବାବୁ ବସିଥାନ୍ତି । ହେଲେ ଖୁସି ବହୁତ ବାବୁଙ୍କୁ ଭୟକରେ । ଖୁସି ଯେତେ ମନା କରୁଥାଏ ଲିଜା ଛାଡିବାର ନାହିଁ । ତୋ ନାଁ ଡାକରା ହେଲାଣି ଯାଆ ଖୁସି ତୋ ପ୍ରତିଭାର ବିକାଶ କରିବାର ସୁଯୋଗ ଦେ । ଖୁସି ଆଜି ଯଦି ଗୀତ ନ ଗାଇବୁ ତେବେ କାଲି ତୋତେ ପୁଣି ଆଶ୍ରମ ଯିବାକୁ ପଡ଼ିବ । ଆଶ୍ରମ ବାଲା ନ ନେବେ ଯଦି ତୋତେ ପୁଣି କାହାକୁ ବିକ ଦେବେ । ଖୁସି ତୋତେ ଛାଡ଼ି ମୁଁ ବଞ୍ଚି ପାରିବି ନାହିଁ । ତୁ ଯାଇ ଗୀତ ଗାଇବୁ ନଶ୍ଚୟ ତୋତେ ତୋ ଲିଜାର ରାଣ । ଖୁସି ଏବେ ଦମ୍ଭ ଧରି ମଞ୍ଚ ଉପରକୁ ଯାଇଥିଲା । ବାବୁଙ୍କୁ ଆଣ୍ଠୁ ମାଡି ଜୁହାର ହୋଇଥିଲା । ଆଉ କହିଥିଲା ମୁଁ ହେଉଛି ଖୁସି । ମୋ ଭଗବାନ ହେଉଛନ୍ତି ମୋ ବାବୁ ଯିଏ କ ଏଇ ସୁନ୍ଦର କାର୍ଯ୍ୟକ୍ରମର ଅନୁଷ୍ଠିତ ଓ ଆୟୋଜିତ କରିଛନ୍ତି । ଆଉ ମୋତେ ମୋ ସାଙ୍ଗ ଓ ଭଉଣୀ ଲିଜା ସୁଯୋଗ ଦେଇଥିବାରୁ ମୁଁ ତାକୁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରୁଛି । ଆଉ ଶେଷରେ କହିବାକୁ ଚାହୁଁଚ ମୋର ଆଜି ଏଠି ଛିଡା ହେବାରେ କୌଣସି ଭୁଲ ନାହିଁ ବାବୁ । ଲିଜା ବହୁତ ବାଧ କରିଥିବାରୁ ଆପଣଙ୍କ ଚାକର ପିଲା ଏଇ ସୁନ୍ଦର ପୋଷାକ ସହିତ ସୁବାସିତ ତୈଳ ଓ କେତେ ସୁନ୍ଦର ଗହଣା ପିନ୍ଧି ମଞ୍ଚ ଉପରକୁ ଆସି ପାରିଲା । ଆଉ ସମସ୍ତ ଗରୁଜନ ମାନଙ୍କୁ ଏଇ ଚାକର ପିଲାଟିର ପ୍ରଣାମ । ମୋ ଗାଇବାରେ କୌଣସି ତ୍ରୁଟି ଥିଲେ କ୍ଷମା କରିବେ । ଆଉ ମୋ ଗୀତର, ସ୍ୱରର ଓ ତାଳର ଗୁରୁ ହେଉଛି

ମୋ ପ୍ରାଣ ପ୍ରିୟା ଲିଜା । ଏବେ ଲିଜା ଗୀତ ଆରମ୍ଭ କରିଥିଲା , ଯେ କଣ !! କୌଣସି ବି ତାଳ ଓ ସ୍ୱରର ଟିକେ ବି ଅଭାବ ନାହିଁ । କୋଇଲି ସ୍ୱର । ଅତି ଚମତ୍କାର ! ଗୀତ ସରିଲା ମଞ୍ଚାସୀନ ସମସ୍ତ ଦର୍ଶକ ଖୁସିର ଗୀତରେ ମୁଗ୍ଧ ହୋଇ ହଜାର ହଜାର ଟଙ୍କାର ପୁରସ୍କାର ଦେଲେ । ପୁରସ୍କାରର ସୁଅ ଛୁଟିଲା । ନାଚରେ ବି ପ୍ରଥମ । ଖୁସି ଆଉ ଗୋଟେ ଗୀତ ଗାଉ ବୋଲି ସମସ୍ତଙ୍କ ଅନୁରୋଧ । ହେଲେ ସେ ଆଉ ଗୀତ ଶିଖି ନାହିଁ ଯେ । ଶେଷରେ ସର୍ବ ବୃହତ ପୁରସ୍କାର ଖୁସିକୁ ମିଳଲା । ଖୁସିକୁ ମଞ୍ଚକୁ ଡକାଇ ଲିଜା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରସ୍କାର ଦେବେ କହିଲେ । ଖୁସି ତୋ ବିଷୟରେ କଛି କହ ବୋଲି ପ୍ରଧାନ ଶିକ୍ଷକ କହିଲେ ।

ଖୁସି, "ଆଜିର ପୁରସ୍କାର କେବଳ ଲିଜାର ମୋର ନୁହେଁ । ଆଉ ମହାଶୟ ମୋର ପାଠ ପଢ଼ିବାକୁ ବହୁତ ଇଛା ହେଉଛି । "

ଶିକ୍ଷକ, "ତୁ ଲେଖା ପଢ଼ା ଶିଖିଛୁ ।"

ଖୁସି, "ମହାଶୟ ମୁଁ ଲିଜାର ସମସ୍ତ ବହି ପଢି ସାରି ଦେଇଛି । ଲିଜା ମୋତେ କୁହେ ମୁଁ ଯେତେ ବେଳେ ବିଦ୍ୟାଳୟ ଯିବି ସେଇ ସମୟରେ ତୁ ମୋର ଗୋଟେ ବହି ରଖି ଦେଇ ଯିବି ଆଉ ତାକୁ ତୁ ପଢିବୁ ।"

ଶିକ୍ଷକ, "ପଢ଼ିଦେଲେ ହେଇ ଯିବନ ରେ ମା' ଅଧ୍ୟବସାୟ ଦରକାର । ସାଧନା ଦରକାର । ତା ସହିତ ପାଠର ମର୍ମହିଁ ବୁଝିବା ଦରକାର ।"

ଖୁସି, "ବୁଝିଛି ମହାଶୟ ତେଣୁ ମୁଁ ଚେଷ୍ଟିତ ଏଇ ବର୍ଷର ପରୀକ୍ଷା ଲିଜା ସହିତ ଲେଖିବି । ଏହା ସମ୍ଭବ କ ମହାଶୟ ? ମୋର ଆଉ କୌଣସି ଦରକାର ନାହିଁ । ମୋର ପୁରସ୍କାର ଦରକାର ନାହିଁ । ମୋର ଭଲ ପୋଷାକ ଦରକାର ନାହିଁ । ମୋତେ ଦୁଇଦିନ ଖାଇବାକୁ ନ ଦେଲେ ଚଳିଯିବି ହେଲେ ମହାଶୟ ମୋତେ ଟିକେ ଆପଣଙ୍କ ବିଦ୍ୟାଳୟରେ ପଢିବାକୁ ସୁଯୋଗ ଦେବେନ ???"

ଶିକ୍ଷକ," ନଷ୍ଟୟ ପଢିବୁ ହେଲେ ଏଇ ଦର୍ଶକ ମାନଙ୍କ ସମ୍ନାରେ ତୋତେ ସେଇ ପଢ଼ା ବହିରୁ ପାଞ୍ଚଟି ପ୍ରଶ୍ନ ପଚାରିବି ଆଉ ତାର ଉତ୍ତର ଦେଇ ପାରିଲେ ତୋତେ ନଷ୍ଟୟ ପଢିବାର ସୁଯୋଗ ମିଳବ ।"

ଖୁସି, "ନଷ୍ଟୟ ଦେବୀ ମହାଶୟ । "

ଖୁସି ସମସ୍ତ ପ୍ରଶ୍ନ ଭୂଗୋଳ, ଇଂରାଜୀ, ବିଜ୍ଞାନ ଓ ଗଣିତ ଆଦିର ପ୍ରାଞ୍ଜଳ ଭାବରେ ଉତ୍ତର ଦେଇ ଥିଲା । ଗୁରୁଜୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ବିସ୍ମୟ ହୋଇ କହି ପକେଇଲେ ପିଲା ବର୍ଷ ବର୍ଷ ଧରି ପଢି ଯାହା କରି ପାରୁ ନାହାନ୍ତି ତୁମେ କଣ ବିନା ପଢ଼ା ଓ ବିନା ପ୍ରଶିକ୍ଷଣରେ ସମସ୍ତ ପ୍ରଶ୍ନର ଉତ୍ତର ସହଜରେ ଦେଇ ପାରୁଛ । ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ....

ଉପସ୍ଥିତ ସମସ୍ତ ଦର୍ଶକ ମଣ୍ଡଳୀ ଓ ମଞ୍ଚାସୀନ ଅତିଥି ବୃନ୍ଦଙ୍କର ବିସ୍ମୟର ସୀମା ରହିଲା ନାହିଁ । ବାବୁଙ୍କ ଆଖିରୁ ଝରି ପଡୁଥାଏ ଅନୁତାପର ଅଶ୍ରୁ । ଲିଜା ଖୁସିରେ ନାଚୁ ଥାଏ । ଲିଜାର ସମସ୍ତ ସାଙ୍ଗ ଖୁସିକୁ କୁଣ୍ଢେଇ ପକାଉ ଥାନ୍ତି । ଭାଗ୍ୟର ବିଡମ୍ବନା । ପ୍ରଧାନ ଶିକ୍ଷକ ଜଣଙ୍କ ବାବୁଙ୍କ ହାତ ଧରି ପକେଇ କହିଲେ ମହାଶୟ ମୋର ଝିଅ ନାହିଁ ଆଉ ମୁଁ ଖୁସି କୁ ନେଇ ଯାଉଛି । ସେ ଆଜି ଠାରୁ ମୋ ଝିଅ ହେବ । ତାକୁ ପାଠ ପଢେଇବି ଆଉ ତାକୁ ସବୁ ଖୁସି ମୁଁ ଦେବି । ସେ ଭବିଷ୍ୟତରେ ଜଣେ ଉଜ୍ଜ୍ୱଳ ପ୍ରତିଭା ହୋଇ ପ୍ରସ୍ଫୁଟିତ ହେବ ।

ହେଲେ ବାବୁ କାନ୍ଦି କାନ୍ଦି କୁଣ୍ଢେଇ ପକେଇଥିଲେ ଖୁସିକୁ । ନାଁ ନାଁ ନାଁ..... ଖୁସି ପାଠ ପଢିବ ହେଲେ ମୁଁ ପଢେଇବି ତାକୁ । ମୋର ବୁଝିବାରେ ଭୁଲ ହୋଇ ଯାଇଛି । ମୋ ଲିଜା ଆଉ ମୋ ଖୁସି ଏବେ ଠାରୁ ଦୁଇ ଭଉଣୀ । ୟେ ନୂଆ ବରଷ ନଆଁ ଲାଗୁ ମୋର ଏବେ ଠାରୁ ଦୁଇ ଝିଅ । ସେ ପଢିବ ଜାରଜ ହୋଇ ନୁହେଁ ମୋ ଝିଅ ହୋଇ । ଲିଜା ଆଉ ଖୁସି କୁଣ୍ଢା କୁଣ୍ଢି ହୋଇ କାନ୍ଦୁଥିଲେ କେବଳ କାନ୍ଦୁଥିଲେ......

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

# ବସନ୍ତ

ବେଣୁଧର ସୂତାର

ଶାନ୍ତ ନଶୀଥର ନଶବଦ ଶୀତଳ ବୁକୁରେ
ଆକାଶର ଅତନ୍ଦ୍ର ନୀଳମାର ଅଜ୍ଞାତ ରହସ୍ୟ
ବସୁଧାର ପବିତ୍ର ଅଙ୍ଗନେ ମଧୁମୟ ଉପସ୍ଥାନ
ଶ୍ରୀମନ୍ତ ବସନ୍ତର ପ୍ରୀତିସ୍ପଦ ଅମିୟ ପରଶ ॥
ପରିବ୍ୟାପ୍ତ ଫଗୁଣର ପରିପୂର୍ଣ୍ଣ ହସରେ
ତାରୁଣ୍ୟମୟ ଋତୁ ଚଇତାଳ ଭୂଷା
ଶ୍ୟାମଳ ବାସରେ ଫଗୁଣର ନବ ଅଭିସାର
ସ୍ୱପ୍ନ ବିଥିକାରେ ମଧୁଝର୍ ମଦିର୍ ପିପାସା ॥
ମୁହଁ ସଞ୍ଜ ବନାନୀ ବୀଣାରେ ଉଲ୍ଲାସର ଉତ୍ତାଳ ତରଙ୍ଗ
ଗୋଧୂଳର ଅସ୍ତରାଗରେ ମୁଗ୍ଧ ଲଳତ ମହକ
ମଳୟର ସ୍ନିଗ୍ଧ ଆବେଗରେ ବିଚ୍ଛୁରିତ ବାସ୍ନାର ଲହରୀ
ଖୋଲିଦିଏ ସପନର କୁହୁକ ସିନ୍ଦୁକ ॥
ଭର୍ ବଉଳର ପୁଞ୍ଜେ ବଲ୍ଲରୀର କୁଞ୍ଜେ କୁଞ୍ଜେ ସୁବର୍ଣ୍ଣର ଢେଉ
ନହୁଲି ନବନତା ପ୍ରକୃତି ସୁତାର ରଙ୍ଗର ରେ଼ଷଣୀ
ମଧୁ ଚଇତିରେ ଏ ବନ ବିଧିରେ ନୈଃସର୍ଗିକ ଆଭା
ମନୋହର ମୂର୍ଚ୍ଛନାରେ କୋକଳର ଅପୂର୍ବ ରାଗିଣୀ ॥
ଋତୁଚକ୍ର ଆବର୍ତ୍ତନେ ଋତୁରାଜ ଆଗମନ ଭବ୍ୟ ଅବଦାନ
ଉଦଭାସିତ ପ୍ରକୃତିର କୋଣ ଅନୁକୋଣେ ପବିତ୍ର ପାର୍ବଣ
ସୁଧାମୟ ସମ୍ଭାଷଣ ରୋମାଞ୍ଚିତ ଶିହରଣ ମାଧୁର୍ଯ୍ୟ ପ୍ଲାବନ
ହେ ବସନ୍ତ ତୁମେ ପରା ପୁଣ ଧରିତ୍ରୀର ଦିବ୍ୟ ଆଭରଣ
ବିଶ୍ୱ ପ୍ରକୃତିର ଶାଶ୍ୱତ ପରାଣ ॥

କେଶଦୁରାପାଳ, କେନ୍ଦୁଝର

# ଭାରତ୍ ମାଁ ମୋର୍ କାନ୍ଦୁଛେ



ରୂପେଶ ସାହୁ

କାନ୍ଦୁଛେ ଆଏଜ୍ ଭାରତ୍ ମାଁ ମୋର୍
ରକତର୍ ଆଖିଁଲ୍ ଝରେଇ,
ନଜର୍ ମାଟିର୍ ସଭେ ଗୁଟେ ମାଁର୍ ଛୁଆତ
ହେଇଗଲ କେଁ ହୁଁଡାର୍ ହେଇ..?
ଖିନ୍ ବିନ୍ କରି ଖାଇଯାଉଛ ରେ
ଭାରତ୍ ମାର୍ ଝିଁ'ଇ କେ,
ନଜର୍ ଛୁଆ ହେଇ ରକତ୍ ପିଉଛ ଯେ
କଏ ବୁଝାବା ଆର୍ କାହାକେ
ପେଟୁ ମାରିଦେସ ନଜର୍ ରକତ୍ କେ
କେଡେ ଟେ ପାପ୍ ଏଯେ ତାର୍,
ସଂସାର୍ ଦେଖଲେ ଚପିଦେସ ଢେଁଟୁ
ପୁଡେଇ ଜଲେଇ କରି ଫେର୍ ଖାର୍....
ଭଗତ୍ ସିଂ ଆରୁ କେତେ ବୀର୍
ଗୁଏଁଇ ଦେଲେ ତାକର୍ ଜୀବନ୍,
ସଁପି ଦେଲେ ବେଁକ୍ ମାଟିର୍ ପାହାତଲେ
ମୁକଲେଇ ଥିଲେ ଭାରତର୍ ସପନ୍...
କାଣା  ଇଥିର୍ ଲାଗି କେଁ ମୋର୍ ଛୁଆମାନେ
ଜୁଗିଛନ୍ ଭାରତର୍ ସୀମାଥିଁ  ?

ସ୍ୱାଧୀନ୍ ପାଇଛୁବଲି କଁଗ୍ସ ଶରୀର୍ କେ ବି
ଗ୍ସବି ପକଉଛ ବରକସା ବଫୁ ଥିଁ !
ଜାଏତ୍ ଧରମ୍ ଆର୍ କେତେ କାଣାଥିଁ
ଭ୍ରଗ୍ ଭଁଟା ତ ଦେଲ କରି,
ମରଦ୍ ପନଆ ଦେଖାସ କେଁ ଲ୍ଜେ
କାନ୍ଦୁଛନ୍ ଏଜ୍ ସବୁ ନାରୀ....
କେନ୍ ପଶୁ ହିନ୍ ମନଆ ହେଇ
ବଲତକାରୀ ରୂପ୍ ସାଜିଛେ,
ଛାତି ଫଟେଇ, ରକତ୍ ଝରେଇ
'ଭ୍ରରତ୍ ମାଁ ମୋର୍ କାନ୍ଦୁଛେ'
ଏଜ୍ ଭ୍ରରତ୍ ମାର୍ କାନ୍ଦି ଶୁଭୁଛେ......||

ଭେଲୁଆଁପଦର, ବୁଡାମାଲ (ପଦ୍ମପୁର)

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଏମିତି ବି ପ୍ରେମ ହୁଏ



ପ୍ରଶାନ୍ତ କୁମାର ନାଥ

ପ୍ରେମ କେମିତି ହୁଏ, କେତେବେଳେ ହୁଏ,କାହା ସାଥେ ହୁଏ I କେହି ଜାଣି ପାରନ୍ତିନ I କନ୍ତୁ ପ୍ରେମ ହେଉହେଉ ହୋଇଯାଏ ବୋଲି ସମସ୍ତେ କୁହନ୍ତି I ସେମିତି କଛି ଘଟଣା ଘଟିଥିଲା ପପୁର ଜୀବନରେ I ସମିତା ନାମରେ ଝିଅଟିଏ ମନେମନେ ପପୁକୁ ଭଲପାଇ ବସିଥିଲା I କନ୍ତୁ ସେତେବେଳେ ପପୁ ଜାଣିନଥିଲା ପ୍ରେମ କଣ, ପ୍ରେମ କାହାକୁ କୁହନ୍ତି ଆଉ ତାହା କେଉଁ ଉପାଦାନରେ ଗଢା I ପାଠ ଛଡା ପପୁକୁ ଆଉ କଛି ବି ଜଣା ନଥିଲା I କନ୍ତୁ ନୋଟ ଦିଆନଆ ବାହାନାରେ ସମିତା ପପୁର ନକଟତର ହେବାକୁ ଚେଷ୍ଟାକଲା I ପପୁକୁ ମଧ ଧୀରେଧୀରେ ସମିତା ଭଲ ଲାଗିବାକୁ ଲାଗିଲା I

ଦିନଟିଏ କଥା ନହେଲେ ତାକୁ କଛି ଭଲ ଲାଗୁ ନଥିଲା I ନଜ ଅଜାଣତରେ ପପୁ ମଧ ସମିତାକୁ ଭଲପାଇ ବସିଲା I ସମିତାହିଁ ପପୁକୁ ଶିଖାଇଥିଲା ପ୍ରେମ କରିବା I ହେଲେ ଆଜି ଯେତେବେଳେ ପପୁ ନଜର ମନକୁ ସମିତା ପାଖରେ ବନ୍ଧାପକେଇ ସାରିଛି ସମିତା କଣପାଇଁ ଖସିଯିବାକୁ ଚେଷ୍ଟା କରୁଛି ତାର ହାତ ମୁଠାରୁ ? ଯଦି ସମିତା ପପୁକୁ ଭଲ ପାଉନଥିଲା ତାହେଲେ କଣ ପାଇଁ ଆସୁଥିଲା ତାର ହୃଦୟକୁ ? କଣ ପାଇଁ ତାକୁ ଶିଖେଇଲା ପ୍ରେମ କରିବା ?

ପପୁ ଉଡନ୍ତା ଚଢେଇ ପରି ଉଡି ବୁଲୁଥିଲା ନଜର ସାମ୍ରାଜ୍ୟରେ I ତାକୁ ପ୍ରେମ ବନ୍ଧନରେ ବାନ୍ଧି ରଖିଥିଲା ଏହି ସମିତା I ଦୁହେଁ ଏକ ପ୍ରେମର ନଅର ଗଢିବାର ସ୍ୱପ୍ନ ଦେଖିଥିଲେ I କନ୍ତୁ ସେମାନଙ୍କ ସବୁ ସ୍ୱପ୍ନ ଆଜି ଭାଙ୍ଗିରୁଜି ଚୁରମାର ହୋଇଯାଇଛି I ଅନ୍ଧାର ରାତିର ଏକ

ବାଟଭୁଲା ପଥିକ ସାଜିଯାଇଛି ପପୁ । ନା ଗୁହିଁଲେ ସେ ହସି ପାରୁଛି ନ କାନ୍ଦି ପାରୁଛି । ନା ଜିଇଁ ପାରୁଛି ନା ମରି ପାରୁଛି । ନା ଭୁଲି ପାରୁଛି ସମିତାକୁ ।

ସମିତା କ'ଣ ଭୁଲି ଯାଇଛି ପପୁକୁ ? ନା କୌଣସି ପରିସ୍ଥିତିରେ ପଡି ସେ ପପୁକୁ ଭୁଲିଯିବା ପାଇଁ ବାଧହୋଇଛି ? ଯିଏ ନିଜ ଜୀବନଠାରୁ ଅଧିକ ଭଲ ପାଉଥିଲା ପପୁକୁ ସିଏବା କେମିତି ଭୁଲିବ ? ଯିଏ ଥରେ ମନଦେଇ ଭଲ ପାଇଥାଏ, ସିଏ କ'ଣ କେବେ ଭୁଲିପାରେ? ସତରେ ସିଏ ଭୁଲିଯାଇଛି ନା ଭୁଲିଯିବାର ଅଭିନୟ କରୁଛି ? ସତରେ କଣ ସମିତା ନିଜ ହୃଦୟରୁ କାଢି ଫୋପାଡି ଦେଇ ଛିପପୁକୁ ? ଯେତେବେଳେ ସମିତାର ପପୁ ସହ ଦେଖା ହେଉଛି ସିଏ ବାଟ ଆଡେଇ ଗୁଲିଯାଉଛି ଚହ୍ନି ନଚହ୍ନିଲା ପରି । କିନ୍ତୁ ପପୁ ସତ ଚେଷ୍ଟା ପରେବି ଭୁଲିପାରୁନି ସମିତାକୁ ?

ଆଜିବି ସେ ଗୁହିଁ ରହିଛି ସମିତାର ଫେରିବା ବାଟକୁ । ସମିତା ଆଜିଯାଏ ବିବାହ କରିନି କେବଳ ଏତିକିହିଁ ପପୁ ପାଇଁ ସାନ୍ତ୍ୱନା । କିନ୍ତୁ ସତରେ କ'ଣ ପପୁ ଓ ସମିତାର ମିଳନ ଘଟେ ? ସମିତା କ'ଣ ପୁଣି ଫେରିଆସେ ପପୁ ପାଖକୁ ? ପପୁର ସେହି ଅନାବିଳ ପ୍ରେମ କ'ଣ ବ୍ୟର୍ଥ ହୋଇଯାଏ ?

******************************

ଆଜି ପପୁର ସମିତା ସହ ଦେଖା ହୋଇଥିଲା । ଆଉ ସମିତା ନିଜକୁ ସମ୍ଭାଳି ନପାରି ଧାଇଁ ଆସିଥିଲା ପପୁର ବାହୁବନ୍ଧନକୁ ଆଉ ତାର କାନ୍ଧ ଉପରେ ମୁଣ୍ଡ ରଖି ବହେ କାନ୍ଦିଥିଲା । ନିଜ ଆଖିର ଲୁହରେ ସେ ଭିଜେଇ ଦେଇଥିଲା ପପୁକୁ । ତଥାପି ପପୁ ଆଜି ବହୁତ ଖୁସି । କିନ୍ତୁ କ'ଣ ହୋଇପାରେ ତା'ର ଏହି ଖୁସିର କାରଣ ?

ସେଦିନ କାନ୍ଦିକାନ୍ଦି ସମିତା ବଖାଣି ବସେ ଏକ କାହାଣୀ । ଦିନେ ସମିତା ଘରକୁ ଫେରୁଥାଏ। ଏକ ଅଦିନିଆ ଝଡପରି ତାର ଆଶାର ଆକାଶକୁ ଏକ ନିରାଶାର ଝଡପରି ମାଡି ଆସିଥିଲା ଏକ ଝିଅ । ଝିଅର ନାଁ ଥିଲା ଝିଲି । ଆଉ ସମିତା ଆଗରେ ଗାଇ ଯାଇଥିଲା କିଛି ମନଗଢା କାହାଣୀ । ଯାହାକୁ ସମିତା ବିଶ୍ୱାସକରି ନେଇଥିଲା, ଆଉ ପପୁଠାରୁ ଦୁରେଇ ଯିବାକୁ ନିଷ୍ପତ୍ତି ନେଇଥିଲା । ସେଦିନ ଝିଲି ଧାଇଁ ଆସିଥିଲା ସମିତା ପାଖକୁ ଆଉ ଭେଁଭେଁ ହୋଇ କାନ୍ଦି ପକାଇଥିଲା । ଆଉ କହିଥିଲା ଏକ ଲୁହଭିଜା କାହାଣୀ ।

ଦୀର୍ଘ ଦୁଇବର୍ଷ ହେବ ମୁଁ ଭଲପାଇ ଆସୁଛି ପପୁକୁ । ହେଲେ କେବେ ମୋର ମନକଥା ଖୋଲି କହିପାରିନ ପପୁ ପାଖରେ । ମୋତେ ଯଦି ସେ ନମିଳନ୍ତି ମୁଁ ଜୀବନ ହାରିଦେବି । କନ୍ତୁ ମୁଁ ଜାଣିଛି ପପୁ ତୁମକୁ ଭଲ ପାଆନ୍ତି । ହେଲେ ମୁଁ ତାଙ୍କ ବିନା ବଂଚ ପାରିବିନ । ଏମିତି ଏକ କାହାଣୀ ଉପସ୍ଥାପନା କରିଥିଲା ଝିଲି । ଯାହାକୁ ସମିତା ଅତି ସହଜରେ ବିଶ୍ୱାସ କରି ନେଇଥିଲା । ଗୋଟେ ଝିଅହୋଇ କେମିତି ବୁଝିନଥାନ୍ତା ଆଉଗୋଟେ ଝିଅର ମନକଥା । ତେଣୁ ସେ ଦୁରେଇ ଯାଇଥିଲା ପପୁ ପାଖରୁ ।

******************************

କନ୍ତୁ ଆଜି କ'ଣ ପାଇଁ ପୁଣିଥରେ ଧାଇଁ ଆସିଛି ସେ ପପୁ ପାଖକୁ । କ'ଣ ପାଇଁ ସେ କ୍ଷମା ପ୍ରାଥନା କରୁଛି ପପୁ ପାଖରେ । ଆଜି ହଠାତ ଝିଲିସହ ଦେଖା ହୋଇଥିଲା ସମିତାର । ଦୀର୍ଘ ଦୁଇବର୍ଷ ପରେ ସେମାନଙ୍କର ଦେଖାସାକ୍ଷାତ । ହେଲେ ସେ ଏକ'ଣ ଦେଖୁଛି, ଝିଲି ସାଥିରେ ସେ ଆଉଜଣଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ତା ସାଥିରେ ପୁଣି ଥିଲା ଏକ ଛଅମାସର ପୁଅ । ଧାଇଁ ଯାଇଥିଲା ସେ ଝିଲି ପାଖକୁ । ଆଉ ପଗ୍ଚରିଲା ଏହାର କାରଣ । ହେଲେ ଝିଲିର ଉତ୍ତରରେ ସମିତା କାନ୍ଦି ପକାଇଥିଲେ । ଆଉ ନଜକୁ ଦୋଷୀ ବୋଲି ମଣୁଥିଲା ।

ଝିଲି କହିଲା ମୁଁ ପପୁକୁ ବହୁତ ନଜର କରିବାକୁ ଚେଷ୍ଟାକଲି । ହେଲେ ସେ ତୁମବିନା ଆଉ କାହାକୁ ନଜର କରି ପାରିବେନ ବୋଲି ସଫା ମନନା କରିଦେଲେ । ତେଣୁ ବାଧହୋଇ ମୁଁ ଆଉଜଣଙ୍କୁ ବାହା ହୋଇଗଲି ।  ସମିତା ମନେମନେ ଭାବୁଥାଏ ଏହି କ'ଣ ଭଲ ପାଇବା ? ଏକ ମିଛେଇ ଝିଅପାଇଁ ଆଜି ସେ ତା'ର ବହୁମୂଲ୍ୟ ପ୍ରେମକୁ ହରେଇ ବସିଥାନ୍ତା ।  ସିଏ ସିଧା ଧାଇଁ ଆସିଛି ପପୁ ପାଖକୁ । ଆଉ ବଖାଣି ବସିଛି ସେହି ମିଛ ପ୍ରୀତିର କାହାଣୀ । ପପୁ ଆଜି ସମିତାକୁ ପାଇ ବହୁତ ଖୁସି । ଆଉ କେବେ ଦୁହେଁ ଅଲଗା ହେବେନାହିଁ ବୋଲି ନଷ୍ପତ୍ତି ନେଇଛନ୍ତି । ସତରେ ଏକଥା ଭାବିଲେ ଲାଗୁନ, ସତରେ କ'ଣ ଏମିତିବି ପ୍ରେମ ହୁଏ?

~~~~~*****~~~~~

ଇଚ୍ଛାପୁର, ଡୁନୁରିପାଲି, ସୋନପୁର
~~~~~

# ଜାନ ଜାନ ପାପ୍ କରୁଛନ୍

ଶଶାଙ୍କ ଶେଖର ସାହୁ

ଇଚ୍ଛା ମୋର୍ ପାଏନ୍ ସାଫ୍ ଅରୁଛନ୍,
ତେହିର୍ ଲ୍‌ଗି ବହୁତ୍ ଖ୍‌ଲାପ୍ କରୁଛନ୍ ।
କାମେଧାମେ ଚହ୍ନା ପଡେ ପାପ୍ ବୁହୁଛନ୍,
ଜାନ ପାଏବ ନେଁ ଲ୍‌ଗେ ନାପ୍ ଲୁହୁଛନ୍ ।
ଉଠୁଛେ ଦେଖ ପାପର୍ ଫାପ୍ ନଉଛନ୍,
ଘର୍ କେ ନେଇଁ କମାନର୍ ଧାପ୍ କହୁଛନ୍ ।
ବରଷ୍ ସାର୍ ଖଟିଁ ଗୃଷି କାପ୍ କାପ୍ କରୁଛନ୍,
ଇ ମାନେ ଯେ ମାରି ମାରି ଝାପ୍ ଭରୁଛନ୍ ।
ଆଏଁଖ୍ ମୁଜି କରି ଗୃପ୍ କେ ଗୃପ୍ ଚରୁଛନ୍,
ଧର୍ ପଡିଗଲେ ନାଏନ ମାଫ୍ ଡରୁଛନ୍ ।
ଉପରେଁ ଖାଲି ମୁହୁଁ ଟିକେ ସାଫ୍ ଝରୁଛନ୍,
ନେଁ ଜାନ କରି କାଣା ଏତେ ପାପ୍ କରୁଛନ୍**?**

ତବଡା, ସୋହେଲା, ବରଗଡ

# କୁଟୁମ୍ ମୋର୍



ଚିତ୍ତରଞ୍ଜନ ପଧାନ

କୁଟୁମ୍ ମୋର୍ ନହେଲେ ଭୁକେ ଯେଭେଁ
ଘରେ ନ ଥେଇ ଅଢ଼ିଆ,
ଲଖ୍ ଉଧାର୍ କର୍ଲି ସାହୁଠାନେ
ରହେଲି ତାର୍ କୁଠିଆ ।
ଦୁଖ୍ ତ ଆଏ ମୋର୍ ଦେହର୍ ଛାଏଁ
ସୁଖ୍ ହେସି ହୁର୍‌ଗୁନ,
ବଛର୍ ଟାକର୍ ଉସ୍ତାର୍ ହେଇଛେ
ମାନୁଛେରେ ଫୁସ୍‌ପୁନ ।

ପର୍‌ହର୍ ହାତେ ଦିନ୍ ବିତେ ମୋର୍
ସ୍ୱାଧିନ୍ ଆଏତ ସପନ୍,
ସାନ ଘାଟି ହେସି ଖେତେ ଖଲେ ତାର୍
ହେଟା ତ ମୋର୍ କରମ୍ ।
ବନ୍‌ଏ -ଅସାର୍ କହେଲେ ସହେସି
ହେବା କେନ ମନ୍‌ମାନ,
ବଛର୍ ଟାକର୍ ଉସ୍ତାର୍ ହେଇଛେ
ମାନୁଛେରେ ଫୁସ୍‌ପୁନ ।

ଘରର୍ ଅବସ୍ଥା ବଡା ଗୁଲ୍‌ଗୁଲ୍
କେଭେଁ ନାଇଁ ସୁଧୁରୁଛେ,
ସାହୁ ବାବୁର୍ ହଲିଆ ଆଏଯେ ସେ

ଦୁଖ୍-ସୁଖ୍ କେଁ ବୁଝୁଛେ ।
ଆଖିର୍ ଆଖଁଲ୍ ଆଖି ମରୁଛେରେ
ନଲଜ୍ ପନ୍‌କେ ମାନ,
ବଛର୍ ଟାକର୍ ଉସ୍ତାର୍ ହେଇଛେ
ମାନୁଛେରେ ଫୁସ୍‌ପୁନ ।

ଗୃଷୀର୍ ତିହାର୍ ହଲିଆ ତିହାର୍
ଶୁଭୁଛେ ହୋ ଛେର୍‌ଛେରା,
ମଡା-ସୁଆଲି-ଅର୍ସା-ବିରିବରା
କହରୁଛେ ପାଟ୍-ପରା ।
ଦୁଖର୍ ଦିନ୍ ଯିବା ସୁଖ୍ ଆସ୍‌ବା
ନାଇଁ କାନ୍ଦ ସିଆନ,
ବଛର୍ ଟାକର୍ ଉସ୍ତାର୍ ହେଇଛେ
ମାନୁଛେରେ ଫୁସ୍‌ପୁନ ।

ଡୁଙ୍ଗୁରିପାଲି, ଜମଲ୍, ପଦମ୍‌ପୁର୍, ବରଗଡ଼

ବେଦାନ୍ତୀ ଇ-ପତ୍ରିକା ପଢିବା ସଙ୍ଗେ ସଙ୍ଗେ ପଢାନ୍ତୁ
ଆପଣଙ୍କ ପରିବାର ସଦସ୍ୟ, ବନ୍ଧୁ-ବାନ୍ଧବଙ୍କୁ ଏବଂ ଓଡିଆ
ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ସହଯୋଗ କରନ୍ତୁ ।

# ମନ ଭିତରୁ ପଦେ



ଜଗନ୍ନାଥ ମେହେର

ମନର କଷ୍ଟ ଆଉ ଆଖିର ଲୁହ କାହାକୁ ଦେଖେଇବେ ନାହିଁ । ସୁଖ ଭଗ୍ ଜୀବନ ନଥିଲେ ବି କାହାକୁ କହିବେ ନାହିଁ । କାରଣ କେହି କଷ୍ଟ ଦେଇ ପାରନ୍ତି କନ୍ତୁ କେହି କଷ୍ଟରେ ଭାଗ ନେଇ ପାରନ୍ତି ନାହିଁ । ଆସନ୍ତା କାଲିକୁ କଏ ବା ଦେଖି ପାରିବ, ଆସୁଥିବା ମୁହୂର୍ତ୍ତରେ କଣ ବା ଘଟିବ କଏ ବା ଜାଣିଥାଏ, ସେଥିପାଇଁ ମଣିଷ ହସୁଥିବା ଏହି ବର୍ତ୍ତମାନକୁ ହିଁ ଖୁସିରେ ବିତାଇବା ଉଚତ । କଛି ଲୋକ ଟିକଏ ଜ୍ଞାନ, ପୁଳାଏ ଧନ ହେଇଗଲେ ଅହଙ୍କାର ରେ ଅକାଶରେ ଉଡ଼ି ବୁଲନ୍ତି । ସେମାନେ ଭୁଲି ଯାଆନ୍ତି ଯେ, ଫୁର୍ ଫୁର୍ ହୋଇ ଉଡୁଥିବା ମେଞ୍ଚାଏ ଧୂଳ ବି କେଇ ଟୋପା ବର୍ଷା ମାଡରେ ତଳେ ପଡି ପୁଣି ମାଟିରେ ମିଶିଯାଆନ୍ତି । ବାପାଙ୍କ ପାଦ ଛୁଇଁଲେ ସମ୍ପତ୍ତିର ଅଭାବ ରୁହେ ନାହିଁ, ମା 'ର ପାଦ ଛୁଇଁଲେ ମମତାର ଅଭାବ ରୁହେ ନାହିଁ, ବଡ ଭାଇର ପାଦ ଛୁଇଁଲେ କେହି ଶକ୍ତିହୀନ ହୁଏ ନାହିଁ, ବଡ ଭଉଣୀର ପାଦ ଛୁଇଁଲେ କେହି ଚରିତ୍ରହୀନ ହୁଏ ନାହିଁ, ଗୁରୁଙ୍କ ପାଦ ଛୁଇଁଲେ ଜ୍ଞାନର ଅଭାବ ରୁହେ ନାହିଁ ।।

କେଉଁଟନ ବାହାଲି , ପଦ୍ମପୁର, ବରଗଡ଼

# ବଦଳେ ମଣିଷ ଜାତି



ପର୍ଶୁରାମ ସାହୁ

ସମୟ ସାଥିରେ ତାଳ ଦେଇ ଆଜି
ବଦଳେ ମଣିଷ ଜାତି
ଆପଣେଇ ନଏ ପର ସଭ୍ୟତାକୁ
ଭୁଲିଯାଇ ନିଜ ନୀତି।। (୧)
ଅର୍ଥ ସର୍ବସ୍ୱ ହୋଇଯାଇ ଆଜି
ଗୋଡ଼ାଏ ଟଙ୍କା ପଛରେ
ସତ୍ୟ, ଶାନ୍ତି ଆଉ ଦୟା, କ୍ଷମା ଭୁଲି
ମାତିଥାଏ ସେ ହିଂସାରେ ।। (୨)
ପରଚର୍ଚ୍ଚା ଆଉ ପର ନିନ୍ଦାରେ
ବିତିଥାଏ ତା'ର ଦିନ
ଅନ୍ୟ ଲୋକଙ୍କର ସମୃଦ୍ଧି ଦେଖିଲେ
ଈର୍ଷାରେ ଜଳେ ତା ମନ ।। (୩)
ପିତାମାତାଙ୍କୁ ସେ ସମ୍ମାନ ଦିଏନା
କରେନା ଈଶ୍ୱର ପୂଜା
ଏପରି ମଣିଷ ଯୁଗ ଯୁଗ ଧରି
ସମାଜ ପାଇଁ କ ଲଜ୍ଜା ।।(୪)
ଏହି ବଦଗୁଣ ମନରୁ ପାସୋରି
ସମାଜର ସେବା କର
ଜୀବନରେ ଭଲ ମଣିଷଟେ ହୁଅ
ଏତିକ ବିନତି ମୋର ।। (୫)

ଧର୍ମଶାଳା, ଯାଜପୁର

# ନୁଆଁ ବରସ୍



ପୁସ୍ତମ୍ ଯୁଆଡି

ହେ ନୂଆବରସ୍,
ସିତର୍ ହୁର୍'ହୁରିଆ ଧୁକାନେ
କୁହୁଡ଼ିର୍ ଛାତି ଚରି
ନୁଆଁ ଭ୍ବନାର ମୁଁଜି ବୁଣିଦେସ
ଇ ଧରାଥି
ଗାଁନୁ ସହର୍ ପତେ
ଖୁସିର୍ ବର୍ଷାଥି ଭିଜି ଯାଏସନ୍
ତମର୍ ଆସବାର୍ ଜାଣି,
ଉସ୍'ନାକ୍ ଥି ପୁରି ଯାଏସି ପେଟ୍
ଛାତିର୍ ଦଲ୍'କନା ଥି
ପ୍ରେମ ଆଉ ପିରତିର ଥାବ୍'ଟେ
ପିଠେଇ ଦେସ,

ବିଛେଦର୍ ଜୁଏଥି ଜଲୁଥିବାର୍
ହରେକ୍ ରସିଆ ରସିଏନ୍'ର
ମିଲନ୍ କେ ମଧୁର୍ କର୍ସ
ଉଝ୍'ନ ହେସନ୍ ସଭେଁ
ତମର୍ ଆସବାର ଜାନ,
ତମର୍ ସୁରେ, ତମର୍ ଗିତେ,ତାଲେଁ
ପଦେ ଗାଏବାର କେ
ନଝୁମ୍ ନାଚ୍ ଟେ ନାଚ୍'ବାରକେ
ତତାପନା ହେଇ ଯାଏସୁଁ
ତମର୍ ଆସବାର୍ ଜାନ
ସରଧାର୍ ଫୁଲ ଉଁଜ୍'ଲେ ଦେଇ
ତମ୍'କେ ବରୁନ୍ କର୍'ସୁ ।।

ଭୁତିବାହାଲ, ଗାଇସିଲାଟ

# ପ୍ରବାସୀ ଓଡିଆଙ୍କ ଖବର

## ଶ୍ରୀକ୍ଷେତ୍ର ମିତ୍ର ମଣ୍ଡଳ ସଂସ୍ଥା, ପୁନେ ଦ୍ୱାରା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଭୂମି ପୂଜନ

ପୁନେ ଓଡିଆ ପରିବାର ଶ୍ରୀକ୍ଷେତ୍ର ମିତ୍ର ମଣ୍ଡଳ ଦ୍ୱାରା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ଶ୍ରୀମନ୍ଦିର ର ଭୂମୀ ପୂଜନ କାର୍ଯ୍ୟ ଗତ ଜାନୁଆରୀ ୧୭ ତାରିଖରେ ମହା ସମାରୋହରେ ସମ୍ପନ୍ନ ହୋଇଯାଇଛି ଏଥିରେ ପୁନେ ପରିସରରେ ଥିବା ଭାଇଭଉଣୀମାନେ ଯୋଗ ଦେଇଥିଲେ । ଓଡିଶାର ଗର୍ବ ଗୌରବ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଏହି ସଂସ୍ଥା ଗତ ୧୦ ବର୍ଷ ଧରି ପୁନେର ଭୋଷରୀ ଏବଂ ପିମ୍ପରୀ ଚଞ୍ଚୱଡ ପରିସରରେ ଅବିରତ କାର୍ଯ୍ୟ କରିଆସୁଛି । ଜଗନ୍ନାଥ ସଂସ୍କୃତିକୁ ମହାରାଷ୍ଟ୍ର ପରି ବାହାର ରାଜ୍ୟରେ ଜନମାନସକୁ ଆଣିବା ପାଇଁ ମଣ୍ଡଳର ପ୍ରୟାସ ଜାରି ରହିଛି । ମଣ୍ଡଳ ଭୋସରୀ ଅଞ୍ଚଳରେ ଅଷ୍ଟପ୍ରହରୀ ନାମ ଯଜ୍ଞ, ରଥଯାତ୍ରା, ଜନ୍ମାଷ୍ଟମୀ ଇତ୍ୟାଦି କାର୍ଯ୍ୟକ୍ରମ କରି ଓଡିଶା ବାହାରେ ସମଗ୍ର ଓଡିଆ ଭାଇଭଉଣୀଙ୍କୁ ଏକାଠି କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଆଧ୍ୟାତ୍ମିକ ଦିଗାଭିମୁଖୀ ହେବାପାଇଁ ଚେଷ୍ଟା ଚଳାଇଛି ।

ଆଗାମୀ ୧ ବର୍ଷ ଭିତରେ ମନ୍ଦିର କାର୍ଯ୍ୟ ସୁଚାରୁ ରୂପେ ସମ୍ପୂର୍ଣ୍ଣ କରି ମନ୍ଦିର ପ୍ରତିଷ୍ଠା ନିମନ୍ତେ ଜଗନ୍ନାଥ ସଂସ୍କୃତିର ସମସ୍ତ ରିତିନୀତିକୁ ପାଥେୟ କରି ଜଗନ୍ନାଥ ସଂସ୍କୃତି ସହିତ ଜଡିତ ସମସ୍ତ ମାନ୍ୟବରମାନଙ୍କ ପରାମର୍ଶ, ପୁରୀ ଗଜପତି ମହାରାଜାଙ୍କ ପରାମର୍ଶ ଏବଂ ପୁରୀ ଜଗନ୍ନାଥ ମନ୍ଦିରର ପରାମର୍ଶକୁ ନେଇ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ମଣ୍ଡଳ ତରଫରୁ ମଣ୍ଡଳର ସଭାପତି ଶ୍ରୀ ପ୍ରଦୀପ ସ୍ୱାଇଁ ଜଣାଇଛନ୍ତି ।

ଏଥି ନିମିତ୍ତ ପୁନେରେ ରହୁଥିବା ସମସ୍ତ ଓଡିଆ ଭାଇଭଉଣୀମାନଙ୍କୁ ସାହାଯ୍ୟ ସହଯୋଗର ହାତ ବଢେଇବା ପାଇଁ ମଣ୍ଡଳର ସମସ୍ତ ସଦସ୍ୟ ଏବଂ କାର୍ଯ୍ୟକର୍ତ୍ତାମାନେ ବିନମ୍ର ନିବେଦନ କରିଛନ୍ତି ।

ଜୟ ଜଗନ୍ନାଥ ।




श्री जगन्नाथ मंदीर





# ବିଦେଶ ଖବର

## ବାହାରିନ୍ ଓଡ଼ିଆ ସମାଜ ହେଲା ଶ୍ରେଷ୍ଠ ପାରମ୍ପରିକ ଷ୍ଟଲ୍

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାହାରିନ୍‌ରେ ଭାରତୀୟ ଦୂତାବାସ ପକ୍ଷରୁ ସ୍ପେକ୍ଟ୍ରା-୨୦୧୯ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ତଥା ଅନ୍ତର୍ଜାତୀୟ ସମୁଦାୟଙ୍କ ୬୦ଟି ଷ୍ଟଲ ଅଂଶ ଗ୍ରହଣ କରିଥିଲେ। ଏହା ମଧ୍ୟରୁ ବାହାରିନ୍ ଓଡ଼ିଆ ସମାଜକୁ ଶ୍ରେଷ୍ଠ ପାରମ୍ପରିକ ଷ୍ଟଲ୍ ଭାବେ ସମ୍ମାନିତ କରାଯାଇଛି।

ଏହି କାର୍ଯ୍ୟକ୍ରମ ବାହାରିନ୍ ପ୍ରଦର୍ଶନୀ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ବାହାରିନ୍ ଓଡ଼ିଆ ସମାଜର ବିଷୟବସ୍ତୁ ଥିଲା ଗୋ ଗ୍ରୀନ୍, ସେଭ୍ ଏନ୍‌ଭାର୍ଣ୍ଣମେଣ୍ଟ ଏବଂ ମେଡ୍ ଇନ୍ ଓଡ଼ିଶା। ଓଡ଼ିଆ ସଂସ୍କୃତି ଏବଂ ପାରମ୍ପରିକକୁ ଷ୍ଟଲ ମାଧ୍ୟମରେ ଓଡ଼ିଆ ବାହାରିନ ସମାଜ ପ୍ରଦର୍ଶନ କରିଥିଲା।

ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପାରମ୍ପରିକ ଷ୍ଟଲ୍ ଭାବେ ବାହାରିନ୍ ଓଡ଼ିଆ ସମାଜକୁ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ସ୍ପେକ୍ଟ୍ରା-୨୦୧୮ କାର୍ଯ୍ୟକ୍ରମରେ ମଧ୍ୟ ବାହାରିନ୍ ଓଡ଼ିଆ ସମାଜକୁ ଶ୍ରେଷ୍ଠ ପାରମ୍ପରିକ ଷ୍ଟଲ ଭାବେ ସମ୍ମାନିତ କରାଯାଇଥିଲା।

"ବାହାରିନ୍ ଓଡ଼ିଆ ସମାଜର ସଦସ୍ୟଙ୍କ କଠିନ ପରିଶ୍ରମ, ଟିମ୍ ୱାର୍କ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଅଶେଷ କରୁଣା ଯୋଗୁଁ ଆମେ ଏହି ସଫଳତା ପାଇଛୁ। ଆଗକୁ ମଧ୍ୟ ଆନ୍ତର୍ଜାତୀୟ ସ୍ତରରେ ଆମେ ଓଡ଼ିଶାର ଐତିହ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର କରିବୁ", ବାହାରିନ୍ ଓଡ଼ିଆ ସମାଜର ପ୍ରତିଷ୍ଠାତା ଶ୍ରୀ ଅରୁଣ କୁମାର ପ୍ରହରାଜ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ନିର୍ମିତ ପାରମ୍ପରିକ ଦ୍ରବ୍ୟକୁ ଅନ୍ତର୍ଜାତୀୟ ସମୁଦାୟଙ୍କ ଆଗରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଓଡ଼ିଶାର ମହିଳାମାନଙ୍କ ଦ୍ୱା ପରିବେଷଣ କରାଯାଇଥିବା ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦ ହଜାର ଲୋକ ଉପସ୍ଥିତ ଥିବା ସୂଚନା ମିଳିଛି।





**[Bahrain Odia Samaj Founder Sri Arun Kumar Praharaj With the Indian Embassy 2nd Secretary Sri Prabir Kumar Chowdhury]**


Welcomes you to Odisha
THE ABODE OF LORD JAGANNATH


INDIAN COMMUNITY RELIEF FUND
KINGDOM OF BAHRAIN

# ଶିଶୁ ବିଭାଗ



# ଯେତିକ ବୁଝିଛି ମୁହିଁ



ଅଜୟ କୁମାର ବେହେରା

ବାପା ମୋର ପାଠ
ପଢି ନ ଥିଲେ ଜାଣି
ପଢ଼ାଇଲେ ମୋତେ
କେଡ଼େ ଆନନ୍ଦେ ପୁଣି ।୧।

ପାଠ ପଢି ମୁହିଁ
ବଡ଼ ମଣିଷ ହେବି
ଦେଶ ଜାତି ପାଇଁ
ଗଉରବ ଆଣିବି ।୨।

ଶିକ୍ଷା ସଂସକାର
ଥିଲେ ନଜ ସାଥିରେ
ଆଦର ଲୋଭିବି
ପୁର ଆଉ ପଲ୍ଲୀରେ ।୩।

ବିନମ୍ରତା ଗୁଣ
ଧରି ସାଥେ ମୋହର
ଗ୍ଭଲିବି ପଥ ମୁଁ
ହେଉ ପଛକେ ଦୂର ।୪।

ଦୟା, କ୍ଷମା ଭାବ
ରଖି ମନ ମଧ୍ୟରେ
ଧ୍ୟାନ ଦେବି ମୁହିଁ
ନିଜ ନିଜ କର୍ମରେ।୫।

ମିଥ୍ୟା କଥା କେବେ
ତୁଣ୍ଡେ ଧରିବି ନାହିଁ
କଷ୍ଟ ହେଉ ପଛେ
ସତ୍ୟ କହିବି ମୁହିଁ।୬।

ଗୁରୁଜନ ସେବା
ବ୍ରତ ହେଉ ମୋହର
ତାଙ୍କରି ଆଶୀଷେ
ଜୀବନ ହେଉ ସୁନ୍ଦର।୭।

ମୋରଡ଼ା, ମୟୂରଭଞ୍ଜ



# ଅକଲ ମକଲ ଟକଲ ଟିଆଁ



ସତ୍ୟବ୍ରତ ସାହୁ

ଟୁଆଁକୁ ଅନାଇ କହିଲ୍ ଚଆଁ
ନିତି ଘସିମାଜି ଗାଧୋଉ ଥା'
ନହେଲେ ହୋଇବ କାଛୁ କୁଣ୍ଡିଆ ।(୧)

ଅକଲ ମକଲ ଟକଲ ଟିଆଁ
ଟୁଆଁକୁ ଅନାଇ କହିଲ୍ ଚଆଁ
ଶୀତ ଦିନ ବୋଲି ପଢୁନୁ କଆଁ
ପରୀକ୍ଷା ବେଳକୁ ହେବୁ ଛାନିଆଁ ।(୨)

ଅକଲ ମକଲ ଟକଲ ଟିଆଁ
ଟୁଆଁକୁ ଅନାଇ କହିଲ୍ ଚଆଁ
ବଡ଼ ବଡ଼ ନଖ କାଟୁନୁ କଆଁ
(ସଭିଏଁ)ନାକ ଟେକୁଛନ୍ତି ଶୁଣି ତୋ' ନାଆଁ ।(୩)

ଅକଲ ମକଲ ଟକଲ ଟିଆଁ
ଟୁଆଁକୁ ଅନାଇ କହିଲ୍ ଚଆଁ

ହାତ ନଧୋଇ ତୁ ଖାଉଛୁ କଅାଁ
ରୋଗେ ପଡ଼ି ହେବୁ ହୀନମାନଅା (୪)

ଅକଲ ମକଲ ଟକଲ ଟିଅାଁ
ଚଅାଁ କଥା ଶୁଣି କହିଲା ଟୁଅାଁ
ଆଖି ମୋ' ଫିଟାଇ ଦେଲୁରେ ଚଅାଁ
କାଲି ଭଲ ରୂପ ଦେଖିବୁ ଥା' (୫)

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର



# ମୋ ଜେଜେ ମାଆ



ନନ୍ଦିନୀ ରାଉତ

ଜଗତ ଟା ସାର୍ ବୁଲୁଛି କେବଳ
ତୁମ କୁ ମୁଁ ଖୋଜି ଖୋଜି,
ମୋ ଜୀବନ ଧାତ୍ରୀ ମମତା ର ଧାର
କେଉଁ ଆଡେ ଗଲ ହଜି।

ଜୀବନ ଠୁ ଭଲ ପାଉ ଥିଲ ମୋତେ
କାହିଁକ ଅଲଗା କଲ,
ମୋର ହାତ ଛାଡ଼ି ଅଜଣା ରାଇଜେ
କାହିଁ ପାଇଁ ଚାଲି ଗଲ।

ମାଆ ର ମମତା ପାଇ ନଥିଲି ମୁଁ
ପାଇ ନଥିଲି ମୁଁ ସାହା
ତୁମରି କୋଳ ରେ ସ୍ୱର୍ଗ ସୁଖ ଥିଲା
ତୁମେ ମୋର ଜେଜେ ମାଆ।

ଚନ୍ଦ୍ର ର ଶୀତଳ କିରଣ ଠୁ ବଳ
ତୁମରି କୋଳ ର ସ୍ପର୍ଶ
ତୁମ ବିନା ଏଇ ଜୀବନ ରେ ମୋର
ଭରି ଗଲା ଖାଲି ବିଷ।

ଖୋଜୁଛି ସରିତ ସରଣୀ କୂଳ ରେ
ଖୋଜୁଛି ବନ ଅରଣ୍ୟ
ଫେରିବ କ ନାହିଁ କହି ଦିଅ ଥରେ
କୁହ ତ ଟିକେ କାରଣ ।

ତୁମରି ଆଶିଷ ଢାଳ ଦିଅ ବାରେ
ସରଗ ଗୁଇଜେ ଥାଇ
ତୁମରି ପରଶ ପାଇଗଲେ ଥରେ
ସବୁ ଦୁଃଖ ଯିବ ଧୋଇ ।

ବାଲି ପଙ୍ଗା, ଅନୁଗୋଳ



# ଧୁଆ ମୂଳା ଅଧୁଆ ମୂଳା



ଡ଼ଃ ରଞ୍ଜିତ କୁମାର ସାହୁ

ଆଜି ବୋଉ ଟିକେ ଚଡ଼ି ଚଡି ହେଉଛି ସକାଳରୁ । ପପୁନା ଆଉ ଟୁକୁନା ଯାଆଁଳା ଭାଇ ଚୁପ ଚାପ ବହିରେ ମୁଣ୍ଡ ପୋତି ଭଲ ପିଲା ସାଜିଛନ୍ତି ଟିଉସନରୁ ଫେରିବା ପରଠାରୁ । ଦୁଇ ଭାଇ କ୍ଷୀର ନୀର ଭଳି ସାଙ୍ଗ ହେଲେ ମଧ୍ୟ ପ୍ରକୃତିରେ ଭିନ୍ନ । ଆଜି ପପୁନା ଦୁଷ୍ଟାମୀ କରିଛି, ପିଜୁଳି ଗଛରେ ଚଢ଼ି ପଡିଶା ଘର ବିରାଡ଼ି କୁ ଉପରେ ଛାଡି ଆସିଛି । କେମିତି ବିରାଡ଼ିକୁ ଗଛ ଉପରକୁ ନେଲା ଭଗବାନ ହିଁ ଜାଣନ୍ତି ! କିନ୍ତୁ ପାଟି ତୁଣ୍ଡ ଶୁଣି ଆଉ ବିରାଡ଼ିର କାନ୍ଦ ଶୁଣି ଆଖ ପାଖ ଲୋକ ସବୁ ଜମା ହୋଇଥିଲେ । ବୋଉ ବାଡ଼ି ପଟେ ଯାଇ ଦେଖିଲା ଆଉ ତୁରନ୍ତ ଜାଣିଗଲା ଦୁଇ ଭାଇଙ୍କର କାରସାଦି ବୋଲି । କଷି ଦେଲା ଦି ଦି ପାହର ଦୁହିଁଙ୍କୁ ଗୋଡ଼ାଇ ଘରୁ ବାହାରି ବେଳଣାରେ । ରବିବାର ଛୁଟି ଦିନଟା ପୁରା ନଷ୍ଟ ହୋଇ ଗଲା । ଟୁକୁନା କେତେ ନେହୁରା ହେଲା, ସିଏ କିଛି କରି ନାହିଁ ବୋଲି କିନ୍ତୁ ବୋଉର ଯୁକ୍ତି, "ଧୁଆ ମୂଳା, ଅଧୁଆ ମୂଳା ସବୁ ଗୋଟିଏ !" ସତରେ ସମସ୍ତେ ଟୁକୁନା କୁ ମଧ୍ୟ ଭୁଲ ବୁଝନ୍ତି ଯଦିଓ ସିଏ ନିଜ କାମରେ ଅଧିକ ଧ୍ୟାନ ଦେଇ ଥାଏ ।

ବହି ଭିତରେ ମୁଣ୍ଡ ଦେଇଥିଲେ ମଧ୍ୟ ଟୁକୁନାର ମନ ବୋଉ କହିଥିବା ପଦଟିଏରେ ବାରମ୍ବାର ଅଟକି ଯାଉଥିଲା । ବୋଉ ତ ମୂଳା କରିଦେଲା ତାକୁ ଆଜି ! ସେ ଅଧିକ ମୂଳା ଭଲ ପାଏନା ସବୁବେଳେ କିନ୍ତୁ ମୂଳା ଶାଗ ଭଲ ପାଏ । ପପୁନା କିନ୍ତୁ ମୂଳା ଭଲ ପାଏ ଆଉ ଶାଗ ଦେଖିଲେ ଚଢ଼େ । ବାପା କୁହନ୍ତି ମୂଳା ଓ ତାହାର ଶାଗ ଉଭୟ ସ୍ୱାସ୍ଥ୍ୟ ପ୍ରତି ହିତକାରୀ । ତେଣୁ ବଜାର ଗଲେ ସବୁବେଳେ ମୂଳା ଆଣିଲେ ତାହାର ଶାଗ ମଧ୍ୟ ସାଥିରେ ଆଣନ୍ତି । କୁହନ୍ତି ମୂଳା ମଧ୍ୟ ସୋରିଷ, ଫୁଲ କୋବି ଓ ବନ୍ଧା କୋବି ଭଳି ଗୋଟିଏ

ପରିବାରର ସଦସ୍ୟ I ବିଭିନ ପ୍ରକାର ଧାତୁରେ ପରିପୁର୍ଣ୍ଣ ଏବଂ କମ ପରିମାଣର ସ୍ନେହସାର ଥିବାରୁ ବହୁତ ଉପକାରୀ । ଖରା ଦିନେ ତା ବାପା ସବୁ ବେଳେ ଅନୁରୋଧ କରନ୍ତି ବୋଉକୁ ମୂଳା କୁ କଞ୍ଚାରେ ହିଁ ଦେବାକୁ, ସାଲାଡ଼ କରିକ I ବାପା ମଧ କହୁଥିଲେ ଆଜି କାଲି ବିଭିନ୍ନ ଆକାରର, ରଙ୍ଗର, ଆଉ ସ୍ୱାଦର ମୂଳା ମିଳୁଛି ଯାହା କୃଷି ବୈଜ୍ଞାନକ ମାନଙ୍କ ଦ୍ୱାରା ସୃଷ୍ଟି ହେଇଛି I



କନ୍ତୁ ଅଧୁଆ ମୂଳା ଶାଗ ଆଉ ଧୁଆ ମୂଳା ଶାଗ କାହିଁକ ନ ହେଲା? ସତରେ ଲୋକ ମାନେ ମଧ ବିନା ଭାବି ସବୁ କଛି କହି ଦିଅନ୍ତି I ଆଜି ବାପାଙ୍କୁ ଆସିଲେ ଏହି ପ୍ରଶ୍ନଟି ପଗ୍ଗରିବ I ବାପା ରବିବାର ହାଟକୁ ଯାଇଛନ୍ତି । ମୂଳା ସିନା କଞ୍ଚା ଖିଆ ଯାଏ ଘରେ, ହେଲେ ବୋଉ ତ କେବେ କଞ୍ଚା ମୂଳା ପନ୍ ଦେଇନ!

ବାପା ଆସିବା କ୍ଷଣି ଟୁକୁନା ତାହାର ପ୍ରଶ୍ନଟି ପଗ୍ଗରିଦେଲା I ଯାହା ଭାବିଥିଲା ତାହା ହିଁ ହେଇଥିଲା, ବାପା ମୂଳା ମଧ ଆଣିଥିଲେ ଆଉ ସଜ ଦିଶୁଥିଲେ ମଧ ମାଟି ଲାଗିଥିଲା ।

ଅଧୁଆ ମୂଳା ଧରି ଆସିଥିଲେ ବାପା! ବୋଉ ଧୋଇକ ଠିକ କରିଦେବ । ପ୍ରଶ୍ନ ଶୁଣି ବାପା କହିଲେ, "ହଁ କେତେ ଜାଗାରେ ମୂଳାର ପତ୍ର ମଧ୍ୟ କଞ୍ଚା ଖାଆନ୍ତି, ଯଦି ତାହା ନରମ ହୋଇ ଥାଏ ଏବଂ ତଟକା ଥାଏ, କନ୍ତୁ ଅଳ୍ପ ପରିମାଣରେ । ଏହାକୁ ବେଳେ ବେଳେ ସେଣ୍ଡୱେଚରେ ମଧ୍ୟ ରଖା ଯାଇପାରେ ଅଳ୍ପ ପରିମାଣରେ । ମୂଳା ମଧ୍ୟ ଆଳୁ ଆଉ ବାଇଗଣ ଭଳ ଏକ ପରିବା ଯେଉଁଥିରୁ ଅନେକ ପ୍ରକାର ବ୍ୟଞ୍ଜନ ତିଆରି ହୋଇ ପାରିବ । ପାରମ୍ପାରିକ କାଞ୍ଜି ଆଉ ଆମ୍ବିଳଠୁଁ ଆରମ୍ଭ କରି 'ମୂଲୀ କା ପରଠା' ପର୍ଯ୍ୟନ୍ତ ! କନ୍ତୁ ହଁ ଧୁଆ ମୂଳା ଆଉ ଅଧୁଆ ମୂଳା ମଧ୍ୟରେ ଫରକ ନଶ୍ଚୟ ଅଛି ! ମୂଳା ହେଉ ବା ଅନ୍ୟ କୌଣସି ଜଡ଼ ଜାତୀୟ ଖାଦ୍ୟ ହେଉ, ଭଲ ଭାବରେ ଧୋଇ ତା ପରେ ଖାଇବା ଉଚତ, ଯାହା ଦ୍ୱାର୍ ମାଟିରେ ଥିବା ଜୈବିକ ଆଉ ରାସାୟନକ ପଦାର୍ଥ ଶରୀର ଭିତରକୁ ଯିବନ ! ସେହିପରି ତାହାର ଶାଗକୁ ମଧ୍ୟ ମାଟି ଓ ଅନ୍ୟ ପଦାର୍ଥ ଠାରୁ ସଫା କରିବାକୁ ପଡିଥାଏ । "



ଟୁକୁନା ଖୁସି ହେଇଗଲା ବାପାଙ୍କ ଉତ୍ତର ଶୁଣି । ଆଉ ଯିଏ ବୁଝୁ ନ ବୁଝୁ, ବାପା ଠିକ ଜାଣନ୍ତି, ଧୁଆ ମୂଳା ଆଉ ଅଧୁଆ ମୂଳା ଭିତରେ ଥିବା ଫରକ!

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଲରଲ୍ଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ସୁନ୍ଦର ସୁନ୍ଦର ଫୁଲ



ରାଜଶେଖର ସି "ଚମା"

ଆସନ୍ତୁ ବୁଲିବାକୁ ଯିବା ଆମ ବଗିଚାକୁ,
ସୁନ୍ଦର ସୁନ୍ଦର ଫୁଲ ବିଶେଷ ଦେଖିବାକୁ,
ରଙ୍ଗବେରଙ୍ଗ ଫୁଲ ଅଛନ୍ତି ଯେ ଫୁଟିବାକୁ,
ଫୁଟିକି ନିଜ ମହକକୁ ଚାରିପଟେ ବାଣ୍ଟିବାକୁ।୧।

ଧଳାରଙ୍ଗରେ ଦିଶୁଛନ୍ତି କୁନ୍ଦ ଟଗର ଜାଇଫୁଲ,
ଲାଲରଙ୍ଗରେ ଦିଶୁଛିନ୍ତି ମନ୍ଦାର ଅଶୋକ ଫୁଲ,
ହଳଦିଆ ରଙ୍ଗରେ ଦିଶୁଛନ୍ତି ମୃଦୁ କନିଅର ଫୁଲ,
ନୀଳରଙ୍ଗରେ ଦିଶୁଛନ୍ତି ନୀଳମା ନୀଳ କଇଁଫୁଲ।୨।



ସୁନାରଙ୍ଗ ପାଇଛନ୍ତି ସୂର୍ଯ୍ୟମୁଖୀ ଫୁଲ,
ସୁଗନ୍ଧ ଦେଉଛନ୍ତି ସ୍ୱର୍ଣ୍ଣ ଚମ୍ପା ମଲ୍ଲି ଫୁଲ,
ନାନାରଙ୍ଗରେ ଅଛନ୍ତି ଗୋଲାପ ଫୁଲ,
ବିଭିନ୍ନ ରଙ୍ଗରେ ଅଛନ୍ତି ସେବତୀ ଫୁଲ।୩।

ଫୁଲ ଦରକାର ଠାକୁର ଠାକୁରାଣୀଙ୍କର ପୂଜାପାଇଁ,
ସୁନ୍ଦରସୁନ୍ଦର ଫୁଲ ଦରକାର ଶ୍ରୀ ଜୀଉଙ୍କ ମାଳା ପାଇଁ,
ସବୁପ୍ରକାର ଫୁଲ ଦରକାର ଆକର୍ଷକ ପୁଷ୍ପ ଗୁଚ୍ଛପାଇଁ,
ଫୁଲ ଦରକାର ବଗିଚାର ସୁନ୍ଦରତା ବଢ଼େଇବା ପାଇଁ।୪।

chvrajasekhar@gmail.com

# ଆଦର୍ଶ ଛାତ୍ର



ପ୍ରାଞ୍ଜଲ ଅଗ୍ରୱାଲ

ଇଚ୍ଛାପୁର ନାମରେ ଗୋଟିଏ ଗାଆଁ ଥିଲା । ସେହି ଗାଆଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରମେଶ ନାମକ ଗୋଟିଏ ପିଲା ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲା । ରମେଶ ସ୍ୱଭାବରେ ଭାରି ଚତୁର, ସାହସୀ ଓ ମେଧାବୀ ଥିଲା ।

ଦିନକର ଘଟଣା ସେ ଦିନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କରାଯାଉଥାଏ । ସମସ୍ତ ଶିକ୍ଷକ - ଶିକ୍ଷୟିତ୍ରୀ, ଛାତ୍ର- ଛାତ୍ରୀ ବାର୍ଷିକ ଉତ୍ସବ ପାଇଁ ବ୍ୟସ୍ତଥାନ୍ତି । ଠିକ ଏତିକବେଳେ ରମେଶ ତା ସାଙ୍ଗ ମାନଙ୍କ ସହିତ ପାଣି ପିଇବା ଲାଗି water filter ପାଖକୁ ଯାଇଥାଏ । ସେ ଯାଇ ଦେଖେତ ପାଖରେ ଥିବା Electric Boardରେ Short Circuit ଯୋଗୁଁ ହୁତୁ ହୁତୁ ହୋଇ ନିଆଁ ଜଳୁଛି । ଏ ଦୃଶ୍ୟକୁ ଦୂରରୁ ଦେଖି ତା ସାଙ୍ଗ ମାନେ କଏ କୁଆଡେ ପ୍ରାଣ ବିକଳରେ ଦୌଡିବାକୁ ଲାଗିଲେ । ମାତ୍ର ରମେଶ ଏଥିରେ ଭୟଭୀତ ନ ହୋଇ ଏ ପୁରା ଘଟଣା ପ୍ରଧାନଶିକ୍ଷକଙ୍କ ନିକଟକୁ ଆସି କହିଲା । ତାପରେ ପ୍ରଧାନଶିକ୍ଷକ ଅଗ୍ନୀଶମ ବିଭାଗକୁ ଫୋନ କଲେ ଓ ଅଗ୍ନୀଶମ କର୍ମଚାରୀ ମାନେ ଆସି ନିଆଁକୁ ଆୟତ କଲେ । ଏତେବଡ ବିପଦରୁ ରମେଶ ସମସ୍ତଙ୍କୁ ରକ୍ଷା କରିଥିବାରୁ ତା ସାହାସିକତା ପାଇଁ ତାକୁ ବ୍ଲକ ଶିକ୍ଷା ଅଧିକାରୀ ଏକ ବିଶେଷ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦେଲେ ।

ନ' ଗାଆଁ, ଜିଲ୍ଲା - ବଲାଙ୍ଗୀର

# କ୍ରୋଧି ସିଂହ

ଅଙ୍କିତା ପାଢ଼ୀ

ଜଙ୍ଗଲଟି ବହୁତ ବଡ଼ ଥିଲା । ଜଙ୍ଗଲରେ ରହୁଥିଲେ ସବୁ ଜାତିର ପଶୁ ଓ ପକ୍ଷୀ । ଜଙ୍ଗଲରେ ଦୁଇଟି ସିଂହ ରହୁଥିଲେ । ସିଂହ ଦୁଇଟି ମଧ୍ୟରେ ସବୁବେଳେ ଝଗଡ଼ା ଚାଲିଥାଏ। ଜଣେ ସିଂହ ବହୁତ ରାଗି ଥିଲା ବେଳେ ଅନ୍ୟ ଜଣଙ୍କ ବହୁତ ଶାନ୍ତ, ଶିଷ୍ଟ ଓ ଭଦ୍ର ଥିଲା । ଅନ୍ୟ ନିରୀହ ପ୍ରାଣୀ ମାନେ ଏମାନଙ୍କ ଝଗଡ଼ାରେ ବଳି ପଡୁଥିଲେ । ପଶୁମାନଙ୍କର କୌଣସି ସ୍ୱାଧୀନତା ନ ଥିଲା । ସମସ୍ତେ ବାହାରକୁ ବାହାରିବାକୁ ଭୟ କରୁଥିଲେ । କକୁଆ ଭୟ ମାଡି ଆସିଲା ଭଳି ଜଙ୍ଗଲଟି ବହୁତ ସୁନସାନ ଲାଗୁଥିଲା । ଶାନ୍ତ ସରଳ ସିଂହଟି ବିଚାର କଲା କଣ ଏମିତି ପ୍ରାଣୀମାନେ ହନ୍ତସନ୍ତ ହୋଇ ଜୀବନ କଟେଇବେ। ଏହି ଜଙ୍ଗଲର କଣ କୌଣସି ନ୍ୟାୟ୍ୟ ବିଚାର ରହିବ ନାହିଁ । ଏମିତି ସବୁବେଳେ ଭାବି ଚାଲେ । ସେହି ଜଙ୍ଗଲ ମଧ୍ୟରେ ଗୋଟିଏ ମହାବଳ ବାଘ ଥାଏ । ବାଘଟି ବହୁତ ସାହସୀ ଥିଲା । ସେ ନିରୀହ ସିଂଘଟିର ବନ୍ଧୁ ଥିଲା । ଦିନେ ନିରୀହ ସିଂହ ଓ ବାଘ ଦୁଇଜଣ ଗୋଟିଏ ସଭା କଲେ ।

ଦୁଇ ଜଣ ସଭା କରୁଥିଲା ବେଳେ ରାଗୁଆ ସିଂହଟି ଆସି ପହଞ୍ଚି ଗଲା ଓ କହିଲା ତମ ଦୁଇଜଣଙ୍କ ସାହସ କେମିତି ହେଲା ଏମିତି ବସି କଥା ବାର୍ତ୍ତା ହେବାକୁ । ଏଇ ଜଙ୍ଗଲ ମୋର। ଏହି ଜଙ୍ଗଲର ରାଜା ମୁଁ ଅଟେ । ମୋ ବିନା ଏଇ ଜଙ୍ଗଲରେ କୌଣସି ପତ୍ରଟିଏ ମଧ୍ୟ ଛିଡା ଯିବ ନାହିଁ । ବାଘ ସିଂହ କଥାରେ ରାଗିଗଲା ଓ କହିଲା ମୁଁ ହେଉଛି ମହାବଳ ବାଘ । ମୁଁ ଚାହିଁଲେ ତୁମକୁ ଏଇ ଜଙ୍ଗଲରୁ ବାହାର କରି ପାରିବି । ଏଇ ଜଙ୍ଗଲ ମୋ ବାପା ଓ ଗୋସିବାପା ମାନେ ତିଆରି କରିଛନ୍ତି । ଆଉ ତମେ ଆମ ଉପରେ ଦାଦାଗିରି କରି ପାରିବ ନାହିଁ । ଏମିତି କହି ବାଘ ଗର୍ଜନ କରିବାକୁ ଲାଗିଲା । ହେଲେ ସିଂହକୁ ବାଘ

କଥାରେ ଆହୁରି ଅଧିକ ରାଗ ଆସିଲା । ସେ ଏତେ ରାଗି ଯାଇଥିଲା ଯେ ପୂରା ନଆଁ ଭଳି ଜଳି ଗଲା ଆଉ ବାଘ ଉପରକୁ ଲମ୍ଫପ୍ରଦାନ କଲା । ବାଘ ଓ ସିଂହର ଲାଗିଲା ଘୋର ଲଢେଇ । କେହି କାହାରିକୁ ଛାଡିବାର ନ ଥିଲେ । ଦୁଇ ଜଣଙ୍କ ଲଢେଇରେ ଜଙ୍ଗଲ କମ୍ପି ଉଠୁଥିଲା । ହେଲେ ନିରୀହ ସିଂଘଟି ବିଚରା କାହାକୁ ବୁଝେଇବ । ଗର୍ଜନ କରି ମଝିରେ ମଝିରେ କହିଦେଉଥାଏ ଶାନ୍ତ ହେଇ ଯାଅ । ଶାନ୍ତ ହେଇଯାଅ । ହେଲେ କେହି ନ ଶୁଣି କାମୁଡ଼ା ରାମ୍ପୁଡ଼ା ହେଉଥାନ୍ତି । ଗଡି ଯାଉଥାନ୍ତି ଏପଟରୁ ସେପଟ ।

ବାଘ ଓ ସିଂହର ଲଢେଇରେ ଅନ୍ୟ ପଶୁମାନେ ବହୁତ ଖୁସି ହେଉଥାନ୍ତି । କେହି କାହାରିକୁ ଛାଡିବାର ନାହିଁ । ସେଇ ବାଟ ଦେଇ ଶିଆଳଟିଏ ଯାଉଥିଲା । ଦେଖିଲା ବାଘ ଓ ସିଂହଙ୍କର ଲଢେଇ । ଆଉ ଚିନ୍ତା କଲା ଏଇ ଦୁଇଜଣ ଜଙ୍ଗଲରେ ଯିବ ଜନ୍ତୁଙ୍କର ବଞ୍ଚିବା କଷ୍ଟ କରି ଦେଲେଣି । ଏମାନଙ୍କୁ ଶାସ୍ତି ମିଳବା ଦରକାର । ତେଣୁ ବିଲୁଆ ବଡ଼ ଚତୁର ଯେ । ନିଜର ବୁଦ୍ଧି ଖର୍ଚ୍ଚ କଲା । ଭାବିଲା ଏମାନେ ଦୀର୍ଘ ସମୟ ଧରି ଲଢ଼ିଲେଣି ତେଣୁ ଏମାନେ ଯଦି ଆଉ କଛି ସମୟ ଲଢ଼ିବେ ତେବେ ନିଶ୍ଚୟ ମୃତ୍ୟୁ ମୁଖକୁ ଜିବେ । ଏମିତି ଭାବି ହୁକେ ହୁ ଆରମ୍ଭ କଲା ଆଉ କହିଲା ମହାବଳ ବାଘ କେବେ ହାରି ପାରେନା । ପ୍ରାଣ ଯାଉ ହେଲେ ପଣ ରହୁ । ମହାବଳ କେବେ ପଛ ଘୁଞ୍ଚା ଦିଏନି କ ଦେବେନି । ମହାବଳ ହାରିବା ଅବସ୍ଥା ଦେଖି ଉଷକେଇବା ଲକ୍ଷରେ ଲାଗି ପଡିଲା ଶିଆଳ । ହାରିବାକୁ ଯାଉଥିବା ମହାବଳ ଦେହରେ ଏକ ନୂତନ ଶକ୍ତିର ସଞ୍ଚାର ହେଲା । ଶିଆଳ କଥା ଶୁଣି ଭାବିଲା ଯଦି ମୁଁ ହାରିଯାଏ ତେବେ ଆଉ ଜଙ୍ଗଲରେ ମୁହଁ ଦେଖେଇ ହେବ ନାହିଁ । ତେଣୁ ପ୍ରଖର ବେଗରେ ସମ୍ପୂର୍ଣ୍ଣ ଶକ୍ତି ଲଗେଇ ଝାମ୍ପି ମାରିଲା ମହାବଳ । ଆହୁରି ରକ୍ତାକ୍ତ ହେଇ ଗଲା ସିଂହ । ହେଲେ ସିଂହ ବଞ୍ଚିଥିବା ଯାଏ ପଛଘୁଞ୍ଚା ଦିଏ ନାହିଁ । ସିଂହ ମଧ ଆକ୍ରମଣ କରିଥିଲା ରାଜା ଭଳି । ସେ ଯଦି ହାରିଯାଏ ତେବେ ଜଙ୍ଗଲରେ ରହିବା କଷ୍ଟ । ତେଣୁ ହାରିବା ଠାରୁ ଲଢ଼ି ଲଢ଼ି ମରିବା ଭଲ । ଏମିତି ଭାବି ମହାବଳ ଉପରେ ଆକ୍ରମଣ କରିଚାଲିଥାଏ । ଏମିତି ଆକ୍ରମଣ ଓ ପ୍ରତ୍ୟାକ୍ରମଣ ମଧରେ ଉଭୟ ଶୋଷ ଓ ଭୋକରେ ଜର୍ଜରିତ ହୋଇଗଲେ । ଏବେ ସାହା କହିଲେ ଶିଆଳ । ହେଲେ କେହି ଶିଆଳକୁ ପାଣି ମାଗି ପାରୁନାହାନ୍ତି କାରଣ

ଜଣେ ବିଶ୍ରାମ ନେବାକୁ ଗ୍ଲହିଁଲେ ଅନ୍ୟ ଜଣଙ୍କର ଆକ୍ରମଣର ଶିକାର ହେବାକୁ ପଡିବ । ବାଘ ଭାବୁଥାଏ ଯଦି ମୁଁ ଏଇ ଛାର ଶିଆଳକୁ ସାହାଯ୍ୟ ମାଗିବି ନାଁ ନାଁ ଏଇଟା ସମ୍ଭବ ନୁହେଁ। ସିଂହ ମଧ୍ଯ ଏମିତି ଭାବୁଥାଏ । ଦୁହିଁଙ୍କ ମଧ୍ୟରେ ଲଢ଼େଇ ଦୁଇ ଦିନ ଗ୍ଲଲିଗଲା । ହେଲେ କେହି କାହାକୁ ଛାଡିବାର ନୁହେଁ । ଦୁହେଁ ବହୁତ ଜିଦି ଖୋର ଆଉ ଶିଆଳ ଏପଟ ସେପଟ ହେଇ ଯିଏ ଟିକେ ବସିବାକୁ ଯାଉଛି କ ଥକ ପଡୁଛି ତାକୁ ଉସୁକେଇବାରେ ବ୍ୟସ୍ତ ଥାଏ । ମହାବଳ ଟିକେ କ୍ଳାନ୍ତ ହୋଇ ବସି ପଡିଲେ ଶିଆଳ କହୁଥାଏ ଶେଷରେ ହାରି ଗଲତ । ହଉ ହାରିଗଲ ହାରିଗଲ, ଏବେ ଏଠୁ ପଳେଇ ଯାଅ । ନ ହେଲେ ସିଂହ ତମକୁ ମାରିଦେବ | ସିଂହ ଟିକେ ଥକ ବସିଗଲେ ସେମିତି ସିଂହକୁ କହୁଥାଏ । ସିଂହ କହୁଥାଏ ନାହିଁ ନାହିଁ ମୁଁ ହାରିବା ଲୋକ ନୁହେଁ । ମାରିବା ଯାଏ ଲଢ଼ିବି । ଏମିତି କହି ମାଡି ବସୁଥାଏ ସିଂହ ମହାବଳ ବାଘ କୁ । ଶେଷରେ ଦୁଇଜଣଙ୍କ ଅବସ୍ଥା ବହୁତ ଗୁରୁତର ହୋଇ ଯାଇଥାଏ । ଶେଷରେ ଦୁଇଜଣଙ୍କ ପାଦ ଆଉ ଚଳୁନି ନାହିଁ । ଶୋଷରେ ପାଟି ଶୁଖି ଯାଉଥାଏ | ଦୁହେଁ ପାଣି ଖୋଜିବା ଲକ୍ଷରେ ଦେଖିଲେ ଆଖ ପାଖରେ କୌଣସି ପୋଖରୀ କ ଝରଣା ନାହିଁ । କୁଆଡେ ଜିବେ । ଶିଆଳକୁ ନେହୁରା ହେଲେ ଆଉ କହିଲେ, ଆମେ ଆଉ ଲଢ଼ି ପାରିବୁନ, ପାଣି ମୁନ୍ଦାଏ ଦେ । ଶିଆଳ କହିଲା ପାଣି ପିଇବାକୁ ହେଲେ ତୁମକୁ ଏଠାରୁ ଦୁଇ ମାଇଲ ବାଟ ଯିବାକୁ ପଡ଼ିବ । ଯାଇପାରିବତ ଆସ । ହେଲେ ଦୁଇଜଣଙ୍କ ପାଦ ଆଉ ଉଠୁ ନ ଥାଏ । ଶେଷରେ ଚତୁର ଶିଆଳ କହିଲା ତମେ ପାଣି ନୁହେଁ ରକ୍ତ ପିଇବ କ କୁହ?

ଦୁହେଁ ଏକ ସାଙ୍ଗରେ କହିଲେ, "ଏଁ ରକ୍ତ ! କଉଠି ଅଛି କୁହ ? ଜଲଦି କୁହ ।" ଶିଆଳ କହିଲା ଗୋଟେ କାମ କର ଦୁଇ ଜଣ ଜଣେ ଅନ୍ୟର ତଣ୍ଟିକୁ ଫୁଟେଇ ଦିଅ ଆଉ ପ୍ରବଳ ରକ୍ତ ବାହାରିବ । ଆଉ ଯିଏ ପ୍ରଥମେ ଅନ୍ୟର ଫୁଟେଇବ ସିଏ ପ୍ରଥମେ ତାର ଶୋଷ ମେଣ୍ଟେଇବ । ବାଘ ଓ ସିଂହ ଦୁଇ ଜଣ ଶିଆଳ କଥାରେ ବହୁତ ଉତ୍ସାହିତ ହୋଇ ଗଲେ । ହଁ ବିପଦ ସମୟରେ ଏକ ଭଲ ବୁଦ୍ଧି ଦେଇଛ ଶିଆଳ ଭାଇ କହି ଦୁହେଁ ଦୁହିଁଙ୍କ ତଣ୍ଟିକୁ ଫୁଟେଇ ଦେଇ ରକ୍ତ ପିଇବାରେ ଲାଗିଲେ । ହେଲେ ରକ୍ତ ପିଇଲେ କଣ ଶୋଷ

ମେଣ୍ଟିଯାଏ । ନିଜ ରକ୍ତରେ କାହାର ଶୋଷ ମେଣ୍ଟିଛି ଯେ । ଦୁହେଁ ପ୍ରାଣ ତ୍ୟାଗ କରିଥିଲେ ଓ ଶିଆଳର ଗୁଳ୍ମକ ପାଇଁ ପୁରା ଜଙ୍ଗଲ ସୁରକ୍ଷିତ ହୋଇ ଯାଇଥିଲା । ନରୀହ ସିଂହ ବିଲୁଆକୁ ମନ୍ତ୍ରୀ କରି ନିଜ ଜଙ୍ଗଲର ଦାୟିତ୍ୱ ନେଇ ରାଜା ଭାବରେ ସୁଖରେ ରାଜ୍ୟର ଭାର ନେଇ ସୁଖ ସ୍ୱଚ୍ଛନ୍ଦରେ ରାଜ୍ୟ ଶାସନ କରିଥିଲେ । ସେଇ ଦିନ ଠାରୁ ଜଙ୍ଗଲରେ କୌଣସି ଦୁଃଖ ଆସି ନ ଥିଲା ।

ଜେନଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,
ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ



# ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୨/୨୦୨୦ | ମାଘ ସପ୍ତମୀ ଓ ଚନ୍ଦ୍ରଭଗା ସ୍ନାନ |
| ୦୨/୦୨/୨୦୨୦ | ଭୀଷ୍ମାଷ୍ଟମୀ ଶ୍ରାଦ୍ଧ |
| ୦୫/୦୨/୨୦୨୦ | ଭୈମୀ ଏକାଦଶୀ |
| ୦୬/୦୨/୨୦୨୦ | ବରାହ ଦ୍ୱାଦଶୀ |
| ୦୭/୦୨/୨୦୨୦ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୦୮/୦୨/୨୦୨୦ | ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା, ଯୋରନ୍ଦା ମେଳା |
| ୦୯/୦୨/୨୦୨୦ | ମାଘ ପୂର୍ଣ୍ଣିମା ଓ ମାଘ ବ୍ରତ ସମାପନ |
| ୧୨/୦୨/୨୦୨୦ | ମାସନ୍ତ |
| ୧୩/୦୨/୨୦୨୦ | କୁମ୍ଭ ସଂକ୍ରାନ୍ତି |
| ୧୯/୦୨/୨୦୨୦ | ପଙ୍କୋଦ୍ଧାର ଏକାଦଶୀ ଉପବାଶ |
| ୨୧/୦୨/୨୦୨୦ | ମହା ଶିବରାତ୍ରି (ଜାଗର) |
| ୨୨/୦୨/୨୦୨୦ | ଚନ୍ଦ୍ରକ୍ଷୟ ଓ ନଶି ପାଳନ |
| ୨୩/୦୨/୨୦୨୦ | ଅମାବାସ୍ୟା |
| ୨୫/୦୨/୨୦୨୦ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଶରଣ ଶେଷ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜାନୁଆରୀ ମାସର ବିଜେତାଙ୍କ ନାମ



ନୀଳ ଜଳରାଶି ଢଳଢଳ । ଥାଳଥାଳ ପତ୍ର ଥଳଥଳ ।।
ଧଳାଧଳା ପଦ୍ମ ପ୍ରସ୍ଫୁଟିତ | ଯଥା ପୂର୍ଣ୍ଣଶଶି ସୁଶୋଭିତ ।।
ପଦ୍ମ ପୋଖରୀ କ ପ୍ରାଣୋହର । ଦେଖିବାକୁ ପ୍ରାଣ ଆଗଭର ||
ଜୀବନେ ଦେଖିବ କ ଏ ନେତ୍ର । ଦେଖି ହୋଇଯିବରେ ପବିତ୍ର ।।

ଚନ୍ଦ୍ର ଶେଖର ଗୋ, କର୍ଲାଖମାର, ସିନାପାଲି

କୁମୁଦ ଫୁଟିଛି ଅଗାଧ ଜଳରେ
ଗ୍ରହକୁ ରହିଛି ଗ୍ରହିଁ,
ଯୁଗ ଯୁଗ ଧରି ଗ୍ରଲିଛି ଏମିତି
ପ୍ରକୃତ ପୀରତ ଏହି !

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ରସୁଲଗଡ, ଭୁବନେଶ୍ୱର

ନୟନପ୍ରୀତିକର ଯେ ଲାଗୁଛନ୍ତି ପ୍ରଫୁଲ୍ଲିତ ପ୍ରସ୍ଫୁଟିତ ପଙ୍କଜ,
ସରୋବରକୁ ସୁନ୍ଦର କରୁଛନ୍ତି ତୁଷାରବର୍ଣ୍ଣ ସୌମ୍ୟ ସରୋଜ,
ସବୁଜ ପତ୍ର ଜଳ ମଧ୍ୟେ ଆକର୍ଷକ ଲାଗୁଛନ୍ତି ଭାସୁଥିବା ଜଳଜ,
ଦେବାଦେବୀଙ୍କର ଅର୍ଚ୍ଚନା ଅଳଙ୍କାର ପାଇଁ ଆତୁର ଅଛନ୍ତି ଅବଜ|୧|

ବିଜେତା: ଶ୍ରୀ ରାଜଶେଖର ସି 'ଚମା'

# ଚିତ୍ର କଥା କହେ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**